# ଧରିତ୍ରୀ DHARITRI

ଭୁବନେଶ୍ୱର, ବୁଧବାର, ଜୁନ୍ ୭/୨୦୨୩ (୧୬ ପୃଷ୍ଠା) | Bhubaneswar, Wednesday, June 7/2023 | Page 16 | ₹ 7.00

୪୯ଶ ଭାଗ ୧୯୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 192 | ମୂଲ୍ୟ ₹୭/-




## ମା’ ହେବାକୁ ଯାଉଛନ୍ତି ସ୍ୱରା

ବଲିଉଡ୍ ଅଭିନେତ୍ରୀ ସ୍ୱରା ଭାସ୍କର ସୋସିଆଲ ମିଡିଆରେ ତାଙ୍କ ସ୍ୱାମୀ ଫହଦ ଅହମ୍ମଦଙ୍କ ସହିତ ଏକ ଫଟୋ ଶେୟାର କରି ମା’ ହେବାକୁ ଯାଉଥିବା ସୂଚନା ଦେଇଛନ୍ତି।

୧୨

୧୬

## ସେମିଫାଇନାଲରେ ମୁଚୋଭା

ଚେକ୍ ରିପବ୍ଲିକର କାରୋଲିନା ମୁଚୋଭା ଫ୍ରେଞ୍ଚ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି।





ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସୁରିନାମର ସର୍ବୋଚ୍ଚ ବେସାମରିକ ସମ୍ମାନ ମିଳିଛି। ଦ୍ୱିପାକ୍ଷିକ ସହଯୋଗ ବୃଦ୍ଧିରେ ମୁର୍ମୁଙ୍କ ଅବଦାନକୁ ନେଇ ସୁରିନାମ ରାଷ୍ଟ୍ରପତି ଚନ୍ଦ୍ରିକାପ୍ରସାଦ ସନ୍ତୋଖୀ ତାଙ୍କୁ ଏକ ଭବ୍ୟ ସମାରୋହରେ ‘ଗ୍ରାଣ୍ଡ ଅର୍ଡର ଅଫ୍ ଦି ଚେନ୍ ଅଫ୍ ୟଲୋ ଷ୍ଟାର’ ପ୍ରଦାନ କରିଛନ୍ତି। ମୁର୍ମୁ ରବିବାର ତିନିଦିନିଆ ସୁରିନାମ ଗସ୍ତରେ ଯାଇଥିଲେ। ଗତବର୍ଷ ଜୁଲାଇରେ ରାଷ୍ଟ୍ରପତି ହେବା ପରେ ଏହା ସୁରିନାମକୁ ତାଙ୍କର ପ୍ରଥମ ଗସ୍ତ। ଏହି ଅବସରରେ ସେ ପ୍ରତିପକ୍ଷ ସନ୍ତୋଖୀ ଏବଂ ସୁରିନାମ ସରକାରଙ୍କୁ ଧନ୍ୟବାଦ ଦେଇଛନ୍ତି।

# ଏ ଟ୍ରେନ୍‌ରେ ଯିବୁନାହିଁ

ବାଲେଶ୍ୱର ବାହାନଗାରେ ଘଟିଯାଇଥିବା ଭୟଙ୍କର ଟ୍ରେନ୍ ଦୁର୍ଘଟଣା ରେଳଯାତ୍ରୀଙ୍କ ମନରେ ଭୟ ଭରି ଦେଇଛି। ଯାତ୍ରା ବେଳେ କେଉଁଠି କିଛି ତ୍ରୁଟି ଦେଖିବା ମାତ୍ରେ ସେମାନଙ୍କ ଆଖି ଆଗକୁ ଚାଲିଆସୁଛି ସେହି ଭୟାନକ ଦୃଶ୍ୟ। କାଳେ କ’ଣ ଅଘଟଣ ଘଟିଯିବ ସେଥିପାଇଁ ଯାତ୍ରୀଗଣ ଆଶଙ୍କାରେ ରହୁଛନ୍ତି। ଏଭଳି ସ୍ଥିତି ମଙ୍ଗଳବାର ଦେଖିବାକୁ ମିଳିଛି ବ୍ରହ୍ମପୁର ରେଳ ଷ୍ଟେଶନରେ। ସିକନ୍ଦରାବାଦ୍-ଅଗରତାଲା ଏକ୍ସପ୍ରେସ ବି-୫ ଏସି ବଗିରୁ ଧୂଆଁ ବାହାରିବା ପରେ ଯାତ୍ରୀମାନେ ଭୟଭୀତ ହୋଇ ଓହ୍ଲାଇ ପଡ଼ିଥିଲେ। ବଗି ନ ବଦଳାଇଲେ ଏହି ଟ୍ରେନ୍‌ରେ ଯାତ୍ରା କରିବୁ ନାହିଁ ବୋଲି ସେମାନେ ଅଡ଼ି ବସିଥିଲେ। ଷ୍ଟେଶନ କର୍ତ୍ତୃପକ୍ଷ ବୁଝାଶୁଝା କରିବା ପରେ ଘଣ୍ଟାଏ ବିଳମ୍ବରେ ଉକ୍ତ ଟ୍ରେନ୍ ଆଗକୁ ଗଡ଼ିଥିଲା। ତେବେ ଭୟ ଆଶଙ୍କାରେ ଯାତ୍ରୀମାନେ ରହିବା ସହ ଭଗବାନଙ୍କ ଭରସାରେ ଯାଇଥିଲେ।

## ସିକନ୍ଦରାବାଦ-ଅଗରତାଲା ଏକ୍ସପ୍ରେସ୍‌ରେ ଅଗ୍ନିକାଣ୍ଡ

- ଡରି ଓହ୍ଲାଇପଡ଼ିଲେ ଯାତ୍ରୀ
- ୧ ଘଣ୍ଟା ଅଟକିଲା ଟ୍ରେନ୍

ବ୍ରହ୍ମପୁର ଅଫିସ/ଭୁବନେଶ୍ୱର (ବ୍ୟୁରୋ)୬।୬

ଗଞ୍ଜାମ ଜିଲା ବ୍ରହ୍ମପୁର ରେଳ ଷ୍ଟେଶନରେ ମଙ୍ଗଳବାର ସିକନ୍ଦରାବାଦ୍-ଅଗରତାଲା ଏକ୍ସପ୍ରେସ ବି-୫ ଏସି ବଗିରୁ ଧୂଆଁ ବାହାରିବା ପରେ ଯାତ୍ରୀମାନେ ଭୟଭୀତ ହୋଇ ଓହ୍ଲାଇ ପଡ଼ିଥିଲେ। ତୁରନ୍ତ ରେଳୱେ ଅଗ୍ନିଶମ ବିଭାଗର କର୍ମଚାରୀମାନେ ପହଞ୍ଚି ଧୂଆଁକୁ ଆୟତ୍ତ କରିଥିଲେ ମଧ୍ୟ ଯାତ୍ରୀମାନେ ସେହି ଟ୍ରେନ୍‌ରେ ଯିବାକୁ ରାଜି ହୋଇ ନ ଥିଲେ। ରେଳୱେ କର୍ତ୍ତୃପକ୍ଷ ପହଞ୍ଚି ବୁଝାଶୁଝା କରିବାରୁ ପ୍ରାୟ ୧ ଘଣ୍ଟା ପରେ ଟ୍ରେନଟି ଯାତ୍ରୀଙ୍କୁ ଧରି ବ୍ରହ୍ମପୁର ଷ୍ଟେଶନ ଛାଡ଼ିଥିଲା। ଶର୍ଟ ସର୍କିଟରୁ ଧୂଆଁ ବାହାରିଥିଲା ଏବଂ ତାହାକୁ ଠିକ୍ କରି ଦିଆଯାଇଛି ବୋଲି ରେଳ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି।

ସୂଚନା ଅନୁଯାୟୀ, ମଙ୍ଗଳବାର ଦିନ ୧୨ଟା ୩୭ରେ ସିକନ୍ଦରାବାଦ-ଅଗରତାଲା ଏକ୍ସପ୍ରେସ (ନଂ.୦୭୦୩୫୦) ବ୍ରହ୍ମପୁର ରେଳ ଷ୍ଟେଶନରେ ପହଞ୍ଚିଥିଲା। ☞ପୃଷ୍ଠା-୪



ବ୍ରହ୍ମପୁର ଷ୍ଟେଶନରେ ସିକନ୍ଦରାବାଦ-ଅଗରତାଲା ଏକ୍ସପ୍ରେସ୍‌ରୁ ଓହ୍ଲାଇ ପଡ଼ିଥିବା ଯାତ୍ରୀମାନେ।

# ରେପୋ ରେଟ୍ ଅପରିବର୍ତ୍ତିତ ରହିପାରେ

### ୮ରେ ସରିବ ଆର୍‌ବିଆଇ ଏମ୍‌ପିସି ବୈଠକ

ନୂଆଦିଲ୍ଲୀ,୬।୬

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ ମଙ୍ଗଳବାର ମୁଦ୍ରାନୀତି କମିଟି (ଏମ୍‌ପିସି)ର ତିନିଦିନିଆ ବୈଠକ ଆରମ୍ଭ ହୋଇଛି। ବୈଠକ ଶେଷ ହେବା ପରେ ଜୁନ୍ ୬ ପୂର୍ବାହ୍ନ ପ୍ରାୟ ୧୦ଟାରେ କେନ୍ଦ୍ରୀୟ ବ୍ୟାଙ୍କ ଗଭର୍ନର ଶକ୍ତିକାନ୍ତ ଦାସ ଗଣମାଧ୍ୟମକୁ ସମ୍ବୋଧିତ କରି ଏହାର ନିଷ୍କର୍ଷ ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିବେ। ମୁଦ୍ରାସ୍ଫୀତି ଧୀରେ ଧୀରେ କମୁଥିବାରୁ ଏଥର ରେପୋ ରେଟ୍ (ବ୍ୟାଙ୍କଗୁଡ଼ିକୁ ରିଜର୍ଭ ବ୍ୟାଙ୍କ ଦେଉଥିବା ଋଣ ଉପରେ ସୁଧ ହାର) ଅପରିବର୍ତ୍ତିତ ରହିପାରେ ବୋଲି ଅଧିକାଂଶ ଅର୍ଥନୀତିଜ୍ଞ ଅନୁମାନ କରୁଛନ୍ତି। ଏପରି ହେଲେ ବ୍ୟାଙ୍କଗୁଡ଼ିକରୁ ଘର, ଗାଡ଼ି ଓ ଅନ୍ୟ ଉଦ୍ଦେଶ୍ୟରେ ଋଣ ନେଇଥିବା ଲୋକଙ୍କୁ ମାସିକ କିସ୍ତି ବା ଇଏମ୍‌ଆଇ ପଇଠ କ୍ଷେତ୍ରରେ ସାମାନ୍ୟ ଆଶ୍ୱସ୍ତି ମିଳିପାରେ। ୨୦୨୨-୨୩ ଆର୍ଥିକବର୍ଷ ପାଇଁ ଭାରତର ବାସ୍ତବ ଜିଡିପି ଅଭିବୃଦ୍ଧି ୭.୨% ରହିଛି, ଯାହାକି ୭ ପ୍ରତିଶତ ରହିବା ନେଇ ଜାତୀୟ ପରିସଂଖ୍ୟାନ ☞ପୃଷ୍ଠା-୪

# ମାମଲା ରୁଜୁକଲା ସିବିଆଇ

## ବାହାନଗା ଟ୍ରେନ ଦୁର୍ଘଟଣା

ବାଲେଶ୍ୱର ଅଫିସ/ବାହାନଗା(ଡି.ଏନ.ଏ.)/ ଭୁବନେଶ୍ୱର,୬।୬ (ବ୍ୟୁରୋ)

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ମଙ୍ଗଳବାର ବାଲେଶ୍ୱର ଜିଲା ବାହାନଗା ଟ୍ରେନ୍ ଦୁର୍ଘଟଣାରେ ମାମଲା ରୁଜୁ କରିବା ସହ ୧୦ ଜଣିଆ ଟିମ୍ ତଦନ୍ତ କରିଛି। ୨୮୮ ଲୋକଙ୍କ ଜୀବନ ନେଇଥିବା ଏହି ଭୟାବହ ଦୁର୍ଘଟଣା ଦୁର୍ଘଟଣା ପଛରେ ଯାନ୍ତ୍ରିକ ତ୍ରୁଟି ନା ମନୁଷ୍ୟକୃତ ସେନେଇ ସିବିଆଇ ତଦନ୍ତ କରିବ। ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଂ ସିଷ୍ଟମ୍‌ରେ ଟାମ୍ପରିଂ ଯୋଗୁ ଦୁର୍ଘଟଣା ଘଟିଲା ବୋଲି ରେଳୱେର ପ୍ରାଥମିକ ତଦନ୍ତରୁ ଅନୁମାନ କରାଯାଇଥିଲା। ଦୁର୍ଘଟଣା ପଛରେ ଅନ୍ତର୍ଘାତୀ କାର୍ଯ୍ୟ ହୋଇଥିବା ଅଧିକାରୀମାନେ ସନ୍ଦେହ କରିବା ପରେ ରେଳ ମନ୍ତ୍ରଣାଳୟ ସିବିଆଇକୁ ☞ପୃଷ୍ଠା-୪

## ସିବିଆଇ ତଦନ୍ତ ବିରୋଧରେ ୧୨ ଦଳର ବିକ୍ଷୋଭ ଆଜି

ଭୁବନେଶ୍ୱର, ୬।୬(ବ୍ୟୁରୋ)

ବାଲେଶ୍ୱର ଜିଲା ବାହାନଗା ଟ୍ରେନ୍ ଦୁର୍ଘଟଣା ନେଇ ସିବିଆଇ ତଦନ୍ତକୁ ବିରୋଧ କରିଛନ୍ତି କଂଗ୍ରେସ ସମେତ ମୋଟ୍ ୧୨ ରାଜନୈତିକ ଦଳ। ଉକ୍ତ ଦଳଗୁଡ଼ିକ ହେଲା କଂଗ୍ରେସ, ସିପିଆଇ, ସିପିଆଇ (ଏମ୍), ସିପିଆଇଏମ୍‌ଏଲ୍ (ଲିବରେଶନ), ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ, ☞ପୃଷ୍ଠା-୪

## ବ୍ରିଜ୍‌ଭୂଷଣଙ୍କ ଘରେ ପୋଲିସ ତଲାଘରା

- ସହଯୋଗୀଙ୍କ ବୟାନ ରେକର୍ଡ
- ଶାହାଙ୍କ ସହ ଡିଲ୍ ହୋଇନି: ବଜରଙ୍ଗ

ନୂଆଦିଲ୍ଲୀ,୬।୬: ମହିଳା କୁସ୍ତିଯୋଦ୍ଧାମାନଙ୍କୁ ଯୌନ ଉତ୍ପୀଡ଼ନ ଦେବା ଅଭିଯୋଗରେ ଫସିଥିବା ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ)ର ବିଦାୟୀ ଅଧ୍ୟକ୍ଷ ବ୍ରିଜ୍‌ଭୂଷଣ ଶରଣ ସିଂଙ୍କ ଅଡୁଆ ବଢ଼ିବାରେ ଲାଗିଛି। ଉତ୍ତର ପ୍ରଦେଶର ଗୋଣ୍ଡାସ୍ଥିତ ତାଙ୍କ ଘରେ ମଙ୍ଗଳବାର ଦିଲ୍ଲୀ ପୋଲିସ ଚଢ଼ାଉ କରିଛି। ପୋଲିସ ତାଙ୍କର କେତେଜଣ ସହଯୋଗୀ ଓ ଘରେ କାମ କରୁଥିବା ବ୍ୟକ୍ତିଙ୍କ ବୟାନ ରେକର୍ଡ କରିଛି। ସେହିପରି ତାଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆଣିଥିବା ନାବାଳିକା କୁସ୍ତିଯୋଦ୍ଧାଙ୍କ ବୟାନ ମଧ୍ୟ ରେକର୍ଡ କରାଯାଇଛି। ଏହି ମାମଲାରେ ଭାଜପା ଏମ୍‌ପି ବ୍ରିଜ୍‌ଭୂଷଣଙ୍କ ବିରୋଧରେ ପ୍ରମାଣ ସଂଗ୍ରହ କରିବା ପରେ କୋର୍ଟରେ ରିପୋର୍ଟ ଦାଖଲ କରାଯିବ ବୋଲି ପୋଲିସ ଅଧିକାରୀମାନେ ସୂଚନା ଦେଇଛନ୍ତି। ଦିଲ୍ଲୀ ପୋଲିସର ଏକ ଟିମ୍ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

## ନିର୍ଭରଯୋଗ୍ୟ ନୁହେଁ








ତେହେରାନ୍ ପକ୍ଷରୁ ମଙ୍ଗଳବାର ଶକ୍ତିଶାଳୀ ହାଇପରସୋନିକ୍ ମିଶାଇଲ 'ଫତହ' (ବିଜେତା)ର ଅନାବରଣ କରାଯାଇଛି। ଏହି କ୍ଷେପଣାସ୍ତ୍ର ଶବ୍ଦଠାରୁ ୧୫ ଗୁଣ ଅଧିକ ବେଗରେ ଗତିକରିପାରିବ ବୋଲି ଅର୍ଦ୍ଧସାମରିକ ବଳ ରିଭୋଲ୍ୟୁଶନାରି ଗାର୍ଡ ମୁଖ୍ୟ ଜେନେରାଲ ଆମିର୍ ଅଲି ହାଜିଜାଦେ କହିଛନ୍ତି। ଏହା ୧,୪୦୦ କି.ମି. ଦୂରରେ ଥିବା ଲକ୍ଷ୍ୟସ୍ଥଳକୁ ଟାର୍ଗେଟ କରିପାରିବ।

## ସଂକ୍ଷେପରେ

### ବିଶ୍ୱର ୨୦ ସର୍ବାଧିକ ପ୍ରଦୂଷିତ ସହର ମଧରେ ଭାରତରୁ ୧୫

**ନୂଆଦିଲ୍ଲୀ, ୬।୬:** ୨୦୨୨ର ବାୟୁ ପ୍ରଦୂଷଣ ସୂଚକାଙ୍କରେ ଭାରତ ଅଷ୍ଟମ ସ୍ଥାନରେ ରହିଛି। ଏହି ତାଲିକାରେ ଚାଦ୍, ଇରାକ, ପାକିସ୍ତାନ, ବାହାରିନ ଏବଂ ବାଂଲାଦେଶ ସର୍ବାଧିକ ପ୍ରଦୂଷିତ ରାଷ୍ଟ୍ର। ସୁଇଜରଲାଣ୍ଡର ଏୟାର କ୍ୱାଲିଟି ଟେକ୍ନୋଲୋଜି କମ୍ପାନୀ ଆଇକ୍ୟୁଏୟାର ପକ୍ଷରୁ ପ୍ରକାଶିତ ବିଶ୍ୱ ବାୟୁ ମାନ ରିପୋର୍ଟ ଅନୁଯାୟୀ ବିଶ୍ୱର ୨୦ ସବୁଠୁ ପ୍ରଦୂଷିତ ସହର ମଧରେ ଭାରତର ୧୫ଟି ସହର ରହିଛି। ତାଲିକାର ପ୍ରଥମ ସ୍ଥାନରେ ପାକିସ୍ତାନର ଲାହୋର ରହିଥିବାବେଳେ ଏହା ପଛକୁ ଚାଇନାର ହୋଟନ, ଭାରତର ଭିୱାଡ଼ି ଏବଂ ଦିଲ୍ଲୀ ରହିଛି। ୨୦ ସ୍ଥାନ ମଧରେ ରହିଥିବା ଅନ୍ୟ ଭାରତୀୟ ସହରଗୁଡ଼ିକ ହେଲେ ଆସୋପୁର, ନୂଆଦିଲ୍ଲୀ, ପାଟନା, ଗାଜିଆବାଦ, ଧରୁହେରା, ଛାପ୍ରା, ମୁଜାଫରନଗର, ଫୈସଲାବାଦ, ଗ୍ରେଟର ନୋଏଡା, ବାହାଦୁରଗଡ଼, ଫରିଦାବାଦ ଏବଂ ମୁଜାଫରପୁର।

### ଆସାମ-ଅରୁଣାଚଳ ସୀମାରେ ଗୁଳି: ୨ ନିହତ

**ଗୁଆହାଟୀ/ଇଟାନଗର, ୬।୬:** ଆସାମର ଢେମାଜି ଜିଲାରେ ସୋମବାର ଅଜଣା ବନ୍ଧୁକଧାରୀଙ୍କ ଗୁଳିରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ଆକ୍ରମଣକାରୀ ଅରୁଣାଚଳପ୍ରଦେଶର ବୋଲି ଅଭିଯୋଗ ହୋଇଛି। ଦୁଇ ରାଜ୍ୟର ସୀମାବର୍ତ୍ତୀ ପାନବାରି ଅଞ୍ଚଳରେ ଏହି ଗୁଳିକାଣ୍ଡ ଘଟିଛି। ମୃତକ ବୋଗା ଚୁଟିଆ ଏବଂ ମୋନିଟୁ ଗୋଗୋଇ ଗଛ ଲଗାଉଥିବାବେଳେ ସେମାନଙ୍କ ଉପରକୁ ଗୁଳିମାଡ଼ ହୋଇଥିଲା। ଏହି ଘଟଣା ପରେ ଢେମାଜି ଅଞ୍ଚଳ ଉତ୍ତେଜନାପୂର୍ଣ୍ଣ ରହିଛି। ଆକ୍ରମଣକାରୀଙ୍କୁ ଗିରଫ ଦାବିରେ ସ୍ଥାନୀୟ ଲୋକେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଗୁଳିକାଣ୍ଡରେ ସମ୍ପୃକ୍ତି ନେଇ ଅରୁଣାଚଳପ୍ରଦେଶର ଲୋୟର ସିଆଙ୍ଗ ଜିଲାରୁ ୫ ଜଣଙ୍କୁ ଗିରଫ କରାଯାଇଛି।

**ଏୟାର ଇଣ୍ଡିଆ ବିମାନ ଇଞ୍ଜିନ୍‌ରେ ତ୍ରୁଟି**

### ରୁଷିଆ ଗଲା ଦିଲ୍ଲୀ-ସାନଫ୍ରାନ୍ସିସ୍କୋ ବିମାନ

**ନୂଆଦିଲ୍ଲୀ, ୬।୬:** ନୂଆଦିଲ୍ଲୀରୁ ସାନଫ୍ରାନ୍ସିସ୍କୋ ଯାଉଥିବା ଏୟାର ଇଣ୍ଡିଆ ବିମାନର ଇଞ୍ଜିନ୍‌ରେ ବୈଷୟିକ ତ୍ରୁଟି ଦେଖାଦେବାରୁ ଏହାକୁ ରୁଷିଆ ନିଆଯାଇଛି। ୨୧୬ ଯାତ୍ରୀ ଓ ୧୬ କର୍ମଚାରୀଙ୍କୁ ନେଇ ଯାଇଥିବା ଉକ୍ତ ବିମାନ ରୁଷିଆର ମାଗାଡାନ୍ ଏୟାରପୋର୍ଟରେ ସୁରକ୍ଷିତ ଅବତରଣ କରିଛି। ସେଠାରେ ଯାତ୍ରୀମାନଙ୍କୁ ସମସ୍ତ ସହାୟତା ପ୍ରଦାନ କରାଯିବା ସହ ଶୀଘ୍ର ଗନ୍ତବ୍ୟ ସ୍ଥଳରେ ପହଞ୍ଚିବା ପାଇଁ ବିକଳ୍ପ ଯୋଗାଇ ଦିଆଯିବ।


ନୋଭା କାଖୋଭ୍କା ଡ୍ୟାମ୍ ଭୁଶୁଡ଼ିବା ପର ଦୃଶ୍ୟ।


ଖେରସନ୍‌ରୁ ସୁରକ୍ଷିତ ସ୍ଥାନକୁ ପଳାୟନ କରୁଛନ୍ତି ଲୋକେ।

# ନୋଭା କାଖୋଭ୍କା ଡ୍ୟାମ୍ ଭୁଶୁଡ଼ିଲା

**ମସ୍କୋ/କିଭ୍, ୬।୬**

ଦକ୍ଷିଣ ୟୁକ୍ରେନ୍ ଓ ରୁଷିଆ ମଝିରେ ଥିବା ଏକ ବୃହତ୍ ଡ୍ୟାମ୍‌କୁ ମଙ୍ଗଳବାର ଟାର୍ଗେଟ କରାଯାଇଛି। ଫଳରେ ଏହାର ଏକ ବଡ଼ ଅଂଶ ଭୁଶୁଡ଼ିପଡ଼ିଛି। ଏଥିଯୋଗୁ ଦୁଇଦେଶର ସୀମାରେ ବନ୍ୟା ସ୍ଥିତି ଉପୁଜିବାରୁ ଖେରସନ ଅଞ୍ଚଳ ଅଧୀନ ୧୪ ଗ୍ରାମର ୨୨,୦୦୦ ଲୋକ ସୁରକ୍ଷିତ ସ୍ଥାନକୁ ପଳାୟନ କରିବାକୁ ବାଧ ହୋଇଛନ୍ତି। ଡ୍ୟାମ୍ ଭୁଶୁଡ଼ିବା ପରେ ରୁଷିଆ ଓ ୟୁକ୍ରେନ୍ ପରସ୍ପରକୁ ଦାୟୀ କରିଛନ୍ତି। ସୋଭିଏଟ୍ ଅମଳର ବିଶାଳକାୟ ନୋଭା କାଖୋଭ୍କା ଡ୍ୟାମ୍‌ରୁ କ୍ରିମିଆର ଆଣବିକ କେନ୍ଦ୍ରକୁ ଶୀତଳୀକରଣ ପାଇଁ ଜଳ ଯୋଗାଣ କରାଯାଇଥାଏ। ତେବେ ଏଥିଯୋଗୁ ତତ୍କାଳ ଆଣବିକ ବିପଦ ସୃଷ୍ଟି ହୋଇ ନ ଥିବା ଜାତିସଂଘ ପରମାଣୁ ସଂସ୍ଥା କହିଛି।

ରୁଷିଆ ଜାଣିଶୁଣି ନୋଭା କାଖୋଭ୍କା ଡ୍ୟାମ୍‌କୁ ବିସ୍ଫୋରଣରେ ଉଡ଼ାଇଦେଇଥିବା ୟୁକ୍ରେନ୍ ଓ ଏହାର ପାଶ୍ଚାତ୍ୟ ସହଯୋଗୀମାନେ ଅଭିଯୋଗ ଆଣିଛନ୍ତି। କେବଳ ଏତିକି ନୁହେଁ, ରୁଷିଆ ଏହାକୁ ଧ୍ୱଂସ କରିବା ପରେ ୧୫୦ ଟନ୍ ଇଞ୍ଜିନ ଅଏଲ୍ ନିପ୍ରୋନଦୀକୁ ଛାଡ଼ିଦେଇଥିବାରୁ ପରିବେଶ ଉପରେ ଏହାର ନକାରାତ୍ମକ ପ୍ରଭାବ ପଡ଼ିବ

**୧୪ ଗ୍ରାମର ୨୨ ହଜାର ଲୋକ ସ୍ଥାନାନ୍ତରିତ**

**ପରସ୍ପରକୁ ଦୋଷ ଦେଲେ ରୁଷିଆ, ୟୁକ୍ରେନ୍**

ବୋଲି କିଭ୍ କହିଛି। ଅନ୍ୟପକ୍ଷେ କ୍ରେମ୍‌ଲିନ୍ କହିଛି, ମସ୍କୋ ପକ୍ଷରୁ ଜବାବୀ କାର୍ଯ୍ୟାନୁଷ୍ଠାନ ନିଆଯାଉଥିବାବେଳେ ଏଥିରୁ ଦୃଷ୍ଟି ହଟାଇବା ପାଇଁ ୟୁକ୍ରେନ୍ ଏହାକୁ ଉଡ଼ାଇଦେଇଛି। ଡ୍ୟାମ୍‌ଟି ଆପେ ଆପେ ଭୁଶୁଡ଼ିପଡ଼ିଥିବା ନେଇ ରୁଷିଆ ପକ୍ଷରୁ ସମ୍ପୃକ୍ତ ଅଞ୍ଚଳରେ ନିଯୁକ୍ତ କେତେଜଣ ଅଧିକାରୀ କହିଛନ୍ତି। ତେବେ ନିଜ ନିଜ ଯୁକ୍ତି ସପକ୍ଷରେ କୌଣସି ପକ୍ଷ ତତ୍କାଳ ପ୍ରମାଣ ଦେଇପାରି ନାହାନ୍ତି। ଜେନେଭା କନ୍‌ଭେନ୍‌ସନ୍ସ ଯୁଦ୍ଧ ସମୟରେ କୌଣସି ଡ୍ୟାମ୍‌କୁ ଟାର୍ଗେଟ କରାଯିବା ଉପରେ ପୂର୍ବରୁ ବାରଣ କରିଛି। କାରଣ ଏଭଳି ନିର୍ମାଣ ଧ୍ୱସ୍ତବିଧ୍ୱସ୍ତ ହେଲେ ସାଧାରଣ ନାଗରିକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଥାଏ। ୟୁକ୍ରେନ୍ ଦଖଲରେ ଥିବା ଖେରସନ ଅଞ୍ଚଳ ଜଳମଗ୍ନ ହୋଇଯାଇଛି। ଜଳସ୍ତର ୧ ମିଟର ବୃଦ୍ଧି ପାଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ନୋଭା କାଖୋଭ୍କା ଡ୍ୟାମ୍‌ରୁ ଦକ୍ଷିଣ ୟୁକ୍ରେନ୍‌ର ଚାଷଜମିଗୁଡ଼ିକୁ ଜଳସେଚନ କରାଯାଇଥାଏ। ଏହି ବୃହତ୍ ନଦୀବନ୍ଧ ଯୋଜନାରୁ ରୁଷିଆ ଦଖଲରେ ଥିବା କ୍ରିମିଆ ଉପଦ୍ୱୀପ ଏବଂ ଝାପୋରିଝିଆ ଆଣବିକ କେନ୍ଦ୍ରକୁ ଶୀତଳ କରିବା ପାଇଁ ମଧ୍ୟ ଜଳଯୋଗାଣ ହୋଇଥାଏ। ତେଣୁ ଏହା ଧ୍ୱସ୍ତହେବା ପରେ ସମ୍ପୃକ୍ତ ଅଞ୍ଚଳରେ ନୂଆ ମାନବୀୟ ବିପର୍ଯ୍ୟୟ ଦେଖାଦେଇଛି।

୨୦୨୨ ଫେବୃୟାରୀ ୨୪ରେ ଯୁଦ୍ଧ ଆରମ୍ଭ ହେବା ପରଠୁ ରୁଷିଆ ଏହି ଡ୍ୟାମ୍‌କୁ ନିଜ ନିୟନ୍ତ୍ରଣରେ ରଖିଥିଲା। ନିପ୍ରୋ ନଦୀର ଉତ୍ତର ଭାଗକୁ ଗତବର୍ଷ ୟୁକ୍ରେନୀୟ ସୈନ୍ୟ ପୁନଃ ଦଖଲ କରିଥିଲେ। ରୁଷିଆ ଓ ୟୁକ୍ରେନ୍ ଏହାକୁ ଧ୍ୱଂସ କରିବା ପାଇଁ ଯୋଜନା କରୁଥିବା ନେଇ ସେବେଠୁ ପରସ୍ପର ଉପରେ ଦୋଷ ଲଦି ଆସୁଛନ୍ତି। ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଟେଲିଗ୍ରାମ୍‌ରେ କହିଛନ୍ତି, ରୁଷୀୟମାନେ ଆତଙ୍କବାଦୀ। ସେମାନେ କାଖୋଭ୍କା ଡ୍ୟାମ୍‌ରେ ଆଭ୍ୟନ୍ତରୀଣ ବିସ୍ଫୋରଣ ଘଟାଇଛନ୍ତି। ଫଳରେ ୮୦ଟି ବସତି ଜଳମଗ୍ନ ହୋଇଯାଇଛି। ଜଳବିଦ୍ୟୁତ୍ ଯୋଜନା ଡ୍ୟାମ୍ ଭୁଶୁଡ଼ିବା ପରେ ସେମାନଙ୍କୁ ୟୁକ୍ରେନୀୟ ଭୂଖଣ୍ଡରୁ ବିତାଡ଼ିତ କରାଯିବା ଉପରେ ସାରା ବିଶ୍ୱ ଜୋର୍ ଦେଇଛି। ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ୍ (ନାଟୋ) ମହାସଚିବ ଜେନ୍ସ ଷ୍ଟୋଲ୍‌ଟେନ୍‌ବର୍ଗ ଏହାକୁ ଏକ ବର୍ବର କାର୍ଯ୍ୟ ଭାବେ ଅଭିହିତ କରିଛନ୍ତି। ୟୁକ୍ରେନ୍ ଯୁଦ୍ଧରେ ରୁଷିଆର ବର୍ବରତା ପୁଣି ଥରେ ସାମ୍ନାକୁ ଆସିଥିବା ସେ କହିଛନ୍ତି। କ୍ରେମ୍‌ଲିନ୍ ମୁଖପାତ୍ର ଡିମିଟ୍ରି ପେସ୍କୋଭ୍‌ଙ୍କ ମତରେ ଏହା ହେଉଛି ୟୁକ୍ରେନ୍‌ର ଆତ୍ମଘାତୀ କାର୍ଯ୍ୟ। ୟୁକ୍ରେନୀୟ ସୈନ୍ୟ ନିଜ ଲକ୍ଷ୍ୟ ହାସଲ କରିବାରେ ବିଫଳ ହେବା ପରେ ଏପରି କାଣ୍ଡ ଭିଆଉଛନ୍ତି। କ୍ରିମିଆରେ ରୁଷିଆ ପକ୍ଷରୁ ନିଯୁକ୍ତ ଗଭର୍ନର ସେର୍ଗେଇ ଅକ୍ସିନୋଭ୍ କହିଛନ୍ତି, ନର୍ଥ କ୍ରିମିଆ କେନାଲରେ ଜଳସ୍ତର ବଢ଼ିବାରେ ଲାଗିଛି। ନିପ୍ରୋ ନଦୀରୁ ଅଧିକ ଜଳ ପ୍ରବାହିତ ହେଉଥିବାରୁ ଆଗକୁ ବିପଦ ବଢ଼ିପାରେ।

- ➩ ୟୁକ୍ରେନ୍‌ର ନିପ୍ରୋ ନଦୀ ଉପରେ ନୋଭା କାଖୋଭ୍କା ଡ୍ୟାମ୍ ନିର୍ମିତ। ଖେରସନ୍ ସହରର ୩୦ କି.ମି. ପୂର୍ବରେ ଏହା ଅବସ୍ଥିତ।
- ➩ ଏହି ନଦୀବନ୍ଧ ଯୋଜନାର ଉଚ୍ଚତା ୩୦ ମିଟର ହୋଇଥିବାବେଳେ ଲମ୍ବ ୩.୨ କି.ମି.। ୧୯୫୬ରେ କାଖୋଭ୍କା ଜଳବିଦ୍ୟୁତ୍ ପ୍ରକଳ୍ପର ଏକ ଅଂଶ ଭାବେ ଏହାର ନିର୍ମାଣ କରାଯାଇଥିଲା।
- ➩ ଜାପୋରୋଝିଆସ୍ଥିତ ୟୁରୋପର ସର୍ବବୃହତ୍ ଆଣବିକ ଶକ୍ତି କେନ୍ଦ୍ରକୁ ଶୀତଳ କରିବା ପାଇଁ ଏହି ଡ୍ୟାମ୍‌ରୁ ଜଳଯୋଗାଣ କରାଯାଇଥାଏ।
- ➩ ଆମେରିକାର ଉଟାହସ୍ଥିତ ଗ୍ରେଟ୍ ସଲ୍ଟ ଲେକ୍ ପରିମାଣର ଜଳ ଏହି ଡ୍ୟାମ୍‌ରେ ଗଚ୍ଛିତ ହୋଇରହିଥାଏ।
- ➩ ୨୦୧୪ରୁ ରୁଷିଆ ନିଜ ଦଖଲରେ ରଖିଥିବା କ୍ରିମିଆ ଉପଦ୍ୱୀପକୁ ମଧ୍ୟ ଏହି ଡ୍ୟାମ୍‌ରୁ ପାଣି ଯାଇଥାଏ। ତେଣୁ ଡ୍ୟାମ୍‌ଟି ଧ୍ୱଂସହେବା ପରେ କ୍ରିମିଆର କେନାଲ ବ୍ୟବସ୍ଥା ଭୁଶୁଡ଼ିପଡ଼ିଛି।
- ➩ ୨୦୨୨ ଫେବୃୟାରୀ ୨୪ରେ ରୁଷିଆ ୟୁକ୍ରେନ୍ ଉପରେ ଆକ୍ରମଣ କରିବା ପରଠୁ ଉକ୍ତ ଡ୍ୟାମ୍‌କୁ ନିଜ ଦଖଲରେ ରଖିଛି। ୟୁକ୍ରେନୀୟ ସୈନ୍ୟ ଖେରସନକୁ ପୁନଃ ଦଖଲ କରିବା ସମୟରେ ଡ୍ୟାମ୍‌ର କିଛି ଅଂଶ ଭାଙ୍ଗିଯାଇଥିବା ଚିତ୍ର ସାମାଜିକ ଗଣମାଧମରେ ଦେଖିବାକୁ ମିଳିଥିଲା।
- ➩ ଡ୍ୟାମ୍ ଭୁଶୁଡ଼ିବା ପରେ ୧୪ ବସତିର ୨୨,୦୦୦ ଲୋକ ବନ୍ୟା ଭୟରେ ସୁରକ୍ଷିତ ସ୍ଥାନକୁ ପଳାୟନ କରିଛନ୍ତି।

**ଡାମୋହ ସ୍କୁଲ୍ ହିଜାବ ବିବାଦ**

### ତଦନ୍ତରେ ଯାଇଥିବା ଅଫିସରଙ୍କୁ କାଳିମାଡ଼

**ଭୋପାଳ, ୬।୬ (ଆଇଏଏନ୍ଏସ୍)**

ମଧ୍ୟପ୍ରଦେଶର ଡାମୋହସ୍ଥିତ ଏକ ଘରୋଇ ବିଦ୍ୟାଳୟରେ ହିଜାବକୁ ନେଇ ବିବାଦ ଦେଖାଦେଇଥିଲା। ଏହାର ତଦନ୍ତ କରିବାକୁ ଯାଇଥିବା ଜଣେ ସରକାରୀ ଅଧିକାରୀଙ୍କୁ ମଙ୍ଗଳବାର କାଳିମାଡ଼ ହୋଇଛି। କାଳିମାଡ଼ ସମୟର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଅଫିସର ଜଣକ ଗାଡ଼ିରେ ବସିଥିବାବେଳେ ଦୁଇଜଣ ଲୋକ ତାଙ୍କୁ କାଳି ଫିଙ୍ଗିବା ସହ 'ଜୟ ଶ୍ରୀରାମ' ସ୍ଲୋଗାନ ଦେଉଥିବା ଭିଡିଓରୁ ଦେଖିବାକୁ ମିଳିଛି। ଡାମୋହସ୍ଥିତ ଗଙ୍ଗାଯମୁନା ହାୟର ସେକେଣ୍ଡାରୀ ସ୍କୁଲ୍‌ର ହିଜାବ ବିବାଦ ମାମଲାର ତଦନ୍ତ କରିବାକୁ ଯାଇଥିବାରୁ ସେ ଆକ୍ରମଣର ସମ୍ମୁଖୀନ ହେଲେ ବୋଲି ଅଫିସର ଜଣକ କହିଛନ୍ତି। ସେ ଆକ୍ରମଣକାରୀଙ୍କ ବିରୋଧରେ ଥାନାରେ ଏତଲା ଦେବେ ବୋଲି କହିଛନ୍ତି। ଉକ୍ତ ସ୍କୁଲ୍‌ର ୩ ହିନ୍ଦୁ ଛାତ୍ରୀଙ୍କୁ ଜବରଦସ୍ତ ଧର୍ମାନ୍ତରୀକରଣ କରାଯାଇଥିବା ଭାଜପା ନେତା ଅଭିଯୋଗ କରିଥିବାବେଳେ ସ୍କୁଲ୍‌ର ଶିକ୍ଷୟିତ୍ରୀ ଏହାକୁ ଖଣ୍ଡନ କରି ଛାତ୍ରୀମାନେ ସ୍ୱଇଚ୍ଛାରେ ଧର୍ମ ପରିବର୍ତ୍ତନ କରିଥିବା କହିଛନ୍ତି।

# ମଣିପୁର: ଉଗ୍ରପନ୍ଥୀଙ୍କ ଗୁଳିରେ ଯବାନ ଶହୀଦ

**୨ ଆସାମ ରାଇଫଲ୍ସ ଯବାନ ଆହତ**

**ଗୁଆହାଟୀ, ୬।୬**

ମଣିପୁରର କାକ୍‌ଚିଙ୍ଗ ଜିଲାର ସୁଗ୍‌ନୁ-ସେରୋଉ ଅଞ୍ଚଳରେ ମଙ୍ଗଳବାର ସକାଳେ ଉଗ୍ରପନ୍ଥୀଙ୍କ ଗୁଳିମାଡ଼ରେ ଜଣେ ବିଏସ୍ଏଫ୍ ଯବାନ ଶହୀଦ ହୋଇଥିବାବେଳେ ଆସାମ ରାଇଫଲ୍ସର ୨ ଯବାନ ଆହତ ହୋଇଛନ୍ତି। ଉକ୍ତ ଅଞ୍ଚଳରେ ଅତିରିକ୍ତ ସୁରକ୍ଷା ବଳଙ୍କୁ ନିୟୋଜିତ କରାଯାଇଛି। ଆସାମ ରାଇଫଲ୍ସ, ବିଏସ୍ଏଫ୍ ଏବଂ ପୋଲିସ ସୋମବାର ରାତିରେ ସୁଗ୍‌ନୁ-ସେରୋଉ ଅଞ୍ଚଳରେ ମିଳିତ ତଲାସି ଅଭିଯାନ ଚଳାଇଥିବାବେଳେ କୁକି ଉଗ୍ରପନ୍ଥୀଙ୍କ ସହ ଗୁଳି ବିନିମୟ ହୋଇଥିଲା। ଗୁଳିମାଡ଼ରେ ଆହତ ବିଏସ୍ଏଫ୍ କନ୍‌ଷ୍ଟେବଲ ରଞ୍ଜିତ ଯାଦବଙ୍କୁ କାକ୍‌ଚିଙ୍ଗର ଜୀବନ ହସ୍ପିଟାଲକୁ ନିଆଯାଇଥିବାବେଳେ ସେଠାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା। ଆସାମ ରାଇଫଲ୍ସର ୨ ଆହତ ଯବାନଙ୍କୁ ବିମାନ ଯୋଗେ ମନ୍ତ୍ରିପୁଖ୍‌ରିକୁ ନିଆଯାଇଛି।

### ଏନ୍ଏଚ୍-୨ରୁ ଅବରୋଧ ୭ ଦିନ ପାଇଁ ଉଠିଲା

**ଇମ୍ଫାଲ, ୬।୬ :** ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ଅପିଲ୍ କ୍ରମେ କୁକି ବହୁଳ କାଙ୍ଗ୍‌ପୋକ୍‌ପି ଜିଲାର ଆଦିବାସୀ ଏକତା କମିଟି (ସିଓଟିୟୁ) ଜାତୀୟ ରାଜପଥ-୨କୁ ୭ ଦିନ ପାଇଁ ଅବରୋଧ ମୁକ୍ତ କରିଛି। ମଣିପୁର ହିଂସା ପରେ ଇମ୍ଫାଲ-ଡିମାପୁର ଏନ୍ଏଚ-୨କୁ ଦୀର୍ଘଦିନ ହେବ ଅବରୋଧ କରି ରଖାଯାଇଥିବାରୁ ଖାଦ୍ୟ, ଔଷଧ, ପେଟ୍ରୋଲ, ଡିଜେଲ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ରାଜ୍ୟରେ ପହଞ୍ଚି ପାରୁନାହିଁ। ଫଳରେ ସେଠାରେ ପେଟ୍ରୋଲ ଲିଟର ୨୦୦ ଟଙ୍କାରେ ପହଞ୍ଚିଛି। ଉକ୍ତ ରାଜପଥକୁ ଅବରୋଧମୁକ୍ତ କରିବା ଲାଗି ଶାହା ଜନସାଧାରଣଙ୍କୁ ନିବେଦନ କରିଥିଲେ। ସିଓଟିୟୁ ୭ ଦିନ ପାଇଁ ଅବରୋଧ ହଟାଇଥିବାବେଳେ କେତେକ ସର୍ତ୍ତ ରଖିଛି। ରାଜ୍ୟର ଜୀବନରେଖା କୁହାଯାଉଥିବା ଉକ୍ତ ରାଜପଥରେ ସକାଳ ୧୦ରୁ ୨ଟା ପର୍ଯ୍ୟନ୍ତ ଟ୍ରକ୍ ଚଳାଚଳକୁ ଅନୁମତି ଦିଆଯାଇଛି। ଅତ୍ୟାବଶ୍ୟକ ସାମଗ୍ରୀ ଓ ମେଡିକାଲ ସାମଗ୍ରୀ ନେଇଯାଉଥିବା ଟ୍ରକ୍‌ଗୁଡ଼ିକୁ ଯାତାୟାତ ଅନୁମତି ମିଳିବ। ଗାଡ଼ିଗୁଡ଼ିକୁ କେବଳ କେନ୍ଦ୍ରୀୟ ବଳ ସୁରକ୍ଷା ଯୋଗାଇଦେବ ବୋଲି ସିଓଟିୟୁ ପକ୍ଷରୁ କୁହାଯାଇଛି।

# ଗଣମାଧମର ହାତ ରକ୍ତରଞ୍ଜିତ: ହାଇକୋର୍ଟରେ ହ୍ୟାରି

**ଲଣ୍ଡନ୍, ୬।୬**

ବ୍ରିଟେନ୍ କିଙ୍ଗ୍ ଚାର୍ଲ୍ସ ୩ୟଙ୍କ ସାନପୁଅ ପ୍ରିନ୍ସ ହ୍ୟାରି ମଙ୍ଗଳବାର ଏକ ଖବରକାଗଜର ବେଆଇନ କାର୍ଯ୍ୟକଳାପ ବିରୋଧରେ ଲଣ୍ଡନ ହାଇକୋର୍ଟରେ ହାଜର ହୋଇ ସାକ୍ଷ୍ୟ ପ୍ରଦାନ କରିଛନ୍ତି। ବ୍ରିଟେନ୍ ଗଣମାଧମର ହାତ ରକ୍ତରଞ୍ଜିତ ବୋଲି ଏହି ଅବସରରେ ସେ ସମାଲୋଚନା କରିଛନ୍ତି। କୋର୍ଟରେ ହାଜର ହେବାରେ ହ୍ୟାରି ହେଉଛନ୍ତି ୧୩୦ ବର୍ଷ ମଧରେ ବ୍ରିଟିଶ୍ ରାଜ ପରିବାରର ପ୍ରଥମ ସଦସ୍ୟ।

୩୮ ବର୍ଷୀୟ ଡ୍ୟୁକ୍ ଅଫ୍ ସସେକ୍ସ ହ୍ୟାରି ଲଣ୍ଡନ ହାଇକୋର୍ଟର ୱିଟ୍‌ନେସ୍ ବକ୍ସରେ ଛିଡ଼ାହୋଇ ଡେଲି ମିରର, ସଣ୍ଡେ ମିରର ଏବଂ ସଣ୍ଡେ ପିପୁଲର ପ୍ରକାଶକ ମିରର୍ ଗ୍ରୁପ୍ ନ୍ୟୁଜ୍‌ପେପର(ଏମ୍‌ଜିଏନ୍) ବିରୋଧରେ ସାଂଘାତିକ ଅଭିଯୋଗ ଆଣିଛନ୍ତି।



ସେ କହିଛନ୍ତି, ଖବରକାଗଜଗୁଡ଼ିକ ତାଙ୍କ ବିରୋଧରେ ଘୃଣାଭାବ ବଢ଼ାଉଛନ୍ତି। ଏପରି କି ତାଙ୍କୁ ଠକ, ସ୍ୱଳ୍ପବୟସ୍କ ମଦ୍ୟପ, ଦାୟିତ୍ୱହୀନ ଡ୍ରଗ୍ସ ସେବନକାରୀ ଭାବେ ଅଭିହିତ କରିବାକୁ ପଛାଇନାହାନ୍ତି। ଏହା ପୂର୍ବରୁ ଏଡ୍‌ୱାର୍ଡ ୭ମ ରାଜ୍ୟଭାର ଗ୍ରହଣ କରି ନ ଥିବା ସମୟରେ ଦୁଇ ଅଦାଲତରେ ହାଜର ହୋଇଥିଲେ। ୧୮୭୦ରେ ସେ ଏକ ଛାଡ଼ପତ୍ର ମାମଲାରେ କୋର୍ଟରେ ହାଜର ହୋଇଥିଲେ। ଏହାର ୨୦ ବର୍ଷ ପରେ ସେ ତାସଖେଳରେ ମିଥ୍ୟା ଅପବାଦ ମାମଲାରେ ମଧ୍ୟ କୋର୍ଟକୁ ଯାଇଥିଲେ। ରାଜସିଂହାସନର ପଞ୍ଚମ ଦାୟାଦ ହ୍ୟାରି ବ୍ରିଟିଶ୍ ପ୍ରେସ୍, ତାଙ୍କ ଆତ୍ମଜୀବନୀ 'ସ୍ପେୟାର' ପ୍ରକାଶନ ଏବଂ ନେଟ୍‌ଫ୍ଲିକ୍ସ ଡକ୍ୟୁମେଣ୍ଟାରି ସିରିଜ ବିରୋଧରେ ଆଇନଗତ ବିବାଦକୁ ନେଇ ଗତ ୬ ମାସ ମଧରେ ଅନେକ ଥର ଚର୍ଚ୍ଚାକୁ ଆସିଛନ୍ତି। ହାଇକୋର୍ଟରେ ହ୍ୟାରିଙ୍କ ହାଜିରା ସାରା ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି।



# ସ୍ତ୍ରୀଙ୍କ ବିରୋଧରେ ଥାନାରେ ଏତଲା

**ବାହାନଗା ଟ୍ରେନ୍ ଦୁର୍ଘଟଣା**

**ଜୀବିତ ସ୍ୱାମୀଙ୍କୁ ମୃତ ଦର୍ଶାଇ ସରକାରୀ ସହାୟତା ହାତେଇବା ଉଦ୍ୟମ ପଣ୍ଡ**

ବଡ଼ମ୍ବା,୬।୬(ଡି.ଏନ.ଏ.)

ବାଲେଶ୍ୱର ବାହାନଗାଠାରେ ଘଟିଥିବା ରେଳ ଦୁର୍ଘଟଣାରେ ବର୍ତ୍ତମାନ ସୁଦ୍ଧା ସମସ୍ତ ମୃତାହତଙ୍କୁ ଚିହ୍ନଟ କରାଯାଇ ପାରିନାହିଁ। ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଏନେଇ ପ୍ରକ୍ରିୟା ଜାରି ରହିଥିବାବେଳେ ଜଣେ ମହିଳା ମୃତକଙ୍କ ଅନୁକମ୍ପା ରାଶି ହାତେଇବା ପାଇଁ ଜୀବିତ ସ୍ୱାମୀଙ୍କୁ ମୃତ ଘୋଷଣା କରିବାକୁ ପଛାଇ ନାହାନ୍ତି। ଏହା ଜଣାପଡ଼ିବା ପରେ ମଙ୍ଗଳବାର କଟକ ଜିଲା ମାଣିଆବନ୍ଧ ଅଞ୍ଚଳର ବିଜୟ ଦତ୍ତ ଥାନାରେ ସମ୍ପୃକ୍ତା ମହିଳାଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଛନ୍ତି। ମହିଳା ଜଣଙ୍କ ତାଙ୍କ ସ୍ତ୍ରୀ ବୋଲି ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ସ୍ତ୍ରୀଙ୍କ ଟଙ୍କା ଲୋଭ ଯୋଗୁ ମାଣିଆବନ୍ଧ ଅଞ୍ଚଳରେ ତାଙ୍କ ସମ୍ମାନ ହାନି ହୋଇଛି ବୋଲି ସେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ପ୍ରକାଶ ଯେ, ରେଳ ଦୁର୍ଘଟଣାରେ ପ୍ରାଣ ହରାଇଥିବା ମୃତକଙ୍କ ପରିବାରକୁ କେନ୍ଦ୍ର ସରକାର ୧୦ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ପ୍ରଦାନ କରିବାକୁ ଘୋଷଣା କରିଛନ୍ତି। ଏହି ରାଶ ହାତେଇବା ପାଇଁ ଜଣେ ମହିଳା ଉଦ୍ୟମ କରିଥିଲେ। ରେଳ ଦୁର୍ଘଟଣାରେ ସ୍ୱାମୀଙ୍କ ମୃତ୍ୟୁ ଘଟିଥିବା କହି ସେ ଘଟଣାସ୍ଥଳରେ ପହଞ୍ଚି ଏକ ଅଚିହ୍ନା ମୃତଦେହକୁ ଚିହ୍ନଟ କରି ସହାୟତା ରାଶି ପାଇବାକୁ ଦାବି କରିବା ସହ ପ୍ରମାଣପତ୍ର ଦାଖଲ କରିଥିଲେ। ଉକ୍ତ ପ୍ରମାଣପତ୍ରଗୁଡ଼ିକ ଜାଲ୍ ହୋଇଥିବା ବିଭାଗୀୟ ଅଧିକାରୀମାନେ ଜାଣିପାରିଥିଲେ। ଏହାପରେ ଘଟଣାସ୍ଥଳରୁ କୌଶଳକ୍ରମେ ସମ୍ପୃକ୍ତ ମହିଳା ଓ ତାଙ୍କ ସହଯୋଗୀ ଚମ୍ପଟ ମାରିଥିଲେ। ଏହି ଘଟଣା ବିଭିନ୍ନ ଗଣମାଧ୍ୟମରେ ପ୍ରସାର ହୋଇଥିଲା। ବିଜୟ ଏହା ଜାଣିବା ପରେ ଥାନାରେ ଅଭିଯୋଗ କରି ସ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ସମ୍ପୃକ୍ତ ମହିଳା ବିଜୟଙ୍କଠାରୁ ୧୩ ବର୍ଷ ହେବ ପୃଥକ ରହିଥିବା ଏତଲାରେ ଦର୍ଶାଯାଇଛି। ଏ ସମ୍ପର୍କରେ ମାଣିଆବନ୍ଧ ଭାରପ୍ରାପ୍ତ ଥାନା ଅଧିକାରୀ ବସନ୍ତ କୁମାର ଶତପଥୀଙ୍କୁ ପଚରାଯିବାରେ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀଙ୍କ ସହ ପରାମର୍ଶ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୨୨.୫ ଲକ୍ଷ ସହାୟତା

ଭୁବନେଶ୍ୱର, ୬।୬(ବ୍ୟୁରୋ)

ବାହାନଗା ରେଳ ଦୁର୍ଘଟଣାଗ୍ରସ୍ତଙ୍କୁ ସାହାଯ୍ୟ ପରିପ୍ରେକ୍ଷୀରେ ଓଡ଼ିଶା ପ୍ରାଣୀ ସମ୍ପଦ ସେବା ସଂଘ ତରଫରୁ ୨୦ ଲକ୍ଷ ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ପ୍ରଦାନ କରାଯାଇଛି। ସଂଘର କର୍ମକର୍ତ୍ତାମାନେ ମଙ୍ଗଳବାର ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କୁ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ଏହି ସହାୟତା ରାଶି ଚେକ୍ ଆକାରରେ ପ୍ରଦାନ କରିଛନ୍ତି। ସେହିପରି ରାଜ୍ୟ ସଚିବାଳୟ ସେବା ସଂଘ ପକ୍ଷରୁ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୨ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ଏଭଳି ଦୁଃଖଦ ସମୟରେ ସହାୟତାର ହାତ ବଢ଼ାଇ ଥିବାରୁ ମୁଖ୍ୟ ଶାସନ ସଚିବ ଉଭୟ ସଂଘର କର୍ମକର୍ତ୍ତାମାନଙ୍କୁ ଧନ୍ୟବାଦ ଦେଇଛନ୍ତି।

# ନିଯୁକ୍ତି ପାଇଲେ ୧୨୦୫ ଡାକ୍ତର




ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଜଣେ ଡାକ୍ତରଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରୁଛନ୍ତି। ନିକଟରେ ଅଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ, ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ୫-ଟି ସଚିବ ଭି.କେ. ପାଣ୍ଡିଆନ୍ ଏବଂ ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ୍।

- **ନିଷ୍ଠାର ସହ ଲୋକଙ୍କ ସେବା କରିବାକୁ ନବ ନିଯୁକ୍ତ ଡାକ୍ତରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ**
- **ଡିସେମ୍ବର ସୁଦ୍ଧା ସମସ୍ତ ଡାକ୍ତରୀ ପଦବୀ ପୂରଣ ହେବ**

ଭୁବନେଶ୍ୱର,୬।୬(ବ୍ୟୁରୋ)

ରାଜ୍ୟ ସରକାର ମଙ୍ଗଳବାର ୧୨୦୫ ଜଣ ଡାକ୍ତରଙ୍କୁ ନିଯୁକ୍ତି ଦେଇଛନ୍ତି। ନିଷ୍ଠାର ସହ ଲୋକମାନଙ୍କ ସେବା କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନବନିଯୁକ୍ତ ଡାକ୍ତରମାନଙ୍କୁ ପରାମର୍ଶ ଦେଇଛନ୍ତି। ମଙ୍ଗଳବାର କଳିଙ୍ଗ ଷ୍ଟାଡିୟମଠାରେ ଏ ନେଇ ଆୟୋଜିତ ନିଯୁକ୍ତି ପର୍ବ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ 'ଓଡ଼ିଶାବାସୀଙ୍କ ପାଇଁ ମୁଁ ଗର୍ବିତ'। ପ୍ରତ୍ୟେକ ବ୍ୟକ୍ତି ଟ୍ରେନ୍ ଦୁର୍ଘଟଣା ବିଷୟରେ ଜାଣିଛନ୍ତି। ଏହି ଘଟଣା ସମଗ୍ର ଦେଶ ଓ ବିଶ୍ୱକୁ ସ୍ତବ୍ଧ କରିଦେଇଛି। ଏହି ଘଟଣା ଓଡ଼ିଶାର ଦକ୍ଷତାକୁ ପ୍ରମାଣିତ କରିଛି। ବିପର୍ଯ୍ୟୟ ସମୟରେ କିପରି କାର୍ଯ୍ୟ କରିବାକୁ ହୁଏ ତାହା ଦେଖାଇ ପାରିଛି। ଏସବୁ ଓଡ଼ିଶା ଲୋକଙ୍କ ମାନବିକତା, ବିଶେଷକରି ଡାକ୍ତର, ଡାକ୍ତରୀ ଛାତ୍ର, ଜନସାଧାରଣଙ୍କ ସହାୟତା କରିବାର ମାନସିକତା ଯୋଗୁ ସମ୍ଭବ ହୋଇଛି। ଫଳରେ ୧ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କୁ ଉଦ୍ଧାର କରାଯାଇ ପାରିଛି। ଲୋକମାନେ ଉଦ୍ଧାର କାର୍ଯ୍ୟରେ ସହାୟତା କରିବା ସହ ରକ୍ତଦାନ କରିବା ସକାଶେ ଲମ୍ବା ଧାଡ଼ି ଦେଇଥିଲେ। ଓଡ଼ିଶାବାସୀଙ୍କ ପାଇ ଗର୍ବିତ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଖବର ପ୍ରସାରିତ ହେବା ମାତ୍ରେ ପ୍ରଶାସନ ସଜାଗ ହୋଇ ଉଠିଥିଲା। ମନ୍ତ୍ରୀ, ଉଚ୍ଚ ପଦାଧିକାରୀ, କର୍ମଚାରୀ ସମସ୍ତେ ଦୁର୍ଘଟଣା ସ୍ଥଳକୁ ଯାଇ ଆହତମାନଙ୍କୁ ଉଦ୍ଧାର କରିବା ସହ ଚିକିତ୍ସା ପାଇଁ ସମସ୍ତ ବ୍ୟବସ୍ଥା କରିବାରେ ଲାଗିଥିଲେ। ଏହା ହେଉଛି ଟ୍ରାନ୍ସପରେନ୍ସି, ଟେକ୍ନୋଲୋଜି, ଟିମ୍ ୱାର୍କ, ଟାଇମ୍ ଓ ଟ୍ରାନ୍ସଫର୍ମେଶନ ବା ରୂପାନ୍ତରଣ ପ୍ରଶାସନିକ ସେବା। ବାତ୍ୟା ଓ କୋଭିଡ୍ ପରିଚାଳନା ପାଇଁ ଏକ ଦୀର୍ଘମିଆଦୀ କାର୍ଯ୍ୟ ପ୍ରଣାଳୀ ପ୍ରସ୍ତୁତ କରିବାରେ ରାଜ୍ୟ ସଫଳ ହୋଇପାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ନବନିଯୁକ୍ତ ଡାକ୍ତରମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟରେ ପର୍ଯ୍ୟାପ୍ତ ଡାକ୍ତର ନିଯୁକ୍ତି ହୋଇପାରିଛି। ଏହି ନିଯୁକ୍ତି ସରକାରୀ ଡାକ୍ତରଖାନାରେ ସ୍ୱାସ୍ଥ୍ୟସେବାକୁ ଆହୁରି ସୁଦୃଢ଼ କରିବ। ମୁଖ୍ୟମନ୍ତ୍ରୀ କହିଛନ୍ତି, ଆମ ପାଇଁ ପ୍ରତ୍ୟେକ ଜୀବନ ମୂଲ୍ୟବାନ। ଏହି ନୀତି ଆଧାରରେ ଗତ ୬ ବର୍ଷରେ ରାଜ୍ୟରେ ୮ଟି ମେଡିକାଲ କଲେଜ ଓ ୨ଟି ନୂଆ ପୋଷ୍ଟ ଗ୍ରାଜୁଏଟ ପ୍ରତିଷ୍ଠାନ ଖୋଲାଯାଇଛି। ଏଥିରୁ ପ୍ରତ୍ୟେକ ବର୍ଷ ୨୨୦୦ ଡାକ୍ତର ଓ ୮୨୬ ସ୍ପେଶାଲିଷ୍ଟ ବାହାରୁଛନ୍ତି। ଡାକ୍ତର ନିଯୁକ୍ତି ପ୍ରକ୍ରିୟା ଜାରି ରହିଛି। ଗତ ୪ ବର୍ଷ ମଧ୍ୟରେ ୪୫୦୦ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇଛି। ସ୍ୱାସ୍ଥ୍ୟସେବାରେ ରୂପାନ୍ତରଣ ପାଇଁ ୫ ହଜାର ଡାକ୍ତର ପଦବୀ ସୃଷ୍ଟି କରାଯାଇଛି। ଏହାର ନିଯୁକ୍ତି ପ୍ରକ୍ରିୟା ଖୁବ୍‌ଶୀଘ୍ର ଆରମ୍ଭ କରାଯିବ। ୨୦୨୩ ଡିସେମ୍ବର ସୁଦ୍ଧା ସମସ୍ତ ଡାକ୍ତର ପଦବୀ ପୂରଣ ହୋଇଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଆସନ୍ତା କିଛି ବର୍ଷ ମଧ୍ୟରେ ଓଡ଼ିଶା ଡାକ୍ତର ବହୁଳ ରାଜ୍ୟରେ ପରିଣତ ହେବ। ଦେଶରେ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାରେ ସମଗ୍ର ଦେଶରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଏକ ଉତ୍ତମ ଯୋଜନା। ଏଥିରେ ପ୍ରତି ମାସରେ ରାଜ୍ୟ ସରକାର ୨୨୫ କୋଟି ଟଙ୍କା ଖର୍ଚ୍ଚ କରି ୧ ଲକ୍ଷରୁ ଉର୍ଦ୍ଧ୍ୱ ଲୋକଙ୍କୁ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଇପାରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଛନ୍ତି ଯେ ରାଜ୍ୟ ସରକାର ସ୍ୱାସ୍ଥ୍ୟସେବାର ଉନ୍ନତୀକରଣ ପାଇଁ ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱ ଦେଇ ଆସୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଲକ୍ଷ୍ୟ ହେଉଛି ପ୍ରତ୍ୟେକ ଜୀବନ ମୂଲ୍ୟବାନ। ଏହା ହିଁ ରାଜ୍ୟର ସମଗ୍ର ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ପରିବର୍ତ୍ତନ କରିଦେଇଛି। ମୁଖ୍ୟମନ୍ତ୍ରୀଙ୍କ 'ସୁସ୍ଥ ଓଡ଼ିଶା ସୁଖୀ ଓଡ଼ିଶା' ଲକ୍ଷ୍ୟ ନେଇ କାର୍ଯ୍ୟ କରିବାକୁ ସେ ନବନିଯୁକ୍ତ ଡାକ୍ତରମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହି ନିଯୁକ୍ତି କାର୍ଯ୍ୟକ୍ରମରେ ନବନିଯୁକ୍ତ ଡାକ୍ତର ସ୍ନିଗ୍ଧାମୟୀ ପଣ୍ଡା, ମୁକ୍ତିରଞ୍ଜନ ମଲ୍ଲିକ ଏବଂ ଶର୍ମିଳା ସାହୁ ରାଜ୍ୟ ସରକାରଙ୍କ ନିଯୁକ୍ତି ପ୍ରକ୍ରିୟାକୁ ନେଇ ନିଜର ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ଭି.କେ. ପାଣ୍ଡିଆନ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ୱାଗତ ଭାଷଣ ଦେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ଶାଳିନୀ ପଣ୍ଡିତ ସରକାରଙ୍କ ଦ୍ୱାରା ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବାହାନଗା ରେଳ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପ୍ରତି ୧ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

# ୪୩ ଡିଗ୍ରୀ ଉପରେ ୩ ସହର

**୧୧ ଯାଏ ପ୍ରବଳ ଗ୍ରୀଷ୍ମ**

ଭୁବନେଶ୍ୱର,୬।୬(ବ୍ୟୁରୋ)

ରାଜ୍ୟରେ ପାରଦ ପୁଣି ଉପରମୁହାଁ ହୋଇଛି। ୩ଟି ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ୪୩ ଡିଗ୍ରୀ ସେଲ୍‌ସିୟସ ଟପି ଯାଇଥିବା ବେଳେ ୧୭ଟି ସ୍ଥାନରେ ୪୦ ଡିଗ୍ରୀ ଉପରେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟର ସୂଚନା ମୁତାବକ ମଙ୍ଗଳବାର ଝାରସୁଗୁଡ଼ାରେ ସର୍ବୋଚ୍ଚ ତାପମାତ୍ରା ୪୩.୮ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ସମ୍ବଲପୁର ୪୩.୬, ହୀରାକୁଦ ୪୩.୩, ରାଉରକେଲା ୪୨.୪, ବରଗଡ଼ ୪୨.୧, ବାରିପଦା ୪୨, ଭୁବନେଶ୍ୱର ୪୧.୯, ସୋନପୁର ୪୧.୮, ବଲାଙ୍ଗୀର ୪୧.୭, ସୁନ୍ଦରଗଡ଼ ୪୧.୨, ମାଲକାନଗିରି ୪୧.୮, ନୂଆପଡ଼ା ୪୧, ଟିଟିଲାଗଡ଼ ୪୦.୫, ଭବାନୀପାଟଣା ୪୦.୫, ଚାନ୍ଦବାଲି ୪୦.୨, ଜଗତ୍‌ସିଂହପୁରରେ ୪୦.୧ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ୧୧ ତାରିଖ ଯାଏ ତାତି ଆହୁରି କଲବଲ କରିବ । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, ଗଞ୍ଜାମ, କନ୍ଧମାଳ, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ ଏବଂ ଢେଙ୍କାନାଳ ଜିଲାରେ ଘଡ଼ଘଡ଼ି ସହ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋୱାର୍ନିଂ ଜାରି କରାଯାଇଛି। ଅନ୍ୟପକ୍ଷରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆଗମନ ବିଳମ୍ବ ହେବାରେ ଲାଗିଛି। ପାଗ ଅନୁକୂଳ ହେଉ ନ ଥିବାରୁ ମୌସୁମୀ ପ୍ରବେଶ ଗଡ଼ି ଗଡ଼ି ଯାଉଛି। ଆସନ୍ତା ୧୫ ତାରିଖ ଯାଏ ରାଜ୍ୟକୁ ମୌସୁମୀ ପ୍ରବେଶର କୌଣସି ସମ୍ଭାବନା ଦେଖାଯାଉ ନାହିଁ। ଆରବ ସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଆସନ୍ତା ୧୦ ତାରିଖ ବେଳକୁ ଏହା ଲଘୁଚାପରେ ପରିଣତ ହୋଇପାରେ। ପ୍ରବଳ ଗରମ ହେଉଥିଲେ ମଧ୍ୟ ସମୁଦ୍ରରେ ଘୂର୍ଣ୍ଣିବଳୟ ଯୋଗୁଁ ବାୟୁ ପ୍ରବାହ ସ୍ଥଳଭାଗ ପରିବର୍ତ୍ତେ ସମୁଦ୍ରକୁ ବହୁଛି। ଫଳରେ ମୌସୁମୀ ପାଇଁ ପାଗ ଅନୁକୂଳ ହେଉ ନ ଥିବା ପାଣିପାଗ ବିଶେଷଜ୍ଞ ଅନୁମାନ କରୁଛନ୍ତି। ତେବେ ମୌସୁମୀ ନିର୍ଦ୍ଧାରିତ ସମୟରୁ ଅଳ୍ପ କିଛିଦିନ ବିଳମ୍ବ ହୋଇପାରେ। କେରଳ ଛୁଇଁବା ପରେ ଓଡ଼ିଶାକୁ କେବେ ଆସିବ ସେ ନେଇ କୁହାଯାଇପାରିବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ନିର୍ଦ୍ଦେଶକ ଏଚ୍.ଆର. ବିଶ୍ୱାସ କହିଛନ୍ତି।

ନିଜ ବ୍ୟାଙ୍କିଙ୍ଗ୍‌କୁ ସୁରକ୍ଷିତ ରଖନ୍ତୁ ।
ସମ୍ପର୍କ କରନ୍ତୁ ଆମର ଅଧିକୃତ କଷ୍ଟମର କେୟାର ନମ୍ବର ରେ
1800 1080
ଅପଡେଟେଡ୍ ଫୋନ ନମ୍ବର୍ସ ପାଇଁ
ସର୍ବଦା ଆମର ୱେବସାଇଟ୍ ଦେଖନ୍ତୁ ।
www.icicibank.com
ICICI Bank

DSPL-54
ଓଡ଼ିଶା ସରକାର

ମାର୍କଫେଡ୍-ଓଡ଼ିଶା
ଚାଷୀଭାଇମାନଙ୍କ ଠାରୁ ମୁଗ, ବିରି, ଚିନାବାଦାମ ଓ ସୂର୍ଯ୍ୟମୁଖୀ ଆଦି ବଳକା ଅଣଧାନ ଶସ୍ୟ ମାର୍କଫେଡ୍ ମାଧ୍ୟମରେ କ୍ରୟ ନିମନ୍ତେ ସୂଚନା
୨୦୨୨-୨୩ ରବି ଋତୁରେ ଅମଳ କରାଯାଇଥିବା ମୁଗ, ବିରି, ଚିନାବାଦାମ ଓ ସୂର୍ଯ୍ୟମୁଖୀ ଫସଲର ଅଭାବୀ ବିକ୍ରି ରୋକିବା ନିମନ୍ତେ ରାଜ୍ୟ ସରକାରଙ୍କ ତରଫରୁ ୧୮ ମଇ ୨୦୨୩ ଠାରୁ ୧୫ ଅଗଷ୍ଟ ୨୦୨୩ ପର୍ଯ୍ୟନ୍ତ ମାର୍କଫେଡ୍ ମାଧ୍ୟମରେ ନିକଟସ୍ଥ ସ୍ଥିରୀକୃତ ସମବାୟ ସମିତି (PACS/LAMPCS/RMCs/WSHGs/FPOs) ଦ୍ୱାରା ସର୍ବନିମ୍ନ ସରକାରୀ ସହାୟକ ମୂଲ୍ୟରେ ଉପଯୁକ୍ତ ମାନ (FAQ) ର ଶସ୍ୟ ଚାଷୀଙ୍କ ନିକଟରୁ କ୍ରୟ କରାଯିବା ନିମନ୍ତେ ବ୍ୟବସ୍ଥା କରାଯାଇଛି ।
ଉପଯୁକ୍ତ ମାନ (FAQ) ରେ ଶସ୍ୟର କ୍ୱିଣ୍ଟାଲ ପ୍ରତି ନିର୍ଦ୍ଧାରିତ ସର୍ବନିମ୍ନ ସହାୟକ ମୂଲ୍ୟ

ମୁଗ : ୭୭୫୫ ଟଙ୍କା

ବିରି : ୬୬୦୦ ଟଙ୍କା

ଚିନାବାଦାମ : ୫୮୫୦ ଟଙ୍କା

ସୂର୍ଯ୍ୟମୁଖୀ : ୬୪୦୦ ଟଙ୍କା
○ ଆଗ୍ରହୀ ଚାଷୀମାନେ ନିକଟସ୍ଥ କୃଷି କର୍ମଚାରୀଙ୍କ ସହ ଯୋଗାଯୋଗ କରି ସେମାନଙ୍କ ଜମିର ପଟ୍ଟା, ଫଟୋ ପରିଚୟ ପତ୍ର ଓ ବ୍ୟାଙ୍କ ଖାତାର ନକଲ ଦାଖଲ କରି ନିଜ ନାମ ନିକଟସ୍ଥ ସେବା ସମବାୟ ସମିତି/ କୃଷକ ଉତ୍ପାଦକ ସଂସ୍ଥାରେ କିମ୍ବା 'ଇ-ସମୃଦ୍ଧି' ମୋବାଇଲ୍ ଆପ୍ ମାଧ୍ୟମରେ ପଞ୍ଜିକରଣ କରି ପାରିବେ ।
○ ଶସ୍ୟର ବିକ୍ରୟ ସ୍ଥାନ ସମ୍ବନ୍ଧରେ ସବିଶେଷ ବିବରଣୀ ପାଇଁ ସମିତି ସମୂହର ଉପ ନିବନ୍ଧକ / ସହ ନିବନ୍ଧକ / ମାର୍କଫେଡ୍ କ୍ଷେତ୍ର ପରିଚାଳକ ଓ କୃଷି ବିଭାଗ କର୍ମଚାରୀଙ୍କ ସହ ଯୋଗାଯୋଗ କରନ୍ତୁ ।
OIPR-39017/13/0009/2324
ପରିଚାଳନା ନିର୍ଦ୍ଦେଶକ

**ଆଜିର ମନ୍ତବ୍ୟ**

"ବେରୋଜଗାରି, ମୁଦ୍ରାସ୍ଫୀତି, ଶିକ୍ଷା ଓ ସ୍ୱାସ୍ଥ୍ୟକୁ ନେଇ ଆମର ସମସ୍ୟା ରହିଛି। ଏହା ଉପରେ କେହି କିଛି କହୁନାହାନ୍ତି। ସମସ୍ତେ ରାମ, ହନୁମାନ, ମନ୍ଦିର ସମ୍ପର୍କରେ ଚର୍ଚ୍ଚା କରୁଛନ୍ତି। କିନ୍ତୁ ମନ୍ଦିର ନିଯୁକ୍ତି ସୃଷ୍ଟି କରିବ ନାହିଁ।

– ସାମ୍ ପିତ୍ରୋଡ଼ା, ଇଣ୍ଡିଆନ୍ ଓଭରସିଜ୍ କଂଗ୍ରେସ ଅଧ୍ୟକ୍ଷ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କଖାରୁ ପତର ଆଁଶୁ
ଘଇତାକୁ ଦେଖି ନଅର ପଅର
ଦିଅରକୁ ଦେଖି ହସୁ।**

ଅବୈଧ ସମ୍ପର୍କ ଯେ କେବଳ ଅନୈତିକ ତାହା ନୁହେଁ ବରଂ ପାପ କହିଲେ ଭୁଲ ହେବ ନାହିଁ। ବୟସ୍କ ସ୍ୱାମୀକୁ ପଛ କରି ବା ହତାଦର କରି ଯୁବା ବ୍ୟକ୍ତି ପ୍ରତି ଆସକ୍ତ ହୋଇପଡୁଥିବା ବ୍ୟଭିଚାରିଣୀ ନାରୀ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**କୋଳଥ ବୋତି
କାଳୀ ଗୋଡ଼ରେ ହଳଦୀ ବୋଳିଲେ
କଉଡ଼ି କ୍ଷତି।**

ଯେତେ ବାହ୍ୟ ଉପଚାର କଲେ ବି ଦେହର ପ୍ରକୃତ ରଙ୍ଗ କେବେ ବଦଳି ପାରି ନ ଥାଏ। ଶ୍ୟାମଳ ଦେହକୁ ଘଷି ମାଜିଲେ ବି ସେ କେବେ ଗୌରବର୍ଣ୍ଣ ହୋଇ ପାରି ନଥାଏ। ସେ ନେଇ କରାଯାଉଥିବା ସକଳ ଚେଷ୍ଟା ବୃଥା ବୋଲି ପ୍ରମାଣିତ ହୋଇଥାଏ। ଗୋରୀ ହେବା ପାଇଁ ପ୍ରୟାସରତା ମହିଳା ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ




# ଦୀର୍ଘଦିନ ସ୍ତନ୍ୟପାନ କରିଥିବା ଶିଶୁ ପାଠପଢ଼ାରେ ଭଲ କରିଥାଆନ୍ତି

**ଲଣ୍ଡନ, ୬।୬:** ଯେଉଁ ଶିଶୁମାନେ ଅଧିକ ଦିନ ସ୍ତନ୍ୟପାନ କରିଥାନ୍ତି, କିଶୋରାବସ୍ଥାରେ ସେମାନେ ପାଠପଢ଼ାରେ ଭଲ ନମ୍ବର ରଖିଥାଆନ୍ତି ବୋଲି ଏକ ଅଧ୍ୟୟନରୁ ଜଣାପଡ଼ିଛି। ବ୍ରିଟେନର ୫,୦୦୦ ହାଇସ୍କୁଲ ପିଲାଙ୍କ ଉପରେ ଅଧ୍ୟୟନ କରି ଗବେଷକମାନେ ଏହି ସିଦ୍ଧାନ୍ତରେ ପହଞ୍ଚିଛନ୍ତି। 'ଆର୍ଚିଭ୍ସ ଅଫ୍ ଡିଜିଜ୍ ଇନ୍ ଚାଇଲ୍ଡହୁଡ୍'ରେ ସୋମବାର ପ୍ରକାଶିତ ରିପୋର୍ଟ ଅନୁଯାୟୀ ୨,୦୦୦ରୁ ୨୦୦୨ ମଧ୍ୟରେ ଜନ୍ମିତ ଶିଶୁଙ୍କ ଉପରେ ଏହି ଅଧ୍ୟୟନ କରାଯାଇଥିଲା। ପିଲା ଯେତେ ଅଧିକ ଦିନ ସ୍ତନ୍ୟପାନ କରିବେ, ସେମାନେ ପରୀକ୍ଷାରେ ସେତେ ଭଲ ନମ୍ବର ରଖିବେ ବୋଲି ଅକ୍ସଫୋର୍ଡ ୟୁନିଭର୍ସିଟିର ନ୍ୟାଶନାଲ ପେରିନାଟାଲ ଏପିଡେମିଓଲୋଜି ୟୁନିଟ୍‌ର ଗବେଷକ ଡ. ରାନୀ ପେରିରା–ଏଲିଆସ୍ କହିଛନ୍ତି।



ଅଧ୍ୟୟନରେ ସାମିଲ ଶିଶୁମାନେ କେତେଦିନ ସ୍ତନ୍ୟପାନ କରିଛନ୍ତି, ତାହାକୁ ନେଇ ସେମାନଙ୍କୁ ବିଭିନ୍ନ ଗ୍ରୁପ୍‌ରେ ଭାଗ କରାଯାଇଥିଲା। କେତେକ ପିଲା ଆଦୌ ସ୍ତନ୍ୟପାନ କରି ନ ଥିବାବେଳେ ଅନ୍ୟ କେତେଜଣ ଅଳ୍ପ କେଇମାସ ଏବଂ ଅନ୍ୟମାନେ ବର୍ଷେ କିମ୍ବା ତା'ଠାରୁ ଅଧିକ ଦିନ ସ୍ତନ୍ୟପାନ କରିଥିବା ଦେଖାଯାଇଥିଲା। ପ୍ରତି ଗ୍ରୁପ୍ ସହ ବ୍ରିଟେନର ଜେନେରାଲ ସାର୍ଟିଫିକେଟ ଅଫ୍ ସେକେଣ୍ଡାରୀ ଏଜୁକେଶନ (ଜିସିଏସ୍‌ଇ) ପରୀକ୍ଷା ମାର୍କକୁ ତୁଳନା କରିଥିଲେ। ବର୍ଷେରୁ ଅଧିକ ଦିନ ସ୍ତନ୍ୟପାନ କରିଥିବା ପିଲା ଗଣିତ ଓ ଇଂଲିଶରେ ପ୍ରାୟ ୩୯% ଅଧିକ ନମ୍ବର ରଖିଥିଲେ। ଯେଉଁମାନେ ଅନ୍ୟୂନ ୪ ମାସ ସ୍ତନ୍ୟପାନ କରିଥିଲେ, ସେମାନେ ଆଦୌ ସ୍ତନ୍ୟପାନ କରି ନ ଥିବା ପିଲାଙ୍କଠାରୁ ପରୀକ୍ଷାରେ ୨ରୁ ୩ ପଏଣ୍ଟ ଅଧିକ ନମ୍ବର ରଖିଥିଲେ। ଯେତେ ଅଧିକ ମାସ ସ୍ତନ୍ୟପାନ କରିଛନ୍ତି, ପରୀକ୍ଷାରେ ସେତେ ଅଧିକ ନମ୍ବର ରହିଥିବା ଅଧ୍ୟୟନରୁ ଜଣାପଡ଼ିଥିଲା।

# ପ୍ରଦୀପ ପୁରୋହିତଙ୍କ ଫ୍ଲାଟ୍‌ରୁ ଡ୍ରାଇଭରଙ୍କ ମୃତଦେହ ଠାବ

**ଭୁବନେଶ୍ୱର,୬।୬(ବ୍ୟୁରୋ)**

- **୯ ବର୍ଷ ହେବ ଡ୍ରାଇଭର ଭାବେ କାର୍ଯ୍ୟ କରୁଥିଲେ**
- **ପୋଲିସ ଠିକ୍ ତଦନ୍ତ କରି କାରଣ ବାହାର କରୁ: ପ୍ରଦୀପ**

ବରିଷ୍ଠ ଭାଜପା ନେତା ତଥା ବରଗଡ଼ ଜିଲା ପଦ୍ମପୁରର ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତଙ୍କ ଭୁବନେଶ୍ୱରସ୍ଥିତ ଫ୍ଲାଟ୍‌ରୁ ତାଙ୍କ ଡ୍ରାଇଭର ଧନୁର୍ଜୟ ପାଣ୍ଡେ(୪୮)ଙ୍କ ମୃତଦେହ ମଙ୍ଗଳବାର ଠାବ ହୋଇଛି। ତାଙ୍କ ଘର ବରଗଡ଼ ଜିଲା ପାଇକମାଳ ଥାନା ଅନ୍ତର୍ଗତ ହୀରାପୁର ଗ୍ରାମରେ ହୋଇଥିବାବେଳେ ଘର ଫ୍ୟାନ୍‌ରେ ବେକରେ ଦଉଡ଼ି ବନ୍ଧା ଅବସ୍ଥାରେ ମୃତଦେହଟି ଝୁଲି ରହିଥିଲା। ତେବେ ସେ ଆତ୍ମହତ୍ୟା କରିଥିବା ନେଇ ପ୍ରାଥମିକ ଅନୁସନ୍ଧାନରୁ ପୋଲିସ ସନ୍ଦେହ କରୁଛି। ବଡ଼ଭାଇ ବିହାରୀ ପାଣ୍ଡେ ଭୁବନେଶ୍ୱରରେ ପହଞ୍ଚି ମୃତଦେହ ଦେଖିବା ପରେ ଏନେଇ ଥାନାରେ ଏତଲା ଦେଇଛନ୍ତି। ପୋଲିସ ଏକ ଅପମୃତ୍ୟୁ ମାମଲା ନଂ.୧୪/୨୩ ରୁଜୁ କରି ତଦନ୍ତ ଆରମ୍ଭ କରିଛି। ରାତି ହୋଇଯିବାରୁ ମୃତଦେହକୁ ପୋଲିସ ଫ୍ଲାଟ୍‌ରୁ ଜବତ କରିନାହିଁ। ଥାନାଧିକାରୀ ଶ୍ୟାମସୁନ୍ଦର ରାଓ କହିଛନ୍ତି, ବୁଧବାର ସାଇଣ୍ଟିଫିକ୍ ଟିମ୍ ଉପସ୍ଥିତିରେ ଧନୁର୍ଜୟଙ୍କ ମୃତଦେହକୁ ଜବତ କରାଯାଇ କ୍ୟାପିଟାଲ ହସ୍ପିଟାଲ ପଠାଯିବ। ଏହା ଆତ୍ମହତ୍ୟା ନା ହତ୍ୟା, ତାହା ଏବେ କହିହେବ ନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଓ ପରିବାର ଲୋକଙ୍କ ବୟାନ ଆଧାରରେ ତଦନ୍ତ କରାଯିବ ବୋଲି ସେ କହିଛନ୍ତି।

ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ କଟକରୋଡ୍‌ସ୍ଥିତ ଭଗବାନ ଟାୱାର ଆପାର୍ଟମେଣ୍ଟରେ ଥିବା ପ୍ରଦୀପଙ୍କ ଫ୍ଲାଟ୍ ନଂ.୭୦୩ରେ ଏହି ଘଟଣା ଘଟିଛି। ଏନେଇ ପ୍ରଦୀପ କହିଛନ୍ତି, ଧନୁର୍ଜୟ ୯ ବର୍ଷ ହେଲା ମୋ ପାଖରେ କାମ କରୁଥିଲେ। ସେ କିଛି ବି ନିଶା ସେବନ କରୁ ନ ଥିଲେ। ସମସ୍ତଙ୍କ ସହ ତାଙ୍କର ଭଲ ସମ୍ପର୍କ ଥିଲା। କାହା ସହ ଶତ୍ରୁତା କିମ୍ବା ପାରିବାରିକ କଳହ ମଧ୍ୟ ନ ଥିଲା। ସୋମବାର ରାତି ୧ଟାରେ ଧନୁର୍ଜୟଙ୍କ ସହ ଦିଲ୍ଲୀରେ ଥାଇ କଥା ହୋଇଥିଲି। ମଙ୍ଗଳବାର ଭୁବନେଶ୍ୱର ଫେରିବି ବୋଲି ଧନୁର୍ଜୟଙ୍କୁ କହିଥିଲି। ଏଥିପାଇଁ ସକାଳ ସାଢ଼େ ୭ଟାରେ ଏୟାରପୋର୍ଟରେ ଧନୁର୍ଜୟ ଗାଡ଼ି ନେଇ ପହଞ୍ଚିବେ ବୋଲି କହିଥିଲେ। ହେଲେ ସକାଳେ ପ୍ରଦୀପ ବାରମ୍ବାର କଲ୍ କରୁଥିଲେ ମଧ୍ୟ ଧନୁର୍ଜୟ ରିସିଭ୍ କରି ନ ଥିଲେ। ତେଣୁ ସେ ଭୁବନେଶ୍ୱରରେ ପହଞ୍ଚିବା ପରେ ସିଧା ଭଗବାନ ଟାୱାରସ୍ଥିତ ଉକ୍ତ ଫ୍ଲାଟ୍‌କୁ ଯାଇଥିଲେ। ହେଲେ ଭିତର ପଟୁ କବାଟ ଲକ୍ ଥିବାରୁ ପ୍ରଦୀପ ସୋସାଇଟି ଲୋକଙ୍କୁ ଡାକିଥିଲେ। ଏହାପରେ ସ୍ଥାନୀୟ ଥାନାକୁ ଖବର ଦିଆଯାଇଥିଲା। ପୋଲିସ ପହଞ୍ଚି କବାଟ ଭାଙ୍ଗି ଭିତରେ ପଶିବା ପରେ ସେଠାରେ ଏକ ରୁମ୍‌ରେ ଧନୁର୍ଜୟଙ୍କ ଝୁଲନ୍ତା ମୃତଦେହ ଦେଖିବାକୁ ମିଳିଥିଲା। ତେବେ ପୋଲିସ ଠିକ୍ ତଦନ୍ତ କଲେ ଧନୁର୍ଜୟଙ୍କ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ପ୍ରଦୀପ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି କର୍ମକ୍ଷେତ୍ରରେ ପ୍ରକୃତିବଶତଃ ମନର ଅସନ୍ତୋଷକୁ କଠୋର ବାକ୍ୟରେ ପ୍ରକାଶ କରିପାରନ୍ତି। ସାମୟିକ ଭାବପ୍ରବଣତା କାରଣରୁ ବିଭିନ୍ନ ବିଫଳତାକୁ ନେଇ ଚିନ୍ତିତ ରହିପାରନ୍ତି। ଅଫିସ କାମ ଚାପରେ ନିଜକୁ ଆଡ୍‌ଜଷ୍ଟ କରିବାକୁ ବାଧ୍ୟ ହେବେ। ପାରିବାରିକ ସ୍ଥିତି, ପରିବହନ, ନିର୍ମାଣ, ଯାନ୍ତ୍ରିକ ଜିନିଷର ବ୍ୟବସାୟ ପାଇଁ ଭଲ।

**ବୃଷ** ଛୋଟ ଛୋଟ ସାଧାରଣ କଥାକୁ ନେଇ ମାନସିକ ସ୍ତରରେ ଉତ୍ତେଜିତ ରହିବେ। ଟିକିଏ ଜୋର୍ ଦେଇ କଥା କହିବା କାରଣରୁ ଅନ୍ୟମାନେ ଭୁଲ୍ ବୁଝିବେ। ଆନୁଷ୍ଠାନିକ କାର୍ଯ୍ୟରେ ବ୍ୟସ୍ତ ରହିବେ ଏବଂ ଚେଷ୍ଟା କରୁଥିବା କାମରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ଆଂଶିକ ସଫଳତା ପାଇବେ।

**ମିଥୁନ** କାର୍ଯ୍ୟବ୍ୟସ୍ତତା କାରଣରୁ କୌଣସି ଗୋଟିଏ ସ୍ଥାନରେ ସ୍ଥିର ରହିପାରିବେ ନାହିଁ। ଆପଣଙ୍କର ଅଭାବନୀୟ ପରିସ୍ଥିତି କ୍ରମଶଃ ବଦଳି ଯିବ ଓ ପ୍ରତ୍ୟେକ କାର୍ଯ୍ୟରେ ସଫଳତା ଅବଶ୍ୟ ପାଇବେ। ବ୍ୟବସାୟ ଓ ପରିବହନରେ କାମ ହାସଲ କରିବେ। ଉଚ୍ଚବର୍ଗର ଲୋକମାନଙ୍କ ସଂସ୍ପର୍ଶରେ ଆସି ଉପକୃତ ହୋଇପାରନ୍ତି।

**କର୍କଟ** ଗତକାଲିର ଅଧୁରା କାମକୁ ଆଜି ସମ୍ପନ୍ନ କରିବାରେ ସମର୍ଥ ହେବେ। ବନ୍ଧୁ ମିଳନ ସଙ୍ଗକୁ ଦୂରଯାତ୍ରା, ମାଙ୍ଗଳିକ କାର୍ଯ୍ୟ କିମ୍ବା ଆନୁଷ୍ଠାନିକ କାମରେ ନିଜକୁ ସାମିଲ୍ କରିପାରନ୍ତି। ଜମିଜମା, ମାଲିମକଦ୍ଦମା, ନିର୍ମାଣ, ଯୋଗାଯୋଗ, ସାମ୍ବାଦିକତା, ଏଜେନ୍ସିପ୍ରେ ପ୍ରତିଷ୍ଠାର୍ଜନ କରିବେ। ପରିସ୍ଥିତିକୁ ଯେତେଟା ଜଟିଳ ମନେକରୁଛନ୍ତି ସେପରି କିଛି ହେବନି।

**ସିଂହ** କୌଣସି ବିଶିଷ୍ଟ ବ୍ୟକ୍ତିଙ୍କ ସହ ଯୁକ୍ତିତର୍କ କରି ପରିବେଶକୁ ଗମ୍ଭୀର କରି ଦେଇପାରନ୍ତି। ଫଳତଃ ବିଭିନ୍ନ ପ୍ରକାରର ସମସ୍ୟାକୁ କେନ୍ଦ୍ରକରି ମାନସିକ ସ୍ଥିତି ଠିକ୍ ରହିବ ନାହିଁ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ।

**କନ୍ୟା** ସ୍ୱାସ୍ଥ୍ୟସମସ୍ୟା ମନକୁ ଭାରାକ୍ରାନ୍ତ କରିପାରେ। ବ୍ୟବସାୟରେ ଆଶା ଅନୁରୂପ ଫଳ ପାଇବେ ଓ ଜମା ରାଶି ବୃଦ୍ଧି ପାଇବ। ତଥାପି ଆଲୋଚନା ପରିସରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡ଼ିବେ। ସାବଧାନ ରହନ୍ତୁ ନଚେତ୍ ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି।

**ତୁଳା** ପରିବାରରେ ସନ୍ତାନଙ୍କ ସ୍ୱାସ୍ଥ୍ୟହାନି ଚିନ୍ତାର କାରଣ ହୋଇପାରେ। ମାଙ୍ଗଳିକ କାମରେ କୌଣସି ସମସ୍ୟା ସୃଷ୍ଟିର ସମ୍ଭାବନା ରହିଛି। ଅବଶ୍ୟ ପରିସ୍ଥିତି ପ୍ରତି ସତର୍କ ରହି କାମ କରନ୍ତୁ, ଅନ୍ୟଥା ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିପାରେ। ଆଜିର ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରହନ୍ତୁ ନଚେତ୍ ଜିନିଷପତ୍ର ଅଦଳବଦଳ ହୋଇଯାଇପାରେ।

**ବିଛା** କୌଣସି ବନ୍ଧୁଙ୍କ ଅସୌଜନ୍ୟ କାର୍ଯ୍ୟକଳାପ ମନକୁ ମାନ୍ଦା କରିଦେଇପାରେ। କିନ୍ତୁ ଜ୍ୟେଷ୍ଠା ନକ୍ଷତ୍ର କର୍ମକ୍ଷେତ୍ରରେ ଉତ୍ସାହିତ ହେବେ ଓ ସାଫଲ୍ୟତା ହାସଲ କରିବେ। ପରିବାରରେ କାହା କଥା ସହ ଅନ୍ୟ କାହାର କଥା ମିଶିବ ନାହିଁ ,ଫଳରେ ମତଦ୍ୱୈଧ ଘଟିବ। ସାମ୍ବାଦିକତା, ପ୍ରକାଶନ, ପ୍ରଶାସନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ।

**ଧନୁ** ସତର୍କରେ ନ ଚଳିଲେ କେତେକ ସମ୍ଭାବ୍ୟ ଅସୁବିଧା ଭୋଗ କରିବାକୁ ପଡ଼ିପାରେ। କୌଣସି କଥାରେ ଅନ୍ୟମାନଙ୍କୁ ପୂର୍ଣ୍ଣ ବିଶ୍ୱାସ କରି କାମକରିବା ଠିକ୍ ହେବ ନାହିଁ। ନିଜ ଲୋକମାନେ ଈର୍ଷା ପରାୟଣତା କାରଣରୁ ଦାଉ ସାଧିପାରନ୍ତି। ଅଧିକାଂଶ ସମୟ ପ୍ରତିଦ୍ୱନ୍ଦ୍ୱିତା କିମ୍ବା ପ୍ରତିଯୋଗିତା ମନୋଭାବ ଉପୁଜି ପାରେ।

**ମକର** ପରିବାରର ସହଯୋଗ ଓ ସମର୍ଥନ ଆଜିର କାମରେ ଆପଣଙ୍କୁ ବହୁତ ସାହାଯ୍ୟ କରିବ। ବନ୍ଧୁମାନଙ୍କ ଗହଣରେ ନିଜ ନିଜର ଲକ୍ଷ୍ୟସ୍ଥଳକୁ ଯିବାରେ କୌଣସି ଅସୁବିଧା ରହିବ ନାହିଁ। କିନ୍ତୁ ପିଲାମାନଙ୍କ ସ୍ୱାସ୍ଥ୍ୟ ଓ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। କର୍ମକ୍ଷେତ୍ରରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇଁ ମନୋବଳ ବୃଦ୍ଧିପାଇବ।

**କୁମ୍ଭ** କର୍ମକ୍ଷେତ୍ରରେ ଭୁଲ୍ ବୁଝାମଣା କାରଣରୁ ସାଧାରଣ କଥା ଅସାଧାରଣ ପରିସ୍ଥିତି ସୃଷ୍ଟି କରିବ। ଛୋଟ ଛୋଟ କଥାକୁ କେନ୍ଦ୍ରକରି ବିଭିନ୍ନ ସମସ୍ୟା ଭିତରକୁ ଟାଣି ହୋଇପାରନ୍ତି। ବ୍ୟବସାୟ,ବାଣିଜ୍ୟ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ। ପାରିବାରିକ କ୍ଷେତ୍ରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ।

**ମୀନ** ପୂର୍ବଦିନଗୁଡ଼ିକ ଅପେକ୍ଷା ଆଜିର ଦିନଟି ସବୁ ଦିଗରୁ ଭଲ ରହିବ। ଶୁଭକାର୍ଯ୍ୟ ସମ୍ପାଦନ କରିବେ ଏବଂ ନିକଟ ସମ୍ପର୍କୀୟମାନଙ୍କ ସାହାଯ୍ୟ ସହଯୋଗ ମିଳିବ। ଅସାବଧାନତା କାରଣରୁ କୌଣସି ମୂଲ୍ୟବାନ୍ ଜିନିଷ ଠିକ୍ ସମୟରେ ନ ପାଇ ବ୍ୟତିବ୍ୟସ୍ତ ହୋଇପାରନ୍ତି। ସଂଗଠନ କିମ୍ବା ରାଜନୀତିରେ ଦୃଢ଼ ସାହାଯ୍ୟ ଓ ସମର୍ଥନ ଯୋଗୁ ଆଗେଇ ଯିବେ।

ଆଜି ଆଷାଢ଼ କୃଷ୍ଣ ଚତୁର୍ଥୀ ବୁଧବାର, ଜୁନ୍ ୭ ତାରିଖ, ରାଶି ନକ୍ଷତ୍ର–ଉତ୍ତରାଷାଢ଼ା/ମକର, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୭.୪୮ମି. ଗତେ ଘ.୦୮.୨୮ମି. ମଧ୍ୟେ, ଘ.୧୦.୦୬ମି. ଗତେ ଘ.୧୧.୧୯ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୧.୪୫ମି. ଗତେ ଘ.୦୧.୨୪ମି. ମଧ୍ୟେ ରାହୁ କାଳ।

ପ୍ରଥମ ପୃଷ୍ଠାରୁ...

## ଏ ଟ୍ରେନ୍‌ରେ...

ଟ୍ରେନଟି ଅଟକିବା କ୍ଷଣି ଶତାଧିକ ଯାତ୍ରୀ ଓହ୍ଲାଇ ପଡ଼ି ଷ୍ଟେଶନ ମାଷ୍ଟର ଓ କର୍ତ୍ତୃପକ୍ଷଙ୍କୁ ଖୋଜିଥିଲେ। ଟ୍ରେନରୁ ଧୂଆଁ ବାହାରୁଥିବା ସେମାନେ କହିଥିଲେ। ଷ୍ଟେଶନ ପ୍ରବନ୍ଧକ ଦୁର୍ଗାପ୍ରସାଦ ବ୍ରହ୍ମା, ଇଲେକ୍ଟ୍ରିବିଭାଗ ଓ ଅଗ୍ନିଶମ ବିଭାଗ ତୁରନ୍ତ ଯାଇ ଯାଞ୍ଚ କରିଥିଲେ। ବି–୫ ଏସି କୋଚ କମ୍ପ୍ରେସରରେ ଶର୍ଟ ସର୍କିଟ ହୋଇ ଧୂଆଁ ବାହାରୁଥିବା ଜଣାପଡିବା ପରେ ତାହାକୁ ଠିକ୍ କରାଯାଇଥିଲା। ବଗିରେ ଆଉ କୌଣସି ଅସୁବିଧା ନ ଥିବା ଷ୍ଟେଶନ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୁହାଯାଇଥିଲା। ହେଲେ ଯାତ୍ରୀମାନେ ବଗିକୁ ସମ୍ପୂର୍ଣ୍ଣ ପରିବର୍ତ୍ତନ କରିବା ପାଇଁ ଦାବି କରିଥିଲେ। ସେଥିରେ ଗଲାବେଳେ ପୁଣି ଥରେ କିଛି ଅସୁବିଧା ହେଲେ କ'ଣ କରିବୁ ବୋଲି ଶିଶୁକୁ ଧରି ହାଇଦ୍ରାବାଦରୁ ଆସିଥିବା ଜଣେ ମହିଳା ଯାତ୍ରୀ ପ୍ରଶ୍ନ କରିଥିଲେ। ସେହିପରି ଅନ୍ୟ ଯାତ୍ରୀମାନେ ମଧ୍ୟ ବଗି ବଦଳାଯାଉ ବୋଲି କହିଥିଲେ। ବ୍ରହ୍ମପୁରରେ ବଗି ବଦଳାଇବା ସମ୍ଭବ ନୁହେଁ, ଖୋର୍ଦ୍ଧା ରୋଡ୍‌ରେ ବଦଳାଯିବ ବୋଲି ଷ୍ଟେଶନ କର୍ତ୍ତୃପକ୍ଷ କହିବା ପରେ ଯାତ୍ରୀମାନେ ଟ୍ରେନ୍‌କୁ ଉଠିଥିଲେ। ଏହାପରେ ଅପରାହ୍ନ ୧ଟା ୩୨ ମିନିଟରେ ଟ୍ରେନ୍‌ଟି ବ୍ରହ୍ମପୁର ଷ୍ଟେଶନ ଛାଡ଼ିଥିଲା। ତେବେ ଖୋର୍ଦ୍ଧା ରୋଡ୍ ଷ୍ଟେଶନରେ ଉକ୍ତ ବଗିକୁ ବଦଳା ଯାଇ ନ ଥିବା ଜଣାପଡ଼ିଛି। ସୁରକ୍ଷା ପାଇଁ ଅଧିକ ଅଗ୍ନି ନିର୍ବାପକ କର୍ମଚାରୀ, ବିଦ୍ୟୁତ୍ କର୍ମଚାରୀ ଓ ରେଳ ସୁରକ୍ଷା କର୍ମଚାରୀଙ୍କୁ ସିକନ୍ଦରାବାଦ–ଅଗରତାଲା ଏକ୍ସପ୍ରେସରେ ପଠାଯାଇଥିବା ଖୋର୍ଦ୍ଧା ରୋଡ୍ ମଣ୍ଡଳ ଜନସମ୍ପର୍କ ଅଧିକାରୀ ଲଳିତା ପଣ୍ଡା କହିଛନ୍ତି।

## ମାମଲା ରୁଜୁକଲା...



ବାହାନଗାରେ ସିବିଆଇର ୧୦ ଜଣିଆ ଟିମ୍।

ତଦନ୍ତ ଦାୟିତ୍ୱ ଦେଇଥିଲା। ତେବେ ସରକାର ଏହାକୁ ଅନ୍ତର୍ଘାତୀ କାର୍ଯ୍ୟର ରୂପ ଦେଇ ରେଳୱେ ବୋର୍ଡ ଓ ମନ୍ତ୍ରଣାଳୟର ଅବହେଳାକୁ ଘୋଡ଼ାଇବାକୁ ଚେଷ୍ଟା କରୁଥାଇପାରନ୍ତି ବୋଲି ଅନେକେ ସନ୍ଦେହ କରୁଛନ୍ତି। ରେଳ ମନ୍ତ୍ରଣାଳୟର ଅନୁରୋଧ, ଓଡ଼ିଶା ସରକାରଙ୍କ ସହମତି ଏବଂ ଭାରତ ସରକାରଙ୍କ କାର୍ମିକ ଓ ପ୍ରଶିକ୍ଷଣ ବିଭାଗର ନିର୍ଦ୍ଦେଶକ୍ରମେ ସିବିଆଇ ଜୁନ୍ ୨ ତାରିଖ ବାହାନଗା ବଜାର ନିକଟରେ କରମଣ୍ଡଳ ଏକ୍ସପ୍ରେସ୍, ବେଙ୍ଗାଲୁରୁ– ହାଓଡ଼ା ଏକ୍ସପ୍ରେସ୍ ଓ ମାଲ୍‌ବାହୀ ଟ୍ରେନ୍ ଦୁର୍ଘଟଣାର ତଦନ୍ତ ଦାୟିତ୍ୱ ନେବା ସହ ମାମଲା ଦାଏର କରିଛି ବୋଲି ଏହାର ମୁଖପାତ୍ର କହିଛନ୍ତି। ଫରେନ୍‌ସିକ୍ ବିଶେଷଜ୍ଞଙ୍କ ସହ ସିବିଆଇ ଅଧିକାରୀମାନଙ୍କ ଟିମ୍ ସୋମବାର ବାଲେଶ୍ୱର ଜିଲାରେ ପହଞ୍ଚିଥିବାବେଳେ ମଙ୍ଗଳବାର ଅପରାହ୍ନ ୨ଟା ୧୫ ମିନିଟ୍‌ରେ ଏତଲା ଦାଏର କରିଛି। ଜୁନ୍ ୩ରେ ବାଲେଶ୍ୱର ଜିଆର୍‌ପି ପକ୍ଷରୁ ଆଇପିସିର ଦଫା ୩୩୭, ୩୩୮, ୩୦୪ଏ ଏବଂ ୩୪ ତଥା ରେଲ୍‌ୱେ ଆଇନର ଧାରା ୧୫୩, ୧୫୪ ଏବଂ ୧୭୫ରେ ଏତଲା ଦାଏର କରାଯାଇଥିବାବେଳେ ସିବିଆଇ ଏହାକୁ ହାତକୁ ନେଇଛି। ଦୁର୍ଘଟଣା ଏବଂ ଓଭରହେଡ୍ ବିଦ୍ୟୁତ୍ ଲାଇନ ସଂସ୍ପର୍ଶରେ ଆସି ଏତେ ଲୋକଙ୍କର ମୃତ୍ୟୁ ଘଟିଲା ବୋଲି ଏତଲାରେ ଉଲ୍ଲେଖ କରାଯାଇଛି। ଦୁର୍ଘଟଣା ଯୋଗୁ ବିଦ୍ୟୁତ୍ ଖୁଣ୍ଟ ନଇଁଯିବା ସହ ତାର ଛିଡ଼ିଥିଲା। ସିବିଆଇ ଏହାକୁ ନିଜ ଏତଲା ଭାବେ ପୁନର୍ବାର ଦାଏର କରିଛି। ଦୁର୍ଘଟଣା ପାଇଁ କୌଣସି ନିର୍ଦ୍ଦିଷ୍ଟ ରେଳ କର୍ମଚାରୀ ଦୋଷୀ କି ନୁହନ୍ତି, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ତଦନ୍ତ ପରେ ଏହା ଜଣାପଡ଼ିବ ବୋଲି ଏତଲାରେ କୁହାଯାଇଛି।

ସିବିଆଇ ଟିମ୍ ପ୍ରଥମେ ବାଲେଶ୍ୱର ରେଳଷ୍ଟେଶନରେ ଷ୍ଟେଶନ ମ୍ୟାନେଜରଙ୍କ ଅଧୀନରେ ଥିବା ପ୍ୟାନେଲ୍ ବୋର୍ଡର ୪ଜଣ କର୍ମଚାରୀଙ୍କୁ ପଚରାଉଚୁରା କରିବା ପରେ ବାହାନଗା ଦୁର୍ଘଟଣାସ୍ଥଳରେ ପହଞ୍ଚିଥିଲେ। ବାହାନଗା ଷ୍ଟେଶନ ମ୍ୟାନେଜର ରୁମ୍, ଷ୍ଟେଶନର ଏସ୍‌ଏସ୍‌ଆଇ ରିଲେ ରୁମ୍ ଓ ଷ୍ଟେଶନ ରୁମ୍ ଆଦି ତଦନ୍ତ କରିବା ସହିତ ରେଳଧାରଣାର ଅଫ୍ ଲାଇନ୍‌କୁ ଯାଇ ତଦନ୍ତ କରିଥିଲେ। ତଦନ୍ତରେ ସିବିଆଇ ଟିମ୍ ବିଭିନ୍ନ ରେକର୍ଡପତ୍ର ଯାଞ୍ଚ କରିବା ସହିତ କିଛି ରେକର୍ଡପତ୍ର ହେପାଜତକୁ ନେଇଥିବା ଅନୁମାନ କରାଯାଉଛି। ଏକସଙ୍ଗରେ ପଶ୍ଚିମବଙ୍ଗର ଖଡ଼ଗପୁର, ବାଲେଶ୍ୱର, ବାହାନଗା ଓ ଖୋର୍ଦ୍ଧା ରୋଡ୍ ଷ୍ଟେଶନରେ ବିଭିନ୍ନ ଦିଗ ଉପରେ ତଦନ୍ତ ଆରମ୍ଭ କରିଛନ୍ତି। ଘଟଣା ଦିନ ବାହାନଗା ରେଳ ଷ୍ଟେଶନରେ ଷ୍ଟେଶନ ମାଷ୍ଟର କିଏ ଥିଲେ, କେଉଁ ପରିସ୍ଥିତିରେ ସିଗନାଲ ଦିଆଯାଇଥିଲା, କ'ଣ ପାଇଁ ଲୁପ୍ ଲାଇନ୍‌ରେ ମାଲବୋଝେଇ ଟ୍ରେନ୍‌କୁ ଛିଡ଼ା କରାଯାଇଥିଲା, ଅଫ୍‌ଲାଇନ୍‌ରେ ଗ୍ରୀନ୍ ସିଗ୍‌ନାଲ ସତ୍ତ୍ୱେ ଟ୍ରାକ୍ ବଦଳାଯାଇଥିଲା କି ନାହିଁ ସେ ବାବଦରେ ଆସିଥିବା ତଦନ୍ତକାରୀ ଦଳ ଅନୁଧ୍ୟାନ କରୁଛନ୍ତି। ଏନେଇ ସିବିଆଇ ପକ୍ଷରୁ ଆଇପିସି ଓ ରେଲୱେ ଆଇନର ବିଭିନ୍ନ ଦଫାରେ ମାମଲା ରୁଜୁ କରାଯାଇଛି। ସିବିଆଇ ଏଫଆଇଆର ମୁତାବକ ଆଇପିସିର ଦଫା ଅନୁସାରେ ୩୩୭– ଜୀବନ ପ୍ରତି ବିପଦ ଆଣିବା, ୩୩୮– ଗଭୀର ଆଘାତ ଦେଇ ଜୀବନକୁ ବିପଦରେ ପକାଇବା, ୩୦୪ (ଏ)– ଅବହେଳାରୁ ମୃତ୍ୟୁ ଓ ୩୪– ମିଳିତ ଭାବେ ଅପରାଧ ଘଟାଇବା ଏବଂ ରେଳବାଇ ଆଇନରେ ଦଫା ଅନୁସାରେ ୧୫୩– ଉଦ୍ଦେଶ୍ୟମୂଳକ ଭାବେ ରେଳଯାତ୍ରୀଙ୍କ ଜୀବନକୁ ବିପଦରେ ପକାଇବା, ୧୫୪– ଅବହେଳାରୁ ରେଳଯାତ୍ରୀଙ୍କ ଜୀବନକୁ ବିପଦକୁ ଠେଲିଦେବା ଓ ୧୭୫– ଦାୟିତ୍ୱରେ ଥିବା ରେଳ କର୍ମଚାରୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିବା ଆଦି ଥିବା ଜଣାପଡ଼ିଛି। ତେବେ ଦଫା ୩୩୭ରେ ସର୍ବାଧିକ ୫ ବର୍ଷ ଏବଂ ଅନ୍ୟ ଦଫାଗୁଡ଼ିକରେ ୨ବର୍ଷ କାରାଦଣ୍ଡ ବ୍ୟବସ୍ଥା ରହିଛି।

ପ୍ରାଥମିକ ତଦନ୍ତରେ ବାହାନଗା ଷ୍ଟେଶନ ମାଷ୍ଟର କହିଛନ୍ତି ଯେ, ପ୍ଲାଟଫର୍ମ ୨ରେ ଗ୍ରୀନ୍ ସିଗ୍‌ନାଲ୍ ଦେଇଥିଲେ। ଲୁପ୍ ଲାଇନ୍‌ରେ କେମିତି ଟ୍ରେନ୍ ଗଲା ସେ ଜାଣିନାହାନ୍ତି। ତେଣୁ ଘଟଣା ଦିନ କରମଣ୍ଡଳ ଏକ୍ସପ୍ରେସକୁ ଗ୍ରୀନ ସିଗନାଲ କେମିତି ଦିଆଗଲା ତାକୁ ନେଇ ବିଭିନ୍ନ ପ୍ରଶ୍ନ ସାମ୍ନାକୁ ଆସୁଛି। ବାହାନଗା ରେଳ ଦୁର୍ଘଟଣା ପୂର୍ବରୁ ଷ୍ଟେଶନର ଇଣ୍ଟରଲକିଂ ସିଷ୍ଟମରେ କିଛି ତ୍ରୁଟି ହୋଇଥିଲା କି? ଦୁର୍ଘଟଣା ଘଟାଇବା ପାଇଁ ଜାଣିଶୁଣି ସିଷ୍ଟମ୍‌ର ପ୍ରୋଗ୍ରାମିଂରେ କୌଣସି କାରସାଦି କରାଯାଇଛି କି? ଯାନ୍ତ୍ରିକ ତ୍ରୁଟି ଯୋଗୁ ଟ୍ରାକ୍ ପରିବର୍ତ୍ତନ ଓ ସିଗ୍‌ନାଲ୍ ଦେବାରେ କିଛି ତ୍ରୁଟି ରହିଗଲା କି? ଏସବୁ ଦିଗ ଉପରେ ସିବିଆଇ ଗୁରୁତ୍ୱ ଦେଉଥିବା ଜଣାପଡିଛି। ଅନ୍ୟପକ୍ଷରେ ରେଳ ସୁରକ୍ଷା ଆୟୁକ୍ତ (ଆରଏସ୍‌ସି) ଦୁର୍ଘଟଣାସ୍ଥଳକୁ ଯାଇ ସ୍ଥିତି ପରଖିବା ସହ ଅଧିକାରୀ ଓ କର୍ମଚାରୀଙ୍କୁ ଘଟଣା ସମ୍ପର୍କରେ ପଚରାଉଚୁରା କରିଛନ୍ତି। ସେହିପରି କୋଲକାତା, ହାଇଦ୍ରାବାଦ ଓ ନୂଆଦିଲ୍ଲୀରୁ ଆସିଥିବା ଫରେନସିକ୍ ଟିମ୍ ବାହାନଗା ଷ୍ଟେଶନରେ ପହଞ୍ଚି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରମାଣ ସଂଗ୍ରହ କରିଛନ୍ତି। ଗତ ସୋମବାର ଅପରାହ୍ନରେ ରେଳ ସୁରକ୍ଷା ଆୟୁକ୍ତ ଶୈଳେନ୍ଦ୍ର କୁମାର ପାଠକ ବାହାନଗା ଷ୍ଟେଶନଠାରେ ପହଞ୍ଚି ଦୁର୍ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ସେ ଦୁର୍ଘଟଣାସ୍ଥଳରେ ପୁଙ୍ଖାନୁପୁଙ୍ଖ ଯାଞ୍ଚ କରିବା ସହିତ ରେଳ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ

## ସିବିଆଇ ତଦନ୍ତ ବିରୋଧରେ...

ଆମ୍ ଆଦ୍‌ମୀ ପାର୍ଟି, ସମାଜବାଦୀ ପାର୍ଟି, ରାଷ୍ଟ୍ରୀୟ ଜନତା ଦଳ, ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି, ସମତାକ୍ରାନ୍ତି ଦଳ, ସିପିଆଇଏମ୍‌ଏଲ୍(ରେଡ୍‌ଷ୍ଟାର) ଏବଂ ଆର୍‌ପିଆଇ। ଟ୍ରେନ୍ ଦୁର୍ଘଟଣାର ସିବିଆଇ ତଦନ୍ତ ନୁହେଁ, ବରଂ ସୁପ୍ରିମକୋର୍ଟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏସ୍‌ଆଇଟି ତଦନ୍ତ ପାଇଁ ଦାବି କରାଯାଇଛି। ଏନେଇ ଏହି ଦଳଗୁଡ଼ିକ ପକ୍ଷରୁ ବୁଧବାର ରାଜଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ସୂଚନା ଦିଆଯାଇଛି। ସୋମବାର ଆୟୋଜିତ ଏକ ବୈଠକରେ ଏହି ଦଳଗୁଡ଼ିକର ରାଜନେତାମାନେ ସାମିଲ ହୋଇ ଉପରୋକ୍ତ ନିଷ୍ପତ୍ତି ନେଇଛନ୍ତି। ସେମାନେ ଦାବି କରିଛନ୍ତି ଯେ, ଟ୍ରେନ୍ ଦୁର୍ଘଟଣାରେ ପ୍ରାଣ ହରାଇଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା, ଆହତଙ୍କୁ ଅତ୍ୟାଧୁନିକ ଚିକିତ୍ସା ସେବା, ରେଲ୍‌ୱେରେ ଜଣକୁ ଚାକିରି ଦିଆଯାଉ। ସେହିପରି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଇସ୍ତଫା ଦେବା ପରେ ହିଁ ତଦନ୍ତ ନିରପେକ୍ଷ ହୋଇପାରିବ ବୋଲି ମଧ୍ୟ ସେମାନେ କହିଛନ୍ତି। ଏହାସହ ଆସନ୍ତା ୧୨ ତାରିଖରେ ପୂର୍ବତଟ ରେଳପଥ ମୁଖ୍ୟାଳୟ ସମେତ ବାଲେଶ୍ୱର, ବ୍ରହ୍ମପୁର ଏବଂ ରାଉରକେଲାଠାରେ ଅନୁରୂପ ବିକ୍ଷୋଭ ପ୍ରଦର୍ଶନ କରାଯାଇ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯିବ ବୋଲି ସେମାନେ କହିଛନ୍ତି।

## ରେପୋ ରେଟ୍ ଅପରିବର୍ତ୍ତିତ...

କାର୍ଯ୍ୟାଳୟ (ଏନ୍‌ଏସ୍‌ଓ)ର ସଦ୍ୟ ଆକଳନ ଭିତ୍ତିରେ ଅନୁମାନ କରାଯାଇଥିଲା। ଉପଭୋକ୍ତା ମୂଲ୍ୟ ସୂଚକାଙ୍କ (ସିପିଆଇ)ଭିତ୍ତିକ ଖୁଚୁରା ମୁଦ୍ରାସ୍ଫୀତି ହାର ଗତ ଏପ୍ରିଲରେ ୪.୭% ରହିଥିଲା, ଯାହାକି ଆର୍‌ବିଆଇର ସର୍ବୋଚ୍ଚ ସହିଷ୍ଣୁ ସୀମା ୬ ପ୍ରତିଶତଠାରୁ କମ୍। ମାର୍ଚ୍ଚରେ ସିପିଆଇ ମୁଦ୍ରାସ୍ଫୀତି ୫.୬୬% ରହିଥିଲା। ୨୦୨୪ ଆର୍ଥିକବର୍ଷର ଦ୍ୱିତୀୟ ଦ୍ୱିମାସିକ ଏମ୍‌ପିସିରେ ଏସବୁକୁ ଦୃଷ୍ଟିରେ ରଖି ମୁଦ୍ରାନୀତି ସ୍ଥିର କରାଯାଇପାରେ। ଏମ୍‌ପିସି ବୈଠକରେ ଆର୍‌ବିଆଇ ଗର୍ଭନର ଶକ୍ତିକାନ୍ତ ଦାସ ଅଧ୍ୟକ୍ଷତା କରୁଥିବାବେଳେ ନୂଆଦିଲ୍ଲୀସ୍ଥିତ ନ୍ୟାଶନାଲ କାଉନ୍‌ସିଲ ଅଫ୍ ଆପ୍ଲାଏଡ୍ ଇକୋନୋମିକ୍ ରିସର୍ଚ୍ଚ ଅବୈତନିକ ବରିଷ୍ଠ ପରାମର୍ଶଦାତା ଶଶାଙ୍କ ଭିଡେ ଏଥିରେ ସଦସ୍ୟ ରହିଛନ୍ତି। ଅନ୍ୟ ସଦସ୍ୟମାନେ ହେଲେ ମୁମ୍ବାଇସ୍ଥିତ ଇନ୍ଦିରା ଗାନ୍ଧୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେଭେଲପ୍‌ମେଣ୍ଟ ରିସର୍ଚ୍ଚର ଏମିରେଟସ୍ ପ୍ରଫେସର ଅସୀମା ଗୋୟଲ, ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜ୍‌ମେଣ୍ଟ, ଅହମ୍ମଦାବାଦର ପ୍ରଫେସର ଜୟନ୍ତ ଆର୍. ବର୍ମା, ଆର୍‌ବିଆଇ ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ରାଜୀବ ରଞ୍ଜନ ଏବଂ ଆର୍‌ବିଆଇ ଡେପୁଟି ଗଭର୍ନର ମାଇକେଲ୍ ଦେବବ୍ରତ ପାତ୍ର। ଶକ୍ତିକାନ୍ତଙ୍କ ନେତୃତ୍ୱାଧୀନ ୬ ସଦସ୍ୟ ବିଶିଷ୍ଟ ଏହି ପ୍ୟାନେଲ ରେପୋ ରେଟ୍‌କୁ ୬.୫%ରେ ସୀମିତ ରଖିପାରେ। ଗତ ଏପ୍ରିଲରେ ଅନୁଷ୍ଠିତ ଏମ୍‌ପିସି ବୈଠକରେ ଆର୍‌ବିଆଇ ରେପୋ ରେଟ୍ ବୃଦ୍ଧି ନ କରିବାକୁ ନିଷ୍ପତ୍ତି ନେଇ ବିସ୍ମିତ କରିଦେଇଥିଲା। ୨୦୨୨ ମେ' ପରଠୁ ରେପୋ ରେଟ୍ ୨୫୦ ବେସିସ୍ ପଏଣ୍ଟ (ବିପିଏସ୍) ବଢ଼ିସାରିଛି। ଅର୍ଥନୀତିଜ୍ଞଙ୍କ ମତରେ ଆର୍‌ବିଆଇ ଏଥର ରେପୋ ରେଟ୍ ଅପରିବର୍ତ୍ତିତ ରଖିବା ସହ ୨୦୨୩–୨୪ ଆର୍ଥିକ ବର୍ଷ ପାଇଁ ମୁଦ୍ରାସ୍ଫୀତି ଅନୁମାନ ହ୍ରାସ କରିପାରେ। ସେହିପରି ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ହାର ଅଧିକ ରହିବା ନେଇ ମଧ୍ୟ ଆକଳନ କରାଯାଉଛି ବୋଲି ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ) ମୁଖ୍ୟ ଅର୍ଥିକ ପରାମର୍ଶଦାତା ସୌମ୍ୟକାନ୍ତି ଘୋଷ ସୂଚନା ଦେଇଛନ୍ତି। ବ୍ୟାଙ୍କ ଅଫ୍ ବରୋଦା ମୁଖ୍ୟ ଆର୍ଥିକ ପରାମର୍ଶଦାତା ମଦନ ସବନବିସ୍ କହିଛନ୍ତି, ଆର୍‌ବିଆଇ ସୁଧହାରରେ କୌଣସି ପରିବର୍ତ୍ତନ ଆଣି ନ ପାରେ। ଏପରି ହେଲେ ରେପୋ ରେଟ୍ ୬.୫%ରେ ସୀମିତ ରହିବ। ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ମଧ୍ୟ ଅନୁରୂପ ମତ ଦେଇ କହିଛନ୍ତି, କେନ୍ଦ୍ରୀୟ ବ୍ୟାଙ୍କ ଏଥର 'ୱେଟ୍ ଆଣ୍ଡ୍ ୱାଚ୍' ଆଭିମୁଖ୍ୟକୁ ବଜାୟ ରଖିପାରେ। ଦିଲ୍ଲୀରେ ଚାଲିଥିବା ଏମ୍‌ପିସି ବୈଠକରେ ସୁଧହାର ବୃଦ୍ଧି କରାଯାଇ ନ ପାରେ ବୋଲି ଶେୟାର ଇଣ୍ଡିଆ ଉପାଧ୍ୟକ୍ଷ ତଥା ଗବେଷଣା ମୁଖ୍ୟ ଡ. ରବି ସିଂ ମଧ୍ୟ ପୂର୍ବାନୁମାନ କରିଛନ୍ତି।

## ବ୍ରିଜ୍‌ଭୂଷଣଙ୍କ ଘରେ...

ଗୋଣ୍ଡା ଯାଇ ବ୍ରିଜ୍‌ଭୂଷଣଙ୍କ ସହଯୋଗୀ ଓ ଡ୍ରାଇଭରଙ୍କ ସମେତ କେତେଜଣଙ୍କ ବୟାନ ରେକର୍ଡ କରିଛି। ସେମାନଙ୍କ ପରିଚୟପତ୍ର, ଠିକଣା ଆଦି ଯାଞ୍ଚ କରାଯାଇଛି। ଏହା ଏକ ଅତ୍ୟନ୍ତ ସମ୍ବେଦନଶୀଳ ମାମଲା ହୋଇଥିବାରୁ କୌଣସି ତଥ୍ୟ ପ୍ରଘଟ କରିବାକୁ ପୋଲିସ ମନା କରିଦେଇଛି। ଇତିମଧ୍ୟରେ ଓଲିମ୍ପିଆନ୍ ରେସ୍‌ଲର ବଜରଙ୍ଗ ପୁନିଆ କହିଛନ୍ତି, ଶନିବାର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ସହ ହୋଇଥିବା ବୈଠକ ସମ୍ପର୍କରେ ମୁହଁ ଖୋଲିବାକୁ ସରକାରଙ୍କ ପକ୍ଷରୁ ମନା କରାଯାଇଛି। ଶାହାଙ୍କ ସହ ଆମର କୌଣସି ସେଟିଂ ବା ଡିଲ୍ ହୋଇନାହିଁ। କେବଳ ତଦନ୍ତ ଚାଲିଛି ବୋଲି ଶାହା ସେମାନଙ୍କୁ କହିଥିଲେ। ତେଣୁ ବିକ୍ଷୋଭ ଆନ୍ଦୋଳନ ସରିନାହିଁ। ଏହାକୁ କିପରି ଆଗକୁ ବଢ଼ାଯିବ ତା' ଉପରେ ଆମେ ରଣନୀତି ସ୍ଥିର କରୁଛୁ। ସୂତ୍ରରୁ ଜଣାପଡ଼ିଛି ଯେ, ଘଣ୍ଟାଏରୁ ଅଧିକ ସମୟ ଧରି ଚାଲିଥିବା ଉକ୍ତ ବୈଠକରେ ବଜରଙ୍ଗ, ସାକ୍ଷୀ ମଲିକ, ସଙ୍ଗୀତା ଫୋଗଟ୍ ଓ ସତ୍ୟୱାର୍ଟ କାଡିଆନ୍ ଉପସ୍ଥିତ ଥିଲେ। ବ୍ରିଜ୍‌ଭୂଷଣଙ୍କ ବିରୋଧରେ ନିରପେକ୍ଷ ତଦନ୍ତ କରି ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେବାକୁ କୁସ୍ତିଯୋଦ୍ଧାମାନେ ଶାହାଙ୍କ ନିକଟରେ ଦାବି କରିଥିଲେ। ଶାହା କହିଥିଲେ, ଆଇନ ସମସ୍ତଙ୍କ ପାଇଁ ସମାନ। ଏହାକୁ ତା' ବାଟରେ ଯିବାକୁ ଦିଆଯାଉ। ପ୍ରକାଶ ଯେ, ସୋମବାର ବଜରଙ୍ଗ ଓ ସାକ୍ଷୀଙ୍କ ସମେତ କେତେଜଣ କୁସ୍ତିଯୋଦ୍ଧା ନିଜ ରେଲୱେ ଚାକିରିରେ ପୁନଃ ଯୋଗଦାନ କରିଥିଲେ। ତେଣୁ ସେମାନେ ଶାହାଙ୍କ ସହ ସାଲିସ କରିଥିବା ନେଇ ଚର୍ଚ୍ଚା ହୋଇଥିଲା, ଯାହାକୁ କୁସ୍ତିଯୋଦ୍ଧା ଦୃଢ଼ ଭାବେ ଖଣ୍ଡନ କରିଛନ୍ତି।

# ‘ଗଣତନ୍ତ୍ରର ରକ୍ଷାକବଚ ଗଣମାଧ୍ୟମ’






ବକ୍ତୃତା ପ୍ରତିଯୋଗିତାର ବିଚାରକ ଓ ଅତିଥିଙ୍କ ସହ କୃତୀ ୪ ଛାତ୍ରୀଛାତ୍ର (ଉପର), ପ୍ରତିଯୋଗିତାରେ ଉପସ୍ଥିତ ଥିବା ଛାତ୍ରୀଛାତ୍ରମାନେ ।

## ଧରିତ୍ରୀର ସୁବର୍ଣ୍ଣ ଜୟନ୍ତୀ ଅବସରରେ ବରୁଣେଶ୍ୱର କଲେଜରେ ବକ୍ତୃତା ପ୍ରତିଯୋଗିତା

ଯାଜପୁର ଅଫିସ, ୬।୬

ଗଣମାଧ୍ୟମ ହେଉଛି ଏକ ଜାଗ୍ରତ ପ୍ରହରୀ । ସମ୍ପ୍ରତି ଗଣତନ୍ତ୍ର ପାଇଁ ଗଣମାଧ୍ୟମ ରକ୍ଷାକବଚ ସାଜିଛି। ସୁଦୃଢ଼ ଗଣତାନ୍ତ୍ରିକ ରାଷ୍ଟ୍ର ଗଠନରେ ଯୁବପିଢ଼ିଙ୍କୁ ଗଣମାଧ୍ୟମ ସଚେତନ କରି ଆସୁଛି ବୋଲି ମଙ୍ଗଳବାର ଧରିତ୍ରୀର ୫୦ ବର୍ଷ ପୂର୍ତ୍ତି ପାଳନ ଅବସରରେ ଯାଜପୁର ଜିଲା ବରୁଣେଶ୍ୱର ମହାବିଦ୍ୟାଳୟଠାରେ ଆୟୋଜିତ ଆନ୍ତଃ କଲେଜ ବକ୍ତୃତା ପ୍ରତିଯୋଗିତାରେ ଯୋଗଦେଇଥିବା ବକ୍ତା ଓ ପ୍ରତିଯୋଗୀମାନେ ଏଭଳି ମତବ୍ୟକ୍ତ କରିଛନ୍ତି।

ଧରିତ୍ରୀର ଯାଜପୁର ଜିଲା ପ୍ରତିନିଧି ହର୍ଷବର୍ଦ୍ଧନ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ବିଭିନ୍ନ କଲେଜରୁ ୧୬୦ ଛାତ୍ରୀଛାତ୍ର ଯୋଗଦେଇଥିଲେ। ‘ଗଣମାଧ୍ୟମ, ଗଣତନ୍ତ୍ର, ଯୁବପିଢ଼ି’ ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ ବରୁଣେଶ୍ୱର ମହାବିଦ୍ୟାଳୟର ଛାତ୍ରୀ ଶାନ୍ତା କୁମାରୀ ନନ୍ଦ ପ୍ରଥମ, ଏନ୍ସି କଲେଜର ଛାତ୍ରୀ କବିତା ରଣା ଓ ବରୁଣେଶ୍ୱର କଲେଜର ଛାତ୍ରୀ ସୌଭାଗ୍ୟଲକ୍ଷ୍ମୀ କର ଯୁଗ୍ମ ଭାବେ ଦ୍ୱିତୀୟ ଏବଂ ଏନ୍ସି କଲେଜର ଛାତ୍ର ଦେବରାଜ ନାୟକ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଶ୍ରୀହରି ଧଳ ଓ ବିରଜା ମହିଳା କଲେଜର ପ୍ରାଧ୍ୟାପକ ଅଖିଳମୋହନ ପାଢ଼ୀ ବିଚାରକ ଦାୟିତ୍ୱ ତୁଲାଇଥିଲେ। ବରୁଣେଶ୍ୱର ମହାବିଦ୍ୟାଳୟର ଅଧ୍ୟକ୍ଷ ବଟକୃଷ୍ଣ ମହାପାତ୍ର ସଭାପତିତ୍ୱ କରି ଭାରତୀୟ ଗଣତନ୍ତ୍ରର ସ୍ୱରୂପ ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଦୈନିକ ଧରିତ୍ରୀର ସାମାଜିକ ପ୍ରତିବଦ୍ଧତା ସମ୍ପର୍କରେ ଆଲୋକପାତ କରି ଅଧ୍ୟକ୍ଷ ମହାପାତ୍ର ଆହୁରି କହିଲେ, ଏହି ଖବରକାଗଜ ଓଡ଼ିଶାର ଆଗଧାଡ଼ିରେ ରହିଛି। ନିରପେକ୍ଷତା ଦିଗରେ ଧରିତ୍ରୀ ପ୍ରଶଂସନୀୟ। ସ୍ତମ୍ଭକାର ହରେକୃଷ୍ଣ ପଣ୍ଡା ଅତିଥି ଭାବେ ଯୋଗଦେଇ ଆମ ଦେଶର ଗଣତନ୍ତ୍ର ସର୍ବୋତ୍କୃଷ୍ଟ ଓ ଏହାର ହୃତ୍‌ପିଣ୍ଡ ହେଉଛି ସମ୍ବିଧାନ। ସମ୍ବିଧାନର ସୁପରିଚାଳନା ପାଇଁ ଯେଉଁ ତିନୋଟି ସ୍ତମ୍ଭ ରହିଛି ତାହା ଠିକ୍ ଭାବେ କାର୍ଯ୍ୟକରୁଛି କି ନାହିଁ ଗଣମାଧ୍ୟମ ଜାଗ୍ରତ ପ୍ରହରୀ ଭାବେ ତାହାକୁ ଜଗି ରହିଥାଏ। ସମ୍ବିଧାନକୁ ମାନି ଚଳିବା ଆମ ସମସ୍ତଙ୍କ ପରମ କର୍ତ୍ତବ୍ୟ ବୋଲି ସେ କହିଥିଲେ। କଲେଜର ଗ୍ରନ୍ଥାଗାରିକ ରବୀନ୍ଦ୍ର କୁମାର ପରିଡ଼ା ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହିତ ସାହିତ୍ୟ ସଂସ୍କୃତି କ୍ଷେତ୍ରରେ ଏହି କଲେଜ ଏବେ ଜିଲାର ଅଗ୍ରଭାଗରେ ରହିପାରିଛି ବୋଲି କହିଥିଲେ। ଧରିତ୍ରୀର ଜିଲା ପ୍ରତିନିଧି ବେହେରା ଧରିତ୍ରୀର ସୁବର୍ଣ୍ଣ ଜୟନ୍ତୀ ପାଳନ କରିବାକୁ ଯାଉଥିବା ସମ୍ପର୍କରେ ସୂଚନା ଦେଇଥିଲେ। ଏହାସହ ଧରିତ୍ରୀ ଜିଲାରେ ଥିବା ବିଭିନ୍ନ ସମସ୍ୟା, ପ୍ରାକୃତିକ ସମ୍ପଦର ସୁରକ୍ଷା, ପ୍ରଶାସନିକ ଅବ୍ୟବସ୍ଥା ସମ୍ପର୍କରେ ଅବିଳମ୍ବେ ଖବର ପରିବେଷଣ କରି ପ୍ରଶାସନିକ ଦୃଷ୍ଟି ଆକର୍ଷଣ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିଛି ବୋଲି ବର୍ଣ୍ଣନା କରିଥିଲେ। ସମସ୍ୟାଗୁଡ଼ିକର ସମାଧାନ ଦିଗରେ ସରକାର କିପରି ତତ୍ପରତା ପ୍ରକାଶ କରିଛନ୍ତି ତା’ର ନମୁନା ଦର୍ଶାଇଥିଲେ।

ଏହି କାର୍ଯ୍ୟକ୍ରମରେ ଶିକ୍ଷକ ନେତା ପୀତାମ୍ବର ସ୍ୱାଇଁ, ଶିକ୍ଷକ ରବୀନ୍ଦ୍ର ଦାଶ, ଖବରଦାତା ସମରଜିତ ମହାନ୍ତି, ଧରିତ୍ରୀର ପ୍ରୀତିପୁର ପ୍ରତିନିଧି ସୁଶାନ୍ତ ବେଉରିଆଙ୍କ ସମେତ କଲେଜର ରଶ୍ମିରଞ୍ଜନ ଦାସ, ନଳିନୀକାନ୍ତ ଜେନା, ମିହିରବିକାଶ ମହାନ୍ତି, ଜାହାଙ୍ଗୀର ଖାନ, ନୃସିଂହଚରଣ ଧଳ, ଦେବାଶିଷ ମିଶ୍ର, କୃଷ୍ଣଚନ୍ଦ୍ର ଜେନା, ଚିନ୍ମୟ ବେହେରା, ଉମେଶ କୁମାର ସାମଲ ପ୍ରମୁଖ ସହଯୋଗ କରିଥିଲେ।

# ପଥର ଖଣିରେ ପଡ଼ି ଶ୍ରମିକ ମୃତ

**ଖଇରା, ୬।୬(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ତହସିଲ ଅଧୀନ ଶାରୀଶୁଆ ପାହାଡ ଗାଭର ନିକଟସ୍ଥ ଏକ ପଥର ଖଣିରେ ଚାପି ହୋଇ ଜଣେ ମହିଳା ଶ୍ରମିକ ମୃତ୍ୟୁ ହୋଇଛି। ସେ ହେଲେ କୁଟୀରପାଳ ଗ୍ରାମର ଗୟାଧରଙ୍କ ସ୍ତ୍ରୀ ସବିତା ବେହେରା (୫୦)। ମଙ୍ଗଳବାର ଖଣିରେ କାମ କରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

See Career Appointment on every Wednesday & Saturday

LADY PEON
ଆବଶ୍ୟକ
ଖାଇବା, ରହିବା ସହିତ
ଦରମା 7500/-.
ଯୋଗାଯୋଗ:
7809525452

WANTED
NIIS GROUP OF INSTITUTIONS
Estd - 2000
NIIS INSTITUTE OF ENGINEERING & TECHNOLOGY
(Approved by AICTE, Govt. of India & Affiliated to BPUT,Govt. of Odisha)
NIIS INSTITUTE OF BUSINESS ADMINISTRATION
(Approved by AICTE, Govt. of India & Affiliated to BPUT,Govt. of Odisha)
NIIS INSTITUTE OF INFORMATION SCIENCE & MANAGEMENT
(Recognised by Govt. of Odisha & Affiliated to Utkal University)
NIIS HIGHER SECONDARY SCHOOL
(Recognised by Govt. of Odisha & Affiliated to CHSE, Odisha)
Invites Applications for
LECTURERS, ASSISTANT PROFESSORS & ASSOSIATE PROFESSORS in
CIVIL, ELECTRICAL, MECHANICAL, EEE, ECE,
CSE , MBA, MCA, MATHEMATICS, STATISTICS
M.Sc. (PHYSICS,CHEMISTRY, COMP.SC., BIOTECH)
Eligibility: B.Tech, M.Tech., MCA, MBA, M.Sc. (with M.Phil, Ph.D.)
Relevant Experience in the respective field is essential for the post of Associate Profesors & Assistant Professors
MARKETING & CONSULTING : Graduates / Postgraduates with relevant experience
ADMINISTRATIVE STAFF : Graduates / Postgraduates with 3-5 years working experience in Engineering & Management Colleges
Salary will be best in the industry as per the ability and experience
Interested candidates are advised to send their latest CV by email to hr@niisgroup.org within 2 weeks of publication of the advertisement. Only shortlisted candidates will be called for interview.
SARADA VIHAR, MADANPUR, BHUBANESWAR - 752054
Visit us: www.niisgroup.org

इंस्टीट्यूट ऑफ बैंकिंग पर्सोनेल सिलेक्शन
(भारतीय रिज़र्व बैंक, केंद्रीय वित्तीय संस्थाओं व सार्वजनिक क्षेत्र के बैंकों द्वारा स्थापित एक स्वायत्त संस्था)
INSTITUTE OF BANKING PERSONNEL SELECTION
(An autonomous body set up by Reserve Bank of India, Central Financial Institutions and Public Sector Banks)
IBPS प्रज्ञाविधावनम्
असेसमेंट में, हम पर भरोसा रखता है भारत — In assessment, India trusts us
वेबसाइट देखने हेतु स्कैन करें Scan to Visit Website
ପ୍ରାଧିକୃତ ୱେବ୍‌ସାଇଟ୍: www.ibps.in
କୌଣସି ପ୍ରଶ୍ନ / ଅଭିଯୋଗ ପାଇଁ ଦୟାକରି http://cgrs.ibps.in ରେ ଲଗ୍ ଇନ୍ କରନ୍ତୁ

ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ (ଆର୍‌ଆର୍‌ବି)ଗୁଡ଼ିକରେ ଅଫିସର୍ସ (ସ୍କେଲ୍- I, II ଓ III) ଏବଂ ଅଫିସ୍ ଆସିଷ୍ଟାଣ୍ଟସ୍ (ମଲ୍ଟିପର୍ପୋଜ୍)ଙ୍କ ନିଯୁକ୍ତି ନିମନ୍ତେ ସାଧାରଣ ନିଯୁକ୍ତି ପ୍ରକ୍ରିୟା - ସିଆର୍‌ପି ଆର୍‌ଆର୍‌ବି - XII

ଆର୍‌ଆର୍‌ବିଗୁଡ଼ିକରେ ଗ୍ରୁପ୍ “ଏ” - ଅଫିସର୍ସ (ସ୍କେଲ୍-I, II ଓ III) ଏବଂ ଗ୍ରୁପ୍ “ବି” - ଅଫିସ୍ ଆସିଷ୍ଟାଣ୍ଟ (ମଲ୍ଟିପର୍ପୋଜ୍)ଙ୍କ ନିଯୁକ୍ତି ପାଇଁ ପରବର୍ତ୍ତୀ ସାଧାରଣ ନିଯୁକ୍ତି ପ୍ରକ୍ରିୟା (ସିଆର୍‌ପି ଆର୍‌ଆର୍‌ବିଏସ୍ XII) ଲାଗି ଅନ୍‌ଲାଇନ୍ ପରୀକ୍ଷା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବ୍ୟାଙ୍କିଙ୍ଗ୍ ପର୍ସୋନେଲ୍ ସିଲେକ୍ସନ୍ (ଆଇବିପିଏସ୍) ଦ୍ୱାରା ସମ୍ଭବତଃ ଅଗଷ୍ଟ ଏବଂ ସେପ୍ଟେମ୍ବର ୨୦୨୩ରେ ସଞ୍ଚାଳନ କରାଯିବ ।
ସମାନ ପ୍ରକ୍ରିୟା ଅଧୀନରେ ଗ୍ରୁପ୍ “ଏ” ଅଫିସର୍ସ (ସ୍କେଲ୍- I, II ଓ III)ଙ୍କ ନିଯୁକ୍ତି ଲାଗି ସାକ୍ଷାତ୍‌କାର ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ପରାମର୍ଶକ୍ରମେ ନାବାର୍ଡ ଏବଂ ଆଇବିପିଏସ୍ ସହାୟତାରେ ନୋଡାଲ ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କଗୁଡ଼ିକ ଦ୍ୱାରା ସମ୍ଭବତଃ ନଭେମ୍ବର ୨୦୨୩ରେ ସଂଯୋଜିତ ହେବ।
ସିଆର୍‌ପି ଆର୍‌ଆର୍‌ବି - XII ନିମନ୍ତେ ଆବେଦନ କରିବା ଲାଗି ଇଚ୍ଛୁକ ପ୍ରାର୍ଥୀମାନେ ଏହା ସୁନିଶ୍ଚିତ କରିନେବା ଆବଶ୍ୟକ ଯେ ସେମାନେ ନିର୍ଦ୍ଧାରିତ ତାରିଖରେ ଆଇବିପିଏସ୍ ଦ୍ୱାରା ଜାରି ବିସ୍ତୃତ ଅଧିସୂଚନାରେ ନିର୍ଦ୍ଧାରିତ ହୋଇଥିବା ଅନୁଯାୟୀ ସର୍ବନିମ୍ନ ଯୋଗ୍ୟତା ପୂରଣ କରୁଥିବେ।

| କାର୍ଯ୍ୟକ୍ରମ | ସମ୍ଭାବ୍ୟ ତାରିଖ |
|---|---|
| ଦରଖାସ୍ତ ସମ୍ପାଦନ/ସଂଶୋଧନ ସମେତ ଅନ୍‌ଲାଇନ୍ ପଞ୍ଜୀକରଣ ଏବଂ ଦରଖାସ୍ତ ଦେୟ/ଇଣ୍ଟିମେଶନ ଦେୟ ପୈଠ | ୦୧।୦୬।୨୦୨୩ରୁ ୨୧।୦୬।୨୦୨୩ |
| ପ୍ରାକ୍-ପରୀକ୍ଷା ତାଲିମ (ପିଇଟି)* ସଞ୍ଚାଳନ | ୧୭।୦୭।୨୦୨୩ରୁ ୨୨।୦୭।୨୦୨୩ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରି | ଅଗଷ୍ଟ, ୨୦୨୩ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରିର ଫଳାଫଳ | ଅଗଷ୍ଟ / ସେପ୍ଟେମ୍ବର, ୨୦୨୩ |
| ଅନ୍‌ଲାଇନ୍ ପରୀକ୍ଷା – ମେନ୍/ସିଙ୍ଗଲ୍ | ସେପ୍ଟେମ୍ବର, ୨୦୨୩ |

*ପିଇଟି ଆୟୋଜନ ସମ୍ଭବ ଓ ସୁରକ୍ଷିତ ହୋଇଥିଲେ
ବିବରଣୀ ତଥା ଅପ୍‌ଡେଟ୍ ପାଇଁ ନିୟମିତ ଭାବେ ଆଇବିପିଏସ୍ ୱେବ୍‌ସାଇଟ୍ www.ibps.in ଦେଖିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।
ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିବା ପୂର୍ବରୁ ସବିଶେଷ ଅଧିସୂଚନା ପଢ଼ିବା ତଥା ସେଥିରେ ପ୍ରଦତ୍ତ ନିର୍ଦ୍ଦେଶାବଳୀର ଅନୁପାଳନ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି ।
ମୁମ୍ବାଇ
ତାରିଖ: ୦୧।୦୬।୨୦୨୩ ନିର୍ଦ୍ଦେଶକ

# ହାତୀ ଆକ୍ରମଣରେ ୩ ମୃତ

ବେଗୁନିଆ/ବଡ଼ସାହି(ଡି.ଏନ୍.ଏ./ସ୍ୱ.ପ୍ର.)/ଅନୁଗୋଳ ଅଫିସ ୬।୬

ହାତୀ ଭଳି ବିଶାଳକାୟ ପ୍ରାଣୀକୁ ଜଙ୍ଗଲରେ ମିଳୁନାହିଁ ପର୍ଯ୍ୟାପ୍ତ ଖାଇବା। ଏହା ସେମାନଙ୍କୁ ଅଧିକ ହିଂସ୍ର କରୁଛି। ଖାଦ୍ୟ ଅନ୍ୱେଷଣରେ ସେମାନେ ଜନବସତିମୁହାଁ ହେଉଛନ୍ତି। ଫଳରେ ହାତୀ-ମଣିଷ ସଂଘର୍ଷ ଭୟଙ୍କର ରୂପ ଧାରଣ କରିଛି। ମଙ୍ଗଳବାର ରାଜ୍ୟର ପୃଥକ୍ ସ୍ଥାନରେ ହାତୀ ଆକ୍ରମଣରେ ଜଣେ ଦିବ୍ୟାଙ୍ଗ ମହିଳାଙ୍କ ସମେତ ୩ ଜଣଙ୍କ ଜୀବନ ଯାଇଛି। ଏଥିରେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅନ୍ତର୍ଗତ ଦଲକ ଗ୍ରାମର ଦେବରାଜ ହରିଚନ୍ଦନ (୬୩) ଭୋର୍ ସାଢ଼େ ୫ଟାରେ ଶୌଚ ହେବାକୁ ଯାଇଥିବାବେଳେ ହାତୀ ଆକ୍ରମଣର ଶିକାର ହୋଇଥିଲେ। ଗ୍ରାମବାସୀ, ପରିବାର ସଦସ୍ୟ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା। ଏହାକୁ ନେଇ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ସୂଚନା ପାଇ ଟାଙ୍ଗୀ ଓ ଖୋର୍ଦ୍ଧାରୁ ବନ କର୍ମଚାରୀ ପହଞ୍ଚି ଥିବାବେଳେ ସ୍ଥାନୀୟ ଲୋକେ ସେମାନଙ୍କୁ ଘେରିଯାଇଥିଲେ। ହାତୀ ଘଉଡ଼ାଇବା ପାଇଁ ବନ ବିଭାଗ ସହଯୋଗ କରୁ ନ ଥିବା ଅଭିଯୋଗ ଆଣିଥିଲେ। ଖୋର୍ଦ୍ଧା ରେଞ୍ଜର ଜୟକୃଷ୍ଣ ପଣ୍ଡା ପହଞ୍ଚିଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ଉତ୍ତେଜନା ଥମିଥିଲା। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୩/୨୩) ରୁଜୁ ହୋଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ତହସିଲଦାର ପ୍ରଧାନ ଟୁଲ୍ଲୀ ଆମ୍ମା ମୃତକଙ୍କ ପରିବାରଙ୍କୁ ରେଡ୍‌କ୍ରସ୍ ପାଣ୍ଠିରୁ ୧୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିଥିଲେ। ଏ ସମ୍ପର୍କରେ ଖୋର୍ଦ୍ଧା ରେଞ୍ଜର ପଣ୍ଡା କହିଛନ୍ତି, ପ୍ରତିଦିନ ସନ୍ଧ୍ୟାରେ ବନ ବିଭାଗର ଏକ ଟିମ୍ ପାଟ୍ରୋଲିଂ କରୁଛି। ହାତୀ ଉପଦ୍ରୁତ ଅଞ୍ଚଳବାସୀଙ୍କୁ ସନ୍ଧ୍ୟା ପରେ ଘରୁ ନ ବାହାରିବାକୁ ସତର୍କ କରାଯାଇଛି। ତଦନ୍ତ ପରେ ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦିଆଯିବ। ଅନୁରୂପ ଭାବେ ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଗଜଡି ସଂରକ୍ଷିତ ଜଙ୍ଗଲର ଡାହି ଅଞ୍ଚଳରେ ଏକ ହିଂସ୍ର ଦନ୍ତା ଆକ୍ରମଣରେ ଭରତଚନ୍ଦ୍ରପୁର ଗ୍ରାମର ସ୍ୱର୍ଗତ ରାମଜିତ୍ ଟୁଡୁଙ୍କ ଦିବ୍ୟାଙ୍ଗ ସ୍ତ୍ରୀ ସୀତା (୫୬)ଙ୍କ ମୃତ୍ୟୁ ଘଟିଛି। ମହୁଲ ଫଳ ଗୋଟାଇବା ପାଇଁ ଯାଇଥିବାବେଳେ ତାଙ୍କୁ ଉକ୍ତ ଦନ୍ତା ଦଳିଦେଇଥିଲା। ହାତୀକୁ ଦେଖି ଅନ୍ୟ ମହିଳାମାନେ ଦୌଡ଼ି ପଳାଇ ଆସିଥିଲେ। ବନପାଳ ସୁଶୀଲ ମହାନ୍ତ ମୃତଦେହ ଜବତ କର ବଡ଼ସାହି ପୋଲିସ ସହାୟତାରେ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ସରକାରୀ ନିୟମ ଅନୁସାରେ ମୃତ ମହିଳାଙ୍କ ପରିବାରକୁ ସହାୟତା ମିଳିବ ବୋଲି ବନପାଳ କହିଛନ୍ତି। ସେହିପରି ଅନୁଗୋଳ ବନଖଣ୍ଡ ବନ୍ତଲା ବନାଞ୍ଚଳରେ ହାତୀ ଆକ୍ରମଣରେ ହମାମିରା ଅଞ୍ଚଳର ଚମ୍ପା ସାହୁ (୭୦)ଙ୍କ ମୃତ୍ୟୁ ଘଟିଛି। ଗ୍ରାମର ନେହେରୁ ସାହୁ (୬୦) ଗୁରୁତର ହୋଇଛନ୍ତି। ଦୁହେଁ ଆମ୍ବ ତୋଳିବାକୁ ନିକଟ ଆମ୍ବୁରିକୁ ଯାଇଥିବାବେଳେ ହାତୀ ଆକ୍ରମଣର ଶିକାର ହୋଇଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି।

## ଆଜି ତାଳଚେରରେ ୧୨ ଘଣ୍ଟିଆ ବନ୍ଦ

ତାଳଚେର,୬।୬(ନି.ପ୍ର.)

ତାଳଚେରକୁ ସ୍ୱତନ୍ତ୍ର ଜିଲା ଘୋଷଣା କରିବା ଦାବିରେ ଦୀର୍ଘଦିନ ହେଲା ଧାରଣାରେ ବସିଥିବା ତାଳଚେର କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବୁଧବାର ସହରରେ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯିବ। ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ଭାବେ ହେବାକୁ ଥିବା ଏହି ବନ୍ଦ ପାଳନରେ ତାଳଚେରବାସୀ ସାମିଲ ହୋଇ ସଫଳ କରିବାକୁ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଅନୁରୋଧ କରାଯାଇଛି। କମିଟି ପକ୍ଷରୁ କୁହାଯାଇଛି, ତାଳଚେରରୁ ରାଜ୍ୟ ଓ କେନ୍ଦ୍ର ସରକାର ବହୁ ହଜାର କୋଟି ଟଙ୍କାର ରାଜସ୍ୱ ପାଉଛନ୍ତି। ୧୯୯୩ରେ ନୂତନ ଜିଲା ଗଠନ ବେଳେ ତାଳଚେରବାସୀ ଜିଲା ପାଇଁ ଆନ୍ଦୋଳନ କରିଥିଲେ। ରାଜ୍ୟରେ ନୂତନ ଜିଲା ଗଠନ ହେଲେ ପ୍ରାଥମିକତା ଭିତ୍ତିରେ ତାଳଚେରକୁ ୩୧ ନମ୍ବର ଜିଲା କରାଯିବ ବୋଲି ତତ୍କାଳୀନ ସରକାର କହିଥିଲେ। ହେଲେ ବର୍ତ୍ତମାନ ରାଜ୍ୟ ସରକାର ଏ ନେଇ ପଦକ୍ଷେପ ନେଉ ନ ଥିବା କମିଟି ପକ୍ଷରୁ ଅଭିଯୋଗ କରାଯାଇଛି।

## ଚିକିତ୍ସାଧୀନ ଶିଶୁର ମୃତ୍ୟୁ, ଉତ୍ତେଜନା

### ଏକ୍ସପାଏରି ଔଷଧ ଦିଆଯିବା ଘଟଣା

ପାରଳାଖେମୁଣ୍ଡି, ୬।୬ (ଡି.ଏନ୍.ଏ)

ଗଜପତି ଜିଲା ପାରଳାଖେମୁଣ୍ଡି ଉପକଣ୍ଠସ୍ଥ ଯାଜପୁର ଗ୍ରାମର ୧୧ ମାସର ଶିଶୁ ସଚିତ ସଇଁସାଙ୍କୁ ଗତ ଏପ୍ରିଲ ୭ରେ ଡାକ୍ତରଖାନାରେ ଏକ୍ସପାଏରି ଔଷଧ ଦିଆଯାଇଥିବା ଅଭିଯୋଗ ହୋଇଥିଲା। ଏଥିରେ ସେ ଗୁରୁତର ହୋଇପଡ଼ିଥିଲେ। ଗତ ମେ’ ୨୩ରେ ଏ ନେଇ ପାରଳାଖେମୁଣ୍ଡି ଥାନାରେ ମାମଲା ରୁଜୁ ହୋଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ତାଙ୍କର ମୃତ୍ୟୁ ହୋଇଛି। ସୂଚନା ପ୍ରକାରେ, ଗୋଷାଣୀ ବ୍ଲକ ଅନ୍ତର୍ଗତ ଯାଜପୁର ଗ୍ରାମର ଆଶାକର୍ମୀ ସମ୍ପୂର୍ଣ୍ଣା ପ୍ରଧାନ (୪୫) ଓ ଅଙ୍ଗନବାଡି ଦିଦି ସଂଯୁକ୍ତା ବିଶ୍ୱାଳ ସୁମିତା ସଇଁସାଙ୍କ ଶିଶୁପୁତ୍ର ସଚିତଙ୍କୁ ଏପ୍ରଲ ୭ ତାରିଖରେ ଆଇରନ ଓ ଫଲିକ ଏସିଡ ଆଇପି ବୋତଲରୁ ସିରପ ଖୁଆଇଥିଲେ। ଏହାପରେ ଶିଶୁପୁତ୍ରକୁ ନିଜ ଘରକୁ ନେଇଯାଇଥିଲେ ସୁମିତା। ଘରେ ପହଞ୍ଚିବା ପରେ ଶିଶୁପୁତ୍ରଟିର ସ୍ୱାସ୍ଥ୍ୟ ଅବସ୍ଥା ଖରାପ ହୋଇଥିଲା। ସୁମିତା ଆଶା ଦିଦିଙ୍କୁ ଏ ସମ୍ପର୍କରେ ଅବଗତ କରାଇଥିଲେ। ଶିଶୁଟିକୁ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ଆନ୍ଧ୍ରର ଦୁଇ ହସ୍ପିଟାଲରେ ଚିକିତ୍ସା କରାଯିବା ପରେ କଟକ ଶିଶୁ ଭବନକୁ ସ୍ଥାନାନ୍ତରିତ କରାଯାଇଥିଲା। ଦୁଇମାସ ପରେ ଚିକିତ୍ସା ଅବସ୍ଥାରେ ସୋମବାର ଶିଶୁଟିର ମୃତ୍ୟୁ ହୋଇଥିଲା। ଏହା ପ୍ରଚାରିତ ହେବା ପରେ ଶିଶୁର ମୃତଦେହ ରଖି ଗ୍ରାମବାସୀ ରବିବାର ରାସ୍ତା ଅବରୋଧ କରିଥିଲେ। ପୋଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲା। ତହସିଲଦାର ନାରାୟଣ ବେହେରା ପହଞ୍ଚି ରେଡକ୍ରସ ପାଣ୍ଠିରୁ ୨୦,୦୦୦ ଟଙ୍କା ପ୍ରଦାନ କରିବା ସହ ଶିଶୁର ଚିକିତ୍ସା ପାଇଁ ଖର୍ଚ୍ଚ ହୋଇଥିବା ସମସ୍ତ ଖର୍ଚ୍ଚ ପ୍ରଶାସନ ତରଫରୁ ଦିଆଯିବା ସହ ଶିଶୁର ମା’ଙ୍କୁ ଚାକିରି ପ୍ରଦାନ କରାଯିବ ଏବଂ ଏହାର ସଠିକ ତଦନ୍ତ କରି ଦୋଷୀଙ୍କୁ ଦଣ୍ଡ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା।

# ଜନସ୍ୱାର୍ଥ ମାମଲାକୁ ଖାରଜ କଲେ ହାଇକୋର୍ଟ

### ୨୦୦୦ ଟଙ୍କିଆ ନୋଟ୍ ବନ୍ଦ ପ୍ରସଙ୍ଗ

କଟକ ଅଫିସ,୬।୬

କେନ୍ଦ୍ର ସରକାରଙ୍କ ୨୦୦୦ ଟଙ୍କିଆ ନୋଟ୍ ବନ୍ଦ ପ୍ରସଙ୍ଗକୁ ନେଇ ହାଇକୋର୍ଟରେ ଆଗତ ଜନସ୍ୱାର୍ଥ ମାମଲାର ଶୁଣାଣି ଅବକାଶକାଳୀନ ଖଣ୍ଡପୀଠରେ ମଙ୍ଗଳବାର ହୋଇଥିଲା। ହାଇକୋର୍ଟର ଅବକାଶକାଳୀନ ବିଚାରପତି ଏସ୍. କେ. ସାହୁ ଓ ବିଚାରପତି ମୁରାହରି ଶ୍ରୀ ରମଣଙ୍କ ଖଣ୍ଡପୀଠ ମାମଲାର ଶୁଣାଣି କରି ଖାରଜ କରିଦେଇଛନ୍ତି। ଏଭଳି ମାମଲା ପ୍ରଚାର ପାଇଁ ଉଦ୍ଦିଷ୍ଟ ଓ ଏଥିରେ କୌଣସି ଲୋକଙ୍କ ହିତ ନିହିତ ନାହିଁ। ଭାରତ ସରକାରଙ୍କର ଏହା ଅର୍ଥନୈତିକ ଯୋଜନା ସମ୍ପର୍କିତ ହୋଇଥିବାରୁ ସୁପ୍ରିମକୋର୍ଟଙ୍କ ପୂର୍ବ ନିଷ୍ପତ୍ତି ଆଧାରରେ ଏଭଳି ମାମଲା ବିଚାରଯୋଗ୍ୟ ନୁହେଁ ବୋଲି ହାଇକୋର୍ଟ ବିଚାରପତି ମତ ଦେଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶ, ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ଦ୍ୱାରା ଛପାଯାଇଥିବା ୨୦୦୦ ଟଙ୍କିଆ ନୋଟ୍‌ର ପ୍ରଚଳନ ଅବଧି ଏତେ କମ୍ ସମୟ କାହିଁକି ରହିଲା ଏବଂ ଅନ୍ୟ କୌଣସି ନୋଟ୍ କାହିଁକି ବଦଳାଗଲା ନାହିଁ ଏ ବାବଦରେ ଆରବିଆଇ ସ୍ପଷ୍ଟୀକରଣ ରଖିବା ନିମନ୍ତେ ସାମାଜିକ କର୍ମୀ ଜୟନ୍ତୀ ଦାସଙ୍କ ପକ୍ଷରୁ ହାଇକୋର୍ଟରେ ଗତ ମେ’ ୩୧ରେ ମାମଲା ଦାୟର ହୋଇଥିଲା। ୨୦୦୦ ଟଙ୍କିଆ ନୋଟ୍ ବଦଳ ସମୟରେ କୌଣସି ନିୟମାବଳୀ ରଖାଯାଇନାହିଁ। ଫଳରେ କେତେଜଣ ବ୍ୟକ୍ତି ବା ସଂସ୍ଥା ବାରମ୍ବାର ବ୍ୟାଙ୍କକୁ ଯାଇ ନୋଟ୍ ବଦଳାଉଛନ୍ତି। ଏଭଳି ନିୟମରେ ପରିବର୍ତ୍ତନ ଆଣିବା, ୨୦୦୦ ଟଙ୍କିଆ ନୋଟ୍ ବଦଳ ସମୟରେ ସମ୍ପୃକ୍ତ ବ୍ୟକ୍ତି ତାଙ୍କ ମୋବାଇଲ ନମ୍ବର, ଆଧାର କାର୍ଡ, ଆୟର ଉତ୍ସ, ପାନ୍ କାର୍ଡର ବିବରଣୀ ପ୍ରଦାନ ବାଧ୍ୟତାମୂଳକ କରିବା ଏବଂ କେଉଁ ପରିସ୍ଥିତିରେ ଏହି ନୋଟ୍ ବଜାରରୁ ହଟାଇଦେବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ପିଟିଶନରେ ଦର୍ଶାଯାଇଥିଲା। ଏଥିସହ ୨୦୦୦ ଟଙ୍କିଆ ନୋଟ୍ ବଦଳାଇବା ସମୟରେ କଳାଧନ ରଖିଥିବା ବ୍ୟକ୍ତିଙ୍କୁ ଧରିବା ପାଇଁ କ’ଣ ପଦକ୍ଷେପ ନିଆଯାଇଛି ପ୍ରତିପକ୍ଷ ଭାରତ ସରକାରଙ୍କୁ ଜବାବ ରଖିବାକୁ ମଧ୍ୟ ନିବେଦନ କରାଯାଇଥିଲା। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ବିଜୟ କୁମାର ରଗଡ଼ ଓ ଭାରତ ସରକାରଙ୍କ ପକ୍ଷରୁ ଡେପୁଟି ସଲିସିଟର ଜେନେରାଲ ଅଫ୍ ଇଣ୍ଡିଆ ପ୍ରସନ୍ନ କୁମାର ପାଢ଼ୀ ମାମଲା ପରିଚାଳନା କରୁଥିଲେ।





ଯେଉଁମାନେ ଗରିବ, ଅଜ୍ଞାନ, ନୀଚକୁଳରେ ଜାତ ଓ କଦର୍ଯ୍ୟ ପରିବେଶରେ ପ୍ରତିପାଳିତ ସେମାନଙ୍କୁ ଆମେ ଇତର ସାଧାରଣ ମଣିଷ ବୋଲି କହିବା ନାହିଁ ବରଂ ଅନ୍ୟପକ୍ଷରେ, ଆମେ ସେଇମାନଙ୍କୁ ହିଁ ଇତର ସାଧାରଣ ମଣିଷ କହିବା- ଯେଉଁମାନେ ଛୋଟ ଛୋଟ କଥାଗୁଡ଼ିକୁ ନେଇ ବଞ୍ଚିଥାନ୍ତି ଓ ଏକ ସାଧାରଣ ଜୀବନକୁ ନେଇ ସନ୍ତୁଷ୍ଟ ଥାନ୍ତି। -ଶ୍ରୀଅରବିନ୍ଦ

# ନିର୍ଭରଯୋଗ୍ୟ ନୁହେଁ

ଆମେରିକା ପ୍ରତିରକ୍ଷା ସଚିବ ଲୟଡ୍ ଅଷ୍ଟିନ ତାଙ୍କ ଭାରତୀୟ ପ୍ରତିପକ୍ଷ ରାଜନାଥ ସିଂଙ୍କୁ ସୋମବାର ଦିଲ୍ଲୀରେ ସାକ୍ଷାତ କରିଛନ୍ତି। ଏହି ଅବସରରେ ରାଜନାଥ କହିଛନ୍ତି ଯେ, ବିଭିନ୍ନ କ୍ଷେତ୍ରରେ ଆମେରିକା ଓ ଭାରତ ଏକାଠି କାର୍ଯ୍ୟ କରିବା ସହ ରଣନୀତିକ ଭାଗୀଦାରିକୁ ଆହୁରି ମଜଭୁତ କରିବେ। ସାମରିକ ସହଭାଗିତା ବୃଦ୍ଧି ଲାଗି ୫ ବର୍ଷିଆ ରୋଡ୍ ମ୍ୟାପ ଉପରେ ଦୁଇ ଦେଶର ପ୍ରତିରକ୍ଷା ମନ୍ତ୍ରୀ ମଧ୍ୟ ଆଲୋଚନା କରିଛନ୍ତି। କେବଳ ଏତିକି ନୁହେଁ, ଭାରତ ଆମେରିକାଠାରୁ ୩୦ଟି ଏକ୍ୟୁ ସଶସ୍ତ୍ର ଡ୍ରୋନ୍ କିଣିବାକୁ ଯୋଜନା କରିଛି। ତେବେ ଗଲ୍ୱାନ ଘାଟିରେ ଚାଇନା ଭାରତ ମୁହାଁମୁହିଁ ହେବା ପରେ ମାର୍ଚ୍ଚ ୨୦୨୧ରେ ଲୟଡ୍ ଭାରତ ଗସ୍ତରେ ଆସିଥିଲେ ଓ ଏହା ତାଙ୍କର ଦ୍ୱିତୀୟ ଗସ୍ତ। ଏହି ସମୟ ଭିତରେ ଭାରତ ଓ ଚାଇନା ମଧ୍ୟରେ ତିକ୍ତତା ବୃଦ୍ଧି ପାଇବାରେ ଲାଗିଛି। ଆମେରିକା ସହଯୋଗରେ ଚାଇନାର ମୁକାବିଲା କରିବାରେ ଭାରତ ସକ୍ଷମ ହେବ ବୋଲି ଭାବୁଥାଇପାରେ। କିନ୍ତୁ ଅତୀତରେ ପାକିସ୍ତାନ ଓ ଚାଇନା ସହ ଭାରତର ଯୁଦ୍ଧକୁ ଦେଖିଲେ ଏଭଳି ସହଯୋଗ ପାଇବା ଆଶା କ୍ଷୀଣ। ଏହା ନିଜର ସାମରିକ ଅସ୍ତ୍ରଶସ୍ତ୍ର ବ୍ୟବସାୟ ବୃଦ୍ଧି ଓ ଚାଇନାର ପ୍ରଭାବ ହ୍ରାସ କରିବା ଲାଗି ଅଭିପ୍ରେତ ବୋଲି କୁହାଯାଉଛି। ଏବେ ବିଶ୍ୱର ସର୍ବବୃହତ୍ ଅସ୍ତ୍ରଶସ୍ତ୍ର ଆମଦାନୀକାରୀ ଦେଶ ଭାରତର ସାମରିକ ମାର୍କେଟରେ ରୁଷିଆର ପ୍ରଭାବ କେତେକାଂଶରେ କମିଥିବା ବେଳେ ଆମେରିକା ତା' ସ୍ଥିତି ଦୃଢ଼ କରିବା ଲକ୍ଷ୍ୟରେ ରହିଥାଇପାରେ। ଅନ୍ୟପକ୍ଷରେ ଭାରତ ଅତ୍ୟାଧୁନିକ ଜ୍ଞାନକୌଶଳରେ ଫାଇଟର ଜେଟ୍ ଓ ଡ୍ରୋନ୍ ଆଦି ନିର୍ମାଣ କରିବା ପାଇଁ ଆମେରିକାର ସହଯୋଗ ଲୋଡ଼ିଛି। ଭାରତ ପ୍ରତି ପଶ୍ଚିମରେ ପାକିସ୍ତାନ ଓ ଉତ୍ତରପୂର୍ବରେ ଚାଇନା ବିପଦ ସୃଷ୍ଟି କରୁଥିବା ସମୟରେ ଏବଂ ରୁଷିଆ ୟୁକ୍ରେନ୍ ଯୁଦ୍ଧରେ ଜଡ଼ିତ ଥିବା ବେଳେ ଆମେରିକା ପାଇଁ ଏଭଳି ଏକ ସୁଯୋଗ ସୃଷ୍ଟି ହୋଇଛି। ଏହା ବ୍ୟତୀତ ଆମେରିକା ମଧ୍ୟ ବହୁତ ଚିନ୍ତିତ ଥିବ। ରୁଷିଆର ଆକ୍ରମଣରେ କେବଳ ୟୁକ୍ରେନ୍ ନୁହେଁ ସମଗ୍ର ୟୁରୋପ ବ୍ୟତିବ୍ୟସ୍ତ। ବିଶ୍ୱ ଅର୍ଥନୀତି ଉପରେ ତାହାର କୁପ୍ରଭାବ ସହିତ ବିଶ୍ୱ ଜଳବାୟୁ ତାପମାତ୍ରା ପ୍ରଭାବିତ ହେଉଛି। ଉଦାହରଣ ସ୍ୱରୂପ ୟୁକ୍ରେନ୍‌ରେ ଏକ ବଡ଼ ଡ୍ୟାମ୍‌କୁ ରୁଷିଆ ତରଫରୁ ଭାଙ୍ଗି ଦିଆଯିବା ଫଳରେ ଦକ୍ଷିଣ ୟୁକ୍ରେନ୍‌ରେ ନଦୀବଢ଼ିର ସମସ୍ୟା ଉପୁଜିଛି। ସେହିଭଳି ଚାଇନାର ଆକ୍ରମଣାତ୍ମକ ଆଭିମୁଖ୍ୟ ଦ୍ୱାରା ତାଇୱାନରେ ଯେଉଁ ପରିସ୍ଥିତି ସୃଷ୍ଟି ହୋଇଛି ତାହା ସମଗ୍ର ଏସିଆ ମହାଦେଶକୁ ପ୍ରଭାବିତ କରିବ। ଏହି ପରିସ୍ଥିତିର ଉଦାହରଣ ଗତ ରବିବାର ଦେଖିବାକୁ ମିଳିଲା, ଯେତେବେଳେ ଆମେରିକାର ଗୋଟିଏ ଯୁଦ୍ଧ ପାଣିଜାହାଜକୁ ଚାଇନାର ଏକ ଯୁଦ୍ଧ ପାଣିଜାହାଜ ତାଇୱାନ ଷ୍ଟ୍ରେଟ୍‌ରେ ଅତି ନିକଟରୁ ଅତିକ୍ରମ କରିଥିଲା। ୟୁକ୍ରେନ୍‌ରେ ଯୁଦ୍ଧ ଚାଲିଥିବାବେଳେ ବିଶ୍ୱର ଅନ୍ୟପଟେ ଚାଇନା-ତାଇୱାନ ଯୁଦ୍ଧ ଆଡକୁ ମୁହାଁଇଲେଣି। ସେହି ପରିସ୍ଥିତିରେ ଆମେରିକା ନିଶ୍ଚିତ ଭାବେ ଜାଣୁଥିବ ଯେ,ତାହାର ଉଦ୍ଦେଶ୍ୟ ସାଧନ କରିବା ପାଇଁ ଭାରତ ଭଳି ଦେଶ ସାମିଲ ହୁଅନ୍ତୁ।

ଏକ ରିପୋର୍ଟ ମୁତାବକ ଚାଇନାର ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ତୁଳନାରେ ଭାରତ ବହୁ ପଛରେ ଅଛି ଯେଉଁଥିପାଇଁ ଏହା ଆମେରିକା, ଫ୍ରାନ୍ସ ଓ ଇସ୍ରାଏଲ ଉପରେ ନିର୍ଭରଶୀଳ। ସ୍ମରଣଯୋଗ୍ୟ ଯେ, କେନ୍ଦ୍ରରେ ଭାଜପା ସରକାର ଆସିବା ପରେ 'ମେକ୍ ଇନ୍ ଇଣ୍ଡିଆ' ଯୋଜନା ଲାଗୁ କରିଥିଲା। ଏଥିରେ ଯୁଦ୍ଧଉଡ଼ାଜାହାଜ ଠାରୁ ଆରମ୍ଭ କରି ମୋବାଇଲ ଫୋନ୍ ଆଦି ପ୍ରତ୍ୟେକ ଜିନିଷ ଦେଶରେ ଉତ୍ପାଦନ କରାଯିବାର ଲକ୍ଷ୍ୟ ରଖାଯାଇଥିଲା। କିନ୍ତୁ ଯୋଜନାର ଏକ ଦଶନ୍ଧି ବିତିଯାଇଥିବା ସତ୍ତ୍ୱେ ସରକାରଙ୍କ ଅସ୍ପଷ୍ଟ ନୀତି ଯୋଗୁ ଏହି କାର୍ଯ୍ୟକ୍ରମ ସଫଳ ହୋଇପାରିନାହିଁ। ଅନ୍ୟପକ୍ଷରେ ଚାଇନା ପକ୍ଷରୁ ଭାରତ ପ୍ରତି ଥିବା ବିପଦକୁ ଲକ୍ଷ୍ୟକରି ଆମେରିକା ଭାରତରେ ଏହାର ସାମରିକ ଉତ୍ପାଦନଭିତ୍ତିକ କାର୍ଯ୍ୟକଳାପ ବୃଦ୍ଧି କରିଚାଲିଛି। ଏହା ଘଟିବା ସ୍ୱାଭାବିକ, କାରଣ ଭାରତ ସାମ୍ପ୍ରତିକ ସାମରିକ ଦୃଶ୍ୟପଟରେ ଅତ୍ୟାଧୁନିକ ଡ୍ରୋନ୍ ଓ ଫାଇଟର ଜେଟ୍ ନିର୍ମାଣ କରିବାକୁ ସକ୍ଷମ ହୋଇନାହିଁ। ଗୋଟିଏ ପଟେ ମିଗ୍-୨୧ ପାଇଁ ରୁଷିଆ ଟେକ୍‌ନୋଲୋଜି ଉପରେ ଭାରତ ନିର୍ଭର କରୁଥିବାବେଳେ ଆମେରିକା ସହ ଡ୍ରୋନ୍ ଓ ମାନବ ରହିତ ବିମାନ କ୍ଷେତ୍ରରେ ନିର୍ଭରଶୀଳ। ଭାରତର ସାମରିକ ମାର୍କେଟରେ ବୈଦେଶିକ କମ୍ପାନୀ ଯଥା ଆମେରିକାର ବୋଇଂ, ହନିୱେଲ ଏବଂ ଲକିଡ ମାର୍ଟିନର ପ୍ରାଧାନ୍ୟ ରହିଛି। ଉଦାହରଣ ସ୍ୱରୂପ ହିନ୍ଦୁସ୍ଥାନ ଏରୋନେଟିକ୍ସର ଏଚ୍‌ଟିଟି-୪୦ଜେଟ୍‌ର ଇଞ୍ଜିନ ହନିୱେଲ ସହଯୋଗରେ କରାଯାଉଛି। ତେବେ ଆମେରିକା ଉପରେ ଭାରତ ନିର୍ଭର କରିବାର କାରଣ ହେଉଛି ଏହାର ସଂସାଧନ ଓ ବିକାଶ ସୁଯୋଗର ଅଭାବ ଅଛି। ଏହାସହ ବିକଶିତ ଦେଶ ତୁଳନାରେ ଭିତ୍ତିଭୂମି ଓ ପାଣ୍ଠି ବହୁତ କମ୍। ମନେରଖିବାକୁ ହେବ ଯେ, ପରୋକ୍ଷ ବା ପ୍ରତ୍ୟକ୍ଷରେ ହେଉ ଭାରତ ପ୍ରତିରକ୍ଷା କ୍ଷେତ୍ରରେ ଆମେରିକା କମ୍ପାନୀଗୁଡ଼ିକ ଉପରେ ନିର୍ଭର କରିବା ଦୀର୍ଘମିଆଦୀ ପାଇଁ ଶୁଭଙ୍କର ନୁହେଁ।

# ଗଣତନ୍ତ୍ରରେ ରାଜତନ୍ତ୍ରର ସେଙ୍ଗୋଲ



ଭାଲଚନ୍ଦ୍ର ଷଡ଼ଙ୍ଗୀ

ଗତ ମେ ୨୮ରେ ଦେଶର ରାଜଧାନୀ ଦିଲ୍ଲୀରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଘଟଣା ଦେଖିବାକୁ ମିଳିଲା। ପ୍ରଥମ ଘଟଣାଟି ଗଣତନ୍ତ୍ରର ମନ୍ଦିର ବୋଲି କୁହାଯାଉଥିବା ସଂସଦର ନୂତନ ଭବନ ଉଦ୍‌ଘାଟନ ନାଁରେ ଶାସକୀୟ ଅହଂକାର ଓ ରାଜତନ୍ତ୍ରର ନଗ୍ନ ପ୍ରଦର୍ଶନ ଥିଲା ବେଳେ ଅନ୍ୟଟି ତା'ର ଅନତି ଦୂରରେ ଯନ୍ତରମନ୍ତରଠାରେ ଘଟିଥିଲା। ଭାଜପାର ସାଂସଦ ବ୍ରିଜଭୂଷଣ ଶରଣ ସିଂଙ୍କ ଦ୍ୱାରା ଯୌନ ନିର୍ଯାତନାର ଶିକାର ହୋଇ ନ୍ୟାୟ ପାଇଁ ଦୀର୍ଘ ଦେଢ଼ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଧାରଣାରେ ବସିଥିବା ମହିଳା କ୍ରୀଡ଼ାବିତ୍‌ମାନଙ୍କ ଉପରେ ଦିଲ୍ଲୀ ପୋଲିସ ଅତ୍ୟନ୍ତ ଅମାନୁଷିକ ଭାବେ ବଳପ୍ରୟୋଗ କରି ସେମାନଙ୍କୁ ଧାରଣା ସ୍ଥଳରୁ ହଟେଇ ଦେଇଥିଲା। ଲଜ୍ଜାଜନକ କଥା ହେଲା, ଏଯାଏ କେନ୍ଦ୍ର ସରକାରଙ୍କ ଦ୍ୱାରା ସୁରକ୍ଷା ପାଇ ଆସିଥିବା ସମ୍ପୃକ୍ତ ବାହୁବଳୀ ସାଂସଦ ଜଣକ ନୂତନ ସଂସଦ ଭବନରେ ଅନୁଷ୍ଠିତ ଉତ୍ସବରେ ଉପସ୍ଥିତ ଥିବାବେଳେ ଅଲିମ୍ପିକ୍ ଖେଳରେ ପଦକ ହାସଲ କରି ଦେଶର ଗୌରବ ବୃଦ୍ଧି କରିଥିବା ମହିଳା କୁସ୍ତି ଖେଳାଳିମାନେ ପୋଲିସର ଅମାନୁଷିକ ବ୍ୟବହାରର ଶିକାର ହୋଇ ଭୋ ଭୋ ହୋଇ କାନ୍ଦୁଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା।

ତେବେ ଅତ୍ୟନ୍ତ ଜାକଜମକରେ ଅନୁଷ୍ଠିତ ନୂତନ ସଂସଦ ଭବନର ଉଦ୍‌ଘାଟନର ଉତ୍ସବ ଗଣତାନ୍ତ୍ରିକ ବ୍ୟବସ୍ଥାର ମହୋତ୍ସବ ହେବା ପରିବର୍ତ୍ତେ ଜଣେ ଶାସକର ଏକଛତ୍ରବାଦ ଓ ଅହଂକାରକୁ ପ୍ରଦର୍ଶିତ କରୁଥିଲା। ସଂସଦ ଭବନ ନିର୍ମାଣର ଏକାକୀ ଶ୍ରେୟ ନେବା ପାଇଁ ପ୍ରଧାନମନ୍ତ୍ରୀ ସଂସଦୀୟ ବ୍ୟବସ୍ଥାର ମୁଖ୍ୟ ରୂପେ ପରିଚିତ ରାଷ୍ଟ୍ରପତି ଏବଂ ସଂସଦର ଅନ୍ୟତମ ଗୃହ, ରାଜ୍ୟ ସଭାର ଅଧ୍ୟକ୍ଷ ଭାବେ ପରିଚିତ ଦେଶର ଉପରାଷ୍ଟ୍ରପତିଙ୍କୁ ଏହି ଉତ୍ସବକୁ ନ ଡାକି ନିଜେ ହିଁ ଭବନର ଉଦ୍‌ଘାଟନ କରିବା ଦେଖିବାକୁ ମିଳିଥିଲା। ବିପଜ୍ଜନକ କଥା ହେଲା, ଦେଶର ସମ୍ବିଧାନ ଧର୍ମନିରପେକ୍ଷ ବିଚାର ପ୍ରତି ନିଜର ପ୍ରତିବଦ୍ଧତା ଜାହିର କରୁଥିବା ବେଳେ ସମ୍ପୂର୍ଣ୍ଣ ଉତ୍ସବଟିକୁ ଏକ ନିର୍ଦ୍ଦିଷ୍ଟ ଧର୍ମର କାର୍ଯ୍ୟକ୍ରମରେ ପରିଣତ କରାଯାଇଥିଲା।

ସବୁଠାରୁ ଚିନ୍ତାଜନକ କଥାଟି ହେଲା, ସଂସଦ ଭବନରେ 'ସେଙ୍ଗୋଲ' ନାମକ ପ୍ରତୀକର ସ୍ଥାପନା। ତାମିଲ ଭାଷାରେ ସେଙ୍ଗୋଲର ଅର୍ଥ ହେଲା, ରାଜଦଣ୍ଡ। ମଧ୍ୟଯୁଗୀୟ ଦକ୍ଷିଣ ଭାରତରେ ଚୋଳ, ପାଣ୍ଡିଆ ଓ ଚାର ଆଦି ହିନ୍ଦୁ ରାଜବଂଶର ଶାସନ କାଳରେ ଏହା କୁଆଡ଼େ କ୍ଷମତାର ପ୍ରତୀକ ଥିଲା। ଉପରୋକ୍ତ ସାମନ୍ତବାଦୀ ଶାସକମାନେ ନିଜର ଶାସନ କ୍ଷମତାକୁ ବୈଧ ବୋଲି ଦର୍ଶାଇବା ପାଇଁ ଏକ କର୍ମକାଣ୍ଡୀୟ ମାନ୍ୟତା ଆବଶ୍ୟକ କରୁଥିଲେ। ଏହା କେବଳ ବ୍ରାହ୍ମଣ ଓ ପୁରୋହିତମାନଙ୍କ ଦ୍ୱାରା ହିଁ ସମ୍ଭବ ଥିଲା। ତେଣୁ ନୂତନ ରାଜାଙ୍କ ରାଜ୍ୟାଭିଷେକ ସମୟରେ ସେଠାକାର ବ୍ରାହ୍ମଣ, ପୁରୋହିତ ଗୋଷ୍ଠୀଙ୍କ ପକ୍ଷରୁ ସ୍ଥାନୀୟ ବଡ଼ ବଡ଼ ମଠର ମହନ୍ତମାନେ ରାଜାଙ୍କୁ ପ୍ରତୀକ ସ୍ୱରୂପ ସେଙ୍ଗୋଲ ନାମରେ ପରିଚିତ ଏକ ଧାତବ ନିର୍ମିତ ରାଜଦଣ୍ଡକୁ ଧରାଉଥିଲେ। ସୁନା ଖଚିତ ଏହି ରୁପା ଦଣ୍ଡର ଶୀର୍ଷରେ ଭଗବାନ ଶିବଙ୍କ ବାହନ ନନ୍ଦୀଙ୍କ ଏକ ମୂର୍ତ୍ତି ରହିଥାଏ। ଏହା ଜରିଆରେ ରାଜା ସମସ୍ତଙ୍କୁ ଶାସନ କରିବାର ଐଶ୍ୱରୀକ ମାନ୍ୟତା ମିଳିଛି ବୋଲି ଦାବି କରି ନିଜର ଶାସନ ଚଳାଉଥିଲେ। ଅତଏବ ସେଙ୍ଗୋଲ ହେଉଛି ରାଜତନ୍ତ୍ର



ବା ସାମନ୍ତବାଦର ପ୍ରତୀକ, ଯାହାର ଦଣ୍ଡାତ୍ମକ କ୍ଷମତା ରହିଥାଏ। ସେଥିରେ ଜଣେ ଏକଛତ୍ରବାଦୀ ରାଜା ରହିବେ ଏବଂ ଈଶ୍ୱରଙ୍କ ଦ୍ୱାରା ପ୍ରେରିତ ହୋଇ ସେ ଶାସନ କରୁଛନ୍ତି ବୋଲି ଏକ ଧାରଣା ସୃଷ୍ଟି କରାଯାଇଥାଏ।

ତାମିଲନାଡୁର କ୍ଷୀରୱାଦ ଦୁରାଇ ମଠରୁ ଆସିଥିବା ମହନ୍ତମାନଙ୍କ ହାତରୁ ପ୍ରଧାନମନ୍ତ୍ରୀ ସିଙ୍ଗୋଲକୁ ଗ୍ରହଣ କରିବେ ବୋଲି କେନ୍ଦ୍ର ଗୃହମନ୍ତ୍ରୀ ସାମ୍ବାଦିକମାନଙ୍କୁ ନ ଜଣାଇବା ପର୍ଯ୍ୟନ୍ତ ଏ ସମ୍ପର୍କରେ କାହାର ସାମାନ୍ୟତମ ଧାରଣା ନ ଥିଲା। ଦେଶରେ ରାଜତନ୍ତ୍ରର ସମାପ୍ତି ସହିତ ଏଭଳି ଅନେକ ସାମନ୍ତବାଦୀ ପରମ୍ପରା ଏକରକମ ଖତମ୍ ହୋଇଯାଇଥିଲା। ଅତଏବ ସରକାରୀ ଘୋଷଣା ପରେ ସେଙ୍ଗୋଲକୁ ନେଇ ଗତ କିଛି ଦିନ ଧରି ଦେଶର ମୁଖ୍ୟଧାରାର ମିଡ଼ିଆରେ ଦିନରାତି ଚର୍ଚ୍ଚା ଆରମ୍ଭ ହୋଇଯାଇଥିଲା। ସେଙ୍ଗୋଲ ବାହାନାରେ ନିଜର ରାଜନୈତିକ ଶତ୍ରୁ କଂଗ୍ରେସ ଓ ନେହେରୁଙ୍କୁ ନିନ୍ଦିତ କରିବା ପାଇଁ ଭାଜପା ଏବଂ ତା'ର ଆଇଟି ସେଲ୍ ପକ୍ଷରୁ ଷଡ଼ଯନ୍ତ୍ର ହୋଇଥିଲା। ଦେଶ ସ୍ୱାଧୀନ ହେବା ପରେ ୧୯୪୭ରେ ପ୍ରଧାନମନ୍ତ୍ରୀ ନେହେରୁଙ୍କୁ ବ୍ରିଟିଶ ସରକାରଙ୍କ ଶେଷ ଭାଇସ୍‌ରାୟ, ଲର୍ଡ ମାଉଣ୍ଟବ୍ୟାଟେନ୍ କ୍ଷମତାର ହସ୍ତାନ୍ତର କଲାବେଳେ ଏହାର ପ୍ରତୀକ ଭାବେ କୁଆଡ଼େ ସେଙ୍ଗୋଲ ଦେଇଥିଲେ ଏବଂ ନେହେରୁ ନିଜର ଅହଂକାର କାରଣରୁ ତାକୁ ଶାସନର ପ୍ରତୀକ ଭାବେ ଗ୍ରହଣ ନ କରି ଆଲ୍ଲାହାବାଦସ୍ଥିତ ଆନନ୍ଦ ଭବନ ସଂଗ୍ରହାଳୟରେ ରଖି ଦେଇଥିଲେ ବୋଲି କହି ଏହା ଏକ ଐତିହାସିକ ଅନ୍ୟାୟ ବୋଲି ପ୍ରଚାର କରାଗଲା। ଅବଶ୍ୟ ପରେ ଏ ସମ୍ପର୍କରେ ଜଣାପଡ଼ିଲା ଯେ ନେହେରୁଙ୍କୁ ଏକ ସେଙ୍ଗୋଲ ଲର୍ଡ ମାଉଣ୍ଟବ୍ୟାଟେନ୍ ନୁହେଁ ବରଂ ତାମିଲନାଡୁର କିଛି ମଠର ମହନ୍ତମାନେ ପ୍ରଦାନ କରିଥିଲେ। ତେବେ ସେ ଏହାକୁ କୌଣସି କ୍ଷମତା ହସ୍ତାନ୍ତରର ପ୍ରତୀକ ରୂପେ ନୁହେଁ ବରଂ ଏକ ଉପହାର ରୂପେ ଗ୍ରହଣ କରିଥିଲେ ଏବଂ ପରେ ସଂଗ୍ରହାଳୟକୁ ପଠେଇ ଦେଇଥିଲେ ବୋଲି ଜଣାପଡ଼ିଛି।

ଅସଲ କଥା ହେଲା, ଭାରତରୁ ବ୍ରିଟିଶମାନଙ୍କ ପ୍ରସ୍ଥାନ ପରେ ସେଠାକାର ରାଜା, ସାମନ୍ତ ଓ ମଠର ମହନ୍ତମାନେ ନିଜର ଭବିଷ୍ୟତ ନେଇ ଉଦ୍‌ବିଗ୍ନ ହୋଇପଡ଼ିଥିଲେ। କାରଣ ନେହେରୁ ଆଧୁନିକତା, ଧର୍ମନିରପେକ୍ଷ ଓ ବୈଜ୍ଞାନିକ ବିଚାରର ପକ୍ଷପାତୀ ଥିବାରୁ ଏବଂ ସ୍ୱାଧୀନ ଭାରତରେ ରାଜରାଜୁଡ଼ା, ଜମିଦାରମାନଙ୍କ କୌଣସି ଆଧିପତ୍ୟକୁ ସ୍ୱୀକାର କରିବା ପକ୍ଷରେ ନ ଥିବାରୁ ଶହ ଶହ ବର୍ଷ ଧରି ବିପୁଳ ପରିମାଣର ଜମିର ମାଲିକାନା ଜମିଦାର ଓ ମଠର ମହନ୍ତମାନେ ନିଜର ଭବିଷ୍ୟତ ନେଇ ଅତ୍ୟନ୍ତ ଆତଙ୍କିତ ହୋଇପଡ଼ିଥିଲେ। ଅତଏବ ତାଙ୍କୁ ଖୁସି କରି ନିଜର ସ୍ଥିତିକୁ ରକ୍ଷା କରିବା ପାଇଁ ସେମାନେ ସେତେବେଳର ଅନ୍ୟତମ କଂଗ୍ରେସ ନେତା ଚକ୍ରବର୍ତ୍ତୀ ରାଜଗୋପାଳଚାରୀଙ୍କ ସହାୟତାରେ ନେହେରୁଙ୍କୁ ଭେଟି ଉପହାର ସ୍ୱରୂପ ଉକ୍ତ ସେଙ୍ଗୋଲକୁ ଦେଇଥିଲେ। ଗଣତନ୍ତ୍ରରେ ବିଶ୍ୱାସ କରୁଥିବା ନେହେରୁଙ୍କ ପାଇଁ ତାହା ଏକ ନିଛକ ଉପହାର ବ୍ୟତୀତ ଅନ୍ୟ କିଛି ନ ଥିଲା।

ଯଦିବା କ୍ଷମତା ହସ୍ତାନ୍ତରର ପ୍ରତୀକ ଭାବେ ସେଙ୍ଗୋଲ ନେଇ ସରକାରଙ୍କ ବ୍ୟାଖ୍ୟାକୁ ଠିକ୍ ବୋଲି ଗ୍ରହଣ କରାଯିବ, ତା'ହେଲେ ଆଜି ତା'ର ଆବଶ୍ୟକତା ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ। କାରଣ ୧୯୪୭ ପରେ ଆମେ ରାଜରାଜୁଡ଼ାଙ୍କ ସାମନ୍ତବାଦୀ ଶାସନକୁ ସମାପ୍ତ କରି ଦେଶକୁ ଏକ ସଂସଦୀୟ ଗଣତାନ୍ତ୍ରିକ ରାଷ୍ଟ୍ରରେ ପରିଣତ କରିବା ପରେ ସମ୍ବିଧାନ ହିଁ ରାଷ୍ଟ୍ର କ୍ଷମତାର ପ୍ରତୀକ ହୋଇଆସିଛି। ଏଭଳି ସ୍ଥଳେ ସେଙ୍ଗୋଲ ପରି ଏକ ସାମନ୍ତବାଦୀ ବ୍ୟବସ୍ଥା ଓ ଶାସନ କ୍ଷମତାର ପ୍ରତୀକକୁ ନେଇ ସମ୍ମୋହନ ଲଜ୍ଜାଜନକ ମନେହୁଏ। ଭାରତକୁ ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ବୋଲି ଦାବି କରୁଥିବା ପ୍ରଧାନମନ୍ତ୍ରୀ ସେଦିନ କେଉଁ ଆଧାରରେ ସେଙ୍ଗୋଲ ଗ୍ରହଣ କରିଲେ? ସେଙ୍ଗୋଲ ଗ୍ରହଣ ନାଁରେ ସେଦିନ ନୂତନ ସଂସଦ ଭବନରେ ଯେଉଁ ଆଡ଼ମ୍ବର କରାଗଲା ତାହା କୌଣସି ରାଜ୍ୟାଭିଷେକ ଉତ୍ସବଠାରୁ କମ୍ ନ ଥିଲା।

ଦେଶର ନୂତନ ସଂସଦ ଭବନକୁ ଉଦ୍‌ଘାଟନ କଲାବେଳେ ଯେଉଁଭଳି ଭାବେ କେବଳ ଗୋଟିଏ ଧର୍ମର ପୁରୋହିତ ଓ ମହନ୍ତମାନଙ୍କୁ ଡାକି ସେଠାରେ ସେମାନଙ୍କ ସମ୍ମୁଖରେ ଖୋଦ ଶାସନମୁଖ୍ୟ ସାଷ୍ଟାଙ୍ଗ ପ୍ରଣିପାତ କରି ଯଜ୍ଞ ଏବଂ ମନ୍ତ୍ରୋଚ୍ଚାରଣ କଲେ, ତାହା ଏକ ଧର୍ମନିରପେକ୍ଷ ରାଷ୍ଟ୍ର ପ୍ରତି ଅତ୍ୟନ୍ତ ଲଜ୍ଜାଜନକ ମନେହେଲା। ସବୁଠାରୁ ବଡ଼କଥା ହେଲା, ଜାତି, ଧର୍ମ ଓ ଲିଙ୍ଗ ନିର୍ବିଶେଷରେ ରାଷ୍ଟ୍ର ସମସ୍ତଙ୍କୁ ନ୍ୟାୟ କରିବାକୁ ପ୍ରତିଶ୍ରୁତି ଦେଇଥିବା ବେଳେ ତା'ର ବିପରୀତ ସରକାର ଏକଛତ୍ରବାଦୀ ରାଜତନ୍ତ୍ରର ପ୍ରତୀକ ସିଙ୍ଗୋଲ ଜରିଆରେ ସରକାର ଆଗାମୀ ଦିନରେ ଏକ ଉଚ୍ଚଜାତିର ଅହଙ୍କାରଭରା ତଥା ପୁରୁଷବାଦୀ ହିନ୍ଦୁରାଷ୍ଟ୍ରର ନିର୍ମାଣ ଦିଗରେ ଅଗ୍ରସର ହେବାକୁ ସୂଚନା ଦେଇଛନ୍ତି।

ମୋ:୯୪୩୭୧୬୬୩୯୧

# ନଦୀ ନାଳର ମାଛ



ପ୍ରମୋଦ କୁମାର ପଣ୍ଡା

ଆମ ରାଜ୍ୟ ନଦୀ ନାଳର ରାଜ୍ୟ। ତା' ଛଡ଼ା ପୂର୍ବ ଉପକୂଳ ଓ ନଦୀ ଅବବାହିକାରେ ଅନେକ ଖାଲୁଆ ବା ଯୋର ବା ପାଟ ଜମି ମହଜୁଦ ଅଛି। ବର୍ତ୍ତମାନ ହୀରାକୁଦ, ରେଙ୍ଗାଲୀ, ହଦଗଡ଼, ମାଛକୁଣ୍ଡ ଓ କୋଲାବ ନଦୀ ବନ୍ଧ ଯୋଜନା କାର୍ଯ୍ୟକାରୀ ହୋଇଛି ଓ ସେମାନଙ୍କର କେନାଲ ନେଟୱର୍କ ମଧ୍ୟ ରହିଛି। ଏଗୁଡ଼ିକ ବ୍ୟତୀତ ଆହୁରି ଅନେକ କ୍ଷୁଦ୍ର ଓ ମଧ୍ୟମଧରଣର ଜଳସେଚନ ଯୋଜନା କାର୍ଯ୍ୟକାରୀ ମଧ୍ୟ ହୋଇଛି ଓ ସେଗୁଡ଼ିକର କେନାଲ ନେଟୱର୍କ ମଧ୍ୟ ରହିଛି। ଓଡ଼ିଶାରେ ୨୪,୮୭୮ କିଲୋମିଟରର ନଦୀ ଓ କେନାଲ ନେଟୱର୍କ ଅଛି, ଯାହାକି ଦେଶରେ ଦ୍ୱିତୀୟ। ମହାରାଷ୍ଟ୍ର ୨୯,୫୩୦ କିଲୋମିଟରର ନଦୀ ଓ କେନାଲ ନେଟୱର୍କ ସହିତ ଦେଶରେ ପ୍ରଥମ। ଆଦିମ କାଳରୁ ପ୍ରାକୃତିକ ଜଳାଶୟରୁ ମାଛ ମାରିବା ଓଡ଼ିଆମାନଙ୍କର ଏକ ଜୀବିକା ମଧ୍ୟ ଥିଲା।

ବିଗତ କେତେ ଦଶନ୍ଧି ଯଦିଓ କୃତ୍ରିମ ଉପାୟରେ ମାଛ ଚାଷ ଦ୍ୱାରା ଆମେ ଆମ ରାଜ୍ୟର ମାଛ ଉତ୍ପାଦକୁ ବହୁଗୁଣିତ କରିପାରିଛେ, ମାତ୍ର ପ୍ରାକୃତିକ ଉପାୟରେ ବଢୁଥିବା ମାଛ ଉତ୍ପାଦନ ରାଜ୍ୟରେ କ୍ରମଶଃ ହ୍ରାସ ପାଇବାରେ ଲାଗିଛି। ପ୍ରାକୃତିକ ଜଳାଶୟରୁ ଆନ୍ଧ୍ରପ୍ରଦେଶ ବାର୍ଷିକ ହେକ୍ଟର ପିଛା ୩୬.୪୮ କିଲୋଗ୍ରାମ୍ ମାଛ ଉତ୍ପାଦନ କରୁଥିବା ବେଳେ ଓଡ଼ିଶା ମାତ୍ର ୯.୭୨ କିଲୋଗ୍ରାମ୍ ଉତ୍ପାଦନ କରୁଛି। ତା'ର ଅନେକ କାରଣ ମଧ୍ୟ ଅଛି। ଯେମିତି ଅତ୍ୟଧିକ ସାର, କୀଟନାଶକ ପ୍ରୟୋଗ ଦ୍ୱାରା ଜଳାଶୟ ଦୂଷିତ, ମାଛ ଅଣ୍ଡା ଦେବା ଋତୁରେ ମାଇ ଓ ଅଣ୍ଡିରା ମାଛ ଧରିବା, ନଦୀ ନାଳରେ ବନ୍ଧ ପକାଇ ତାକୁ ଶୁଷ୍କ କରିଦେବା, ଅତ୍ୟଧିକ ମାଛ ଧରିବା, ନଦୀ ନାଳର ଗଣ୍ଡକୁ ଡିଜେଲ ପମ୍ପ ସାହାଯ୍ୟରେ ଶୁଖାଇ ସବୁ ମାଛ ଧରିନେବା ଇତ୍ୟାଦି ଇତ୍ୟାଦି। ଆଜି ମଧ୍ୟ ଓଡ଼ିଶାର ଲୋକ ନଦୀ ବା ନାଳ ପ୍ରଭୃତି ଜଳାଶୟରେ ପ୍ରାକୃତିକ ଉପାୟରେ ବଢୁଥିବା ମାଛକୁ ଅଧିକ ପଇସା ଦେଇ କ୍ରୟ କରିବାକୁ ପଛାନ୍ତି ନାହିଁ। ବିଭିନ୍ନ କାରଣରୁ ନଦୀ ନାଳରେ ବଡ଼ ମାଇ ଓ ଅଣ୍ଡିରା ମାଛ ଅନୁପସ୍ଥିତି ମାଛ ଉତ୍ପାଦନକୁ କମ୍ କରିଛି। ସାଧାରଣତଃ ମାଛ ଚଳନ୍ତି ପାଣିରେ ଅଣ୍ଡା ଦେବା ପସନ୍ଦ କରନ୍ତି। ତିନି ଚାରି ଦଶନ୍ଧି ପୂର୍ବେ ନଦୀ ନାଳରେ ପ୍ରଚୁର ପରିମାଣରେ ମିଳୁଥିବା ଦେଶୀ ମାଛ ଯଥା ଶେଉଳ, ବାଳିଆ, ଫଳି, ପବତା, ସେରେଣା, ଗଡିଶ, ଚେଙ୍ଗ, ମାଗୁର, କଉ, ସିଙ୍ଗି, କଣ୍ଟିଆ, ଛେଳାକେରାଣ୍ଡି, ତୋଡି, ବମି, ବାଲିକିରା, ବାଟୁଲି, ମଉରାଳି ଇତ୍ୟାଦି ଆଉ ଅଧିକ ପରିମାଣରେ ଦେଖିବାକୁ ମିଳୁନି। କିଛି ବର୍ଷ ପରେ ଆମର ଆଗାମୀ ପିଢ଼ି ଆଉ ଏ ସବୁ ସୁସ୍ୱାଦୁ ମଧୁର ମାଛ ଖାଇବାକୁ ପାଇବେ ନାହିଁ। ଏହିପରି ଆଗରୁ ଯେତେ ପରିମାଣର ଇଲିଶି ମାଛ ଉପଲବ୍ଧ ହେଉଥିଲା, ସେ ସବୁ ବି କମିଗଲେଣି। ଏଣୁ ମାଛ ଧରାକୁ ଜୀବିକା କରି ବଞ୍ଚୁଥିବା ମତ୍ସ୍ୟଜୀବୀ ସମ୍ପ୍ରଦାୟଙ୍କ ଜୀବନ



ଜୀବିକା ବର୍ତ୍ତମାନ ସଂକଟାପନ୍ନ। ଏହାର ଅନ୍ୟ ଏକ ପ୍ରମୁଖ କାରଣ ହେଉଛି ନଦୀ ନାଳରୁ ପ୍ରଚୁର ପରିମାଣର ମାଛ ନ ମିଳିବା। ଯେହେତୁ ଆମ ପାଖରେ ନଦୀ, ନାଳ ଓ କେନାଲ ଯୋର ଇତ୍ୟାଦି ଭରି ରହିଛି, ସେ ସବୁକୁ ଆମେ ମାଛ ଉତ୍ପାଦନ ବୃଦ୍ଧି ନିମନ୍ତେ ଉପଯୋଗ କରିପାରିବା। ବିଭିନ୍ନ ପ୍ରକାର ଯାଆଁଳକୁ ଆମେ କୃତ୍ରିମ ଉପାୟରେ ପ୍ରସ୍ତୁତ କରି ବିଭିନ୍ନ ନଦୀ ନାଳରେ ବର୍ଷାଦିନେ ଛାଡିଲେ, ତାଙ୍କର ବଂଶ ବୃଦ୍ଧି ହେବ ଓ ମତ୍ସ୍ୟଜୀବୀଙ୍କର ଜୀବନଧାରଣ ମାନରେ ବୃଦ୍ଧି ଘଟିବ। ନଦୀ ନାଳରେ ମାଛ ସଂଖ୍ୟା ବଢ଼ିଲେ ଜଳ ପ୍ରଦୂଷଣ ମଧ୍ୟ ହ୍ରାସ ପାଇବ। ଏଥିପାଇଁ ଅଧିକ ଖର୍ଚ୍ଚର ଆବଶ୍ୟକତା ନାହିଁ। ବିଭିନ୍ନ ସଂସ୍ଥାରୁ ଯାଆଁଳ କିଣି ନଦୀ ନାଳରେ ଛାଡିବା। ଏହାକୁ ଏକ ପରିଯୋଜନା ହିସାବରେ ଆମେ ସରକାରୀ ଖର୍ଚ୍ଚରେ ସମଗ୍ର ରାଜ୍ୟରେ କରିପାରିବା। କାରଣ ଏଥିପାଇଁ ବେସରକାରୀ ସ୍ତରରେ କେହି ଆଗକୁ ଆସିବେ ନାହିଁ। ଆମେ ବିଭିନ୍ନ କମ୍ପାନୀରୁ ମିଳୁଥିବା ସିଏସ୍‌ଆର (ସମାଜ କଲ୍ୟାଣ ପାଣ୍ଠି) ଫଣ୍ଡରୁ ଅର୍ଥ ନେଇ ଏପରି କରିପାରିବା।

ନଦୀ ନାଳର ବିଭିନ୍ନ ଜାଗାରେ କୃତ୍ରିମ ଉପାୟରେ ଗଣ୍ଡ ନିର୍ମାଣ କଲେ ସେଠାରେ ବର୍ଷ ସାରା ପାଣି ରହିବ ଓ ବ୍ରିଡିଙ୍ଗ ଷ୍ଟକ୍ (ଅଣ୍ଡା ଦେଉଥିବା ମାଛ) ମଧ୍ୟ ରହିବେ, ଯାହାକି ବର୍ଷା ଋତୁରେ ହଜାର ହଜାର ଅଣ୍ଡାଦାନ ଦ୍ୱାରା ଆପେ ଆପେ ବଂଶ ବୃଦ୍ଧି କରିବେ। ଖରାଦିନେ ନଦୀ ନାଳର ଗଣ୍ଡକୁ କୃତ୍ରିମ ଉପାୟରେ ଶୁଖାଇବା ବିରୋଧରେ ଆଇନ ପ୍ରଣୟନ ହେବା ଆବଶ୍ୟକ। କାରଣ ନଦୀ ନାଳରେ ପାଣି ନ ରହିଲେ ବିଭିନ୍ନ ପ୍ରକାର ପକ୍ଷୀ, ଜୀବଜନ୍ତୁ ଯଥା ନେଉଳ, ଶିଆଳ, ଗୁଣ୍ଡୁଚିମୂଷା, ଓଧ, ସାପ, କୋକିଶିଆଳି, ମୂଷା, ଗୋଧି ଆଦି ବଞ୍ଚିବା କଷ୍ଟ। ଆମର ଜୈବବିବିଧତା ନଷ୍ଟ ହେବ। ଦେଶୀ କଇଁଛ, କୁମ୍ଭାଟୁଆ ଓ ପାଣିକୁକୁଡ଼ା ପ୍ରଭୃତିଙ୍କ ବଂଶ ପ୍ରାୟ ଲୋପ ପାଇଗଲାଣି। ନଦୀ ନାଳରେ ମାଛ ରହିଲେ ମାଛରଙ୍କା ପକ୍ଷୀ ମଧ୍ୟ ବଞ୍ଚିବେ। ଆସନ୍ତୁ ସମସ୍ତେ ଏ ବିଷୟରେ ଗୁରୁତ୍ୱକୁ ଉପଲବ୍ଧି କରି ନଦୀ ନାଳ, ଜଳଭଣ୍ଡାର ପ୍ରଭୃତି ପ୍ରାକୃତିକ ଓ କୃତ୍ରିମ ଜଳାଶୟରେ ମାଛ ଯାଆଁଳ ଛାଡ଼ିବା ପାଇଁ ବିତ୍ତୀୟ ବ୍ୟବସ୍ଥା କରି ଜନ ସହଭାଗିତାରେ ଏହାକୁ କାର୍ଯ୍ୟକାରୀ କରିବା। ଛୋଟ ଛୋଟ ଯାଆଁଳକୁ ଧରିପାରୁଥିବା କ୍ଷୁଦ୍ର ରନ୍ଧ୍ରଯୁକ୍ତ ଜାଲ ଯାହାକି ନିଷିଦ୍ଧ ଅଛି ତାହାର ବିକ୍ରି କିପରି ବନ୍ଦ ହେବ ସେ ବିଷୟରେ କାର୍ଯ୍ୟ କରିବାକୁ ପଡ଼ିବ। ନଦୀ ନାଳରେ ବିଷ ପକାଇ ମାଛ ଓ ଅନ୍ୟାନ୍ୟ ଜଳଜୀବଙ୍କୁ ମାରିବାକୁ ନିଷିଦ୍ଧ କରି ଆଇନ ଖିଲାପକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ହେବ। ଆମ ପୂର୍ବପୁରୁଷ ଆମ୍ଭମାନଙ୍କୁ ଯେଉଁ ମଧୁର ଜଳ ମତ୍ସ୍ୟସମ୍ପଦ ଦେଇଯାଇଛନ୍ତି ତା'ର ସୁରକ୍ଷା ବିଷୟରେ ଚିନ୍ତା କରି କାର୍ଯ୍ୟ କରିବାକୁ ପଡ଼ିବ।

**ପ୍ରଧାନ ବୈଜ୍ଞାନିକ**
**ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ**
**(ଭାରତ ସରକାର),ଭୁବନେଶ୍ୱର**
**ମୋ-୮୯୧୭୪୨୬୪୪୦**

## ଏଇ ଭାରତରେ

ଗଛର ମହତ୍ତ୍ୱ ବୁଝାଇବାକୁ ମହାରାଷ୍ଟ୍ରର ଜଣେ ଯୁବକ ତାଙ୍କ ଘରେ ଏକ ବିହନ ବ୍ୟାଙ୍କ ଖୋଲିଛନ୍ତି। ଲାଟୁର ଜିଲାର ରେନାପୁର ତହସିଲର ବାସିନ୍ଦା ୩୬ ବର୍ଷ ବୟସ୍କ ଶିବଶଙ୍କର ଚୋପାଲେ ଏହି ବିହନ ବ୍ୟାଙ୍କରୁ ଲୋକଙ୍କୁ ମାଗଣାରେ ବିହନ ଯୋଗାଉଛନ୍ତି। ତାଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଅନେକ ଛାତ୍ର ଓ ନାଗରିକ ଗଛ ଲଗାଉଛନ୍ତି। ତିନି ବର୍ଷ ପୂର୍ବେ ସେ ଏହି ପଦକ୍ଷେପ ଆରମ୍ଭ କରିଥିଲେ। ସେହିଦିନଠାରୁ ଆଜି ପର୍ଯ୍ୟନ୍ତ ସେ ପ୍ରାୟ ୫,୦୦୦ ଲୋକ ଏବଂ ବହୁ ଏନ୍‌ଜିଓକୁ ମଞ୍ଜି ବଣ୍ଟନ କରିଛନ୍ତି। ଏହି ବିହନ ବ୍ୟାଙ୍କ ତାଙ୍କ ଘରେ ଖୋଲିଛନ୍ତି। ଏଥିରେ ୧୫୦ ପ୍ରକାରର ବିହନ ଅଛି। ଏକ ଘରୋଇ ଗ୍ୟାସ ଏଜେନ୍ସିରେ କାର୍ଯ୍ୟ କରୁଥିବା ଚୋପାଲେ କହିଛନ୍ତି, ସେ ଗଛ ଲଗାଇବା ପାଇଁ ଲୋକଙ୍କୁ ମାଗଣା ବିହନ ସହ ପରିବେଶ ସୁରକ୍ଷା ପାଇଁ ପ୍ରୟାସ କରୁଛନ୍ତି। ସେ ଏକ ବିହନ ବ୍ୟାଙ୍କ ମାଧ୍ୟମରେ ବୃକ୍ଷରୋପଣ ବୃଦ୍ଧି ସହ ପରିବେଶ ପ୍ରତି ଲୋକଙ୍କୁ ସଚେତନ କରୁଛନ୍ତି। ଶିବ ଶଙ୍କର କେବଳ ଦ୍ୱାଦଶ ପର୍ଯ୍ୟନ୍ତ ପଢ଼ିଛନ୍ତି। ପିଲାଦିନରୁ ସେ ପ୍ରକୃତିକୁ ଭଲ ପାଉଥିଲେ। ସେ ମଧ୍ୟ ପ୍ଲାଷ୍ଟିକ ବୋତଲଗୁଡ଼ିକର ପୁନଃବ୍ୟବହାର ବିଷୟରେ ଲୋକଙ୍କୁ ସଚେତନ କରୁଛନ୍ତି। ଲୋକମାନେ ଏହି ଅଭିଯାନରେ ତାଙ୍କୁ ସମର୍ଥନ କରୁଛନ୍ତି। ଲାଟୁର ଜିଲା ପରିଷଦର କୃଷି ବିଭାଗର ଅଭିଯାନ ଅଧିକାରୀ ଗୋପାଳ ଶେରଖାନେ ଚୋପାଲେଙ୍କୁ ପ୍ରଶଂସା କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୭ ଜୁନ୍ ୧୯୯୮

- ଉପନିର୍ବାଚନରେ ଦଳର ବିପର୍ଯ୍ୟୟ ପାଇଁ ନୈତିକ ଦାୟିତ୍ୱ ଗ୍ରହଣ କରି କଂଗ୍ରେସ ବିଧାୟକ ଦଳ ନେତା ପଦରୁ ହିମାଚଳପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ବୀରଭଦ୍ର ସିଂଙ୍କ ଇସ୍ତଫା ପ୍ରଦାନ।
- ଯୁବ ଦ୍ରୁତ ବୋଲର ପ୍ରଶାନ୍ତ ବୈଦ୍ୟଙ୍କ କ୍ରିକେଟରୁ ଅବସର ଘୋଷଣା।

## su | do | ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | 8 | | | | | | 9 | 6 |
| 7 | | | | | 3 | | | 8 |
| 5 | | | | 9 | | | 2 | |
| | | 4 | | 6 | | | 1 | |
| | | | | 1 | | | | 5 |
| 9 | | 5 | | | | | 3 | |
| | | 8 | | 5 | | | | 3 |
| | | | | | | 1 | | |
| 1 | | 9 | 8 | | | 4 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 3 | 8 | 7 | 6 | 2 | 9 | 1 | 5 |
| 6 | 7 | 9 | 5 | 8 | 1 | 4 | 2 | 3 |
| 2 | 1 | 5 | 9 | 4 | 3 | 6 | 7 | 8 |
| 3 | 2 | 6 | 1 | 7 | 9 | 8 | 5 | 4 |
| 9 | 5 | 7 | 4 | 2 | 8 | 3 | 6 | 1 |
| 1 | 8 | 4 | 6 | 3 | 5 | 7 | 9 | 2 |
| 8 | 9 | 3 | 2 | 1 | 6 | 5 | 4 | 7 |
| 7 | 6 | 1 | 3 | 5 | 4 | 2 | 8 | 9 |
| 5 | 4 | 2 | 8 | 9 | 7 | 1 | 3 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପୃଥିବୀ ସୁରକ୍ଷିତ ନୁହେଁ

ମହାଶୟ,

ନଦୀ ମାତା, ନଦୀ ଦାତା, ନଦୀ ହିଁ ଭାଗ୍ୟବିଧାତା। କାଳେ କାଳେ ନଦୀ କୂଳେ ଗଢ଼ି ଉଠିଅଛି କେତେ କେତେ ଗ୍ରାମ, ଜନପଦ ଓ ନଗର। ଆଉ ନଦୀକୂଳେ ସମାଜ ସାଥିକୁ ସୃଷ୍ଟି ହୋଇଥାଏ ସଂସ୍କୃତି ଓ ସଭ୍ୟତାର ଭବ୍ୟମାନଚିତ୍ର। ନଦୀ ନ ଥିଲେ ମିଳେ ଚିର ମରୁଭୂମିର ନିରବଚ୍ଛିନ୍ନ ଦୁଃଖ ଏବଂ ଅନଟନ ଓ ହା-ଅନ୍ନର ଭୟଙ୍କର ହାହାକାର। ଜଙ୍ଗଲର ଦ୍ରୁତ ହ୍ରାସ, ପୃଥିବୀର ଜଳସ୍ତରରେ ପତନ କ୍ରମଶଃ ଅନେକ ସ୍ଥାନରେ ଶୁଷ୍କ ଜଳବାୟୁ ଏବଂ ପୃଥିବୀର ଅନେକ ସ୍ଥାନ ମରୁଭୂମିରେ ପରିଣତ ହେବାର ଦ୍ରୁତ ପ୍ରକ୍ରିୟା ଯୋଗୁ ପୃଥିବୀ ସୁରକ୍ଷିତ ନୁହନ୍ତି। ଅବିଭକ୍ତ ପୁରୀ ଜିଲାରେ କୁଆଖାଇ, କୁଶଭଦ୍ରା, ଦୟା ଓ ଭାର୍ଗବୀ ନଦୀଗୁଡ଼ିକର ଅଭ୍ୟୁଦୟ ଘଟିଛି। ପ୍ରାଚୀନ କାଳର ପ୍ରାଚୀ ନଦୀର ମୁଖ୍ୟଧାର ଆଜି ବିଲୁପ୍ତ। ନଦୀ ବିନା ଜୀବନ ଅଚିନ୍ତନୀୟ। ନଦୀର ଜଳଧାର କହେ, 'ମୋତେ ତୁମେ ରକ୍ଷାକର, ମୁଁ ତୁମକୁ ରକ୍ଷା କରିବି।'

**-ଦେବଦତ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଯେତେ ରୂପ ଅବୟବ
ସବୁଠାରୁ ଦିଶେ ହୋଇ ବଡ଼
ରୂପାନ୍ତର ଘେନି କେତେ
ହୋଇଛି ସେ ଜଡ଼ ଖାଲି ଜଡ଼!
(ଜଡ଼-ଦର୍ଶନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ



ତେଲଙ୍ଗାନାର ନଗରକୁର୍ନାଲ ଜିଲାରେ ଆୟୋଜିତ ଏକ ସରକାରୀ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ସମ୍ପୃକ୍ତ ଜିଲାର ଜିଲାପାଳ ଉଦୟ କୁମାର ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଉଛନ୍ତି। ଏହି ଅବସରରେ ତେଲଙ୍ଗାନା ସରକାରର ବହୁ ବରିଷ୍ଠ ମନ୍ତ୍ରୀ ଓ ବିଧାୟକଙ୍କ ସମେତ ଜିଲା ପ୍ରଶାସନର ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

# ଚାଇନାର ସାମରିକ ଉଗ୍ରତା ବିପଜ୍ଜନକ

**ୱାଶିଂଟନ୍,୬।୬**

ତାଇୱାନ୍ ପ୍ରଣାଳୀ ଏବଂ ଦକ୍ଷିଣ ଚାଇନା ସାଗର (ଏସ୍‌ସିଏସ୍)ରେ ବେଜିଂର କ୍ରମବର୍ଦ୍ଧିଷ୍ଣୁ ସାମରିକ ଉଗ୍ରତାକୁ ଆମେରିକା ନିନ୍ଦା କରିଛି। ୱାଶିଂଟନ୍ ଓ ବେଜିଂ ମଧ୍ୟରେ ବଢୁଥିବା ତିକ୍ତତା ପରିପ୍ରେକ୍ଷୀରେ ହ୍ୱାଇଟ୍ ହାଉସ୍ ମୁଖପାତ୍ର ଜନ୍ କିର୍ବି କହିଛନ୍ତି, ଚାଇନାର ଆକ୍ରମଣାତ୍ମକ ଆଭିମୁଖ୍ୟର ମୁକାବିଲା ପାଇଁ ଆମେ ପ୍ରସ୍ତୁତ। ଆକାଶରେ ବିମାନ ଓ ସମୁଦ୍ରରେ ଜାହାଜ ଚଳାଚଳର ସ୍ୱାଧୀନତାକୁ ଆମେରିକା ସମର୍ଥନ ଦେବା ଜାରି ରଖିବ। ବେଜିଂ ଯାହା କରୁଛି, କିଭଳି ସେସବୁକୁ ଯଥାର୍ଥ ଦର୍ଶାଇବ ତାହା ଉପରେ ନଜର ରଖିଛୁ। ଆକାଶ ଓ ସମୁଦ୍ରରେ ସବୁବେଳେ ମୁକାବିଲା ସ୍ଥିତି ଲାଗିରହିଥାଏ। କିନ୍ତୁ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ ବୋଲି ଆମେ ଯେତେବେଳେ ଅନୁଭବ କରୁ, ଉପଯୁକ୍ତ ପଦକ୍ଷେପ ନେଇଥାଉ। ସମ୍ପୃକ୍ତ ଅଞ୍ଚଳରେ ଆମେରିକାର ଉପସ୍ଥିତିକୁ ନାପସନ୍ଦ କରୁଥିବା ବେଜିଂ ଆମେରିକୀୟ ଜାହାଜ ଓ ବିମାନଗୁଡ଼ିକୁ ଅଟକାଇବାକୁ ଚାହେଁ। ଏହା କେବେ ସଫଳ ହେବ ନାହିଁ ବୋଲି କିର୍ବି କହିଛନ୍ତି। ଅନ୍ୟପକ୍ଷେ ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ୱାଙ୍ଗ୍ ୱେନ୍‌ବିନ୍ କହିଛନ୍ତି, ବେଜିଂର ପଦକ୍ଷେପ ସମ୍ପୂର୍ଣ୍ଣ ଯଥାର୍ଥ, ବୈଧ, ପେସାଦାର ଓ ସୁରକ୍ଷିତ। ତାଇୱାନ୍ ପ୍ରଣାଳୀର ସମ୍ବେଦନଶୀଳ ଜଳପଥରେ ଚାଇନାର ଯୁଦ୍ଧଜାହାଜ ଆମେରିକୀୟ ଡେଷ୍ଟ୍ରୟର ସାମ୍ନାରେ ଅତିକ୍ରମ କରୁଥିବା ବେଳର ଭିଡିଓକୁ ରବିବାର ଆମେରିକା ନୌସେନା ଜାରି କରିଥିଲା। ଦୁଇଦେଶର ସୁରକ୍ଷା ବଳ ତାଇୱାନ୍ ପ୍ରଣାଳୀ ଓ ଏସ୍‌ସିଏସ୍‌ରେ ମୁହାଁମୁହିଁ ହେବା ବିପଜ୍ଜନକ ବୋଲି ହ୍ୱାଇଟ୍ ହାଉସ୍ କହିଛି। ଦୁଇ ପ୍ରତିଦ୍ୱନ୍ଦ୍ୱୀ ରାଷ୍ଟ୍ର ମଧ୍ୟରେ ବାଣିଜ୍ୟ ଓ ତାଇୱାନ୍‌ଠୁ ନେଇ ରୁଷିଆର ୟୁକ୍ରେନ୍ ଆକ୍ରମଣ ପର୍ଯ୍ୟନ୍ତ ପ୍ରସଙ୍ଗକୁ ନେଇ ଟଣାଓଟରା ଲାଗିରହିଥିବାବେଳେ ଆଗକୁ ଆହୁରି ଅଧିକ ମୁକାବିଲାମୂଳକ ସ୍ଥିତି ଉପୁଜିପାରେ। ପ୍ରକାଶ ଯେ, ମେ’ ୨୬ରେ ଚାଇନାର ଏକ ଫାଇଟର ଜେଟ୍ ଏସ୍‌ସିଏସ୍ ଆକାଶରେ ଆମେରିକୀୟ ସେନାର ଏକ ବିମାନ ଆଗରେ ଶକ୍ତି ପ୍ରଦର୍ଶନ କରିଥିଲା। ୱାଶିଂଟନ୍ ଏହାକୁ ଅନାବଶ୍ୟକ ଭାବେ ଆକ୍ରମଣାତ୍ମକ ଆଭିମୁଖ୍ୟ ବୋଲି ଅଭିହିତ କରିଥିଲା। ସେହିପରି ଆମେରିକୀୟ ଡେଷ୍ଟ୍ରୟର ଚୁଙ୍ଗ୍-ହୁନ୍ ଏବଂ କାନାଡୀୟ ଫ୍ରିଗେଟ୍ ମୋଣ୍ଟ୍ରିଆଲ ଶନିବାର ତାଇୱାନ୍ ଷ୍ଟ୍ରେଟ୍‌ରେ ଟ୍ରାଞ୍ଜିଟ୍ କରୁଥିବାବେଳେ ଚାଇନାର ଏକ ଜାହାଜ ମାତ୍ର ୧୩୭ ମିଟର ବ୍ୟବଧାନରେ ଅତିକ୍ରମ କରିଥିଲା। ଏହାସତ୍ତ୍ୱେ ଚୁଙ୍ଗ୍-ହୁନ୍ ନିଜ ପଥ ବଦଳାଇ ନ ଥିଲା। ଆମେରିକା ନୌସେନା ଏହାର ଏକ ଭିଡିଓ ଜାରି କରିଛି।

**ତାଇୱାନ୍ ପ୍ରଣାଳୀ, ଏସ୍‌ସିଏସ୍‌ରେ ବେଜିଂ ଦାଦାଗିରିକୁ ନିନ୍ଦାକଲା ଆମେରିକା**



# ସମନ ପାଇଁ ପ୍ରମାଣ ଜରୁରୀ: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୬।୬(ଆଇଏଏନ୍‌ଏସ୍)**

କୌଣସି ମାମଲାର ବିଚାର ଚାଲିଥିବାବେଳେ ଜଣେ ବ୍ୟକ୍ତିଙ୍କୁ ଅଭିଯୁକ୍ତ ଭାବେ ସମନ କରିବା କ୍ଷମତା ଅଦାଲତଙ୍କ ଦ୍ୱାରା ଯନ୍ତ୍ରବତ୍ ପ୍ରୟୋଗ କରାଯିବା ଉଚିତ ନୁହେଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ମାମଲାର ବିଚାର ବେଳେ ଯଦି ଅଦାଲତ ସିଆର୍‌ପିସିର ଧାରା ୩୧୯ରେ ପ୍ରଦତ୍ତ କ୍ଷମତାର ପ୍ରୟୋଗ କରିବାକୁ ଚାହୁଁଥାନ୍ତି, ତେବେ ବ୍ୟକ୍ତିଙ୍କୁ ଅଭିଯୁକ୍ତ କରିବା ପାଇଁ ସାଧାରଣ ଭାବେ ରେକର୍ଡ ହୋଇଥିବା ଅଳ୍ପ କେତେକ ପ୍ରମାଣ ଆଧାରରେ ସମନ କରାଯାଇପାରିବ ନାହିଁ ବୋଲି ଜଷ୍ଟିସ୍ ଦୀପଙ୍କର ଦତ୍ତ ଓ ପଙ୍କଜ ମିଥଲଙ୍କ ଖଣ୍ଡପୀଠ କହିଛନ୍ତି। ଉକ୍ତ ପ୍ରମାଣ ଜଣକୁ ଦୋଷୀସାବ୍ୟସ୍ତ କରିପାରିବା ନେଇ ଅଦାଲତଙ୍କ ହୃଦ୍‌ବୋଧ ହେବା ଆବଶ୍ୟକ। ବ୍ୟକ୍ତି ଜଣକ ଅପରାଧରେ ସମ୍ପୃକ୍ତ ବୋଲି ରେକର୍ଡ ହୋଇଥିବା ପ୍ରମାଣରୁ ସ୍ପଷ୍ଟ ହେବା ଦରକାର। ତାହା ହେଲେ, ସେ ଔପଚାରିକ ଭାବେ ଅଭିଯୁକ୍ତ ହୋଇ ନ ଥିଲେ ମଧ୍ୟ ଅନ୍ୟ ଅଭିଯୁକ୍ତଙ୍କ ସହ ବିଚାରର ସମ୍ମୁଖୀନ ହୋଇପାରିବେ ବୋଲି ଖଣ୍ଡପୀଠ କହିଛନ୍ତି।

# ଡାର୍କ ନେଟ୍‌ରେ ଡ୍ରଗ୍ସ କାରବାର

**ନୂଆଦିଲ୍ଲୀ,୬।୬**

**୧୫,୦୦୦ ବୋଲ୍ଟସ ଏଲ୍‌ଏସ୍‌ଡି ଜବତ**

ନାର୍କୋଟିକ୍ କଣ୍ଟ୍ରୋଲ୍ ବ୍ୟୁରୋ (ଏନ୍‌ସିବି) ପକ୍ଷରୁ ମଙ୍ଗଳବାର ଦେଶବ୍ୟାପୀ ଡ୍ରଗ୍ସ ଚାଲାଣ କରୁଥିବା ଏକ ନେଟ୍‌ୱର୍କର ପର୍ଦ୍ଦାଫାଶ କରାଯାଇଛି। ଚଢ଼ାଉ ବେଳେ ୧୫,୦୦୦ ବୋଲ୍ଟସ ଲାଇସେର୍ଜିକ ଏସିଡ୍ ଡାଇଥିଲାମାଇଡ୍ (ଏଲ୍‌ଏସ୍‌ଡି) ଜବତ କରାଯାଇ ୬ ଛାତ୍ରଙ୍କୁ ଗିରଫ କରାଯାଇଛି। ଏହାକୁ ଡାର୍କ ନେଟ୍ ଜରିଆରେ ଚାଲିଥିବା ସବୁଠୁ ବଡ଼ ଡ୍ରଗ୍ସ କାରବାର ବୋଲି କୁହାଯାଉଛି। ଏଲ୍‌ଏସ୍‌ଡି ହେଉଛି ଏକ ସିନ୍ଥେଟିକ୍ କେମିକାଲଭିତ୍ତିକ ଡ୍ରଗ୍, ଯାହାକୁ ହେଲୁସିନୋଜିଏନ୍ ଭାବେ ବର୍ଗୀକୃତ କରାଯାଇଛି। ଡାର୍କ ନେଟ୍‌ରେ ପରିଚାଳିତ ଏହି ନେଟ୍‌ୱର୍କ ପେମେଣ୍ଟ ପାଇଁ କ୍ରିପ୍ଟୋକରେନ୍ସି ବ୍ୟବହାର କରୁଥିଲା। ଏହାର ଜାଲ ପୋଲାଣ୍ଡ, ନେଦରଲାଣ୍ଡ୍ସ, ଆମେରିକା ଓ ଭାରତର ବିଭିନ୍ନ ରାଜ୍ୟରେ ସକ୍ରିୟ ରହିଛି। ଏନ୍‌ସିବି ଉପମହାନିର୍ଦ୍ଦେଶକ (ନର୍ଦର୍ନ ରେଞ୍ଜ) ଜ୍ଞାନେଶ୍ୱର ସିଂ କହିଛନ୍ତି, ୨୦୨୧ରେ କର୍ନାଟକରେ ୫,୦୦୦ ବୋଲ୍ଟସ୍ ଏଲ୍‌ଏସ୍‌ଡି ଜବତ ହୋଇଥିଲା। ୨୦୨୨ରେ ମଧ୍ୟ କୋଲକାତା ଏନ୍‌ସିବି ଏତେ ପରିମାଣର ଏଲ୍‌ଏସ୍‌ଡି ଜବତ କରିଥିଲା। କିନ୍ତୁ ବର୍ତ୍ତମାନ ଜବତ ହୋଇଥିବା ୧୫,୦୦୦ ଏଲ୍‌ଏସ୍‌ଡି, ଅଦ୍ୟାବଧି ସର୍ବାଧିକ। ଏହି ବିପଜ୍ଜନକ ଡ୍ରଗ୍‌ର ବ୍ୟବହାର ଯୁବପିଢ଼ି ଅଧିକ ମାତ୍ରାରେ କରୁଥିବା ଦେଖିବାକୁ ମିଳୁଛି। ଲୁକ୍କାୟିତ ଇଣ୍ଟରନେଟ୍ ପ୍ଲାଟଫର୍ମ ଜରିଆରେ ଏହାର ଚାଲାଣ କରାଯାଉଥିଲା।



ଗିରଫ ୬ ଅଭିଯୁକ୍ତ।

PARADIP PORT AUTHORITY
MARINE DEPARTMENT
No.MD/ACCTS-WK-R-4/2022/731 Date:02/06/2023
Second Corrigendum to e-Tender Call Notice [e-TCN] No.: MD/ACCTS/WK-R-4/2022/499 dt. 19/04/2023
Name of the Work: "Supply of 01 No.60 Ton Bollard Pull Tug along with Manning crew on Hire for Marine Operation at SPMs and inside Harbour at Paradip for a period of seven years". Estimated Cost put to tender: ₹75,48,71,148/-. With reference to above e-tender, revised tender document has been published in the e-procurement website with extension. Last date & time of submission of bids through on-line bidding is 15:00 hours on Dt.26.06.2023. Technical Bids shall be opened at 16:00 hours on Dt.27.06.2023. For details, please log on to the Website : https://eprocure.gov.in/eprocure/app .
Dy. Conservator, PPA
PPA/PR/20/2023-24, Dt.06.06.2023

ଦ.ପୂ. ରେଳପଥ - ଟେଣ୍ଡର
ଇ-ଟେଣ୍ଡର ବିଜ୍ଞପ୍ତି ନଂ. ଇ-ଟେଣ୍ଡର/୨୦୨୩/୨୬। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲୱେ ମ୍ୟାନେଜର (ଇଏନ୍‌ଜି.), ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର-୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ସମ୍ପୃକ୍ତ ସାମଗ୍ରୀ ନିମନ୍ତେ ଦର୍ଶାଯାଇଥିବା ତାରିଖର ୧୫.୦୦ ଘଟିକା ପୂର୍ବ ସୁଦ୍ଧା ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି, ଯାହା ୧୫.୩୦ ଘଟିକାରେ ଖୋଲାଯିବ। ଟେଣ୍ଡର ନଂ.: ଇ-କେଜିପି-ସାଉଥ୍-୧୪-୨୦୨୩। କାର୍ଯ୍ୟର ବର୍ଣ୍ଣନା: ଏଡିଇଏନ୍ (ବାଲେଶ୍ୱର)/କେଜିପିଙ୍କ କ୍ଷେତ୍ରାଧିକାରରେ ଟିଆର୍‌ଆର୍, ଟିଏଫ୍‌ଆର୍, ଟିଟିଆର୍, ଏସ୍‌ଇଜେ ନବୀକରଣ ଇତ୍ୟାଦି ସମେତ ବିବିଧ ପି.ୱେ ନବୀକରଣ କାର୍ଯ୍ୟ। ଟେଣ୍ଡର ମୂଲ୍ୟ: ₹୧,୧୧,୮୨,୭୩୦.୯୨; ଅମାନତ ରାଶି: ₹୨,୦୫,୯୦୦/-। ଟେଣ୍ଡର ଦସ୍ତାବିଜ ମୂଲ୍ୟ (₹): ୦। ଖୋଲାଯିବା ତାରିଖ: ୨୩।୦୬।୨୦୨୩। କାର୍ଯ୍ୟର ସମାପ୍ତି ଅବଧି: ୧୨ (ବାର) ମାସ। ବିଡିଂ ଆରମ୍ଭ ତାରିଖ: ତା୦୯।୦୬।୨୦୨୩ରିଖଠାରୁ ତା୨୩।୦୬।୨୦୨୩ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ। ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ତଥା ଅନ୍‌ଲାଇନ୍‌ରେ ନିଜର ବିଡ୍ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି। ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ବି.ଦ୍ର.: ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି। (PR-253)

## ରାଜ୍ୟ ଖବର

# ବାପାଙ୍କ ହତ୍ୟାର ପ୍ରତିଶୋଧ ନେଲେ ନାବାଳକ

**ରାଇଘର,୬।୬(ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା କୁନ୍ଦେଇ ଥାନା ଅଧୀନ ରାସପୁର ଗ୍ରାମର ଏକ ପୋଖରୀରୁ ୨ ତାରିଖରେ ଖୁଡ଼ୁକୁ ପଞ୍ଚାୟତ ଅଧୀନ ଏକ ଗ୍ରାମର ନାଥା ପାହାଡ଼ିଆଙ୍କ କ୍ଷତବିକ୍ଷତ ମୃତଦେହ ଉଦ୍ଧାର ହୋଇଥିଲା। ମଙ୍ଗଳବାର ପୋଲିସ ଏହି ଘଟଣାର ପର୍ଦ୍ଦାଫାଶ କରିଛି। ନାଥାଙ୍କୁ ହତ୍ୟା ଅଭିଯୋଗରେ ପୋଲିସ ଉକ୍ତ ଗ୍ରାମର ଜଣେ ନାବାଳକ ଓ ତାଙ୍କ ସହଯୋଗୀ ଲୋଧନ ପାହାଡ଼ିଆଙ୍କୁ ପଚରାଉଚରା କରିଛି। ନାବାଳକ ଜଣଙ୍କ ବାପା ଲଖୁରାମ ପାହାଡ଼ିଆଙ୍କ ହତ୍ୟାକାଣ୍ଡର ପ୍ରତିଶୋଧ ନେଇ ନାଥାଙ୍କୁ ମାରିଥିବା ପୋଲିସ କହିଛି। ପୋଲିସ ସୂଚନାନୁଯାୟୀ, ଗତବର୍ଷ ତେନ୍ତୁଳି ତୋଳିବାକୁ ନାଥା ପାହାଡ଼ିଆ, ସହଦେବ ପାହାଡ଼ିଆ, ନଥେଲ୍ ପାହାଡ଼ିଆ ଓ ଲଖୁରାମ ପାହାଡ଼ିଆ ଗଛରେ ଚଢ଼ିଥିଲେ। କିଛି ସମୟ ପରେ ଲଖୁରାମ ତଳେ ପଡ଼ିଯିବାରୁ ତାଙ୍କର ମୃତ୍ୟୁ ହୋଇଥିଲା। ଲଖୁରାମଙ୍କୁ ନାଥା ପାହାଡ଼ିଆ ତଳକୁ ଠେଲି ଦେଇଥିବା ସେ ସମୟରେ ଅଭିଯୋଗ ହୋଇଥିଲେ ସୁଦ୍ଧା ଗ୍ରାମରେ ମିଟିଂ କରି ଏହାର ସମାଧାନ କରାଯାଇଥିଲା। ଏ ନେଇ ଲଖୁରାମଙ୍କ ନାବାଳକ ପୁଅ ଥାନାରେ ଅଭିଯୋଗ କରି ପାରି ନ ଥିଲେ। କିନ୍ତୁ ପ୍ରତିଶୋଧ ନେବା ସୁଯୋଗକୁ ଅପେକ୍ଷା କରି ରହିଥିଲେ। ଏହି ଘଟଣାର ପ୍ରାୟ ବର୍ଷେ ପରେ ଏକ ନାମକରଣ କାର୍ଯ୍ୟକ୍ରମରେ ନାଥା ପାହାଡ଼ିଆ ଦରିପାରା ଗ୍ରାମର ବିଶ୍ୱନାଥ ଗଣ୍ଡଙ୍କ ଘରକୁ ଯିବାର କାର୍ଯ୍ୟକ୍ରମ ରହିଥିବା ଜାଣିପାରି ନାବାଳକ ଜଣଙ୍କ ତାଙ୍କୁ ହତ୍ୟା କରିବାକୁ ଯୋଜନା ପ୍ରସ୍ତୁତ କରିଥିଲେ। ଗତ ବୁଧବାର ନାଥା ମା’ ଓ ବଡ଼ଭାଇଙ୍କ ସହିତ ଦରିପାରାକୁ ଯାଇ ଫେରି ଲଖୁରାମଙ୍କ ଅଗଣାରେ ଶୋଇଥିଲେ। ଏହାର ସୁଯୋଗ ନେଇ ରାତିରେ ନାବାଳକ ଏକ ଟାଙ୍ଗିଆରେ ନାଥାଙ୍କ ଛାତି, ମୁଣ୍ଡ ଓ ମୁହଁକୁ ଚୋଟ ପକାଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଉଭୟ ନାବାଳକ ଲଖୁରାମ ନାଥାଙ୍କ ହାତଗୋଡ଼ ବାନ୍ଧି ରାସପୁର ଗ୍ରାମକୁ ନେଇ ସେଠାରେ ଏକ ପୋଖରୀ ମଧ୍ୟକୁ ଫୋପାଡ଼ି ଦେଇଥିଲେ। ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆକୁ କାଣ୍ଡେତରା ଗ୍ରାମର ଏକ କୂଅ ଭିତରକୁ ଫୋପାଡ଼ି ଦେଇଥିଲେ। କୁନ୍ଦେଇ ପୋଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଥିଲା। କୁନ୍ଦେଇ ଥାନାଧିକାରୀ ପ୍ରଶାନ୍ତ କୁମାର ସେଠୀ ଘଟଣାର ତଦନ୍ତ କରିବା ସହ ନାବାଳକ ଓ ତାଙ୍କ ସହଯୋଗୀଙ୍କୁ ସନ୍ଦେହରେ ପଚରାଉଚରା କରିବାରୁ ଉଭୟ ନିଜ ଦୋଷ ସ୍ୱୀକାର କରିଥିଲେ। ସହଯୋଗୀ ଲୋଧନ ପାହାଡ଼ିଆଙ୍କୁ କୋର୍ଟ ଚାଲାଣ କରାଯାଇଛି। ନାବାଳକଙ୍କୁ କଳାହାଣ୍ଡିସ୍ଥିତ ହାଜତକୁ ପଠାଯାଇଛି।

## ସାନ ଭାଇ ଟାଙ୍ଗିଆ ଚୋଟରେ ବଡ଼ ମୃତ

**ଫିରିଙ୍ଗିଆ, ୬।୬:** କନ୍ଧମାଳ ଜିଲା ଫିରିଙ୍ଗିଆ ଥାନା ଡିମିରିଗୁଡ଼ା ଅଞ୍ଚଳ ଡିମିରିଗୁଡ଼ା ଗ୍ରାମର ନରେନ୍ଦ୍ର ବିନ୍ଧାଣୀ ଓ ସାନଭାଇ କର୍ଣ୍ଣ ବିନ୍ଧାଣୀଙ୍କ ମଧ୍ୟରେ ସୋମବାର ରାତିରେ ପାଟିତୁଣ୍ଡ ହୋଇଥିଲା। ପରିବାର ଓ ସାହିପଡିଶା ଉଭୟଙ୍କୁ ବୁଝାଶୁଝା କରିଥିଲେ। ନରେନ୍ଦ୍ର ରାତିରେ ଖାଇସାରି ଖଟିଆରେ ଶୋଇଥିବାବେଳେ ସାନଭାଇ କର୍ଣ୍ଣ ତାଙ୍କୁ ଟାଙ୍ଗିଆରେ ହାଣି ଫେରାର ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ନରେନ୍ଦ୍ରଙ୍କୁ ଫିରିଙ୍ଗିଆ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତକଙ୍କ ପୁଅ ଅକ୍ଷୟଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା ରୁଜୁ କରିଛି।

# ୩୦ବର୍ଷ ପରେ ଲକ୍ଷ୍ମୀଙ୍କୁ ସ୍ୱୀକାର କଲେ ବାପା



ଲକ୍ଷ୍ମୀଙ୍କ ସହ ଅନ୍ୟମାନେ।

**ଭବାନୀପାଟଣା,୬।୬(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଚିକିଲି ଗ୍ରାମର ବୈକୁଣ୍ଠ ଦୁର୍ଗା ତାଙ୍କ ଝିଅକୁ ୩୦ ବର୍ଷ ପରେ ନିଜ ସନ୍ତାନ ଭାବେ ଗ୍ରହଣ କରିଛନ୍ତି। ୧୯୮୫ରେ ବୈକୁଣ୍ଠ ମହାରାଷ୍ଟ୍ରର ନାଗପୁର ସହରର କାମେଟିଠାରେ କଳମପୁର ବ୍ଲକ୍ ବାଲିଛଡ଼ାର ଅନିତା ଛତ୍ରିଆଙ୍କୁ ବିବାହ କରିଥିଲେ। ଏହା ପରେ ଅନିତାଙ୍କୁ ଗର୍ଭାବସ୍ଥାରେ ଛାଡ଼ିଦେଇ ନିଜ ଗାଁ ଚିକିଲିକୁ ଫେରି ଆସିଥିଲେ। ଏହା ପରେ ଆଉ ନାଗପୁର ଫେରି ନ ଥିଲେ। ଇତିମଧ୍ୟରେ ଅନିତାଙ୍କ ଲକ୍ଷ୍ମୀ ନାମରେ ଝିଅଟିଏ ଜନ୍ମ ହୋଇଥିଲା। ସେହି ଝିଅଟି ବିଏ ପଢ଼ି ଉଚ୍ଚଶିକ୍ଷିତ ମଧ୍ୟ ହୋଇଥିଲା। ଏଣେ ବୈକୁଣ୍ଠ ପରିବାର ଚାପରେ ଲଡୁଗାଁରେ ଦ୍ୱିତୀୟ ବିବାହ କଲେ। ତାଙ୍କ ଦ୍ୱିତୀୟ ପତ୍ନୀ ଏବେ ଚିକିଲି ଗ୍ରାମର ଆଶାଦିଦି ଭାବେ କାର୍ଯ୍ୟ କରୁଛନ୍ତି। ଇତିମଧ୍ୟରେ ଲକ୍ଷ୍ମୀ ମା’ ଅନିତାଙ୍କ ନିକଟରୁ ବାପାଙ୍କ ବିଷୟରେ ସବୁ ଜାଣିବା ପରେ ଚିକିଲିକୁ ଆସି ତାଙ୍କୁ ଝିଅ ଭାବେ ଗ୍ରହଣ କରିବାକୁ ବୈକୁଣ୍ଠଙ୍କୁ ଅନୁରୋଧ କରିଥିଲେ। ତେବେ ବୈକୁଣ୍ଠଙ୍କ ଦ୍ୱିତୀୟ ପତ୍ନୀ ତାଙ୍କୁ ଝିଅ ଭାବେ ଗ୍ରହଣ କରିବାକୁ ମନା କରିଦେଲେ। ଫଳରେ ଲକ୍ଷ୍ମୀ କଳମପୁର ବ୍ଲକ୍ ଅଲ୍ ଓଡ଼ିଶା ସିଡ୍ୟୁଲ୍ କାଷ୍ଟ ଫେଡେରେଶନ (ଏଓଏସ୍‌ଏଫ୍)କୁ ନ୍ୟାୟ ପାଇଁ ଦରଖାସ୍ତ କରିଥିଲେ। ଏଓଏସ୍‌ଏଫ୍ ମହାସଚିବ ଯତୀନ୍ଦ୍ର କର ହସ୍ତକ୍ଷେପ କରି ଚିକିଲି ଗ୍ରାମରେ ଏକ ବୈଠକ ଡକାଇଥିଲେ। ବୈଠକରେ ଆପୋସ ସମାଧାନ ପରେ ବୈକୁଣ୍ଠ ଲକ୍ଷ୍ମୀଙ୍କୁ ଝିଅ ଭାବେ ଗ୍ରହଣ କରିବାକୁ ରାଜି ହୋଇଥିଲେ।

# ୫ ବାଘ ଶିକାରୀ ଗିରଫ

**ନୂଆପଡ଼ା ଅଫିସ/ ଖଡ଼ିଆଲ, ୬।୬ (ଡି.ଏନ୍.ଏ.)**

ନୂଆପଡା ଜିଲା ଖଡ଼ିଆଲ ବନଖଣ୍ଡ ଅଧୀନ ସୁନାବେଡ଼ା ଅଭୟାରଣ୍ୟ ପତାଦର୍ହା ଅଞ୍ଚଳରେ ଛତିଶଗଡ ବନ ବିଭାଗ ଓ ଖଡ଼ିଆଲ ବନବିଭାଗ ବାଘ ଶିକାର କରିବା ଘଟଣାରେ ୫ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ନୂଆପଡା ଜିଲା ବୋଡ଼େନ ଥାନା ପାଟଧରା ଗ୍ରାମର ସଚିନ୍ଦ୍ର ମାଝି ଓ ବଡ଼ ମାଝି, ଖଡୁପାଣି ଗ୍ରାମର ବଦନ ମାଝି, ଚିକଲ ଚୁଆଁ ଗ୍ରାମର ଖଗେଶ୍ୱର ମାଝି ଓ ଖଡ଼ିଆଲ ବ୍ଲକ ଭାଲୁଡୁଙ୍ଗରି ଗ୍ରାମର ଅଚ୍ୟୁତାନନ୍ଦ ମାଝି। ସେମାନଙ୍କଠାରୁ ବାଘ ଛାଲ, ନଖ, ଦାନ୍ତ, ବଜ୍ରକାପ୍ତାର କାତି, ଦେଶୀ ବନ୍ଧୁକ, ଲୁହାତାର ଫାଶ ଜବତ କରାଯାଇଛି। ଛତିଶଗଡ ସୀତା ନଦୀକୂଳ ଉଦନ୍ତୀ ଅଭୟାରଣ୍ୟରେ ବନ ବିଭାଗ ପକ୍ଷରୁ ଏକ ଟ୍ରାକ କ୍ୟାମେରା ଲଗାଇ ବାଘର ଗତିବିଧି ଉପରେ ନଜର ରଖାଯାଇଥିଲା। ସେହି ଟ୍ରାକ କ୍ୟାମେରାରେ ଦୁଇଟି ମହାବଳ ବାଘର ଚିତ୍ର କଏଦ ହୋଇଥିଲା। କିଛି ଦିନ ପରେ ଗୋଟିଏ ବାଘ କ୍ୟାମେରାରେ ଦେଖା ନ ଯିବାରୁ ବିଭାଗୀୟ ଅଧିକାରୀମାନେ ଶିକାର କରାଯାଇଥିବା ନେଇ ସନ୍ଦେହ କରିଥିଲେ। ପରେ କୌଣସି ସୂତ୍ରରୁ ଖବର ପାଇ ଛତିଶଗଡ ବନ ବିଭାଗ ନୂଆପଡା ଜିଲା ବୋଡ଼େନ ଥାନା ଖଡୁପାଣି ଗାଁର ଜଣଙ୍କ ଘରେ ଚଢ଼ାଉ କରିଥିଲା। ଛତିଶଗଡର ଉଦନ୍ତୀ ଅଭୟାରଣ୍ୟ ଉପନିର୍ଦ୍ଦେଶକ ଅନୁଜ ଜୈନଙ୍କ ନେତୃତ୍ୱରେ ୨୦ଜଣିଆ ଏକ ଟିମ୍ ଖଡ଼ିଆଲ ବନଖଣ୍ଡ ଅଞ୍ଚଳରେ ୩ ଦିନ ରହି ତଦନ୍ତ କରିଥିଲା। ପରେ ଛତିଶଗଡ ବନ ବିଭାଗ ୫ଜଣଙ୍କୁ ଉଠାଇ ନେଇ ପଚରାଉଚରା କରିଥିଲା। ସେମାନେ ବନ ବିଭାଗ ନିକଟରେ ସ୍ୱୀକାର କରିଥିଲେ। ସୋମବାର ଶିକାରୀମାନଙ୍କଠାରୁ ଏକ ୬ ଇଞ୍ଚର ଲମ୍ବର ବାଘ ଛାଲ ସମେତ ଅନ୍ୟାନ୍ୟ ଶିକାର ସାମଗ୍ରୀ ଜବତ କରାଯାଇଥିବା ନେଇ ଥିବା ଡିଏଫ୍‌ଓ କାର୍ଯ୍ୟାଳୟରେ ଖଡ଼ିଆଲ ଡିଏଫ୍‌ଓ ସୁଶୀଲ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି।

No.PP-13
ସମ୍ବଲପୁରୀ ବସ୍ତ୍ରାଳୟ
ପବିତ୍ର ରଜ ପର୍ବ ଉପଲକ୍ଷେ
ବିଶେଷ ସରକାରୀ ରିହାତି
୧୦%+୨୦%
ତା୦୫।୦୬।୨୦୨୩ରୁ ତା୧୩।୦୬।୨୦୨୩ ପର୍ଯ୍ୟନ୍ତ
ନୂତନ ବସ୍ତ୍ରର ସମ୍ଭାର
ସମ୍ବଲପୁରୀ, ବମକେଇ, ଖଣ୍ଡୁଆ ଶାଢ଼ୀ, ଟସର ବସ୍ତ୍ର ତଥା ଲୁଙ୍ଗି, ଗାମୁଛା, ବେଡ୍‌ଶିଟ୍, ସୁଟ୍ ସେଟ୍ ଇତ୍ୟାଦି
ଏହି ରିହାତି ସମ୍ବଲପୁରୀ ବସ୍ତ୍ରାଳୟର
ସମସ୍ତ ବିକ୍ରୟ କେନ୍ଦ୍ର, ବିକ୍ରୟ ପ୍ରତିନିଧିମାନଙ୍କଠାରେ ଉପଲବ୍ଧ ଅଟେ।
For online purchase visit
www.sambalpuribastralaya.com
Scan the QR code to visit our website.
OIPR-31040/11/0001/2324

ନିବେଦନ
ଧ୍ୟାନ ଦିଅନ୍ତୁ - ବାଲେଶ୍ୱର ରେଳ ଦୁର୍ଘଟଣା
ଓଡ଼ିଶା ରେଳ ଦୁର୍ଘଟଣାରେ ପୀଡ଼ିତମାନଙ୍କୁ ସେମାନଙ୍କ ପରିବାର ସହ ଯୋଗାଯୋଗ କରାଇବାରେ ସହାୟତା ପାଇଁ ଦୟାକରି ଆଗେଇ ଆସନ୍ତୁ
ଦୟାକରି ଡାଏଲ୍ କରନ୍ତୁ
139 ଭାରତୀୟ ରେଳ ହେଲ୍‌ପଲାଇନ୍
1929 କିମ୍ବା 1800-3450061 ଓଡ଼ିଶା ରାଜ୍ୟ ସରକାରଙ୍କ ଦେୟମୁକ୍ତ ଯୋଗାଯୋଗ ନମ୍ବର
ନିମ୍ନ ପ୍ରଦତ୍ତ ଲିଙ୍କ୍ ମଧ୍ୟ ଦେଖିପାରିବେ
www.osdma.org - ସମସ୍ତ ସୂଚନା ଉପଲବ୍ଧ
www.srcodisha.nic.in - ମୃତକଙ୍କ ଫଟୋ
www.bmc.gov.in - ଏସ୍.ସି.ବି. ମେଡିକାଲ କଲେଜ୍ ଓ ହସ୍‌ପିଟାଲ୍, କଟକରେ ଚିକିତ୍ସିତ ହେଉଥିବା ଯାତ୍ରୀମାନଙ୍କ ସୂଚୀ
ନିମ୍ନ ୱେବ୍‌ସାଇଟ୍‌ରେ ଉପଲବ୍ଧ ଲିଙ୍କ୍‌ଗୁଡ଼ିକ ମଧ୍ୟ ଦେଖିପାରିବେ
www.indianrailways.gov.in
www.irctc.co.in
ଦୟାକରି ଏହି ବାର୍ତ୍ତାକୁ ପ୍ରସାର କରି ନିଜର ପ୍ରିୟଜନଙ୍କୁ ଚିହ୍ନଟ କରିବାରେ ପୀଡ଼ିତ ପରିବାରଗୁଡ଼ିକୁ ସହାୟତା କରନ୍ତୁ
D-1/23

## ସଂକ୍ଷେପରେ

### ଯୁବତୀଙ୍କୁ ବଳାତ୍କାର, ଯୁବକ ଗିରଫ

ଭୁବନେଶ୍ୱର,୬।୬(ବ୍ୟୁରୋ): ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଜଣେ ଯୁବତୀଙ୍କୁ ବଳାତ୍କାର କରିବା ଅଭିଯୋଗରେ ମହିଳା ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ପୁରୀ ଜିଲା କାକଟପୁର ଥାନା ଅଞ୍ଚଳର ରଞ୍ଜନ କୁମାର ମଲ୍ଲିକ (୨୭)। ଜାମିନ ନ ମିଳିବାରୁ ରଞ୍ଜନଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ ପୀଡ଼ିତା ଜଣକ ଭୁବନେଶ୍ୱରରେ ରହି ଏକ ବେସରକାରୀ ସଂସ୍ଥାରେ କାର୍ଯ୍ୟ କରନ୍ତି। ପରେ ସେ ରଞ୍ଜନଙ୍କ ସଂସ୍ପର୍ଶରେ ଆସିଥିଲେ। ଉଭୟଙ୍କ ମଧ୍ୟରେ ବନ୍ଧୁତା ସୃଷ୍ଟି ହେବା ସହିତ ସମ୍ପର୍କ ଘନିଷ୍ଠ ହୋଇଥିଲା। ଏହାପରେ ରଞ୍ଜନ ୨୦୨୧ରେ ଯୁବତୀଙ୍କ ଘରକୁ ଆସି ତାଙ୍କର ଜନ୍ମ ଦିନ ପାଳନ କରିଥିଲେ। ଏପରିକି ପରେ ବିବାହର ମିଥ୍ୟା ପ୍ରତିଶୃତି ଦେଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଏ ନେଇ ଯୁବତୀ ଜଣକ ରଞ୍ଜନଙ୍କୁ ବିବାହ କରିବା ଲାଗି କହିବାରୁ ସେ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ତାଙ୍କ ମୋବାଇଲ ଫୋନକୁ ବ୍ଲକ କରିଦେଇଥିଲେ। ଶେଷରେ ଯୁବତୀ ଜଣଙ୍କ ଯୁବକଙ୍କ ବିରୋଧରେ ମହିଳା ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗକ୍ରମେ ପୋଲିସ ତଦନ୍ତ କରି ରଞ୍ଜନଙ୍କୁ ଗିରଫ କରିଥିଲେ।

### ଚୋରି ମାମଲାରେ କବାଡ଼ିଆଙ୍କ ସମେତ ୩ ଗିରଫ

ଭୁବନେଶ୍ୱର,୬।୬(ବ୍ୟୁରୋ): ଘରେ ପଶି ଚୋରି କରିବା ଅଭିଯୋଗରେ ଭରତପୁର ଥାନା ପୋଲିସ ଜଣେ କବାଡ଼ିଆଙ୍କ ସମେତ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କଟକର ଗଜେନ୍ଦ୍ର ନାୟକ ଓ ବିଶ୍ୱଜିତ ବେହେରା ଏବଂ ଅନ୍ୟଜଣେ ହେଲେ ଉତ୍ତରପ୍ରଦେଶର ସୁଧୀର ଗୁପ୍ତା(କବାଡିଆ)। ତାଙ୍କଠାରୁ ଗୋଟିଏ ଅଟୋ, ୨ଟି ଲେଖାଏ ଟିଭି, ଗ୍ୟାସ ସିଲିଣ୍ଡର ଏବଂ ଲାପ୍‌ଟପ ଜବତ ହୋଇଛି। ସୂଚନାନୁସାରେ ବରମୁଣ୍ଡା ଅଞ୍ଚଳରେ ଥିବା ସପନଙ୍କ ପ୍ଲଟ ନମ୍ବର-ବି-୫୭ ରୁ ଗଜେନ୍ଦ୍ର ଓ ବିଶ୍ୱଜିତ ଟିଭି, ଗ୍ୟାସ ସିଲିଣ୍ଡର ଏବଂ ପାଣିପାଇପ ସାମଗ୍ରୀ ସବୁକୁ ଚୋରି କରି ନେଇଯାଇଥିଲେ। ଏ ନେଇ ସେ ଭରତପୁର ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୋଲିସ ତଦନ୍ତ କରୁଥିବା ବେଳେ ଅଭିଯୁକ୍ତଦ୍ୱୟ ନିଜ ଭିତରେ କିଛି ଚୋରା ସାମଗ୍ରୀ ବାଣ୍ଟି ନେଇଥିବା ବେଳେ ଗୋଟିଏ ଟିଭି କବାଡିଆ ସୁଧୀରଙ୍କୁ ବିକ୍ରି କରିଦେଇଥିଲେ। ହେଲେ ଗଜେନ୍ଦ୍ର ନିଜ ପାଖରେ ରଖିଥିବା ଚୋରି ସାମଗ୍ରୀ ବିକ୍ରି କରିବା ପୂର୍ବରୁ ପୋଲିସ ବିଶେଷସୂତ୍ରରୁ ଖବରପାଇ ସେଠାରେ ଚଢାଉ କରି ଧରିଥିଲା। ଏହାପରେ ଅନ୍ୟ ଦୁଇଜଣଙ୍କୁ ଗିରଫ କରିଥିଲା। ଅଭିଯୁକ୍ତମାନଙ୍କ ନାମରେ ପୂର୍ବରୁ ମଧ୍ୟ ମାମଲା ରହିଥିବା ତଦନ୍ତରୁ ଜଣାପଡିଛି ।

### ହେରୋଇନ ଜବତ, ଯୁବକ ଗିରଫ

ଭୁବନେଶ୍ୱର,୬।୬(ବ୍ୟୁରୋ): ଅବକାରୀ ବିଭାଗର ମୋବାଇଲ ୟୁନିଟ ଲକ୍ଷ୍ମୀସାଗର ଥାନା ଅଧୀନ ହଲଦିପଡିଆ ବସ୍ତିରେ ଚଢାଉ କରି ଜଣେ ଯୁବକଙ୍କୁ ଗିରଫ କରିଛି । ସେ ହେଲେ ବିକାଶ ନାଏକ । ତାଙ୍କଠାରୁ ୧୦୫ ଗ୍ରାମ ହେରୋଇନ ଜବତ ହୋଇଛି। ତେବେ ଜବତ ନିଶାଦ୍ରବ୍ୟର ଆନୁମାନିକ ମୂଲ୍ୟ ୧୦ ଲକ୍ଷ ଟଙ୍କା ହେବ। ଏ ନେଇ ଏକ ମାମଲା ରୁଜୁ ପରେ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲକୁ ପଠାଇ ଦିଆଯାଇଛି।

# ହାଇୱା ଧକ୍କାରେ ସ୍କୁଟିଚାଳକ ମୃତ: ରାସ୍ତାରୋକୋ

ବେଗୁନିଆ/ବୋଲଗଡ଼, ୬।୬ (ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବାଘମାରୀ-କଣ୍ଟିଲୋ ୪୮ ନମ୍ବର ସଡ଼କପଥର ଧଳାପଥର ବଜାରରେ ମଙ୍ଗଳବାର ସକାଳେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ବାଲି ବୋଝେଇ ହାଇୱା ଧକ୍କାରେ ଜଣେ ସ୍କୁଟିଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନୟାଗଡ଼ ଜିଲା ଫତେଗଡ଼ ଥାନା ଅଧୀନ ପଦ୍ମାବତୀ ଅଞ୍ଚଳର ବିଶ୍ୱଜିତ୍ ସାହୁ(୨୬)। ତେବେ ଦୁର୍ଘଟଣାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇବା ସହ ଉତ୍ତ୍ୟକ୍ତ ଲୋକେ ୪ ଘଣ୍ଟା ରାସ୍ତାରୋକା କରିଥିଲେ। ବେଗୁନିଆ ଥାନା ଓ ଧଳାପଥର ଫାଣ୍ଡି ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୧୭୮/୨୩) ରୁଜୁ ହୋଇଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିବା ସହ ହାଇୱା ଚାଳକଙ୍କୁ ଗିରଫ କରିଛି। ସେ ହେଲେ ନୟଗାଡ଼ ଜିଲା ଖଣ୍ଡପଡ଼ା ଥାନା ଅଧୀନ ରାଣୀଛେଳି ଗ୍ରାମର ବୀରବର ଦାସ। ତାଙ୍କୁ ବୁଧବାର



ପୋଲିସ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରୁଛି।

କୋର୍ଟଚାଲାଣ କରାଯିବ ବୋଲି ଥାନା ଅଧିକାରୀ ବିଶ୍ୱଜିତ୍ ରାଉତରାୟ କହିଛନ୍ତି।

ସୂଚନା ମୁତାବକ, କଟକ ଜିଲା ବୈଦ୍ୟେଶ୍ୱର ବାଲିଘାଟରୁ ବାଲି ବୋଝେଇ କରି ଏକ ହାଇୱା (ଓଡି୦୨ଏଭି -୪୦୦୫) ଖୋର୍ଦ୍ଧା ଅଭିମୁଖେ ଯାଉଥିଲା। ଏହି ସମୟରେ ବିଶ୍ୱଜିତ୍ ସ୍କୁଟି (ଓଡି୦୨ବିଡି - ୫୯୩୪)ରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ କମ୍ପାନୀରେ ନିଯୁକ୍ତି ପାଇଁ

## ଡ୍ରାଇଭର ଗିରଫ

ଯାଉଥିଲେ। ସକାଳ ପ୍ରାୟ ୭ଟା ୩୦ରେ ଧଳାପଥର ବଜାରଠାରେ ବିଶ୍ୱଜିତ ହାଇୱାକୁ ଅତିକ୍ରମ କରୁଥିବା ବେଳେ ରାସ୍ତା ସଂକୀର୍ଣ୍ଣ ଥିବାରୁ ଉଭୟଙ୍କ ମଧ୍ୟରେ ଦୁର୍ଘଟଣା ହୋଇଥିଲା। ଫଳରେ ବିଶ୍ୱଜିତ୍‌ଙ୍କ ମୁଣ୍ଡ ଓ ଛାତିରେ ଆଘାତ ଲାଗିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ ଧଳାପଥର ଫାଣ୍ଡି ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଦୁର୍ଘଟଣାକୁ ନେଇ ସକାଳ ୮ଟା ୩୦ରେ ସ୍ଥାନୀୟ ବାସିନ୍ଦା ଏବଂ ବ୍ୟବସାୟୀମାନେ ରାସ୍ତା ଅବରୋଧ କରିଥିଲେ। ଫଳରେ ଉଭୟପଟୁ ଆସୁଥିବା ଗାଡ଼ି ଅଟକି ରହିଥିଲା। ବଜାର ଦେଇ ଭାରିଯାନ ଚଳାଚଳ ବନ୍ଦ କରିବାକୁ ଦାବି କରିଥିଲେ। ବେଗୁନିଆ ଥାନା ଅଧିକାରୀ ବିଶ୍ୱଜିତ ରାଉତରାୟ ପହଞ୍ଚି ହାଇୱା ଗାଡି ନ ଚାଲିବା ପାଇଁ ବ୍ୟବସ୍ଥା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ଆନ୍ଦୋଳନକାରୀ ଏ ସମ୍ବନ୍ଧରେ ଖୋର୍ଦ୍ଧା ଜିଲାପାଳଙ୍କୁ ବୋଲଗଡ ତହସିଲଦାରଙ୍କ ମାଧ୍ୟମରେ ଦାବି ଜଣାଇବାର ନିଷ୍ପତ୍ତି ନେଇ ମଧ୍ୟାହ୍ନ ୧୨ଟା ୩୦ରେ ରାସ୍ତା ଅବରୋଧରୁ ହଟିଥିଲେ। ଏହା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ପ୍ରକାଶ ଯେ, କଳାପଥର ଓ ସଂଲଗ୍ନ ଧଳାପଥର ବଜାର ବ୍ୟବସାୟିକ ପେଣ୍ଠସ୍ଥଳୀ। ଦୈନିକ ଏହି ବଜାର ଉପରେ ନୟାଗଡ଼, କଟକ ଓ ଖୋର୍ଦ୍ଧା ଜିଲାର ଲୋକେ ନିର୍ଭର କରିଥା'ନ୍ତି। ଏଠାରେ ଗହଳି ଲାଗିରହିବାରୁ ରାସ୍ତା ସଂକୀର୍ଣ୍ଣ ହୋଇଯାଏ। ଏଥିସହ ଉକ୍ତ ରାସ୍ତା ଦେଇ ଦୈନିକ ଶତାଧିକ ବାଲି ବୋଝେଇ ଟ୍ରକ୍ ଯାତାୟାତ କରୁଛନ୍ତି। ଫଳରେ ଦୈନିକ ଦୁର୍ଘଟଣା ଘଟୁଥିବାରୁ ସ୍ଥାନୀୟ ବାସିନ୍ଦା ବିରୋଧ କରିବା ସହ ଭାରିଯାନ ଚଳାଚଳ ବନ୍ଦ କରିବା ପାଇଁ ଦାବି କରିଆସୁଛନ୍ତି।

## ଅଟୋ ଧକ୍କାରେ ବୃଦ୍ଧ ଗୁରୁତର

ବେଗୁନିଆ,୬।୬(ଡି.ଏନ୍.ଏ.)

ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥ ଅଧୀନ ବେଗୁନିଆ ବଜାରରେ ମଙ୍ଗଳବାର ସକାଳେ ଅଟୋ ଧକ୍କାରେ ଜଣେ ବୃଦ୍ଧ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ବେଗୁନିଆ ଥାନା ଅନ୍ତର୍ଗତ କୁଶୁପଲ୍ଲା ଗ୍ରାମର ହୁଲିଆ ଚମ୍ପତିରାୟ (୭୨)। ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱର ଏମ୍ସ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ହୁଲିଆ ସକାଳେ ବେଗୁନିଆ ବ୍ଲକ ଛକ ଅଭିମୁଖେ ଚାଲି ଚାଲି ଯାଉଥିଲେ। ଏହି ସମୟରେ ତାଙ୍କୁ ଏକ ଅଟୋ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ନିକଟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସକାଳ ୮ଟା ହୋଇ ନ ଥିବାରୁ ସ୍ୱାସ୍ଥ୍ୟକେନ୍ଦ୍ରର ଆଉଟଡୋର ଖୋଲି ନ ଥିଲା। ଫଳରେ ମେଡିକାଲ ପରିସରରେ ଥିବା କ୍ୱାର୍ଟର୍ସରେ ବିଶ୍ରାମ କରୁଥିବା ଡାକ୍ତରଙ୍କୁ ଲୋକେ ଜରୁରିକାଳୀନ ଚିକିତ୍ସା ଯୋଗାଇଦେବାକୁ ନିବେଦନ କରିଥିଲେ ମଧ୍ୟ ସମୟ ହୋଇନାହିଁ କହି ଫେରାଇ ଦେଇଥିଲେ। ପରେ ହୁଲିଆଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆମ୍ବୁଲାନ୍ସରେ ପଠାଯାଇଥିଲା। ସେଠାରେ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଏମ୍ସ ମେଡିକାଲ ସ୍ଥାନାନ୍ତର କରାଯାଇଛି।

# ରୂପଦେଇପୁର ନାଗାଯାତ୍ରା ଉଦ୍‌ଯାପିତ

ପିପିଲି,୬।୬(ଡି.ଏନ୍.ଏ.)

- ପାରମ୍ପରିକ ବାଦ୍ୟ, ନୃତ୍ୟରେ ନାଗାଙ୍କ ସହ ନାଚିଲେ ଗ୍ରାମବାସୀ
- ଚଳିତଥର ୧୫ଫୁଟର ନାଗା ଅନ୍ୟ ବର୍ଷଠାରୁ ବଡ଼

ପିପିଲି ବ୍ଲକ ଅନ୍ତର୍ଗତ ରୂପଦେଇପୁର ଗ୍ରାମରେ ୨ଦିନିଆ ଚାଲିଥିବା ପ୍ରସିଦ୍ଧ ନାଗାଯାତ୍ରା ମହାଆଡ଼ମ୍ବରର ସହ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଗ୍ରାମର ପାରମ୍ପରିକ ବାଦ୍ୟ ତଥା ମହୁଲୀ ବୀର ବାଦ୍ୟର ତାଳେ ତାଳେ ନାଗାଙ୍କ ସହ ଗ୍ରାମବାସୀ ମଧ୍ୟ ନାଚି ଉଠିଥିଲେ। ଏ ବର୍ଷ ୨୦ଟି ନାଗା ଯାତ୍ରାରେ ଭାଗ ନେଇ ନିଜ ନିଜର କଳା କୌଶଳ ପ୍ରଦର୍ଶନ କରିବା ସହ ନୃତ୍ୟ ପରିବେଷଣ କରିଥିଲେ। ନାଗା ଇଜିଲାସରେ ଚଳିତବର୍ଷ ନାଗାର ଉଚ୍ଚତା ଅନ୍ୟ ବର୍ଷଠାରୁ ଅଧିକ ହୋଇଥିଲା। ପ୍ରାୟ ୧୫ଫୁଟର ନାଗା ଉଚ୍ଚତା ହୋଇଥିବା ବେଳେ ସେମାନଙ୍କ ନୃତ୍ୟ ଦର୍ଶକମାନଙ୍କୁ ଉତ୍ସାହିତ କରିଥିଲା। ପରମ୍ପରା ଅନୁଯାୟୀ, ଦେବ ସ୍ନାନ ପୂର୍ଣ୍ଣିମା ପର ଦୁଇଦିନ ଏହି ପ୍ରସିଦ୍ଧ ନାଗା ନୃତ୍ୟ ପରିବେଷଣ କରାଯାଇଥାଏ। ଏଥିପାଇଁ ଗ୍ରାମର ଅନେକ ସ୍ଥାନକୁ ବିଭିନ୍ନ ଆଲୋକମାଳାରେ ସଜାଯାଇଥିବା ବେଳେ ନାଗା ନୃତ୍ୟ କଳାକାରମାନଙ୍କୁ ଅଞ୍ଚଳବାସୀଙ୍କ ପକ୍ଷରୁ ସ୍ୱାଗତ କରାଯାଇଥିଲା। ନାଗା ନୃତ୍ୟ ସହ ରାବଣ, ମହୀରାବଣ, ପୁତନା, ପର୍ଶୁରାମ, ଏକସ୍ତନୀ, ଦୁର୍ଗା ମା', କାଳୀକା, ଛିନ୍ନମସ୍ତା କାଳୀ, ବଜରଙ୍ଗବାଲୀ ପରି ଅନେକ



ପୋଷାକ ଓ ତାଟ ପିନ୍ଧି ଗାଁର ବୀର ଯୁବକମାନେ ନାଗା ନୃତ୍ୟ ସହ ବିଭିନ୍ନ କଳା ପ୍ରଦର୍ଶନ କରିଥିଲେ।

ନାଗାଧାରୀଙ୍କ କଥା ଅନୁସାରେ ନାଗା ହାଣ୍ଡିଆର ଓଜନ ପ୍ରାୟତଃ ୧୦୦ରୁ ୧୩୦ କିଲୋ ହୋଇଥାଏ। ଉଚ୍ଚତା ୧୦ରୁ ୧୫ଫୁଟ ମଧ୍ୟରେ ହୋଇଥିବା ବେଳେ ଓସାର ୬ରୁ ୧୦ଫୁଟ ହୋଇଥାଏ। ବାଘଛାଲ, ଏରାପକ୍ଷୀ ପର ନଖ, ଗାଲ ମଛା, ପର, ଚୂଳ, ହତା, କିରଟୀ, ମୁକୁଟ, ମୟୁର, ଦର୍ପଣ ସହିତ କେଶ ଲଗାଯାଇ ନାଗା ପ୍ରସ୍ତୁତ କରାଯାଇଥାଏ। କିନ୍ତୁ ନାଗାର ଆକର୍ଷଣ ରୂପାର ତାରକାସୀ କାମ ରହିଥାଏ। ଗୋଟିଏ ବଡ଼ ନାଗାରେ ୧୨୦କିଲୋ ରୁପା ଥିବାବେଳେ ଗୋଟିଏ ଛୋଟ ନାଗାରେ ସର୍ବନିମ୍ନ ୪୦କିଲୋ ରୁପା ଲଗାଯାଇଥାଏ। ମଙ୍ଗଳବାର ନାଗା ଯାତ୍ରାର ଶେଷ ସନ୍ଧ୍ୟା ହୋଇଥିବାବେଳେ ହଳଦୀ ପାଣିରେ ନାଗା ନୃତ୍ୟ ହୋଇଥିବାରୁ ଶ୍ରୀମନ୍ଦିର ତରଫରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ନୃତ୍ୟ ସ୍ଥାନଟିକୁ ପୂରା ବ୍ୟାରିକେଡରେ ଆବଦ୍ଧ କରାଯାଇଥିଲା। ଭିଡ଼କୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ମଧ୍ୟ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଶୃଙ୍ଖଳିତ ଭାବେ ଚଳିତବର୍ଷ ନାଗାନୃତ୍ୟ ସଫଳ ହୋଇଥିବାରୁ ଶ୍ରୀମନ୍ଦିର ତରଫରୁ ମୁଖପାତ୍ର ଆଇନଜୀବୀ ସତ୍ୟ ପ୍ରକାଶ ମିଶ୍ର ଗ୍ରାମବାସୀ, ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଦେଇଥିଲେ। ଉଦ୍‌ଯାପନୀ ଦିବସରେ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ନାଗାଧାରୀମାନଙ୍କୁ ପାଟ ଓ ଶାଢ଼ି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ପୋଟଳ ନିର୍ମାଣ, ରଙ୍ଗ ଦେବା ଆରମ୍ଭ



### ରଥଖଳାରୁ ...

ପୁରୀ ଅଫିସ, ୬।୬: ଚଳିତ ମାସ ୨୦ ତାରିଖରେ ବିଶ୍ୱନିୟନ୍ତାଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ଅନୁଷ୍ଠିତ ହେବ। ଏଥିପାଇଁ ଶ୍ରୀନଅରସ୍ଥିତ ଅସ୍ଥାୟୀ ରଥଖଳାରେ ତିନି ରଥର ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି। ମଙ୍ଗଳବାର ମହାରଣା ସେବକମାନଙ୍କ ଦ୍ୱାରା ରଥଚାଳିରେ ପୋଟଳ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ସନ୍ଧ୍ୟା ସୁଦ୍ଧା ନିର୍ମାଣ କାର୍ଯ୍ୟ ଶେଷବେଳକୁ ବଡ଼ଧରା ବା ବଡ଼ ଛତା ପୋଟଳକୁ ମିଶାଇ ଛଅଟି ଲେଖାଏ ପୋଟଳ ନିର୍ମାଣ ସରିଛି। ପ୍ରଥମ 'ବଡ଼ ଧରା' ପୋଟଳ ରଥରେ ସେଟିଙ୍ଗ ପାଇଁ ତିନିରଥର ତୃତୀୟ ଭୂଇଁ ଉପରେ ୪ଟି ଲେଖାଏ ପୋଟଳ ଖମ୍ବୀ ଏବଂ ଦୁଇଟି ଲେଖାଏ ଶେଣୀ ସେଟିଙ୍ଗ ହୋଇଛି। ଏହି ପୋଟଳ ୧୩ ପରସ୍ତ ବିଶିଷ୍ଟ, ଏହା ରଥର ଶେଷଭୂଇଁ ଉପରୁ ନିର୍ମାଣ ହୋଇଥାଏ। ଏହାର ଗଠନ ଶୈଳୀ ଶ୍ରୀମନ୍ଦିର ଶୀର୍ଷ ଭାଗ ଅଂଶ ପରି ଦୃଶ୍ୟମାନ ହୁଏ। ତିନିରଥର ପ୍ରଥମ ଭୂଇଁରେ କନକମୁଣ୍ଡି ବସିବା ପାଇଁ ଖୋଦେଇ ତଥା ବିନ୍ଧ କାର୍ଯ୍ୟ ସରିଛି। ତିନିରଥର ମୂଳ କଇଁଚି ବା ଚାରି ନାହାକା କଇଁଚି ପଡ଼ିବା ପାଇଁ ୧୬ ଫୁଟର ଚାରିଟି ଲେଖାଏ କଇଁଚି କାଠରେ ବିନ୍ଧ ତଥା କାପ ନିର୍ମାଣ ସରିଛି। ରୂପକାର ସେବକମାନେ 'ଚାର ପରିଛା'ରେ ପଦ୍ମ ଡାଳି ଲତା ଖୋଦେଇ ଶେଷ କରିବା ପରେ ମହାରଣା ସେବକ, ଓଝା ସେବକ ଏବଂ ଭୋଇ ସେବକଙ୍କ ସହାୟତାରେ ତିନି ରଥ ସମ୍ମୁଖ ଭାଗ ଦଣ୍ଡା ମୁହଁଟାରେ ସେଟିଙ୍ଗ ହୋଇଥିବା ସାଲଗୁଜରେ କଣ୍ଟା ବାଡେଇ ସେଟିଙ୍ଗ କରାଯାଇଛି। ରୂପକାର ସେବକମାନେ ତିନି ରଥର ଚାରପରିଛାରେ ଖୋଦେଇ ଶେଷ କରି ନାଟଗୋଡ଼ରେ କନ୍ଦର୍ପ ରୂପ ଖୋଦେଇ ଜାରି ରଖିଛନ୍ତି। ଚିତ୍ରକାର ସେବାକମାନେ ପାର୍ଶ୍ୱ ଦେବଦେବୀଙ୍କ ରଙ୍ଗ କାର୍ଯ୍ୟ ଜାରି ରଖିବା ସହ ରଥ ବାହ୍ୟ ଅଂଶଗୁଡିକର ରଙ୍ଗ ପାଇଁ ଚକ, ଗୁଜ, ଦଣ୍ଡା ଇତ୍ୟାଦିରେ ପ୍ରାଇମର ଦେବା ଆରମ୍ଭ କରିଛନ୍ତି। ଦୋଳବେଦିସ୍ଥିତ ଅସ୍ଥାୟୀ କମାର ଶାଳରେ ଓଝା ସେବକମାନେ ବାଗିଆ କଣ୍ଟା, ଗୋଡି ସାଲ କଣ୍ଟା ନିର୍ମାଣ ଜାରି ରଖିଛନ୍ତି।

# ସିଆର୍‌ପି, ଏମ୍‌ବିକେ ନିଯୁକ୍ତିରେ ଅନିୟମିତତା ଅଭିଯୋଗ

କାକଟପୁର,୬।୬(ଡି.ଏନ୍.ଏ.)

କାକଟପୁର ବ୍ଲକ ମିଶନ ଶକ୍ତି ଯୋଜନା କାର୍ଯ୍ୟକାରୀ ପାଇଁ ସିଆର୍‌ପି, ଏମ୍‌ବିକେ ଓ ବ୍ୟାଙ୍କମିତ୍ର ନିଯୁକ୍ତି ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏନେଇ ମଙ୍ଗଳବାର ୧୨ ପଞ୍ଚାୟତର ୩୦୦ରୁ ଊର୍ଦ୍ଧ୍ୱ ଆଶାୟୀ ପ୍ରାର୍ଥୀ ତଦନ୍ତ ଦାବିରେ କାକଟପୁର ବ୍ଲକ ମିଶନ ଶକ୍ତି ଗୃହରେ ପହଞ୍ଚି ବିଡିଓ ଏବଂ ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ ନିକଟରେ ଦାବିପତ୍ର ଦେବା ସହ ଧାରଣାରେ ବସିଥିଲେ। ତଦନ୍ତ ନେଇ ବିଡିଓଙ୍କ ପ୍ରତିଶ୍ରୁତି ପରେ ସେମାନେ ଧାରଣାରୁ ହଟିଥିଲେ।

ସୂଚନା ମୁତାବକ, କାକଟପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ୧୫୪ ଜଣ ସିଆର୍‌ପି, ୧୧ ଜଣ ଏମ୍‌ବିକେ ଓ ୯ ବ୍ୟାଙ୍କ ମିତ୍ରଙ୍କୁ ମିଶାଇ ମୋଟ ୧୭୪ ଜଣଙ୍କୁ ନିଯୁକ୍ତି ଦିଆଯାଇଛି। କିନ୍ତୁ ନିଯୁକ୍ତିରେ ବ୍ୟାପକ ଅନିୟମିତତା ହୋଇଥିବା କିଛି ଆଶାୟୀ ଅଭିଯୋଗ କରିଛନ୍ତି। ସେମାନେ ଏକତ୍ର ମିଶନ ଶକ୍ତି ଗୃହକୁ ଘେରାଉ କରିବାକୁ ଗଲାବେଳେ କୌଣସି ଅଧିକାରୀ ସେଠାରେ ଉପସ୍ଥିତ ନ ଥିଲେ। ଫଳରେ ସେମାନେ ଦାବିପତ୍ର ବିଡିଓ ତୁଷାର ଜ୍ୟୋତି ରଞ୍ଜନ ଓ ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକଙ୍କୁ ପ୍ରଦାନ କରିଥିଲେ। ଦାବିପତ୍ରରେ ଉଲ୍ଲେଖ ରହିଛି, ନିଯୁକ୍ତି ପାଇଁ ଉପଯୁକ୍ତ ପ୍ରାର୍ଥୀଙ୍କୁ ଚୟନ କରାଯାଇନାହିଁ। ଏଥିପାଇଁ କିଛି ପ୍ରାର୍ଥୀ ନକଲି ସାର୍ଟିଫିକେଟ୍ ଦେଇଛନ୍ତି। କିଛି ପ୍ରାର୍ଥୀଙ୍କ ଆବେଦନକୁ ଗାଏବ କରାଯାଇଛି। ଆଉ କିଛି ପ୍ରାର୍ଥୀ ମୋଟା ଆକାରର ଅର୍ଥ ମଧ୍ୟ ଦେଇଛନ୍ତି। ସମସ୍ତ ଅଭିଯୋଗ ଶୁଣିବା ପରେ ୨ ଦିନ ମଧ୍ୟରେ ଉପଯୁକ୍ତ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଗତ ପଞ୍ଚାୟତ ସମିତି ବୈଠକରେ ମହିଳାଙ୍କ ଦାବିକୁ ପଞ୍ଚାୟତ ସମିତି ଅଧ୍ୟକ୍ଷ ଶ୍ରୀଧର ନାୟକ ଉପଯୁକ୍ତ ଯୋଗ୍ୟ ପ୍ରାର୍ଥୀଙ୍କୁ ନିଯୁକ୍ତି ଦେବାକୁ ପ୍ରସ୍ତାବ ରଖି ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଜଣାଇଥିଲେ।

## ବସ୍ ଦୁର୍ଘଟଣାରେ ମୃତକଙ୍କ ପରିବାରକୁ ସହାୟତା

ପୁରୀ ଅଫିସ, ୬।୬

ଓମ୍‌କାରେଶ୍ୱର ମନ୍ଦିର ନିକଟରେ ସୋମବାର ଏକ ବାଇକ୍‌କୁ ବସ୍ ଧକ୍କା ଦେବାରୁ ୩ଜଣଙ୍କ ମୃତ୍ୟୁ ଘଟିଥିଲା। ୩ ମୃତକଙ୍କ ମଧ୍ୟରେ ପୁରୀ ମଙ୍ଗଳହାଟ ଅଞ୍ଚଳର ରାକେଶ କୁମାର ନନ୍ଦ ରହିଥିଲେ। ମଙ୍ଗଳବାର ଜିଲାପାଳ ସମର୍ଥ ବର୍ମାଙ୍କ ନିର୍ଦ୍ଦେଶକ୍ରମେ ପୁରୀ ସଦର ତହସିଲଦାର କ୍ଷୀରୋଦ ବେହେରା ଜିଲା ରେଡ୍‌କ୍ରସ ଶାଖା ପକ୍ଷରୁ ମୃତକ ରାକେଶଙ୍କ ପିତା ହରିହର ନନ୍ଦ ଓ ମା ମନୋରମା ନନ୍ଦଙ୍କୁ ୨୦ ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି। ବାସେଲୀ ସାହି ମଙ୍ଗଳାଘାଟ ରୋଡ଼ସ୍ଥିତ ତାଙ୍କ ଘରକୁ ଯାଇ ତହସିଲଦାର ଏହି ସହାୟତା ରାଶି ପ୍ରଦାନ କରିଥିଲେ।

# ଜଗନ୍ନାଥ ଜମି ଜବରଦଖଲକାରୀଙ୍କ ହତ୍ୟା ଧମକ

## ଧାରଣାରେ ଦମ୍ପତି

ଭୁବନେଶ୍ୱର,୬।୬(ବ୍ୟୁରୋ)

ଜଗନ୍ନାଥ ଜମି ଜବରଦଖଲ କରି ସେଠାରେ ଆପରାଧିକ ଆଡ୍ଡା ଜମୁଛି। ଉଚ୍ଛେଦ ପାଇଁ ନିର୍ଦ୍ଦେଶ ସତ୍ତ୍ୱେ ୩ବର୍ଷ ହେଲାଣି ପ୍ରଶାସନ, ପୋଲିସ ସେମିତି ଚୁପ୍ ବସିଛି। ଫଳରେ ଜବରଦଖଲକାରୀମାନେ ନାଲିଆଖି ଦେଖାଇ ସେମାନଙ୍କ ବେଆଇନ କାର୍ଯ୍ୟକଳାପକୁ ଆହୁରି ବଢ଼ାଇ ଚାଲିଛନ୍ତି। ଏପରିକି ଯିଏ ବାଧା ଦେଉଛି ସେମାନଙ୍କୁ ହତ୍ୟା ଧମକ ବି ଦିଆଯାଉଛି। ଏମିତି ଅଭିଯୋଗ ଆଣିବା ସହ କାର୍ଯ୍ୟାନୁଷ୍ଠାନ ଓ ସୁରକ୍ଷା ଦାବି କରି ଭୁବନେଶ୍ୱରରେ ଧାରଣା ଦେଇଛନ୍ତି ଏକ ଦମ୍ପତି। ସେମାନଙ୍କ କୋଳରେ ମଧ୍ୟ ଶିଶୁକନ୍ୟା ନ୍ୟାୟ ଅପେକ୍ଷାରେ ବସିଥିବା ଦେଖିବାକୁ ମିଳୁଛି। ଖରା ଓ ଗୁଲୁଗୁଲିରେ ଲୋୟର ପିଏମ୍‌ଜିରେ ଏଭଳି ଦୃଶ୍ୟ ପଥଚାରୀଙ୍କ ମନକୁ ଆନ୍ଦୋଳିତ କରୁଛି। ଏହି ଦମ୍ପତି ହେଲେ ଜଟଣୀ କନ୍ଦିଆ ଅଞ୍ଚଳର କବିତା ଦାସ ଓ ତାଙ୍କ ସ୍ୱାମୀ ରଞ୍ଜିତ କୁମାର ଦାସ। ସେମାନଙ୍କ ଅଭିଯୋଗ ହେଲା, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାମରେ ଥିବା ପ୍ଲଟ୍ ନଂ.୯୪୩/୪୪୮୬କୁ





କେତେଜଣ ନିର୍ଦ୍ଦିଷ୍ଟ ବ୍ୟକ୍ତି ଜବରଦଖଲ କରିଛନ୍ତି। ଜବରଦଖଲ ହୋଇଥିବା ଏହି ଜମିରେ ସେମାନେ ଅସାମାଜିକ ତଥା ଆପରାଧିକ କାର୍ଯ୍ୟ କରୁଛନ୍ତି। ଏହାକୁ ବିରୋଧ କରିବାରୁ ସେମାନଙ୍କୁ ହତ୍ୟା ଧମକ ଦିଆଯାଉଥିବା କବିତା କହିଛନ୍ତି। ସେମାନଙ୍କ କହିବାନୁସାରେ, ଘଟଣା ସମ୍ପର୍କରେ ଥାନାରେ ଅଭିଯୋଗ ସହ ଜଗନ୍ନାଥ ପ୍ରଶାସନକୁ ମଧ୍ୟ ଅବଗତ କରାଇଥିଲେ। ଜବରଦଖଲକାରୀଙ୍କୁ ଉଚ୍ଛେଦ କରିବା ପାଇଁ ପ୍ରଶାସନ ନିର୍ଦ୍ଦେଶ ଦେଇଥିଲା। ମାତ୍ର ଉକ୍ତ ଜବରଦଖଲକାରୀମାନେ ଜମି ଛାଡ଼ିବା ପରିବର୍ତ୍ତେ ପ୍ଲଟିଂ କରି ବିକୁଛନ୍ତି। ତେବେ ଏନେଇ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ନାମରେ କବିତା ଅଭିଯୋଗ ଆଣିବା ସହ ନ୍ୟାୟ ନ ମିଳିଲେ ନବୀନ ନିବାସ ସମ୍ମୁଖରେ ଆତ୍ମାହୂତି ଦେବାକୁ ଚେତାବନୀ ଦେଇଛନ୍ତି।

# ଶ୍ରୀମନ୍ଦିର ଚାରିଦ୍ୱାର ଖୋଲାଯାଉ

ପୁରୀ ଅଫିସ, ୬।୬

## ମୁଖ୍ୟ ପ୍ରଶାସକଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ଶ୍ରୀମନ୍ଦିର ଚାରିଦ୍ୱାର ଭକ୍ତଙ୍କ ନିମନ୍ତେ ଖୋଲାଯିବା ସହ ପୁରୀବାସୀଙ୍କ ପାଇଁ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା କରାଯିବାକୁ ଦାବି ହୋଇଛି। ଏ ନେଇ ପୁରୀ ଜିଲା ଯୁବ ଅଧିବକ୍ତା ମଞ୍ଚ ପକ୍ଷରୁ ମଙ୍ଗଳବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଉଦ୍ଦେଶ୍ୟରେ ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନାଙ୍କୁ ଦାବିପତ୍ର ଦିଆଯାଇଛି। ଦାବିପତ୍ରରେ ଦର୍ଶାଯାଇଛି ଯେ, ସମ୍ପ୍ରତି କେବଳ ଶ୍ରୀମନ୍ଦିର ସିଂହଦ୍ୱାର ଦେଇ ସମସ୍ତ ଭକ୍ତଙ୍କୁ ଛଡ଼ାଯାଉଛି। ଫଳରେ ସିଂହଦ୍ୱାରରେ ଭକ୍ତଙ୍କ ଲମ୍ବାଧାଡ଼ି ଲାଗିରହୁଛି। ଦର୍ଶନ ପାଇଁ ଭକ୍ତଙ୍କୁ ଉହ ଉହ ଖରାରେ ଶିଝିବାକୁ ପ୍ରଶାସନ ବାଧ୍ୟ କରୁଛି। ମୁଣ୍ଡଫଟା ଖରାରେ ଭକ୍ତଙ୍କ ପାଦ, ଦେହ ଶିଝିଯାଉଛି। ବିଶେଷକରି ରବିବାର ଓ ଛୁଟିଦିନରେ ଅନ୍ୟ ତିନିଦ୍ୱାର ବନ୍ଦ ଯୋଗୁ ପ୍ରବଳ ଭିଡ଼ ହେଉଛି। ଭକ୍ତମାନେ ତିକ୍ତ ଅନୁଭୂତି ନେଇ ଫେରୁଛନ୍ତି। ଅସହ୍ୟ ଓ ମୁଣ୍ଡଫଟା ଖରାରେ ଅନେକ ସମୟରେ ଭକ୍ତମାନେ ଚେତାଶୂନ୍ୟ ହୋଇପଡୁଛନ୍ତି।



ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନାଙ୍କୁ ଦାବିପତ୍ର ଦିଆଯାଉଛି।

ପୂର୍ବରୁ ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିରର ଚାରିଦ୍ୱାର ଦେଇ ପ୍ରବେଶ ଓ ପ୍ରସ୍ଥାନ କରୁଥିଲେ। କିନ୍ତୁ କୋଭିଡ୍ କଟକଣା ପରଠାରୁ ବିଭିନ୍ନ ଆଳ ଦେଖାଇ ଶ୍ରୀମନ୍ଦିର ପ୍ରଶାସନ ଚାରିଦ୍ୱାରରେ ଭକ୍ତଙ୍କ ପ୍ରବେଶ ବନ୍ଦ କରିଛି। ସେହିପରି ପୂର୍ବରୁ ଶ୍ରୀମନ୍ଦିର ପଶ୍ଚିମ ଦ୍ୱାର ଦେଇ ପୁରୀବାସୀଙ୍କୁ ଦର୍ଶନ ପାଇଁ ଛଡ଼ାଯାଉଥିଲା। କିନ୍ତୁ ଏବେ ପଶ୍ଚିମ ଦ୍ୱାର ଦେଇ ଦର୍ଶନ ବନ୍ଦ କରିଦିଆଯାଇଛି। ମହାପ୍ରସାଦ ଆଣିବା ପାଇଁ ପୁରୀବାସୀଙ୍କୁ ଲମ୍ବାଧାଡ଼ିରେ ସିଂହଦ୍ୱାର ଦେଇ ଯିବାକୁ ପଡୁଛି ଯାହା ସମୟ ସାପେକ୍ଷ ଓ ଯନ୍ତ୍ରଣାଦାୟକ। ତେଣୁ ଭକ୍ତଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ଚାରିଦ୍ୱାର ଖୋଲିବା ସହ ପୁରୀବାସୀଙ୍କୁ ପୂର୍ବ ପରି ପଶ୍ଚିମଦ୍ୱାର ପଟେ ଦର୍ଶନ ପାଇଁ ଛଡ଼ାଯାଉ ବୋଲି ମଞ୍ଚ ଦାବି କରିଛି। ଯଦି ପ୍ରଶାସନ ତୁରନ୍ତ କୌଣସି ପଦକ୍ଷେପ ନ ନିଏ ତେବେ ମଞ୍ଚ ପକ୍ଷରୁ ହାଇକୋର୍ଟରେ ମାମଲା ଦାୟର କରାଯିବ ବୋଲି ସୂଚନା ଦିଆଯାଇଛି। ଦାବିପତ୍ର ପ୍ରଦାନ ବେଳେ ସଂଘର ଆବାହକ ଅନିଲ୍ କୁମାର ସାହୁ, ସୁରେଶ ମହାପାତ୍ର, କର୍ଣ୍ଣବୀର ମହାପାତ୍ର, ବିଚିତ୍ରାନନ୍ଦ ଦାଶ, ଶକ୍ତିଧର ବିଶୋଇ, ଉମାଶଙ୍କର ସାହୁ, ଅର୍ଜୁନ ସାହୁ, ପ୍ରତାପ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ତେବେ ରଥଯାତ୍ରା ପରେ ଏ ସଂକ୍ରାନ୍ତରେ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯିବ ବୋଲି ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ପ୍ରତିଶ୍ରୁତି ଦେଇଥିବା ମଞ୍ଚ ପକ୍ଷରୁ କୁହାଯାଇଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୬।୬।୨୦୨୩

| | |
|---|---|
| ୭୭,୯୨୪ ଟଙ୍କା | |
| ସୁନା | ମିଳିନାହିଁ |
| ରୁପା | ୨୯.୫୦୦ ଗ୍ରାମ୍ |

# ଶ୍ରୀମନ୍ଦିର ୪ ଦ୍ୱାର ଖୋଲାଯାଉ

ପୁରୀ ଅଫିସ, ୬।୬:

ଶ୍ରୀମନ୍ଦିର ୪ ଦ୍ୱାର ଭକ୍ତଙ୍କ ନିମନ୍ତେ ଖୋଲାଯିବା ସହ ପୁରୀବାସୀଙ୍କ ପାଇଁ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା କରାଯିବାକୁ ଦାବି ହୋଇଛି। ଏ ନେଇ ପୁରୀ ଜିଲା ଯୁବ ଅଧିବକ୍ତା ମଞ୍ଚ ପକ୍ଷରୁ ମଙ୍ଗଳବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଉଦ୍ଦେଶ୍ୟରେ ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନାଙ୍କୁ ଦାବିପତ୍ର ଦିଆଯାଇଛି। ଦାବିପତ୍ରରେ ଦର୍ଶାଯାଇଛି ଯେ, ସମ୍ପ୍ରତି କେବଳ ଶ୍ରୀମନ୍ଦିର ସିଂହଦ୍ୱାର ଦେଇ ସମସ୍ତ ଭକ୍ତଙ୍କୁ ଛଡ଼ାଯାଉଛି। ଫଳରେ ସିଂହଦ୍ୱାରରେ ଭକ୍ତଙ୍କ ଲମ୍ବାଧାଡ଼ି ଲାଗିରହୁଛି। ଦର୍ଶନ ପାଇଁ ଭକ୍ତଙ୍କୁ ଉହ ଉହ ଖରାରେ ଶିଝିବାକୁ ପ୍ରଶାସନ ବାଧ କରୁଛି। ମୁଣ୍ଡଫଟା ଖରାରେ ଭକ୍ତଙ୍କ ପାଦ, ଦେହ ଶିଝିଯାଉଛି। ବିଶେଷକରି ରବିବାର ଓ ଛୁଟିଦିନରେ ଅନ୍ୟ ତିନିଦ୍ୱାର ବନ୍ଦ ଯୋଗୁ ପ୍ରବଳ ଭିଡ଼ ହେଉଛି। ଭକ୍ତମାନେ ତିକ୍ତ ଅନୁଭୂତି ନେଇ ଫେରୁଛନ୍ତି। ଅସହ୍ୟ ଓ ମୁଣ୍ଡଫଟା ଖରାରେ ଅନେକ ସମୟରେ ଭକ୍ତମାନେ ଚେତାଶୂନ୍ୟ ହୋଇପଡୁଛନ୍ତି। ପୂର୍ବରୁ ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିରର ଚାରିଦ୍ୱାର ଦେଇ ପ୍ରବେଶ ଓ ପ୍ରସ୍ଥାନ କରୁଥିଲେ। କିନ୍ତୁ କୋଭିଡ୍ କଟକଣା ପରଠାରୁ ବିଭିନ୍ନ ଆଳ ଦେଖାଇ ଶ୍ରୀମନ୍ଦିର ପ୍ରଶାସନ ଚାରିଦ୍ୱାରରେ ଭକ୍ତଙ୍କ ପ୍ରବେଶ ବନ୍ଦ କରିଛି। ସେହିପରି ପୂର୍ବରୁ ଶ୍ରୀମନ୍ଦିର ପଶ୍ଚିମ ଦ୍ୱାର ଦେଇ ପୁରୀବାସୀଙ୍କୁ ଦର୍ଶନ ପାଇଁ ଛଡ଼ାଯାଉଥିଲା। କିନ୍ତୁ ଏବେ ପଶ୍ଚିମ ଦ୍ୱାର ଦେଇ ଦର୍ଶନ ବନ୍ଦ କରିଦିଆଯାଇଛି। ମହାପ୍ରସାଦ ଆଣିବା ପାଇଁ ପୁରୀବାସୀଙ୍କୁ ଲମ୍ବାଧାଡ଼ିରେ ସିଂହଦ୍ୱାର ଦେଇ ଯିବାକୁ ପଡୁଛି ଯାହା ସମୟ ସାପେକ୍ଷ ଓ ଯନ୍ତ୍ରଣାଦାୟକ। ତେଣୁ ଭକ୍ତଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ଚାରିଦ୍ୱାର ଖୋଲିବା ସହ ପୁରୀବାସୀଙ୍କୁ ପୂର୍ବ ପରି ପଶ୍ଚିମଦ୍ୱାର ପଟେ ଦର୍ଶନ ପାଇଁ ଛଡ଼ାଯାଉ ବୋଲି ମଞ୍ଚ ଦାବି କରିଛି। ଯଦି ପ୍ରଶାସନ ତୁରନ୍ତ କୌଣସି ପଦକ୍ଷେପ ନ ନିଏ ତେବେ ମଞ୍ଚ ପକ୍ଷରୁ ହାଇକୋର୍ଟରେ ମାମଲା ଦାୟର କରାଯିବ ବୋଲି ସୂଚନା ଦିଆଯାଇଛି। ଦାବିପତ୍ର ପ୍ରଦାନ ବେଳେ ସଂଘର ଆବାହକ ଅନିଲ୍ କୁମାର ସାହୁ, ସୁରେଶ ମହାପାତ୍ର, କର୍ଣ୍ଣବୀର ମହାପାତ୍ର, ବିଚିତ୍ରାନନ୍ଦ ଦାଶ, ଶକ୍ତିଧର ବିଶୋଇ, ଉମାଶଙ୍କର ସାହୁ, ଅର୍ଜୁନ ସାହୁ, ପ୍ରତାପ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ତେବେ ରଥଯାତ୍ରା ପରେ ଏ ସଂକ୍ରାନ୍ତରେ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯିବ ବୋଲି ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ପ୍ରତିଶ୍ରୁତି ଦେଇଥିବା ମଞ୍ଚ ପକ୍ଷରୁ କୁହାଯାଇଛି।



ପୁରୀ ଜିଲା ଯୁବ ଅଧିବକ୍ତା ମଞ୍ଚ ପକ୍ଷରୁ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନାଙ୍କୁ ଦାବିପତ୍ର ଦିଆଯାଉଛି।

### ମୁଖ୍ୟ ପ୍ରଶାସକଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

## ପୋଟଳ ନିର୍ମାଣ, ରଙ୍ଗ କାମ ଆରମ୍ଭ



### ରଥଖଳାରୁ ...

ପୁରୀ ଅଫିସ, ୬।୬:

ଚଳିତ ମାସ ୨୦ ତାରିଖରେ ବିଶ୍ୱନିୟନ୍ତାଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ଅନୁଷ୍ଠିତ ହେବ। ଏଥିପାଇଁ ଶ୍ରୀନଅରସ୍ଥିତ ଅସ୍ଥାୟୀ ରଥଖଳାରେ ତିନି ରଥର ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି। ମଙ୍ଗଳବାର ମହାରଣା ସେବକମାନଙ୍କ ଦ୍ୱାରା ରଥଚାଳିରେ ପୋଟଳ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ସନ୍ଧ୍ୟା ସୁଦ୍ଧା ନିର୍ମାଣ କାର୍ଯ୍ୟ ଶେଷବେଳକୁ ବଡ଼ଧରା ବା ବଡ଼ ଛତା ପୋଟଳକୁ ମିଶାଇ ଛଅଟି ଲେଖାଏ ପୋଟଳ ନିର୍ମାଣ ସରିଛି। ପ୍ରଥମ 'ବଡ଼ ଧରା' ପୋଟଳ ରଥରେ ସେଟିଙ୍ଗ ପାଇଁ ତିନିରଥର ତୃତୀୟ ଭୂଇଁ ଉପରେ ୪ଟି ଲେଖାଏ ପୋଟଳ ଖମ୍ବୀ ଏବଂ ଦୁଇଟି ଲେଖାଏ ଶେଣୀ ସେଟିଙ୍ଗ ହୋଇଛି। ଏହି ପୋଟଳ ୧୩ ପରସ୍ତ ବିଶିଷ୍ଟ, ଏହା ରଥର ଶେଷଭୂଇଁ ଉପରୁ ନିର୍ମାଣ ହୋଇଥାଏ। ଏହାର ଗଠନ ଶୈଳୀ ଶ୍ରୀମନ୍ଦିର ଶୀର୍ଷ ଭାଗ ଅଂଶ ପରି ଦୃଶ୍ୟମାନ ହୁଏ। ତିନିରଥର ପ୍ରଥମ ଭୂଇଁରେ କନକମୁଣ୍ଡି ବସିବା ପାଇଁ ଖୋଦେଇ ତଥା ବିନ୍ଧ କାର୍ଯ୍ୟ ସରିଛି। ତିନିରଥର ମୂଳ କଇଁଚି ବା ଚାରି ନାହାକା କଇଁଚି ପଡ଼ିବା ପାଇଁ ୧୬ ଫୁଟର ଚାରିଟି ଲେଖାଏ କଇଁଚି କାଠରେ ବିନ୍ଧ ତଥା କାପ ନିର୍ମାଣ ସରିଛି। ରୂପକାର ସେବକମାନେ 'ଚାର ପରିଛା'ରେ ପଦ୍ମ ଡାଳି ଲତା ଖୋଦେଇ ଶେଷ କରିବା ପରେ ମହାରଣା ସେବକ, ଓଝା ସେବକ ଏବଂ ଭୋଇ ସେବକଙ୍କ ସହାୟତାରେ ତିନି ରଥ ସମ୍ମୁଖ ଭାଗ ଦଣ୍ଡା ମୁହଁଟାରେ ସେଟିଙ୍ଗ ହୋଇଥିବା ସାଲଗୁଜରେ କଣ୍ଟା ବାଡେଇ ସେଟିଙ୍ଗ କରାଯାଇଛି। ରୂପକାର ସେବକମାନେ ତିନି ରଥର ଚାରପରିଛାରେ ଖୋଦେଇ ଶେଷ କରି ନାଟଗୋଡ଼ରେ କନ୍ଦର୍ପ ରୂପ ଖୋଦେଇ ଜାରି ରଖିଛନ୍ତି। ଚିତ୍ରକାର ସେବାକମାନେ ପାର୍ଶ୍ୱ ଦେବଦେବୀଙ୍କ ରଙ୍ଗ କାର୍ଯ୍ୟ ଜାରି ରଖିବା ସହ ରଥ ବାହ୍ୟ ଅଂଶଗୁଡିକର ରଙ୍ଗ ପାଇଁ ଚକ, ଗୁଜ, ଦଣ୍ଡା ଇତ୍ୟାଦିରେ ପ୍ରାଇମର ଦେବା ଆରମ୍ଭ କରିଛନ୍ତି।

## ସଂକ୍ଷେପରେ

### ବସ୍ ଦୁର୍ଘଟଣାରେ ମୃତ ବ୍ୟକ୍ତିଙ୍କ ପରିବାରକୁ ସହାୟତା

ପୁରୀ ଅଫିସ, ୬।୬: ଓମ୍‌କାରେଶ୍ୱର ମନ୍ଦିର ନିକଟରେ ସୋମବାର ଏକ ବାଇକ୍‌କୁ ବସ୍ ଧକ୍କା ଦେବାରୁ ୩ଜଣଙ୍କ ମୃତ୍ୟୁ ଘଟିଥିଲା। ୩ ମୃତକଙ୍କ ମଧ୍ୟରେ ପୁରୀ ମଙ୍ଗଳାହାଟ ଅଞ୍ଚଳର ରାକେଶ କୁମାର ନନ୍ଦ ରହିଥିଲେ। ମଙ୍ଗଳବାର ଜିଲାପାଳ ସମର୍ଥ ବର୍ମାଙ୍କ ନିର୍ଦ୍ଦେଶକ୍ରମେ ପୁରୀ ସଦର ତହସିଲଦାର କ୍ଷୀରୋଦ କୁମାର ବେହେରା ଜିଲା ରେଡ୍‌କ୍ରସ ଶାଖା ପକ୍ଷରୁ ମୃତକ ରାକେଶଙ୍କ ପିତା ହରିହର ନନ୍ଦ ଓ ମାତା ମନୋରମା ନନ୍ଦଙ୍କୁ କୋଡ଼ିଏ ହଜାର ଟଙ୍କାର ସହାୟତା ପ୍ରଦାନ କରିଛନ୍ତି। ବାସେଳୀ ସାହି ମଙ୍ଗଳାଘାଟ ରୋଡ଼ସ୍ଥିତ ତାଙ୍କ ଘରକୁ ଯାଇ ତହସିଲଦାର ବେହେରା ଏହି ସହାୟତା ରାଶି ପ୍ରଦାନ ସହ ଶୋକ ବ୍ୟକ୍ତ କରିଥିଲେ।

### ସେବା ନିବୃତ୍ତ ସମ୍ବର୍ଦ୍ଧନା ଉତ୍ସବ

ପୁରୀ ଅଫିସ, ୬।୬: ଭଗବତୀ ବିଦ୍ୟା ନିକେତନ ପକ୍ଷରୁ ସ୍ଥାନୀୟ ଯୁଥ ହଷ୍ଟେଲ ସମ୍ମିଳନୀ କକ୍ଷରେ ଶିକ୍ଷକ ରମେଶ ଚନ୍ଦ୍ର ଦାଶଙ୍କ ସେବା ନିବୃତ୍ତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନ ଶିକ୍ଷୟିତ୍ରୀ କ୍ରିଷ୍ଣା କୁମାରୀ ଦେଈ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ପ୍ରାକ୍ତନ ମଣ୍ଡଳ ଶିକ୍ଷା ଅଧିକାରୀ କାର୍ତ୍ତିକ ବେହେରା, ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ଉପାଧ୍ୟାୟ, ସାହିତ୍ୟିକ ପ୍ରଭାତ ଚନ୍ଦ୍ର ରଥ ଯୋଗଦେଇଥିଲେ। ସମ୍ପାଦକ ମହେନ୍ଦ୍ର ବିଶୋଇ ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷକ ଦାଶଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ନେତା ବିଜୟ ପଲେଇ, ହେମନ୍ତ ଛୋଟରାୟ, ପର୍ଶୁରାମ ପାତ୍ର, ଶିବ ନାରାୟଣ ଭଞ୍ଜ, ଅଜୟ ପଣ୍ଡା, ଜ୍ୟୋତି ପ୍ରକାଶ ମହାରଣା, ଗୋଲ୍‌ଡି ଭଞ୍ଜ, ମହେନ୍ଦ୍ର ଦାଶ, ଦୁର୍ଗାବତୀ ପ୍ରଧାନ, ପ୍ରଦୀପ୍ତ ପଟ୍ଟନାୟକ, ଯୋଗେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଜ୍ଞା ସାହୁ, ରତ୍ନମଣି ଦଳାଇ ମାନପତ୍ର ପାଠ କରିଥିଲେ। ଲକ୍ଷ୍ମୀଧର ମାଝୀ ମଞ୍ଚ ସଂଚାଳନ ଓ ବୀଣାପାଣି ପାଇକରାୟ ଧନ୍ୟବାଦ ପ୍ରଦାନ କରିଥିଲେ। ସଭା ପୂର୍ବରୁ ବାହାନଗା ରେଳ ଦୁର୍ଘଟଣାରେ ମୃତ ବ୍ୟକ୍ତିଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା।

### ଆଇନଜୀବୀଙ୍କ ସ୍ମୃତିଚାରଣ

ପୁରୀ ଅଫିସ,୬।୬: ଆଇନଜୀବୀ ତଥା ପୁରୀ ଅର୍ବାନ ବ୍ୟାଙ୍କର ପୂର୍ବତନ ସଭାପତି ଉମାପ୍ରସାଦ ମିଶ୍ରଙ୍କ ବିୟୋଗରେ ଜାତୀୟ ମଜଦୁର ସଭା ପକ୍ଷରୁ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜ କିଶୋର ତ୍ରିପାଠୀ, ସଭାର ସଭାପତି କୃଷ୍ଣଚନ୍ଦ୍ର ପାଢୀ, ରାଜ୍ୟ ସମ୍ପାଦକ ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ଜିଲା ଆବାହକ ବିମଳ କୁମାର ପାତ୍ର ପ୍ରମୁଖ ଯୋଗଦେଇ ମିଶ୍ରଙ୍କ ସ୍ମୃତିଚାରଣ କରିଥିଲେ।

### ନିରଞ୍ଜନ ନାୟକଙ୍କୁ ନୀଳଚକ୍ର ସମ୍ମାନ



କଣାସ,୬।୬(ସ୍ୱ.ପ୍ର.)- କଣାସ ଜଳସେଚନ ବିଭାଗରେ ୱାର୍କ ସରକାର ଭାବେ କାର୍ଯ୍ୟ କରୁଥିବା କବି ନିରଞ୍ଜନ ନାୟକ ନୀଳଚକ୍ର ସମ୍ମାନରେ ସମ୍ମାନିତ ହୋଇଛନ୍ତି। ନିମାପଡ଼ାଠାରେ ନୟାସାବେରା ୟୁଥ୍ ଟ୍ରଷ୍ଟ କବି ସମ୍ମିଳନୀରେ ଉଲ୍ଲେଖନୀୟ ସାହିତ୍ୟ ସାଧନା ପାଇଁ ନିରଞ୍ଜନଙ୍କୁ ସୋମବାର ନୀଳଚକ୍ର ସମ୍ମାନରେ ସମ୍ମାନିତ କରାଯାଇଛି। ଡ. ପ୍ରସନ୍ନ ପାଟ୍ଟଶାଣୀ, ଡ. ସଂଗ୍ରାମ କେଶରୀ ସାମନ୍ତରାୟ, ଯୁବ ସଚିବ ଅର୍ଥ ବିଭାଗ ରୋଜାଲିନ ରଥ, ସମ୍ପଦ ରଥ, ଗବେଷକ ଲକ୍ଷ୍ମଣ ସାହୁ ଅତିଥି ଭାବେ ଯୋଗଦେଇ ତାଙ୍କୁ ସମ୍ମାନିତ କରିଥିଲେ। ଉତ୍ସବରେ ୨ଶହରୁ ଉର୍ଦ୍ଧ୍ୱ କବି ଯୋଗ ଦେଇଥିଲେ।



କାର୍ଯ୍ୟକ୍ରମରେ ନିମାପଡ଼ା ପଞ୍ଚାୟତ ସମିତି ପକ୍ଷରୁ ନୟାସବେରା ୟୁଥଟ୍ରଷ୍ଟ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ବ୍ଲକସ୍ତରୀୟ ପ୍ରଶିକ୍ଷଣ, ସଚେତନତା ଶିବିର

ନିମାପଡ଼ା,୬।୬(ଡି.ଏନ୍.ଏ.)

ନିମାପଡ଼ା ପଞ୍ଚାୟତ ସମିତି ପକ୍ଷରୁ ରାଜ୍ୟ ସରକାରଙ୍କ ଏକ ନୂତନ ଯୋଜନା 'ମୋ ଘର' ଶୀର୍ଷକ ଏକ ବ୍ଲକସ୍ତରୀୟ ପ୍ରଶିକ୍ଷଣ ଶିବିର ଓ ସଚେତନତା କର୍ମଶାଳା ମଙ୍ଗଳବାର ପଞ୍ଚାୟତ ସମିତି ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଉପାଧ୍ୟକ୍ଷା ଅନସୂୟା ମହାନ୍ତି, ବିଡିଓ ବସନ୍ତ ମଲ୍ଲିକ, ଅତିରିକ୍ତ ବିଡିଓ ପୂର୍ଣ୍ଣଚନ୍ଦ୍ର ସେଠୀ, ସହକାରୀ ଯନ୍ତ୍ରୀ ସୁନୀଲ ନନ୍ଦ, ଜିଲା ପରିଷଦ ସଭ୍ୟା ସସ୍ମିତା ନାୟକ, ରବୀନ୍ଦ୍ର ମଲ୍ଲିକ, ବ୍ଲକ ପ୍ରୋଜେକ୍ଟ କୋଅର୍ଡିନେଟର (ବିପିସି) ଶଶିକାନ୍ତ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ରାଜ୍ୟ ସରକାରଙ୍କ ଏହି ନୂତନ ଯୋଜନାରେ ଗରିବ ଓ ନିମ୍ନ ମଧ୍ୟବିତ୍ତ ପରିବାରବର୍ଗଙ୍କ ପାଇଁ ଉଦ୍ଦିଷ୍ଟ। କେଉଁ ବର୍ଗର ହିତାଧିକାରୀ ଏହି ନୂତନ ମୋ ଘର ଯୋଜନାର ସୁବିଧା ପାଇପାରିବେ, ଲୋକମାନେ କିଭଳି ଆବେଦନ କରିବେ, ସରକାରଙ୍କଠାରୁ ମିଳୁଥିବା ସବ୍‌ସିଡି, କିପରି ଋଣ ପରିଶୋଧ କରିବେ ସେନେଇ ବିଶଦ ଆଲୋଚନା କରି ଜନପ୍ରତିନିଧିଙ୍କୁ ଏ ସମ୍ପର୍କରେ ଅବଗତ କରିଥିଲେ। ଶିବିରରେ ବିଭିନ୍ନ ପଞ୍ଚାୟତ ସରପଞ୍ଚ, ସମିତି ସଭ୍ୟ, ଜିଲା ପରିଷଦ ସଭ୍ୟ, ବ୍ଲକର ପଦସ୍ଥ କର୍ମଚାରୀ ଯୋଗ ଦେଇଥିଲେ। ଏହି ଅବସରରେ ବିଶ୍ୱ ପରିବେଶ ଦିବସରେ ନିମାପଡ଼ାର ନୟାସବେରା ୟୁଥ୍ ଟ୍ରଷ୍ଟ ଭୁବନେଶ୍ୱର ଲୋକସଭା ଭବନଠାରେ ଆୟୋଜିତ ସମାରୋହରେ ଜଙ୍ଗଲ, ପରିବେଶ, ସୂଚନା ଓ ଲୋକସମ୍ପର୍କ ବିଭାଗ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ପ୍ରଦୀପ ଅମାତଙ୍କଠାରୁ ପ୍ରକୃତି ମିତ୍ର ସମ୍ମାନ ପାଇଥିବାରୁ ନିମାପଡ଼ା ପଞ୍ଚାୟତ ସମିତି ପକ୍ଷରୁ ଟ୍ରଷ୍ଟ କର୍ମକର୍ତ୍ତା ଓ ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ସିଆର୍‌ପି, ଏମ୍‌ବିକେ ନିଯୁକ୍ତିରେ ଅନିୟମିତତା ଅଭିଯୋଗ

କାକଟପୁର,୬।୬(ଡି.ଏନ୍.ଏ.)

### ତଦନ୍ତ ଦାବି କଲେ ଆଶାୟୀ

କାକଟପୁର ବ୍ଲକ ମିଶନ ଶକ୍ତି ଯୋଜନା କାର୍ଯ୍ୟକାରୀ ପାଇଁ ସିଆର୍‌ପି, ଏମ୍‌ବିକେ ଓ ବ୍ୟାଙ୍କମିତ୍ର ନିଯୁକ୍ତି ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏନେଇ ମଙ୍ଗଳବାର ୧୨ ପଞ୍ଚାୟତର ୩୦୦ରୁ ଉର୍ଦ୍ଧ୍ୱ ଆଶାୟୀ ପ୍ରାର୍ଥୀ ତଦନ୍ତ ଦାବିରେ କାକଟପୁର ବ୍ଲକ ମିଶନ ଶକ୍ତି ଗୃହରେ ପହଞ୍ଚି ବିଡିଓ ଏବଂ ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ ନିକଟରେ ଦାବିପତ୍ର ଦେବା ସହ ଧାରଣାରେ ବସିଥିଲେ। ତଦନ୍ତ ନେଇ ବିଡିଓଙ୍କ ପ୍ରତିଶ୍ରୁତି ପରେ ସେମାନେ ଧାରଣାରୁ ହଟିଥିଲେ।

ସୂଚନା ମୁତାବକ, କାକଟପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ୧୫୪ ଜଣ ସିଆର୍‌ପି, ୧୧ ଜଣ ଏମ୍‌ବିକେ ଓ ୯ ବ୍ୟାଙ୍କ ମିତ୍ରଙ୍କୁ ମିଶାଇ ମୋଟ ୧୭୪ ଜଣଙ୍କୁ ନିଯୁକ୍ତି ଦିଆଯାଇଛି। କିନ୍ତୁ ନିଯୁକ୍ତିରେ ବ୍ୟାପକ ଅନିୟମିତତା ହୋଇଥିବା କିଛି ଆଶାୟୀ ଅଭିଯୋଗ କରିଛନ୍ତି। ସେମାନେ ଏକତ୍ର ମିଶନ ଶକ୍ତି ଗୃହକୁ ଘେରାଉ କରିବାକୁ ଗଲାବେଳେ କୌଣସି ଅଧିକାରୀ ସେଠାରେ ଉପସ୍ଥିତ ନ ଥିଲେ। ଫଳରେ ସେମାନେ ଦାବିପତ୍ର ବିଡିଓ ତୁଷାର ଜ୍ୟୋତି ରଞ୍ଜନ ଓ ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକଙ୍କୁ ପ୍ରଦାନ କରିଥିଲେ। ଦାବିପତ୍ରରେ ଉଲ୍ଲେଖ ରହିଛି, ନିଯୁକ୍ତି ପାଇଁ ଉପଯୁକ୍ତ ପ୍ରାର୍ଥୀଙ୍କୁ ଚୟନ କରାଯାଇନାହିଁ। ଏଥିପାଇଁ କିଛି ପ୍ରାର୍ଥୀ ନକଲି ସାର୍ଟିଫିକେଟ୍ ଦେଇଛନ୍ତି। କିଛି ପ୍ରାର୍ଥୀଙ୍କ ଆବେଦନକୁ ଗାଏବ କରାଯାଇଛି। ଆଉ କିଛି ପ୍ରାର୍ଥୀ ମୋଟା ଆକାରର ଅର୍ଥ ମଧ୍ୟ ଦେଇଛନ୍ତି। ସମସ୍ତ ଅଭିଯୋଗ ଶୁଣିବା ପରେ ୨ ଦିନ ମଧ୍ୟରେ ଉପଯୁକ୍ତ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଗତ ପଞ୍ଚାୟତ ସମିତି ବୈଠକରେ ମହିଳାଙ୍କ ଦାବିକୁ ପଞ୍ଚାୟତ ସମିତି ଅଧ୍ୟକ୍ଷ ଶ୍ରୀଧର ନାୟକ ଉପଯୁକ୍ତ ଯୋଗ୍ୟ ପ୍ରାର୍ଥୀଙ୍କୁ ନିଯୁକ୍ତି ଦେବାକୁ ପ୍ରସ୍ତାବ ରଖି ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଜଣାଇଥିଲେ। ଆସନ୍ତା ୨ଦିନ ମଧ୍ୟରେ ନିଯୁକ୍ତି ପାଇଥିବା ଜାଲ ସାର୍ଟିଫିକେଟଧାରୀଙ୍କୁ ଯାଞ୍ଚ କରାଯାଇ ସେମାନଙ୍କ ନିଯୁକ୍ତି ରଦ୍ଦ କରାଯିବା ସହ ଉପଯୁକ୍ତ ପ୍ରାର୍ଥୀଙ୍କୁ ନିଯୁକ୍ତି ଦିଆ ନ ଗଲେ ଆଶାୟୀ ପ୍ରାର୍ଥୀ ରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# ସାଧାରଣ ନିର୍ବାଚନ ନେଇ ପ୍ରମୁଖ ଦଳର ଅଙ୍କକଷା

ଗୋପ,୬।୬(ଡି.ଏନ୍.ଏ.)

### ଗୋପ ବ୍ଲକ

୨୦୨୪ ସାଧାରଣ ନିର୍ବାଚନକୁ ଆଉ କେଇ ମାସ ବାକି ଥିବାବେଳେ ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ସମୀକରଣ ଆରମ୍ଭ ହୋଇଗଲାଣି। ପୁରୀ ଜିଲା ନିମାପଡ଼ା ନିର୍ବାଚନମଣ୍ଡଳୀରେ ଏଥିପାଇଁ ପ୍ରମୁଖ ଦଳଗୁଡ଼ିକ ମଧ୍ୟରେ ପ୍ରାର୍ଥୀ ଚୟନକୁ ନେଇ କସରତ ଚାଲିଥିବା ବେଳେ ଘନ ଘନ ବୈଠକ କରାଯାଉଛି। ବିଜେଡି ତା'ର କାର୍ଯ୍ୟ ପ୍ରାୟତଃ ଆରମ୍ଭ କରିଥିବା ବେଳେ ଭାଜପା ଦଳରେ ଏବେ ଟଣାଓଟରା ଲାଗି ରହିଥିବା ଜଣାପଡିଛି। କିନ୍ତୁ କଂଗ୍ରେସ ଦଳ ଏବେ କାହାକୁ ପ୍ରାର୍ଥୀ କରିବ ସେନେଇ ଦଳ ପ୍ରାର୍ଥୀ ଖୋଜିବା ଜାରି ରଖିଛି। ନିମାପଡ଼ା ନିର୍ବାଚନମଣ୍ଡଳୀରେ ରହିଥିବା ଗୋପ ବ୍ଲକ ସବୁ ସମୟରେ ବିଜେଡି ଦଳକୁ ଅଧିକ ମାତ୍ରାରେ ଭୋଟ ବ୍ୟବଧାନରେ ବିଜୟୀ କରାଇବା ନଜିର ରହିଥିବା ବେଳେ କ୍ରମାଗତ ଭାବରେ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ୪ଥର ପାଇଁ ପ୍ରାର୍ଥୀ ହେଉଥିବା ଜଣାପଡିଛି। କିନ୍ତୁ ଚଳିତ ଗୋପ ବ୍ଲକର ୧୧ ଜିଲା ପରିଷଦ ଜୋନର ସଭ୍ୟ ପଦରେ ବିଜେଡିକୁ ହରାଇ ଭାଜପା ବିଜୟୀ ହୋଇଥିବାରୁ ପରବର୍ତ୍ତୀ ନିର୍ବାଚନରେ କିଛିଟା ପ୍ରଭାବ ପଡ଼ିପାରେ। ସେହିପରି କିଛି ଦିନ ତଳେ ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିବା ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ଏବେ ଏହି ନିର୍ବାଚନ ମଣ୍ଡଳୀ ମଧ୍ୟରେ ଥିବା ସମସ୍ତ ପଞ୍ଚାୟତ ଓ ଏନ୍‌ଏସି ଅଞ୍ଚଳରେ ଦଳୀୟ ବୈଠକ ଆରମ୍ଭ କରି ସାଧାରଣ ନିର୍ବାଚନ ପାଇଁ ଜୋରସୋରରେ କାର୍ଯ୍ୟ ଚଳାଇଥିବା ଚର୍ଚ୍ଚା ଜୋର ଧରିଛି। ଏପଟେ ଭାଜପା ଦଳରେ ଗୋଷ୍ଠୀ କନ୍ଦଳ ଦେଖାଦେଇଥିବା ବେଳେ କିଏ ନିମାପଡ଼ା ନିର୍ବାଚନ ମଣ୍ଡଳୀରୁ ବିଧାୟକ ପ୍ରାର୍ଥୀ ହେବ ତାହା ଅସ୍ପଷ୍ଟ ରହିଛି। ୨୦୧୪, ୨୦୧୯ ସାଧାରଣ ନିର୍ବାଚନରେ ଭାଜପା ପ୍ରାର୍ଥୀ ହୋଇଥିବା ପ୍ରଭାତୀ ପରିଡ଼ା ପରାଜିତ ହୋଇଥିବା ସମୟରେ ସାଧାରଣ କର୍ମୀମାନେ ନୂଆ ମୁହଁ ଦେଖିବାକୁ ଚାହୁଁଛନ୍ତି। କଂଗ୍ରେସ ଦଳରୁ ଆସି ଭାଜପାରେ ମିଶି ନିମାପଡ଼ା ନିର୍ବାଚନ ମଣ୍ଡଳୀରେ ସବୁ ଦଳୀୟ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରୁଥିବା ଯୁବ ନେତା ଦିଲୀପ କୁମାର ନାୟକ ଚଳିତ ସାଧାରଣ ନିର୍ବାଚନରେ ଦଳ ପ୍ରାର୍ଥୀ କରିବ ବୋଲି ଚର୍ଚ୍ଚା ଜୋର ଧରିଥିବା ବେଳେ ଦଳୀୟ କର୍ମୀମାନେ ମଧ୍ୟ ଦିଲୀପଙ୍କୁ ସମର୍ଥନ କରୁଥିବା ଜଣାପଡିଛି। ଅଳ୍ପ ଦିନ ତଳେ ୧୧ ନମ୍ବର ଜିଲା ପରିଷଦ ଉପ ନିର୍ବାଚନରେ ଦିଲୀପଙ୍କ ନେତୃତ୍ୱରେ ଭାଜପାର ଜିଲା ପରିଷଦ ପ୍ରାର୍ଥୀ ପ୍ରମୋଦ କୁମାର ରାୟ ବିଜୟୀ ହୋଇ ଥିବାବେଳେ ବିଜେଡି ପ୍ରାର୍ଥୀ ପରାଜୟ ମଧ୍ୟ ବିଧାୟକ ଦାଶଙ୍କ ପାଇଁ ୨୦୨୪ ସାଧାରଣ ନିର୍ବାଚନ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ସେପଟେ କଂଗ୍ରେସ ଦଳ ପ୍ରାୟତଃ ନିମାପଡ଼ା ନିର୍ବାଚନ ମଣ୍ଡଳୀରେ ସୁପ୍ତ ଭାବେ ରହିଥିବା ବେଳେ ଦଳ ମଧ୍ୟ ନୂଆ ମୁହଁ ଖୋଜୁଥିବା ଜଣାପଡିଛି। ତିନି ଦଳ ପକ୍ଷରୁ ୨୦୨୪ ସାଧାରଣ ନିର୍ବାଚନ ଲାଗି ଦଳଗୁଡ଼ିକ ପ୍ରସ୍ତୁତି ଆରମ୍ଭ କରିଥିବାବେଳେ କିଏ ପ୍ରାର୍ଥୀ ହେଉଛି ତାହା ଏବେ ଚର୍ଚ୍ଚା ହେଉଛି।

# ବୋଧିଚକ୍ର ପକ୍ଷରୁ ଆଲୋଚନାଚକ୍ର

ପୁରୀ ଅଫିସ, ୬।୬:

ବୌଦ୍ଧିକ ଅନୁଷ୍ଠାନ 'ବୋଧିଚକ୍ର' ଆନୁକୂଲ୍ୟରେ ସ୍ଥାନୀୟ ବୁଦ୍ଧ ମନ୍ଦିର ପରିସରରେ ରବିବାର ମାସିକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ଇଂ. ଗିରିଜା ଶଙ୍କର ପାଢ଼ୀ ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ବୁଦ୍ଧଙ୍କ ପ୍ରତିମା ସମ୍ମୁଖରେ ଦୀପଧୂପାଦି ନୈବେଦ୍ୟ ଅର୍ପଣ ପୂର୍ବକ ବିପାସନା ପଦ୍ଧତିରେ ସମବେତ ବୁଦ୍ଧପ୍ରେମୀ ସମୂହ ଧ୍ୟାନ କରିଥିଲେ। ଅନୁଷ୍ଠାନର ଉପସଭାପତି ଡ. ବଳରାମ ଦାଶ ସ୍ୱାଗତ ସମ୍ଭାଷଣ ମାଧ୍ୟମରେ ସ୍ନାନ ପୂର୍ଣ୍ଣିମାର ମାହାତ୍ମ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଉପାସକ ଉମେଶ ଚନ୍ଦ୍ର ଦାସ ବୁଦ୍ଧ ବନ୍ଦନା ଗାନ କରିଥିଲେ। ପୂର୍ବରୁ ବାହାନଗା ରେଳ ଦୁର୍ଘଟଣାରେ ମୃତ ବ୍ୟକ୍ତିଙ୍କ ଆତ୍ମାର ସଦ୍‌ଗତି ଓ ଆହତ ଯାତ୍ରୀଙ୍କ ଆଶୁ ଆରୋଗ୍ୟ କାମନା ନିମିତ୍ତ ବୁଦ୍ଧଙ୍କ ସମ୍ମୁଖରେ ସମୂହ ଦୀପଦାନ ସହ ନୀରବ ପ୍ରାର୍ଥନା କରାଯାଇଥିଲା। ପୂର୍ଣ୍ଣଚନ୍ଦ୍ର ସାହୁ ଧମ୍ମପଦର ବୋଧିବର୍ଗର ଗାଥାଗୁଡ଼ିକ ଆବୃତ୍ତି କରି ବିଶଦ୍ ବ୍ୟାଖ୍ୟା କରିଥିଲେ। ପ୍ରବଚକ ଦୟାନିଧି ପଣ୍ଡା, ବାସୁଦେବ ସାହୁ, ଗୋଲାପ ସାହୁ, ପ୍ରଭାସ ଚନ୍ଦ୍ର ମିଶ୍ର, ଏମ୍. କୋଟେଶଚନ୍ଦ୍ର ପାତ୍ର ପ୍ରମୁଖ ଆଲୋଚନାରେ ଭାଗନେଇଥିଲେ। ସ୍ନାନଯାତ୍ରା ଓ ଘୋଷଯାତ୍ରା ବୌଦ୍ଧ ପରମ୍ପରା ଉପରେ ଆଧାରିତ ଏବଂ ଜାତିଭେଦର ଅସାରତା ଚେତାଇ ଦେଇ ସାମ୍ୟ ଓ ମୈତ୍ରୀ ଚେତନାରେ ଅନୁପ୍ରାଣିତ କରାଇଥାଏ ବୋଲି ଆଲୋଚକମାନେ କହିଥିଲେ। ସାମାଜିକ କର୍ମୀ ସାରଙ୍ଗଧର ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ।



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି ଏବଂ ଆଲୋଚକମାନେ ।

# ଲୋକକଥା ଆମ ସାଂସ୍କୃତିକ ଜୀବନର ଆଦି ଉତ୍ସ

### 'ଓଡ଼ିଶାର ଲୋକକଥା' ଶୀର୍ଷକ ଜାତୀୟ ପାଠଚକ୍ର

ପୁରୀ ଅଫିସ, ୬।୬:

ଓଡ଼ିଶାର ଲୋକକଥା ବିବିଧତାରେ ପରିପୂର୍ଣ୍ଣ। ଜୀବନ ଓ ଜଗତର ପ୍ରତିଟି ପର୍ଯ୍ୟାୟ ଏବଂ ପ୍ରତ୍ୟେକ ପ୍ରସଙ୍ଗ ଆମ ଲୋକକଥାରେ ସାର୍ଥକ କଳାରୂପ ନେଇଛି। ବାସ୍ତବତା ଓ ଅବାସ୍ତବତା ସହିତ କଳ୍ପନାର ଅପୂର୍ବ ସମନ୍ୱୟରେ ଓଡ଼ିଶାର ଲୋକକଥା ସବୁ ହଜାର ହଜାର ବର୍ଷ ବ୍ୟାପୀ ଆମ ମନୋରଞ୍ଜନର ମାଧ୍ୟମ ହୋଇଆସିଛି। ଲୋକକଥା ହିଁ ଆମ ସାଂସ୍କୃତିକ ଜୀବନର ଆଦି ଉତ୍ସ ବୋଲି ଗବେଷକ ତଥା ଲୋକତତ୍ତ୍ୱବିଦ୍ ଡ. ଅରବିନ୍ଦ ପଟ୍ଟନାୟକ ମତବ୍ୟକ୍ତ କରିଛନ୍ତି। ରବିବାର ସ୍ଥାନୀୟ ସର୍ବୋଦୟନଗରସ୍ଥିତ ଲୋକ ସଂସ୍କୃତି ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ପୁରୀ ୟୁଥ୍ ହଷ୍ଟେଲ୍ ସମ୍ମିଳନୀ କକ୍ଷରେ ଆୟୋଜିତ 'ଓଡ଼ିଶାର ଲୋକକଥା' ଶୀର୍ଷକ ଜାତୀୟ ପାଠଚକ୍ରକୁ ଉଦ୍‌ଘାଟନ କରି ଡ. ପଟ୍ଟନାୟକ ଏହି ମର୍ମରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରତିଷ୍ଠାନର ନିର୍ଦ୍ଦେଶକ ଡ. ଦୁର୍ଗାମାଧବ ନନ୍ଦ ଉତ୍ସବରେ ପୌରୋହିତ୍ୟ କରିବା ସହ ପ୍ରାକ୍-ସୂଚନା ଓ ସ୍ୱାଗତ ଭାଷଣ ଦେଇଥିଲେ। ପାଠଚକ୍ରର ଉଦ୍‌ଘାଟନୀ ଉତ୍ସବରେ ଲୋକ ସଂସ୍କୃତି ଗବେଷକ ଡ. ଲମ୍ବୋଦର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ମଞ୍ଚାସୀନ ଥିଲେ। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦକ୍ଷିଣାଞ୍ଚଳ ଉପସଚିବ ଡ. କୁଳମଣି ଓଝା ବିଶିଷ୍ଟ ଅତିଥି ଏବଂ ଜନଜାତି ସଂସ୍କୃତି ଗବେଷକ ଡ. କ୍ଷେତ୍ରବାସୀ ମାନସେଠ ମୁଖ୍ୟବକ୍ତା ରୂପେ ଯୋଗଦେଇ ଓଡ଼ିଶାର ଲୋକକଥା ପରମ୍ପରାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ମାଲକାନଗିରି ଜିଲା କୁଡୁମୁଲୁଗୁମ୍ମାସ୍ଥିତ ଡାର୍‌ଉଇନ୍ ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ନିରଞ୍ଜନ ସ୍ୱାଇଁ ଭିତ୍ତିପ୍ରବନ୍ଧ ଉପସ୍ଥାପନ କରିଥିଲେ। ଏହି ଅବସରରେ ଲୋକ ସଂସ୍କୃତି ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ଡ. ଦୁର୍ଗାମାଧବ ନନ୍ଦଙ୍କ ସମ୍ପାଦନାରେ ପ୍ରକାଶିତ 'ଓଡ଼ିଶାର ଲୋକଭାଷା' ଶୀର୍ଷକ ପୁସ୍ତକ ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ଶେଷରେ ସଭାପତି ଡ. ନନ୍ଦ ଲୋକ ସଂସ୍କୃତି ଗବେଷଣା ପ୍ରତିଷ୍ଠାନର ବିଭିନ୍ନ ରଚନାତ୍ମକ କାର୍ଯ୍ୟକ୍ରମ ସମ୍ପର୍କରେ ଉଲ୍ଲେଖ କରିବା ସହ ଧନ୍ୟବାଦ ଦେଇଥିଲେ। ପ୍ରଥମ ବୈଷୟିକ ଅଧିବେଶନରେ ଭଞ୍ଜ ସାହିତ୍ୟ ଗବେଷକ ଡ. କମ୍ବୁପାଣି ସାମନ୍ତ ପୌରୋହିତ୍ୟ କରିଥିବାବେଳେ ଦ୍ୱିତୀୟ ବୈଷୟିକ ଅଧିବେଶନରେ ଲୋକ ସଂସ୍କୃତି ଗବେଷକ ଡ. ସରୋଜ କୁମାର ପରିଡ଼ା ଅଧ୍ୟକ୍ଷତା କରିଥିଲେ। କନ୍ଧମାଳ ଜିଲା ଜି.ଉଦୟଗିରିସ୍ଥିତ କଳିଙ୍ଗ ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଡ. ନଳିନୀ କୁମାର ପାଣିଗ୍ରାହୀ ଉଭୟ ଅଧିବେଶନରେ ପଠିତ ପ୍ରବନ୍ଧଗୁଡ଼ିକର ସମୀକ୍ଷା କରିଥିଲେ। ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଆସିଥିବା ଯୁବ ଗବେଷକମାନଙ୍କ ମଧ୍ୟରୁ ଡ. ଜ୍ୟୋସ୍ନାରାଣୀ ପଟ୍ଟନାୟକ, ଚୌଧୁରୀ ରାଧାମୋହନ ପରିଜା, ଡ. ସଂଘମିତ୍ରା ବେହେରା, ଡ. ରାଜା କୁମାର ନାଏକ, ବୁଦ୍ଧୁ ସିଂ ପ୍ରମୁଖ ଆମ ଲୋକକଥା ଆଧାରିତ ସ୍ୱରଚିତ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଭାଷାତତ୍ତ୍ୱବିତ୍ ଡ. କୈଳାସ ଚନ୍ଦ୍ର ଟିକାୟତରାୟ, ଡ. ଦେବଦର୍ଶନୀ ସାହୁ, ଅଧ୍ୟାପିକା ବାଇରି ଦେବୀ, ନାଗରତ୍ନା ନନ୍ଦ, ରମେଶ ଚନ୍ଦ୍ର ଦଳବେରା, ଆଦିତ୍ୟ କୁମାର ମହାନ୍ତି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଲୋକ ସଂସ୍କୃତି ଗବେଷଣା ପ୍ରତିଷ୍ଠାନ ଦ୍ୱାରା ପ୍ରକାଶିତ ପୁସ୍ତକ ସମୂହର ପ୍ରଦର୍ଶନ କରାଯାଇଥିଲା। ଶେଷରେ ଡ. ନନ୍ଦ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।




ପାଠଚକ୍ରରେ ଯୋଗଦେଇଥିବା ଅତିଥିମାନେ ।

## ସଂକ୍ଷେପରେ

### ରାତି ଅଧରେ ଦମ୍ପତିଙ୍କୁ ଆକ୍ରମଣ କରି ଲୁଟ୍, ୪ ଗିରଫ

**ଭୁବନେଶ୍ୱର,୬।୬(ବ୍ୟୁରୋ):** ଏୟାରପୋର୍ଟ ଥାନା ଅନ୍ତର୍ଗତ କାରଗିଲ ବସ୍ତିରେ ରାତିରେ ଘର କବାଟ ଭାଙ୍ଗି ପ୍ରବେଶ କରି ଦମ୍ପତିଙ୍କୁ ମାଡ଼ ମାରି ଗୋଟିଏ ସୁନା ଚେନ, ୨ ମୋବାଇଲ, ନଗଦ ୬୦ ହଜାର ଟଙ୍କା ଲୁଟ ନେଇଯାଇଥିବା ନେଇ ଅଭିଯୋଗ ହୋଇଥିଲା। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରି ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଭୁବନେଶ୍ୱରରେ ରହୁଥିବା ଗଞ୍ଜାମର ବିଜୟ ପ୍ରଧାନ, ରତନା ପ୍ରଧାନ, ଶିର୍ଷୁ ପ୍ରଧାନ ଓ ଏ.ଦେବରାଜ ପ୍ରଧାନ। ଜାମିନ ନମିଳିବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ହେରୋଇନ ଜବତ, ଯୁବକ ଗିରଫ

**ଭୁବନେଶ୍ୱର,୬।୬(ବ୍ୟୁରୋ):** ଅବକାରୀ ବିଭାଗର ମୋବାଇଲ ୟୁନିଟ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ହଲଦିପଡିଆ ବସ୍ତିରେ ଚଢାଉ କରି ନିଶାଦ୍ରବ୍ୟ କାରବାର କରୁଥିବା ଜଣେ ଯୁବକଙ୍କୁ ଗିରଫ କରିଛି । ସେ ହେଲେ ବିକାଶ ନାଏକ (୨୧) । ତାଙ୍କଠାରୁ ୧୦୫ ଗ୍ରାମ ହେରୋଇନ ଜବତ ହୋଇଛି। ତେବେ ଜବତ ନିଶାଦ୍ରବ୍ୟର ମୂଲ୍ୟ ୧୦ ଲକ୍ଷ ହେବ । ଏ ନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ବିକାଶଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି ।

### ଯୁବତୀଙ୍କୁ ବଳାତ୍କାର, ଯୁବକ ଗିରଫ

**ଭୁବନେଶ୍ୱର,୬।୬(ବ୍ୟୁରୋ):** ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଜଣେ ଯୁବତୀଙ୍କୁ ବଳାତ୍କାର କରିବା ଅଭିଯୋଗରେ ମହିଳା ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ପୁରୀ ଜିଲା କାକଟପୁର ଥାନା ଅଞ୍ଚଳର ରଞ୍ଜନ କୁମାର ମଲ୍ଲିକ (୨୭)। ଜାମିନ ନ ମିଳିବାରୁ ରଞ୍ଜନଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ ପୀଡ଼ିତା ଜଣକ ଭୁବନେଶ୍ୱରରେ ରହି ଏକ ବେସରକାରୀ ସଂସ୍ଥାରେ କାର୍ଯ୍ୟ କରନ୍ତି। ପରେ ସେ ରଞ୍ଜନଙ୍କ ସଂସ୍ପର୍ଶରେ ଆସିଥିଲେ। ଉଭୟଙ୍କ ମଧ୍ୟରେ ବନ୍ଧୁତା ସୃଷ୍ଟି ହେବା ସହିତ ସମ୍ପର୍କ ଘନିଷ୍ଠ ହୋଇଥିଲା। ଏହାପରେ ରଞ୍ଜନ ୨୦୨୧ରେ ଯୁବତୀଙ୍କ ଘରକୁ ଆସି ତାଙ୍କର ଜନ୍ମ ଦିନ ପାଳନ କରିଥିଲେ। ଏପରିକି ପରେ ବିବାହର ମିଥ୍ୟା ପ୍ରତିଶୃତି ଦେଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଏ ନେଇ ଯୁବତୀ ଜଣକ ରଞ୍ଜନଙ୍କୁ ବିବାହ କରିବା ଲାଗି କହିବାରୁ ସେ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ତାଙ୍କ ମୋବାଇଲ ଫୋନକୁ ବ୍ଲକ କରିଦେଇଥିଲେ। ଶେଷରେ ଯୁବତୀ ଜଣଙ୍କ ଯୁବକଙ୍କ ବିରୋଧରେ ମହିଳା ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗକ୍ରମେ ପୋଲିସ ତଦନ୍ତ କରି ରଞ୍ଜନଙ୍କୁ ଗିରଫ କରିଥିଲେ।

### ମୋବାଇଲ ଚୋରି କରିବାକୁ ଆସି ଧରାପଡ଼ିଲେ ଯୁବକ

**ବାରଙ୍ଗ,୬।୬(ଡି.ଏନ୍.ଏ.):** ମୋବାଇଲ ଚୋରି କରିବାକୁ ଆସି ଧରାପଡ଼ିଥିବା ଯୁବକଙ୍କୁ ଚନ୍ଦକା ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ମେଣ୍ଢାଶାଳ ଗ୍ରାମ ତଳସାହିର ସୁକାନ୍ତ ନାୟକ। ଏନେଇ ପୋଲିସ ନଂ.୧୯୦/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ମେଣ୍ଢାଶାଳ ଅଞ୍ଚଳର ତ୍ରିଲୋଚନ ମହାପାତ୍ର ସୋମବାର ରାତିରେ ପରିବାର ସଦସ୍ୟଙ୍କ ସହ ଘରେ ଶୋଇଥିଲେ। ବିଳମ୍ବିତ ରାତିରେ ସୁକାନ୍ତ ଘରେ ପଶି ମୋବାଇଲ ଚୋରି ଲାଗି ଉଦ୍ୟମ କରିବାବେଳେ ତ୍ରିଲୋଚନ ତାଙ୍କୁ କାବୁକରି ଚନ୍ଦକା ଥାନା ଜିମା ଦେଇଥିଲେ।

### ଏସ୍‌ସିବିରେ ୧୪୦ ଆହତ ଚିକିତ୍ସାଧୀନ, ଆଇସିୟୁରେ ୧୯

**କଟକ ଅଫିସ,୬।୬:** ବାହାନଗା ଟ୍ରେନ୍ ଦୁର୍ଘଟଣାର ଆହତଙ୍କ ମଧ୍ୟରୁ ୧୪୦ ଜଣ ମଙ୍ଗଳବାର ସୁଦ୍ଧା ଏସ୍‌ସିବି ମେଡିକାଲର ବିଭିନ୍ନ ୱାର୍ଡରେ ଚିକିତ୍ସାଧୀନ ଅଛନ୍ତି। ସେମାନଙ୍କ ମଧ୍ୟରୁ ୧୯ ଜଣଙ୍କୁ ବିଭିନ୍ନ ବିଭାଗର ଆଇସିୟୁରେ ରଖି ଚିକିତ୍ସା କରାଯାଉଛି। ପର୍ଯ୍ୟାୟକ୍ରମେ ଏସ୍‌ସିବିରେ ମୋଟ ୨୦୧ ଜଣ ଆହତ ଭର୍ତ୍ତି ହୋଇଥିଲେ। ସେମାନଙ୍କ ମଧ୍ୟରୁ ୬୧ ଜଣ ଡିସ୍‌ଚାର୍ଜ ହୋଇ ଅଥବା ମେଡିକାଲ ଅନୁମତି ବିନା ସ୍ୱଇଚ୍ଛାରେ ଘରକୁ ଯାଇଥିବା ମେଡିକାଲର ପ୍ରଶାସନିକ ଅଧିକାରୀ ଡ. ଅବିନାଶ ରାଉତ ସୂଚନା ଦେଇଛନ୍ତି।

# ଲୁଟ୍ କରି ଅନ୍ୟ ରାଜ୍ୟକୁ ପଳାଉଥିଲେ

**ପୋଲିସ ପଞ୍ଜାରେ ଏରାଗୁଲା ଗ୍ୟାଙ୍ଗର ୨ ସଦସ୍ୟ**



- ୮ ମୋବାଇଲ, ଦେଢ଼ ଲକ୍ଷ ଟଙ୍କା, ଚୋରା ବାଇକ୍ ଜବତ
- ବ୍ୟାଙ୍କ ଯାଉଥିବା ଲୋକଙ୍କୁ ଟାର୍ଗେଟ କରୁଥିଲେ
- ୨୦୨୧ରେ ଗ୍ୟାଙ୍ଗର ୮ଜଣ ଗିରଫ ହୋଇଥିଲେ

ଭୁବନେଶ୍ୱର,୬।୬(ବ୍ୟୁରୋ)

ରାଜଧାନୀରେ ଦିନକୁ ଦିନ ବିଭିନ୍ନ ଚୋର ଗ୍ୟାଙ୍ଗ ସକ୍ରିୟ ହୋଇଉଠିଥିବା ବେଳେ କମିଶନରେଟ ପୋଲିସ ପକ୍ଷରୁ କଡ଼ା ଯାଞ୍ଚ ଓ ଚଢ଼ାଉ କରି ଅନେକ ଗ୍ୟାଙ୍ଗର ସଦସ୍ୟମାନଙ୍କୁ ଧରିବାରେ ସଫଳ ହୋଇଛି। ନିକଟରେ ଡକାୟତି କରୁଥିବା ବାଓ୍ୱରିଆ ଗ୍ୟାଙ୍ଗର କେତେଜଣ ସଦସ୍ୟକୁ ପୋଲିସ ଧରିଥିବା ବେଳେ ସୋମବାର ପୁଣି ଏକ ଲୁଟେରା ଗ୍ୟାଙ୍ଗ ଏରାଗୁଲାର ୨ସଦସ୍ୟଙ୍କୁ ହାଇଟେକ୍ ଛକରୁ ଗିରଫ କରିଛି। ସେମାନେ ହେଲେ ଗଞ୍ଜାମ ଜିଲା ଆସ୍କା ଥାନା ଅନ୍ତର୍ଗତ ଠେଙ୍ଗାପାଲି ଗ୍ରାମର ଏମ୍. ଚକ୍ରବର୍ତ୍ତୀ ଓ ଏ. ନବୀନ। ସେମାନଙ୍କଠାରୁ ୮ଟି ମୋବାଇଲ ଫୋନ, ଚୋରା ବାଇକ୍ ଏବଂ ନଗଦ ଦେଢ ଲକ୍ଷ ଟଙ୍କା ଜବତ ହୋଇଛି। ଯାଞ୍ଚବେଳେ ଏହି ଗ୍ୟାଙ୍ଗର ସଦସ୍ୟମାନେ ଚୋରା ବାଇକ୍‌ରେ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଲୁଟ୍, ଛିନ୍ତାଇ କରିବା ପରେ ଅନ୍ୟ ରାଜ୍ୟକୁ ଫେରାର ହୋଇଯାଉଥିବା ଜଣାପଡ଼ିଥିଲା। ଅଭିଯୁକ୍ତଦ୍ୱୟଙ୍କ ଆନ୍ତଃରାଜ୍ୟ ଲିଙ୍କ୍ ଥିବାବେଳେ ଗଞ୍ଜାମ ଓ ଯାଜପୁରରେ ରହି ଅପରାଧର କାର୍ଯ୍ୟକଳାପ ଅପରେଟ କରିଥାନ୍ତି। ତେଣୁ ଏହି ଗ୍ୟାଙ୍ଗରେ ଥିବା ଅନ୍ୟ ସଦସ୍ୟଙ୍କୁ ଖୁବ୍‌ଶୀଘ୍ର ଧରିବା ସହ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମଙ୍ଗଳବାର ଖବରଦାତା ସମ୍ମିଳନୀରେ ଡିସିପି ପ୍ରତୀକ ସିଂ ସୂଚନା ଦେଇଛନ୍ତି।

ବିଶେଷକରି ବ୍ୟାଙ୍କରୁ ଟଙ୍କା ଉଠାଇ ଫେରୁଥିବା ଓ ଡିପୋଜିଟ କରିବାକୁ ଯାଉଥିବା ଗ୍ରାହକଙ୍କୁ ଟାର୍ଗେଟ କରିଥାନ୍ତି। ପରେ ଏମାନଙ୍କ ଭିତରୁ ଜଣେ ଦୁଇଜଣ ବ୍ୟାଙ୍କ ଭିତରେ ରହି ଟଙ୍କା ଉଠାଉଥିବା ବ୍ୟକ୍ତିଙ୍କ ଉପରେ ନଜର ରଖି ବାହାରେ ଥିବା ଗ୍ୟାଙ୍ଗର ଅନ୍ୟମାନଙ୍କୁ ଖବର ଜଣାନ୍ତି। ଫଳରେ ସେମାନେ ଉକ୍ତ ବ୍ୟକ୍ତିଙ୍କୁ ପିଛା କରିବା ସହ ରାସ୍ତାରେ ଟଙ୍କା ପକାଇ କିମ୍ବା ଅନ୍ୟମନସ୍କ କରାଇ ଟଙ୍କା ବ୍ୟାଗକୁ ଲୁଟ୍ କରିନିଅନ୍ତି। ଏପରିକି ଛୁରି, ଖଣ୍ଡା, ଭୁଜାଲି ଭଳି ମାରଣାସ୍ତ୍ର ବ୍ୟବହାର କରି ଚୋରି, ଛିନ୍ତାଇ, ଲୁଟ୍‌ପାଟ କରନ୍ତି। ଲୁଟ୍ ପରେ ସେମାନେ ବାହାର ରାଜ୍ୟକୁ ଯାଇ ଉକ୍ତ ଚୋରା ସାମଗ୍ରୀକୁ ସେଠାରେ ବିକି ପୁଣି ଓଡ଼ିଶା ଫେରିଆସନ୍ତି। ଯଥା ପଶ୍ଚିମବଙ୍ଗ, ଆସାମ, ବେଙ୍ଗାଲୁରୁ, ଚେନ୍ନାଇ ଆଦି ରାଜ୍ୟରେ ବିକ୍ରି କରୁଥିବା ଜଣାପଡିଛି। ତେବେ ଏଭଳି ଅଧିକ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ବେଳେ କେତେଜଣ ଅଭିଯୁକ୍ତଙ୍କୁ ଚିହ୍ନଟ କରି ଖୋଜୁଥିଲା। ୨ଦିନ ତଳେ ଉପରୋକ୍ତ ୨ଅଭିଯୁକ୍ତ ହାଇଟେକ ଛକ ନିକଟରେ ଲୁଟ୍ ପାଇଁ ଷଡ଼ଯନ୍ତ୍ର କରୁଥିବା ବେଳେ ପୋଲିସ ଚଢ଼ାଉ କରି ଧରିଥିଲା। ଅଭିଯୁକ୍ତଦ୍ୱୟଙ୍କୁ ଥାନାକୁ ଆଣି ପଚରାଉଚରା ବେଳେ ଆନ୍ତଃରାଜ୍ୟ ର୍ୟାକେଟ ଚଲାଇବା ସହ ତାଙ୍କ ହ୍ୱାଟସଆପକୁ ବାହାର ରାଜ୍ୟର ଲୋକଙ୍କ ମେସେଜ ଆସୁଥିଲା। କେଉଁ ପ୍ରକାର ଦାମୀ ମୋବାଇଲ ଅଛି ଏବଂ ତାହା କେତେ ଟଙ୍କାରେ ବିକ୍ରି କରିବ ଡିମାଣ୍ଡ କରୁଥିବା ତଦନ୍ତ ବେଳେ ପୋଲିସ ଜାଣିବାକୁ ପାଇଛି। ଏହି ୨ ଅଭିଯୁକ୍ତଙ୍କ ନାମରେ କଟକ-ଭୁବନେଶ୍ୱରର ବିଭିନ୍ନ ଥାନାରେ ୮ ମାମଲା ରହିଛି। ସେହିପରି ୨୦୨୧ରେ ମଧ୍ୟ କମିଶନରେଟ ପୋଲିସ ଏରାଗୁଲା ଗ୍ୟାଙ୍ଗର ୮ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା।



ରାଜଭବନରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ଅନ୍ୟମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

# ଶ୍ରୀ ଲକ୍ଷ୍ମଣା ପରିଣୟଂ ମହାକାବ୍ୟ ଲୋକାର୍ପିତ

ଭୁବନେଶ୍ୱର,୬।୬(ବ୍ୟୁରୋ)

ଓଡ଼ିଶାରେ ସଂସ୍କୃତ ସାହିତ୍ୟର ସମୃଦ୍ଧ ପରମ୍ପରା ରହିଛି। ସେହି ପରମ୍ପରାର ପରିପୁଷ୍ଟି ଓ ପ୍ରସାର ପାଇଁ ବିଶେଷ ଉଦ୍ୟମ ହେବା ଦରକାର। ପଣ୍ଡିତ କବିଚନ୍ଦ୍ର ଭୁବନେଶ୍ୱର ରଥ ଶର୍ମାଙ୍କ 'ଶ୍ରୀ ଲକ୍ଷ୍ମଣା ପରିଣୟଂ' ମହାକାବ୍ୟର ଓଡ଼ିଆ ପଦ୍ୟାନୁବାଦ ଏକ ଉଲ୍ଲେଖନୀୟ ପ୍ରୟାସ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପ୍ରକାଶ କରିଛନ୍ତି। ମଙ୍ଗଳବାର ରାଜଭବନରେ ଆୟୋଜିତ ଏକ ଉତ୍ସବରେ ରଥ ଶର୍ମାଙ୍କ ମହାକାବ୍ୟର ଓଡ଼ିଆ ପଦ୍ୟାନୁବାଦ ଓ ନିରଞ୍ଜନ ରଥଙ୍କ ଦ୍ୱାରା ରଚିତ ଓ ସମ୍ପାଦିତ 'ଉତ୍କଳ କାଳିଦାସ ପଣ୍ଡିତ ଭୁବନେଶ୍ୱର ରଥ' ପୁସ୍ତକକୁ ଉନ୍ମୋଚନ କରି ରାଜ୍ୟପାଳ କହିଛନ୍ତି, ପୁରୁଷ ଓ ପ୍ରକୃତି ମଧ୍ୟରେ ଚିରନ୍ତନ ଦ୍ୱନ୍ଦ୍ୱ ଲାଗିରହିଛି। ସେହିଭଳି ସଂଘର୍ଷ ଓ ସମନ୍ୱୟରୁ ସୃଷ୍ଟି ହୁଏ ଆଧାତ୍ମିକତାର ଭାବ, ଭାବନା ଓ ଚେତନା। ଓଡ଼ିଆମାନଙ୍କ ଗୁଣସୂତ୍ରରେ ଅଛି ସର୍ଜନାର ପ୍ରବହମାନ ଧାରା ଓ ଅଧ୍ୟାତ୍ମଭାବ। ଉନ୍ମୋଚିତ ପୁସ୍ତକ ସେହି ସାରସ୍ୱତ ଦର୍ଶନର ଦ୍ୟୋତକ ବୋଲି ସେ କହିଥିଲେ। 'ସମାଜ'ର ସମ୍ପାଦକ ନିରଞ୍ଜନ ରଥ ପୁସ୍ତକ ପ୍ରକାଶନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେବା ସହ କବିଙ୍କର ଗୌରବମୟ ସୃଜନ ଉପଲକ୍ଷେ ସମ୍ପର୍କରେ ଆଲୋଚନା କରିଥିଲେ। ସାହିତ୍ୟିକ ଶାନ୍ତନୁ ଆଚାର୍ଯ୍ୟ ରଥ ଶର୍ମଣାଙ୍କ ସାଧନା, ସିଦ୍ଧି, ଜୀବନ ଓ ସୃଜନ ସମ୍ପର୍କରେ ଆଲୋଚନା କରିଥିଲେ। ବିଶିଷ୍ଟ ବିଦ୍ୱାନ ଡ. ପ୍ରଫୁଲ୍ଲ କୁମାର ମିଶ୍ର ପ୍ରକାଶିତ କୃତିର ସମୀକ୍ଷା କରିବା ସହ ଓଡ଼ିଶାର ଏଭଳି କୃତି ବିଶ୍ୱ ସାରସ୍ୱତ ଦରବାରରେ ଆମ ପାଇଁ ବିଶେଷ ପରିଚୟ ଓ ପ୍ରତିଷ୍ଠା ଆଣିପାରିବ ବୋଲି ମତବ୍ୟକ୍ତ କରିଥିଲେ। 'ପକ୍ଷୀଘର'ର ପ୍ରକାଶକ ବନୋଜ ତ୍ରିପାଠୀ ନିଜ ବକ୍ତବ୍ୟରେ ପୁସ୍ତକ ଦୁଇଟି ସମ୍ପର୍କରେ ନିଜର ମତ ପ୍ରକାଶ କରିବା ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଏନ୍‌ଫୋର୍ସମେଣ୍ଟ ଟିମ୍‌କୁ ଗାଳିଗୁଲଜ, ଉତ୍ତେଜନା

ପୁରୁଣା ଭୁବନେଶ୍ୱର,୬।୬(ଡି.ଏନ୍.ଏ.)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ସହରର ପରିମଳ ଉପରେ ଗୁରୁତ୍ୱ ଦିଆଯାଉଥିବା ବେଳେ ବିଭିନ୍ନ ଅଞ୍ଚଳରୁ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଜାରି ରହିଛି। ବିଏମ୍‌ସିର ଏହି କାର୍ଯ୍ୟକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ଏହି କ୍ରମରେ ମଙ୍ଗଳବାର ବିଏମ୍‌ସିର ଏନ୍‌ଫୋର୍ସମେଣ୍ଟ ଟିମ୍ ବଡ଼େଇବାଙ୍କ ନିକଟ ରଥରୋଡ଼ ବାମପାର୍ଶ୍ୱରେ ଜବରଦଖଲ ଉଚ୍ଛେଦ ପାଇଁ ପହଞ୍ଚିଥିଲା। ଏହି ସମୟରେ ଡ୍ରେନ୍ ଉପରେ ବ୍ୟବସାୟ ପ୍ରତିଷ୍ଠାନ କରିଥିବା ଜଣେ ଯୁବକ ବିଏମ୍‌ସି ଅଧିକାରୀଙ୍କ ସମେତ ଏନ୍‌ଫୋର୍ସମେଣ୍ଟ ଟିମ୍‌କୁ ଗାଳିଗୁଲଜ କରିବା ସହ ଜବରଦଖଲ ଉଚ୍ଛେଦ କରାଇ ଦେଇ ନ ଥିଲେ। ଫଳରେ ବିଏମ୍‌ସି ଏନ୍‌ଫୋର୍ସମେଣ୍ଟ ଇନ୍‌ସ୍ପେକ୍ଟର ପ୍ରମୋଦ କୁମାର ଜେନା ଓ ଟିମ୍ ଘଟଣାସ୍ଥଳରୁ ଫେରିଆସିଥିଲେ। ଏନେଇ ବିଏମ୍‌ସିର ଜୋନ୍ ଅଧିକାରୀ ପ୍ରିୟବ୍ରତ ପାଢ଼ୀ କହିଛନ୍ତି, ସମ୍ପୃକ୍ତ ଯୁବକଙ୍କ ବିରୋଧରେ ଥାନାରେ ଅଭିଯୋଗ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପରେ ପୁନଃ ଜବରଦଖଲ କାର୍ଯ୍ୟ ଆରମ୍ଭ କରାଯିବ।

# ହାଇୱା ଧକ୍କାରେ ସ୍କୁଟିଚାଳକ ମୃତ: ରାସ୍ତାରୋକୋ



ପୋଲିସ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରୁଛି।

ବେଗୁନିଆ/ବୋଲଗଡ଼, ୬।୬ (ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବାଘମାରୀ-କଣ୍ଟିଲୋ ୪୮ ନମ୍ବର ସଡ଼କପଥର ଧଳାପଥର ବଜାରରେ ମଙ୍ଗଳବାର ସକାଳେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ବାଲି ବୋଝେଇ ହାଇୱା ଧକ୍କାରେ ଜଣେ ସ୍କୁଟିଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନୟାଗଡ଼ ଜିଲା ଫତେଗଡ଼ ଥାନା ଅଧୀନ ପଦ୍ମାବତୀ ଅଞ୍ଚଳର ବିଶ୍ୱଜିତ୍ ସାହୁ(୨୬)। ତେବେ ଦୁର୍ଘଟଣାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇବା ସହ ଉତ୍ତ୍ୟକ୍ତ ଲୋକେ ୪ ଘଣ୍ଟା ରାସ୍ତାରୋକା କରିଥିଲେ। ବେଗୁନିଆ ଥାନା ଓ ଧଳାପଥର ଫାଣ୍ଡି ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୧୭୮/୨୩) ରୁଜୁ ହୋଇଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିବା ସହ ହାଇୱା ଚାଳକଙ୍କୁ ଗିରଫ କରିଛି। ସେ ହେଲେ ନୟଗାଡ଼ ଜିଲା ଖଣ୍ଡପଡ଼ା ଥାନା ଅଧୀନ ରାଣୀଛେଲି ଗ୍ରାମର ବୀରବର ଦାସ। ତାଙ୍କୁ ବୁଧବାର କୋର୍ଟଚାଲାଣ କରାଯିବ ବୋଲି ଥାନା ଅଧିକାରୀ ବିଶ୍ୱଜିତ୍ ରାଉତରାୟ କହିଛନ୍ତି। ସୂଚନା ମୁତାବକ, କଟକ ଜିଲା ବୈଦ୍ୟେଶ୍ୱର ବାଲିଘାଟରୁ ବାଲି ବୋଝେଇ କରି ଏକ ହାଇୱା ଖୋର୍ଦ୍ଧା ଅଭିମୁଖେ ଯାଉଥିଲା। ଏହି ସମୟରେ ବିଶ୍ୱଜିତ୍ ସ୍କୁଟିରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ କମ୍ପାନୀରେ ନିଯୁକ୍ତି ପାଇଁ ଯାଉଥିଲେ। ସକାଳ ପ୍ରାୟ ୭ଟା ୩୦ରେ ଧଳାପଥର ବଜାରଠାରେ ବିଶ୍ୱଜିତ ହାଇୱାକୁ ଅତିକ୍ରମ କରୁଥିବା ବେଳେ ଉଭୟଙ୍କ ମଧ୍ୟରେ ଦୁର୍ଘଟଣା ହୋଇଥିଲା।

### ଡ୍ରାଇଭର ଗିରଫ

# ସମୂହ ଦୀପ ଜାଳି ସଦ୍‌ଗତି, ଆରୋଗ୍ୟ କାମନା କଲେ

**ବାହାନଗା ରେଳ ଦୁର୍ଘଟଣା**

ପୁରୁଣା ଭୁବନେଶ୍ୱର,୬।୬(ଡି.ଏନ୍.ଏ.)

ବାଲେଶ୍ୱର ଜିଲା ବାହାନଗାରେ ଘଟିଥିବା ଟ୍ରେନ୍ ଦୁର୍ଘଟଣାରେ ବର୍ତ୍ତମାନ ସୁଦ୍ଧା ୨୮୮ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୯୦୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇ ବିଭିନ୍ନ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ମୃତକଙ୍କ ଆତ୍ମାର ସଦ୍‌ଗତି ଏବଂ ଚିକିତ୍ସାଧୀନ ଆହତଙ୍କ ଆଶୁ ଆରୋଗ୍ୟ କାମନା କରି ଏକାମ୍ରବାସୀଙ୍କ ପକ୍ଷରୁ ଶ୍ରୀଲିଙ୍ଗରାଜ ମନ୍ଦିର ସମ୍ମୁଖରେ ସମୂହ ଦୀପଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ନିର୍ଦ୍ଦେଶରେ ୱାର୍ଡ ସଭାପତି ଦାଶରଥି ଗରାବଡୁଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଅଞ୍ଚଳର ଦେବୀ ପ୍ରସାଦ ଦାଶ, ବିରଞ୍ଚି ନାରାୟଣ ପତିଙ୍କ ସମେତ ଅଞ୍ଚଳର ବହୁ ବିଜୁ ଛାତ୍ର ଜନତା ଦଳର କର୍ମକର୍ତ୍ତା ଉପସ୍ଥିତ ଥିଲେ। ସେହିପରି ଏକାମ୍ର ନାଗରିକ ସଂଘ ପକ୍ଷରୁ ଅନୁରୂପ ଭାବେ ମୃତକଙ୍କ ପାଇଁ ନୀରବ ପ୍ରାର୍ଥନା ସହ ଆହତଙ୍କ ଆଶୁ ଆରୋଗ୍ୟ କାମନା କରାଯାଇଥିଲା। ସଭାପତି ହୃଷୀକେଶ ତ୍ରିପାଠୀ, ସମ୍ପାଦକ ଧୀରେନ ପଟ୍ଟନାୟକ, ଉପଦେଷ୍ଟା ରାଜେନ୍ଦ୍ର ସମର୍ଥାଙ୍କ ସହ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

# ଚୋରି ମାମଲାରେ କବାଡ଼ିଆଙ୍କ ସମେତ ୩ ଗିରଫ

ଭୁବନେଶ୍ୱର,୬।୬ (ବ୍ୟୁରୋ)

ଘରେ ପଶି ଚୋରି କରିବା ଅଭିଯୋଗରେ ଭରତପୁର ଥାନା ପୋଲିସ ଜଣେ କବାଡ଼ିଆଙ୍କ ସମେତ ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ କଟକର ଗଜେନ୍ଦ୍ର ନାୟକ ଓ ବିଶ୍ୱଜିତ ବେହେରା ଏବଂ ଅନ୍ୟଜଣେ ହେଲେ ଉତ୍ତରପ୍ରଦେଶର ସୁଧୀର ଗୁପ୍ତା(କବାଡିଆ)। ତାଙ୍କଠାରୁ ଗୋଟିଏ ଅଟୋ, ୨ଟି ଲେଖାଏ ଟିଭି, ଗ୍ୟାସ ସିଲିଣ୍ଡର ଏବଂ ଲାପ୍‌ଟପ ଜବତ ହୋଇଛି। ସୂଚନାନୁସାରେ ବରମୁଣ୍ଡା ଅଞ୍ଚଳରେ ଥିବା ସପନଙ୍କ ପ୍ଲଟ ନମ୍ବର-ବି-୫୭ ରୁ ଗଜେନ୍ଦ୍ର ଓ ବିଶ୍ୱଜିତ ଟିଭି, ଗ୍ୟାସ ସିଲିଣ୍ଡର ଏବଂ ପାଣିପାଇପ ସାମଗ୍ରୀ ସବୁକୁ ଚୋରି କରି ନେଇଯାଇଥିଲେ। ଏ ନେଇ ସେ ଭରତପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ତଦନ୍ତ କରୁଥିବା ବେଳେ ଅଭିଯୁକ୍ତଦ୍ୱୟ ନିଜ ଭିତରେ କିଛି ଚୋରା ସାମଗ୍ରୀ ବାଣ୍ଟି ନେଇଥିବା ବେଳେ ଗୋଟିଏ ଟିଭି କବାଡିଆ ସୁଧୀରଙ୍କୁ ବିକ୍ରି କରିଦେଇଥିଲେ। ହେଲେ ଗଜେନ୍ଦ୍ର ନିଜ ପାଖରେ ରଖିଥିବା ଚୋରି ସାମଗ୍ରୀ ବିକ୍ରି କରିବା ପୂର୍ବରୁ ପୋଲିସ ବିଶେଷସୂତ୍ରରୁ ଖବରପାଇ ସେଠାରେ ଚଢାଉ କରି ଧରିଥିଲା। ଏହାପରେ ଅନ୍ୟ ଦୁଇଜଣଙ୍କୁ ଗିରଫ କରିଥିଲା। ଅଭିଯୁକ୍ତମାନଙ୍କ ନାମରେ ପୂର୍ବରୁ ମଧ୍ୟ ନୟାପଲ୍ଲୀ ଥାନାରେ ୪ଟି ମାମଲା ରହିଥିବା ବେଳେ ଇନଫୋସିଟି ଥାନାରେ ଗୋଟିଏ, ମୈତ୍ରୀବିହାର ଥାନାରେ ଗୋଟିଏ ଏବଂ ଖଣ୍ଡଗିରି ଥାନାରେ ମଧ୍ୟ ଗୋଟିଏ ମାମଲା ରହିଥିବା ତଦନ୍ତରୁ ଜଣାପଡିଛି ।

# ଏସ୍‌ସିବିରେ ଆହତଙ୍କୁ ଭେଟିଲେ ଭୁବନେଶ୍ୱର ଏମ୍‌ପି



ଏମ୍‌ପି ଅପରାଜିତା ଷଡଙ୍ଗୀ ଏସ୍‌ସିବି ମେଡିକାଲରେ ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝୁଛନ୍ତି।

କଟକ ଅଫିସ,୬।୬

କଟକ ଏସ୍‌ସିବି ମେଡିକାଲରେ ମଙ୍ଗଳବାର ଅପରାହ୍ନରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ପହଞ୍ଚି ଟ୍ରେନ ଦୁର୍ଘଟଣାର ଆହତମାନଙ୍କୁ ଭେଟିଥିଲେ। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆହତଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏସ୍‌ସିବିରେ ଷଡଙ୍ଗୀ ଡାକ୍ତରମାନଙ୍କ ସହ ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ଆଲୋଚନା କରିଥିଲେ। ପରେ ସେ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇ କହିଥିଲେ, ଏହି ଦୁର୍ଘଟଣାକୁ ରାଜନୀତୀକରଣ କରା ନ ଯାଉ। କେତେକ ନିର୍ଦ୍ଦିଷ୍ଟ ଦଳ ପକ୍ଷରୁ ଯେଉଁ ଅଭିଯୋଗ ଆସୁଛି ତାହା ସମ୍ପୂର୍ଣ୍ଣ ଭିତ୍ତିହୀନ। ସିବିଆଇ ଦ୍ୱାରା ଘଟଣାର ତଦନ୍ତ କରାଯାଉଛି। ଏହି ଦୁର୍ଘଟଣା ପାଇଁ ଯେଉଁମାନେ ଦାୟୀ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ଜାଲ୍ ସାର୍ଟିଫିକେଟ୍‌ରେ ଶିକ୍ଷୟିତ୍ରୀ ଚାକିରି ଅଭିଯୋଗ

କଟକ ଅଫିସ,୬।୬

ଜାଲ୍ ସାର୍ଟିଫିକେଟ୍ ଦେଇ ମାହାଙ୍ଗା ବ୍ଲକ ଅନ୍ତର୍ଗତ ଗୋକନ ଉଚ୍ଚ ବିଦ୍ୟାଳୟରେ ଜଣେ ସହକାରୀ ଶିକ୍ଷୟିତ୍ରୀ ଭାବେ ଚାକିରି କରୁଥିବା ଅଭିଯୋଗ ହୋଇଥିଲା। ଗ୍ରାମବାସୀ ଏନେଇ ଅଭିଯୋଗ ବାରମ୍ବାର କରିଆସୁଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନ ଥିଲା। ଫଳରେ ମଙ୍ଗଳବାର ଗ୍ରାମବାସୀ ଜିଲା ଶିକ୍ଷାଧିକାରୀ(ଡିଇଓ)ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଏହାପରେ ଡିଇଓ କାର୍ଯ୍ୟାଳୟ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ସମ୍ପୃକ୍ତା ଶିକ୍ଷୟିତ୍ରୀଙ୍କର ସ୍ନାତକ ପ୍ରମାଣପତ୍ର ଯାଞ୍ଚ ପାଇଁ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଉତ୍କଳ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକଙ୍କୁ ଚିଠି ଲେଖିଛନ୍ତି। ସେହିଭଳି ବି.ଏଡ୍ ସାର୍ଟିଫିକେଟ ଯାଞ୍ଚ ନିମନ୍ତେ ଉତ୍ତରପ୍ରଦେଶର ଛତ୍ରପତି ସାହୁଜୀ ମହାରାଜ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକଙ୍କୁ ଚିଠି କରାଯାଇଛି। ଯାଞ୍ଚ ପରେ ଯଦି ଅଭିଯୋଗରେ ସତ୍ୟତା ଥାଏ, ତା'ହେଲେ ସମ୍ପୃକ୍ତା ଶିକ୍ଷୟିତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିଇଓ କୃଷ୍ଣଚନ୍ଦ୍ର ନାୟକ ସୂଚନା ଦେଇଛନ୍ତି।

ମିଳିଥିବା ସୂଚନା ମୁତାବକ, ୨୦୧୨ ଡିସେମ୍ବର ୧୭ରେ ମହିଳା ଜଣଙ୍କ ଗୋକନ ଉଚ୍ଚ ବିଦ୍ୟାଳୟରେ ସହକାରୀ ଶିକ୍ଷୟିତ୍ରୀ ଭାବେ ନିଯୁକ୍ତି ପାଇଥିଲେ। ନିଯୁକ୍ତିବେଳେ ସେ ଦେଇଥିବା ଶିକ୍ଷାଗତ ପ୍ରମାଣପତ୍ରଗୁଡିକ ଜାଲ୍ ବୋଲି ଗୋକନ ଗ୍ରାମର କେତେଜଣ ଲୋକ ଅଭିଯୋଗ କରିଥିଲେ। ଏ ନେଇ ସେମାନେ ପ୍ରଥମେ ବ୍ଲକ ଶିକ୍ଷା ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଏଥିସହ ସମ୍ପୃକ୍ତା ଶିକ୍ଷୟିତ୍ରୀଙ୍କ ଶିକ୍ଷାଗତ ପ୍ରମାଣପତ୍ର ଯାଞ୍ଚ ପାଇଁ ଦାବି କରିଥିଲେ। ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଏ ସମ୍ପର୍କରେ ଡିଇଓଙ୍କ କାର୍ଯ୍ୟାଳୟକୁ ଅବଗତ କରାଇ ଥିଲେ। ହେଲେ ଡିଇଓଙ୍କ କାର୍ଯ୍ୟାଳୟ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା। ଫଳରେ ମଙ୍ଗଳବାର ଗ୍ରାମବାସୀ ଡିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ପରେ ଡିଇଓ ସେମାନଙ୍କ ସହ ଆଲୋଚନା କରିଥିଲେ। ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କର ସାର୍ଟିଫିକେଟ ଯାଞ୍ଚ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଅଭିଯୋଗର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିଇଓ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।



ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗ୍ରାମବାସୀ ଧାରଣା ଦେଇଛନ୍ତି।

- ଡିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା
- ଯାଞ୍ଚ ପାଇଁ ୨ ବିଶ୍ୱବିଦ୍ୟାଳୟକୁ ଚିଠି

## ସଂକ୍ଷେପରେ

### ମୋବାଇଲ ଚୋରି ଉଦ୍ୟମ, ଯୁବକ ଗିରଫ

**ବାରଙ୍ଗ,୬।୬(ଡି.ଏନ୍.ଏ.):** ମୋବାଇଲ ଚୋରି ଉଦ୍ୟମ ଅଭିଯୋଗରେ ଚନ୍ଦକା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ମେଣ୍ଢାଶାଳ ଗ୍ରାମ ତଳସାହିର ସୁକାନ୍ତ ନାୟକ। ଏନେଇ ପୋଲିସ ଏକ ମାମଲା (ନଂ.୧୯୦/୨୩) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ମେଣ୍ଢାଶାଳ ଅଞ୍ଚଳର ତ୍ରିଲୋଚନ ମହାପାତ୍ର ସୋମବାର ରାତିରେ ପରିବାର ସଦସ୍ୟଙ୍କ ସହ ଘରେ ଶୋଇଥିଲେ। ବିଳମ୍ବିତ ରାତିରେ ସୁକାନ୍ତ ଘରେ ପଶି ମୋବାଇଲ ଚୋରି ଲାଗି ଉଦ୍ୟମ କରିବାବେଳେ ତ୍ରିଲୋଚନ ତାଙ୍କୁ କାବୁକରି ଚନ୍ଦକା ପୋଲିସ ଜିମା ଦେଇଥିଲେ।

### ଉଦ୍ଧାର ହରିଣ ମୃତ

**ଚୌଦ୍ୱାର,୬।୬(ଡି.ଏନ୍.ଏ.):** ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ଇନ୍ଦ୍ରାଣୀପାଟଣାଠାରେ ଥିବା ଘରୋଇ କାରଖାନା ପରିସରରୁ ମଙ୍ଗଳବାର ସନ୍ଧ୍ୟାରେ ଉଦ୍ଧାର କରାଯାଇଥିବା ଏକ ହରିଣର ମୃତ୍ୟୁ ଘଟିଛି। ମିଳିଥିବା ସୂଚନା ଅନୁଯାୟୀ, ବାଲୀ ଜଙ୍ଗଲରୁ ୨ଟି ହରିଣ ପଳାଇ ଆସି ଉକ୍ତ କାରଖାନା ନିକଟରେ ବୁଲୁଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ସେଥିମଧ୍ୟରୁ ଗୋଟିଏ ହରିଣ କାରଖାନା ପରିସରକୁ ଚାଲିଯାଇଥିବାବେଳେ କେତେଜଣ ଲୋକ ତାକୁ ଧରିବାକୁ ଚେଷ୍ଟା କରିଥିଲେ। ହରିଣକୁ ଗୋଡାଗୋଡି କରିବାରେ ସେ ଆହତ ହୋଇଥିଲେ। ଖବରପାଇ ଚୌଦ୍ୱାର ବନକର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ହରିଣକୁ ଉଦ୍ଧାର କରି କାର୍ଯ୍ୟାଳୟକୁ ଆଣିଥିଲେ। ହେଲେ ସେଠାରେ ହରିଣର ମୃତ୍ୟୁ ଘଟିଥିବା ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତି ସୂଚନା ଦେଇଛନ୍ତି।

### ଗଣମାଧ୍ୟମ ପ୍ରତିନିଧିଙ୍କୁ ଆକ୍ରମଣ ଘଟଣା, ୨ ଗିରଫ

**କଟକ ସଦର,୬।୬(ଡି.ଏନ୍.ଏ.):** ବୈଦ୍ୟୁତିକ ଗଣମାଧ୍ୟମ ପ୍ରତିନିଧିଙ୍କୁ ଆକ୍ରମଣ କରିବା ଅଭିଯୋଗରେ ୪୨ ମୌଜା ପୋଲିସ ୨ ଜଣ ଅଭିଯୁକ୍ତଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ଦଧିବାମନପୁର ଗ୍ରାମର ଚନ୍ଦନ ସାମଲ ଓ ତପନ ସାମଲ। ଗତ ଶନିବାର ଦଧିବାମନପୁର ଛକରେ ମୋ' ବସ୍ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିଲା। ଏ ସମ୍ପର୍କିତ ଖବର ସଂଗ୍ରହ କରୁଥିବାବେଳେ ବୈଦ୍ୟୁତିକ ଗଣମାଧ୍ୟମ ପ୍ରତିନିଧି ଦୀପକ ଆଚାର୍ଯ୍ୟଙ୍କୁ ଲୋକମାନେ ମାଡ଼ ମାରିଥିଲେ। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୧୮୭/୨୩) ରୁଜୁ କରିଥିଲା।

### ବିଦ୍ୟୁତ୍ ଆଘାତରେ କର୍ମଚାରୀ ମୃତ

**ଚୌଦ୍ୱାର,୬।୬(ଡି.ଏନ୍.ଏ.):** ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ ୧୭ନଂ. ୱାର୍ଡ ନୂଆସାହିରେ ବିଦ୍ୟୁତ୍ ଆଘାତରେ ଜଣେ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ କଟକ ଜିଲା କାନପୁର ଅଞ୍ଚଳ ପାଇକବାରବାଟୀ ଗ୍ରାମର ସଂଗ୍ରାମ କେଶରୀ ସାହୁ (୨୯)। ସେ ଲାଇନ୍‌ମ୍ୟାନ୍ ଭାବେ ବିଦ୍ୟୁତ୍ ବିତରଣକାରୀ ସଂସ୍ଥା ଓପିଟିଡିସିଏଲର ବିଦ୍ୟୁତ୍ ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ବୁଦ୍ଧମ୍ ନାମକ ଏକ ସଂସ୍ଥାରେ କାର୍ଯ୍ୟ କରୁଥିଲେ। ସେ ଦୀର୍ଘଦିନ ହେବ ନୂଆସାହି ଅଞ୍ଚଳରେ ଘରଭଡା ନେଇ ରହୁଥିଲେ। ସୋମବାର ସନ୍ଧ୍ୟାରେ ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ଘରକୁ ବିଦ୍ୟୁତ୍ ସଂଯୋଗ କରିବା ପାଇଁ ସଂଗ୍ରାମ ୩ଜଣ ସହଯୋଗୀଙ୍କ ସହ ଆସିଥିଲେ। ସଂଗ୍ରାମ ଖୁଣ୍ଟରେ ଚଢି କାମ କରୁଥିବାବେଳେ ସହଯୋଗୀମାନେ ତଳେ ଛିଡା ହୋଇ ସହଯୋଗ କରୁଥିଲେ। ହଠାତ୍ ବିଦ୍ୟୁତ୍ ଚାର୍ଜ ହୋଇଯିବାରୁ ସଂଗ୍ରାମ ତଳକୁ ଖସିପଡିଥିଲେ। ଚିକିତ୍ସା ଲାଗି ତାଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସଂଗ୍ରାମଙ୍କ ମୃତ୍ୟୁ ପାଇଁ ବିଦ୍ୟୁତ୍ ବିଭାଗ ଦାୟୀ ବୋଲି ତାଙ୍କ ବାପା ବେପାରୀ ସାହୁ ଅଭିଯୋଗ କରିଛନ୍ତି। ଖବରପାଇ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ବୁଦ୍ଧମ୍‌ର ଅଧିକାରୀଙ୍କ ସହିତ ଆଲୋଚନା କରି ସଂଗ୍ରାମଙ୍କ ପରିବାରକୁ ଦେଢ଼ଲକ୍ଷ ଟଙ୍କା ସହିତ ସଂଗ୍ରାମଙ୍କ ବୀମା ବାବଦରେ ୧୫ଲକ୍ଷ ଟଙ୍କା ଖୁବ୍‌ଶୀଘ୍ର ପ୍ରଦାନ ପାଇଁ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ପରେ ପରିବାର ଲୋକେ ସଂଗ୍ରାମଙ୍କ ମୃତଦେହକୁ ନିଜ ଗ୍ରାମକୁ ନେଇଯାଇଥିଲେ। ଏ ନେଇ ପୋଲିସ ଏକ ମାମଲା(ନଂ.୧୮୧/୨୩) ରୁଜୁ କରି ତଦନ୍ତ ଚଳାଇଛି। ଅପରପକ୍ଷରେ ବୁଦ୍ଧମ୍‌ର ଅଧିକାରୀ ପ୍ରଭାଷ ଝା କହିଛନ୍ତି, ଘଟଣାର ତଦନ୍ତ ପରେ ପଦକ୍ଷେପ ନିଆଯିବ।

# ଜାଲ୍ ସାର୍ଟିଫିକେଟ୍‌ରେ ଶିକ୍ଷୟିତ୍ରୀ ନିଯୁକ୍ତି ଅଭିଯୋଗ

**କଟକ ଅଫିସ,୬।୬**



ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗ୍ରାମବାସୀ ଧାରଣା ଦେଇଛନ୍ତି।

- ଡିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା
- ଯାଞ୍ଚ ପାଇଁ ୨ ବିଶ୍ୱବିଦ୍ୟାଳୟକୁ ଚିଠି

ଜାଲ୍ ସାର୍ଟିଫିକେଟ୍ ଦେଇ ମାହାଙ୍ଗା ବ୍ଲକ ଅନ୍ତର୍ଗତ ଗୋକନ ଉଚ୍ଚ ବିଦ୍ୟାଳୟରେ ଜଣେ ସହକାରୀ ଶିକ୍ଷୟିତ୍ରୀ ଭାବେ ଚାକିରି କରୁଥିବା ଅଭିଯୋଗ ହୋଇଥିଲା। ଗ୍ରାମବାସୀ ଏନେଇ ଅଭିଯୋଗ ବାରମ୍ବାର କରିଆସୁଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନ ଥିଲା। ଫଳରେ ମଙ୍ଗଳବାର ଗ୍ରାମବାସୀ ଜିଲା ଶିକ୍ଷାଧିକାରୀ(ଡିଇଓ)ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଏହାପରେ ଡିଇଓ କାର୍ଯ୍ୟାଳୟ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ସମ୍ପୃକ୍ତା ଶିକ୍ଷୟିତ୍ରୀଙ୍କର ସ୍ନାତକ ପ୍ରମାଣପତ୍ର ଯାଞ୍ଚ ପାଇଁ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଉତ୍କଳ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକଙ୍କୁ ଚିଠି ଲେଖିଛନ୍ତି। ସେହିଭଳି ବି.ଏଡ୍ ସାର୍ଟିଫିକେଟ ଯାଞ୍ଚ ନିମନ୍ତେ ଉତ୍ତରପ୍ରଦେଶର ଛତ୍ରପତି ସାହୁଜୀ ମହାରାଜ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକଙ୍କୁ ଚିଠି କରାଯାଇଛି। ଯାଞ୍ଚ ପରେ ଯଦି ଅଭିଯୋଗରେ ସତ୍ୟତା ଥାଏ, ତା'ହେଲେ ସମ୍ପୃକ୍ତା ଶିକ୍ଷୟିତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିଇଓ କୃଷ୍ଣଚନ୍ଦ୍ର ନାୟକ ସୂଚନା ଦେଇଛନ୍ତି।

ମିଳିଥିବା ସୂଚନା ମୁତାବକ, ୨୦୧୨ ଡିସେମ୍ବର ୧୭ରେ ମହିଳା ଜଣଙ୍କ ଗୋକନ ଉଚ୍ଚ ବିଦ୍ୟାଳୟରେ ସହକାରୀ ଶିକ୍ଷୟିତ୍ରୀ ଭାବେ ନିଯୁକ୍ତି ପାଇଥିଲେ। ନିଯୁକ୍ତିବେଳେ ସେ ଦେଇଥିବା ଶିକ୍ଷାଗତ ପ୍ରମାଣପତ୍ରଗୁଡିକ ଜାଲ୍ ବୋଲି ଗୋକନ ଗ୍ରାମର କେତେଜଣ ଲୋକ ଅଭିଯୋଗ କରିଥିଲେ। ଏ ନେଇ ସେମାନେ ପ୍ରଥମେ ବ୍ଲକ ଶିକ୍ଷା ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଏଥିସହ ସମ୍ପୃକ୍ତା ଶିକ୍ଷୟିତ୍ରୀଙ୍କ ଶିକ୍ଷାଗତ ପ୍ରମାଣପତ୍ର ଯାଞ୍ଚ ପାଇଁ ଦାବି କରିଥିଲେ। ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଏ ସମ୍ପର୍କରେ ଡିଇଓଙ୍କ କାର୍ଯ୍ୟାଳୟକୁ ଅବଗତ କରାଇ ଥିଲେ। ହେଲେ ଡିଇଓଙ୍କ କାର୍ଯ୍ୟାଳୟ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା। ଫଳରେ ମଙ୍ଗଳବାର ଗ୍ରାମବାସୀ ଡିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ପରେ ଡିଇଓ ସେମାନଙ୍କ ସହ ଆଲୋଚନା କରିଥିଲେ। ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କର ସାର୍ଟିଫିକେଟ ଯାଞ୍ଚ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଅଭିଯୋଗର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିଇଓ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ବିଡିଓ-ସମିତିସଭ୍ୟ କଥା କଟାକଟି

**କଟକ ସଦର,୬।୬(ଡି.ଏନ୍.ଏ.)**

**ମୋ ଘର ପ୍ରଶିକ୍ଷଣ ବୈଠକ**

କଟକ ସଦର ବ୍ଲକ ସମ୍ମିଳନୀ କକ୍ଷରେ ମୋ ଘର ସମ୍ପର୍କିତ ଏକ ପ୍ରଶିକ୍ଷଣ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ସରକାରଙ୍କ ନୂଆ ଯୋଜନା ସମ୍ପର୍କରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ସଭ୍ୟାସଭ୍ୟମାନଙ୍କୁ ସୂଚନା ଦିଆଯିବା ବ୍ୟବସ୍ଥା କରାଯାଇଥିଲା। ବୈଠକରେ ବିଡିଓ ରାଜୀବ ଲୋଚନ ପରିଡ଼ା ଯୋଗଦେଇ ଚାଳଘର ଥିବା ବ୍ୟକ୍ତିମାନଙ୍କର ତାଲିକା ସରପଞ୍ଚ ଓ ୱାର୍ଡ ସଭ୍ୟାସଭ୍ୟମାନେ ଦେବାପାଇଁ ପରାମର୍ଶ ଦେଇଥିଲେ। ଯଦି ସମିତି ସଭ୍ୟାସଭ୍ୟଙ୍କର କିଛି ଭୂମିକା ଏହି ଯୋଜନାରେ ନାହିଁ, ତାହାହେଲେ ସେମାନଙ୍କୁ ଏହି ବୈଠକକୁ କାହିଁକି ଡକାଯାଇଛି ବୋଲି ବେଣ୍ଟକାର ପଞ୍ଚାୟତ ସମିତି ସଭ୍ୟ ବିନୋଦ ବିହାରୀ ବେହେରା କହିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଗାଇଡ୍ ଲାଇନ୍‌ରେ ସମିତି ସଭ୍ୟମାନଙ୍କର କୌଣସି ଭୂମିକା କଥା ଉଲ୍ଲେଖ ନ ଥିବାରୁ ସେମାନେ ଏହି ବୈଠକରେ ନିମନ୍ତ୍ରିତ ଅତିଥି ବୋଲି ବିଡିଓ ପରିଡ଼ା କହିବାରୁ ତ୍ରିସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନ ଆଉ ନ ଲେଖିବା ପାଇଁ ସମିତି ସଭ୍ୟ ବେହେରା କହିଥିଲେ। ଏହାକୁ ନେଇ ସମ୍ମିଳନୀ କକ୍ଷରେ ମୃଦୁ ଗୁଞ୍ଜରଣ ସୃଷ୍ଟି ହୋଇଥିଲା। ପରେ ଅନ୍ୟ କାମ ଥିବାରୁ ବିଡିଓ ବୈଠକ ଛାଡି ଚାଲିଯାଇଥିଲେ। ମାତ୍ର ମାଷ୍ଟର ଟ୍ରେନର ଦାୟିତ୍ୱରେ ଥିବା ଅତିରିକ୍ତ ବିଡିଓ ଝାଡେଶ୍ୱର ଦାସ ପରିସ୍ଥିତିକୁ ସମ୍ଭାଳି ନେଇ ଜିଲା ପରିଷଦ, ସମିତିସଭ୍ୟ ଓ ସରପଞ୍ଚମାନଙ୍କର ସହଯୋଗରେ କାର୍ଯ୍ୟ ସଫଳ ହୋଇପାରିବ ବୋଲି କହିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଶେଷରେ ମୋ ଘର ଯୋଜନାରେ ସାମିଲ ପାଇଁ ଯୋଗ୍ୟ ବ୍ୟକ୍ତି ବୋଲି ଭାବୁଥିବା ଲୋକମାନେ ଅନ୍‌ଲାଇନ୍‌ରେ ଆବେଦନ କରିବା ସମୟରେ ସେମାନଙ୍କୁ ଜନ ପ୍ରତିନିଧିମାନେ ସହଯୋଗ କରିବେ ବୋଲି ବୈଠକରେ ନିର୍ଯ୍ୟାସ ବାହାରିଥିଲା। ପଞ୍ଚାୟତ ଉନ୍ନୟନ ଅଧିକାରୀ ଲୋପାମୁଦ୍ରା ନାୟକ ଧନ୍ୟବାଦ ଦେଇଥିଲେ।

# ଶିଶୁ ସାହିତ୍ୟକୁ ନୂଆ ଧାରା ଦେଇଥିଲେ ବିନୋଦ କାନୁନ୍‌ଗୋ

**କଟକ ଅଫିସ, ୬।୬**

ସ୍ୱାଧୀନତା ସଂଗ୍ରାମୀ ତଥା ପଦ୍ମଶ୍ରୀ ବିନୋଦ କାନୁନ୍‌ଗୋଙ୍କ ଜୟନ୍ତୀ ଉତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। କଟକ ସତୀଚୌରା ଶ୍ମଶାନସ୍ଥିତ ସ୍ମୃତିସ୍ତମ୍ଭଠାରେ ଡା. ରବି ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବକ୍ତାମାନେ ଯୋଗଦେଇ କହିଥିଲେ, ବିନୋଦ କାନୁନ୍‌ଗୋ ଶିଶୁ ସାହିତ୍ୟକୁ ନୂଆ ଧାରା ଦେଇଥିଲେ। ନିରକ୍ଷରତା ଓ ଅଜ୍ଞତା ବିରୋଧରେ ନିରନ୍ତର ସଂଗ୍ରାମ ଚଳାଇଥିଲେ। ଏକ ସମ୍ବେଦନଶୀଳ, ଅନୁଭୂତି ସମ୍ପନ୍ନ ଓ ମାନବବାଦୀ ଚିନ୍ତାଧାରାର ସେ ବାହକ ଥିଲେ। ଡ. ବାବାଜୀ ପଟ୍ଟନାୟକ, ଡ. ସତ୍ୟ ରାୟ, ଡ. ପାବକ କାନୁନ୍‌ଗୋ, ରାଧାମୋହନ ସାହୁ, ପ୍ରସନଜିତ୍ ମହାନ୍ତି, ଆଇନଜୀବୀ ଆକାଶ ଭୂୟାଁ, ଅଜୟ ମହାନ୍ତି, ପ୍ରଦୀପ ପଟ୍ଟନାୟକ, ଗଦାଧର ସାହୁ, ବୈଦ୍ୟନାଥ ବେହେରା ପ୍ରମୁଖ ସ୍ମୃତିଚାରଣ କରିଥିଲେ। ଡ. ହେମନ୍ତ କୁମାର ପରିଡ଼ା ଧନ୍ୟବାଦ ଦେଇଥିଲେ।

# 'ଛାତ୍ରୀଛାତ୍ର ବୃକ୍ଷର ଯତ୍ନ ନିଅନ୍ତୁ'




ଡ୍ରିମ୍ସରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଅତିଥିବୃନ୍ଦ।

**କଟକ ଅଫିସ, ୬।୬**

**ବିଶ୍ୱ ପରିବେଶ ଦିବସ**

ଡ୍ରିମ୍ସ ଶିକ୍ଷାନୁଷ୍ଠାନ ସମୂହରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଡିଗ୍ରୀ ଇଞ୍ଜିନିୟରିଂ, ନର୍ସିଂ ଏବଂ ପଲିଟେକ୍‌ନିକ୍ ଉଇଙ୍ଗର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଚାରାରୋପଣ ଓ ଚଳିତବର୍ଷର ପ୍ରସଙ୍ଗ ପ୍ଲାଷ୍ଟିକ ବର୍ଜନ ଉପରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଡ୍ରିମ୍ସ ଶିକ୍ଷାନୁଷ୍ଠାନ ସମୂହର ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ମୁଖ୍ୟଅତିଥି ଭାବେ ଯୋଗଦେଇ ପରିବେଶ ସୁରକ୍ଷା ଓ ସବୁଜ ବଳୟ ସୃଷ୍ଟିର ଉପାଦେୟତା ସମ୍ପର୍କରେ ଆଲୋକପାତ କରି ପ୍ରତ୍ୟେକ ଛାତ୍ରୀଛାତ୍ର ଅନ୍ୟୂନ ଗୋଟିଏ ଲେଖାଏ ବୃକ୍ଷର ଯତ୍ନ ନେବାକୁ ପରାମର୍ଶ ଦେଇଥିଲେ। ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ଲୋକନାଥ ବେହେରା, ନିର୍ଦ୍ଦେଶକ ପ୍ରଦୀପ୍ତ ରଞ୍ଜନ ମହାନ୍ତି, ଡ. ନୟନ ରଞ୍ଜନ ସାମଲ, ଇଂ. ତପସ୍ୱିନୀ ସାହୁ, ଡ. ପି.କଙ୍ଗେଶ୍ୱରୀ, ଏନ୍. ପ୍ରେମଲତା ଦେବୀ ପ୍ରମୁଖ ପ୍ରକୃତି ଓ ପରିବେଶ ସୁରକ୍ଷା ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ସଂଯୋଜକ ପ୍ରାଧ୍ୟାପକ ସୁଶାନ୍ତ କୁମାର ସେଠୀ, ଅଧ୍ୟାପକ ଅଙ୍ଗଦ କୁମାର ଲେଙ୍କା, ପ୍ରାଧ୍ୟାପିକା ରୋଜାଲିନ୍ ପଟ୍ଟନାୟକ, ପ୍ରିୟଙ୍କା ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ସେହିପରି ଇସ୍‌କଫ୍ ରାଜ୍ୟ କମିଟି ପକ୍ଷରୁ କଟକ ବାରବାଟୀ ଷ୍ଟାଡିୟମସ୍ଥିତ ଇସ୍‌କଫ୍ କାର୍ଯ୍ୟାଳୟରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଶିକ୍ଷାବିତ୍ ବିବେକାନନ୍ଦ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭବେ ଇସ୍‌କଫ୍ ଜାତୀୟ ସାଧାରଣ ସମ୍ପାଦକ ବିଜୟ କୁମାର ପଢିହାରୀ ଯୋଗଦେଇ ପ୍ଲାଷ୍ଟିକ ପ୍ରଦୂଷଣ ସମାଧାନ ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ପରିବେଶବିତ୍ ଡା. ଜାନକୀ ବଲ୍ଲଭ ମହାନ୍ତି, ନିଖିଳ ଓଡ଼ିଶା ବ୍ୟାଙ୍କ କର୍ମଚାରୀ ସଂଘ ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ତ୍ରିପାଠୀ, ଯୁବ ପରିବେଶ ବିଜ୍ଞାନୀ ନିରଞ୍ଜନ ପାତ୍ର ଓ ଡା. ହିମାଂଶୁ ମହାନ୍ତି ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ଭିକାରି ଚରଣ ଦାସ, ଅଗସ୍ତି କାନୁନ୍‌ଗୋ, ଇପ୍‌ଟା ରାଜ୍ୟ ସମ୍ପାଦକ ସୁଶାନ୍ତ କୁମାର ମହାପାତ୍ର, କୃଷ୍ଣପ୍ରିୟା ମିଶ୍ର, ବିପିନ ବିହାରୀ ପାଢୀ, ଅଶୋକ କୁମାର ତା, ଭ୍ରମରବର ସାହୁ, ସୁକାନ୍ତ ବାରିକ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଇସ୍‌କଫ୍ ସାଧାରଣ ସମ୍ପାଦକ ସଞ୍ଜୟ ପରିଜା ଧନ୍ୟବାଦ ଦେଇଥିଲେ।

### କଣ୍ଟେନର ଧକ୍କାରେ କାର୍ ଓଲଟିଲା, ୨ ଆହତ

**ମଙ୍ଗୁଳି-ଜଗତପୁର,୬।୬(ଡି.ଏନ୍.ଏ.)**

୧୬ନଂ. ଜାତୀୟ ରାଜପଥର ମଙ୍ଗୁଳି ଫାଣ୍ଡି ନିକଟରେ କଣ୍ଟେନର ଧକ୍କାରେ ଏକ କାର ଓଲଟି ପଡିଛି। ଏଥିରେ କାର ଚାଳକ ଓ ଅନ୍ୟ ଜଣ ଯୁବକ ଆହତ ହୋଇଛନ୍ତି। ସେମାନଙ୍କ ପରିଚୟ ମିଳିପାରି ନାହିଁ। ସୋମବାର ଅପରାହ୍ନ ସାଢେ ୧ଟାରେ ଚଣ୍ଡିଖୋଲ ପଟୁ କାର୍‌ଟି କଟକ ଅଭିମୁଖେ ଯାଉଥିବାବେଳେ କଣ୍ଟେନର (ନଂ.ଏନ୍‌ଏଲ୍୦୧ଏଜି-୫୭୩୫) ତାହାକୁ ଧକ୍କା ଦେଇଥିଲା। ଫଳରେ କାରଟି ରାସ୍ତା ପାର୍ଶ୍ୱକୁ ଓଲଟି ପଡିବାରୁ ଭିତରେ ଥିବା ୨ ଜଣ ଚାପି ହୋଇଯାଇଥିଲେ। ଦୁର୍ଘଟଣା ପରେ କଣ୍ଟେନର ଚାଳକ ଫେରାର ହୋଇଯାଇଛନ୍ତି। ଏଥିସହ ଦୁର୍ଘଟଣାଗ୍ରସ୍ତ କାର ଓ କଣ୍ଟେନରକୁ ପୋଲିସ ଜବତ କରିଛି।

### ଏସ୍‌ସିବିରେ ୧୪୦ ଆହତ ଚିକିତ୍ସାଧୀନ, ଆଇସିୟୁରେ ୧୯

**କଟକ ଅଫିସ,୬।୬**

ବାହାନଗା ଟ୍ରେନ୍ ଦୁର୍ଘଟଣାର ଆହତଙ୍କ ମଧ୍ୟରୁ ୧୪୦ ଜଣ ମଙ୍ଗଳବାର ସୁଦ୍ଧା ଏସ୍‌ସିବି ମେଡିକାଲର ବିଭିନ୍ନ ୱାର୍ଡରେ ଚିକିତ୍ସାଧୀନ ଅଛନ୍ତି। ସେମାନଙ୍କ ମଧ୍ୟରୁ ୧୯ ଜଣଙ୍କୁ ବିଭିନ୍ନ ବିଭାଗର ଆଇସିୟୁରେ ରଖି ଚିକିତ୍ସା କରାଯାଉଛି। ପର୍ଯ୍ୟାୟକ୍ରମେ ଏସ୍‌ସିବିରେ ମୋଟ ୨୦୧ ଜଣ ଆହତ ଭର୍ତ୍ତି ହୋଇଥିଲେ। ସେମାନଙ୍କ ମଧ୍ୟରୁ ୬୧ ଜଣ ଡିସ୍‌ଚାର୍ଜ ହୋଇ ଅଥବା ମେଡିକାଲ ଅନୁମତି ବିନା ସ୍ୱଇଚ୍ଛାରେ ଘରକୁ ଯାଇଥିବା ମେଡିକାଲର ପ୍ରଶାସନିକ ଅଧିକାରୀ ଡ. ଅବିନାଶ ରାଉତ ସୂଚନା ଦେଇଛନ୍ତି।

# ରେଳ ଷ୍ଟେଶନରେ ହେଲ୍ପ ଡେସ୍କ

**କଟକ ଅଫିସ,୬।୬**

**ଆହତଙ୍କ ସମ୍ପର୍କରେ ସୂଚନା ଦିଆଯାଉଛି**

ବାଲେଶ୍ୱର ଜିଲା ବାହାନଗାଠାରେ ଟ୍ରେନ୍ ଦୁର୍ଘଟଣାରେ ୮୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରେ ୧୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ନିକଟକୁ ଆସୁଥିବା ଆତ୍ମୀୟସ୍ୱଜନ ଓ ସମ୍ପର୍କୀୟଙ୍କୁ ସହାୟତା ଯୋଗାଇ ଦେବା ନିମନ୍ତେ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ କଟକ ରେଳ ଷ୍ଟେଶନରେ ୨୪ ଘଣ୍ଟିଆ ସହାୟତା କେନ୍ଦ୍ର ବା 'ହେଲ୍ପ ଡେସ୍କ' ଖୋଲାଯାଇଛି। ରେଳ ଷ୍ଟେଶନରେ ପହଞ୍ଚୁଥିବା ଆହତଙ୍କ ସମ୍ପର୍କୀୟମାନଙ୍କୁ ତାଲିକା ଓ ଫଟୋ ଦେଖାଇବା ଏବଂ ଠିକ୍ ସୂଚନା ପ୍ରଦାନ ପାଇଁ ବ୍ୟବସ୍ଥା କରାଯାଇଛି। ସେହିପରି ସିଏମ୍‌ସି ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଆହତଙ୍କ ସମ୍ପର୍କୀୟଙ୍କୁ ଡାକ୍ତରଖାନାରେ ପହଞ୍ଚାଇବା, ସେମାନଙ୍କୁ ଶୁଖିଲା ଖାଦ୍ୟ ଯୋଗାଇଦେବା, ଗାଡି ବ୍ୟବସ୍ଥା କରି ମେଡିକାଲରୁ ରେଳ ଷ୍ଟେଶନ ପର୍ଯ୍ୟନ୍ତ ପହଞ୍ଚାଇବାକୁ ସିଏମ୍‌ସି କମିଶନର ନିଖିଳ ପୱନ କଲ୍ୟାଣ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳବାର ବିହାରର ଭାଗଲପୁରରୁ ୫ ଜଣ ଆହତଙ୍କ ସମ୍ପର୍କୀୟ କଟକ ଏସ୍‌ସିବି ମେଡିକାଲରେ ପହଞ୍ଚିଥିଲେ। ସେମାନଙ୍କ ମଧ୍ୟରୁ ୩ ଜଣ ଆହତଙ୍କ ନିକଟରେ ଆଟେଣ୍ଡାଣ୍ଟ ଭାବେ ରହିଥିଲେ। ଅବଶିଷ୍ଟ ୨ ଜଣ ମହିଳା ଗାଁକୁ ବାହାରିଥିଲେ। ସେମାନଙ୍କୁ ଟ୍ରେନ୍ ପାସ୍, ବାଟ ଖର୍ଚ୍ଚ ବାବଦକୁ ୨୦୦୦ ଟଙ୍କା ଓ ଶୁଖିଲା ଖାଦ୍ୟ ପ୍ରଦାନ କରାଯାଇଥିଲା। ସିଏମ୍‌ସିର ଉକ୍ତ ସ୍ୱତନ୍ତ୍ର ଟିମ୍ ଉଭୟଙ୍କୁ ଗାଡିରେ ନେଇ କଟକ ରେଳ ଷ୍ଟେଶନରେ ପହଞ୍ଚାଇବା ପରେ ସେମାନେ ଭାଗଲପୁର ଅଭିମୁଖେ ଯାତ୍ରା କରିଥିଲେ। ଡେପୁଟି କମିଶନର ଅମୃତ ସରକାର ସିଏମ୍‌ସି ପକ୍ଷରୁ ଗଠନ କରାଯାଇଥିବା ଉକ୍ତ ଟିମ୍‌ର ନେତୃତ୍ୱ ନେଉଥିବାବେଳେ ପ୍ରଫୁଲ୍ଲ ମଙ୍ଗଲ ଓ ମହମ୍ମଦ ସକିଲ ସହଯୋଗୀ ଭାବେ କାର୍ଯ୍ୟ ତୁଲାଉଛନ୍ତି।

# ଏସ୍‌ସିବିରେ ଆହତଙ୍କୁ ଭେଟିଲେ ଭୁବନେଶ୍ୱର ଏମ୍‌ପି



ଏମ୍‌ପି ଅପରାଜିତା ଷଡଙ୍ଗୀ ଏସ୍‌ସିବି ମେଡିକାଲରେ ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝୁଛନ୍ତି।

**କଟକ ଅଫିସ,୬।୬**

କଟକ ଏସ୍‌ସିବି ମେଡିକାଲରେ ମଙ୍ଗଳବାର ଅପରାହ୍ନରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ପହଞ୍ଚି ଟ୍ରେନ ଦୁର୍ଘଟଣାର ଆହତମାନଙ୍କୁ ଭେଟିଥିଲେ। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆହତଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏସ୍‌ସିବିରେ ଷଡଙ୍ଗୀ ଡାକ୍ତରମାନଙ୍କ ସହ ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ଆଲୋଚନା କରିଥିଲେ। ପରେ ସେ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇ କହିଥିଲେ, ଏହି ଦୁର୍ଘଟଣାକୁ ରାଜନୀତିକରଣ କରା ନ ଯାଉ। କେତେକ ନିର୍ଦ୍ଦିଷ୍ଟ ଦଳ ପକ୍ଷରୁ ଯେଉଁ ଅଭିଯୋଗ ଆସୁଛି ତାହା ସମ୍ପୂର୍ଣ୍ଣ ଭିତ୍ତିହୀନ। ସିବିଆଇ ଦ୍ୱାରା ଘଟଣାର ତଦନ୍ତ କରାଯାଉଛି। ଏହି ଦୁର୍ଘଟଣା ପାଇଁ ଯେଉଁମାନେ ଦାୟୀ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ଫଟୋ, ପରିଚୟପତ୍ର ଧରି ଖୋଜୁଛନ୍ତି ସମ୍ପର୍କୀୟ

**ବାହାନଗା ଟ୍ରେନ୍ ଦୁର୍ଘଟଣା**

**କଟକ ଅଫିସ,୬।୬**

ଟ୍ରେନ୍ ଦୁର୍ଘଟଣା ପରେ ବିହାର ଦରଭଙ୍ଗା ଜିଲାର ଅଖିଳେଶ ଯାଦବ(୨୨) ନିଖୋଜ ଅଛନ୍ତି। ସେ କୋଲକାତାର ଏକ ହୋଟେଲରେ କାମ କରନ୍ତି। ଫଳରେ ସେ ଚେନ୍ନାଇରୁ କୋଲକାତା ଯିବା ପାଇଁ କରମଣ୍ଡଳ ଏକ୍ସପ୍ରେସ୍‌ରେ ଚଢିଥିଲେ। ପରେ ଟ୍ରେନ୍‌ରୁ ମୋବାଇଲ ଯୋଗେ ବଡଭାଇ ରାକେଶଙ୍କ ପାଖକୁ ଏକ ଫଟୋ ପଠାଇଥିଲେ। ହେଲେ ଦୁର୍ଘଟଣା ପରେ ରାକେଶ ଉକ୍ତ ଫଟୋକୁ ଧରି ଅଖିଳେଶଙ୍କୁ ଖୋଜୁଛନ୍ତି। ପରିବାର ଲୋକେ ପ୍ରଥମେ ବାଲେଶ୍ୱର ଯାଇ ଆହତ ଏବଂ ମୃତକଙ୍କ ମଧ୍ୟରେ ଅଖିଳେଶଙ୍କୁ ଖୋଜିଥିଲେ। ସେଠାରେ ତାଙ୍କର ପତ୍ତା ମିଳିଲା ନାହିଁ। ସେଠି କୁହାଗଲା କଟକ ଯାଇ ଖୋଜିବା ପାଇଁ। ପରେ ରାକେଶ ଏସ୍‌ସିବି ମେଡିକାଲ ଆସି ତାଙ୍କ ଭାଇଙ୍କୁ ଖୋଜୁଛନ୍ତି। ହେଲେ ଏପର୍ଯ୍ୟନ୍ତ ପାଇପାରି ନାହାନ୍ତି। କାଳେ ମୋ ଭାଇ ମିଳିଯିବ, ସେଥିପାଇଁ ଅପେକ୍ଷା କରିଛି ବୋଲି ରାକେଶ କହିଛନ୍ତି।



ରାକେଶ ଯାଦବ।

ପଶ୍ଚିମବଙ୍ଗ ମେଦିନାପୁର ଜିଲାର ସୁକେଶ ସର୍ଦ୍ଦାର୍। ବାପାଙ୍କ ପରିଚୟପତ୍ର ଧରି ୨ ଦିନ ହେବ ଏସ୍‌ସିବି ମେଡିକାଲରେ ଖୋଜି ବୁଲୁଛନ୍ତି। ବାହାନଗାର ଟ୍ରେନ୍ ଦୁର୍ଘଟଣାସ୍ଥଳରୁ ଆରମ୍ଭ କରି ବାଲେଶ୍ୱର ଏବଂ କଟକର ମେଡ଼ିକାଲଗୁଡ଼ିକରେ ଖୋଜିସାରିଲେଣି। କିନ୍ତୁ ପତ୍ତା ପାଉନାହାନ୍ତି। ସୁକେଶଙ୍କ ବାପା ସୁକୁମାର ଯାଦବ ଚାଷ କାମ ପାଇଁ ଚେନ୍ନାଇ ଯାଇଥାନ୍ତେ। ହେଲେ କର୍ମସ୍ଥଳରେ ପହଞ୍ଚିବା ପୂର୍ବରୁ ଟ୍ରେନ୍ ଦୁର୍ଘଟଣା ଘଟିଲା। ଏବେ ଭିଣୋଇଙ୍କୁ ସାଙ୍ଗରେ ନେଇ ସୁକେଶ ଏଣେତେଣେ ଘୁରି ବୁଲୁଛନ୍ତି। ସେ କହିଛନ୍ତି, ବାଲେଶ୍ୱର, ଭୁବନେଶ୍ୱର ପରେ ଏବେ କଟକ। ସୋମବାରଠାରୁ ଖୋଜାଖୋଜି କରୁଛୁ। ବାପା କେଉଁଠି ଓ କେଉଁ ଅବସ୍ଥାରେ ଅଛନ୍ତି କିଛି ଜାଣିପାରୁନାହୁଁ।



ସୁକେଶ ସର୍ଦ୍ଦାର

ବାଲେଶ୍ୱର ଜିଲା ବାହାନଗାଠାରେ ଶୁକ୍ରବାର ଭୟଙ୍କର ଟ୍ରେନ୍ ଦୁର୍ଘଟଣା ଘଟିଥିଲା। ଏଥିରେ ୨୮୮ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୮୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ହେଲେ ସେମାନଙ୍କ ମଧ୍ୟରେ କେତେଜଣଙ୍କ ପତ୍ତା ଏପର୍ଯ୍ୟନ୍ତ ମିଳିପାରିନାହିଁ। ଏହା ଭିତରେ ପ୍ରିୟଜନଙ୍କ ସନ୍ଧାନ ପାଇଁ ହାତରେ ଖଣ୍ଡେ ଫଟୋ ଓ ପରିଚୟପତ୍ର ଧରି ସମ୍ପର୍କୀୟ ଖୋଜି ବୁଲୁଛନ୍ତି। ମୃତ୍ୟୁ ବିଭୀଷିକାକୁ ଦେଖି ମନକୁ ପାପ ଛୁଉଁଛି ସତ, ତଥାପି ଯେକୌଣସି ଅବସ୍ଥାରେ ପ୍ରିୟଜନଙ୍କୁ ଧରି ଘରକୁ ନେଇଯିବା ପାଇଁ ମନରେ ଆଶା ବାନ୍ଧିଛନ୍ତି। ପଶ୍ଚିମବଙ୍ଗ, ବାଲେଶ୍ୱର, ଭୁବନେଶ୍ୱର ଓ କଟକ ବଡ ମେଡିକାଲ ଖୋଜାଖୋଜି କରିବା ପରେ ମଧ୍ୟ ଆପଣା ଲୋକର ପତ୍ତା ମିଳୁନି। ମୃତାହତଙ୍କ ମଧ୍ୟରେ ଅଧିକାଂଶ ହେଉଛନ୍ତି ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଏବଂ ତାମିଲନାଡୁ ଅଞ୍ଚଳର। କିଏ ମୃତଦେହ ଚିହ୍ନଟ କରି ଘରକୁ ନେଇଯାଉଛନ୍ତି ତ ଆଉ କିଏ ଖୋଜାଖୋଜି କରି ନିରାଶ ହେଉଛନ୍ତି। ବାଲେଶ୍ୱରରୁ ଭଦ୍ରକ, କଟକ ଓ ଭୁବନେଶ୍ୱର ହସ୍ପିଟାଲରେ ଏବେ ଏଭଳି ସ୍ଥିତି ଦେଖିବାକୁ ମିଳିଛି। ଟ୍ରେନ୍ ଦୁର୍ଘଟଣାକୁ ଇତିମଧ୍ୟରେ ୫ ଦିନ ବିତିଯାଇଥିଲେ ମଧ୍ୟ ଲୋକଙ୍କ ମନରେ ସ୍ମୃତି ତାଜା ହୋଇ ରହିଛି। ସମ୍ପର୍କୀୟମାନେ ମୃତଦେହ ଚିହ୍ନଟ କରିବା ପାଇଁ ପ୍ରଶାସନ ପକ୍ଷରୁ ପ୍ରୟାସ ଜାରି ରହିଛି। ଏଥିରେ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ସହାୟତା କରୁଛି।

## ସଂକ୍ଷେପରେ

### ଉତ୍କଳ ବିଶ୍ୱବିଦ୍ୟାଳୟ ଗବେଷଣା ପଦ୍ଧତି ସମ୍ପର୍କିତ କର୍ମଶାଳା

ଭୁବନେଶ୍ୱର,୬।୬(ବ୍ୟୁରୋ)- ଉତ୍କଳ ବିଶ୍ୱବିଦ୍ୟାଳୟ ଦର୍ଶନ ବିଭାଗ ପକ୍ଷରୁ ଚାଲିଥିବା ୧୫ ଦିନିଆ କର୍ମଶାଳା ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଏଥିରେ ଡ. ଡି.ଏମ୍. ପ୍ରହରାଜ ସଭାପତିତ୍ୱ କରିଥିବାବେଳେ ପ୍ରଫେସର ଆଦିତ୍ୟ କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଦାର୍ଶନିକମାନେ ବ୍ୟବହାର କରିଥିବା ବିଭିନ୍ନ ପଦ୍ଧତି ଓ ଗବେଷଣାର ତାତ୍ପର୍ଯ୍ୟ ସମ୍ପର୍କିତ ଏହି କର୍ମଶାଳାରେ ରାଜ୍ୟ ତଥା ବାହାରୁ ଅନେକ ଅନେକ ଅଧ୍ୟାପିକା ଅଧ୍ୟାପକ ଓ ଗବେଷକ ଯୋଗଦେଇଥିଲେ। ବିଭାଗୀୟ ମୁଖ୍ୟ ଡ. ସରୋଜକାନ୍ତ କର, ସଂଯୋଜିକା ଡ. ନନ୍ଦିନୀ ମିଶ୍ର, ଅଧ୍ୟାପିକା ଡ. ପ୍ରଜ୍ଞା ମହାପାତ୍ର କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେବା ସହ ଏହାକୁ ପରିଚାଳନା କରିଥିଲେ।

### ୟୁଟ୍ୟୁବ୍‌ରେ ପ୍ରସାରିତ ହେବ 'ମନେ ପଡ଼ନ୍ତି ଗୌର ପାର୍ବତୀ'

ଭୁବନେଶ୍ୱର,୬।୬(ବ୍ୟୁରୋ)- ଓଡ଼ିଆ ଚଳଚ୍ଚିତ୍ରରେ ଗୌରବମୟ ଅଧ୍ୟାୟ ସୃଷ୍ଟି କରିଥିଲେ ଗୌର-ପାର୍ବତୀ। ଏହି ଯୋଡ଼ିଙ୍କ ଘନିଷ୍ଠ ସହଯୋଗୀଙ୍କ ସହ ସ୍ମୃତିଚାରଣର ସମ୍ବଳିତ ଏକ ବାର୍ତ୍ତାଳାପ କାର୍ଯ୍ୟକ୍ରମ 'ମନେ ପଡ଼ନ୍ତି ଗୌର ପାର୍ବତୀ' ଜି ପି ଜି ଏଣ୍ଟରପ୍ରାଇଜ ୟୁଟ୍ୟୁବ୍ ଚ୍ୟାନେଲରେ ପ୍ରସାରିତ ହେବାକୁ ଯାଉଛି। ସେମାନଙ୍କୁ ଲୋକେ କିପରି ନିକଟରୁ ଜାଣିପାରିବେ ସେନେଇ ଏହି ପ୍ରୟାସ ଆରମ୍ଭ ହୋଇଛି। ଷ୍ଟୋରି ଟେଲର ପ୍ରାଚୀତାରା ଓ କ୍ଷୀରୋଦା ନାୟକଙ୍କ ପ୍ରଚେଷ୍ଟାରେ ଆରମ୍ଭ ହେବାକୁ ଥିବା ଏହି କାର୍ଯ୍ୟକ୍ରମର ସମ୍ପାଦନା ଦୀପକ କୁମାର ଦାସ କରିଛନ୍ତି। ମଙ୍ଗଳବାର ଏ ନେଇ ଆୟୋଜିତ ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ସୂଚନା ଦିଆଯାଇଛି। ଏଥିରେ ଉପସ୍ଥାପକ ଡ.ବୈଷ୍ଣବ ପ୍ରସାଦ ମହାନ୍ତି ଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ଝିଅ ରାତ୍ରି ଘୋଷ, ହ୍ୱାଇଁ ଶେଖର ବର୍ମନ, ନାଟ୍ୟକାର ଅନନ୍ତ ମହାପାତ୍ର, ସକାଳ ସମ୍ପାଦକ ଉମାକାନ୍ତ ମିଶ୍ର, ବିଜୟ ମଲ୍ଲ, ଅସିତ ମହାନ୍ତି, କ୍ଷୀରୋଦ ନାୟକ, ସରୋଜ ମିଶ୍ର, ଦିଲୀପ ହାଲି, ଶୈଳଜ ରବି, ପ୍ରଣବ ପଟ୍ଟନାୟକ, କସ୍ତୁରୀକା ପଟ୍ଟନାୟକ, ବି.ଏମ୍.ବୈଶାଳୀ ପ୍ରମୁଖ ଉପସ୍ଥିତ ଥିଲେ।

# ମହାନଦୀର ପୁନର୍ଜୀବନ, ସୁରକ୍ଷା ପାଇଁ ପିଟିଶନ

## ରାଜ୍ୟସଭା ପିଟିଶନ କମିଟିକୁ ସ୍ମାରକପତ୍ର

ଭୁବନେଶ୍ୱର, ୬।୬ (ବ୍ୟୁରୋ)

ମହାନଦୀ ଜଳ ବିବାଦର ସମାଧାନ ପାଇଁ ରାଜ୍ୟସଭା ପିଟିଶନ କମିଟି ପକ୍ଷରୁ ଭୁବନେଶ୍ୱରଠାରେ ଦୁଇଦିନ ଧରି ଜନଶୁଣାଣି ଚାଲିଥିଲା। ଏହି ଅବସରରେ ମହାନଦୀ ବଞ୍ଚାଓ ଓ ଜୀବିକା ବଞ୍ଚାଓ ଅଭିଯାନର ଏକ ଟିମ୍ ପିଟିଶନ ଚେୟାରମ୍ୟାନ୍ ତଥା ଏମ୍‌ପି ସୁଜିତ କୁମାରଙ୍କୁ ଭେଟି ଆଲୋଚନା କରିବା ସହ ପିଟିଶନ ପ୍ରଦାନ କରିଛନ୍ତି। ସଂଗଠନର ଆବାହକ ସୁଦର୍ଶନ ଛୋଟରାୟଙ୍କ ନେତୃତ୍ୱରେ ସଭ୍ୟ ୱିଙ୍ଗ କମାଣ୍ଡର ନବ କିଶୋର ସାମଲ ଓ ଏମ୍‌ଡି ଏନ୍. ଅମିନ କମିଟି ସହ ଆଲୋଚନା କରି ବିନା ପ୍ରତିବନ୍ଧକରେ ନଦୀ ପ୍ରବାହକୁ ଅବିଚଳିତ ଭାବେ ଜାରି ରଖିବା ଉପରେ ଗୁରୁତ୍ୱ ଦେଇଥିଲେ। ଏନେଇ ଅଭିଯାନ ପକ୍ଷରୁ କୁହାଯାଇଛି ଯେ, କେନ୍ଦ୍ର ସରକାର ଚାହିଁଲେ ମହାନଦୀ ଆନ୍ତଃରାଜ୍ୟ ଜଳ ବିବାଦ ସମାଧାନ ହୋଇପାରିବ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ଗଠିତ ମହାନଦୀ ଟ୍ରିବ୍ୟୁନାଲ ଆଜିପର୍ଯ୍ୟନ୍ତ ୩୬ଟି



ଅଭିଯାନ ପକ୍ଷରୁ ଏମ୍‌ପି ସୁଜିତ କୁମାରଙ୍କୁ ପିଟିଶନ ପ୍ରଦାନ କରାଯାଉଛି।

ଶୁଣାଣି କରିଛନ୍ତି। ନିକଟରେ ଛତିଶଗଡ ଏବଂ ଓଡିଶା ଗସ୍ତ କରି ବାସ୍ତବସ୍ଥିତି ଅନୁଧ୍ୟାନ ମଧ୍ୟ କରିଛନ୍ତି। ମାତ୍ର କେନ୍ଦ୍ର ସରକାର ସବୁକିଛି ଟ୍ରିବ୍ୟୁନାଲ ଉପରେ ନ ଛାଡି କେନ୍ଦ୍ରୀୟ ଜଳ ସଂସ୍ଥାନଗୁଡ଼ିକ ଜରିଆରେ ରାଜ୍ୟର ନଦୀଗୁଡିକର ବାସ୍ତବ ସ୍ଥିତି ଅନୁଧ୍ୟାନ କରି ଜଳ ଉତ୍ସ ସବୁକୁ ସୁରକ୍ଷା ଓ ପୁନର୍ଜୀବିତ କରିବା ପାଇଁ ଆଗେଇ ଆସିବା ଦରକାର। ଆଗାମୀ ଦିନରେ ରାଜ୍ୟରେ ଉତ୍କଟ ଜଳ ସଙ୍କଟ ଦେଖାଯିବା ଆଶଙ୍କାକୁ ଆଖି ଆଗରେ ରଖି ଦେଶ ତଥା ରାଜ୍ୟର ଲକ୍ଷଲକ୍ଷ ଚାଷୀ, ମତ୍ସ୍ୟଜୀବି, ଗ୍ରାମ୍ୟ କାରିଗରଙ୍କ ଜୀବନ ଓ ଜୀବିକା ସହ ଜଡିତ ନଦୀଗୁଡିକୁ ପୁନର୍ଜୀବିତ କରିବାର ସମୟ ଆସିଛି। ଏହାଛଡା ଗୃହପାଳିତ ପଶୁପକ୍ଷୀ, ବନ୍ୟଜନ୍ତୁ, କଳକାରଖାନା ଚାଲିବା ପାଇଁ ପାଣି ଦରକାର। ମହାନଦୀ ସହ ରାଜ୍ୟର ପ୍ରମୁଖ ୧୧ଟି ନଦୀକୁ ପୁନର୍ଜୀବିତ କରିବା, ନଦୀର ପୂର୍ବ ପ୍ରବାହ ସୁନିଶ୍ଚିତ କରିବା, ପ୍ରଦୂଷଣ ରୋକିବା, ସହର, ମେଡିକାଲ, ପ୍ଲାଷ୍ଟିକ ଓ ଶିଳ୍ପ ଆବର୍ଜନା, ବିଷାକ୍ତ ଜଳକୁ ନଦୀକୁ ଛାଡିବାକୁ ବାରଣ କରିବା, ନଦୀ ଜଳର ଉପଯୁକ୍ତ ପରିଚାଳନା, ନଦୀ ପ୍ରାରମ୍ଭସ୍ଥଳରୁ ଆରମ୍ଭ କରି କୂଳରେ ବ୍ୟାପକ ବୃକ୍ଷ ରୋପଣ କରି ମୃତ୍ତିକା ସଂରକ୍ଷଣ, ବାଲି ଓ ପାଟୁମାଟି ସଫା କରିବା ଆଦି ଦାବି ରଖାଯାଇଛି। ଏଥିସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ କାର୍ଯ୍ୟାନୁଷ୍ଠାନ ଯୋଜନା ତୁରନ୍ତ ଆରମ୍ଭ କରିବା ପାଇଁ ମହାନଦୀ ବଞ୍ଚାଓ ଓ ଜୀବିକା ବଞ୍ଚାଓ ଅଭିଯାନ ପକ୍ଷରୁ ପିଟିସନ କମିଟିକୁ ନିବେଦନ କରାଯାଇଛି।



ଓଡ଼ିଆ ଚଳଚ୍ଚିତ୍ରର ଚର୍ଚ୍ଚିତ ଯୋଡ଼ି ଗୌର-ପାର୍ବତୀଙ୍କ ଉପରେ ଏକ ବାର୍ତ୍ତାଳାପ କାର୍ଯ୍ୟକ୍ରମ 'ମନେ ପଡ଼ନ୍ତି ଗୌର ପାର୍ବତୀ' ୟୁଟ୍ୟୁବ୍ ଚ୍ୟାନେଲରେ ପ୍ରସାରିତ ହେବାକୁ ଯାଉଛି। ଏ ସମ୍ପର୍କରେ ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ ଏ ସମ୍ପର୍କରେ ସୂଚନା ଦିଆଯିବା ଅବସରରେ ଅଭିନେତା, ଅଭିନେତ୍ରୀ, ଗୀତିକାର ଓ ଅନ୍ୟ କଳାକାରମାନେ।

## ଟ୍ରେନ୍ ଦୁର୍ଘଟଣା ପରେ ...

# ବାପା ଡାକ ଶୁଣିପାରିଲେନି, ଆଙ୍ଗୁଠି ଦେଖି ଚିହ୍ନଲେ ସ୍ତ୍ରୀ





ମୃତଦେହ ଚିହ୍ନିବା ପରେ ଭାଙ୍ଗି ପଡିଥିବା ସ୍ତ୍ରୀ ରମାରାଣୀ, ଜେଜଙ୍କ କୋଳରେ ସୁକନ୍ୟା।

ଭୁବନେଶ୍ୱର,୬।୬(ବ୍ୟୁରୋ): ଝିଅକୁ ୨୧ ମାସ। ଆଉ କେଇଟା ଦିନରେ ବାପା ବାପା ବୋଲି ଡାକିଥାନ୍ତା ସୁକନ୍ୟା। କିନ୍ତୁ ବାପ ଡାକ ଶୁଣିବା ପୂର୍ବରୁ ଟ୍ରେନ୍ ଦୁର୍ଘଟଣାରେ ଆରପାରିକୁ ଚାଲିଗଲେ ବାପା କାର୍ତ୍ତିକ। ଝିଅକୁ କାଖରେ ଧରି ୨ଦିନ ହେଲା ସ୍ୱାମୀଙ୍କ ମୃତଦେହ ଖୋଜୁଥିଲେ ସ୍ତ୍ରୀ ରମାରାଣୀ ବେହେରା। ବାରମ୍ବାର ଫଟୋ ଦେଖି ମୃତଦେହ ଚିହ୍ନଟ କରିବା କଷ୍ଟକର ହୋଇପଡିଥିଲା। ହେଲେ ଏମ୍‌ସ୍‌ରେ କଣ୍ଟେନର ଭିତରେ ଥିବା ଏକ ମୃତଦେହର ବାମ ଗୋଡ଼ ଆଙ୍ଗୁଠିକୁ ଦେଖି ସ୍ୱାମୀଙ୍କୁ ଚିହ୍ନି ପାରିଥିଲେ ସେ। ସ୍ୱାମୀଙ୍କୁ ସିନା ଚିହ୍ନିଲେ ହେଲେ ଆଉ ବାପା ଡାକ ଶୁଣିପାରିବନି କହି ଝିଅକୁ କୋଳେଇ ବୁକୁଫଟାଇ କାନ୍ଦୁଥିଲେ ସେ। ତାଙ୍କ ସହ ଆସିଥିବା ଶ୍ୱଶୁର ମଧ୍ୟ ନିଜ ପୁଅକୁ ହରାଇ କୋହ ସମ୍ଭାଳି ପାରୁ ନ ଥିଲେ। ତାଙ୍କ କହିବାନୁସାରେ, ବାଲେଶ୍ୱରର କାର୍ତ୍ତିକ ବେଙ୍ଗାଲୁରୁର ଏକ ହୋଟେଲରେ କାମ କରନ୍ତି। ସେ ଯଶୋବନ୍ତ-ହାଓଡା ଏକ୍ସପ୍ରେସରେ ଘରକୁ ଆସୁଥିଲେ। ୧୫ ମିନିଟ ପରେ ବାଲେଶ୍ୱର ଷ୍ଟେଶନରେ ଓହ୍ଲାଇଥାଆନ୍ତେ। ହେଲେ ଏହାପୂର୍ବରୁ ଟ୍ରେନ ଦୁର୍ଘଟଣାରେ କାର୍ତ୍ତିକଙ୍କ ଜୀବନ ଚାଲିଗଲା। ଦୁର୍ଘଟଣା କଥା ଜାଣିବା ପରେ ପ୍ରଥମେ ରମାମଣୀ ବାଲେଶ୍ୱର, କଟକ ଓ ପରେ ଭୁବନେଶ୍ୱର ଆସି ସବୁ ଡାକ୍ତରଖାନା ବୁଲି ବୁଲି ନୟାନ୍ତ ହୋଇଥିଲେ। ସ୍ୱାମୀଙ୍କ ଖୋଜଖବର ପାଇ ନ ଥିଲେ। ମଙ୍ଗଳବାର ଅପରାହ୍ନରେ ଏମ୍‌ସରେ ଥିବା କଣ୍ଟେନରରେ ଥିବା ମୃତ ସ୍ୱାମୀଙ୍କ ଗୋଡର ଅସ୍ୱାଭାବିକ ଆଙ୍ଗୁଠି ଦେଖି ଚିହ୍ନି ପାରିଥିଲେ। ହେଲେ ଡିଏନ୍‌ଏ ରିପୋର୍ଟ ଆସିବା ପରେ ମୃତଦେହ ହସ୍ତାନ୍ତର କରାଯିବ ବୋଲି ଜଣାପଡିଛି।

# ବାହାଘର ପୂର୍ବରୁ ଜଳିବ ଜୁଇ

ଭୁବନେଶ୍ୱର,୬।୬(ବ୍ୟୁରୋ): ଆଉ ୩ଦିନ ପରେ ଘରେ ଆରମ୍ଭ ହୋଇଥାନ୍ତା ଭାଇର ବାହାଘର। ସବୁକିଛି କାମ ସାରି ଭାଇ ଦିନେଶ ଯାଦବ ଯଶୋବନ୍ତ-ହାଓଡା ଏକ୍ସପ୍ରେସରେ ଶାଲିମାର ଆସୁଥିଲା। ସେଠୁ ଲୋକାଲ ଟ୍ରେନ୍ ମାଧ୍ୟମରେ ଝାଡଖଣ୍ଡର ଦେବଘର ଜିଲାକୁ ଆସିଥାନ୍ତେ। କିନ୍ତୁ କାଳର କରାଳ ରୂପ ମୋ ଭାଇକୁ ମୋଠାରୁ ଛଡାଇ ନେଲା। ବାହା ବେଦୀରେ ବସିବା ପୂର୍ବରୁ ମଶାଣିରେ ଭାଇର ଜୁଇ ଜଳିବ। ଘରେ ଖୁସି ବଦଳରେ କାନ୍ଦବୋବାଳି ଫାଟିପଡୁଛି ବୋଲି ଦିନେଶଙ୍କ ମୃତଦେହ ପାଇବା ପରେ କୋହଭରା କଣ୍ଠରେ ସାନଭାଇ ସଦାନନ୍ଦ ଏହା କହିଛନ୍ତି। ୩୨ ବର୍ଷୀୟ ଦିନେଶ ବେଙ୍ଗାଲୁରୁର ଏକ କମ୍ପାନୀରେ କାମ କରନ୍ତି। ବାହାଘର ଲାଗି ସେ ନିଜ



ମୃତ ଦିନେଶଙ୍କୁ ଚିହ୍ନଟ କରିଥିବା ସାନଭାଇ ସଦାନନ୍ଦ।

ଘର ଝାଡଖଣ୍ଡ ଯାଉଥିଲେ। ଟ୍ରେନ୍ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ଘଟିଥିବା ଖବର ପହଞ୍ଚିଥିଲା। କିନ୍ତୁ ଟ୍ରେନ ଚଳାଚଳ ସୁବିଧା ନଥିବାରୁ ଆସିପାରୁ ନ ଥିଲି। ମଙ୍ଗଳବାର ସଦାନନ୍ଦ ଯାଦବ ଭୁବନେଶ୍ୱର ଏମ୍‌ସରେ ନିଜ ଭାଇର ମୃତଦେହକୁ ଚିହ୍ନିବା ପରେ ନିଜ ଘରକୁ ନେଇଯାଇଛନ୍ତି।

# ୧୩୦ ମୃତଦେହର ଫଟୋ ଉଠାଇଛନ୍ତି ପ୍ରସନ୍ନ

ଭୁବନେଶ୍ୱର,୬।୬(ବ୍ୟୁରୋ): ବାଲେଶ୍ୱର ବାହନଗାରେ ଟ୍ରେନ ଦୁର୍ଘଟଣା ହୋଇଥିବା ଖବର ପାଇ ମୁଁ ସଙ୍ଗେ ସଙ୍ଗେ ସେଠାରେ ପହଞ୍ଚିଥିଲି। ହେଲେ ସେହି ବେଳର କିଛି ଦୃଶ୍ୟ ଦେଖି କିଛି ସମୟ ଲାଗି ମୁଁ ସ୍ତବ୍ଧ ହୋଇଯାଇଥିଲି। ଭାବି ନ ଥିଲି ଫଟୋଗ୍ରାଫର ଭାବେ କେବେ ମୃତଦେହର ପାହାଡ ଉପରେ ଛିଡା ହୋଇ କାମ କରିବି। ୧୩୦ଟି ମୃତ ଶରୀର ସହ ଭୟାବହ ଟ୍ରେନ୍ ଦୁର୍ଘଟଣାର ଫଟୋ କ୍ୟାମେରା ଲେନ୍ସରେ ମୁଁ ଉଠେଇଛି। ଆଖି ଆଗରେ ଖାଲି ଜଳଜଳ କରି ସେ ଦୃଶ୍ୟ ନାଚି ଉଠୁଛି ବୋଲି ଫଟୋଗ୍ରାଫର ପ୍ରସନ୍ନ କହିଛନ୍ତି। ପ୍ରସନ୍ନ ସେହି ଭୟାବହ ରେଳ



ଦୁର୍ଘଟଣାରେ ସେ ସମସ୍ତ ମୃତକଙ୍କ ଫଟୋ ଉଠାଇବାକୁ ଚେଷ୍ଟା କରୁଥିଲେ। କାରଣ ପରବର୍ତ୍ତୀ ସମୟରେ ଏହା ମୃତକଙ୍କୁ ଚିହ୍ନଟ କରିବାରେ ସହାୟକ ହେବ।

# ରାଜ୍ୟପାଳଙ୍କୁ ଭେଟିଲେ ସଂଗ୍ରାହକ ସୁଦର୍ଶନ ସାହୁ



ଭୁବନେଶ୍ୱର,୬।୬(ବ୍ୟୁରୋ)

ସଂଗ୍ରାହକ ତଥା ଗବେଷକ ସୁଦର୍ଶନ ସାହୁ ଓ ତାଙ୍କ ସହଧର୍ମିଣୀ ଜ୍ୟୋତ୍ସ୍ନାରାଣୀ ସାହୁଙ୍କ ସହ ମିଶି ସୋମବାର ରାଜଭାବନଠାରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ଭେଟି ଏକ ନକ୍ସା ଦ୍ୱାରା 'ହାତୀ ପହୁଲିଆ' ଡିଜାଇନ୍‌ର ପଖାଳ କଂସା ବେଲା ଉପହାର ଦେଇଛନ୍ତି। ଯେଉଁଥିରେ ଦୋଳ ପୂର୍ଣ୍ଣିମା ଦିନ ଦୋଳଗୋବିନ୍ଦଙ୍କ ବିମାନରେ ଗ୍ରାମ ପରିକ୍ରମାର ଦୃଶ୍ୟ ରହିଛି। ଏଥିସହିତ ୪ଟି ପୌରୁଷ ମାଗାଜିନରେ ବାହାରିଥିବା ଆଲେଖ୍ୟ ପଖାଳ କଂସା, କଂସା ଥାଳିର କଥା, ଡିବି ଏକ ଆଲୋକିତ ଇତିହାସ ଓ ହଣ୍ଡାହାଣ୍ଡିର ସଂସାର ରାଜ୍ୟପାଳଙ୍କୁ ଉପହାର ଦେଇଥିଲେ। ରାଜ୍ୟପାଳ ନକ୍ସା କାରିଗରୀ ଦେଖି ପ୍ରଶଂସା କରିବା ସହ ଓଡ଼ିଶା ବେଲା ଡିଜାଇନ ଉପରେ ତଥ୍ୟ ଜାଣି ଖୁବ୍ ଆନନ୍ଦିତ ହୋଇଥିଲେ। ସୁଦର୍ଶନଙ୍କ ଗୋପୀନାଥ ଐତିହ୍ୟ କଂସା ପିତଳ ବସ୍ତୁ ତଥା ଅବହେଳିତ କଳାକୃତି ସଂଗ୍ରହାଳୟ ପରିଦର୍ଶନ କରିବାକୁ ରାଜ୍ୟପାଳ ଆଗ୍ରହ ପ୍ରକାଶ କରିଥିଲେ।

# ୩ଜଣଙ୍କୁ ଗୁରୁ କସ୍ତୁରୀଚରଣ ସମ୍ମାନ

## ପରମବ୍ରହ୍ମ ମହୋତ୍ସବ

ଭୁବନେଶ୍ୱର,୬।୬(ବ୍ୟୁରୋ)

ଅନୁଷ୍ଠାନ ନୃତ୍ୟାତ୍ମା ପକ୍ଷରୁ ମଙ୍ଗଳବାର ସୂଚନା ଭବନଠାରେ ପରମବ୍ରହ୍ମ ମହୋତ୍ସବ-୨୦୨୩ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥିଭାବେ ବିଧାୟକ ପ୍ରଫୁଲ୍ଲ ସାମଲ, ବିଧାୟକ ଅନନ୍ତ ନାରାୟଣ ଜେନା, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଅଶୋକ କୁମାର ତ୍ରିପାଠୀ ଏବଂ ଗୁରୁ ବିଜୟ କୁମାର ଜେନା ଯୋଗଦେଇ ମହୋତ୍ସବ ସମ୍ପର୍କରେ କହିଥିଲେ। ଏହି ଅବସରରେ କଣ୍ଠଶିଳ୍ପୀ ଗୁରୁ ରାମହରି ଦାସ, ମର୍ଦ୍ଦଳ ବାଦକ ଗୁରୁ ଧନେଶ୍ୱର ସ୍ୱାଇଁ ଓ ଓଡ଼ିଶୀ ନୃତ୍ୟଶିଳ୍ପୀ ଗୁରୁ ନିରଞ୍ଜନ ରାଉତଙ୍କୁ ଗୁରୁ କସ୍ତୁରୀଚରଣ ସମ୍ମାନ-୨୦୨୩ ପ୍ରଦାନ କରାଯାଇଥିଲା। ଏହାସହିତ ସୁରତରଙ୍ଗର ପ୍ରତିଷ୍ଠାତା ତଥା ବରିଷ୍ଠ ଫଟୋ-ସାମ୍ବାଦିକ ପୀୟୁଷ ମହାନ୍ତିଙ୍କୁ ନୃତ୍ୟାତ୍ମା ସମ୍ମାନରେ ସମ୍ମାନିତ କରାଯାଇଥିଲା। ପରେ ସାଂସ୍କୃତିକ



କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଅନୁଷ୍ଠାନର ଶିଳ୍ପୀମାନେ କଳାଚାତୁରୀର ନିଦର୍ଶନ ଦେଇଥିଲେ। ଯାହାକି ସନ୍ଧ୍ୟା ଆସରକୁ ରସସିକ୍ତ କରିଥିଲା। ଏହାପରେ ଯୁଗଳବନ୍ଦୀରେ ମଧୁସ୍ମିତା ମହାନ୍ତି, ତନିଶା ତନୁଶ୍ରୀ, ବିଚିତ୍ର କୁମାର ବେହେରା, ରୋନି ସ୍ୱାଇଁ ନୃତ୍ୟ ପରିବେଷଣ କରିଥିଲେ। ଗୁରୁ ବିଭୂତିଭୂଷଣ ବଳବନ୍ତରାୟ ଓ ସାଥୀଙ୍କ ନୃତ୍ୟ ଦର୍ଶକଙ୍କୁ ଆନମନା କରିଥିଲା। ଶେଷରେ ଅନୁଷ୍ଠାନର ଶିଳ୍ପୀମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ଅନୁଷ୍ଠାନ ସଭାପତି ବିଜୟ ଦାଶ ଓ ସମ୍ପାଦିକା ପଙ୍କଜିନୀ ମିଶ୍ର ଉପସ୍ଥିତ ଥିବାବେଳେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଗୁରୁ ନିତ୍ୟାନନ୍ଦ ଦାସ। ପ୍ରଦୀପ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଜଗନ୍ନାଥ ଜମିରେ ଅପରାଧୀଙ୍କ ଆଡ୍ଡା

## ଜବର ଦଖଲକାରୀଙ୍କ ହତ୍ୟା ଧମକ, ଧାରଣାରେ ଦମ୍ପତି

ଭୁବନେଶ୍ୱର,୬।୬(ବ୍ୟୁରୋ)

ଜଗନ୍ନାଥ ଜମି ଜବରଦଖଲ କରି ସେଠାରେ ଆପରାଧିକ ଆଡ୍ଡା ଜମୁଛି। ଉଚ୍ଛେଦ ପାଇଁ ନିର୍ଦ୍ଦେଶ ସତ୍ତ୍ୱେ ୩ବର୍ଷ ହେଲାଣି ପ୍ରଶାସନ, ପୋଲିସ ସେମିତି ଚୁପ୍ ବସିଛି। ଫଳରେ ଜବରଦଖଲକାରୀମାନେ ନାଲିଆଖି ଦେଖାଇ ସେମାନଙ୍କ ବେଆଇନ କାର୍ଯ୍ୟକଳାପକୁ ଆହୁରି ବଢ଼ାଇ ଚାଲିଛନ୍ତି। ଏପରିକି ଯିଏ ବାଧା ଦେଉଛି ସେମାନଙ୍କୁ ହତ୍ୟା ଧମକ ବି ଦିଆଯାଉଛି। ଏମିତି ଅଭିଯୋଗ ଆଣିବା ସହ କାର୍ଯ୍ୟାନୁଷ୍ଠାନ ଓ ସୁରକ୍ଷା ଦାବି କରି ଭୁବନେଶ୍ୱରରେ ଧାରଣା ଦେଇଛନ୍ତି ଏକ ଦମ୍ପତି। ସେମାନଙ୍କ କୋଳରେ ମଧ୍ୟ ଶିଶୁକନ୍ୟା ନ୍ୟାୟ ଅପେକ୍ଷାରେ ବସିଥିବା ଦେଖିବାକୁ ମିଳୁଛି। ଖରା ଓ ଗୁଳୁଗୁଳିରେ ଲୋୟର ପିଏମ୍‌ଜିରେ ଏଭଳି ଦୃଶ୍ୟ ପଥଚାରୀଙ୍କ ମନକୁ ଆନ୍ଦୋଳିତ କରୁଛି। ଏହି ଦମ୍ପତି




ହେଲେ ଜଟଣୀ କନ୍ତିଆ ଅଞ୍ଚଳର କବିତା ଦାସ ଓ ତାଙ୍କ ସ୍ୱାମୀ ରଞ୍ଜିତ କୁମାର ଦାସ। ସେମାନଙ୍କ ଅଭିଯୋଗ ହେଲା, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାମରେ ଥିବା ପ୍ଲଟ୍ ନଂ.୯୪୩/୪୪୮୬କୁ କେତେଜଣ ନିର୍ଦ୍ଦିଷ୍ଟ ବ୍ୟକ୍ତି ଜବରଦଖଲ କରିଛନ୍ତି। ଜବରଦଖଲ ହୋଇଥିବା ଏହି ଜମିରେ ସେମାନେ ଅସାମାଜିକ ତଥା ଆପରାଧିକ କାର୍ଯ୍ୟ କରୁଛନ୍ତି। ଏହାକୁ ବିରୋଧ କରିବାରୁ ସେମାନଙ୍କୁ ହତ୍ୟା ଧମକ ଦିଆଯାଉଥିବା କବିତା କହିଛନ୍ତି। ସେମାନଙ୍କ କହିବାନୁସାରେ, ଘଟଣା ସମ୍ପର୍କରେ ଥାନାରେ ଅଭିଯୋଗ ସହ ଜଗନ୍ନାଥ ପ୍ରଶାସନକୁ ମଧ୍ୟ ଅବଗତ କରାଇଥିଲେ। ଜବରଦଖଲକାରୀଙ୍କୁ ଉଚ୍ଛେଦ କରିବା ପାଇଁ ପ୍ରଶାସନ ନିର୍ଦ୍ଦେଶ ଦେଇଥିଲା। ମାତ୍ର ଉକ୍ତ ଜବରଦଖଲକାରୀମାନେ ଜମି ଛାଡ଼ିବା ପରିବର୍ତ୍ତେ ପ୍ଲଟିଂ କରି ବିକୁଛନ୍ତି। ତେବେ ଏନେଇ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ନାମରେ କବିତା ଅଭିଯୋଗ ଆଣିବା ସହ ନ୍ୟାୟ ନ ମିଳିଲେ ନବୀନ ନିବାସ ସମ୍ମୁଖରେ ଆତ୍ମାହୂତି ଦେବାକୁ ଚେତାବନୀ ଦେଇଛନ୍ତି।

# ଟ୍ରେନ ଦୁର୍ଘଟଣା ମୃତାହତଙ୍କ ପାଇଁ ଦୀପଦାନ



ଭୁବନେଶ୍ୱର, ୬।୬ (ବ୍ୟୁରୋ) : ବାଲେଶ୍ୱର ବାହାନଗାଠାରେ ମର୍ମନ୍ତୁଦ ଟ୍ରେନ ଦୁର୍ଘଟଣାରେ ମୃତ ଯାତ୍ରୀଙ୍କ ଅମର ଆତ୍ମାର ସଦ୍‌ଗତି ତଥା ଆହତଙ୍କ ଆଶୁ ଆରୋଗ୍ୟ ନିମନ୍ତେ ସାର୍ବଜନୀନ ଦୁର୍ଗାପୂଜା ସମିତି ରୁଚିକା ମାର୍କେଟ ବରମୁଣ୍ଡା ପକ୍ଷରୁ ମଙ୍ଗଳବାର ସାମୂହିକ ଦୀପଦାନ କରାଯାଇଛି। ବିଏମ୍‌ସି ମେୟର ସୁଲୋଚନା ଦାସ, ୨୪ ନମ୍ବର ୱାର୍ଡର କର୍ପୋରେଟର ଦୀପକ ମିଶ୍ର ଏବଂ ୪୯ ନଂ. ୱାର୍ଡର ପୂର୍ବତନ କର୍ପୋରେଟର ଅଶିନୀ ସୁନ୍ଦରାୟଙ୍କ ସମେତ ସାର୍ବଜନୀନ ଦୁର୍ଗାପୂଜା ସମିତିର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୭ ଜୁନ୍, ୨୦୨୩



## ସଂକ୍ଷେପରେ

### ହାଇୱା ତଳେ ଚାପି ହୋଇ ସ୍କୁଟି ଚାଳକ ମୃତ

ବାଙ୍କୀ,୬।୬(ସ୍ୱ.ପ୍ର.) :ବାଙ୍କୀ କଳାପଥର- ଧଳାପଥର ଛକରେ ମଙ୍ଗଳବାର ବାଲି ବୋଝେଇ ହାଇୱା ଗାଡ଼ି ତଳେ ଚାପି ହୋଇଯିବାରୁ ଜଣେ ସ୍କୁଟି ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପଦ୍ମାବତୀ ଗ୍ରାମର ବିଶ୍ୱଜିତ୍ ସାହୁ । ଖବରପାଇ ଧଳାପଥର ଫାଣ୍ଡି ଅଧିକାରୀ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ଡାକ୍ତରଖାନାକୁ ପଠାଇଛନ୍ତି। ବାଙ୍କୀ- ବୈଦେଶ୍ୱର ବାଲିଘାଟରୁ ଏହି ହାଇୱା ବାଲି ବୋଝେଇ କରି ବାଘମାରି ଅଭିମୁଖେ ଯାଉଥିଲା। ଏହି ସମୟରେ ବିଶ୍ୱଜିତ୍ ସ୍କୁଟିରେ ଆସୁଥିଲେ। କଳାପଥର- ଧଳପଥର ଛକରେ ସେ ହାଇୱାକୁ ଓଭରଟେକ୍ କରୁଥିବାବେଳେ ହାଇୱା ତଳେ ଚାପି ହୋଇଯାଇଥିଲେ।

### ପରିବା ବ୍ୟବସାୟୀଙ୍କୁ ମରଣାନ୍ତକ ଆକ୍ରମଣ

ନିଶ୍ଚିନ୍ତକୋଇଲି,୬।୬(ସ୍ୱ.ପ୍ର): ନିଶ୍ଚିନ୍ତକୋଇଲି ସାପ୍ତାହିକ ହାଟରେ ଜଣେ ପରିବା ବ୍ୟବସାୟୀଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଛି। ସେ ହେଲେ ବଡ଼କ୍ଷୀର ପଞ୍ଚାୟତ ଗୋପପୁର ଗ୍ରାମର ହୃଷୀକେଶ ସାହୁ । ସେ ଦୀର୍ଘ ବର୍ଷ ହେବ ନିଶ୍ଚିନ୍ତକୋଇଲି ହାଟରେ ପରିବା ବ୍ୟବସାୟ କରି ନିଜର ପରିବାର ପ୍ରତିପୋଷଣ କରିଆସୁଛନ୍ତି। ସୋମବାର ରାତିରେ ହୃଷୀକେଶ ହାଟରେ ବ୍ୟବସାୟ କରୁଥିଲାବେଳେ ଜଣେ ବ୍ୟକ୍ତି ସେଠାରେ ପହଞ୍ଚି ଅତର୍କିତ ଭାବେ ତାଙ୍କୁ କଟୁରିରେ ଆକ୍ରମଣ କରିଥିଲେ। ସେ ଚିତ୍କାର କରିବାରୁ ସ୍ଥାନୀୟ ବ୍ୟବସାୟୀ ଘଟଣାସ୍ଥଳରେ ପହଞ୍ଚି ସମ୍ପୃକ୍ତ ବ୍ୟକ୍ତିଙ୍କୁ କାବୁ କରି ପୋଲିସ ଜିମା ଦେଇଛନ୍ତି। ଏଥିସହ ହୃଷୀକେଶଙ୍କୁ ଉଦ୍ଧାର କରି ପ୍ରଥମେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରିଛନ୍ତି।

### ଅଚିହ୍ନା ବ୍ୟକ୍ତିଙ୍କ ସନ୍ଦେହଜନକ ମୃତ୍ୟୁ

ନିଶ୍ଚିନ୍ତକୋଇଲି,୬।୬(ସ୍ୱ.ପ୍ର.): କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ତରତଶାସନ ପଞ୍ଚାୟତ ଅନ୍ତର୍ଗତ କୋଇଲିରଙ୍ଗ ବ୍ରାହ୍ମଣସାହି ନିକଟରେ ଥିବା କରାଣ୍ଡିଆ ଶାଖା କେନାଲରୁ ଜଣେ ବ୍ୟକ୍ତିଙ୍କୁ ମଙ୍ଗଳବାର ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ତାଙ୍କୁ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କର ପରିଚୟ ମିଳିପାରି ନାହିଁ। ମୃତକଙ୍କ ଦେହର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନଥିବାରୁ ତାଙ୍କୁ ଆକ୍ରମଣ କରାଯାଇଥିବା ସନ୍ଦେହ କରାଯାଉଛି। ଏନେଇ ନେମାଳ ଥାନାରେ ମାମଲା (ନଂ.୫/୨୩) ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ ଡାକ୍ତରଖାନାକୁ ପଠାଯାଇଛି।

### ବୈଦ୍ୟୁତିକ ସାମଗ୍ରୀ ଦୋକାନରେ ଅଗ୍ନିକାଣ୍ଡ

ଆଠଗଡ,୬।୬(ସ୍ୱ.ପ୍ର.): ଆଠଗଡ ସହର ଉପକଣ୍ଠ ହେମମାଳପୁର(ତାଳଖମା)ଠାରେ ଥିବା ଏକ ବୈଦ୍ୟୁତିକ ସାମଗ୍ରୀ ଓ ଆସବାବପତ୍ର ଦୋକାନର ଚତୁର୍ଥ ମହଲାରେ ମଙ୍ଗଳବାର ଅଗ୍ନିକାଣ୍ଡ ଘଟିଛି। ଶ୍ୱେତପ୍ରଭା ନାମକ ଏହି ଏଜେନ୍ସିରେ ବିଦ୍ୟୁତ୍ ଶର୍ଟସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ଆଶଙ୍କା କରାଯାଉଛି। ଖବରପାଇ ଆଠଗଡ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଉକ୍ତ ମହଲାରେ କିଛି ସାମଗ୍ରୀ ନ ଥିବାରୁ ବିଶେଷ କ୍ଷୟକ୍ଷତି ହୋଇନାହିଁ। ସର୍ବାଧିକ ୩୦ହଜାର ଟଙ୍କାର କ୍ଷୟକ୍ଷତି ହୋଇଥିବା ଦମକଳ ବାହିନୀ ପକ୍ଷରୁ ଅଟକଳ କରାଯାଇଛି। ଏହି ଦୋକାନରେ ଅଗ୍ନି ନିରାପତ୍ତା ପାଇଁ ବ୍ୟବସ୍ଥା ନ ଥିବା ଜଣାପଡ଼ିଛି।

### ବାଙ୍କୀରେ ୪୨୦୩ ବାଦୁଡ଼ି

ବାଙ୍କୀ,୬।୬(ସ୍ୱ.ପ୍ର.): ୨୦୧୭ରୁ ବାଙ୍କୀରେ ପ୍ରତ୍ୟେକ ବର୍ଷ ପରିବେଶ ଦିବସ ପାଳନ ଅବସରରେ ବାଦୁଡ଼ି ଗଣନା ହୋଇଆସୁଛି। ଚଳିତ ବର୍ଷ ସିଆରଟିଡିର ସମ୍ପାଦକ ଲଳିତମୋହନ ପଣ୍ଡାଙ୍କ ନେତୃତ୍ୱରେ ବାଙ୍କୀ ଥାନା ଓ ମୁଖ୍ୟ କାରାଗାର ପରିସର ବୃକ୍ଷଗୁଡ଼ିକରେ ଥିବା ବାଦୁଡ଼ି ଗଣନା କରାଯାଇଛି । ସିଆରଟିଡି ସଭାପତି ମିନତି ସାହୁ, ସଂଯୋଜକ ଅମିତ୍ ସାହୁ, ସଦସ୍ୟ ଦୁର୍ଗା ମାଧବ ମହାପାତ୍ର, ପ୍ରକୃତି ପ୍ରେମୀ ଦୀପକ କୁମାର ସାମନ୍ତରା, ପ୍ରାଧାପକ ମନୋଜ କୁମାର ମହାପାତ୍ରଙ୍କ ସମେତ ପକ୍ଷୀ ବିଶାରଦମାନେ ଏଥିରେ ସହଯୋଗ କରିଥିଲେ । ପୂର୍ବବର୍ଷ ୩୮୭୮ ବାଦୁଡ଼ି ଗଣନା ହୋଇଥିବାବେଳେ ଚଳିତ ବର୍ଷ ୪୨୦୩ଟି ବାଦୁଡ଼ି ଥିବା ଜଣାପଡ଼ିଛି। ଗଣନା ସମୟରେ ବାଦୁଡ଼ିମାନଙ୍କ ସହ ସେମାନଙ୍କର ନବଜାତ ବାଦୁଡ଼ି ଛୁଆ ସଂଲଗ୍ନ ହୋଇ ରହିଥିଲେ ।

# ବଜେଟ୍ ଉପସ୍ଥାପନରେ ବିଳମ୍ବ ହେବାରୁ ଅସନ୍ତୁଷ୍ଟ

- ବାଙ୍କୀ ଏନ୍‌ଏସି ସାଧାରଣ ପରିଷଦ ବୈଠକ
- ନିର୍ବାହୀ ଅଧିକାରୀ, ହିସାବ ରକ୍ଷକଙ୍କୁ କୈଫିୟତ ତଲବ

ବାଙ୍କୀ,୬।୬(ସ୍ୱ.ପ୍ର.)



ଏନ୍‌ଏସି ସାଧାରଣ ପରିଷଦ ବୈଠକରେ ନଗରପାଳ ମାଣିକ ସାହୁ ଅଧିକାରୀମାନଙ୍କ ସହ ଆଲୋଚନା କରୁଛନ୍ତି ।

ବାଙ୍କୀ ବିଜ୍ଞାପିତ ଅଞ୍ଚଳ ପରିଷଦର ୪ର୍ଥ ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ୨୦୨୩-୨୪ ଆର୍ଥିକ ବର୍ଷ ବଜେଟ ପାଇଁ ଏବଂ ଦଶମ ମାସିକ ସାଧାରଣ ବୈଠକ ପାଇଁ ଆୟୋଜିତ ବୈଠକରେ ନଗରପାଳ ମାଣିକ ସାହୁ ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ରେଳ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତି ଓ ପରିଷଦର ପୂର୍ବତନ ସଭ୍ୟ ନିରଞ୍ଜନ ବେହେରାଙ୍କ ପରଲୋକରେ ନୀରବ ପ୍ରାର୍ଥନା କରାଯାଇଥିଲା । ଏହା ପରେ ବୈଠକ ଆରମ୍ଭ ହୋଇଥିଲା। ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ମୋଟ ବ୍ୟୟ ଅଟକଳ୨୫,୬୯,୩୧ ,୧୯୨ ରଖାଯାଇଛି । ବଜେଟ ଫେବୃୟାରୀରେ ହେବାକୁ ବିଧି ଥିଲାବେଳେ ଚଳିତ ବର୍ଷ ବିଳମ୍ବ ହୋଇଥିବାରୁ ସଦସ୍ୟମାନେ କ୍ଷୋଭ ପ୍ରକାଶ କରିଥିଲେ। ଏନେଇ ନଗରପାଳ ସାହୁ ନିର୍ବାହୀ ଅଧିକାରୀ ଓ ହିସାବ ରକ୍ଷକଙ୍କୁ କୈଫତ ତଲବ କରିଥିଲେ । ଏଥିସହ ଆସନ୍ତା ବର୍ଷ ଫେବୃୟାରୀରେ ବଜେଟ ପ୍ରସ୍ତୁତ କରିବାକୁ ହିସାବ ରକ୍ଷକଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ମୌସମୀ ପୂର୍ବରୁ ଯୁଦ୍ଧକାଳୀନ ଭିତ୍ତିରେ ନାଳନର୍ଦ୍ଦମା ସଫେଇ କରିବାକୁ ପରିମଳ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବାଙ୍କୀ ସହରର ଜଳ ନିଷ୍କାସନ ପାଇଁ ମାଷ୍ଟର ପ୍ଲାନ ଅନୁସାରେ ବ୍ୟବସ୍ଥା କରିବାକୁ ସରକାରଙ୍କୁ ଅନୁରୋଧ କରାଯାଇଛି। ଜଳ ନିଷ୍କାସନ ବ୍ୟବସ୍ଥାର ମାଷ୍ଟର ପ୍ଲାନ କରିବାକୁ ବିଭାଗ ୭୩ ଲକ୍ଷ ଟଙ୍କା ଅନୁଦାନ ଦେଇଥିବା ବେଳେ ତୁରନ୍ତ ଟେଣ୍ଡର କରାଯାଇ ବାଙ୍କୀ ସହରର ଜଳ ନିଷ୍କାସନ ପାଇଁ ମାଷ୍ଟର ପ୍ଲାନ ପ୍ରସ୍ତୁତ କରିବାକୁ ବୈଠକରେ ପ୍ରସ୍ତାବ ଗୃହିତ ହୋଇଥିଲା। ଏଥିସହ ତୁରନ୍ତ ଟେଣ୍ଡର ଡାକି ଏହା କାର୍ଯ୍ୟକାରୀ କରିବାକୁ ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ବାଙ୍କୀ ସହର ପାଇଁ ଆଉ ଅଧିକ ୨ ଗୋଟି ବହୁମୁଖୀ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଅନୁଦାନ ଆସିବାକୁ ଥିବାରୁ ତୁରନ୍ତ ଜାଗା ଯୋଗାଇ ଦିଆଗଲେ ଆଗାମୀ ଡିସେମ୍ବର ସୁଦ୍ଧା କାର୍ଯ୍ୟ ସମ୍ପୂର୍ଣ୍ଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଦିଆଯାଇଛି। ସହରରେ ଆବଶ୍ୟକ ସ୍ଥାନ ଅଭାବରୁ ବାଙ୍କୀ ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତି ଶ୍ରୀଚନ୍ଦନପୁର ମୌଜାର ୧୨ ନଂ. ୱାର୍ଡରେ ଥିବା ଜାଗାରେ ଯୁଗ୍ମ ଭାବରେ ଏହା ନିର୍ମାଣ କରାଯିବା ପାଇଁ ପରିଷଦ ନିଷ୍ପତ୍ତି ନେଇଛି। ବିଭାଗୀୟ ଅନୁଦାନ ଆସିବା ପରେ ଏଠାରେ କଲ୍ୟାଣ ମଣ୍ଡପ ନିର୍ମାଣ କରାଯିବ । ବାଙ୍କୀ ସହରର ମୁଖ୍ୟ ବଜାର ଓ ମୁଖ୍ୟ ରାସ୍ତା ଜନଗହଳି ହୋଇ ଅବରୋଧ କରାଯାଇଥିବାରୁ ତୁରନ୍ତ ଅବରୋଧ ହଟାଇବାକୁ ପରିଷଦର ସଭ୍ୟମାନେ ଦାବି କରିଥିଲେ । ଏହି ବୈଠକରେ ଉପନଗରପାଳ ସନ୍ତୋଷ କୁମାର ରଣା, କାଉନସିଲର ସନାତନ ବେହେରା, ସଞ୍ଜୟ କୁମାର ପୃଷ୍ଟି, ସଂସଦଙ୍କ ପ୍ରତିନିଧି ସୌମେନ୍ଦ୍ର କୁମାର ମିଶ୍ର, ବିଧାୟକଙ୍କ ପ୍ରତିନିଧି ଶ୍ରୀନିବାସ ବେହେରା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ନଦୀପଠାରୁ ଯୁବକଙ୍କ ମୃତଦେହ ଠାବ

## ଥାନାରେ ହତ୍ୟା ଅଭିଯୋଗ

ନିଶ୍ଚିନ୍ତକୋଇଲି,୬।୬(ସ୍ୱ.ପ୍ର.)

ନିଶ୍ଚିନ୍ତକୋଇଲି ଥାନା ଅନ୍ତର୍ଗତ ଚିତ୍ରୋତ୍ପଳା ନଦୀ ପଠାର ନାଗାମଠସ୍ଥିତ ଚଣ୍ଡୀ ମନ୍ଦିର ସମ୍ମୁଖରୁ ଜଣେ ଯୁବକଙ୍କ କ୍ଷତବିକ୍ଷତ ମୃତଦେହ ମଙ୍ଗଳବାର ମିଳିଛି। ସେ ହେଲେ ଥାନା ଅଧୀନ ବୁହାଳୋ ପଞ୍ଚାୟତ ଏରକଣା ସାମିଲ ପଙ୍କପାଳ ଗ୍ରାମର ସନ୍ତୋଷ କୁମାର ଦାସ। ତାଙ୍କୁ ହତ୍ୟା କରି ସେଠାରେ ପିଙ୍ଗି ଦିଆଯାଇଛି ବୋଲି ସ୍ତ୍ରୀ ସସ୍ମିତା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ମାମଲା (ନଂ.୧୦୩/୨୩) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନାକୁ ପଠାଇଛି। ଏହି ଘଟଣାରେ ବୁହାଳୋ ଗ୍ରାମର ଦୀପକ କୁମାର ପ୍ରଧାନ ଓ ବାଲିଆପଦା ଗ୍ରାମର ଜୟନ୍ତ ଦାସଙ୍କୁ ପୋଲିସ ଥାନାରେ ଅଟକ ରଖିଛି। ଦୀପକଙ୍କ ପାଖରୁ ପୋଲିସ ଏକ ଛୁରି ଜବତ କରିଛି। ସ୍ଥାନୀୟ ଲୋକେ ସକାଳେ ନଦୀକୁ ଗାଧୋଇବାକୁ ଯାଇଥିଲାବେଳେ ଚଣ୍ଡୀ ମନ୍ଦିର ସମ୍ମୁଖରେ ସନ୍ତୋଷଙ୍କ ମୃତଦେହ ପଡ଼ିଥିବା ଦେଖି ପରିବାର ଲୋକଙ୍କୁ ଜଣାଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ସନ୍ତୋଷଙ୍କ ଶରୀରର ଛାତିଠାରୁ ମୁଣ୍ଡ ପର୍ଯ୍ୟନ୍ତ ଏକାଧିକ ସ୍ଥାନରେ ମାରଣାସ୍ତ୍ରରେ ଆକ୍ରମଣ କରାଯିବା ସହ ମୁଣ୍ଡକୁ ପଥରରେ ଛେଚି ଦିଆଯାଇଥିବା ଆଶଙ୍କା କରାଯାଉଛି। ତାଙ୍କର ଶାର୍ଟକୁ ମନ୍ଦିର ସମ୍ମୁଖରେ ଥିବା ଗଛରେ ଟାଙ୍ଗି ଦିଆଯାଇଥିଲାବେଳେ ମନ୍ଦିର ସମ୍ମୁଖରେ ରକ୍ତ ଜମାଟ ବାନ୍ଧିଥିବା ଦେଖିବାକୁ ମିଳିଛି।

# ନଦୀରେ ବୁଡ଼ି ନାବାଳକଙ୍କ ମୃତ୍ୟୁ

ନିଶ୍ଚିନ୍ତକୋଇଲି,୬।୬(ସ୍ୱ.ପ୍ର.)

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ପଞ୍ଚାୟତର ଅଣସରପୁର ଗ୍ରାମ ଦେଇ ପ୍ରବାହିତ ଲୁଣାନଦୀରେ ବୁଡ଼ିଯିବାରୁ ମଙ୍ଗଳବାର ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗ୍ରାମର ମନୋଜ କୁମାର ସାହୁଙ୍କ ବଡ଼ପୁଅ ସୌମ୍ୟ ରଞ୍ଜନ(୧୨)। ସେ ସ୍ଥାନୀୟ ବିଦ୍ୟାଳୟର ସପ୍ତମ ଶ୍ରେଣୀରେ ପଢ଼ନ୍ତି। ମଙ୍ଗଳବାର ସକାଳେ ବଡ଼ବାପା ଅଜୟ ଓ ୨ ଭାଇଙ୍କ ସହ ସୌମ୍ୟ ସ୍ଥାନୀୟ କୁଳଗାଁଇଶାଳୋଠାରେ ଥିବା ଲୁଣାନଦୀକୁ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ଅସାବଧାନତାବଶତଃ ସେ ପାଣିରେ ବୁଡ଼ିଯାଇଥିଲେ। ତାଙ୍କର ଅନ୍ୟ ୨ ଭାଇ ମଧ୍ୟ ପାଣିରେ ବୁଡ଼ି ଯାଇଥିଲେ। ବଡ ବାପା ନଦୀକୁ ଡେଇଁ ୨ ଜଣଙ୍କୁ ଉଦ୍ଧାର କରିଥିଲେ। ମାତ୍ର ସୌମ୍ୟଙ୍କ ପତ୍ତା ମିଳି ନ ଥିଲା। ଖବରପାଇ ନିଶ୍ଚିନ୍ତକୋଇଲି ଦମକଳ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନଦୀରୁ ସୌମ୍ୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

# ବେଆଇନ ରାସ୍ତା ନିର୍ମାଣକୁ ଗ୍ରାମବାସୀଙ୍କ ବିରୋଧ



ରାସ୍ତା ନିର୍ମାଣକୁ କୁରାଙ୍ଗ ପ୍ରଧାନ ଓ ବାଲିସାହି ଗ୍ରାମର ଜନସାଧାରଣ ବିରୋଧ କରି ହୋହଲ୍ଲା କରୁଛନ୍ତି ।

ଫୁଲନଖରା,୬।୬(ଡି.ଏନ୍.ଏ.)

କଟକ ଜିଲା ବାରଙ୍ଗ ତହସିଲ ଅନ୍ତର୍ଗତ କୁରାଙ୍ଗ ପ୍ରଧାନ ମୌଜାର ବାଲିସାହିର ୧ ଓ ୨ ନମ୍ବର ୱାର୍ଡରେ ୧୮୫୨ ପ୍ଲଟରେ ରହିଛି ୪୦ ଡିସିମିଲ ଶ୍ମଶାନ ଓ ୧୮୫୩ ନମ୍ବର ପ୍ଲଟରେ ୨ ଏକର ଗୋଚରଜମି ରହିଛି। କିନ୍ତୁ ଏହି ସରକାରୀ ଜମି ଉପରେ ବେଆଇନ ଭାବେ ଜଣେ ବିଲଡର ରାସ୍ତା ନିର୍ମାଣ କରି ନିଜ ଜମିକୁ ରାସ୍ତା ନେଉଛନ୍ତି। ଏହି ବେଆଇନ ଭାବେ ହେଉଥିବା ଏହି ରାସ୍ତାକୁ କୁରାଙ୍ଗ ପ୍ରଧାନ ଓ ବାଲିସାହି ଗ୍ରାମର ଜନସାଧାରଣ ବିରୋଧ କରି ମଙ୍ଗଳବାର ହୋହଲ୍ଲା କରିଥିଲେ। ଏ ନେଇ ଗ୍ରାମବାସୀ ପୂର୍ବରୁ ବିଲଡରଙ୍କ ବିରୋଧରେ କଟକ ଜିଲାପାଳ, ବାରଙ୍ଗ ତହସିଲଦାର, ସ୍ଥାନୀୟ ସରପଞ୍ଚଙ୍କୁ ଲିଖିତ ଭାବେ ଜଣାଇଥିଲେ। ତହସିଲଦାର ଅଭିଯୋଗ ବିଷୟରେ ଜାଣି ସ୍ଥାନୀୟ ରାଜସ୍ୱ ନିରୀକ୍ଷକ(ଆର୍‌ଆଇ)ଙ୍କୁ ତଦନ୍ତ କରି କାମ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ହେଲେ ବିଲଡର ଜଣକ ତହସିଲଦାର, ଆର୍‌ଆଇଙ୍କ ନିର୍ଦ୍ଦେଶକୁ ଅବମାନନା କରି ରାସ୍ତା ନିର୍ମାଣ କାର୍ଯ୍ୟ ଜାରି ରଖିଛନ୍ତି। ଏ ନେଇ ବାରଙ୍ଗ ତହସିଲଦାର ସଂକଳ୍ପ ସ୍ୱସ୍ତିକ ସାହୁ କହିଥିଲେ, ରାସ୍ତା କାମ ବନ୍ଦ କରିବା ପାଇଁ ଉକ୍ତ ବିଲଡରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆଗାମୀ ଦିନରେ ବିଲଡର ଜଣକ ରାସ୍ତାକାମରୁ ନିବୃତ୍ତ ନ ରହିଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ରେଳ ଦୁର୍ଘଟଣାଗ୍ରସ୍ତଙ୍କୁ ଏନ୍‌ଏସ୍‌ଏସ୍‌ର ସହାୟତ

ସାଲେପୁର,୬।୬(ଡି.ଏନ୍.ଏ.)

ବାହାନଗାରେ ରେଳ ଦୁର୍ଘଟଣାରେ ଆହତଙ୍କୁ ସେବା ଯୋଗାଇଦେବା ପାଇଁ ସାଲେପୁର କଲେଜ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀମାନେ ଆଗେଇ ଆସିଛନ୍ତି। ଅଧ୍ୟାପିକା ଜୟନ୍ତୀବାଳା ପରିଜାଙ୍କ ନେତୃତ୍ୱରେ ପ୍ରାୟ ୧୯ଜଣ ଛାତ୍ରୀଛାତ୍ର କଟକ ଏସ୍‌ସିବି ମେଡିକାଲକୁ ଯାଇ ପୀଡ଼ିତମାନଙ୍କୁ ପାଣି ବୋତଲ, ଓଆରଏସ୍, ବିସ୍କୁଟ, ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ। ୧୧ ଜଣ ସ୍ୱେଚ୍ଛାସେବୀ ରକ୍ତଦାନ କରିଥିଲେ। କଲେଜ ଅଧ୍ୟକ୍ଷା ଡ.ସଙ୍ଗୀତା ମିଶ୍ର ଓ ପରିଚାଳନା କମିଟି ସଭାପତି ମନୋରଞ୍ଜନ ଦାଶ ସ୍ୱେଚ୍ଛାସେବୀମାନଙ୍କ ଏଭଳି କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭୁପ୍ରସାଦ ଧଳ, ସ୍ୱାଭିମାନ ରାଉତ, ରଶ୍ମିତା ବେହେରା, ରଶ୍ମିରଞ୍ଜନ ସାମଲ, ଜ୍ୟୋତିପ୍ରକାଶ ବେହେରା, ଆରାଧନା ନାୟକଙ୍କ ସମେତ ମହାବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ରାମଲୀଳା ନାଟ୍ୟ ପରିଷଦ ମହାମଣ୍ଡଳର ବାର୍ଷିକ ଉତ୍ସବ




ନାଟ୍ୟ ପରିଷଦ ମହାମଣ୍ଡଳ ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥି ।

ଆଠଗଡ,୬।୬(ସ୍ୱ.ପ୍ର.)

ଆଠଗଡ଼ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପରେ ଜୟଶ୍ରୀ ରାମ ଲୀଳା ନାଟ୍ୟ ପରିଷଦ ମହାମଣ୍ଡଳର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଠଗଡ ନିର୍ବାଚନ ମଣ୍ଡଳୀସ୍ତରୀୟ ଏହି ଉତ୍ସବରେ ପ୍ରାୟ ୧୦୫ ରାମଲୀଳା ଅନୁଷ୍ଠାନ ଭାଗ ନେଇଥିଲେ। ଏହି ଅବସରରେ ପ୍ରଥମେ ବାହାନଗା ରେଳ ଦୁର୍ଘଟଣାରେ ପ୍ରାଣହରାଇଥିବା ଯାତ୍ରୀମାନଙ୍କ ଆତ୍ମାର ସଦ୍‌ଗତି ଓ ଆହାତମାନଙ୍କ ଆଶୁ ଆରୋଗ୍ୟ କାମନା କରି ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ରୁଦ୍ର ଚରଣ ମହାନ୍ତିଙ୍କ ସଭାପତିତ୍ୱରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ କୃଷି ମନ୍ତ୍ରୀଙ୍କ ପୁଅ ତଥା ଆଇନଜୀବୀ ଆଦିତ୍ୟ ପ୍ରତାପ ସ୍ୱାଇଁ ଯୋଗଦେଇଥିବାବେଳେ ଅନ୍ୟତମ ଅତିଥିଭାବେ ଢେଙ୍କାନାଳ ଜିଲା ସିଆରିଆ ଆଶ୍ରମର ଅବଧୂତ ବାବା ଶ୍ରୀଶ୍ରୀ ସଦାନନ୍ଦ ଦାସ ମହାରାଜ, ଶ୍ରୀଶ୍ରୀ ସର୍ବେଶ୍ୱର ନଦିଆ କୀର୍ତ୍ତନର ସଭାପତି ଅଜୟ କୁମାର ଦାସ, ଶ୍ରୀ ଜଗନ୍ନାଥ ଭାଗବତ ମଣ୍ଡଳୀର ସଭାପତି ପ୍ରଫୁଲ୍ଲ କୁମାର, ଭାସ୍କର ଚନ୍ଦ୍ର ସାହୁ, ଟିଗିରିଆ ପଞ୍ଚାୟତ ସମିତି ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ଆଠଗଡ ବିଜ୍ଞାପିତ ପରିଷଦ ଅଧ୍ୟକ୍ଷା ସସ୍ମିତା ରାଉତ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତାଭାବେ ସାହିତ୍ୟିକ ପ୍ରଫେସର ଡ. ନାରାୟଣ ପଣ୍ଡା ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଳଭଦ୍ର ବାଘ, ରାଧାରମଣ ଦାସ, ଅଗାଧୁ ଚରଣ ବେଉରା, ଶୈଳେନ୍ଦ୍ର ନାରାୟଣ ସ୍ୱାଇଁ, ଶାନ୍ତିଲତା ବେହେରା ପ୍ରମୁଖ ଯୋଗଦେଇ ମଞ୍ଚ ପରିଚାଳନା କରିଥିଲେ। ମଞ୍ଚ ପ୍ରାରମ୍ଭରେ କେଉଟପଡ଼ାର ପଞ୍ଚମୁଖି ହନୁମାନ ରାମଲୀଳା ଅନୁଷ୍ଠାନ ତରଫରୁ ଅଭିନୟ ମାଧ୍ୟମରେ ରାମ ବନ୍ଦନା ପରିବେଷଣ କରାଯାଇଥିଲା। ଶେଷରେ ରାମଲୀଳା ଅନୁଷ୍ଠାନର କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ନାଚ,ଗୀତରେ ବାଲିମେଳା ମହୋତ୍ସବ ଉତ୍ସବମୁଖର

ନେମାଳ,୬।୬(ଡି.ଏନ୍.ଏ.)

ନିଶ୍ଚିନ୍ତକୋଇଲି ବ୍ଲକ ନେମାଳ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ଦେବସ୍ନାନ ଉତ୍ସବ ଓ ବାଲିମେଳା ମହୋତ୍ସବର ତୃତୀୟ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମଣ୍ଡପରେ ଆୟୋଜନ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ଜିଲାରୁ ଆସିଥିବା ସାଂସ୍କୃତିକ ଦଳ ପକ୍ଷରୁ ସମ୍ବଲପୁରୀ, ଓଡ଼ିଶୀ, ପୌରାଣିକ ନାଟକ ଆଦି ସମଗ୍ର ବାଲିମେଳା ମହୋତ୍ସବ ଉତ୍ସବ ମୁଖର ହୋଇଉଠିଛି । ସନ୍ଧ୍ୟାରେ ବିଭିନ୍ନ ପ୍ରାନ୍ତରୁ ବହୁ ଜନସାଧାରଣ ଏହି ମେଳାରେ ସାମିଲ ହୋଇ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଦେଖିବା ସହ ବିଭିନ୍ନ ପ୍ରକାର ସାମଗ୍ରୀ କିଣୁଛନ୍ତି। ସେହିପରି ବିଭିନ୍ନ ଖାଦ୍ୟ ସାମଗ୍ରୀ ଦୋକାନରେ ଜନସାଧାରଣ ଠୁଙ୍କାପୁରୀ, ଦୋସା, ଚାଟ୍, ଚାଓମିନ୍ ସାଙ୍ଗକୁ ମଥୁରାକେକ୍ ଆଦିର ମଜା ନେଉଛନ୍ତି । ବହୁ ଉଠାଦୋକାନୀମାନେ ମେଳା ଉତ୍ସବରେ ନିଜର ବ୍ୟବସାୟିକ ପସରା ମେଲାଇଛନ୍ତି। ରାମଦୋଳି ଓ ଚକ୍ରିଦୋଳି ଆଦି ଖେଳିବାକୁ ପିଲାମାନଙ୍କ ମଧ୍ୟରେ ପ୍ରବଳ ଆଗ୍ରହ ଦେଖିବାକୁ ମିଳିଛି । ମଙ୍ଗଳବାର ବାଲିମେଳା ମହୋତ୍ସବରେ ଅତିଥି ଭାବେ ସ୍ଥାନୀୟ ତହସିଲଦାର ଦିଲୀପ କୁମାର ନାୟକ ଯୋଗଦେଇଥିବା ବେଳେ ନେମାଳ ଥାନା ପୁଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଛି । ରାମଦୋଳି ଓ ଚକ୍ରିଦୋଳି ଆଦି ଖେଳିବାକୁ ପିଲାମାନଙ୍କ ମଧ୍ୟରେ ପ୍ରବଳ ଆଗ୍ରହ ଦେଖିବାକୁ ମିଳିଛି ।




ବାଲିମେଳା ମହୋତ୍ସବର ତୃତୀୟ ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ।

# ଜଳ ନିଷ୍କାସନ ପାଇଁ ତ୍ୱରିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ

**ବଡ଼ମ୍ବା-ବାଲିଜୋରି ଓ ସିଆରିଆ ନାଳରୁ ବନ୍ୟାଜଳ ନିଷ୍କାସନ ଘଟଣାରେ ବିଧାୟକଙ୍କ ହସ୍ତକ୍ଷେପ**

- ଚାଷୀଙ୍କ ଦୀର୍ଘ ଦିନର ଆଶା ଫଳବତୀ ହେବ

ବଡ଼ମ୍ବା,୬।୬(ଡି.ଏନ.ଏ.):

ବଡ଼ମ୍ବା ବ୍ଲକ୍ ଅଞ୍ଚଳର ବଡ଼ମ୍ବା-ବାଲିଜୋରି ଓ ସିଆରିଆ ନାଳରୁ ବନ୍ୟା ଓ ବର୍ଷା ଜଳ ନିଷ୍କାସନ ଘଟଣାରେ ବିଧାୟକ ଦେବୀପସାଦ ମିଶ୍ର ହସ୍ତକ୍ଷେପ କରିଛନ୍ତି। ମଙ୍ଗଳବାର ବିଧାୟକ ମିଶ୍ର, ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତି, ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର ସାହୁ, ବ୍ଲକ ଉପାଧ୍ୟକ୍ଷାଙ୍କ ପ୍ରତିନିଧି ସୁଶାନ୍ତ ଜେନା ଓ ବିଭାଗୀୟ ଯନ୍ତ୍ରୀଙ୍କ ସମେତ ଅନ୍ୟ ପଦାଧିକାରୀ ସମ୍ପୃକ୍ତ ସ୍ଥାନ ପରିଦର୍ଶନ କରିଛନ୍ତି। ପୁରାତନ ଚେକ ଡ୍ୟାମ ଭଙ୍ଗାଯିବା ସହିତ ଜଳ ନିଷ୍କାସନ ହେଉଥିବା ମୁହାଣସ୍ଥାନକୁ ଲାଗି ଅନ୍ୟ ଏକ ମୁହାଣ ନିର୍ମାଣ କରିବାକୁ ବିଧାୟକ ମିଶ୍ର ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଫଳରେ ଚାଷୀଙ୍କ ଦୀର୍ଘ ଦିନର ଆଶା ଫଳବତୀ ହେବାକୁ ଯାଉଛି। ବିଧାୟକଙ୍କ ପରିଦର୍ଶନ ସମୟରେ ପ୍ରମୋଦ ବିଶ୍ୱାଳ, ମାନସ ମୁଦୁଲି, ପ୍ରାଣବନ୍ଧୁ ନାୟକ, କୃପାସିନ୍ଧୁ ପଲ୍ଲାଉ, ଗୋବର୍ଦ୍ଧନ ସାମନ୍ତରାୟ, ଦିଲୀପ କୁମାର ବେହେରା, ଭିକାରି ପାଣି, ଦିଲୀପ ପଙ୍ଗାରି, ବଟକୃଷ୍ଣ ମହାନ୍ତି, ପରମାନନ୍ଦ ସେଠୀ, ବିଜୟ କୁମାର ମିଶ୍ର ଓ ରବୀନ୍ଦ୍ର କୁମାର ସ୍ୱାଇଁଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ।



ବିଧାୟକ ଦେବୀପ୍ରସାଦ ମିଶ୍ର, ବିଭାଗୀୟ ଯନ୍ତ୍ରୀ ଓ ଅନ୍ୟ କର୍ମକର୍ତ୍ତାମାନେ ବାଲିଜୋରି ନାଳ ଜଳ ନିଷ୍କାସନ ସ୍ଥଳ ପରିଦର୍ଶନ କରୁଛନ୍ତି ।

ବ୍ଲକ ଅନ୍ତର୍ଗତ ଶଙ୍ଖାମେରି, କନ୍ତପଡ଼ା, ମଙ୍ଗରାଜପୁର, ଗୋପମଥୁରା, ଇଚ୍ଛାପୁର, ଝାଜିଆ, ଦେଉଳି, ପରଜପଡା, ବିଶ୍ୱମ୍ଭରପୁର, ବୃନ୍ଦାବନପୁର, ଗୋପୀନାଥପୁର, ଗଡାଡ଼ପୋଖରୀ, ବାଙ୍ଗେରିସିଙ୍ଗା ଆଦି ଅଞ୍ଚଳର ଗହିରରେ ଚାଷୀଙ୍କ ହଜାରହଜାର ଏକର ଚାଷ ଜମି ରହିଛି। ମାତ୍ର ଏସବୁ ଜମିରୁ ବନ୍ୟା ହେଉ ବା ବର୍ଷା ଜଳ ନିଷ୍କାସନରେ ବାଧା ସୃଷ୍ଟି ହେଉଥିବାରୁ ଚାଷୀ ବାରମ୍ବାର କ୍ଷତି ସହି ଆସୁଥିବା ପ୍ରକାଶ ପାଇଛି। କେବଳ ସେତିକି ନୁହେଁ, ଏସବୁ ଜମିର ମଧ୍ୟ ସ୍ଥଳ ଦେଇ ସିଆରିଆ ଓ ବାଲିଜୋରି ଦୁଇଟି ନାଳ ପ୍ରବାହିତ ହେଉଛି। କାଳକ୍ରମେ ନାଳଗୁଡିକ ପୋତି ହୋଇ ପଡୁଥିବା ବେଳେ ଉଭୟ ନାଳର ବିଭିନ୍ନ ସ୍ଥାନରେ ଚେକ୍ ଡ୍ୟାମ ନିର୍ମାଣ ଯୋଗୁ ଜଳ ନିଷ୍କାସନରେ ବାଧା ସୃଷ୍ଟି ହେଉଛି। ଫଳରେ ଦୀର୍ଘ ବର୍ଷ ଧରି ଚାଷୀ ବିହନ ମୁଠାଏ ପାଉ ନ ଥିବାବେଳେ ଗଣ ଦୁର୍ଦ୍ଦିନରେ ରହିଆସୁଛନ୍ତି। ବିଶେଷ କରି ଶଙ୍ଖାମେରୀ ଓ ଗୋପମଥୁରା ମଧ୍ୟସ୍ଥଳରେ ଥିବା ବ୍ରିଜ ନିକଟ ବାଲିଜୋରି ନାଳ ମୁହଁରେ ଚେକ ଡ୍ୟାମ ନିର୍ମାଣ ଓ ଜଳ ନିଷ୍କାସନ ପାଇଁ ଛୋଟ ମୁହାଣ କରାଯାଇଥିବାରୁ ବନ୍ୟା ସମୟରେ ଉପରୋକ୍ତ ଗହିର ମଧ୍ୟରେ ମାସ ମାସ ଧରି ଧାନ ଓ ଆଖୁ ଫସଲ ସମେତ ରବି ଫସଲ ବୁଡି ରହିବାରୁ ଚାଷୀ ସମୂହ ଦୁର୍ଦ୍ଦଶା ଭୋଗୁଛନ୍ତି। ଚାଷୀ ସମୂହଙ୍କ ତରଫରୁ ବିଭାଗୀୟ ଅଧିକାରୀଙ୍କ ସମେତ ମୁଖ୍ୟମନ୍ତ୍ରୀ, ବିଧାୟକ, ଜିଲାପାଳ ଓ ଅନ୍ୟ ପଦାଧିକାରୀଙ୍କୁ ଏହାର ସମାଧାନ ନିମନ୍ତେ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏପରିକି ନିକଟରେ ବଡ଼ମ୍ବାଠାରେ ଅନୁଷ୍ଠିତ ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିରରେ ଚାଷୀ ସମୂହ ତରଫରୁ ଶଙ୍ଖାମେରୀ ଗ୍ରାମର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରମୋଦ କୁମାର ବିଶ୍ୱାଳଙ୍କ ସମେତ ସରପଞ୍ଚଙ୍କ ପ୍ରତିନିଧି ମାନସ ମୁଦୁଲି ଓ ଅନ୍ୟ ଚାଷୀ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମାତ୍ର ସେଭଳି କିଛି ସୁଫଳ ମିଳି ନ ଥିଲା।

## ସଂକ୍ଷେପରେ

### ସ୍ୱାମୀଙ୍କୁ ମାଡ଼, ସ୍ତ୍ରୀଙ୍କୁ ଅସଦାଚରଣ ଅଭିଯୋଗ

ବେଗୁନିଆ,୬।୬(ଡି.ଏନ୍.ଏ.): ବେଗୁନିଆ ଥାନା ଅନ୍ତର୍ଗତ କଣ୍ଟାବାଡ ପଞ୍ଚାୟତ ଅଞ୍ଚଳରେ ମଙ୍ଗଳବାର ଜଣେ ମହିଳାଙ୍କୁ ଅସଦାଚରଣ କରାଯିବା ସହ ତାଙ୍କ ସ୍ୱାମୀଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ଥାନାରେ ଦଫା ୨୯୪/୩୨୩/୩୪୧/ ୪୫୨/ ୩୫୪(ଏ)/୩୫୪/ ୩୪ରେ ଏକ ମାମଲା (ନଂ.୧୭୯/୨୩) ରୁଜୁ ହୋଇଛି। ସୂଚନା ମୁତାବକ, ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ସମ୍ପୃକ୍ତ ମହିଳା ଓ ତାଙ୍କ ସ୍ୱାମୀ ଘରେ ଥିଲେ। ଏହି ସମୟରେ ଉକ୍ତ ଗ୍ରାମର ଜଣେ ବ୍ୟକ୍ତି ତାଙ୍କ ଘରେ ପହଞ୍ଚି କୌଣସି କାରଣକୁ ନେଇ ପାଟିତୁଣ୍ଡ କରିଥିଲେ। ଏପରିକି ମହିଳାଙ୍କୁ ଅସଦାଚାରଣ ସହ ତାଙ୍କ ସ୍ୱାମୀଙ୍କୁ ମାଡ଼ ମାରିଥିଲେ ବୋଲି ଅଭିଯୋଗ ହୋଇଛି। ପୋଲିସ ଅଭିଯୋଗକୁ ଭିତ୍ତିକରି ତଦନ୍ତ ଚଳାଇଛି।

### ହାତୀ ଦେଖି ଦୌଡ଼ିବା ବେଳେ ପଡ଼ି ୩ ଆହତ

ନିରାକାରପୁର,୬।୬(ଡି.ଏନ୍.ଏ.) ଟାଙ୍ଗୀ ବନାଞ୍ଚଳ ଭୂଷଣ୍ଡପୁର ଫରେଷ୍ଟ ଅନ୍ତର୍ଗତ ଟାଙ୍ଗୋଳ ଛକ ନିକଟ ନୂଆ ଜଗନ୍ନାଥ ସଡ଼କରେ ମଙ୍ଗଳବାର ହାତୀ ଦେଖି ଦୌଡ଼ିବା ବେଳେ ପଡ଼ି ୩ଜଣ ଆହତ ହୋଇଛନ୍ତି। ତେବେ ଆହତଙ୍କ ପରିଚୟ ମିଳିପାରି ନ ଥିବା ବେଳେ ସେମାନଙ୍କ ଘର ନୟାଗଡ଼ ଜିଲାରେ ବୋଲି ଜଣାପଡ଼ିଛି। ସୂଚନା ମୁତାବକ, ଅପରାହ୍ନ ୫ଟାରେ ଏକ ବାଇକ୍‌ରେ ୩ଜଣ ଖୋର୍ଦ୍ଧା ଅଭିମୁଖେ ଆସୁଥିଲେ। ଟାଙ୍ଗୋଳ ଛକସ୍ଥିତ ନୂଆ ଜଗନ୍ନାଥ ରାସ୍ତା ଉପରକୁ ହଠାତ୍ ନିକଟ ଜଙ୍ଗଲରୁ ଏକ ହାତୀ ଚାଲି ଆସିଥିଲା। ଫଳରେ ହାତୀକୁ ଦେଖି ବାଇକ୍ ଆରୋହୀମାନେ ଦୌଡ଼ି ପଳାଇବା ବେଳେ ରାସ୍ତାରେ ପଡ଼ି ଆହତ ହୋଇଥିଲେ। ଖବରପାଇ ସ୍ଥାନୀୟ ଲୋକେ ଓ ବନ କର୍ମଚାରୀ ପହଞ୍ଚି ଆହତମାନଙ୍କୁ ଚିକିତ୍ସା ପାଇଁ ଖୋର୍ଦ୍ଧା ମେଡିକାଲକୁ ପଠାଇଥିଲେ ବୋଲି ଭୂଷଣ୍ଡପୁର ଫରେଷ୍ଟର ସୁଶାନ୍ତ ମହାନ୍ତି କହିଛନ୍ତି।

### ୩୯ ୟୁନିଟ୍ ରକ୍ତ ସଂଗ୍ରହ

ବେଗୁନିଆ,୬।୬(ଡି.ଏନ୍.ଏ.): ବେଗୁନିଆ ବ୍ଲକ ଅନ୍ତର୍ଗତ କୁଶପଲ୍ଲୀ ଗ୍ରାମସ୍ଥିତ ପ୍ରାଥମିକ ବିଦ୍ୟାଳୟ ପରିସରରେ ନୁରାନୀ କ୍ଲବ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୋଟ୍ ୩୯ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ବାଲେଶ୍ୱର ଜିଲା ବାହାନଗାଠାରେ ଟ୍ରେନ୍ ଦୁର୍ଘଟଣାରେ ଆହତ ହୋଇଥିବା ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ଏହି ରକ୍ତଦାନ ଶିବିର ହୋଇଥିଲା ବୋଲି ଆୟୋଜକ କ୍ଲବ ପକ୍ଷରୁ କୁହାଯାଇଛି। ଡା. ସତ୍ୟ ପ୍ରକାଶ ସାହୁ, ଲାବ୍ ଟେକ୍ନିସିଆନ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ମାନସ ବେହେରା, ସସ୍ମିତା ପଣ୍ଡା, ସହାୟକ ପଞ୍ଚୁ ଦଳେଇ ପ୍ରମୁଖ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ। ସାମାଜିକ କର୍ମୀ ଯୋଗେଶ୍ୱର ପଣ୍ଡା ଶିବିର ପରିଚାଳନା କରିଥିଲେ। ସ୍ଥାନୀୟ ଗ୍ରାମ୍ୟ କମିଟି ସଭାପତି ତଥା ରାଜ୍ୟ ସଂଖ୍ୟାଲଘୁ ସେଲର ସମ୍ପାଦକ ମହମ୍ମଦ ମୋହିଉଦ୍ଦିନ ଅହମ୍ମଦ ଓ ସ୍ଥାନୀୟ ସୁନୁ ଭାଇ ସେନାର କର୍ମୀମାନେ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ।

# ଜ୍ୱରରେ ଶ୍ରୀଅନନ୍ତ ପୁରୁଷୋତ୍ତମ

ଖୋର୍ଦ୍ଧା ଅଫିସ,୬।୬

ସ୍ନାନବେଦିରେ ୧୦୮ ଗଡୁ ଜଳରେ ସ୍ନାନ ପରେ ଜ୍ୱରରେ ପଡ଼ିଛନ୍ତି ଶ୍ରୀଅନନ୍ତ ପୁରୁଷୋତ୍ତମ (ପୂର୍ଣ୍ଣ ବିଗ୍ରହ) ଦେବ। ଅଣସର ପିଣ୍ଡିରେ ଚାଲିଛି ଗୁପ୍ତସେବା। ମନ୍ଦିର ପରିସରରେ ରହୁଥିବା ବାବାଜିମାନେ ମହାପ୍ରଭୁଙ୍କ ସେବାରେ ଲାଗିଛନ୍ତି। ମଧ୍ୟାହ୍ନ ଧୂପ ସରିବା ପରେ ଶ୍ରୀଅନନ୍ତ ପୁରୁଷୋତ୍ତମଙ୍କ ନିକଟରେ ଚକଟା ଭୋଗ ଓ ପଣାଭୋଗ କରାଯାଇଥିଲା। ଶ୍ରୀବିଗ୍ରହଙ୍କ ଶାସ୍ତ୍ରୀୟ ବିଧିରେ ଚାଲିଛି ଉପଚାର। ମଙ୍ଗଳବାର ତୃତୀୟ ଦିବସରେ ଶ୍ରୀଜୀଉଙ୍କ ଓଦାବସ୍ତ୍ର ଫିଟା ନୀତି ସମ୍ପନ୍ନ ହୋଇଥିବା ମନ୍ଦିର ପୂଜକ କମଳଲୋଚନ ଦାସ ମହାରାଜ କହିଛନ୍ତି। ସ୍ନାନବେଦିରେ ଅତ୍ୟଧିକ ସ୍ନାନ ଯୋଗୁ ଠାକୁରଙ୍କ ଶ୍ରୀଅଙ୍ଗ ଓଦା ହୋଇଯାଇଛି। ଏହି ଓଦା ବସ୍ତ୍ର ଓଲାଗି କରିଛନ୍ତି ମନ୍ଦିର ପୂଜକ। ବସ୍ତ୍ର ଓଲାଗି ପରେ ଶ୍ରୀଜୀଉମାନଙ୍କୁ ପଣାଭୋଗ ଅର୍ପଣ କରାଯାଇଛି।

ପ୍ରକାଶ ଯେ, ଏଠାରେ ମନ୍ଦିର ପ୍ରତିଷ୍ଠା ଦିନଠାରୁ ସାଧୁସନ୍ଥ, ବାବାଜିମାନେ ରହି ଶ୍ରୀଜୀଉଙ୍କ ନୀତିକାନ୍ତି କରିଥା'ନ୍ତି। ମନ୍ଦିର ମୁଖ୍ୟ ପୂଜକ କମଳକାନ୍ତ ମହାରାଜ, ରାମକୃଷ୍ଣ ଦାସ, କୃଷ୍ଣଚନ୍ଦ୍ର ଦାସ, ଗଗନ ବିହାରୀ ଦାସ, ଭକ୍ତଚରଣ ଦାସ ପ୍ରମୁଖ ଅଣସର ନୀତି ସମ୍ପନ୍ନ କରୁଛନ୍ତି। ବିଧି ପରମ୍ପରା ଅନୁଯାୟୀ ଶ୍ରୀଜୀଉଙ୍କ ସମସ୍ତ ଗୁପ୍ତନୀତି ସମ୍ପନ୍ନ କରାଯାଇଥାଏ। ମହନ୍ତ କମଳାକାନ୍ତ ମହାରାଜ କୁହନ୍ତି, ଦେବସ୍ନାନ ପୂର୍ଣ୍ଣିମାରେ ଅଧିକ ସ୍ନାନ ଯୋଗୁ ମହାପ୍ରଭୁ ଜ୍ୱରରେ ପୀଡ଼ିତ ହୋଇଛନ୍ତି। ଅଣସରରେ ଠାକୁରଙ୍କ ଶ୍ରୀଅଙ୍ଗ ସେବା କରାଯାଏ। ଜ୍ୟେଷ୍ଠ ଶୁକ୍ଳ ତୃତୀୟାରେ ଠାକୁରଙ୍କ ଓଦାବସ୍ତ୍ର ଖୋଲାଯାଏ। ଚତୁର୍ଥୀରେ ବର୍ଷସାରା ଲାଗିଥିବା ଚନ୍ଦନ ଓ ବସ୍ତ୍ର ଫିଟା (ଶ୍ରୀଅଙ୍ଗ ଫିଟା) ନୀତି ସମ୍ପନ୍ନ ହୋଇଥାଏ। ପଞ୍ଚମୀରେ ମନ୍ଦିର କମିଟି ପକ୍ଷରୁ ଯୋଗାଇ ଦିଆଯାଇଥିବା ଫୁଲରୀ ତେଲ ଠାକୁରଙ୍କୁ ଲାଗି କରାଯାଏ। ଷଷ୍ଠରୁ ନବମୀ ପର୍ଯ୍ୟନ୍ତ ଠାକୁରଙ୍କୁ ଓଷୁଓ ଲାଗି କରାଯାଇଥାଏ। ଝୁଣା ଓ ରାଶି ତେଲରେ ଏହା ପ୍ରସ୍ତୁତ ହୋଇଥାଏ। ଦଶମୀରେ ଶ୍ରୀବିଗ୍ରହଙ୍କ ଚକାବିଜେ ନୀତି ସମ୍ପନ୍ନ ହୋଇଥାଏ। ଚକା ବିଜେ ପରେ ଏକ ସ୍ୱତନ୍ତ୍ର ଲେପ ଦିଆଯାଏ। ଏହି ଦିନ ଶ୍ରୀବିଗ୍ରହ ସାମାନ୍ୟ ସୁସ୍ଥତା ଅନୁଭବ କରନ୍ତି। ଏକାଦଶୀ ତିଥିରେ ଖଳି ପ୍ରସାଦ ଲାଗି ହୋଇଥାଏ। ଅଣସର ଘର ପ୍ରବେଶ ଦିନଠାରୁ ଏକାଦଶୀ ପର୍ଯ୍ୟନ୍ତ ଶୁକ୍ଳବସ୍ତ୍ର, ଧଳାଫୁଲ ଏବଂ ବିନା ତୁଳସୀରେ ଠାକୁରଙ୍କ ବେଶ ହୋଇ ଭୋଗ ଲାଗି ହୋଇଥାଏ। ଏକାଦଶୀରେ ଠାକୁରଙ୍କ ଶ୍ରୀଅଙ୍ଗରେ ଚନ୍ଦନ ଲାଗି କରାଯାଏ। ଏହି ସମୟରେ ମନ୍ଦିର କମିଟି ପକ୍ଷରୁ ଆସିଥିବା ଦଶମୂଳ ପାଚନ ସେବନ କରିବା ପରେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଥାନ୍ତି। ଦ୍ୱାଦଶୀରେ ରାଜପ୍ରସାଦ ବିଜେ ନୀତି ଏଠାରେ ନାହିଁ। ବିଧି ପୂର୍ବକ ମନ୍ଦିର ପରିଚାଳନା କମିଟିକୁ ସୂଚନା ଦିଆଯାଏ। ତ୍ରୟୋଦଶୀରେ ଘଣାଲାଗିରେ ଶ୍ରୀବିଗ୍ରହଙ୍କଠାରେ ପାଟଡୋରୀ ଖଡ଼ି ଓ ଖଳି ପ୍ରସାଦ ଲାଗି କରାଯାଏ। ଚତୁର୍ଦ୍ଦଶୀ ଦିନ ବଡ଼ସିଂହାର ଭୋଗ ହେବା ପରେ ଅଣସର ଘରେ ପଣା ଓ ଚକଟା ଭୋଗ ହୋଇଥାଏ। ଏହା ପରେ ଅଣସର ଘରେ ରହିଥିବା ପ୍ରସାଦ, ଫୁଲ ବାହାର କରାଯାଇ ବନକଲାଗି ନୀତି କରାଯାଏ। ଏହା ପରେ ଶେଷ ହୁଏ ମହାପ୍ରଭୁଙ୍କ ଅଣସର ନୀତି। ଆସନ୍ତା ୧୯ ତାରିଖରେ ନେତ୍ରୋତ୍ସବ ଓ ନବଯୌବନ ଦର୍ଶନ ଏବଂ ୨୦ ତାରିଖରେ ଘୋଷାଯାତ୍ରା ରହିଛି।

କମଳାକାନ୍ତ ମହାରାଜ କୁହନ୍ତି, ଅଣସର ନୀତି ନିଷ୍ଠା ପୂର୍ବକ କରାଯାଇଥାଏ। ଗୁପ୍ତସେବାରେ ରହିଥିବା ପୂଜକମାନେ ବାହାରକୁ ଯାଆନ୍ତି ନାହିଁ। ଅଣସର ଗୃହକୁ ଥରେ ପ୍ରବେଶ କଲେ, ନୀତି ସମ୍ପନ୍ନ ନ ହେବା ପର୍ଯ୍ୟନ୍ତ ବାହାରକୁ ଆସନ୍ତି ନାହିଁ। ଠାକୁର ଶ୍ୱେତବସ୍ତ୍ର ପରିଧାନ କରିଥିବା ବେଳେ ଶ୍ରୀଜୀଉଙ୍କୁ ଧଳା ପୁଷ୍ପ ଲାଗି ହୋଇଥାଏ। ଫୁଲ ବାହାରକୁ ଯାଏ ନାହିଁ। ଶ୍ରୀଜୀଉଙ୍କୁ ଚକଟା ଓ ପଣାଭୋଗ ଅର୍ପଣ କରାଯାଏ। ଅଣସର ପିଣ୍ଡିରେ କେହି ପରସ୍ପର ମଧ୍ୟରେ କଥା ହୁଅନ୍ତି ନାହିଁ। ଠାକୁରଙ୍କ ମନ୍ତ୍ରୋଚାର, ଧ୍ୟାନ, ଜପରେ ନିମଗ୍ନ ରୁହନ୍ତି। ଠାକୁର ଜ୍ୱରରେ ପୀଡ଼ିତ ହୋଇଥିବାରୁ ମନ୍ଦିର ପରିବେଶ ନିସ୍ତବ୍ଧ ପାଲଟିଯାଇଛି।

### ଏଠାରେ ପଟିଦିଅଁ ପୂଜା ନାହିଁ

ଏଠାରେ ପଟିଦିଅଁ ପୂଜା ପରମ୍ପରା ନାହିଁ। ବିଧିରକ୍ଷା ଲାଗି ଅଣସର ଆଗରେ ଶ୍ରୀଜୀଉଙ୍କ ଚଳନ୍ତି ପ୍ରତିମା ମଦନମୋହନ, ଦୋଳଗୋବିନ୍ଦ ରାମକୃଷ୍ଣ, ଶ୍ରୀଦେବୀ, ଭୂଦେବୀ, ଶାଳଗ୍ରାମ ବିଜେ କରନ୍ତି। ଅଣସର ୧୪ଦିନ ସମସ୍ତ ରୀତିନୀତି ବିଜେ ପ୍ରତିମାଙ୍କ ନିକଟରେ ସମ୍ପନ୍ନ କରାଯାଏ। ଦ୍ୱାରଫିଟା ଠାରୁ ପହୁଡ଼ ପର୍ଯ୍ୟନ୍ତ ସମସ୍ତ ନୀତି କରାଯାଏ। ଏଠାରେ ଶ୍ରୀଜଗନ୍ନାଥ (ଶ୍ରୀଅନନ୍ତ ପୁରୁଷୋତ୍ତମ ଦେବଙ୍କ ନାମରେ ପୂଜା ପାଉଛନ୍ତି) ହାତରେ ଶଙ୍ଖ ଓ ଚକ୍ର ଧାରଣ କରିଛନ୍ତି। ବଡ଼ଭାଇ ବଳଭଦ୍ର ଖଡ୍‌ଗ ଓ ହଳ ଧାରଣ କରିଛନ୍ତି। ଭଉଣୀ ସୁଭଦ୍ରା ଏବଂ ଶ୍ରୀସୁଦର୍ଶନ ପୂଜା ପାଉଛନ୍ତି। ହାତଗୋଡ଼ ଥାଇ ପୂର୍ଣ୍ଣ ବିଗ୍ରହ ପୂଜା ପାଉଛନ୍ତି। ଭାରତ ବର୍ଷର ଅନ୍ୟ କୌଣସି ସ୍ଥାନରେ ଏଭଳି ଠାକୁର ନାହାନ୍ତି। ଏହି ଠାକୁରଙ୍କ ମହିମା ଅପାର ବୋଲି କମଳାକାନ୍ତ ମହାରାଜ କହିଛନ୍ତି।

# ବିଦ୍ୟୁତ୍ ସେବାକେନ୍ଦ୍ର ଉଦ୍‌ଘାଟିତ



ବିଦ୍ୟୁତ୍ ସେବାକେନ୍ଦ୍ର ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

କୃଷ୍ଣପ୍ରସାଦ,୬।୬(ଡି.ଏନ୍.ଏ.)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ସୁନାମୁହିଁ ସେକ୍ସନର ସହଦେବପୁରଠାରେ ଟିପିକଲ ପକ୍ଷରୁ ନୂତନ ବିଦ୍ୟୁତ୍ ସେବାକେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ଅଞ୍ଚଳର ବିଦ୍ୟୁତ୍ ଗ୍ରାହକଙ୍କ ସୁବିଧା ପାଇଁ ଏହି କେନ୍ଦ୍ର ଖୋଲାଯାଇଥିବା ବିଭାଗୀୟ ଅଧିକାରୀ କହିଛନ୍ତି। ଗୋପୀନାଥପୁର ସରପଞ୍ଚ ସରୋଜ କୁମାର ଲେଙ୍କା ଏହାକୁ ଉଦ୍‌ଘାଟନ କରିଥିବା ବେଳେ ସହକାରୀ ଯନ୍ତ୍ରୀ ଦେବବ୍ରତ ଷଡ଼ଙ୍ଗୀ, କନିଷ୍ଠ ଯନ୍ତ୍ରୀ ଶିଶିର କୁମାର ପରିଡ଼ା, ନାଏବ ସରପଞ୍ଚ ହରିଶ୍ଚନ୍ଦ୍ର ବିଶ୍ୱାଳ ଉପସ୍ଥିତ ଥିଲେ। ସୁନାମୁହିଁ ସେକ୍ସନର ବିଭାଗୀୟ କର୍ମଚାରୀମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ସଦ୍‌ଗତି, ଆରୋଗ୍ୟ କାମନା କରି କ୍ୟାଣ୍ଡେଲ ଶୋଭାଯାତ୍ରା




ଟ୍ରେନ୍ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଉଛି।

କୃଷ୍ଣପ୍ରସାଦ/ଗମ୍ଭାରୀମୁଣ୍ଡା, ୬।୬(ଡି.ଏନ୍.ଏ.)

ବାଲେଶ୍ୱର ଜିଲା ବାହାନଗାରେ ଟ୍ରେନ୍ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ଆତ୍ମାର ସଦ୍‌ଗତି ଓ ଆହତଙ୍କ ଆଶୁ ଆରୋଗ୍ୟ କାମନା କରି ପୁରୀ ଜିଲା କୃଷ୍ଣପ୍ରସାଦ ପଞ୍ଚାୟତ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ନୀଳକଣ୍ଠେଶ୍ୱର ମନ୍ଦିର ପରିସରରୁ ଶୋଭାଯାତ୍ରା ବାହାରି ଗାନ୍ଧୀ ଛକଠାରେ ପହଞ୍ଚିଥିଲା। ଏହି କାର୍ଯ୍ୟକ୍ରମରେ କୃଷ୍ଣପ୍ରସାଦ ଥାନା ଆଇଆଇସି ଶରତ କୁମାର ନାୟକ, ସରପଞ୍ଚ ଇତିଶ୍ରୀ ସିଂହ, ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ସିଂହସାମନ୍ତ, ପୂର୍ବତନ ସମିତିସଭ୍ୟ ଜିତେନ୍ଦ୍ର କୁମାର ବିଶ୍ୱାଳ, ଦିଲ୍ଲୀପ କୁମାର କେଶରୀ, ପୂର୍ଣ୍ଣଚନ୍ଦ୍ର ପରିଡ଼ା, ସୁରଥ ବେହେରା, ପାଞ୍ଚ ମୌଜା ପରିଚାଳନା କମିଟି ସଭାପତି ଅଶୋକ କୁମାର ପଣ୍ଡା, ସମ୍ପାଦକ ଈଶ୍ୱର ପଲେଇଙ୍କ ସମେତ ସ୍ଥାନୀୟ ଜନସାଧାରଣ, ସାଇ ପାଠଶାଳାର ଛାତ୍ରୀଛାତ୍ର ସାମିଲ ହୋଇଥିଲେ।

ସେହିପରି ସାମାଜିକ ଅନୁଷ୍ଠାନ ଟିମ୍ ୪୯୯ ଓଡ଼ିଶା ଖୋର୍ଦ୍ଧା ଜିଲା ପକ୍ଷରୁ ବାଣପୁର ପଲଟଣ ପଡିଆରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଦୁର୍ଘଟଣାରେ ପ୍ରାଣ ହରାଇଥିବା ଯାତ୍ରୀଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା ସହ ଶୋଭାଯାତ୍ରା କରାଯାଇଥିଲା। ସଙ୍ଗଠନର ଖୋର୍ଦ୍ଧା ଜିଲା ସଭାପତି ରାକେଶ ସାହୁ, ସମ୍ପାଦକ ନାରାୟଣ ସାହୁ, ସହ ସମ୍ପାଦକ ବଇକୁଣ୍ଠ ନାଥ ପ୍ରଧାନଙ୍କ ସମେତ ସଙ୍ଗଠନର ସଦସ୍ୟମାନେ ସାମିଲ ହୋଇଥିଲେ।



ଅତିଥିମାନେ କବିତା ଗ୍ରନ୍ଥ 'ଆଞ୍ଜୁଳାଏ ସରାଗ'କୁ ଲୋକାର୍ପଣ କରୁଛନ୍ତି।

### କବିତା ଗ୍ରନ୍ଥ 'ଆଞ୍ଜୁଳାଏ ସରାଗ' ଲୋକାର୍ପିତ

ଖୋର୍ଦ୍ଧା ଅଫିସ,୬।୬

ଯୁବ କବି ରମାକାନ୍ତ ବେହେରାଙ୍କ ଦ୍ୱିତୀୟ କବିତା ଗ୍ରନ୍ଥ 'ଆଞ୍ଜୁଳାଏ ସରାଗ' ମଙ୍ଗଳବାର ଲୋକାର୍ପିତ ହୋଇଯାଇଛି। ଗୀତିକବି ରମେଶ ମଙ୍ଗରାଜ ଗ୍ରନ୍ଥକୁ ଉନ୍ମୋଚନ କରି ଓଡ଼ିଆ ଗୀତି କବିତାର ଧାରା ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ, ସମାଲୋଚକ ଡ. ପ୍ରବୀଣ କୁମାର ମିଶ୍ର, ଡ. ନିରଞ୍ଜନ ପଟ୍ଟନାୟକ, ଗଣେଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# 'କଳା ହିଁ ଜୀବନକୁ ସୁନ୍ଦର, ଶୃଙ୍ଖଳିତ କରେ'

ପୁରୀ ଅଫିସ, ୬।୬

**ପ୍ରଣତି କଳା ମନ୍ଦିରର ବାର୍ଷିକ ଉତ୍ସବ**

ବଳଗଣ୍ଡିସ୍ଥିତ ସାଂସ୍କୃତିକ ଅନୁଷ୍ଠାନ 'ପ୍ରଣତି କଳା ମନ୍ଦିର'ର ୬୭ତମ ବାର୍ଷିକ ଉତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଉପଜିଲାପାଳ ଭବତାରଣ ସାହୁ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରି କହିଥିଲେ, ଦୀର୍ଘ ୭ଦଶକ ଧରି ପ୍ରଣତି ଅନୁଷ୍ଠାନ ନୃତ୍ୟ, ସଙ୍ଗୀତ, ନାଟକ ଇତ୍ୟାଦି ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଯେଉଁ ଜାଗରଣ ସୃଷ୍ଟି କରିଛି ତାହା ଅନ୍ୟମାନଙ୍କ ପାଇଁ ଉଦାହରଣ। ଉତ୍ସବରେ ସମ୍ମାନିତ ଅତିଥି ଭାବେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଯୋଗଦେଇ କହିଥିଲେ, କଳା ହିଁ ଜୀବନକୁ ସରସ, ସୁନ୍ଦର ଓ ଶୃଙ୍ଖଳିତ କରିଥାଏ। ଓଡ଼ିଶାର କଳା ଓ ସଂସ୍କୃତିକୁ ଏଭଳି ପ୍ରାଚୀନ ଅନୁଷ୍ଠାନଗୁଡ଼ିକର ଅବଦାନ ପ୍ରଶଂସନୀୟ ବୋଲି ସେ ମତବ୍ୟକ୍ତ କରିଥିଲେ। ଉତ୍ସବରେ ଅନୁଷ୍ଠାନର ସଭାପତି ଆର୍ତ୍ତତ୍ରାଣ ଶତପଥୀ ସଭାପତିତ୍ୱ କରିଥିଲେ। ଉପସଭାପତି ଚକ୍ରଧର ମହାପାତ୍ର ସ୍ୱାଗତ ଭାଷଣ ଦେବା ସହ ମଞ୍ଚ ପରିଚାଳନା କରିଥିଲେ। ସଭା ପରେ ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଗୁରୁ ପ୍ରକାଶ କୁମାର ରଥଙ୍କ ନିର୍ଦ୍ଦେଶନାରେ ଓଡ଼ିଶୀ, ଚମ୍ପୁ, ଛାନ୍ଦ ଏବଂ ଗୁରୁ ସଂଯୁକ୍ତା ମହାପାତ୍ରଙ୍କ ନିର୍ଦ୍ଦେଶନାରେ ଓଡ଼ିଶୀ ନୃତ୍ୟ ପରିବେଷଣ ହୋଇଥିଲା। ବାଦ୍ୟଯନ୍ତ୍ରରେ ଗୁରୁ ହରିଶ ଚନ୍ଦ୍ର ଦାଶ, ସୁଶୀଲ କୁମାର ଦାଶ, ବଟଗୋପାଳ ତ୍ରିପାଠୀ ଓ ବିକ୍ରମ ଦାଶ ସହଯୋଗ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ଅଧକ୍ଷ ଗୋବିନ୍ଦ ଚନ୍ଦ୍ର ପାଳ, ଗୁରୁ ପ୍ରକାଶ କୁମାର ରଥ, ସଂଯୁକ୍ତା ମହାପାତ୍ର, ସୁଶିଲ କୁମାର ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ କିଶୋର ଚନ୍ଦ୍ର ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସାଂସ୍କୃତିକ ସମ୍ପାଦକ ବିଜୟ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକାରୀ ସଭାପତି ସୁରେନ୍ଦ୍ର ନାଥ ଦାଶଙ୍କ ସମେତ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ବଜ୍ରପାତରେ ମହିଳା ଗୁରୁତର

ଗମ୍ଭାରୀମୁଣ୍ଡା,୬।୬(ଡି.ଏନ୍.ଏ.)

ବାଣପୁର ବ୍ଲକ ଅନ୍ତର୍ଗତ ଭବାନୀପୁର ନୂଆସାହିରେ ବଜ୍ରପାତରେ ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ମୀରା ପଲାଇ। ଚିକିତ୍ସା ପାଇଁ ତାଙ୍କୁ ବ୍ରହ୍ମପୁର ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ଅପରାହ୍ନ ୨ଟା ୩୦ରେ ମୀରା କୌଣସି କାମରେ ବାରିକୁ ଯାଇଥିଲେ। ଏହି ସମୟରେ ହଠାତ୍ ବଜ୍ରପାତ ହେବାରୁ ସେ ଗୁରୁତର ଆହତ ହୋଇଥିଲେ। ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

# ମାଛିଆଦିଆଣ୍ଡିରୁ ହରିଣଛୁଆ ଉଦ୍ଧାର

ବ୍ରହ୍ମଗିରି,୬।୬(ଡି.ଏନ୍.ଏ.)

ବ୍ରହ୍ମଗିରି ରେଞ୍ଜ ଅଧୀନ ମାଛିଆଦିଆଣ୍ଡି ଗ୍ରାମରୁ ମଙ୍ଗଳବାର ଏକ ହରିଣଛୁଆକୁ ଗ୍ରାମବାସୀ ଉଦ୍ଧାର କରି ବନ ବିଭାଗକୁ ହସ୍ତାନ୍ତର କରିଛନ୍ତି। ସୂଚନା ଅନୁଯାୟୀ, ମଙ୍ଗଳବାର ସକାଳୁ ଏକ ହରିଣଛୁଆ ଗ୍ରାମ ମଧ୍ୟକୁ ଚାଲି ଆସିଥିଲା। ଏହାକୁ ଗ୍ରାମବାସୀ ଉଦ୍ଧାର କରି ବନ ବିଭାଗକୁ ହସ୍ତାନ୍ତର କରିଥିଲେ। ଏହି ଛୁଆଟି ୭ ମାସର ହୋଇଥିବା ବନ ବିଭାଗ ଅନୁମାନ କରୁଛି। ଚିକିତ୍ସା ପରେ ହରିଣଟି ସୁସ୍ଥଥିବା ବନ ବିଭାଗ ସୂଚନା ଦେଇଛି। ଅସହ୍ୟ ଗରମ ଓ ପାଣି ଅନ୍ୱେଷଣରେ ହରିଣଛୁଆଟି ଗ୍ରାମ ଭିତରକୁ ପଶି ଆସିଥିବା ଅନୁମାନ କରାଯାଉଛି।

# ପ୍ରଭାକର ଜେନା ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ

କୃଷ୍ଣପ୍ରସାଦ,୬।୬(ଡି.ଏନ୍.ଏ.)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ମା'ଦୁଆରଶୁଣୀ କ୍ରିକେଟ ଟିମ୍ ସିପକୁଦା ବନମାଳୀପୁର ଆନୁକୂଲ୍ୟରେ ବ୍ଲକସ୍ତରୀୟ ପ୍ରଭାକର ଜେନା ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ପିରିଜିପୁର ସରପଞ୍ଚ ଇଂ. ମଳୟ କୁମାର ଜେନା ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିବସରେ ବାବା ଆଖଣ୍ଡଳେଶ୍ୱର କ୍ରିକେଟ ଟିମ୍ ରାୟପୁର ଓ ବନଦୁର୍ଗା କ୍ରିକେଟ କ୍ଲବ ବ୍ରହ୍ମପୁର ଟିମ୍ ମଧ୍ୟରେ ଖେଳ ହୋଇଥିଲା। ରାୟପୁର ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୮ ଓଭରରେ ୧୨୩ ରନ ସଂଗ୍ରହ କରିଥିଲା। ଜବାବରେ ବ୍ରହ୍ମପୁର ଟିମ୍ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଅମର ଜାଲି ଓ ଜିତେନ୍ଦ୍ର ସାମଲ ମ୍ୟାଚ୍ ପରିଚାଳନା କରିଥିଲେ। ରାକେଶ କୁମାର ଜେନା ଧାରାବିବରଣୀ ପ୍ରଦାନ କରିଥିବା ବେଳେ କୃଷ୍ଣଚନ୍ଦ୍ର ମଲ୍ଲିକ, କୈଳାସ ଚନ୍ଦ୍ର ମଲ୍ଲିକ ସ୍କୋରରେ ସହାୟତା କରିଥିଲେ। ମା'ଦୁଆରଶୁଣୀ କ୍ରିକେଟ ଟିମ ଅଧିନାୟକ ସ୍ୱାଧୀନ ଜାଲି, ଜିତେନ୍ଦ୍ର ସାମଲ, ପ୍ରୀତମ ଜାଲି ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।



ଟୁର୍ନାମେଣ୍ଟ ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥି ଏବଂ ଖେଳାଳିମାନେ।

# ୬ ଦିନରେ ଅମଲାଙ୍କ ଆନ୍ଦୋଳନ

ଖୋର୍ଦ୍ଧା ଅଫିସ,୬।୬

ପଦୋନ୍ନତିରେ ପାତରଅନ୍ତର ଏବଂ ଗ୍ରେଡ ପେ ବୃଦ୍ଧି ଦାବିରେ ଅମଲାମାନେ ସମୂହ ଛୁଟିରେ ରହି ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଏହି ପରିପ୍ରେକ୍ଷୀରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମେତ ବ୍ଲକସ୍ତରରେ ଅମଲାମାନଙ୍କ ଆନ୍ଦୋଳନ ଜାରି ରହିଛି। ଅମଲାଙ୍କ ଦାବିକୁ ସମର୍ଥନ ଜଣାଇଛନ୍ତି ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ଖୋର୍ଦ୍ଧା ଜିଲା ଏବଂ ରାଜ୍ୟ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ (ଓଲଷ୍ଟା) ଏବଂ ଓଡ଼ିଶା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ (ପିଷ୍ଟା)। ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଚାଲିଥିବା ଅମଲାଙ୍କ ଆନ୍ଦୋଳନରେ ଓଷ୍ଟା ଓ ମିଳିତ ଶିକ୍ଷକ ମଞ୍ଚର କର୍ମକର୍ତ୍ତା ପହଞ୍ଚି ସେମାନଙ୍କ ଦାବିକୁ ସମର୍ଥନ ଜଣାଇଥିଲେ। ଓଷ୍ଟା ସଭାପତି ଅମ୍ବିକା ପ୍ରସାଦ ପଟ୍ଟନାୟକ, ସମ୍ପାଦକ ସୁଧାକର ମହାପାତ୍ର, ଓଲଷ୍ଟା ରାଜ୍ୟ କୋଷାଧ୍ୟକ୍ଷ ସୁରେଶ ବିଶ୍ୱାଳ, ପିଷ୍ଟା ଜିଲା ସଭାପତି ଅଗାଧୁ ସେଠୀ, ସମ୍ପାଦକ ଅଜୟ କୁମାର ରାଉତରାୟ, ବ୍ଲକ ସମ୍ପାଦକ ମୃତ୍ୟୁଞ୍ଜୟ ମହାପାତ୍ର, କାର୍ଯ୍ୟକାରୀ ସଭାପତି ଅଭିରାମ ବେହେରା ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ। ଅନ୍ୟପକ୍ଷରେ ଗତ ସୋମବାର ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଆନ୍ଦୋଳନ ସ୍ଥଳରେ ପହଞ୍ଚି ଅମଲାମାନଙ୍କ ସହ ଆଲୋଚନା କରିଥିଲେ। ମଙ୍ଗଳବାର ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଏବଂ ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ ପୃଥକ୍ ଭାବେ ଆସି ଅମଲାଙ୍କ ଦାବି ସମ୍ପର୍କରେ ଆଲୋଚନା କରିଥିଲେ। ଏ ସମ୍ପର୍କରେ ରାଜ୍ୟ ସରକାରଙ୍କ ସହ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।



ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଆନ୍ଦୋଳନରତ ଅମଲାଙ୍କ ସହ ଆଲୋଚନା କରୁଛନ୍ତି।

- ଓଷ୍ଟା, ଓଲଷ୍ଟା, ପିଷ୍ଟାର ସମର୍ଥନ, ୨ ବିଧାୟକଙ୍କ ସହ ଆଲୋଚନା
- ସରକାର ତୁରନ୍ତ ପଦକ୍ଷେପ ନେବାକୁ ଦାବି

ପ୍ରକାଶ ଯେ, ଗତ ୨ ତାରିଖରେ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନାଙ୍କ ସହ ରାଜ୍ୟ ଅମଲା ମଞ୍ଚର ଏକ ପ୍ରତିନିଧିମଣ୍ଡଳୀ ଆଲୋଚନା କରିଥିଲେ। ତେବେ ଆଲୋଚନା ବିଫଳ ହୋଇଥିଲା। ପ୍ରତିନିଧି ମଣ୍ଡଳୀ ନିଜ ଜିଦ୍‌ରେ ଅଟଳ ରହିଥିଲେ। ପରେ ଗତ ୪ତାରିଖରେ ରାଜ୍ୟର ୩୦ଟି ଜିଲାର ୨୦୦ ପ୍ରତିନିଧିଙ୍କୁ ନେଇ ରାଜ୍ୟ ରେଡକ୍ରସ ଭବନଠାରେ ସଭା ଆୟୋଜନ ହୋଇଥିଲା। ଅମଲାମାନଙ୍କ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରଖିବାକୁ ନିଷ୍ପତ୍ତି ହୋଇଥିଲା। ଏନେଇ ମିଳିତ ଅମଲା ମଞ୍ଚ ଜିଲା ସଭାପତି ଅଶୋକ ପଣ୍ଡା କହିଛନ୍ତି, କନିଷ୍ଠ ସହାୟକଙ୍କ ଲେବଲ-୪ରୁ ଲେବଲ-୯କୁ ବୃଦ୍ଧି ଯଥା ଗ୍ରେଡ ପେ ୧୯ଶହ ରୁ ୪୨ଶହ ବୃଦ୍ଧିକୁ ନେଇ ଦୀର୍ଘ ବର୍ଷ ଅମଲା ସଂଘ ଦାବି କରିଆସୁଛି। ତେବେ ପ୍ରତିଥର ସରକାର ପ୍ରତିଶ୍ରୁତି ଦେଇ କୌଣସି କାର୍ଯ୍ୟକାରୀ କରୁନାହାନ୍ତି। ଏହାର ପ୍ରତିବାଦରେ ଗତ ୨୨ରୁ ୩୦ ତାରିଖ ପର୍ଯ୍ୟନ୍ତ ଅମଲାମାନେ କଳାବ୍ୟାଜ ପରିଧାନ କରି କାର୍ଯ୍ୟରେ ନିୟୋଜିତ ରହିଥିଲେ। ଏହା ସତ୍ତ୍ୱେ ଦାବି ପୂରଣ ନ ହେବାରୁ ଜୁନ ପହିଲାରୁ ସମୂହ ଛୁଟିରେ ଯାଇଥିବା ବେଳେ ଆନ୍ଦୋଳନ ଜାରି ରହିଛି।

ଅନ୍ୟପଟେ ଜିଲା ପ୍ରଶାସନଠାରୁ ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ସବୁଠି ଅଚଳାବସ୍ଥା ଲାଗି ରହିଛି। ଅମଲାମାନେ ଛୁଟିରେ ରହିଥିବାରୁ ବିଶେଷକରି ତହସିଲ, ସବ୍‌ରେଜିଷ୍ଟ୍ରାର, ଉପଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ସମସ୍ତ ସରକାରୀ କାର୍ଯ୍ୟାଳୟରେ କାମ ଠପ୍ ହୋଇଯାଇଛି। ଜମିଜମା, ରେକର୍ଡପତ୍ର ସଂଶୋଧନ, ବିକ୍ରିବଟା, ଡିମାରକେଶନ, ମ୍ୟୁଟେଶନ ପାଇଁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପଟେ ସରକାରୀ କାମ ପାଇଁ ପ୍ରଶାସନ ପକ୍ଷରୁ ଅନ୍ୟ ଅଧିକାରୀଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଥିବା ଜଣାପଡିଛି। ଅମଲାଙ୍କ ଅନୁପସ୍ଥିତି ଯୋଗୁ ସରକାରୀ କାର୍ଯ୍ୟ ଏକ ପ୍ରକାର ଠପ୍ ହୋଇଯାଇଛି। ତୁରନ୍ତ ସରକାର ଏହା ଉପରେ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ସଂକ୍ଷେପରେ

### ମାଛିଆଦିଆଣ୍ଡିରୁ ହରିଣଛୁଆ ଉଦ୍ଧାର



ବ୍ରହ୍ମଗିରି,୬।୬(ଡି.ଏନ୍.ଏ.)- ବ୍ରହ୍ମଗିରି ରେଞ୍ଜ ଅଧୀନ ମାଛିଆଦିଆଣ୍ଡି ଗ୍ରାମରୁ ମଙ୍ଗଳବାର ଏକ ହରିଣଛୁଆକୁ ଗ୍ରାମବାସୀ ଉଦ୍ଧାର କରି ବନ ବିଭାଗକୁ ହସ୍ତାନ୍ତର କରିଛନ୍ତି। ସୂଚନା ଅନୁଯାୟୀ, ମଙ୍ଗଳବାର ସକାଳୁ ଏକ ହରିଣଛୁଆ ଗ୍ରାମ ମଧ୍ୟକୁ ଚାଲି ଆସିଥିଲା। ଏହାକୁ ଗ୍ରାମବାସୀ ଉଦ୍ଧାର କରି ବନ ବିଭାଗକୁ ହସ୍ତାନ୍ତର କରିଥିଲେ। ଏହି ଛୁଆଟି ୭ ମାସର ହୋଇଥିବା ବନ ବିଭାଗ ଅନୁମାନ କରୁଛି। ଚିକିତ୍ସା ପରେ ହରିଣଟି ସୁସ୍ଥଥିବା ବନ ବିଭାଗ ସୂଚନା ଦେଇଛି। ଅସହ୍ୟ ଗରମ ଓ ପାଣି ଅନ୍ୱେଷଣରେ ହରିଣଛୁଆଟି ଗ୍ରାମ ଭିତରକୁ ପଶି ଆସିଥିବା ଅନୁମାନ କରାଯାଉଛି।

### ବିଶ୍ୱ ପରିବେଶ ଦିବସ ପାଳିତ

ପୁରୀ ଅଫିସ ୬।୬: ପୁରୀ ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ଓ ଦୌରାଜ୍ଜ ଶିତିକଣ୍ଠ ସାମଲଙ୍କ ଆଦେଶ ଅନୁଯାୟୀ ଜିଲା ଆଇନସେବା ପ୍ରାଧିକରଣର ସଚିବ ଅମିତ୍ କୁମାର ବାରିକ୍‌ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସୋମବାର ଭୋଲାନାଥ ବିଦ୍ୟାପୀଠରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ପରିବେଶ ସୁରକ୍ଷା ସଂକ୍ରାନ୍ତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ପ୍ୟାନେଲ ଲୟର ଅମିତାର ମିଶ୍ର, ମହେଶ୍ୱର ଦାସ, ପାରାଲିଗାଲ ସ୍ୱେଚ୍ଛାସେବୀ ସତ୍ୟନାରାୟଣ ସାହୁ, ଚନ୍ଦ୍ର ଶେଖର ମିଶ୍ର, ଜ୍ୟୋତି ରଞ୍ଜନ ମହାନ୍ତି ଏବଂ ପ୍ରାଧିକରଣ କର୍ମଚାରୀମାନେ ଯୋଗଦେଇଥିଲେ।

### ଜିଲାସ୍ତରୀୟ ଅଭିଯୋଗ ଶୁଣାଣି

ପୁରୀ ଅଫିସ,୬।୬: ପୁରୀ ଅତିରିକ୍ତ ଜିଲାପାଳ (ପ୍ରଶାସନ)ଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ସୋମବାର ଜିଲାସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଅଧ୍ୟକ୍ଷତା କରିଥିବାବେଳେ ୫୨ଟି ଅଭିଯୋଗ ମିଳିଥିଲା। ଆଇନ ଅନୁସାରେ ଅଭିଯୋଗଗୁଡ଼ିକର ଅନୁଧ୍ୟାନ କରି ଯଥାଶୀଘ୍ର ସମାଧାନ ପାଇଁ ପଦକ୍ଷେପ ନେବାକୁ ବିଭିନ୍ନ ବିଭାଗକୁ ପ୍ରେରଣ କରାଯାଇଥିଲା। ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମିରେଖା ଦାଶ, ଏଡିଏମ୍‌ଓ ଡା. ବିରଜା ଶଙ୍କର ରଥ, ଡେପୁଟି କଲେକ୍ଟର ଜିତେନ୍ଦ୍ର ପାତ୍ର, ରାକେଶ କୁମାର ପଣ୍ଡା, ଅଭିଯୋଗ ପ୍ରକୋଷ୍ଠ ଅଧିକାରୀ ପ୍ରିୟଦର୍ଶିନୀ ମଲ୍ଲିକ ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

### ପ୍ରାଧାପକଙ୍କୁ ଅବସର ସମ୍ବର୍ଦ୍ଧନା

ଡେଲାଙ୍ଗ,୬।୬(ଡି.ଏନ୍.ଏ.)- ଡେଲାଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଦର୍ଶନ ଶାସ୍ତ୍ର ପ୍ରାଧାପକ ଡ. ଘନଶ୍ୟାମ ସ୍ୱାଇଁଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସଭାରେ ଅବସରପ୍ରାପ୍ତ ଅଧ୍ୟକ୍ଷ ଭାସ୍କରଚନ୍ଦ୍ର ସାମନ୍ତରାୟ, ଡ. ଅଶୋକ ମହାନ୍ତିଙ୍କ ସମେତ ପ୍ରାଧାପକ ସରୋଜ ବଳିଆରସିଂହ, କିରାଣି ଗଙ୍ଗାଧର ଜେନା, ଗ୍ରନ୍ଥାଗାରିକ ବ୍ରଜବନ୍ଧୁ ଦାଶ, ଶରତ ରାଉତ, ଅନନ୍ତ ସାହୁ ଏବଂ ପ୍ରଶାନ୍ତ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ପ୍ରାଧାପକ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରୀଛାତ୍ରମାନେ ପ୍ରାଧାପକ ସ୍ୱାଇଁଙ୍କ ଉତ୍ତମ ଶିକ୍ଷାଦାନ ପଦ୍ଧତି ଓ ଛାତ୍ର ବତ୍ସଳତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।

# ଅବ୍ୟବସ୍ଥାରେ ଖେଲାଉର ପାନୀୟଜଳ ପ୍ରକଳ୍ପ



■ ଅର୍ଦ୍ଧନିର୍ମିତ ଅବସ୍ଥାରେ ସୁରକ୍ଷା ପ୍ରାଚୀର

■ ପଞ୍ଚାୟତ ଗଣୁଛି ଦୁଇଗୁଣା ବିଦ୍ୟୁତ୍ ଶୁଳ୍କ

ଡେଲାଙ୍ଗ,୬।୬(ଡି.ଏନ୍.ଏ.)

ଡେଲାଙ୍ଗ ବ୍ଲକ ଅଧୀନ ଖେଲାଉର ପଞ୍ଚାୟତର ପାନୀୟଜଳ ପ୍ରକଳ୍ପ କାର୍ଯ୍ୟ ଦୀର୍ଘ ୪ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ସମ୍ପୂର୍ଣ୍ଣ ହୋଇଥିଲେ ମଧ୍ୟ ଅଦ୍ୟାବଧି ପ୍ରକଳ୍ପର ସୁରକ୍ଷା ପ୍ରାଚୀର ନିର୍ମାଣ ସରିନାହିଁ। ଫଳରେ ସନ୍ଧ୍ୟା ହେଲେ ସେଠାରେ ଅସାମାଜିକଙ୍କ ଆଡ୍ଡା ଜମୁଛି। ଦୁର୍ବୃତ୍ତମାନେ ରାତିରେ ପମ୍ପହାଉସ ଭିତରେ ପଶି ପାଣିଟାଙ୍କିର ଚାବି ଖୋଲିବା ଦ୍ୱାରା ଅନାବଶ୍ୟକ ଭାବେ ପାଣି ରାସ୍ତାକୁ ବୋହିଆସୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ପଞ୍ଚାୟତର ଖେଲାଉର, ଯାଜପୁର, ବରମପୁର, ନହରକଣ୍ଠା ଗ୍ରାମର ମୋଟ୍ ୪ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ପାନୀୟଜଳ ସମସ୍ୟା ପାଇଁ ପାଣିଟାଙ୍କି କାର୍ଯ୍ୟ ଜଣୈକ ଠିକାଦାର ସମାପନ କରିଥିଲେ। ପରେ ଅନ୍ୟଜଣେ ଠିକାଦାରଙ୍କୁ ପ୍ରାଚୀର ନିର୍ମାଣ କାର୍ଯ୍ୟ ହସ୍ତାନ୍ତର ହୋଇଥିଲା। ଇତିମଧ୍ୟରେ ୪ ବର୍ଷ ବିତିଯାଇଥିଲେ ମଧ୍ୟ ଅର୍ଦ୍ଧନିର୍ମିତ ପ୍ରାଚୀର ପାଇଁ ଗୋରୁ ଓ ଅସାମାଜିକ ଲୋକେ ପମ୍ପହାଉସ ପରିସରକୁ ବାରମ୍ବାର ପ୍ରବେଶ କରୁଥିବା ଅଭିଯୋଗ ହେଉଛି। ଏନେଇ ପମ୍ପହାଉସ ଡ୍ରାଇଭରଙ୍କୁ ପଚାରିବାରେ, ସେ ସନ୍ଧ୍ୟା ସମୟରେ ପାଣି ଭରିବା ପରେ ପୁନଶ୍ଚ ପରଦିନ ସକାଳେ ଆସି ଟାଙ୍କି ଭରନ୍ତି। ରାତିରେ ଅସାମାଜିକ ଲୋକେ ପମ୍ପହାଉସ ଭିତରେ ପଶି ଟାଙ୍କି ଚାବି ଖୋଲିଦେଉଥିବାରୁ ରାତିସାରା ଗାଁଦାଣ୍ଡରେ ପାଣି ଭାସୁଛି ବୋଲି ଜନସାଧାରଣ ପ୍ରକାଶ କରିଛନ୍ତି। ସେହିପରି ସ୍ଥାନୀୟ ସରପଞ୍ଚ ସ୍ନେହଲତା ସାହୁ କହିଛନ୍ତି, ସେ ବାରମ୍ବାର ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ସେମାନେ ନିଜ ଦୋଷ ଘୋଡ଼ାଇବା ସହ ପ୍ରାଚୀର ନିର୍ମାଣ ନେଇ କୌଣସି ପଦକ୍ଷେପ ନେଉନାହାନ୍ତି। ରାତିରେ ଟାଙ୍କି ଚାବି ଖୋଲାଯିବା ଫଳରେ ପାଣି ଖାଲି ହୋଇଯାଉଛି। ଫଳରେ ପଞ୍ଚାୟତ ପାଣ୍ଠିରୁ ମାସିକ ବିଦ୍ୟୁତ୍ ଶୁଳ୍କ ବାବଦରେ ଆବଶ୍ୟକଠାରୁ ଅଧିକ ଦିଆଯାଉଛି ବୋଲି କହିଛନ୍ତି। ଏ ସମ୍ବନ୍ଧରେ ଗ୍ରାମ୍ୟ ପାନୀୟଜଳ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ରଞ୍ଜନ ମିଶ୍ର କହିଛନ୍ତି, ପ୍ରାଚୀର କାର୍ଯ୍ୟ ପାଣିଟାଙ୍କି ଏଗ୍ରିମେଣ୍ଟରେ ନ ଥିଲା। ଅନ୍ୟ ଜଣେ ଠିକାଦାରଙ୍କୁ ପ୍ରାଚୀର ନିର୍ମାଣ କାର୍ଯ୍ୟ ଦିଆଯାଇଥିଲା, ହେଲେ ସେ ଠିକ୍‌ରୂପେ କାର୍ଯ୍ୟ ସମ୍ପାଦନ କରିନାହାନ୍ତି। ସେତେବେଳେ ସେ ଏଠାରେ କାର୍ଯ୍ୟରତ ନ ଥିଲେ। ଏନେଇ ସେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବେ ବୋଲି କହିଥିଲେ। ଏଥିସହ ପାଣିଟାଙ୍କି କରିଥିବା ଠିକାଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି କି, ମୋଟର ଘର ଯେଉଁଠି ସବୁବେଳେ ତାଲା ପଡୁଛି ସେହିଘର ଭିତରେ ନୂତନ ଭାଲ୍ଭ ଲଗାଇବେ। ଫଳରେ ବାହାରୁ ଚାବି ଖୋଲିଲେ ମଧ୍ୟ ପାଣି ଚାଲିବ ନାହିଁ। ଅନ୍ୟପଟେ ଅର୍ଦ୍ଧନିର୍ମିତ ପ୍ରାଚୀର ନିର୍ମାଣକରି ସମ୍ପୃକ୍ତ ଠିକାଦାର ବିଲ୍ କରିନେବା ଓ ଏଥିରେ ବିଭାଗୀୟ ଅଧିକାରୀଙ୍କ ଅପାରଗତା ନେଇ ସାଧାରଣରେ ଚର୍ଚ୍ଚା ହେଉଛି।

# ଆମ ପୋଲିସ କାର୍ଯ୍ୟକ୍ରମ




କାର୍ଯ୍ୟକ୍ରମରେ ପୋଲିସ ଅଧିକାରୀ ଏବଂ ବରିଷ୍ଠ ନାଗରିକ ।

କାକଟପୁର,୬।୬(ଡି.ଏନ୍.ଏ.)

କାକଟପୁର ଥାନା ପରିସରରେ ମଙ୍ଗଳବାର ଆମ ପୋଲିସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଥାନାରେ ଯୋଗ ଦେଇଥିବା ନୂତନ ଆଇଆଇସି ରଞ୍ଜନ ମଲ୍ଲିକ ଏହି କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଏଥିରେ କାକଟପୁର ଥାନା ଅଞ୍ଚଳର ଶତାଧିକ ଜନତା, ରାଜନେତା, ବ୍ୟବସାୟୀ, ଅଟୋ ଆସୋସିଏଶନ୍, ମା' ମଙ୍ଗଳାଙ୍କ ସେବକ ସମିତି କର୍ମକର୍ତ୍ତା ଏବଂ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇଥିଲେ।

ଆଇଆଇସିଙ୍କ ପ୍ରସ୍ତାବ ମୁତାବକ ବରିଷ୍ଠ ଆଇନଜୀବୀ ପ୍ରଫୁଲ୍ଲ ନାୟକ ବୈଠକରେ ସଭାପତିତ୍ୱ କରିଥିଲେ। କାକଟପୁରରେ ଉପୁଜୁଥିବା ଆଇନଗତ ସମସ୍ୟାଗୁଡ଼ିକ ଉପରେ ମଲ୍ଲିକ ତର୍ଜମା କରିବା ପରିପ୍ରେକ୍ଷୀରେ ଟ୍ରାଫିକ୍ ସମସ୍ୟା ସମାଧାନ ମୋର ପ୍ରାଥମିକତା ହେବ ବୋଲି କହିଥିଲେ। ମା'ଙ୍କ ମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁଙ୍କ ନିରାପତ୍ତା ଓ ସୁନ୍ଦର ଦର୍ଶନ ପାଇଁ ସେ ସେବକ ସମିତି ସହଯୋଗ କାମନା କରିଥିଲେ। କାକଟପୁରକୁ ମଦ, ତମାଖୁ, ଗଞ୍ଜେଇ, ବ୍ରାଉନସୁଗାର ମୁକ୍ତ କରାଇ ବିଶୃଙ୍ଖଳା ସୃଷ୍ଟି କରୁଥିବା ତତ୍ତ୍ୱଗୁଡ଼ିକୁ ଚିହ୍ନଟ କରିବାରେ ସେ ଗଣମାଧ୍ୟମ ପ୍ରତିନିଧିଙ୍କ ସହଯୋଗ କାମନା କରିଥିଲେ। ବରିଷ୍ଠ ନାଗରିକ ମଞ୍ଚ ସଭାପତି ଶିକ୍ଷାବିତ୍ ଲକ୍ଷ୍ମୀଧର ଖୁଣ୍ଟିଆ, କାକଟପୁର ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ, ପୂର୍ବତନ ଅଧ୍ୟକ୍ଷ ବିପିନ ବିହାରୀ ମହାନ୍ତି, ଭାଜପା ପୁରୀ ଜିଲା ଉପସଭାପତି ରତିକାନ୍ତ ବେହେରା, ଏମ୍‌ପିଙ୍କ ପ୍ରତିନିଧି ଜ୍ଞାନରଞ୍ଜନ ସାହୁ, ସମିତି ସଭ୍ୟ ପ୍ରମୋଦ ଦାସ, ସିପିଆଇ ରାଜ୍ୟ ପରିଷଦ ସଭ୍ୟ ବିପିନ ବିହାରୀ ରାଉତ ପ୍ରମୁଖ ଯୋଗଦେଇଥିଲେ।




ପୁରୀ ବଳଗଣ୍ଡିସ୍ଥିତ 'ପ୍ରଣତି କଳା ମନ୍ଦିର'ର ୭୭ତମ ବାର୍ଷିକ ଉତ୍ସବରେ ସଙ୍ଗୀତ ପରିବେଷଣ କରାଯାଉଛି।

# 'ଜୀବନକୁ ସୁନ୍ଦର, ଶୃଙ୍ଖଳିତ କରେ କଳା'

ପ୍ରଣତି କଳା ମନ୍ଦିରର ବାର୍ଷିକ ଉତ୍ସବ

ପୁରୀ ଅଫିସ, ୬।୬:

ବଳଗଣ୍ଡିସ୍ଥିତ ସାଂସ୍କୃତିକ ଅନୁଷ୍ଠାନ 'ପ୍ରଣତି କଳା ମନ୍ଦିର'ର ୭୭ତମ ବାର୍ଷିକ ଉତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଉପଜିଲାପାଳ ଭବତାରଣ ସାହୁ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରି କହିଥିଲେ, ଦୀର୍ଘ ୭ଦଶକ ଧରି ପ୍ରଣତି ଅନୁଷ୍ଠାନ ନୃତ୍ୟ, ସଙ୍ଗୀତ, ନାଟକ ଇତ୍ୟାଦି ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଯେଉଁ ଜାଗରଣ ସୃଷ୍ଟି କରିଛି ତାହା ଅନ୍ୟମାନଙ୍କ ପାଇଁ ଉଦାହରଣ। ଉତ୍ସବରେ ସମ୍ମାନିତ ଅତିଥି ଭାବେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଯୋଗଦେଇ କହିଥିଲେ, କଳା ହିଁ ଜୀବନକୁ ସରସ, ସୁନ୍ଦର ଓ ଶୃଙ୍ଖଳିତ କରିଥାଏ। ଓଡ଼ିଶାର କଳା ଓ ସଂସ୍କୃତିକୁ ଏଭଳି ପ୍ରାଚୀନ ଅନୁଷ୍ଠାନଗୁଡ଼ିକର ଅବଦାନ ପ୍ରଶଂସନୀୟ ବୋଲି ସେ ମତବ୍ୟକ୍ତ କରିଥିଲେ। ଉତ୍ସବରେ ଅନୁଷ୍ଠାନର ସଭାପତି ଆର୍ତ୍ତତ୍ରାଣ ଶତପଥୀଙ୍କ ସଭାପତିତ୍ୱ କରିଥିଲେ। ଉପସଭାପତି ଚକ୍ରଧର ମହାପାତ୍ର ସ୍ୱାଗତ ଭାଷଣ ଦେବା ସହ ମଞ୍ଚ ପରିଚାଳନା କରିଥିଲେ। ସଭା ପରେ ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଗୁରୁ ପ୍ରକାଶ କୁମାର ରଥଙ୍କ ନିର୍ଦ୍ଦେଶନାରେ ଓଡ଼ିଶୀ, ଚମ୍ପୁ, ଛାନ୍ଦ ଏବଂ ଗୁରୁ ସଂଯୁକ୍ତା ମହାପାତ୍ରଙ୍କ ନିର୍ଦ୍ଦେଶନାରେ ଓଡ଼ିଶୀ ନୃତ୍ୟ ପରିବେଷଣ ହୋଇଥିଲା। ବାଦ୍ୟଯନ୍ତ୍ରରେ ଗୁରୁ ହରିଶ ଚନ୍ଦ୍ର ଦାଶ, ସୁଶିଲ କୁମାର ଦାଶ, ବଟଗୋପାଳ ତ୍ରିପାଠୀ ଓ ବିକ୍ରମ ଦାଶ ସହଯୋଗ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ଅଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ପାଳ, ଗୁରୁ ପ୍ରକାଶ କୁମାର ରଥ, ସଂଯୁକ୍ତା ମହାପାତ୍ର, ସୁଶିଲ କୁମାର ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ କିଶୋର ଚନ୍ଦ୍ର ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସାଂସ୍କୃତିକ ସମ୍ପାଦକ ବିଜୟ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକାରୀ ସଭାପତି ସୁରେନ୍ଦ୍ର ନାଥ ଦାଶଙ୍କ ସମେତ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଆହତଙ୍କ ଆରୋଗ୍ୟ କାମନା କରି କ୍ୟାଣ୍ଡେଲ ଶୋଭାଯାତ୍ରା

କୃଷ୍ଣପ୍ରସାଦ,୬।୬(ଡି.ଏନ୍.ଏ.):

ବାଲେଶ୍ୱର ଜିଲା ବାହାନଗାରେ ଟ୍ରେନ୍ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ଆତ୍ମାର ସଦ୍‌ଗତି ଓ ଆହତଙ୍କ ଆଶୁ ଆରୋଗ୍ୟ କାମନା କରି ପୁରୀ ଜିଲା କୃଷ୍ଣପ୍ରସାଦ ପଞ୍ଚାୟତ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ନୀଳକଣ୍ଠେଶ୍ୱର ମନ୍ଦିରଠାରୁ ଶୋଭାଯାତ୍ରା ବାହାରି ଗାନ୍ଧୀ ଛକଠାରେ ପହଞ୍ଚିଥିଲା। ଶୋଭାଯାତ୍ରାରେ ଥାନା ଆଇଆଇସି ଶରତ ନାୟକ, ସରପଞ୍ଚ ଇତିଶ୍ରୀ ସିଂହ, ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ସିଂହସାମନ୍ତ, ପୂର୍ବତନ ସମିତିସଭ୍ୟ ଜିତେନ୍ଦ୍ର ବିଶ୍ୱାଳ, ଦିଲ୍ଲୀପ କେଶରୀ, ପୂର୍ଣ୍ଣଚନ୍ଦ୍ର ପରିଡ଼ା, ସୁରଥ ବେହେରା, ପାଞ୍ଚମୌଜା ପରିଚାଳନା କମିଟି ସଭାପତି ଅଶୋକ ପଣ୍ଡା, ସମ୍ପାଦକ ଈଶ୍ୱର ପଲେଇ ପ୍ରମୁଖ ସାମିଲ ଥିଲେ ।

# ହାଇୱା ଧକ୍କାରେ ସ୍କୁଟିଚାଳକ ମୃତ

ଡ୍ରାଇଭର ଗିରଫ

ବେଗୁନିଆ/ବୋଲଗଡ଼, ୬।୬(ଡି.ଏନ୍.ଏ.):

ଖୋର୍ଦ୍ଧା ଜିଲା ବାଘମାରୀ-କଣ୍ଟିଲୋ ୪୮ ନମ୍ବର ସଡ଼କପଥର ଧଳାପଥର ବଜାରରେ ମଙ୍ଗଳବାର ସକାଳେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ବାଲି ବୋଝେଇ ହାଇୱା ଧକ୍କାରେ ଜଣେ ସ୍କୁଟିଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନୟାଗଡ଼ ଜିଲା ଫତେଗଡ଼ ଥାନା ଅଧୀନ ପଦ୍ମାବତୀ ଅଞ୍ଚଳର ବିଶ୍ୱଜିତ୍ ସାହୁ(୨୬)। ତେବେ ଦୁର୍ଘଟଣାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇବା ସହ ଉତ୍ତ୍ୟକ୍ତ ଲୋକେ ୪ ଘଣ୍ଟା ରାସ୍ତାରୋକ କରିଥିଲେ। ବେଗୁନିଆ ଥାନା ଓ ଧଳାପଥର ଫାଣ୍ଡି ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୧୭୮/୨୩) ରୁଜୁ ହୋଇଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିବା ସହ ହାଇୱା ଚାଳକଙ୍କୁ ଗିରଫ କରିଛି। ସେ ହେଲେ ନୟାଗଡ଼ ଜିଲା ଖଣ୍ଡପଡ଼ା ଥାନା ଅଧୀନ ରାଣୀଛେଲି ଗ୍ରାମର ବୀରବର ଦାସ। ତାଙ୍କୁ ବୁଧବାର କୋର୍ଟଚାଲାଣ କରାଯିବ ବୋଲି ଥାନା ଅଧିକାରୀ ବିଶ୍ୱଜିତ୍ ରାଉତରାୟ କହିଛନ୍ତି।

# ସାନଓରା ପ୍ରାଥମିକ ବିଦ୍ୟାଳୟକୁ ପ୍ରକୃତି ମିତ୍ର ପୁରସ୍କାର



ପ୍ରଧାନଶିକ୍ଷକ ଦିଲ୍ଲୀପ ଶ୍ରୀଚନ୍ଦନଙ୍କୁ ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ କରାଯାଉଛି ।

କଣାସ,୬।୬(ସ୍ୱ.ପ୍ର.)

ରାଜ୍ୟ ସରକାରଙ୍କ ପକ୍ଷରୁ ସୋମବାର ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ଭୁବନେଶ୍ୱରଠାରେ ଲୋକସଭା ଭବନରେ ପ୍ରକୃତି ମିତ୍ର ପୁରସ୍କାର ଉତ୍ସବ ପ୍ରଦାନ କରାଯାଇଛି। କଣାସ ବ୍ଲକ କାଦୁଆ ପଞ୍ଚାୟତ ସାନଓରା ଗ୍ରାମରେ ପ୍ରତିଷ୍ଠିତ ସାନଓରା ପ୍ରାଥମିକ ବିଦ୍ୟାଳୟକୁ ପରିବେଶ ସୁରକ୍ଷା ପାଇଁ ପ୍ରକୃତି ମିତ୍ର ପୁରସ୍କାର ସହ ୨୦ ହଜାର ଟଙ୍କା ଅର୍ଥ ରାଶି ପ୍ରଦାନ କରାଯାଇଥିଲା। ପ୍ରଧାନଶିକ୍ଷକ ଦିଲ୍ଲୀପ ଶ୍ରୀଚନ୍ଦନ ପ୍ରକୃତି ମିତ୍ର ପୁରସ୍କାର ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିଥିଲେ। ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରଦୀପ ଅମାତ, ଅତିରିକ୍ତ ମୁଖ୍ୟଶାସନ ସଚିବ ସତ୍ୟବ୍ରତ ସାହୁ, ରାଜ୍ୟ ଜଙ୍ଗଲ ବିଭାଗ ମୁଖ୍ୟ ଦେବୀଦତ୍ତ ବିଶ୍ୱାଳ, ସିଦ୍ଧାନ୍ତ ଦାଶ, ଡ. କେ. ମୃଗେସନ୍ ପ୍ରମୁଖ ଉପସ୍ଥିତ ରହି ପରିବେଶ ସୁରକ୍ଷା ଦିଗରେ ଆଲୋଚନା କରିଥିଲେ। ସୂଚନାଥାଉ କି, ସେପ୍ଟେମ୍ବର ମାସରେ ପ୍ରଧାନଶିକ୍ଷକ ଶ୍ରୀଚନ୍ଦନ ରାଜ୍ୟପାଳଙ୍କ ଦ୍ୱାରା ସମ୍ମାନିତ ହୋଇଥିଲେ।

# ଦଳୀୟ ସଙ୍ଗଠନକୁ ଅଧିକ ମଜଭୁତ କରିବାକୁ ଆହ୍ୱାନ

ନିମାପଡ଼ା,୬।୬(ଡି.ଏନ୍.ଏ.)

ଆଗାମୀ ୨୦୨୪ ମିଶନ ବିଜେଡି ପାଇଁ ସଫଳ ମିଶନ ହେବ। ଆଗାମୀ ସାଧାରଣ ନିର୍ବାଚନରେ ବିଜେଡି ପୁଣି ବାଜିମାତ୍ କରି ପୁନଶ୍ଚ ସରକାର ଗଠନ କରିବ। ନିମାପଡ଼ା ବ୍ଲକ ଅଧୀନ ଧବଳେଶ୍ୱର ପଞ୍ଚାୟତ ବିଜେଡି ପକ୍ଷରୁ ଏକ କର୍ମୀ ସମାରୋହ ଓ ସାଂଗଠନିକ ବୈଠକ ମଙ୍ଗଳବାର ସ୍ଥାନୀୟ ଗ୍ରୀନଲାଣ୍ଡ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଧାୟକ ସମୀର ରଞ୍ଜନ ଦାଶ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସମାରୋହରେ ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ ଅଧ୍ୟକ୍ଷତା କରି ଅତିଥି ପରିଚୟ ପ୍ରଦାନ ସହ ସ୍ୱାଗତ ଭାଷଣ ଦେଇଥିଲେ। ଅତିଥି ଭାବେ ବିଧାୟକ ଦାଶ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଏମ୍‌ପିଙ୍କ ପ୍ରତିନିଧି ବିଜୟ ପଟ୍ଟନାୟକ, ପଞ୍ଚାୟତ ପର୍ଯ୍ୟବେକ୍ଷକ ଲଳିତମୋହନ ପାତ୍ର, ପଞ୍ଚାୟତ ବିଜେଡି ସଭାପତି ପ୍ରହ୍ଲାଦ ବରାଳ, ସହ ପର୍ଯ୍ୟବେକ୍ଷକ ହେମନ୍ତ ସ୍ୱାଇଁ, ବ୍ଲକ ବିଜେଡି ସଭାପତି ଅଶୋକ ସାହୁ ପ୍ରମୁଖ ଯୋଗଦେଇଥିଲେ। ତୃଣମୂଳସ୍ତରରୁ ଦଳୀୟ ସଂଗଠନକୁ ଅଧିକ ମଜଭୁତ୍, କ୍ରିୟାଶୀଳ କରିବା, ଦଳୀୟ ନେତୃବୃନ୍ଦ କର୍ମୀ ଏକଜୁଟ ହୋଇ କାର୍ଯ୍ୟ କରିବା, ନାରୀଶକ୍ତିକୁ ଆଗକୁ ଆଣିବା, ୱାର୍ଡ ଓ ପଞ୍ଚାୟତ ବୈଠକଗୁଡ଼ିକୁ ତ୍ୱରାନ୍ୱିତ କରାଯିବା ଦିଗରେ ନେତୃବୃନ୍ଦମାନେ ଆହ୍ୱାନ ଦେଇଥିଲେ। ଏହି ସମାବେଶ ଓ ବୈଠକରେ ପ୍ରାୟ ୫୦୦ ଦଳୀୟ କର୍ମୀ ଓ ନେତୃବୃନ୍ଦ ଯୋଗ ଦେଇଥିଲେ। ବାହାନଗାଠାରେ ରେଳ ଦୁର୍ଘଟଣାର ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ବୈଠକରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

# ସରକାରୀ ଯୋଜନାର ଆୟବ୍ୟୟ, ବ୍ୟବହାର ନେଇ ବିଧାୟକଙ୍କ ସମୀକ୍ଷା

ଗୋପ,୬।୬(ଡି.ଏନ୍.ଏ.)

ଗରିବମାନେ ଠିକ୍ ଭାବେ ଯେପରି ମୁଣ୍ଡ ଗୁଞ୍ଜିପାରିବେ ଓ ନିଜସ୍ୱ ଗୃହ କରିବା ସେଥିପ୍ରତି ଦୃଷ୍ଟି ଦେଇ ସରକାର ନୂଆ ଯୋଜନା କରିଛନ୍ତି। ଯେପରି ସାଧାରଣ ଲୋକଟିଏ ବର୍ଷା, ବାତ୍ୟା ଆସିଲେ ସୁରକ୍ଷିତ ଭାବେ ପିଲା ପରିବାର ସହିତ ରହିପାରିବ, ସେଥିପ୍ରତି ଗୋପ ବ୍ଲକ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି ବୋଲି ମଙ୍ଗଳବାର ଗୋପ ବ୍ଲକ ବୈଠକ ଗୃହରେ ଆୟୋଜିତ ସମୀକ୍ଷା ବୈଠକରେ ପୁରୀ ସଦର ବିଧାୟକ ଜୟନ୍ତ ଷଡ଼ଙ୍ଗୀ ଯୋଗଦେଇ କହିଥିଲେ। ଏହି ବୈଠକରେ ଭାଜପା ନେତା ବାଦଲ କୁମାର ବେହେରା, ଗୋପ ବ୍ଲକ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ, ୧୧ ନମ୍ବର ଜିଲା ପରିଷଦ ସଭ୍ୟ ପ୍ରମୋଦ କୁମାର ରାୟଙ୍କ ସମେତ ପୁରୀ ସଦର ନିର୍ବାଚନମଣ୍ଡଳୀର ଇତିଭୂଆଁ, ଗଡଭିଙ୍ଗୁରା ଓ ଛଇତନା ପଞ୍ଚାୟତର ଦଳିୟ ନେତୃତ୍ୱମାନେ ଉପସ୍ଥିତ ଥିଲେ। ଗୋପ ବ୍ଲକଟି ୩ଟି ନିର୍ବାଚନମଣ୍ଡଳୀ ମଧ୍ୟରେ ଥିବାବେଳେ ଏହି ତିନି ପଞ୍ଚାୟତ ପୁରୀ ସଦର ନିର୍ବାଚନ ମଣ୍ଡଳୀ ମଧ୍ୟରେ ରହିଛି। ପ୍ରକାଶ ଯେ, ଗୋପ ବ୍ଲକର ଏହି ତିନି ପଞ୍ଚାୟତକୁ ଆସୁଥିବା ସରକାରୀ ଯୋଜନା କିପରି ଚାଲୁଛି। କେଉଁ କେଉଁ ଯୋଜନାରେ କେତେ ଟଙ୍କା ଖର୍ଚ୍ଚ ହୋଇଛି। କେଉଁ ଯୋଜନାରେ ଆଉ କେତେ ଅର୍ଥ ରହିଛି, ସେ ସମ୍ପର୍କରେ ବିଧାୟକ ଷଡ଼ଙ୍ଗୀ ତଥ୍ୟ ପଚାରି ବୁଝିଥିଲେ। ବିଡିଓ ଦୀପ୍ତିରାଣୀ ଦାସ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଅଶୋକ କୁମାର ପୃଷ୍ଟି, ବ୍ଲକ ସହକାରୀ ଯନ୍ତ୍ରୀ ଲିପି ମହାପାତ୍ର ପ୍ରମୁଖ ସମସ୍ତ ସରକାରୀ ଯୋଜନା ଉପରେ ତଥ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ପରେ ବିଧାୟକ ଷଡ଼ଙ୍ଗୀ ଜଳସମ୍ପଦ, ମହିଳା ସଶକ୍ତୀକରଣ, ପିଇବା ପାଣି, ଯୋଗାଣ ସହିତ ଆଉ କେତେକ ବିଭାଗ ଉପରେ ତଥ୍ୟ ସମ୍ପର୍କରେ ବୁଝିଥିଲେ। ମାତ୍ର ସମସ୍ତ କାର୍ଯ୍ୟ ଠିକ୍ ଭାବରେ ଚାଲିଥିବା ଜଣାପଡିଥିଲା। ଏହି କାର୍ଯ୍ୟକ୍ରମରେ ଗୋପ ଜଳ ସମ୍ପଦ ବିଭାଗର ନିର୍ବାହୀ ଯନ୍ତ୍ରୀ ସଂଗ୍ରାମ କିଶୋର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।




ବୈଠକରେ ପୁରୀ ସଦର ବିଧାୟକ ଜୟନ୍ତ ଷଡ଼ଙ୍ଗୀ ଏବଂ ଅନ୍ୟମାନେ ।

# ରୂପଦେଈପୁର ନାଗାଯାତ୍ରା ଉଦ୍‌ଯାପିତ

■ ପାରମ୍ପରିକ ବାଦ୍ୟ, ନୃତ୍ୟରେ ନାଗାଙ୍କ ସହ ନାଚିଲେ ଗ୍ରାମବାସୀ

■ ଚଳିତଥର ୧୫ଫୁଟର ନାଗା ଅନ୍ୟ ବର୍ଷଠାରୁ ବଡ଼



ପିପିଲି,୬।୬(ଡି.ଏନ୍.ଏ.)

ପିପିଲି ବ୍ଲକ ଅନ୍ତର୍ଗତ ରୂପଦେଈପୁର ଗ୍ରାମରେ ୨ଦିନିଆ ଚାଲିଥିବା ପ୍ରସିଦ୍ଧ ନାଗାଯାତ୍ରା ମହାଆଡ଼ମ୍ବରର ସହ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଗ୍ରାମର ପାରମ୍ପରିକ ବାଦ୍ୟ ତଥା ମହୁରୀ ବୀର ବାଦ୍ୟର ତାଳେ ତାଳେ ନାଗାଙ୍କ ସହ ଗ୍ରାମବାସୀ ମଧ୍ୟ ନାଚି ଉଠିଥିଲେ। ଏ ବର୍ଷ ୨୦ଟି ନାଗା ଯାତ୍ରାରେ ଭାଗ ନେଇ ନିଜ ନିଜର କଳା କୌଶଳ ପ୍ରଦର୍ଶନ କରିବା ସହ ନୃତ୍ୟ ପରିବେଷଣ କରିଥିଲେ। ନାଗା ଇଜିଲାସରେ ଚଳିତବର୍ଷ ନାଗାର ଉଚ୍ଚତା ଅନ୍ୟ ବର୍ଷଠାରୁ ଅଧିକ ହୋଇଥିଲା। ପ୍ରାୟ ୧୫ଫୁଟର ନାଗା ଉଚ୍ଚତା ହୋଇଥିବା ବେଳେ ସେମାନଙ୍କ ନୃତ୍ୟ ଦର୍ଶକମାନଙ୍କୁ ଉତ୍ସାହିତ କରିଥିଲା। ପରମ୍ପରା ଅନୁଯାୟୀ, ଦେବ ସ୍ନାନ ପୂର୍ଣ୍ଣିମା ପର ଦୁଇଦିନ ଏହି ପ୍ରସିଦ୍ଧ ନାଗା ନୃତ୍ୟ ପରିବେଷଣ କରାଯାଇଥାଏ। ଏଥିପାଇଁ ଗ୍ରାମର ଅନେକ ସ୍ଥାନକୁ ବିଭିନ୍ନ ଆଲୋକମାଳାରେ ସଜାଯାଇଥିବା ବେଳେ ନାଗା ନୃତ୍ୟ କଳାକାରମାନଙ୍କୁ ଅଞ୍ଚଳବାସୀଙ୍କ ପକ୍ଷରୁ ସ୍ୱାଗତ କରାଯାଇଥିଲା। ନାଗା ନୃତ୍ୟ ସହ ରାବଣ, ମହୀରାବଣ, ପୁତନା, ପର୍ଶୁରାମ, ଏକସ୍ତନୀ, ଦୁର୍ଗା ମା', କାଳୀକା, ଛିନ୍ନମସ୍ତା କାଳୀ, ବଜରଙ୍ଗବାଲୀ ପରି ଅନେକ ପୋଷାକ ଓ ଟାଟ ପିନ୍ଧି ଗାଁର ବୀର ଯୁବକମାନେ ନାଗା ନୃତ୍ୟ ସହ ବିଭିନ୍ନ କଳା ପ୍ରଦର୍ଶନ କରିଥିଲେ।

ନାଗାଧାରୀଙ୍କ କଥା ଅନୁସାରେ ନାଗା ହାଣ୍ଡିଆର ଓଜନ ପ୍ରାୟତଃ ୧୦୦ରୁ ୧୩୦ କିଲୋ ହୋଇଥାଏ। ଉଚ୍ଚତା ୧୦ରୁ ୧୫ଫୁଟ ମଧ୍ୟରେ ହୋଇଥିବା ବେଳେ ଓସାର ୬ରୁ ୧୦ଫୁଟ ହୋଇଥାଏ। ବାଘଛାଲ, ଏରାପକ୍ଷୀ ପର ନଖ, ଗାଲ ମଛା, ପର, ଚୂଳ, ହତା, କିରଟୀ, ମୁକୁଟ, ମୟୂର, ଦର୍ପଣ ସହିତ କେଶ ଲଗାଯାଇ ନାଗା ପ୍ରସ୍ତୁତ କରାଯାଇଥାଏ। କିନ୍ତୁ ନାଗାର ଆକର୍ଷଣ ରୁପାର ତାରକାସୀ କାମ ରହିଥାଏ। ଗୋଟିଏ ବଡ଼ ନାଗାରେ ୧୨୦କିଲୋ ରୁପା ଥିବାବେଳେ ଗୋଟିଏ ଛୋଟ ନାଗାରେ ସର୍ବନିମ୍ନ ୪୦କିଲୋ ରୁପା ଲଗାଯାଇଥାଏ। ମଙ୍ଗଳବାର ନାଗା ଯାତ୍ରାର ଶେଷ ସନ୍ଧ୍ୟା ହୋଇଥିବାବେଳେ ହଳଦୀ ପାଣିରେ ନାଗା ନୃତ୍ୟ ହୋଇଥିବାରୁ ଶ୍ରୀମନ୍ଦିର ତରଫରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ନୃତ୍ୟ ସ୍ଥାନଟିକି ପୂରା ବ୍ୟାରିକେଡରେ ଆବଦ୍ଧ କରାଯାଇଥିଲା। ଭିଡ଼କୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ମଧ୍ୟ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଶୃଙ୍ଖଳିତ ଭାବେ ଚଳିତବର୍ଷ ନାଗାନୃତ୍ୟ ସଫଳ ହୋଇଥିବାରୁ ଶ୍ରୀମନ୍ଦିର ତରଫରୁ ମୁଖପାତ୍ର ଆଇନଜୀବୀ ସତ୍ୟ ପ୍ରକାଶ ମିଶ୍ର ଗ୍ରାମବାସୀ, ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଦେଇଥିଲେ। ଉଦ୍‌ଯାପନୀ ଦିବସରେ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ନାଗାଧାରୀମାନଙ୍କୁ ପାଟ ଓ ଶାଢ଼ି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଶ୍ରୀ ଜୟଦେବ ରାଷ୍ଟ୍ରୀୟ ସମାରୋହ, ଭଞ୍ଜକଳା ମଣ୍ଡପ, ପୂର୍ବାହ୍ନ ୧୦ଟା।
- ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟରିଂ ସେବାସଂଘ ପକ୍ଷରୁ ପ୍ରତିବାଦ ସଭା, ଲୋୟର ପିଏମ୍‌ଜି, ପୂର୍ବାହ୍ନ ୧୧ଟା।

ବାଲିଅନ୍ତା

- ମା' ଦୁର୍ଗାଙ୍କ ନବନିର୍ମିତ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ଉତ୍ସବର ଜଳଯାତ୍ରା ଓ ଅଗ୍ନିସ୍ଥାପନ, ଡାମରା, ସକାଳ ୮ଟା।

# ମଦ୍ରାସାରେ ଯୌନ ନିର୍ଯାତନା ଅଭିଯୋଗ

## ୨ ନାବାଳିକାଙ୍କୁ ଉଦ୍ଧାରକଲା ଚାଇଲ୍ଡଲାଇନ୍

ଭୁବନେଶ୍ୱର,୬।୬(ବ୍ୟୁରୋ)

କଟକ ନିଆଳି ଅଞ୍ଚଳରେ ଥିବା ଏକ ମଦ୍ରାସାରେ ଜଣେ ଶିକ୍ଷକ ଯୌନ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି। ଏହା ଅସହ୍ୟ ହେବାରୁ ସେଠାରେ ପଢୁଥିବା ଦୁଇ ନାବାଳିକା କୌଶଳକ୍ରମେ ଖସି ଆସିଥିଲେ। ଭୁବନେଶ୍ୱର ଚାଇଲ୍ଡ ଲାଇନ୍ ମଙ୍ଗଳବାର ସେମାନଙ୍କୁ ଉଦ୍ଧାର କରିବା ପରେ ଏହି ସ୍ପର୍ଶକାତର ଘଟଣା ପଦାକୁ ଆସିଛି। ଉଦ୍ଧାର ହୋଇଥିବା ୨ ନାବାଳିକାଙ୍କ ମଧ୍ୟରୁ ଜଣଙ୍କ ବୟସ ୧୩ ଓ ଅନ୍ୟ ଜଣଙ୍କ ବୟସ ୧୦ ହେବ। ଜଣେ ବିହାର ଭାଗଲପୁର ଅଞ୍ଚଳର ହୋଇଥିବାବେଳେ ଅନ୍ୟଜଣେ ଝାଡ଼ଖଣ୍ଡ ଗୋଡ୍ଡା ଅଞ୍ଚଳର ବୋଲି ଜଣାପଡ଼ିଛି। ପଚରାଉଚରା ପରେ ସେମାନଙ୍କୁ ଖୋର୍ଦ୍ଧା ସିଡବ୍ଲ୍ୟୁସିରେ ହାଜର କରାଯାଇଥିଲା। ପରେ ଖୋର୍ଦ୍ଧାସ୍ଥିତ ଏକ ଓପନ୍ ସେଲ୍ଟରରେ ରଖାଯାଇଛି। ବୁଧବାର ଏନେଇ ନିଆଳି ଥାନାରେ ସିଡବ୍ଲ୍ୟୁସି ପକ୍ଷରୁ ଏତଲା ଦିଆଯିବ ବୋଲି ସୂଚନା ମିଳିଛି। ଏପରିକି ମଦ୍ରାସାରେ ଥିବା ଅନ୍ୟ ପିଲାମାନେ ମଧ୍ୟ ସମ୍ପୃକ୍ତ ଶିକ୍ଷକଙ୍କ ଦ୍ୱାରା ନିର୍ଯାତିତ ହେଉଥିବା କୁହାଯାଉଛି। ତେବେ ଏହି ଘଟଣାକୁ ନେଇ ପୋଲିସ ଓ ଚାଇଲ୍ଡଲାଇନ୍ ପକ୍ଷରୁ ଅଧିକ ଖୋଳତାଡ଼ ଚାଲିଥିଲେ ମଧ୍ୟ ତଦନ୍ତରେ ବାଧା କାରଣରୁ ଅଧିକ ତଥ୍ୟ ମିଳିପାରି ନାହିଁ। ସୂଚନାଯୋଗ୍ୟ, କଟକ ଜିଲାର ଅନ୍ୟଏକ ମଦ୍ରାସାରେ ମଧ୍ୟ ନିର୍ଯାତନା ଦିଆଯାଉଥିବା କିଛିଦିନ ତଳେ ଅଭିଯୋଗ ହୋଇଥିଲା। ସେଠାରୁ ଖସି ଆସିଥିବା ୪ଜଣ ନାବାଳିକା ନିଶ୍ଚିନ୍ତକୋଇଲି ବଜାରରେ ବୁଲୁଥିବାବେଳେ ସ୍ଥାନୀୟ ଲୋକେ ଧରି ପୋଲିସ ଜିମା ଦେଇଥିଲେ।

## ପ୍ଲଟ ଦେବା ନାଁରେ ୧୪ ଲକ୍ଷ ଠକେଇ, ବୃଦ୍ଧ ଗିରଫ

ଭୁବନେଶ୍ୱର,୬।୬(ବ୍ୟୁରୋ): ରାଜଧାନୀରେ ପ୍ଲଟ ଦେବାର ପ୍ରତିଶ୍ରୁତି ଦେଇ ଜଣେ ବ୍ୟକ୍ତିଙ୍କୁ ୧୪ ଲକ୍ଷ ଟଙ୍କା ଠକିବା ଅଭିଯୋଗରେ ଏୟାରପୋର୍ଟ ଥାନା ପୋଲିସ ଜଣେ ବୃଦ୍ଧଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ସ୍ଥାନୀୟ ଥାନା ଅଞ୍ଚଳର ପୀତାମ୍ବର ପରିଡା (୬୮)। ଜାମିନ ନ ମିଳିବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ ବିଶ୍ୱନାଥ ଦାସ ସହରର ଆଖପାଖ ଅଞ୍ଚଳରେ ପ୍ଲଟ କିଣିବା ଲାଗି ବିଭିନ୍ନ ଲୋକଙ୍କ ସହିତ ଯୋଗଯୋଗ କରୁଥିବା ସମୟରେ ଅଭିଯୁକ୍ତଙ୍କ ସଂସ୍ପର୍ଶରେ ଆସିଥିଲେ। ଅଭିଯୁକ୍ତ ଜଣକ ତାଙ୍କୁ ନିଜର ଏକ ପ୍ଲଟ ଯୋଗାଇ ଦେବାର ପ୍ରତିଶ୍ରୁତି ଦେଇ ତାଙ୍କ ନିକଟରୁ ୩ଟି କିସ୍ତିରେ ମୋଟ ୧୪ ଲକ୍ଷ ନେଇଥିଲେ। କିନ୍ତୁ ଦିନ ଗଡ଼ାଇଥିଲେ ମଧ୍ୟ ପ୍ଲଟ ଦେଇ ନଥିଲେ। ଫଳରେ ବିଶ୍ୱନାଥ ଟଙ୍କା ମାଗିବାରୁ ଅଭିଯୁକ୍ତ ଆଉ ଧରାଛୁଆଁ ନ ଦେବା ସହ ଟଙ୍କା ଫେରାଇ ନ ଥିଲେ। ପରେ ଭୀମଟାଙ୍ଗୀ ଅଞ୍ଚଳର କିଛି ବରିଷ୍ଠ ନାଗରିକମାନଙ୍କ ସହଯୋଗରେ ବିଶ୍ୱନାଥ ଏବଂ ଅଭିଯୁକ୍ତଙ୍କ ମଧ୍ୟରେ ଏକ ଚୁକ୍ତିନାମା ସ୍ୱାକ୍ଷର ହୋଇଥିଲା। ଫଳରେ ଚୁକ୍ତିନାମା ଅନୁଯାୟୀ ଅଭିଯୁକ୍ତ ତାଙ୍କୁ ଗତ ଏପ୍ରିଲ ମାସ ମଧ୍ୟରେ ଟଙ୍କା ଫେରସ୍ତ ଦେବାର ଥିଲା। ହେଲେ ସମୟ ହୋଇଯାଇଥିଲେ ସୁଦ୍ଧା ଟଙ୍କା ସେ ଫେରାଇ ନଥିଲେ। ଅଭିଯୋଗକାରୀ ଟଙ୍କା ଫେରାଇବା ଲାଗି କହିବାରୁ ଅଭିଯୁକ୍ତ ଜଣକ ତାଙ୍କୁ ନାନାପ୍ରକାର ଧମକ ଦେଇଥିଲେ। ଏ ନେଇ ଅଭିଯୋଗ ପରେ ଏୟାରପୋର୍ଟ ଥାନାରେ ଅଭିଯୋଗ ହେବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରିବା ସହିତ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।



ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଉଇ ଫର୍ ଭୁବନେଶ୍ୱର ପକ୍ଷରୁ ପଦ୍ମଶ୍ରୀ ବିନୋଦ କାନୁନ୍‌ଗୋଙ୍କ ୧୧୦ତମ ରାଜ୍ୟସ୍ତରୀୟ ଜୟନ୍ତୀ ଅବସରରେ ରାଜ୍ୟ ଅଭିଲେଖାଗାର ପରିସରସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

# ଓଡ଼ିଆକୁ ଜ୍ଞାନର ଭାଷାରେ ପରିଣତ କରିଥିଲେ ବିନୋଦ

## ବିନୋଦ କାନୁନ୍‌ଗୋଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

ଭୁବନେଶ୍ୱର,୬।୬(ବ୍ୟୁରୋ)

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଜ୍ଞାନତପସ୍ୱୀ ପଦ୍ମଶ୍ରୀ ବିନୋଦ କାନୁନ୍‌ଗୋଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ମଙ୍ଗଳବାର ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଭାଷାବିତ୍ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ, ସମ୍ମାନିତ ଅତିଥି ବରିଷ୍ଠ ସାମ୍ବାଦିକ ଗୁରୁ କଲ୍ୟାଣ ମହାପାତ୍ର ଓ ଏକାଡେମୀ ସଦସ୍ୟ ଡ. ବିବେକାନନ୍ଦ ପାଣିଗ୍ରାହୀ ଏବଂ ମୁଖ୍ୟ ବକ୍ତା ଭାବେ ଡ. ରମେଶ ଚନ୍ଦ୍ର ମଲ୍ଲିକ ଯୋଗଦେଇଥିଲେ। ଉପସ୍ଥିତ ଅତିଥିମାନେ କାନୁନ୍‌ଗୋଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋଚନା କରି ସେ ଓଡ଼ିଆ ଭାଷାକୁ ଜ୍ଞାନର ଭାଷାରେ ପରିଣତ କରିଥିବା ନେଇ ମତବ୍ୟକ୍ତ କରିଥିଲେ। ଏକାଡେମୀର ସଭାପତି ଡ. ହୃଷୀକେଶ ମଲ୍ଲିକ ଉତ୍ସବରେ ପୌରୋହିତ୍ୟ କରି କହିଥିଲେ, ବିନୋଦ କାନୁନ୍‌ଗୋ ଜ୍ଞାନ ଓ ବିନୟର ମୂର୍ତ୍ତିମନ୍ତ ଅବତାର। ତାଙ୍କ ବିବେଚନାରେ ଯେଉଁ ଭାଷା ଜ୍ଞାନର ଭାଷା ହେବାକୁ ଅସମର୍ଥ, ସେ ଭାଷା ଆଦୌ ଭାଷା ପଦବାଚ୍ୟ ନୁହେଁ। ଏକାଡେମୀ ସଚିବ ପ୍ରବୋଧ ରାଉତ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉପସଭାପତି ଡ. ସଂଗ୍ରାମ ଜେନା ସମାପନୀ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଉପବିଭାଗ ଅଧିକାରୀ ସଞ୍ଜୟ କୁମାର ଛୁଆଲସିଂହ ଧନ୍ୟବାଦ ଦେଇଥିଲେ।

## ମାନସ, ଭାଗବତ ପାଇବେ କବି ନନ୍ଦକିଶୋର ସାମଲ ସ୍ମୃତି ସମ୍ମାନ

କଟକ ଅଫିସ, ୬।୬

ଶିଶୁ ସାହିତ୍ୟିକ ମାନସ ରଞ୍ଜନ ସାମଲ ଓ ଆଦର୍ଶ ଶିକ୍ଷକ ଭାଗବତ ପ୍ରଧାନ ଜୀବନବ୍ୟାପୀ ସାଧନା ପାଇଁ କବି ନନ୍ଦକିଶୋର ସାମଲ ସ୍ମୃତି ସମ୍ମାନ ପାଇବାକୁ ମନୋନୀତ ହୋଇଛନ୍ତି। ବିଶିଷ୍ଟ ଶିଶୁ ସାହିତ୍ୟିକ, ଆଦର୍ଶ ଶିକ୍ଷକ ଓ କବି ନନ୍ଦକିଶୋର ସାମଲଙ୍କ ଜୟନ୍ତୀ ଆସନ୍ତା ୧୨ରେ କଟକ ଶ୍ରୀରାମଚନ୍ଦ୍ର ଭବନରେ ପାଳିତ ହେବ। ଉକ୍ତ ଉତ୍ସବରେ ନନ୍ଦକିଶୋର ସାମଲ ସ୍ମୃତି ନ୍ୟାସ ପକ୍ଷରୁ ଉଭୟ ସାମଲ ଓ ପ୍ରଧାନଙ୍କୁ କବି ନନ୍ଦକିଶୋର ସାମଲ ସ୍ମୃତି ସମ୍ମାନ ପ୍ରଦାନ କରାଯିବ ବୋଲି ଅନୁଷ୍ଠାନର ସମ୍ପାଦକ ଡ. ସୁନାମଣି ରାଉତ ମଙ୍ଗଳବାର ଏକ ପ୍ରେସ୍ ବିବୃତିରେ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଶିଶୁ ସାହିତ୍ୟିକ ସାମଲ ଦୀର୍ଘବର୍ଷ ଧରି ଶିଶୁ ସାହିତ୍ୟ ରଚନା, ଝୁମୁକା ପତ୍ରିକା ସମ୍ପାଦନା ସହିତ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ଓ ଜାତୀୟ ସ୍ତରରେ ପୁରସ୍କୃତ ହୋଇଛନ୍ତି। ସେହିପରି ଶିକ୍ଷକ ପ୍ରଧାନ ୩୬ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଶିକ୍ଷକ ଓ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟକରି ଖାନ୍‌ନଗର ହାଇସ୍କୁଲରୁ ଅବସର ଗ୍ରହଣ କରିଛନ୍ତି। ଏସ୍‌ସିଇଆର୍‌ଟି ପକ୍ଷରୁ ଉତ୍କଳ ଜ୍ୟୋତି ଏବଂ ବିଭିନ୍ନ ଅନୁଷ୍ଠାନରୁ ଗୁରୁ ସମ୍ମାନ ଓ ସମ୍ବର୍ଦ୍ଧନା ଲାଭ କରିଛନ୍ତି।

# ପୁରୀରେ ପହଞ୍ଚିଲା ରଥ ଦଉଡ଼ି

## ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ସୁରକ୍ଷିତ ଭାବେ ରଖାଗଲା



ରାଜ୍ୟ ସମବାୟ କତା ନିଗମ ପକ୍ଷରୁ ଆସିଥିବା ରଥ ଦଉଡ଼ି।

ପୁରୀ ଅଫିସ, ୬।୬

ଚଳିତ ମାସ ୨୦ ତାରିଖରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି। ମହାପ୍ରଭୁ ଶ୍ରୀଜଗନ୍ନାଥ ଭାଇ ବଳଭଦ୍ର ଓ ଭଉଣୀ ଦେବୀ ସୁଭଦ୍ରାଙ୍କୁ ସାଙ୍ଗରେ ନେଇ ରଥାରୂଢ ହୋଇ ଶ୍ରୀମନ୍ଦିର ରତ୍ନବେଦିରୁ ଜନ୍ମବେଦି ଶ୍ରୀଗୁଣ୍ଡିଚା ମନ୍ଦିରକୁ ନବଦିନାତ୍ମକ ଯାତ୍ରା କରିବେ। ନବଦିନାତ୍ମକ ଯାତ୍ରା ସାରି ପୁଣି ଶ୍ରୀମନ୍ଦିରକୁ ବାହୁଡ଼ିବେ। ଚଳିତବର୍ଷର ରଥଯାତ୍ରା ପାଇଁ ମଙ୍ଗଳବାର ରଥ ଦଉଡ଼ି ଆସି ପୁରୀରେ ପହଞ୍ଚିଛି। ଅପରାହ୍ନରେ ଏକ ଟ୍ରକ୍ ଯୋଗେ ରଥ ଦଉଡ଼ି ଆସି ଶ୍ରୀମନ୍ଦିର କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲା। ଉକ୍ତ ଦଉଡ଼ିଗୁଡିକୁ ଶ୍ରୀମନ୍ଦିର ପ୍ରଶାସନକୁ ହସ୍ତାନ୍ତର କରାଯାଇଛି। ପୁରୀ ଜିଲା ବୀରପ୍ରତାପପୁରସ୍ଥିତ ରାଜ୍ୟ ସମବାୟ କତା ନିଗମ ପକ୍ଷରୁ ଏହି ରଥ ଦଉଡ଼ି ପ୍ରସ୍ତୁତ କରାଯାଇଛି। ପବିତ୍ର ଅକ୍ଷୟ ତୃତୀୟାଠାରୁ ରଥ ଦଉଡ଼ି ପ୍ରସ୍ତୁତି ଆରମ୍ଭ ହୋଇଥିଲା। ତିନି ରଥ ପାଇଁ ମୋଟ ୨୬ଟି ଦଉଡ଼ି ଆସିଛି। ତନ୍ମଧ୍ୟରେ ୧୪ଟି ରଥ ଦଉଡ଼ି ଥିବାବେଳେ ୧୨ଟି ଘେର ଦଉଡ଼ି ରହିଛି। ଆସିଥିବା ରଥ ଦଉଡ଼ିଗୁଡ଼ିକର ଲମ୍ବ ୨୨୦ ଫୁଟ ବା ୬୬ ମିଟର ହୋଇଥିବାବେଳେ ଗୋଲେଇ ୮ ଇଞ୍ଚ ରହିଛି। ସେହିପରି ୧୨ଟି ଘେର ଦଉଡ଼ି ମଧ୍ୟରୁ ୨୭୦ ଫୁଟ ଲମ୍ବର ୩ଟି ଇନର କର୍ଡନ ଦଉଡ଼ି ରହିଛି, ଯାହାର ଗୋଲେଇ ୪ ଇଞ୍ଚ। ୪୫୦ ଫୁଟ ଲମ୍ବର ୩ଟି ପୋଲିସ କର୍ଡନ ଦଉଡ଼ି ରହିଛି, ଯାହାର ଗୋଲେଇ ୪ ଇଞ୍ଚ। ୩୭୫ ଫୁଟ ଲମ୍ବର ୩ଟି ଆଉଟ୍‌ର କର୍ଡନ ଦଉଡ଼ି ରହିଛି, ଯାହାର ଗୋଲେଇ ୪ ଇଞ୍ଚ। ୧୦୦ ମିଟର ଲମ୍ବର ୩ଟି ଜେନେରାଲ କର୍ଡନ ଦଉଡ଼ି ଆସି ପୁରୀରେ ପହଞ୍ଚିଛି। ତେବେ ସମସ୍ତ ରଥ ଦଉଡ଼ିକୁ ସୁରକ୍ଷିତ ଭାବେ ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ରଖାଯାଇଛି।

# ତିନି ରଥର କନା କାର୍ଯ୍ୟ ଅନୁକୂଳ

ପୁରୀ ଅଫିସ, ୬।୬

ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରାକୁ ଆଉ କିଛିଦିନ ବାକିଥିବାବେଳେ ଶ୍ରୀନଅରସ୍ଥ ଅସ୍ଥାୟୀ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ଅନ୍ୟପକ୍ଷରେ ମଙ୍ଗଳବାର ତିନି ରଥ ପାଇଁ ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ରଥକନା କାର୍ଯ୍ୟ ଅନୁକୂଳ ହୋଇଛି। ଶ୍ରୀମନ୍ଦିର ଦରଜି ସେବକ ତଥା ଦରଜି ସର୍ଦ୍ଦାର ପ୍ରକାଶ ମହାପାତ୍ର ରୀତିନୀତି ଅନୁଯାୟୀ ପ୍ରଥମେ ଧୂପ, ଦୀପ, ମାହାର୍ଦ୍ଧ ଦେଇ ଓ ଶ୍ରୀଫଳ ଭାଙ୍ଗି କନା କାଟି କାର୍ଯ୍ୟର ଶୁଭ ଅନୁକୂଳ କରିଥିଲେ। ତିନିରଥରେ ମୋଟ ୧୨୫୦ ମିଟର କନା ବ୍ୟବହୃତ ହୋଇଥାଏ। ତନ୍ମଧ୍ୟରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ପାଇଁ ନାଲି ଓ ହଳଦିଆ ରଙ୍ଗର ୪୨୫ ମିଟର କନା ଆବଶ୍ୟକ ହୋଇଥାଏ। ମା' ସୁଭଦ୍ରାଙ୍କ ଦେବଦଳନ ରଥ ନିମନ୍ତେ ୪୦୦ ମିଟର ନାଲି ଓ କଳାରଙ୍ଗର କନା ଆବଶ୍ୟକ ପଡ଼ିଥାଏ। ବଡ଼ ଠାକୁର ପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ ରଥ ପାଇଁ ୪୨୫ ମିଟର ନାଲି ଓ ସବୁଜ ରଙ୍ଗର କନା ଆବଶ୍ୟକ ହୋଇଥାଏ। ଦରଜି ସର୍ଦ୍ଦାର ଅନୁକୂଳ ପୂଜା ସାରି ତିନି ରଥର ବତା ଓ ବିଳାସ ପଟି ପାଇଁ କନା କାଟିଛନ୍ତି। ରଥ କନାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ସେଥିରେ ବିଭିନ୍ନ ପ୍ରକାର ଲେସ୍ ଓ ଚୁମ୍‌କି ବ୍ୟବହାର କରାଯାଇଥାଏ। ସ୍ନାନପୂର୍ଣ୍ଣିମା ପରେ ରଥର କନା କାର୍ଯ୍ୟ ଆରମ୍ଭ ହୋଇଥାଏ ଏବଂ ରଥ ପୂର୍ବ ଦିନ ନିର୍ମାଣ କାମ ସରିଥାଏ। ଦରଜି ସର୍ଦ୍ଦାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରଥ କନା କାର୍ଯ୍ୟ ଆଗେଇ ଚାଲିଛି। ରଥଯାତ୍ରା ପୂର୍ବ ଦିନ ରଥରେ କନା ଲାଗିବ।



ଦରଜି ସର୍ଦ୍ଦାର ପ୍ରକାଶ ମହାପାତ୍ରଙ୍କ ଦ୍ୱାରା କନା କଟାଯାଇ କାର୍ଯ୍ୟ ଅନୁକୂଳ କରାଯାଉଛି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ମୋନାଲିସା



@ ପାର୍ଥ



@ ଭବାନୀ



@ ଲକ୍ଷ୍ମୀଧର



@ ସୌମ୍ୟରଞ୍ଜନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।



ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ମଙ୍ଗଳବାର ଅନୁଷ୍ଠିତ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ସାଂସ୍କୃତିକ ପରିଷଦର ବାର୍ଷିକ ଉତ୍ସବରେ ପରିବେଷିତ ନାଟକ 'ଚା କପ୍‌ରେ ଝଡ଼'ର ଏକ ଦୃଶ୍ୟ।




ପୁରୁଣା ଭୁବନେଶ୍ୱରସ୍ଥିତ କେଦାରନାଥ ଗବେଷଣା ପ୍ରତିଷ୍ଠାନରେ ମଙ୍ଗଳବାର ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱଙ୍କ ସହ ଅତିଥିମାନେ।

# ବାସ୍ତବ ରୂପ ନେଉଛି ସ୍ୱପ୍ନର ପ୍ରକଳ୍ପ

ବଲାଙ୍ଗୀର ଅଫିସ, ୬।୬

ବଲାଙ୍ଗୀର ଜିଲାବାସୀଙ୍କ ଦୀର୍ଘ ଦଶନ୍ଧିର ସ୍ୱପ୍ନର ପ୍ରକଳ୍ପ ଲୋୟର ସୁକ୍‌ତେଲ ଡ୍ୟାମ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏବେ ବାସ୍ତବ ରୂପ ନେଉଛି ଏହି ବହୁପ୍ରତୀକ୍ଷିତ ଜଳସେଚନ ପ୍ରକଳ୍ପ। ଡ୍ୟାମର ସ୍ପିଲୱେ ଏବଂ ମାଟିବନ୍ଧ କାମ ସମ୍ପୂର୍ଣ୍ଣ ହେବା ଉପରେ ରହିଛି। ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି ସ୍ପିଲୱେ ଓ ମାଟିବନ୍ଧ ମଧ୍ୟସ୍ଥ ଗ୍ୟାପ୍ ଫିଲିଂ କାମ।

ମିଳିଥିବା ସୂଚନା ଅନୁଯାୟୀ ଚଳିତ ଜୁନ୍ ଶେଷସୁଦ୍ଧା ଏହି କାମ ସମ୍ପୂର୍ଣ୍ଣ ହୋଇଯିବ। ଏହା ପରେ ଚଳିତବର୍ଷର ବର୍ଷାପାଣିକୁ ସୁକ୍‌ତେଲ ଜଳଭଣ୍ଡାରରେ ସଂରକ୍ଷିତ ରଖାଯିବା ଯୋଜନା ସରିଛି। ଏବେ ଡ୍ୟାମ କାମ ସହ ସମାନ୍ତରାଳ ଭାବେ ଚାଲିଛି ଜଳସେଚନ ପ୍ରକଳ୍ପ କାମ। ଓଡ଼ିଶାର ପ୍ରଥମ ପ୍ରକଳ୍ପ ଭାବେ ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପରେ ଖୋଲା କେନାଲ ପରିବର୍ତ୍ତେ ଚାପଯୁକ୍ତ ବିଦ୍ୟୁତ୍ ସଞ୍ଚାଳିତ ଭୂତଳ ପାଇପ୍ (ୟୁଜିପିଏଲ) ପ୍ରଣାଳୀରେ ଜଳସେଚନ କରାଯିବ। ଏହାଦ୍ୱାରା ଅଧିକ ଜମିକୁ ଜଳସେଚିତ କରାଯାଇପାରିବ। ସୁକ୍‌ତେଲ ଡ୍ୟାମ୍‌ର ମୂଳ ପ୍ରକଳ୍ପରେ ଜଳସେଚନ ପାଇଁ ଖୋଲା କେନାଲ ନିର୍ମାଣ ବ୍ୟବସ୍ଥା ରହିଥିଲା। ଏହାଦ୍ୱାରା ବଲାଙ୍ଗୀର ଜିଲାର ଲୋଇସିଂହା, ବଲାଙ୍ଗୀର, ପୁଇଁତଲା ବ୍ଲକ୍ ସମେତ ପଡୋଶୀ ସୁବର୍ଣ୍ଣପୁର ଜିଲାର ତରଭା ବ୍ଲକ୍‌ର ପ୍ରାୟ ୩୧ ହଜାର ହେକ୍ଟର ଚାଷଜମିରେ ପାଣି ମାଡିବ ବୋଲି ଆକଳନ କରାଯାଇଥିଲା। ତେବେ ଏହି ପ୍ରକଳ୍ପରେ ଖୋଲା କେନାଲ ପରିବର୍ତ୍ତେ ୟୁଜିପିଏଲ ପ୍ରଣାଳୀରେ ଜଳସେଚନ ବ୍ୟବସ୍ଥା କରାଯିବା ପରେ ସମ୍ଭାବ୍ୟ ଚାଷୋପଯୋଗୀ ଜଳସେଚିତ ଜମି ପରିମାଣ ୩୧ ହଜାର ହେକ୍ଟରରୁ ବୃଦ୍ଧି ପାଇ ପ୍ରାୟ ୪୦ ହଜାର ହେକ୍ଟର ଜମି ହୋଇଛି। ଏହି ପ୍ରକଳ୍ପର ବାମପାର୍ଶ୍ୱ ପାଇପ୍ ଦ୍ୱାରା ୬୫ଟି ଗାଁର ୧୩ ହଜାର ହେକ୍ଟର ଏବଂ ଡାହାଣ ପାର୍ଶ୍ୱ ପାଇପ୍ ଦ୍ୱାରା ୧୪୦ଟି ଗାଁର ୨୭ ହଜାର ହେକ୍ଟର ଚାଷଜମିକୁ ପାଣି ଯୋଗାଇ ଦିଆଯିବା ଲକ୍ଷ୍ୟ ରଖାଯାଇଛି।



ନିର୍ମାଣାଧୀନ ଲୋୟର ସୁକ୍‌ତେଲ ଡ୍ୟାମ।

**ଶେଷ ପର୍ଯ୍ୟାୟରେ ଲୋୟର ସୁକ୍‌ତେଲ ଡ୍ୟାମ୍ କାମ**

- ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି ଚାପଯୁକ୍ତ ଭୂତଳ ନଳ ପଦ୍ଧତି କାମ
- ଜଳସେଚିତ ହେବ ୪୦ ହଜାର ହେକ୍ଟର ଚାଷଜମି

ପ୍ରକଳ୍ପର ଖୁଣ୍ଟପାଲିଠାରେ ଡାହାଣ ପାର୍ଶ୍ୱ ପାଇପ୍ ପ୍ରଣାଳୀ ପମ୍ପହାଉସ କାମ ଆରମ୍ଭ ହୋଇଯାଇଛି। ଠିକ୍ ସେହିପରି ପ୍ରକଳ୍ପର ବାମପଟ ପାଇପ୍ ପ୍ରଣାଳୀ ପମ୍ପହାଉସ କାମ ରାଣୀପାଲିଠାରେ ଆରମ୍ଭ ହୋଇଛି। ବାମପଟ ପମ୍ପହାଉସ ଓ ପାଇପ୍ କାମକୁ ମେଘା କମ୍ପାନୀ କରୁଥିବା ବେଳେ ଡାହାଣପଟ ପମ୍ପହାଉସ କାମକୁ ଏଲ୍ଏଣ୍ଡଟି କମ୍ପାନୀ କରୁଛି। ଏହି ୟୁଜିପିଏଲ ସିଷ୍ଟମ ପାଇଁ ପ୍ରାୟ ୧୭ ଶହ କୋଟି ଟଙ୍କା ଖର୍ଚ୍ଚ ହେବ। ଏହାର ଟେଣ୍ଡର ସରି ଯୁଦ୍ଧକାଳୀନ ଭିତ୍ତିରେ କାମ ଚାଲିଛି। ଚଳିତବର୍ଷ ଲୋୟର ସୁକ୍‌ତେଲ ଜଳଭଣ୍ଡାରରେ ଜଳ ସଂରକ୍ଷଣ କରାଯିବାକୁ ନିଷ୍ପତ୍ତି ହୋଇଛି। ଏହି ପ୍ରକଳ୍ପ ଦ୍ୱାରା ପ୍ରାୟ ୧ ଲକ୍ଷ ଚାଷୀ ଉପକୃତ ହେବେ। ଏହା ସହିତ ଏହି ପ୍ରକଳ୍ପରୁ ବଲାଙ୍ଗୀର ଜିଲାର ବଲାଙ୍ଗୀର ସହର ଓ ବିଭିନ୍ନ ଗାଁକୁ ପାନୀୟ ଜଳଯୋଗାଣ ହୋଇପାରିବ। ପ୍ରକଳ୍ପରୁ ୮.୭୬ ମିଲିଅନ୍ କ୍ୟୁବିକ୍ ମିଟର ପାନୀୟ ଜଳ ଯୋଗାଣ କରାଯିବ। ଏହାଦ୍ୱାରା ବଲାଙ୍ଗୀରର ୮୦ ହଜାର ଲୋକଙ୍କ ପାନୀୟ ଜଳ ଆବଶ୍ୟକତା ପୂରଣ ହୋଇପାରିବ। ନିର୍ମାଣ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାରୁ ପ୍ରାୟ ପ୍ରତିଦିନ ଶତାଧିକ ଲୋକ ଉତ୍ସାହର ସହ ଡ୍ୟାମ ନିକଟକୁ ଦେଖିବା ପାଇଁ ଯାଉଛନ୍ତି। ଅନ୍ୟପଟେ ବିସ୍ଥାପିତଙ୍କ ଥଇଥାନ, କ୍ଷତିପୂରଣ ଓ ଆନୁଷଙ୍ଗିକ ଅସୁବିଧା ଓ ସମସ୍ୟା ସମାଧାନ ପାଇଁ ମଧ୍ୟ କାମ ଚାଲିଛି। ପ୍ରକଳ୍ପ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଇଂ ସୁନୀଲ ରାଉତଙ୍କୁ ପଚରାଯିବାରୁ ଲୋୟର ସୁକ୍‌ତେଲ ଡ୍ୟାମ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆନୁସଙ୍ଗିକ କାମ ସମ୍ପୂର୍ଣ୍ଣ କରିବାକୁ ଏବେ ଯୁଦ୍ଧକାଳୀନ ଭିତ୍ତିରେ କାମ ଚାଲିଛି। ଖୁବ୍‌ଶୀଘ୍ର ଏହି ପ୍ରକଳ୍ପ ଶେଷ ହେବ ବୋଲି ସେ କହିଛନ୍ତି।

### କୃଷି, ପାନୀୟ ଜଳ ସୁକ୍‌ତେଲ ପ୍ରକଳ୍ପର ପ୍ରାଥମିକତା: ଜିଲାପାଳ

ଲୋୟର ସୁକ୍‌ତେଲ ପ୍ରକଳ୍ପ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହି ପ୍ରକଳ୍ପ ଖୁବ୍ ଶୀଘ୍ର କାର୍ଯ୍ୟକାରୀ ହେବ। କୃଷି ପାଇଁ ଜଳସେଚନ ଓ ପାନୀୟ ଜଳ ଯୋଗାଣ ଲୋୟର ସୁକ୍‌ତେଲ ପ୍ରକଳ୍ପର ପ୍ରାଥମିକତା। ଏହି ପ୍ରକଳ୍ପରୁ ଶିଳ୍ପକୁ ପାଣି ଯୋଗାଣ ଏକ ଗୁଜବ ମାତ୍ର। ଏହି ପ୍ରକଳ୍ପରୁ ଶିଳ୍ପକୁ ପାଣି ଯୋଗାଣ କଥା ଡିପିଆରରେ ମଧ୍ୟ ନାହିଁ। ଏଣୁ କୌଣସି ପ୍ରକଳ୍ପ ଶିଳ୍ପକୁ ପାଣି ଯୋଗାଣ ଗୁଜବ ବିଶ୍ୱାସଯୋଗ୍ୟ ନୁହେଁ କିମ୍ବା ତଥ୍ୟ ଆଧାରିତ ନୁହେଁ ବୋଲି ଜିଲାପାଳ ଚଞ୍ଚଳ ରାଣା ମଙ୍ଗଳବାର ଗଣମାଧ୍ୟମକୁ କହିଛନ୍ତି। ଏହି ପ୍ରକଳ୍ପ ଦ୍ୱାରା ବଲାଙ୍ଗୀର ଓ ସୁବର୍ଣ୍ଣପୁର ଜିଲାର ୨୦୫ଟି ଗାଁର ୪୦ ହଜାର ହେକ୍ଟର ଜମିରେ ପାଣି ମାଡିବ ଏବଂ ପ୍ରାୟ ୮୦ ହଜାର ଲୋକଙ୍କୁ ପାନୀୟ ଜଳ ଯୋଗାଇ ଦିଆଯିବ ବୋଲି ସେ ସୂଚନା ଦେଇଥିଲେ।

# ହୀରାକୁଦ ଜଳଭଣ୍ଡାରରୁ ହେବ ପରୀକ୍ଷାମୂଳକ ଜଳ ନିଷ୍କାସନ

ସମ୍ବଲପୁର,୬।୬(ବ୍ୟୁରୋ)

ସମ୍ବଲପୁର ହୀରାକୁଦ ଜଳଭଣ୍ଡାରରୁ ଚଳିତ ମାସରେ ଯେ କୌଣସି ମୁହୂର୍ତ୍ତରେ ପାଣି ଛଡାଯାଇ ପାରେ। ବନ୍ୟାଜଳ ପରିଚାଳନା ପୂର୍ବ ପ୍ରସ୍ତୁତିକ୍ରମେ ଏଭଳି କରାଯିବ ବୋଲି ବନ୍ଧ କର୍ତ୍ତୃପକ୍ଷ ସର୍ବସାଧାରଣଙ୍କ ପାଇଁ ନୋଟିସ୍ ଜାରି କରିଛନ୍ତି। ଜୁନ ୧ ତାରିଖରୁ ଅକ୍ଟୋବର ୩୧ ମଧ୍ୟରେ ପ୍ରତିବର୍ଷ ଡ୍ୟାମ୍‌ରୁ ପାଣି ଛଡାଯାଇଥାଏ। ତେଣୁ ଚଳିତବର୍ଷ ମଧ୍ୟ ଜଳ ନିଷ୍କାସନ କରାଯାଇପାରେ ବୋଲି କୁହାଯାଇଛି। ଏ ନେଇ ମହାନଦୀ ତଟଦେଶ ତଥା ତଳ ମୁଣ୍ଡରେ ବସବାସ କରୁଥିବା ଜନସାଧାରଣ ଓ ଧୀବରଙ୍କୁ ସୂଚନା ଦିଆଯାଇଛି।

ଜଳଭଣ୍ଡାର ଗେଟ୍‌ଗୁଡିକର ଅପରେଶନ ଟ୍ରାଏଲ ହେବା ସହ ଜଳ ପରିଚାଳନା ହୋଇଥାଏ। ଡ୍ୟାମ୍‌ର ସ୍ଲୁଇସ୍ ଗେଟ୍ ଓ କ୍ରାଏଷ୍ଟ ଗେଟ୍ ଦୀର୍ଘଦିନ ଧରି ବନ୍ଦ ହୋଇ ରହିଥାଏ। ବନ୍ଦ ଗେଟ୍‌ଗୁଡିକ ପୂର୍ଣ୍ଣ ରୂପେ କାର୍ଯ୍ୟକ୍ଷମ ହେବା ପୂର୍ବରୁ ଏହାର ଯାନ୍ତ୍ରିକ ତ୍ରୁଟି ବିଦ୍ୟୁତ୍ ବିଭାଗୀୟ ଇଞ୍ଜିନିୟରମାନେ ପରୀକ୍ଷାନିରୀକ୍ଷା କରିଥାନ୍ତି। ଏଥିପାଇଁ ମୁଖ୍ୟ ଗେଟ୍‌କୁ ଟ୍ରାଏଲ ରନରେ ଖୋଲିବାକୁ ପଡ଼େ। ବର୍ଷା ଋତୁ ପୂର୍ବରୁ ଜଳଭଣ୍ଡାରରେ ଯଦି ଅଧିକ ପାଣି ରହିଥାଏ ତାହାକୁ ନିଷ୍କାସନ କରାଯାଇ ଜଳଭଣ୍ଡାରକୁ ଖାଲି ରଖିବାକୁ ପଡେ। ଏଥିପାଇଁ ଜୁନ ମାସରେ କିଛି ଗେଟ୍ ଖୋଲାଯାଇ ଜଳ ନିଷ୍କାସନ କରାଯାଇଥାଏ। ବର୍ଷା ଆଗମନ ପୂର୍ବରୁ ଜୁଲାଇ ୧ତାରିଖ ସୁଦ୍ଧା ଜଳଭଣ୍ଡାରରେ ୫୯୫ ଫୁଟ୍ ଓ ଅଗଷ୍ଟ ୧ତାରିଖ ସୁଦ୍ଧା ୫୯୦ଫୁଟ୍ ପାଣି ରଖି ଜଳ ପରିଚାଳନା କରାଯାଇଥାଏ। ଏବେ ଜଳଭଣ୍ଡାରରେ ଜଳସ୍ତର ୬୦୩ଫୁଟ୍ ରହିଛି। ଆସନ୍ତା ୧୫ତାରିଖ ପରେ ବନ୍ଧ କର୍ତ୍ତୃପକ୍ଷ ଜଳଭଣ୍ଡାରର ବଳକା ପାଣି ନିଷ୍କାସନ କରିବାକୁ ଯୋଜନା କରିଛନ୍ତି। ମହାନଦୀ ଅବବାହିକାର ସମସ୍ତ ଜିଲାପାଳଙ୍କୁ ପତ୍ର ଲେଖି ସୂଚନା ଦିଆଯାଇଛି। ଗେଟ୍ ଖୋଲିବାର ଦୁଇଘଣ୍ଟା ଆଗରୁ ସାଇରନ ବାଜିବ। ଗେଟ୍ ଖୋଲିବା ସମୟରେ ମହାନଦୀ ଭିତରେ ଯେପରି କେହି ଚଳପ୍ରଚଳ ନ କରିବେ, ଗୋରୁ ବିଚରଣ ନ କରିବେ, ମାଛ ଧରିବା ପାଇଁ ନ ଯିବେ ତାହା ସୁନିଶ୍ଚିତ କରିବାକୁ ମହାନଦୀ ଅବବାହିକାର ଜିଲାପାଳ ଓ ରାଜ୍ୟ ଜଳସମ୍ପଦ ବିଭାଗକୁ ଡ୍ୟାମ୍ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ଏଡିଏମ୍ ଉମାକାନ୍ତ ରାଜ କହିଛନ୍ତି, ଏହା ପ୍ରତିବର୍ଷ ହୋଇଥାଏ। ମରାମତି ଓ ବନ୍ୟା ଯୋଗୁ ବନ୍ଧ କର୍ତ୍ତୃପକ୍ଷ ଏଭଳି କରନ୍ତି। ତେଣୁ ମହାନଦୀ ଅବବାହିକା ଓ ନିର୍ଭର କରୁଥିବା ଲୋକଙ୍କୁ ସୂଚନା ଦିଆଯାଇଛି। ଧନଜୀବନ ସୁରକ୍ଷା ନେଇ ପଦକ୍ଷେପ ନିଆଯାଇଥିବା ସେ କହିଛନ୍ତି।

## ୧୨ସହରରେ ଚାଲିଛି ବୁଲାକୁକୁରଙ୍କ ଜନ୍ମ ନିୟନ୍ତ୍ରଣ କାର୍ଯ୍ୟକ୍ରମ:ମନ୍ତ୍ରୀ

ଭୁବନେଶ୍ୱର, ୬।୬(ବ୍ୟୁରୋ): ରାଜ୍ୟର ୧୨ଟି ସହରାଞ୍ଚଳରେ ବୁଲାକୁକୁରଙ୍କ ଜନ୍ମ ନିୟନ୍ତ୍ରଣ କାର୍ଯ୍ୟକ୍ରମ କରାଯାଉଛି। ତାଲିମପ୍ରାପ୍ତ ପ୍ରାଣୀ ଚିକିତ୍ସକ ଏବଂ ଆଧୁନିକ ଚିକିତ୍ସା ସୁବିଧା ସହିତ ଏହି ପଦକ୍ଷେପ ମାଧ୍ୟମରେ ସାରା ରାଜ୍ୟରେ ଉକ୍ତ ଜନ୍ମ ନିୟନ୍ତ୍ରଣ କାର୍ଯ୍ୟକ୍ରମର ଏକ ନେଟ୍‌ୱାର୍କ ପ୍ରତିଷ୍ଠା କରାଯାଇଛି । ବୁଲାକୁକୁରଙ୍କୁ ସେମାନେ ରହୁଥିବା ଅଞ୍ଚଳରୁ ଧରାଯାଇ ଜନ୍ମ ନିୟନ୍ତ୍ରଣ ଅପରେଶନ ଓ ଟିକାକରଣ ପରେ ପୁନର୍ବାର ସେମାନେ ରହୁଥିବା ସ୍ଥାନରେ ଛାଡ଼ି ଦିଆଯାଉଛି । ଏହା କୁକୁର ଓ ମଣିଷଙ୍କ ମଧ୍ୟରେ ଶାନ୍ତିପୂର୍ଣ୍ଣ ଓ ସୁସଙ୍ଗତ ସହାବସ୍ଥାନ ଏବଂ ଜଳାତଙ୍କ ପରି ରୋଗର ନିୟନ୍ତ୍ରଣ ଦିଗରେ ସହାୟକ ହୋଇପାରୁଛି। ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ ଏବଂ ରାଜ୍ୟ ପ୍ରାଣୀ କଲ୍ୟାଣ ବୋର୍ଡର ମିଳିତ ସହଯୋଗରେ ଆୟୋଜିତ କୁକୁର ଜନ୍ମ ନିୟନ୍ତ୍ରଣ, ପ୍ରାଣୀ କଲ୍ୟାଣ କର୍ମଶାଳାକୁ ଉଦ୍‌ଘାଟନ କରି କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଉପରୋକ୍ତ ସୂଚନା ଦେଇଛନ୍ତି। କୁକୁର ଜନ୍ମ ନିୟନ୍ତ୍ରଣ କାର୍ଯ୍ୟକ୍ରମ ସହ ଓଡ଼ିଶାରେ ପ୍ରାଣୀ କଲ୍ୟାଣକୁ ମଜଭୁତ କରିବା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି । ବୁଲା ଓ ଅସହାୟ ପଶୁପକ୍ଷୀଙ୍କୁ ଜରୁରିକାଳୀନ ଚିକିତ୍ସା ସେବା ଯୋଗାଇଦେବା ପାଇଁ ଟୋଲ୍ ଫ୍ରି ନମ୍ବର ୧୯୬୨ ସହ ରାଜ୍ୟବ୍ୟାପୀ ଆନିମାଲ ହେଲ୍‌ପଲାଇନ ପ୍ରତିଷ୍ଠା କରାଯାଇଛି । ରାଜ୍ୟର ୧୧ଟି ସହରାଞ୍ଚଳରେ ଆନିମାଲ ଆମ୍ବୁଲାନ୍ସ ଓ ଅନ୍ୟ ଅଞ୍ଚଳରେ ମୋବାଇଲ୍ ଭେଟେରିନାରି ୟୁନିଟ୍ ଏହି ସେବା ଯୋଗାଇ ଦେଉଛି ବୋଲି ମନ୍ତ୍ରୀ ସ୍ୱାଇଁ କହିଛନ୍ତି।

# ସହକାରୀ ଯନ୍ତ୍ରୀଙ୍କ ଘରେ ଭିଜିଲାନ୍ସ ଚଢ଼ାଉ



ସଞ୍ଜୟ କୁମାର ବେହେରା

- ୨ କୋଠା, ୨ ପ୍ଲଟ୍, ବ୍ୟାଙ୍କ, ପୋଷ୍ଟାଲ, ଜୀବନବୀମା ଜମା ୧.୬୭ କୋଟି ଠାବ
- ୮୧.୮୦ ଲକ୍ଷ ଟଙ୍କାରେ ଦୁଇ ପିଲାଙ୍କୁ ପଢ଼ାଇଛନ୍ତି ଡାକ୍ତରୀ ପାଠ

ସୁନ୍ଦରଗଡ଼ ଅଫିସ/ ଭଦ୍ରକ ଅଫିସ/ବନ୍ତ, ୬।୬(ଡି.ଏନ୍.ଏ.)

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସୁନ୍ଦରଗଡ଼ ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀ ସଞ୍ଜୟ କୁମାର ବେହେରାଙ୍କ ଅଫିସ, ସରକାରୀ କ୍ୱାର୍ଟର୍ସ, ପୈତୃକ ଘର, ଭଡ଼ାଘର ଓ ସମ୍ପର୍କୀୟଙ୍କ ଘର ସମେତ ଏକ ସଙ୍ଗେ ୭ ସ୍ଥାନରେ ମଙ୍ଗଳବାର ଭିଜିଲାନ୍ସ ଚଢ଼ାଉ କରିଛି। ଅଧିକାରୀମାନେ ଯନ୍ତ୍ରୀ ବେହେରାଙ୍କ ସୁନ୍ଦରଗଡ଼ସ୍ଥିତ କାର୍ଯ୍ୟାଳୟ ସାଙ୍ଗକୁ ଲେଫ୍ରିପଡ଼ାସ୍ଥିତ ସବ୍‌ଡିଭିଜନ ଅଫିସରେ ମଧ୍ୟ ଚଢ଼ାଉ କରିଥିଲେ। ସେହିପରି ଭଦ୍ରକର ବନ୍ତ ଛକ ଆଚାର୍ଯ୍ୟବିହାରସ୍ଥିତ ତାଙ୍କ ବାସଭବନ, ବନ୍ତସ୍ଥିତ ପୈତୃକ ଘର ଓ ତିହିଡ଼ି ଥାନା ଅଧୀନ ସିନ୍ଦୋଳ ଗ୍ରାମରେ ସମ୍ପର୍କୀୟଙ୍କ ଘରେ ଭିଜିଲାନ୍ସ ଟିମ୍ ସକାଳ ୫ଟାରେ ଚଢ଼ାଉ କରିଥିଲା। ଅଧିକାରୀମାନେ ବନ୍ତ ତହସିଲ ଅଧୀନ ଆପଣ୍ଡା ରାଜସ୍ୱ ନିରୀକ୍ଷକ ପ୍ରଦୀପ କୁମାର ମଲ୍ଲିକଙ୍କଠାରୁ ସହକାରୀ ଯନ୍ତ୍ରୀ ବେହେରାଙ୍କ ପୈତୃକ ଘର ସମ୍ପର୍କିତ ତଥ୍ୟ ଓ କାଗଜପତ୍ର ସଂଗ୍ରହ କରି ଯାଞ୍ଚ କରିଛନ୍ତି। ଝାରସୁଗୁଡ଼ା ଭିଜିଲାନ୍ସ ଡିଏସ୍‌ପି ପ୍ରଦୀପ କୁମାର ଆଇଣ୍ଡି, ଇନ୍ସପେକ୍ଟର ସସ୍ମିତା ରଙ୍ଗାଲିଙ୍କ ସମେତ ଅନ୍ୟ କର୍ମଚାରୀ ଚଢ଼ାଉରେ ସାମିଲ ଥିବାବେଳେ ଅଫିସିଆଲ ସାକ୍ଷୀଭାବେ ବନ୍ତ ବ୍ଲକର କନିଷ୍ଠ ଯନ୍ତ୍ରୀ ଅମରଜ୍ୟୋତି ଦୀପକ କୁମାର ଜେନା ଉପସ୍ଥିତ ଥିଲେ। ଚଢ଼ାଉ ବେଳେ ଅଧିକାରୀମାନେ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଛନ୍ତି। ଭିଜିଲାନ୍ସ ରିପୋର୍ଟ ଅନୁଯାୟୀ, ଏହି ଯାଞ୍ଚରୁ ଭଦ୍ରକ ଜଗନ୍ନାଥପୁରରେ ୨ ମହାଲ କୋଠା, ବନ୍ତରେ ଏକ ମହଲା କୋଠା ଠାବ ହୋଇଛି। ତେବେ ଏହି ୨ଟି କୋଠାର ପ୍ରକୃତ ମୂଲ୍ୟ ଜାଣିବାକୁ ଭିଜିଲାନ୍ସ ଟେକ୍‌ନିକାଲ ଉଇଙ୍ଗ୍ ଯାଞ୍ଚ କରୁଛି। ସେହିପରି ଭଦ୍ରକ ଜଗନ୍ନାଥପୁର ମୌଜାରେ ଗୋଟିଏ ପ୍ଲଟ୍ ଓ ଯାଜପୁରରେ ଗୋଟିଏ ପ୍ଲଟ ମଧ୍ୟ ଠାବ ହୋଇଛି। ଏହି ପ୍ଲଟ ଦୁଇଟିର ପଟା ଅନୁଯାୟୀ ୩.୪୦ ଲକ୍ଷ ଥିବା ବେଳେ ଏହାକୁ କ୍ରୟ ସମୟରେ କମ୍ ମୂଲ୍ୟ ଦର୍ଶାଯାଇଥିବା ଭିଜିଲାନ୍ସ ସନ୍ଦେହ କରୁଛି। ସେହିପରି ବ୍ୟାଙ୍କ, ପୋଷ୍ଟାଲ, ଜୀବନବୀମା ଜମା ୧.୬୭ କୋଟି, ୨୦୦ ଗ୍ରାମର ସୁନା ଅଳଙ୍କାର, ୧୦,୫୦ ଲକ୍ଷ ଟଙ୍କାର ୨ଟି ବାଇକ, ଘରୋଇ ସାମଗ୍ରୀ ସମେତ ନଗଦ ଟଙ୍କା ଠାବ କରିଛି ଭିଜିଲାନ୍ସ। ତେବେ ଏହା ବ୍ୟତୀତ ସଞ୍ଜୟ ତାଙ୍କ ୨ ପିଲାଙ୍କ ଡାକ୍ତରୀ ପାଠ ପାଇଁ ୮୧ ଲକ୍ଷ ୮୦ ହଜାର ଟଙ୍କା ଖର୍ଚ୍ଚ କରିଥିବା ଭିଜିଲାନ୍ସ ଜାଣିବାକୁ ପାଇଥିବା ବେଳେ ଏନେଇ ଅଧିକ ଯାଞ୍ଚ କରୁଛି। ତେବେ ଚଢ଼ଉ ଜାରି ରହିବା ସହ ସଞ୍ଜୟଙ୍କୁ ଅଧିକ ପଚରାଉଚରା କରାଯାଉଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଚଢ଼ାଉରେ ୪ ଡିଏସ୍‌ପି, ୧୦ ଇନ୍ସପେକ୍ଟର, ୪ ଏଏସ୍ଆଇ ଏବଂ ଅନ୍ୟ କର୍ମଚାରୀ ସାମିଲ ହୋଇଥିଲେ।

# ବୁର୍ଲା ମେଡିକାଲରେ ଆଶ୍ରିତ ଅଧ୍ୟାପକ ଗିରଫ

## ଆଦିବାସୀ ଯୁବତୀ ବଳାତ୍କାର ଘଟଣା

କୁଚିଣ୍ଡା,୬।୬(ଡି.ଏନ.ଏ.)

ଜଣେ ଆଦିବାସୀ ଯୁବତୀଙ୍କୁ ଦୀର୍ଘ ୧୨ବର୍ଷ ଧରି ଯୌନ ନିର୍ଯାତନା ଦେଇ ବ୍ଲାକମେଲ କରିବା ଅଭିଯୋଗରେ ସମ୍ବଲପୁର ଜିଲା କୁଚିଣ୍ଡା ଥାନା ପୋଲିସ ଅଧ୍ୟାପକ ସଞ୍ଜିତ ନାୟକଙ୍କୁ ମଙ୍ଗଳବାର ଗିରଫ କରିଛି। ଅଧ୍ୟାପକ ନାୟକ ଗିରଫ ଭୟରେ ଅସୁସ୍ଥତା ଦେଖାଇ ବୁର୍ଲା ଭିମ୍‌ସାର ମେଡିକାଲରେ ଚିକିତ୍ସିତ ହେଉଥିଲେ। ୨୪ଦିନ ପରେ ମେଡିକାଲରୁ ଡିସ୍‌ଚାର୍ଜ ହେବା ପରେ ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।



ଗିରଫ ଅଧ୍ୟାପକ ସଞ୍ଜିତ ନାୟକ।

ସୂଚନା ଅନୁଯାୟୀ, କୁଚିଣ୍ଡା ଅଞ୍ଚଳର ଏକ ଶିକ୍ଷାନୁଷ୍ଠାନରେ ଭାରପ୍ରାପ୍ତ ଅଧ୍ୟକ୍ଷ ଭାବେ କାର୍ଯ୍ୟରତ ଜଣେ ଆଦିବାସୀ ଯୁବତୀଙ୍କୁ କୁଚିଣ୍ଡାର ଅଧିବାସୀ ତଥା ବର୍ତ୍ତମାନର ବୀରମହାରାଜପୁର କଲେଜର ପ୍ରାଣୀ ବିଜ୍ଞାନ ବିଭାଗର ଅଧ୍ୟାପକ ସଞ୍ଜିତ ନାୟକ ଯୌନ ନିର୍ଯାତନା ଦେଇଆସୁଥିଲେ। ଏପରି କି ଯୁବତୀଙ୍କ ସହ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଉଠାଇ ବ୍ଲାକମେଲ କରି ତାଙ୍କ ବିବାହ ଭାଙ୍ଗି ଦେଇଥିଲେ। ଏ ନେଇ ଯୁବତୀ ଜଣକ କୁଚିଣ୍ଡା ଥାନାରେ ୧୨।୫।୨୩ରେ ଅଭିଯୋଗ କରିଥିଲେ। ପୋଲିସ ଏ ନେଇ ମାମଲା (ନଂ.୯୫/୨୩) ରୁଜୁ କରିବା ସହ ଗତ ୧୩ତାରିଖରେ ଅଭିଯୁକ୍ତ ନାୟକଙ୍କୁ ଥାନାକୁ ଆଣି ପଚରାଉଚୁରା କରିଥିଲା। ସେ ସମୟରେ ଅଭିଯୁକ୍ତ ଅଧ୍ୟାପକ ଶାରୀରିକ ଅସୁସ୍ଥତା ଦେଖାଇବାରୁ ପୋଲିସ ତାଙ୍କୁ କୁଚିଣ୍ଡା ମେଡିକାଲକୁ ନେଇ ସ୍ୱାସ୍ଥ୍ୟ ଯାଞ୍ଚ କରାଇଥିଲା। ତାଙ୍କର ହୃଦ୍‌ରୋଗ ଥିବା କହି ଡାକ୍ତର ବୁର୍ଲା ଭିମ୍‌ସାର ମେଡିକାଲକୁ ରେଫର କରିଥିଲେ। ସେହି ଦିନଠାରୁ ସେ ପୋଲିସ ହେପାଜତରେ ଚିକିତ୍ସିତ ହେଉଥିଲେ। ପରବର୍ତ୍ତୀ ସମୟରେ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ପୀଡିତା ଯୁବତୀଙ୍କ ୧୬୪ରେ ବୟାନ ରେକର୍ଡ କରାଯାଇଥିଲା। ଅଧ୍ୟାପକଙ୍କ ଆଗୁଆ ଜାମିନ କୁଚିଣ୍ଡା ଅତିରିକ୍ତ ଜିଲା ଦୌରାଜଜ୍ କୋର୍ଟରେ ଖାରଜ ମଧ୍ୟ ହୋଇଥିଲା।

ସୂଚନାଯୋଗ୍ୟ, ଅଧ୍ୟାପକ ନାୟକ କୁଚିଣ୍ଡାରେ ଏକ ଆବାସିକ କୋଚିଂ ସେଣ୍ଟର ଖୋଲିଥିଲେ। ପୀଡିତା ଯୁବତୀ ତାଙ୍କ କୋଚିଂ ସେଣ୍ଟରରେ ରହି କୁଚିଣ୍ଡା କଲେଜରେ ଅଧ୍ୟୟନ କରୁଥିଲେ। ସେ ସମୟରେ ଅଧ୍ୟାପକ ଜଣକ ବିଭିନ୍ନ ପ୍ରଲୋଭନ ଦେଖାଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖି ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଓ ଭିଡିଓ ଉତ୍ତୋଳନ କରି ବ୍ଲାକମେଲ କରିଆସୁଥିବା ଯୁବତୀ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ଏପରି କି ତାଙ୍କର କଷ୍ଟୋପାର୍ଜିତ ଅର୍ଥ ହଡପ କରି ମାନସିକ ନିର୍ଯାତନା ମଧ୍ୟ ଦେଇ ଆସୁଥିଲେ। ଜଣେ ଆଦିବାସୀ ଯୁବତୀଙ୍କ ଭବିଷ୍ୟତ ନଷ୍ଟ କରିବା ଭଳି ସମ୍ବେଦନଶୀଳ ଘଟଣାରେ ଅଧ୍ୟାପକ ଗିରଫ ହୋଇ ଜେଲ ଯିବା ଘଟଣା କୁଚିଣ୍ଡାରେ ଚର୍ଚ୍ଚାର ବିଷୟ ହୋଇଛି।


**OFFICE OF THE MUNICIPAL COUNCIL:KHORDHA**
No.1848 /Dtd. 05.06.2023 /
**e-Procurement Notice**
No.C-514: Bid Identification No. 04 /2023-24

1. Name of the work for which tender invited - Privatization of Drain cleaning, Toilet /Urinal cleaning, Bush cutting in Ward No. 1 to 22 of Khordha Municipality.
2. Estimated cost of work- Rs.98,47,272.00 .00
3. Eligible class of contractor - Intending firms/Service Providers/N.G.Os those are experienced in similar nature of work at least three year and other criteria given in the D.T.C.N
4. The Bid documents will be available in the web-site as mentioned below from 07.06.2023 on 9.00 A.M. to 28.06.2023 upto 5.00 P.M. for on line bidding.
5. Bid Identification No. 04 /2023-24
6. Pre Bid meeting/ Briefing Section on Dtd. 13.06.2023 at 10.00 A.M., Venue- Council Hall of the Khordha Municipality.
7. Last date & time of receipt of Bid through on line, date 28.06.2023 up to 5.00 P.M. .
8. Opening of Bid documents Date 29.06.2023 at 11.00 A.M.
9. The bidder has to participate in online bidding only. Further details are available in the website:-https://tendersodisha.gov.in/nicgep/app.

Sd./- Executive Officer
Khordha Municipality
OIPR-13082/11/0008/2324

**GOVERNMENT OF ODISHA** No. B-299
**"e" PROCUREMENT NOTICE**
**WORKS DEPARTMENT**
E-mail: ceroads.bbsr@gmail.com
Bid Identification No. CE-DPI&R-06/2023-24

1. The Chief Engineer (DPI & Roads), Odisha on behalf of Governor of Odisha invites percentage rate bids in double cover system in ONLINE MODE from eligible contractors for Road work as mentioned below:
2. Nature of Work : Road works
3. No. of Work : 4 Nos.
4. Tender Paper Cost : Rs.10,000.00
5. Class of Contractor : 'A' Class/Special Class/Super Class
6. Available of bid document in the website : From 10.00 A.M. of 09.06.2023 to 5.30 P.M. of 28.06.2023
7. Date of opening of Bid : Dt.29.06.2023 at 11.30 A.M.
8. The bidders have to participate in ONLINE bidding only. Further details can be seen from the website: https://tenderodisha.gov.in. Any addendum/corrigendum/cancellation of tender can also be seen in the said website.

Sd./- Chief Engineer (DPI & Roads), Odisha
OIPR-34111/11/0011/2324

ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ତରଭା, ଜିଲ୍ଲା: ସୁବର୍ଣ୍ଣପୁର
**NOTIFIED AREA COUNCIL, TARBHA**
Dist.: Subarnapur, Odisha - 767016, nactarbha@gmail.com
No. 1203 Date: 02.06.2023
**QUOTATION CALL NOTICE**
No. C-524: Sealed quotations are invited from intending Painters/ Contractors for paintings on Bounday Walls and Wealth Centers of NAC, Tarbha as particulars given below. The quotation schedule can be obtained from O/o. EO, NAC, Tarbha on payment of cost of Tender Paper (non refundable) amounting to Rs.2000/- in shape of M.R. of NAC, Tarbha before Dt.19.06.2023 during office hour. The quotation must be accompanied with GSTIN, PAN Card and EMD of Rs.10000/- in shape of Demand Draft/Banker's Cheque drawn in favour of Executive Officer, NAC, Tarbha reached to this Office by Dt.21.06.2023 within 04.00 P.M. through Regd. Post/Speed Post/Courier/Box Drop which will be opened on Dt.22.06.2023 at 04.30 P.M. in presence of the quotationers or their authorized representative. The authority shall not be held responsible for any Postal/Courier delay. The rate should be inclusive of all taxes, transporting charges. The quotation received beyond the stipulated period shall not be entertained. The undersigned reserves the right to accept/ cancel any or all the quotation without assigning any reason thereof.

| Sl. No. | Specification | Rate per Sq.ft. |
|---|---|---|
| 1 | Wall Painting of prototypes of the IEC matters on Bounday Walls and Building Walls of Wealth Centers of NAC, Tarbha consisting 2 enamel coats of base and enamel colour prototypes painting as prescribed by the NAC Authority. | |

Sd./- Executive Officer, N.A.C., Tarbha
OIPR-13199/11/0002/2324

**OFFICE OF THE MEDICAL SUPERINTENDENT-CUM-BLOCK PUBLIC HEALTH OFFICER, CHC BALUGAON, KHORDHA**
Adv. No. 915 Date: 01.06.2023
**TENDER CALL NOTICE**
No. E-196: Sealed tenders are invited from any private individuals/local registered travel agency only having valid GSTIN/PAN for providing of vehicles on monthly hiring basis under the undersigned of Office of Superintendent, CHC Balugaon, Khordha on annual rate contract basis.
The sealed tenders should reach at office of the Superintendent-cum-BPHO, CHC Balugaon, Khordha in any working day by 21.06.2023 till 02.00 P.M. along with all required documents by Speed Post/Regd. Post/Courier only by superscribing on the top of the envelope "Tender for hiring of Vehicles". The tender will be opened on 22.06.2023 at 1.00 P.M. in the office of the undersigned in presence of the bidders/authorized representative of the Bidders. Details regarding items and terms and conditions may be download from www.khordha.nic.in. The undersigned reserves the right to accept or reject any or all the quotations without assigning any reason thereof.
Place: Balugaon Sd./- Superintendent-cum-BPHO
Date: 01.06.2023 CHC Balugaon, Khordha
OIPR-10147/11/0001/2324

**OFFICE OF THE GENERAL MANAGER**
**WATCO PROJECT DIVISION, SAMBALPUR,ODISHA-768005**
E-mail- gmprojectsbp@gmail.com
No.C-509: NATIONAL COMPETITIVE BIDDING THROUGH e-PROCUREMENT
Invitation For Bids (IFB)
Bid Identification No.05/Project/WATCO/SBP/2023-24 Dated 03.06.2023

| Sl. No. | Name of Work | Appx. Estimated Cost (Rs.in Lakh) | Period of Completion | Availability of Bid document for Online Bidding | | Class of Contractor |
|---|---|---|---|---|---|---|
| | | | | From | To | |
| 1 | 2 | 3 | 4 | 5 | 6 | 7 |
| 1 | Laying of 500 mm dia RCC NP3 Sewer and Construction of 1500 mm dia manhole chambers from MH- 3978 to MH-4011 along Zilla School chowk - Senpark road in Catchment-3 in part commissioning area of Sambalpur Sewerage System. | 39.10 | 03 (Three) Months | 11.00 Hrs. of 08.06.2023 | 17.00 Hrs. of 19.06.2023 | C & B |
| 2 | Laying of 500 mm dia RCC NP3 Sewer and Construction of 1500 mm dia manhole chambers from MH-4011 to MH 4030 along Zilla School chowk - Senpark road in Catchment-3 in part commissioning area of Sambalpur Sewerage System. | 30.45 | 03 (Three) Months | 11.00 Hrs. of 08.06.2023 | 17.00 Hrs. of 19.06.2023 | C & B |
| 3 | Laying of 500 mm dia RCC NP3 Sewer and Construction of 1500 mm dia manhole chambers from MH-4030 to MH 4088 along Zilla School chowk - Senpark road in Catchment-3 in part commissioning area of Sambalpur Sewerage System. | 30.70 | 03 (Three) Months | 11.00 Hrs. of 08.06.2023 | 17.00 Hrs. of 19.06.2023 | C & B |
| 4 | Laying of 450 mm dia RCC NP3 Sewer and Construction of 1500 mm dia manhole chambers from MH-2765(Upahar Hotel) to MH-2323(Zilla School Chowk) along Sakhipada-Uphar Palace Hotel road in Catchment-3 in part commissioning area of Sambalpur Sewerage System | 31.81 | 02 (Two Months) | 11.00 Hrs. of 08.06.2023 | 17.00 Hrs. of 19.06.2023 | C & B |

Further details can be seen from the e-Procurement portal "https://www.tendersodisha.gov.in"
Sd./- General Manager, WATCO Project Division, Sambalpur
OIPR-13236/11/0005/2324

**ODISHA HYDRO POWER CORPORATION LTD.**
**OFFICE OF THE SENIOR GENERAL MANAGER (ELECTRICAL)**
UPPER KOLAB H.E. PROJECT, AT/PO-BARINIPUT, DIST:KORAPUT (ODISHA)-764006
Telephone:06854-242001, Fax:06854-242092, Email ID:sgmel.ukhep@gmail.com, CIN:U40101OR1995SGC003963
**TENDER CALL NOTICE NO: UKHEP:07/2023-24, Dtd.06.06.2023**
No.CAD-859:Sealed Tenders are invited in two part i.e. (1) Technical bid and (2) Price bid in sealed envelopes from the Manufacturer/ Authorised Dealers/ Reputed Supplier for supply of the following materials to Upper Kolab Hydro Electric Project, Bariniput.

| Sl. No. | Name of the Work | Cost of tender paper (Non-Refundable) in Rs. | EMD (₹) |
|---|---|---|---|
| 1 | Procurement of safety shoes and formal shoes for UKHEP, Bariniput for the year 2021-2023. | 2360 (Rs.2000/-+ GST @ 18%) | 1% of the quoted value in shape of DD/BC (Refundable) |

The sale of Tender Paper will be from: 12.06.2023 10:00 Hrs. to 23.06.2023 11:30 Hrs.
The last date & time of receipt of tender: 23.06.2023 12:00 Hrs.
The date and time of opening of tender: 23.06.2023 12.30 Hrs.
For details of Tender documents, Terms & Conditions and Corrigendum please visit our website www.ohpcltd.com
OIPR-04002/11/0016/2324 Sd./- C&P Head, Upper Kolab HEP, OHPC Limited, Bariniput

**GOVERNMENT OF ODISHA** No. A-218
**OFFICE OF THE SUPERINTENDING ENGINEER QUALITY ASSURANCE DIVISION, NAYAGARH**
Email: eenqdivn@gmail.com
**Details Short Tender Call Notice No. QADNGR-04/2023-24**

| | | |
|---|---|---|
| 1 | Name of the Work | "Outsourcing of Human Resources for Management of day to day activities of Quality Control Laboratory under the Superintending Engineer, Quality Assurance Division, Nayagarh for the period from Dt.01.07.2023 to Dt.31.03.2024. |
| 2 | No. of Works | 01 |
| 3 | Bid Identification | QADNGR-04/2023-24 |
| 4 | Amount put to Tender | 2.03 Lakh |
| 5 | Cost of Tender Paper | Rs.2000.00 |
| 6 | Date & Time of availability of Bid documents in the portal | From Date: 07.06.2023 (07.00 A.M.) to Dated: 26.06.2023 (3.00 P.M.) |
| 7 | Time of receipt of Bids in the O/o. the Superintending Engineer, Quality Assurance Division, Bhubaneswar | From Date: 07.06.2023 (07.00 A.M.) to Dated: 26.06.2023 (3.00 P.M.) |
| 8 | Date & time of opening of tender | 26.06.2023 (4.00 P.M.) in the O/o. the Superintending Engineer, Quality Assurance Division, Nayagarh |
| 9 | Name & address of the Officer Inviting Bid | Superintending Engineer, Quality Assurance Division, Nayagarh, Baramasi Danda, College Road, Nayagarh |

1. Further details can be seen in the office of the undersigned during office and also in the Departmental website www.dowrodisha.gov.in.
2. Any addendum/corrigendum/cancellation to the above notice will be published in the above website only.

Sd./- Superintending Engineer
Quality Assurance Division, Nayagarh
OIPR-32423/11/0001/2324

# ହୋଣ୍ଡାର ନ୍ୟୁ ୱାର୍ଲଡ ଏସ୍‌ୟୁଭି 'ଏଲିଭେଟ୍' ଉନ୍ମୋଚିତ

ନୂଆଦିଲ୍ଲୀ,୬।୬

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ତଥା ପ୍ରିମିୟମ କାର ନିର୍ମାତା ହୋଣ୍ଡା କାର୍ସ ଇଣ୍ଡିଆ ଲିମିଟେଡ୍ (ଏଚ୍‌ସିଆଇଏଲ୍)ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ହୋଣ୍ଡା ନ୍ୟୁ ୱାର୍ଲଡ ଏସ୍‌ୟୁଭି 'ଏଲିଭେଟ୍'ର ସର୍ବଭାରତୀୟ ଉନ୍ମୋଚନ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ହୋଣ୍ଡା ପକ୍ଷରୁ ଆୟୋଜିତ ୱାର୍ଲଡ ପ୍ରିମିୟମର କାର୍ଯ୍ୟକ୍ରମରେ ହୋଣ୍ଡାର ଉକ୍ତ ମଡେଲର ଶୁଭାରମ୍ଭ (ଲଞ୍ଚ) କରାଯାଇଛି। ଏପରିକି ଚଳିତ ବର୍ଷ ପାର୍ବଣଋତୁରେ ଏହାର ବଜାର ପ୍ରବେଶ ନେଇ ଯୋଜନା କରାଯାଇଥିବା ଜଣାପଡିଛି।

ଉଲ୍ଲେଖଯୋଗ୍ୟ, ହୋଣ୍ଡାର ଏହି ନୂତନ ମଡେଲ 'ଏଲିଭେଟ୍'ର ନିର୍ମାଣ ଏବଂ ବିକ୍ରୟ ଭାରତ ଜରିଆରେ ହେବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏପରିକି




ବିଶ୍ୱସ୍ତରରେ ଏଭଳି କାର୍ଯ୍ୟ କରିବାରେ ଭାରତ ପ୍ରଥମ ଦେଶ ହେବ। ଘରୋଇ ବଜାରରେ ଏଲିଭେଟ୍‌ର ପ୍ରାରମ୍ଭିକ ପ୍ରବେଶ ଉପରେ ଧ୍ୟାନ ଦିଆଯାଇଥିବା ବେଳେ ବୈଶ୍ୱିକ ସ୍ତରରେ ଏସ୍‌ୟୁଭିର ପ୍ରବଳ ଚାହିଦା ପୂରଣ କରିବା ପାଇଁ ବିଶ୍ୱର ଅନ୍ୟ ଭାଗରେ ମଧ୍ୟ ଏହି ମଡେଲ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ରପ୍ତାନି ହବ୍ ଭାବେ ଭାରତ କାର୍ଯ୍ୟ କରିବାକୁ ମଧ୍ୟ ଲକ୍ଷ୍ୟ ରଖିଛି।

ସୂଚନାଯୋଗ୍ୟ, ଥାଇଲାଣ୍ଡରେ ଅବସ୍ଥିତ ହୋଣ୍ଡା ଆର୍ ଆଣ୍ଡ ଡି ଏସିଆ ପ୍ୟାସିଫିକ କେନ୍ଦ୍ର ଦ୍ୱାରା ସମ୍ପୂର୍ଣ୍ଣ ନୂତନ ଏଲିଭେଟ୍ ବିକଶିତ ହୋଇଛି। ଏ ସମ୍ପର୍କରେ ହୋଣ୍ଡା ମୋଟର କମ୍ପାନୀ ଲିମିଟେଡ୍‌ର ଆଞ୍ଚଳିକ ୟୁନିଟ୍ (ଏସିଆ ଏବଂ ଓସେନିଆ)ର ମୁଖ୍ୟ ତଥା ଏସୀୟ ହୋଣ୍ଡା ମୋଟର କମ୍ପାନୀ ଲିମିଟେଡ୍‌ର ଅଧ୍ୟକ୍ଷ ଏବଂ ସିଇଓ ତୋଷିଓ କୁୱାହାରା କହିଛନ୍ତି, ଭାରତ ବିଶ୍ୱର ୩ୟ ବୃହତମ ଅଟୋମୋଟିଭ ବଜାର ହୋଇଥିବାରୁ ହୋଣ୍ଡା ପାଇଁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେହିଭଳି କ୍ରମାଗତ ଭାବେ ଭାରତରୁ ପୃଥିବୀର ବିଭିନ୍ନ ଅଞ୍ଚଳକୁ ରପ୍ତାନି ବୃଦ୍ଧି ପାଉଛି। ସେହିପରି ହୋଣ୍ଡା କାର୍ସ ଇଣ୍ଡିଆ ଲିମିଟେଡ୍‌ର ଅଧ୍ୟକ୍ଷ ଏବଂ ସିଇଓ ତାକୁୟା ସୁମୁରା କହିଥିଲେ, ସମ୍ପୂର୍ଣ୍ଣ ନୂତନ ଏଲିଭେଟ୍‌ର ଉନ୍ମୋଚନ ସହିତ ଆମେ ଭାରତରେ କ୍ଷିପ୍ର ଗତିରେ ବଢୁଥିବା ଏସ୍‌ୟୁଭି ସେଗ୍‌ମେଣ୍ଟରେ ହୋଣ୍ଡାର ଶକ୍ତିଶାଳୀ ଉତ୍ପାଦ ଯାଚନା ସହିତ ଏକ ନୂତନ ଯାତ୍ରା ଆରମ୍ଭ କରିଛୁ।

# ଟାଟା ଏଆଇଏର ନୂତନ ଉତ୍ପାଦ

ନୂଆଦିଲ୍ଲୀ,୬।୬

ଟାଟା ଏଆଇଏ ଲାଇଫ୍ ଇନ୍‌ସ୍ୟୁରାନ୍ସ ପକ୍ଷରୁ ନିକଟରେ ଟାଟା ଏଆଇଏର ନୂତନ ଉତ୍ପାଦ ଟାଟା ଏଆଇଏ ଫର୍ଚୁନ୍ ଗ୍ୟାରେଣ୍ଟି ପେନ୍‌ସନର ଉନ୍ନତ ଭର୍ସନକୁ ଉନ୍ମୋଚନ କରାଯାଇଛି। ଉକ୍ତ ପ୍ଲାନ୍‌ର ଉନ୍ନତ ଭର୍ସନରେ ତତ୍କାଳ ଲାଇଫ୍ ଆନୁଇଟି,ଗ୍ୟାରେଣ୍ଟେଡ୍ ଆଡିସନ୍ ବିକଳ୍ପ, ଆଗୁଆ ଆନୁଇଟି ଚୟନ କରିବା ବିକଳ୍ପ, ପଲିସି ଉପରେ ଋଣ ନେବା ସୁବିଧା ଏବଂ ଯୁଗ୍ମ ଲାଇଫ୍ ବିକଳ୍ପ ଆଦି ସୁବିଧା ରହିଛି। ଏ ସମ୍ପର୍କରେ ଟାଟା ଏଆଇଏ ଲାଇଫ୍‌ର ଚିଫ୍ ଫାଇନାନ୍ସିଆଲ ଅଫିସର ସମିତ ଉପାଧ୍ୟାୟ କହିଛନ୍ତି, ଏହି ନୂତନ ଉତ୍ପାଦ ଉନ୍ମୋଚନ କରି ଆମେ ବେଶ୍ ଉତ୍ସାହିତ ଅଛୁ। ବିଶେଷ କରି ଅବସର ହେଉଛି ଜୀବନରେ ଏକ ନୂଆ ଅଧ୍ୟାୟ ଆରମ୍ଭ କରିବା ଭଳି। ତାହା ହେଉଛି ପେସାଦାର ଦାୟିତ୍ୱକୁ ନେଇ ଚିନ୍ତା କରିବା ବଦଳରେ ନିଜ ଜୀବନକୁ ଉପଭୋଗ କରିବା ଉପରେ ଗୁରୁତ୍ୱ ଦେବାର ସମୟ।

# ଜେଏସ୍‌ଏଲ୍‌ର ପ୍ଲାଷ୍ଟିକବର୍ଜ୍ୟ ସଂଗ୍ରହ ଅଭିଯାନ




ଭୁବନେଶ୍ୱର,୬।୬

ଭାରତର ବୃହତମ ଷ୍ଟେନ୍‌ଲେସ୍ ଷ୍ଟିଲ୍ ଉତ୍ପାଦକ ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ (ଜେଏସ୍‌ଏଲ୍) ପକ୍ଷରୁ ସୋମବାର ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଜେଏସ୍‌ଏଲ୍‌ର କର୍ପୋରେଟ କାର୍ଯ୍ୟାଳୟ ସହିତ ହିସାର ଏବଂ ଯାଜପୁର ସ୍ଥିତ ପ୍ଲାଣ୍ଟ ପରିସରରେ ମଧ୍ୟ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଥିଲା। ଏପରିକି ଗ୍ରୀନ୍ ଡ୍ରିମ୍ ଫାଉଣ୍ଡେଶନ ସହିତ ମିଳିତ ଭାବେ ଏକ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ସଂଗ୍ରହ ଅଭିଯାନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉକ୍ତ ଅଭିଯାନ ଜରିଆରେ ପ୍ରାୟ ୨ ଟନ୍ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ସଂଗ୍ରହ କରାଯାଇଥିବା ବେଳେ ଉକ୍ତ ଅଭିଯାନରେ ପ୍ରାୟ ୧୫୦୦ରୁ ଅଧିକ କର୍ମଚାରୀ ଓ ଅନ୍ୟମାନେ ଅଂଶଗ୍ରହଣ କରିଥିଲେ। ବିଶେଷକରି ଜେଏସ୍‌ଏଲ୍‌ର ଯାଜପୁର କାରଖାନାରୁ ୧୧୦୦ କି.ଗ୍ରା.ରୁ ଅଧିକ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ସଂଗ୍ରହ ହୋଇଥିବା ବେଳେ ହିସାର ପ୍ଲାଣ୍ଟରୁ ୭୫୦ କି.ଗ୍ରା.ରୁ ଅଧିକ ଏବଂ କମ୍ପାନୀର ଗୁରୁଗାଓଁର କର୍ପୋରେଟ କାର୍ଯ୍ୟାଳୟରୁ ପ୍ରାୟ ୧୫୦ କି.ଗ୍ରା. ସଂଗ୍ରହ କରାଯାଇଥିଲା। ଏ ସମ୍ପର୍କରେ ଜିନ୍ଦଲ ଷ୍ଟେନ୍‌ଲେସ୍‌ର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ସଂଗ୍ରହ ଅଭିଯାନର ୨ୟ ସଂସ୍କରଣକୁ ସଫଳତାର ସହ ସମାପ୍ତ କରି ଆମେ ବେଶ୍ ଉତ୍ସାହିତ ଅଛୁ।

# ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ତାଲିକାରେ ଉନ୍ନତ ର୍‍ୟାଙ୍କିଙ୍ଗ୍

## ୧୬ତମ ସ୍ଥାନରେ କିଟ୍

ଭୁବନେଶ୍ୱର,୬।୬

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଡଷ୍ଟ୍ରିଆଲ ଟେକ୍ନୋଲୋଜି (କିଟ୍) ବିଶ୍ୱବିଦ୍ୟାଳୟକୁ ନିକଟରେ ଆଉ ଏକ ଜାତୀୟ ସ୍ତରର ସ୍ୱୀକୃତି ପ୍ରଦାନ କରାଯାଇଛି। ଉଲ୍ଲେଖଯୋଗ୍ୟ, ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ସୋମବାର ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଶନାଲ ର୍‍ୟାଙ୍କିଙ୍ଗ୍ ଫ୍ରେମ୍‌ୱାର୍କ (ଏନ୍‌ଆଇଆର୍‌ଏଫ୍) ପ୍ରକାଶ ପାଇଛି। ଉକ୍ତ ର୍‍ୟାଙ୍କିଙ୍ଗ୍ ଫଳାଫଳାରେ ଭାରତର ସମସ୍ତ ସରକାରୀ ଓ ଘରୋଇ ବିଶ୍ୱବିଦ୍ୟାଳୟକୁ ର୍‍ୟାଙ୍କ୍ ପ୍ରଦାନ କରାଯାଇଛି। ଉକ୍ତ ତାଲିକାରେ କିଟ୍ ବିଶ୍ୱବିଦ୍ୟାଳୟ ୧୬ତମ ସ୍ଥାନରେ ରହିଛି। ଲପରିକି ଗତ ବର୍ଷ ତୁଳନାରେ ଚଳିତ ବର୍ଷ କିଟ ୪ଟି ସ୍ଥାନ ଉପରକୁ ଉଠି ୧୬ ତମ ସ୍ଥାନରେ ରହିଛି। ଗତ ବର୍ଷ କିଟ ଏହି ତାଲିକାର ୨୦ତମ ସ୍ଥାନରେ ରହିଥିଲା। ଏହା ବ୍ୟତୀତ କିଟର ଅନ୍ୟ ସମସ୍ତ ବିଭାଗ ମଧ୍ୟ ଗତବର୍ଷ ତୁଳନାରେ ଚଳିତ ବର୍ଷ ଉଲ୍ଲେଖନୀୟ ପ୍ରଦର୍ଶନ କରିଛନ୍ତି। ସେହିଭଳି ଗବେଷଣା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଥିବା କିଟ ବିଶ୍ୱବିଦ୍ୟାଳୟ ଗବେଷଣା ତାଲିକାର ୪୪ ତମରେ ରହି ସମଗ୍ର ଦେଶର ରିସର୍ଚ୍ଚ ବିଶ୍ୱବିଦ୍ୟାଳୟ ମଧ୍ୟରେ ଶ୍ରେଷ୍ଠ ୫୦ତମ ସ୍ଥାନରେ ରହିଛି।

ଏ ସମ୍ପର୍କରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି, ଧୀର ପାଣି ପଥର କାଟେ। ପ୍ରତିବର୍ଷ ବିଭିନ୍ନ ବିଭାଗରେ କିଟ୍ ତା'ର ପ୍ରଦର୍ଶନରେ ଉନ୍ନତି ଆଣି ଏକ ଗୁଣାତ୍ମକ ବିଶ୍ୱବିଦ୍ୟାଳୟରେ ପରିଣତ ହୋଇସାରିଛି। ତେଣୁ ଏନ୍‌ଆଇଆର୍‌ଏଫ୍ ର୍‍ୟାଙ୍କିଙ୍ଗ୍‌ରେ କିଟ୍‌ର ସ୍ଥାନ ପ୍ରତିବର୍ଷ ଉପରକୁ ଉଠୁଛି।

# ୟୁବିଓଆଇର 'ୟୁନିୟନ ମୁସ୍କାନ୍'



ଭୁବନେଶ୍ୱର,୬।୬

ୟୁନିୟନବ୍ୟାଙ୍କଅଫ୍‌ଇଣ୍ଡିଆ(ୟୁବିଓଆଇ)ର ସମ୍ବଲପୁର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ନିକଟରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ୟୁନିୟନ ମୁସ୍କାନ୍' ଆୟୋଜିତ ହୋଇଯାଇଛି। ବିଶେଷକରି ସମ୍ବଲପୁର ଅଞ୍ଚଳର କୁନି କୁନି ପିଲା ଏବଂ ସେମାନଙ୍କ ଅଭିଭାବକମାନଙ୍କ ପାଇଁ ଉକ୍ତ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏପରିକି ୟୁବିଓଆଇର ପ୍ରମୁଖ ଉତ୍ପାଦ 'ୟୁନିୟନ୍ ମୁସ୍କାନ୍' ସମ୍ବନ୍ଧରେ ଜନସଚେତନତା ସୃଷ୍ଟିକରିବା ପାଇଁ ଏଭଳି ଏକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ୟୁବିଓଆଇର କ୍ଷେତ୍ରୀୟ ମୁଖ୍ୟ ଧର୍ମେନ୍ଦ୍ର ରାଜୋରିଆ ଏବଂ ଉପ-କ୍ଷେତ୍ରୀୟ ମୁଖ୍ୟ ଏଚ୍.କେ.ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ଏକ କୁଇଜ୍ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ପରିଶେଷରେ ପ୍ରତିଯୋଗିତାର କୃତୀ ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ୟୁବିଓଆଇର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଯୋଗଦେଇଥିଲେ।

# ସୋନିର ବ୍ରାଭିଆ ଏକ୍ସ୮୨ଏଲ୍ ସିରିଜ

ନୂଆଦିଲ୍ଲୀ,୬।୬

ସୋନି ଇଣ୍ଡିଆର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ସୋନିର ବ୍ରାଭିଆ ଏକ୍ସ୮୨ଏଲ୍ ଟିଭି ସିରିଜର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଏହି ଟିଭି ସିରିଜ୍ ଛବି ଓ ଧ୍ୱନିକୁ ଏକ ନୂଆ ସ୍ତରରେ ପହଞ୍ଚାଇଥିବା ବେଳେ ଗୁଗଲ୍ ଟିଭି ସହିତ ମନୋରଞ୍ଜନର ଏକ ଆକର୍ଷଣୀୟ ଦୁନିଆ ଉପଭୋକ୍ତାଙ୍କୁ ପ୍ରଦାନ କରି ସୁନ୍ଦର ରଙ୍ଗ ସହିତ ଛବି ଓ ସାଉଣ୍ଡ ପ୍ରଯୁକ୍ତିକୁ ଜୀବନ୍ତ କରିପାରିଛି। ଏପରିକି ବ୍ରାଭିଆ ଏକ୍ସ୮୨ଏଲ୍‌ରେ ଏକ୍ସ୧ ୪କେ ଏଚ୍‌ଡିଆର୍ ପିକ୍ଚର ପ୍ରୋସେସର ଓ ଟ୍ରିଲୁମିନସ୍ ପ୍ରୋ ଡିସ୍‌ପ୍ଲେ ରହିଛି, ଯାହା ଜୀବନ୍ତ ରଙ୍ଗ ସୃଷ୍ଟି କରୁଛି। ସେହିଭଳି ସୋନିର ନୂଆ ବ୍ରାଭିଆ ଏକ୍ସ୮୨ଏଲ୍ ସିରିଜ୍ ସ୍ମାର୍ଟ ବ୍ୟବହାରକାରୀମାନଙ୍କୁ ଗୁଗଲ୍ ଟିଭି ସହିତ ୧୦,୦୦୦ରୁ ଅଧିକ ଆପ୍ ଓ ଗେମ୍ ଏବଂ ୭,୦୦,୦୦୦ରୁ ଅଧିକ ସିନେମା ଓ ଟିଭି ସିରିଜ୍ ଜରିଆରେ ସୀମିତ ମନୋରଞ୍ଜନ ପ୍ରଦାନ କରୁଛି। ଏପରିକି ଆପଲ୍ ଏୟାର ପ୍ଲେ ଓ ହୋମ୍ କିଟ୍‌ରେ ମଧ୍ୟ ଏହା ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରୁଛି। ଆଇମ୍ୟାକ୍ସ ଦ୍ୱାରା ଉନ୍ନତ ହୋଇଥିବା ସିନେମା, ଡଲ୍‌ବି ଆଟମସ୍ ବିଷୟବସ୍ତୁ ସହିତ ଉଚ୍ଚ ମାନର ପିଓର ଷ୍ଟ୍ରିମ୍ ୮୦ ଏମ୍‌ବିପିଏସ୍‌ର ସର୍ବବୃହତ୍ ସମ୍ଭାରକୁ ଉପଭୋଗ କରିବା ଲାଗି ଏକ୍ସ୮୨ଏଲ୍ ସିରିଜରେ ବ୍ରାଭିଆ କୋର୍ ସହ ପିଏସ୍୫ର ସୁବିଧା ରହିଛି, ଯାହା ଅଟୋ ଏଚ୍‌ଡିଆର୍ ଟୋନ୍ ମ୍ୟାପିଂ ଓ ଅଟୋ ଜିନିୟର ପିକ୍ଚର ମୋଡ୍ ଜରିଆରେ ଆପଣଙ୍କ ଗେମିଂ ଅନୁଭୂତିରେ ରୂପାନ୍ତରଣ ଆଣିପାରିବ। ଏଚ୍‌ଡିଏମ୍‌ଆଇ ୨.୧ ସହ କମ୍ପାଟିବଲ୍ ଥିବାରୁ ଏହା ଗେମିଂ ପାଇଁ ସହାୟକ ହୋଇଥିବା ବେଳେ ଏଥିରେ ଅଟୋ ଲୋ ଲାଟେନ୍‌ସି ମୋଡ୍ (ଏଏଲ୍‌ଏଲ୍‌ଏମ୍) ସାମିଲ ରହିଛି।

## ଫୁର୍‌ସତ୍

# ଜୀବନ ରକ୍ଷାକରେ ଖାଦ୍ୟର ମାନ

## ବିଶ୍ୱ ଖାଦ୍ୟ ସୁରକ୍ଷା ଦିବସ

କୁହାଯାଏ ଉତ୍ତମ ତା ସନ୍ତୁଳିତ ଖାଦ୍ୟ ଶରୀରର ପୁଷ୍ଟି ବର୍ଦ୍ଧନ କରିଥାଏ। ତେଣୁ ଶରୀରକୁ ସୁସ୍ଥ ରଖିବାରେ ଖାଦ୍ୟର ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଲୋକଙ୍କ ଖାଦ୍ୟ ଅଭ୍ୟାସ ଓ ଆବଶ୍ୟକତାକୁ ଦେଖିଲେ ଜଣାପଡୁଛି ବର୍ତ୍ତମାନ ଅନେକେଙ୍କର ଜୀବନଶୈଳୀ ବଦଳି ଯାଇଛି। ମିଳୁଥିବା ବିଭିନ୍ନ ଖାଦ୍ୟରେ ରାସାୟନିକ ପଦାର୍ଥ ମିଶ୍ରିତ ହେଉଛି। ତେଣୁ ଦୂଷିତ ଖାଦ୍ୟ ଓ ଜଳ ଦ୍ୱାରା ହେଉଥିବା କ୍ଷତି ବିଷୟରେ ଲୋକଙ୍କୁ ଅବଗତ କରାଇବା ପାଇଁ ପ୍ରତିବର୍ଷ ଜୁନ ୭ ରେ ବିଶ୍ୱ ଖାଦ୍ୟ ସୁରକ୍ଷା ଦିବସ ପାଳନ କରାଯାଇଥାଏ।



୨୦୧୭ ଡିସେମ୍ବରରେ, ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚଓ) ଏବଂ ୨୦୧୭ ଜୁଲାଇରେ ଖାଦ୍ୟ ଓ କୃଷି ସଙ୍ଗଠନ (ଏଫଏଓ)ର ୪୦ତମ ଅଧିବେଶନରେ ଗ୍ରହଣ କରାଯାଇଥିବା ନିଷ୍ପତ୍ତି ବିଶ୍ୱ ଖାଦ୍ୟ ସୁରକ୍ଷା ଦିବସ ପ୍ରସ୍ତାବକୁ ସମର୍ଥନ ଜଣାଯାଇଥିଲା।

ଏହା ପରେ ମିଳିତ ଜାତିସଂଘର ସାଧାରଣ ସଭାର ୭୩ତମ ଅଧିବେଶନର ଦ୍ୱିତୀୟ କମିଟି ସମ୍ମୁଖରେ ଏହି ପ୍ରସ୍ତାବ ରଖାଯାଇଥିଲା, ଯାହା ସାଧାରଣ ସଭା (ୟୁଏନଜିଏ) ଦ୍ୱାରା ଗ୍ରହଣ କରାଯାଇଥିଲା। ଏହା ଅନୁସାରେ ୨୦୧୮ ଡିସେମ୍ବର ୨୦ରେ, ପ୍ରତିବର୍ଷ ଜୁନ ୭କୁ ବିଶ୍ୱ ଖାଦ୍ୟ ସୁରକ୍ଷା ଦିବସ ଭାବେ ପାଳନ କରିବାକୁ ଘୋଷଣା କରାଯାଇଥିଲା। ୨୦୧୯ ମସିହାରେ ପ୍ରଥମ ଥର ଜୁନ ୭ ତାରିଖକୁ 'ଖାଦ୍ୟ ସୁରକ୍ଷା ଦିବସ' ଭାବେ ପାଳନ କରାଗଲା। ଏହାପୂର୍ବରୁ ଅକ୍ଟୋବର ୧୬ ତାରିଖକୁ ଖାଦ୍ୟ ସୁକ୍ଷା ଦିବସ ଭାବେ ପାଳନ କରାଯାଉଥିଲା। ଏହି କ୍ଷେତ୍ର ସହିତ ଜଡିତ ଅନ୍ୟ ସଙ୍ଗଠନ ଗୁଡିକ ସହଯୋଗରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଏବଂ ଖାଦ୍ୟ ଓ କୃଷି ସଙ୍ଗଠନ ମିଳିତ ଭାବେ ବିଶ୍ୱ ଖାଦ୍ୟ ସୁରକ୍ଷା ଦିବସ ପାଳନ କରିବା ପାଇଁ କାର୍ଯ୍ୟ କରିଆସୁଛନ୍ତି। ଅସୁରକ୍ଷିତ ଖାଦ୍ୟ ପଦାର୍ଥର ବ୍ୟବହାର ଯୋଗୁ ଅନେକ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା ସୃଷ୍ଟି ହୋଇଥାଏ। ଏଭଳି ପରିସ୍ଥିତିରେ ବିଶ୍ୱ ଖାଦ୍ୟ ସୁରକ୍ଷା ଦିବସ ପାଳନ କରିବାର ଉଦ୍ଦେଶ୍ୟ ହେଉଛି ପ୍ରତ୍ୟେକ ବ୍ୟକ୍ତିଙ୍କୁ ପୁଷ୍ଟିକର ଓ ସନ୍ତୁଳିତ ଖାଦ୍ୟ ଯୋଗାଇବା। ଏହା ସହିତ, ଏହି ଦିନ ପାଳନ କରିବାର ବିଶେଷ ଉଦ୍ଦେଶ୍ୟ ହେଉଛି ଖାଦ୍ୟ ଦ୍ୱାରା ସୃଷ୍ଟି ହେଉଥିବା ବିପଦକୁ ରୋକିବା, ଅପମିଶ୍ରିତ ଜିନିଷଗୁଡ଼ିକୁ ଚିହ୍ନିବା ଓ ଲୋକଙ୍କୁ ସେଗୁଡ଼ିକ ବିଷୟରେ ଜଣାଇବା। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ରିପୋର୍ଟ ମୁତାବକ, ପ୍ରତିବର୍ଷ ପ୍ରଦୂଷିତ ଖାଦ୍ୟ ଖାଇବା ଯୋଗୁଁ ୪ଲକ୍ଷରୁ ଅଧିକ ଲୋକଙ୍କର ମୃତ୍ୟୁ ହେଉଛି। ଆମେ ପ୍ରତିଦିନ ଅନେକ ପ୍ରକାରର ଖାଦ୍ୟ ଖାଇଥାଉ ଯାହା ପାଟିକୁ ସ୍ୱାଦକର ଲାଗୁଥିଲେ ବି ଦେହ ପାଇଁ କ୍ଷତିକାରକ। ଆଜିକାଲି ଲୋକପ୍ରିୟ ପାଲଟିଥିବା ଫାଷ୍ଟଫୁଡ କିମ୍ବା ଜଙ୍କ ଫୁଡ ଶରୀର ପାଇଁ ଘାତକ ପ୍ରମାଣିତ ହେଉଛି। ପୁଷ୍ଟିକର ଖାଦ୍ୟ ଅଭାବରୁ ପିଲାମାନେ ବିଶେଷ ଭାବରେ ଅନେକ ପ୍ରକାର ଶାରୀରିକ ସମସ୍ୟାର ଶିକାର ହୋଇଥାନ୍ତି। ସ୍ୱାସ୍ଥ୍ୟ ସମସ୍ୟାର ଅନ୍ୟତମ କାରଣ ହେଉଛି ଖାଦ୍ୟରେ ଫାଇବରର ଅଭାବ। ଫାଇବରରେ ଭରପୂର ଖାଦ୍ୟ ପିଲାମାନଙ୍କର ହଜମ ପାଇଁ ଭଲ। ହଜମ ପ୍ରକ୍ରିୟାରେ ଉନ୍ନତି ଆଣିବା ସହିତ ସନ୍ତୁଳିତ ଓ ପୁଷ୍ଟିକର ଖାଦ୍ୟଗୁଡ଼ିକ ପେଟ ସମ୍ବନ୍ଧୀୟ ଅନେକ ସମସ୍ୟାକୁ ମଧ୍ୟ ଦୂର କରିଥାଏ।

ପ୍ରତିବର୍ଷ ଏହି ଦିବସର ପାଳନ ଏକ ଥିମ୍ ଆଧାରରେ ହୋଇଥାଏ। ଚଳିତ ୨୦୨୩ ବର୍ଷ ପାଇଁ ଏହି ଦିବସର ଥିମ ହେଉଛି ଫୁଡ ଷ୍ଟାଣ୍ଡାର୍ଡସ ସେଭ୍ ଲାଇଫ୍ (ଜୀବନ ରକ୍ଷା କରେ ଖାଦ୍ୟର ମାନ)। ଅପମିଶ୍ରିତ ଖାଦ୍ୟଠାରୁ ଦୂରେଇ ରହିବା ଏବଂ ଏନେଇ ସଚେତନତା ସୃଷ୍ଟି କରିବା ଲାଗି ଏହି ଥିମ ଉଦ୍ଦିଷ୍ଟ। ସୁସ୍ଥ ଓ ପୁଷ୍ଟିକର ଖାଦ୍ୟ ଅଭାବରୁ ଜଣେ ରୋଗାକ୍ରାନ୍ତ ହେବା ଆଶଙ୍କା ଅଧିକ ରହିଥାଏ। ମଣିଷ ସୁଖରେ ଜୀବନ ଜୀଇଁବା ପାଇଁ ତଥା ନିରୋଗୀ ରହିବା ଲାଗି ସନ୍ତୁଳିତ ଓ ପୁଷ୍ଟିକର ଖାଦ୍ୟ ଖାଇବା ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ଏହା ସହିତ ଅପମିଶ୍ରିତ ଖାଦ୍ୟ ପଦାର୍ଥଠାରୁ ଦୂରେଇ ରହି ମାନକଯୁକ୍ତ ଖାଦ୍ୟକୁ ପ୍ରାଥମିକତା ଦେବାର ଜରୁରୀ ହୋଇ ପଡିଛି।



# ମା' ହେବାକୁ ଯାଉଛନ୍ତି ସ୍ୱରା

ମୁମ୍ବାଇ

ବଲିଉଡ୍ ଅଭିନେତ୍ରୀ ସ୍ୱରା ଭାସ୍କର ତାଙ୍କ ପ୍ରଶଂସକଙ୍କୁ ଏକ ଖୁସି ଖବର ଦେଇଛନ୍ତି। ସେ ଖୁବ୍‌ଶୀଘ୍ର ମା' ହେବାକୁ ଯାଉଛନ୍ତି ବୋଲି ସୋସିଆଲ ମିଡିଆରେ ଏହି ଖବର ପ୍ରକାଶ କରିଛନ୍ତି। ସେ ତାଙ୍କ ସ୍ୱାମୀ ସମାଜବାଦୀ ପାର୍ଟି ନେତା ଫହଦ ଅହମ୍ମଦଙ୍କ ସହିତ ଏକ ଫଟୋରେ ନଜରକୁ ଆସିଛନ୍ତି। ସେ ଗୋଲାପି ରଙ୍ଗର ପୋଷାକ ପିନ୍ଧିଛନ୍ତି, ଯେଉଁଥିରେ ତାଙ୍କର ବେବି ବମ୍ପ ସ୍ପଷ୍ଟ ଦେଖାଯାଉଛି। ଏନେଇ ସ୍ୱରାଙ୍କୁ ବିଭିନ୍ନ ଆଡୁ ଅନେକ ଶୁଭେଚ୍ଛାର ସୁଅ ଛୁଟୁଛି। ଅକ୍ଟୋବରରେ ସ୍ୱରାଙ୍କ ଡେଲିଭରି ଥିବା ଡାକ୍ତର କହିଛନ୍ତି। ଚଳିତ ବର୍ଷ ଜାନୁୟାରୀ ୬ରେ ସ୍ୱରା କୋର୍ଟରେ ଫହଦଙ୍କୁ ବିବାହ କରିଥିଲେ। ସେତେବେଳେ ତାଙ୍କୁ କିଛି ଲୋକ ସମାଲୋଚନା କରିଥିଲେ। ସ୍ୱରା ୨୦୦୯ରେ ଚଳଚ୍ଚିତ୍ର 'ମାଧୋଲାଲ୍ ଚଲ୍‌ତେ ରହୋ'ରୁ ତାଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ କରିଥିଲେ। ଏହା ମଧ୍ୟରେ ସେ ଅନେକ ହିଟ୍ ଫିଲ୍ମ ଦର୍ଶକଙ୍କୁ ଭେଟି ଦେଇସାରିଛନ୍ତି। ତାଙ୍କୁ ଶେଷଥର ପାଇଁ ୨୦୨୨ରେ ମୁଭି 'ଭିରେ ଦି ୱେଡିଂ'ରେ ଦେଖିବାକୁ ମିଳିଥିଲା। ଏଥିସହ ସେ ଟେଲିଭିଜନ ଏବଂ ୱେବସିରିଜ୍‌ରେ କାମ କରିଛନ୍ତି।

# ୨୪ ଘଣ୍ଟାରେ ୨୩ ହଜାର ଚାରାରୋପଣ

**ଅଟାୱା:** ବେଳକୁ ବେଳ ପୃଥିବୀରୁ ଜଙ୍ଗଲ ସଂଖ୍ୟା କମି କମି ଯାଉଛି। ଲୋକେ ଜଙ୍ଗଲ କାଟି ସେଠାରେ ବଡ଼ ବଡ଼ କୋଠା, କାରଖାନାମାନ ଠିଆ କରୁଛନ୍ତି। ତେବେ ବର୍ତ୍ତମାନ ସମୟରେ ପରିବେଶର ସୁରକ୍ଷା ନିତାନ୍ତ ଜରୁରୀ ହୋଇପଡ଼ିଲାଣି। ସେଥିପାଇଁ ଅନେକ ପରିବେଶବିତ୍ ପରିବେଶର ସୁରକ୍ଷା ପାଇଁ ବହୁ ପଦକ୍ଷେପ ଗ୍ରହଣ କରୁଛନ୍ତି। କାନାଡାର ଜଣେ ବ୍ୟକ୍ତି ପରିବେଶର ସୁରକ୍ଷା ପାଇଁ ନିଜର ବିଶେଷ ଅବଦାନ ଦେଇଛନ୍ତି। ସେ ୨୪ ଘଣ୍ଟା ମଧ୍ୟରେ ୨୩ ହଜାରରୁ ଉର୍ଦ୍ଧ୍ୱ ଗଛର ଚାରା ରୋପଣ କରିଥିବା ଜଣାପଡ଼ିଛି। ରିପୋର୍ଟ ମୁତାବକ, କାନାଡାର ଆଲବର୍ଟାର ଲାକ୍ରିଟି ଅଞ୍ଚଳର ବାସିନ୍ଦା ୨୪ ବର୍ଷୀୟ ଆଣ୍ଟୋନି ମୋସେସ୍ ଏକୁଟିଆ ୧୭ ଜୁଲାଇ ୨୦୨୧ରେ ୨୩,୦୬୦ଟି ଗଛ ଲଗାଇ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ୍ସରେ ନିଜ ନାମ ପୁଣି ଲେଖାଇଛନ୍ତି। ଏହା ପୂର୍ବରୁ ମଧ୍ୟ ସେ ୨୦୦୧ରେ ୧୫,୧୭୦ ଗଛ ଲଗାଇ ରେକର୍ଡ କରିଥିଲେ। ଗୋଟିଏ ବର୍ଷ ମଧ୍ୟରେ ମୋସେସ୍ କାନାଡାରେ ୧.୩ ମିଲିୟନ୍‌ରୁ ଉର୍ଦ୍ଧ୍ୱ ଗଛର ଚାରା ରୋପଣ କରିଆସୁଛନ୍ତି। ଏନେଇ ମୋସେସ୍ ଗଛ ଲଗାଉଥିବାର ଏକ ଭିଡିଓ ଗିନିଜ୍ ରେକର୍ଡ ସୋସିଆଲ ମିଡିଆରେ ଶେୟାର କରିଛି। ସେଥିପାଇଁ ସେ ଗିନିଜ୍ ରେକର୍ଡକୁ ଧନ୍ୟବାଦ ଜଣାଇଛନ୍ତି। ସେ ଗଛ ଲଗାଇବାରେ ଦିନକୁ ୯ ଘଣ୍ଟା ସମୟ ଦେଇଥାନ୍ତି।



ଏପର୍ଯ୍ୟନ୍ତ ସେ ପାଖାପାଖି ୮ ହଜାର ଚାରାରୋପଣ କରିସାରିଲେଣି। ଆମେ ସୁରକ୍ଷିତ ରହିବାକୁ ହେଲେ ପ୍ରକୃତିକୁ ସୁରକ୍ଷିତ ରଖିବାକୁ ପଡ଼ିବ ବୋଲି ମୋସେସ୍ କହିଛନ୍ତି।

# ପିଜା ପାଇଁ 'ଆଫ୍‌ଟର ଲାଇଫ୍ ପେ' ବିକଳ୍ପ

**ୱେଲିଂଟନ:** ଅନ୍‌ଲାଇନ୍‌ରେ ଜିନିଷ କିଣିବାବେଳେ ବର୍ତ୍ତମାନ ସେଥିରେ 'ବାଏ ନାଓ ପେ ଲ୍ୟାଟର' ଭଳି ବିକଳ୍ପ ରହିଛି। ଲୋକେ ଏହି ଫାଇଦା ଉଠାଇ ବହୁତ ଜିନିଷ କିଣି ପରେ ଟଙ୍କା ଦେଉଛନ୍ତି। ଏହା ମଧ୍ୟ ସେମାନଙ୍କୁ ସୁବିଧା ହେଉଛି। ତେବେ ଏପରି ଏକ ରେଷ୍ଟୁରାଣ୍ଟ ଅଛି, ଯିଏକି ତା' ଅଜବ ଅଫର ପାଇଁ ଚର୍ଚ୍ଚାକୁ ଆସିଛି। ରିପୋର୍ଟ ମୁତାବକ, ନ୍ୟୁଜିଲାଣ୍ଡର ଏକ ପିଜା ଚେନ୍ ପିଜା ଅର୍ଡର ପରେ ଟଙ୍କା ଦେବାକୁ କିଛି ଅଜବ ନିୟମ ରଖିଛି, ଯେଉଁଥିରେ ଲେଖାହୋଇଛି 'ଆଫ୍‌ଟର ଲାଇଫ୍ ପେ'। ଏକ ୱେବ୍‌ସାଇଟ୍ ଅନୁସାରେ କେବଳ ୬୬୬ ଗ୍ରାହକଙ୍କ ପାଇଁ ଏହି ସୁବିଧା ରହିଛି। ଏଥିରେ ଗ୍ରାହକଙ୍କୁ ଏଗ୍ରିମେଣ୍ଟରେ ଦସ୍ତଖତ କରିବାକୁ ହେବ, ଯେଉଁଥିରେ ସେ ପିଜାର ଦାମ୍ ମରିବା ପରେ ମଧ୍ୟ ଦେଇପାରିବେ। ଏହା ଶୁଣି ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଲାଗିବ। ହେଲେ ଏପରି କରିବା ପଛରେ 'ବାଏ ନାଓ ପେ ଲ୍ୟାଟର' ଭଳି ସମସ୍ୟାରୁ ବଞ୍ଚିହେବ ବୋଲି ଜଣାପଡ଼ିଛି। ସେହି ରେଷ୍ଟୁରାଣ୍ଟର ସିଇଓ ବେନ୍ କୁମିଂ କହିଛନ୍ତି, ଏହି ଏଗ୍ରିମେଣ୍ଟ ଜରିଆରେ ତାଙ୍କ ଘର କାଗଜପତ୍ରରେ କିଛି ବଦଳାଯିବ, ଯେଉଁଥିରେ କି ପିଜାର ମୂଲ୍ୟ ସାମିଲ ରହିବ। ଏଥିରେ କୌଣସି ଅନ୍ୟ ଚାର୍ଜ ଲାଗିବନି। ନ୍ୟୁଜିଲାଣ୍ଡ କଷ୍ଟମର ପ୍ରୋଟେକ୍ସନ ଅଥରିଟି ତାହା ଯାଞ୍ଚକରି ଲୋକଙ୍କୁ ଏକ ଚେତାବନୀ ଦେଇଛି। ସେ କହିଛି କି, ମାଗଣା ପିଜା ଖାଇ ପରେ ଟଙ୍କା ଦେବା ସୁଯୋଗରେ ତାଙ୍କୁ କରଜରେ ବୁଡ଼ିବାକୁ ପଡ଼ିପାରେ। ଏପରି ଯୋଜନା କେବଳ ନ୍ୟୁଜିଲାଣ୍ଡବାସୀଙ୍କ ପାଇଁ ଉପଲବ୍ଧ ରହିଛି। ଏଥିପାଇଁ ସେମାନେ ୱେବ୍‌ସାଇଟ୍‌କୁ ଯାଇ ରେଜିଷ୍ଟ୍ରି କରିପାରିବେ। ବଞ୍ଚାଯାଇଥିବା ଲୋକଙ୍କୁ ତାଙ୍କ ଘର କାଗଜପତ୍ରରେ କିଛି ସଂଶୋଧନ କରାଯାଇ ସେଥିରେ ଦସ୍ତଖତ କରିବାକୁ ହେବ।



# ସମସ୍ୟା ସୃଷ୍ଟି କରୁଛି ଭୁଲ୍ ନମ୍ବରିଂ

**ଭୁବନେଶ୍ୱର,୬।୬(ବ୍ୟୁରୋ)**

ବାହାନଗା ଟ୍ରେନ୍ ଦୁର୍ଘଟଣାରେ ୨୮୮ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଚିହ୍ନଟ ପାଇଁ ବାଲେଶ୍ୱରରୁ ୧୯୩ଟି ମୃତଦେହ ଭୁବନେଶ୍ୱରକୁ ଆସିଥିଲା। ସେଥିମଧ୍ୟରୁ ୧୨୩ଟି ମୃତଦେହ ଏମ୍ସରେ ରଖାଯାଇଥିଲା। ମଙ୍ଗଳବାର ରାତି ସୁଦ୍ଧା ୭୧ଟି ମୃତଦେହ ସେମାନଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବାବେଳେ ଏବେବି ୫୨ଟି ମୃତଦେହ ଚିହ୍ନଟ ଅପେକ୍ଷାରେ ରହିଛି। ଏପଟେ ଦୁର୍ଘଟଣାର ୪ଦିନ ପରେ ବି

## ମୃତଦେହ ଖୋଜିଖୋଜି ଥକିଗଲେଣି ପରିବାର

ବହୁ ପରିବାର ଓ ସମ୍ପର୍କୀୟ ସେମାନଙ୍କ ଲୋକଙ୍କୁ ଖୋଜି ପାଉନାହାନ୍ତି। କିଏ ବାପାକୁ ଖୋଜୁଛି ତୋ ଆଉ କିଏ ମା', ଭଉଣୀ, ପୁଅ ଓ ସମ୍ପର୍କୀୟଙ୍କୁ ଖୋଜୁଛି। ହାତରେ ଫଟୋ ଓ ଅନ୍ୟାନ୍ୟ ପ୍ରମାଣପତ୍ର ଧରି ବାଲେଶ୍ୱରରୁ କଟକ, ଭୁବନେଶ୍ୱର ବୁଲି ବୁଲି ଥକିପଡିଥିବା ଦେଖିବାକୁ ମିଳୁଛି। ବହୁ ମୃତଦେହର ଅବସ୍ଥା ବିକୃତ ହୋଇଯାଇଥିବାରୁ ସେମାନଙ୍କୁ ଚିହ୍ନଟ କରିବା ଉଭୟ ଡାକ୍ତରୀ ଦଳ ଓ ପରିବାର ଲୋକଙ୍କ ଲାଗି କଷ୍ଟକର ହୋଇପଡିଛି। ସବୁଠାରୁ ବଡ଼କଥା ହେଉଛି, ଭୁଲ୍ ନମ୍ବରିଂ ଯୋଗୁ ମୃତଦେହ ଚିହ୍ନଟରେ ସମସ୍ୟା ସୃଷ୍ଟି ହେଉଥିବା ନଜରକୁ ଆସିଛି। ବାଲେଶ୍ୱର ଓ ଭୁବନେଶ୍ୱର ପ୍ରଶାସନ ମଧ୍ୟରେ ସମନ୍ୱୟର ଅଭାବ ତଥା ଭୁଲ ନମ୍ବରିଂ ଲାଗି ହଇରାଣ ହେଉଛୁ ବୋଲି ନିରାଶ ହୋଇଥିବା ବହୁ ପରିବାର କହିଛନ୍ତି। ସୋମବାର ଓ ମଙ୍ଗଳବାର ଏମ୍ସକୁ ମୃତଦେହ ଚିହ୍ନଟ କରିବାକୁ ଆସିଥିବା ପରିବାର ଓ ସମ୍ପର୍କୀୟମାନେ ଏଥିପାଇଁ ହଟହଟା ହେଉଥିବା ଦେଖିବାକୁ ମିଳିଥିଲା। କେତେଜଣ କହୁଥିଲେ ମୋ ବାପାଙ୍କ ମୃତଦେହ ଆଉ କିଏ ନେଇଯାଇଛନ୍ତି। ଆଉ କିଏ କହୁଥିଲେ ବାଲେଶ୍ୱରରୁ ଭୁବନେଶ୍ୱର ଯାଏ ଆମ ଲୋକଙ୍କୁ ଖୋଜୁଥିଲେ ମଧ୍ୟ କେଉଁଠୁ ବି ମିଳୁନି। ମୃତଦେହ ରଖାଯାଇଥିବା ଏମ୍ସ, କ୍ୟାପିଟାଲ ହସ୍ପିଟାଲ ସମେତ ଅନ୍ୟ ଦୁଇ ହସ୍ପିଟାଲ ବୁଲି ସାରିଲୁଣି, କିନ୍ତୁ କେଉଁଠି ହେଲେ ପାଉନାହୁଁ।



ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କଟକ ଏସ୍ସିବି ମେଡିକାଲରେ ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝୁଛନ୍ତି।

# ମୃତକଙ୍କ ସଂଖ୍ୟା ୨୮୮କୁ ବଢ଼ିଲା

**ଭୁବନେଶ୍ୱର,୬।୬(ବ୍ୟୁରୋ)**

■ ଚିହ୍ନଟ ପରେ ୨୦୫ ମୃତଦେହ ହସ୍ତାନ୍ତର
■ ଅବଶିଷ୍ଟ ଚିହ୍ନଟ ପ୍ରକ୍ରିୟା ଜାରି ରହିଛି: ମୁଖ୍ୟ ଶାସନ ସଚିବ

ବାଲେଶ୍ୱର ବାହାନଗାଠାରେ ଘଟିଥିବା ଟ୍ରେନ୍ ଦୁର୍ଘଟଣାରେ ମୃତକଙ୍କ ସଂଖ୍ୟା ୨୮୮କୁ ବୃଦ୍ଧିପାଇଛି। ବାଲେଶ୍ୱର ଜିଲାପାଳଙ୍କଠାରୁ ମିଳିଥିବା ବୃତ୍ତାନ୍ତ ତଥ୍ୟ ଅନୁସାରେ ଏହି ସଂଖ୍ୟା ୨୮୮ ବୋଲି ଜଣାପଡ଼ିଛି। ସୋମବାର ସନ୍ଧ୍ୟା ସୁଦ୍ଧା ମୃତ୍ୟୁ ସଂଖ୍ୟା ୨୭୫ କୁହାଯାଇଥିଲା।

ମଙ୍ଗଳବାର ଅପରାହ୍ନରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା କହିଛନ୍ତି, ବାଲେଶ୍ୱରଠାରେ ୯୪ଟି ମୃତଦେହ ଚିହ୍ନଟ କରାଯାଇ ସେମାନଙ୍କ ସମ୍ପର୍କୀୟମାନଙ୍କୁ ହସ୍ତାନ୍ତର କରାଯାଇଛି। ସେହିପରି ଭଦ୍ରକରେ ଚିକିତ୍ସିତ ଥିବା ଆହତଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ଘଟିଥିଲା ଏବଂ ମୃତଦେହ ଚିହ୍ନଟ ପରେ ତାଙ୍କ ନିକଟ ସମ୍ପର୍କୀୟଙ୍କୁ ହସ୍ତାନ୍ତର କରାଯାଇଛି। ରେଲ୍ୱେ ପୋଲିସ ମଧ୍ୟ ତାଙ୍କ ପତ୍ରରେ ଏହି ସଂଖ୍ୟା ବାଲେଶ୍ୱର ଜିଲାପାଳଙ୍କୁ ଜଣାଇଛନ୍ତି। ସେହିପରି ୯୬ଟି ଆମ୍ବୁଲାନ୍ସରେ ୧୯୩ଟି ମୃତଦେହକୁ ଭୁବନେଶ୍ୱର ଅଣାଯାଇଥିଲା। ସେଥିରୁ ମଙ୍ଗଳବାର ଅପରାହ୍ନ ସୁଦ୍ଧା ୧୧୦ଟି ମୃତଦେହ ଚିହ୍ନଟ ହୋଇ ସେମାନଙ୍କ ସମ୍ପର୍କୀୟଙ୍କୁ ହସ୍ତାନ୍ତର କରାଯାଇଛି। ଆଉ ୮୩ଟି ମୃତଦେହ ଚିହ୍ନଟ ପ୍ରକ୍ରିୟାରେ ରହିଛି। ଚିହ୍ନଟ ହୋଇପାରି ନ ଥିବାବେଳେ ମୃତଦେହଗୁଡ଼ିକର ଡିଏନ୍ଏ ନମୁନା ସଂଗ୍ରହ କରାଯାଇସାରିଛି, ଯାହାକି ପରବର୍ତ୍ତୀ ସମୟରେ ଚିହ୍ନଟ ପ୍ରକ୍ରିୟାକୁ ସାହାଯ୍ୟ କରିବ।

ରାଜ୍ୟ ସରକାରଙ୍କ କଲ୍ ସେଣ୍ଟରକୁ ଟ୍ରୋଲ୍ ଫ୍ରି ନମ୍ବର-୧୮୦୦୩୪୫୦୦୬୧ ଏବଂ ୧୯୨୯ରେ ବହୁ ଟେଲିଫୋନ୍ ଆସୁଛି, ଯେଉଁଥିରେ ଲୋକମାନେ ସେମାନଙ୍କ ଆତ୍ମୀୟସ୍ୱଜନଙ୍କ ସମ୍ପର୍କରେ ଅନୁସନ୍ଧାନ କରୁଛନ୍ତି। ଚିକିତ୍ସିତଙ୍କୁ ସାକ୍ଷାତ, ମୃତହେହ ଚିହ୍ନଟୀକରଣ ଓ ପରିବହନ ଆଦି ବିଭିନ୍ନ କ୍ଷେତ୍ରରେ ସାହାଯ୍ୟ କରାଯାଉଛି। ବୁଧବାର ସୁଦ୍ଧା ମୃତଦେହ ଚିହ୍ନଟ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ମିଳିବ ବୋଲି ମୁଖ୍ୟ ଶାସନ ସଚିବ ଆଶା ପ୍ରକାଶ କରିଛନ୍ତି।

ସନ୍ଧ୍ୟାରେ ଅନୁଷ୍ଠିତ ଏ ସମ୍ପର୍କିତ ଏକ ବୈଠକରେ ରାଜ୍ୟ ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ବିଭିନ୍ନ ହସ୍ପିଟାଲରେ ଅଲଗା ରହିଥିବା ମୃତଦେହଗୁଡ଼ିକୁ ଏମ୍ସ ହସ୍ପିଟାଲକୁ ଅଣାଯାଇ ଏକତ୍ର ଗୋଟିଏ ସ୍ଥାନରେ ସଂରକ୍ଷିତ କରି ରଖାଯିବା ସମ୍ପର୍କରେ ନିଷ୍ପତ୍ତି ନିଆଯାଇଛି। ଫଳରେ ମୃତଦେହ ଚିହ୍ନଟୀକରଣ ପାଇଁ ସମ୍ପର୍କୀୟମାନେ ନିର୍ଦ୍ଦିଷ୍ଟ ଗୋଟିଏ ସ୍ଥାନରେ ଆସି ପହଞ୍ଚିବେ ଓ ଏହାଫଳରେ ଚିହ୍ନଟ ଓ ହସ୍ତାନ୍ତର ପ୍ରକ୍ରିୟା ଅଧିକ ସହଜ ହୋଇପାରିବ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି।

## ମୃତ, ଶାରୀରିକ ଅକ୍ଷମଙ୍କ ପରିବାର ସଦସ୍ୟଙ୍କୁ ଚାକିରି ଦାବିରେ ଦସ୍ତଖତ ଅଭିଯାନ

**ଭୁବନେଶ୍ୱର,୬।୬(ବ୍ୟୁରୋ)**

ବାଲେଶ୍ୱର ବାହାନଗାଠାରେ ଘଟିଥିବା ମର୍ମନ୍ତୁଦ ଟ୍ରେନ୍ ଦୁର୍ଘଟଣାରେ ମୃତକ ଏବଂ ଶାରୀରିକ ଅକ୍ଷମଙ୍କ ପରିବାରକୁ କ୍ଷତିପୂରଣ ଦିଆଯାଇଥିଲେ ମଧ୍ୟ ଅନେକ ପରିବାର ଅସହାୟ ହୋଇପଡ଼ିଛନ୍ତି। ସେସବୁ ପରିବାରର ଜଣଙ୍କୁ ଚାକିରି ପ୍ରଦାନ ଦାବିରେ ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରୁ ମହାଦସ୍ତଖତ ଅଭିଯାନ ଆରମ୍ଭ ହୋଇଛି। ଭାରତୀୟ ରେଳପଥରେ ହଜାର ହଜାର ପଦବୀ ଖାଲି ପଡ଼ିଛି। ଦୁର୍ଘଟଣାରେ ମୃତ ଓ ଶାରୀରିକ ଅକ୍ଷମଙ୍କ ପରିବାର ସଦସ୍ୟଙ୍କୁ ସେମାନଙ୍କ ଯୋଗ୍ୟତା ଅନୁସାରେ ନିଯୁକ୍ତି ଦେବା ପାଇଁ ନିବେଦନ କରାଯାଇଛି। ଆଗାମୀ ଦିନରେ ଓଡ଼ିଶାର ସମସ୍ତ କୋଣ ଅନୁକୋଣରୁ ଏହି ଦସ୍ତଖତ ସଂଗ୍ରହ କରି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଉଦ୍ଦେଶ୍ୟରେ ପଠାଯିବ ବୋଲି ଅଭିଯାନର ଆବାହକ ବିଶ୍ୱଜିତ ପାତ୍ର କହିଛନ୍ତି। ଏହି ଅଭିଯାନ ଆଗାମୀ ଦିନରେ ରାଜ୍ୟର ସମସ୍ତ ସ୍କୁଲ୍, କଲେଜ, ବିଶ୍ୱବିଦ୍ୟାଳୟ ସମେତ ସମସ୍ତ ଅଞ୍ଚଳକୁ ଯାଇ ଦସ୍ତଖତ ସଂଗ୍ରହ କରାଯିବ। ସାମାଜିକ ଗଣମାଧ୍ୟମରେ ଏ ନେଇ ସଚେତନତା ଆରମ୍ଭ କରାଯିବ। ଏଥିସହ ଆଗାମୀ ଦିନରେ ରେଳମନ୍ତ୍ରୀଙ୍କୁ ଭେଟି ଏ ସଂକ୍ରାନ୍ତରେ ଅବଗତ କରାଯିବ। ବିଶ୍ୱବିଦ୍ୟାଳୟର ପୁରାତନ ଓ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ନେତୃତ୍ୱରେ ଏହି ଦସ୍ତଖତ ଅଭିଯାନ ସମ୍ପାଦନ କରାଯାଉଛି।

# ଆମର ୩୧ ଯାତ୍ରୀ ନିଖୋଜ: ମମତା

**କଟକ ଅଫିସ,୬।୬**

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କଟକ ଏସ୍ସିବି ମେଡିକାଲରେ ଚିକିତ୍ସାଧୀନ ବାହାନଗା ରେଳ ଦୁର୍ଘଟଣା ଆହତଙ୍କୁ ମଙ୍ଗଳବାର ଭେଟିଛନ୍ତି। ସେଠାରେ ସେ ଆହତମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ସେମାନଙ୍କ ଆରୋଗ୍ୟ କାମନା କରିଥିଲେ। ଏପରି କି ଡାକ୍ତରମାନଙ୍କ ସହ ଚିକିତ୍ସା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ବାହାନଗା ଟ୍ରେନ୍ ଦୁର୍ଘଟଣାର ପୀଡ଼ିତମାନଙ୍କୁ ସହାୟତାର ହାତ ବଢାଇ ଉତ୍ସର୍ଗୀକୃତ କାର୍ଯ୍ୟ କରିଥିବା ଏସ୍ସିବି ମେଡିକାଲ କଲେଜ କର୍ତ୍ତୃପକ୍ଷ, ଡାକ୍ତର, ସେବିକା, ସ୍ୱୟଂ ସହାୟିକା ଗୋଷ୍ଠୀ ଓ ଜିଲା ପ୍ରଶାସନକୁ ମମତା ଧନ୍ୟବାଦ ଜଣାଇଛନ୍ତି। ଏ ସମ୍ପର୍କରେ ସେ କହିଛନ୍ତି, ଟ୍ରେନ୍ ଦୁର୍ଘଟଣାର ପୀଡ଼ିତମାନଙ୍କୁ ସେବା ଯୋଗାଇବା ପାଇଁ ଉଭୟ ଓଡ଼ିଶା ଓ ପଶ୍ଚିମବଙ୍ଗ ସରକାର ମିଳିତ ଭାବେ କାର୍ଯ୍ୟ କରୁଛନ୍ତି। ଆହତମାନଙ୍କୁ ମାଗଣା ଚିକିତ୍ସା ସେବା ଯୋଗାଇ ଦିଆଯାଉଛି। ଉଭୟ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ସମସ୍ତ ଖର୍ଚ୍ଚ ଭରଣା କରୁଛନ୍ତି। ପଶ୍ଚିମବଙ୍ଗ ସରକାର ପୀଡ଼ିତମାନଙ୍କୁ ସେବା ଯୋଗାଇଦେବା ପାଇଁ ବାଲେଶ୍ୱର ଓ ଏହାର ସୀମାନ୍ତ ଅଞ୍ଚଳରେ ୩/୪ ଟି ଅସ୍ଥାୟୀ ସହାୟତା ଶିବିର ଖୋଲିଛନ୍ତି। ଏହାବ୍ୟତୀତ ୧୦୦ଟି ଆମ୍ବୁଲାନ୍ସ, ଡାକ୍ତରୀ ଦଳ ଓ ୪୦ ଜଣ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କୁ ନିଯୋଜିତ କରାଯାଇଛି। ଏସ୍ସିବି ମେଡିକାଲରେ ଚିକିତ୍ସିତ ହେଉଥିବା ପଶ୍ଚିମବଙ୍ଗର ୫୭ ଜଣ ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ପଶ୍ଚିମବଙ୍ଗର ୯୭ ଜଣ ଆହତ ଏବେ ଓଡ଼ିଶାରେ ଚିକିତ୍ସିତ ଥିବାବେଳେ ୩୧ଜଣ ନିଖୋଜ ଅଛନ୍ତି। ଅବଶିଷ୍ଟ ୨୦୦ଜଣ କୋଲକାତାରେ ଚିକିତ୍ସିତ ହେଉଛନ୍ତି। ଏହା ବ୍ୟତୀତ ଭୁବନେଶ୍ୱରରେ ଥିବା ୧୨୦ଟି ମୃତଦେହ ମଧ୍ୟରୁ ୧୦୩ଟି ଚିହ୍ନଟ ହୋଇଛି। ସେଥିମଧ୍ୟରୁ ୮୬ ଜଣଙ୍କ ପରିବାରର ସଦସ୍ୟ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଛନ୍ତି। ପଶ୍ଚିମବଙ୍ଗର ପ୍ରତ୍ୟେକ ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା, ଗୁରୁତର ଆହତଙ୍କୁ ୧ ଲକ୍ଷ ଟଙ୍କା, ସାମାନ୍ୟ ଆହତଙ୍କୁ ୨୫ ହଜାର ଟଙ୍କା, ଟ୍ରେନରେ ଯାତ୍ରା କରିଥିବା ଓ ପ୍ରଚଣ୍ଡ ମାନସିକ ଆଘାତ ପାଇଥିବା ଯାତ୍ରୀମାନଙ୍କୁ ୧୦ ହଜାର ଟଙ୍କା ସହାୟତା ରାଶି ଏବଂ ମାସକୁ ୨୦୦୦ ଟଙ୍କା ହିସାବରେ ୩ ମାସ ପର୍ଯ୍ୟନ୍ତ ପ୍ରଦାନ କରାଯିବ ବୋଲି ଗଣମାଧ୍ୟମ ପ୍ରତିନିଧିଙ୍କୁ ମମତା ସୂଚନା ଦେଇଛନ୍ତି।

ରେଳମନ୍ତ୍ରୀଙ୍କ ଦ୍ୱାରା ଘୋଷିତ ଟ୍ରେନ୍ ଦୁର୍ଘଟଣାର ସିବିଆଇ ତଦନ୍ତ କରାଯିବା ବିଷୟରେ ପଚରାଯିବାରୁ ମମତା କହିଛନ୍ତି, ଏ ସମ୍ପର୍କରେ ମୋର କୌଣସି ମତାମତ ନାହିଁ। ତେବେ ଦୁର୍ଘଟଣାର ସତ୍ୟତା ପ୍ରକାଶ ପାଇବାର ଆବଶ୍ୟକତା ରହିଛି। କୌଣସି ପରିସ୍ଥିତିରେ ଏହାକୁ ଦବାଇ ଦେବା ନିମନ୍ତେ ପ୍ରଚେଷ୍ଟା ଗ୍ରହଣୀୟ ନୁହେଁ। ଆମେ ଜନସାଧାରଣଙ୍କ ସହିତ ରହି କାର୍ଯ୍ୟ କରିବା ଉଚିତ୍। ଏଭଳି ପରିସ୍ଥିତିରେ କୌଣସି ପ୍ରକାରର ବିତର୍କ କରିବା ଅନୁଚିତ୍ ଏବଂ ଏକ ସୁସ୍ଥ ବାତାବରଣ ସୃଷ୍ଟି ହେଉ।

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଏକ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଭୁବନେଶ୍ୱରରୁ ବାହାରି କଟକ ରେଭେନ୍ସା ବିଶ୍ୱବିଦ୍ୟାଳୟର ଅସ୍ଥାୟୀ ହେଲିପ୍ୟାଡ୍ରେ ମଙ୍ଗଳବାର ଅପରାହ୍ନ ପ୍ରାୟ ୨ଟାରେ ପହଞ୍ଚିଥିଲେ। ତାଙ୍କୁ କଡ଼ା ସୁରକ୍ଷାବଳୟ ମଧ୍ୟରେ କାର୍ ଯୋଗେ ଏସ୍ସିବି ମେଡିକାଲକୁ ନିଆଯାଇଥିଲା। ଏହି ଗସ୍ତ ସମୟରେ ଜିଲାପାଳ ଭବାନୀ ଶଙ୍କର ଚୟନୀ, ସିଏମ୍ସି କମିଶନର ନିଖିଲ ପଓନ କଲ୍ୟାଣ, କଟକ ଡିସିପି ପିନାକ ମିଶ୍ର, ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର, ଶିବୋ ଟୋପୋ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର, ଏସ୍ସିବି ମେଡିକାଲ ଅଧୀକ୍ଷକ ଡା. ସୁଧାଂଶୁ ଶେଖର ମିଶ୍ର, ପ୍ରଶାସନିକ ଅଧିକାରୀ ଅବିନାଶ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ୪ ଦିନ ପରେ ଗଡ଼ିଲା କରମଣ୍ଡଳ



ବାହାନଗା ଷ୍ଟେସନ ଦେଇ ଯାଉଛି କରମଣ୍ଡଳ ଏକ୍ସପ୍ରେସ୍।

**ବାଲେଶ୍ୱର ଅଫିସ/ ବାହାନଗା, ୬।୬(ଡି.ଏନ.ଏ.)**

ବାଲେଶ୍ୱର ଜିଲାର ବାହାନଗା ଷ୍ଟେସନ ନିକଟରେ ହୋଇଥିବା ରେଳ ଦୁର୍ଘଟଣାକୁ ମଙ୍ଗଳବାର ପୂରିଛି ୪ ଦିନ। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ତତ୍ତ୍ୱାବଧାନରେ ଦୁର୍ଘଟଣାର ୫୧ଘଣ୍ଟା ମଧ୍ୟରେ ରେଳ ଲାଇନ ଠିକ୍ କରାଯାଇଥିଲା। ୪ ଦିନ ପରେ ଯାତ୍ରୀଙ୍କୁ ନେଇ ପୁଣି କରମଣ୍ଡଳ ଟ୍ରାକ୍ରେ ଚାଲିଛି। ମଙ୍ଗଳବାର ଚେନ୍ନାଇ-ହାୱଡା କରମଣ୍ଡଳ ପୂର୍ବାହ୍ନ ସାଢେ ୧୧ଟାରେ ବାହାନଗା ରେଳଷ୍ଟେଶନ ପାସ୍ କରିଥିଲା। ଟ୍ରେନ୍ଗୁଡିକ ବାହାନଗା ରେଳଷ୍ଟେଶନରେ ପହଞ୍ଚିବା ପରେ ଧୀରେ ଧୀରେ ଯାଉଥିବାରୁ ସେଥିରେ ବସିଥିବା ସମସ୍ତ ଯାତ୍ରୀ ଘଟିଥିବା ଦୁର୍ଘଟଣାର କ୍ଷତିଗ୍ରସ୍ତ ବଗିକୁ ଦେଖିବା ସହିତ ନିଜ ମୋବାଇଲରେ ଟ୍ରେନରେ ଥାଇ ଫଟୋ ଉଠାଇଥିଲେ। ଏହାରି ଭିତରେ ଟ୍ରେନ୍ ଯାତ୍ରୀଙ୍କ ମନରେ ଟିକେ ଭୟ ଥିବା ମଧ୍ୟ ଦେଖିବାକୁ ମିଳିଥିଲା। ଭଗବାନଙ୍କୁ ସ୍ମରଣ କରି ସେଦିନ ଧ୍ୱଂସଲୀଳା ରଚିଥିବା କରମଣ୍ଡଳ ଟ୍ରେନ୍ରେ ଯାତ୍ରୀମାନେ ପାଦ ରଖିଥିଲେ। ଗତ ସୋମବାରଠୁ ଉକ୍ତ ଟ୍ରାକ୍ରେ ଟ୍ରେନ ଚଳାଚଳ ସ୍ୱାଭାବିକ ହୋଇଥିବା ବେଳେ ମଙ୍ଗଳବାର କରମଣ୍ଡଳ ଏକ୍ସପ୍ରେସ ଗଡ଼ିଛି।

## ମୃତ କ୍ରିକେଟ ଖେଳାଳିଙ୍କୁ ଶ୍ରଦ୍ଧାଞ୍ଜଳି

**ଭଦ୍ରକ ଅଫିସ, ୬।୬**

ବାହାନଗା ଟ୍ରେନ୍ ଦୁର୍ଘଟଣାରେ ମୃତ ଭଦ୍ରକ ଜିଲା ସାବରଙ୍ଗର କ୍ରିକେଟ ଖେଳାଳି ରାଜେଶ କୁମାର ବଳଙ୍କୁ ଜିଲା କ୍ରିକେଟ ଆସୋସିଏଶନ, ଚରମ୍ପା କ୍ରିକେଟ ଏକାଡେମୀ ଓ ପୂର୍ବତଟ ରେଳପଥ କ୍ରୀଡ଼ା ସଂଘ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ରେଲୱେ କ୍ରିକେଟ କ୍ଲବର ପୂର୍ବତନ ଅଧିନାୟକ ବୈଷ୍ଣବ ଚରଣ ମହାନ୍ତିଙ୍କ ସଭାପତିତ୍ୱରେ ରେଳବାଇ କ୍ରୀଡ଼ାଙ୍ଗନରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା।

## ଓଡ଼ିଶାରୁ ୩୯ ମୃତ, ବାଲେଶ୍ୱରରୁ ସର୍ବାଧିକ ୧୪

**ଭୁବନେଶ୍ୱର, ୬।୬(ବ୍ୟୁରୋ)**

■ ୧.୯୫ କୋଟି ଟଙ୍କାର ଅନୁକମ୍ପା ରାଶି ମଞ୍ଜୁର

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ବାହାନଗା ଟ୍ରେନ୍ ଦୁର୍ଘଟଣାରେ ଏ ପର୍ଯ୍ୟନ୍ତ ଚିହ୍ନଟ ହୋଇଥିବା ଓଡ଼ିଶାର ୩୯ ଜଣ ମୃତକଙ୍କ ପାଇଁ ୧.୯୫ କୋଟି ଟଙ୍କାର ଅନୁକମ୍ପା ରାଶି ମଞ୍ଜୁର କରିଛନ୍ତି। ଏହି ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ପ୍ରଦାନ କରାଯାଉଛି। ମୃତକଙ୍କ ମଧ୍ୟରେ ଭଦ୍ରକର ୮, ଯାଜପୁରର ୨, ବାଲେଶ୍ୱରର ୧୪, ମୟୂରଭଞ୍ଜର ୯, ଖୋର୍ଦ୍ଧାର ୨, କଟକର ୩ ଓ କେନ୍ଦୁଝରର ଜଣେ ବ୍ୟକ୍ତି ଥିବା ରାଜ୍ୟ ସରକାର ତଥ୍ୟ ଦେଇଛନ୍ତି। ମୃତକମାନଙ୍କ ନିକଟତମ ଆତ୍ମୀୟଙ୍କୁ ୫ ଲକ୍ଷ ଟଙ୍କା ଲେଖାଏ ସହାୟତା ପ୍ରଦାନ ଆରମ୍ଭ ହୋଇଛି। ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ପୂର୍ବରୁ ଓଡ଼ିଶାର ମୃତକଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୫ ଲକ୍ଷ ଟଙ୍କା ଲେଖାଏ ସହାୟତା ପ୍ରଦାନ କରାଯିବ ବୋଲି ଘୋଷଣା କରିଥିଲେ। ସୂଚନାଯୋଗ୍ୟ, ବାହାନଗା ଟ୍ରେନ୍ ଦୁର୍ଘଟଣାର ଶିକାର ହୋଇଥିବା ମୃତକଙ୍କ ନିକଟ ସମ୍ପର୍କୀୟ ବା ପରିବାରକୁ ରାଜ୍ୟ ସରକାର ୫ ଲକ୍ଷ ଟଙ୍କା ଏବଂ ଗୁରୁତର ଆହତଙ୍କୁ ଲକ୍ଷେ ଟଙ୍କା ଲେଖା ଅନୁକମ୍ପାମୂଳକ ରାଶି ଯୋଗାଇଦେବାକୁ ଘୋଷଣା କରିଛନ୍ତି। ଅନ୍ୟପଟେ ରେଳ ମନ୍ତ୍ରଣାଳୟ ପକ୍ଷରୁ ମୃତକଙ୍କ ପରିବାରକୁ ୧୦ ଲକ୍ଷ, ଗୁରୁତର ଆହତଙ୍କୁ ୨ ଲକ୍ଷ ଏବଂ ସାମାନ୍ୟ ଆହତଙ୍କୁ ୫୦ ହଜାର ଟଙ୍କା ଲେଖା ଅନୁକମ୍ପା ରାଶି ପ୍ରଦାନ କରୁଛି। ସେହିଭଳି ଅନ୍ୟ ରାଜ୍ୟ ଯେପରିକି ଆନ୍ଧ୍ରପ୍ରଦେଶ ଏବଂ ପଶ୍ଚିମବଙ୍ଗ ସରକାରଙ୍କ ପକ୍ଷରୁ ମଧ୍ୟ ନିଜ ରାଜ୍ୟର ମୃତକ ଓ ଆହତଙ୍କୁ ଅନୁକମ୍ପା ରାଶି ଦେବା ଲାଗି ଘୋଷଣା କରାଯାଇଛି।

# ଏମ୍ସରେ ମୃତଦେହ ହସ୍ତାନ୍ତର ବ୍ୟବସ୍ଥା ଯାଞ୍ଚକଲେ ପଶ୍ଚିମବଙ୍ଗର ୨ ମନ୍ତ୍ରୀ



**ଭୁବନେଶ୍ୱର, ୬।୬(ବ୍ୟୁରୋ)**

ବାଲେଶ୍ୱର ଜିଲା ବାହାନଗା ଟ୍ରେନ୍ ଦୁର୍ଘଟଣାରେ ମୃତ ବ୍ୟକ୍ତିଙ୍କ ମଧ୍ୟରୁ ୧୨୩ଟି ମୃତଦେହ ଏମ୍ସ ଭୁବନେଶ୍ୱରକୁ ଆସିଥିଲା। ଏହା ମଧ୍ୟରେ ୭୧ଟି ମୃତଦେହ ଚିହ୍ନଟ ହେବା ସହ ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି। ମୃତକଙ୍କ ମଧ୍ୟରେ ପଶ୍ଚିମବଙ୍ଗର ଅନେକ ରହିଛନ୍ତି। ତେଣୁ ମଙ୍ଗଳବାର ପଶ୍ଚିମବଙ୍ଗର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଶଶୀ ପଞ୍ଜା ଏବଂ ସ୍ୱାସ୍ଥ୍ୟ ମନ୍ତ୍ରୀ ଚନ୍ଦ୍ରିମା ଭଟ୍ଟାଚାର୍ଯ୍ୟ ଏମ୍ସ ଆସି ମୃତଦେହ ହସ୍ତାନ୍ତର ବ୍ୟବସ୍ଥା ଯାଞ୍ଚ କରିଛନ୍ତି। ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବା ସହ ଏମ୍ସରେ ଖୋଲାଯାଇଥିବା ପଶ୍ଚିମବଙ୍ଗର ହେଲ୍ପ ଡେସ୍କକୁ ଯାଇ ଡାଟା ସିଟ୍ ଯାଞ୍ଚ କରିବା ସହ କେତୋଟି ମୃତଦେହ ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି ସେନେଇ ତଥ୍ୟ ସଂଗ୍ରହ କରିଥିଲେ। ସେହିପରି ଟ୍ରେନ୍ ଦୁର୍ଘଟଣାରେ ମୃତ ପଶ୍ଚିମବଙ୍ଗ ଯାତ୍ରୀଙ୍କ ପରିବାରକୁ ସହାୟତା ରାଶି ମିଳିଛି କି ନାହିଁ ସେ ନେଇ ମଧ୍ୟ ଯାଞ୍ଚ କରିଥିଲେ। ଏମ୍ସକୁ ଆସିଥିବା ୧୨୩ ମୃତଦେହ ମଧ୍ୟରୁ ୩୬ଟି ମୃତଦେହ ବର୍ତ୍ତମାନ ପର୍ଯ୍ୟନ୍ତ ପଶ୍ଚିମବଙ୍ଗକୁ ପଠାଯାଇଥିବା ଯାଞ୍ଚ ପରେ ସ୍ୱାସ୍ଥ୍ୟମନ୍ତ୍ରୀ ଭଟ୍ଟାଚାର୍ଯ୍ୟ ସୂଚନା ଦେଇଥିଲେ। ଏଥିସହ ଉଭୟ ପଶ୍ଚିମବଙ୍ଗ ସରକାର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ସୁରୁଖୁରୁରେ ମୃତକଙ୍କ ପରିବାରକୁ ମୃତଦେହ ହସ୍ତାନ୍ତର କରାଯାଉଥିବା ସେ କହିଥିଲେ।

# ୮୮ ଜୀବନ ବଞ୍ଚାଇଲେ ଦୀପକ, ଶୁଭଙ୍କର

**ବାଲେଶ୍ୱର ଅଫିସ, ୬।୬**

ବାଲେଶ୍ୱର ଜିଲା ବାହାନଗା ନିକଟରେ ଗତ ୨ ତାରିଖ ସନ୍ଧ୍ୟାରେ ଘଟିଥିବା ଭୟଙ୍କର ରେଳ ଦୁର୍ଘଟଣାରେ ଆହତଙ୍କ ପାଇଁ ଦେବଦୂତ ସାଜିଥିଲେ ସ୍ଥାନୀୟ ଅଞ୍ଚଳର ଦୁଇ ଯୁବକ ଦୀପକ ରଞ୍ଜନ ବେହେରା ଏବଂ ଶୁଭଙ୍କର ଜେନା। ଅନେକ ଆହତଙ୍କୁ ଦୁର୍ଘଟଣାଗ୍ରସ୍ତ ଟ୍ରେନ୍ରୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଏମାନଙ୍କ ସାହସ ଯୋଗୁ କରମଣ୍ଡଳର କାଳରୁ ୮୮ଜଣଙ୍କ ଜୀବନ ବର୍ତ୍ତିଯାଇଛି।

ଉକ୍ତ ସନ୍ଧ୍ୟାରେ ଉଭୟ ସାଙ୍ଗମାନଙ୍କ ସହ ବାହାନଗା ସ୍କୁଲ ପଡ଼ିଆରେ ଖେଳ ସାରି ବୁଲାବୁଲି କରୁଥିଲେ। ଏହି ସମୟରେ ହଠାତ୍ ବହୁତ ଜୋର୍ରେ ଶବ୍ଦ ହୋଇଥିଲା। ଏହା ଟ୍ରେନ ଦୁର୍ଘଟଣା ହୋଇଥିବା ଜାଣିପାରି ଉଭୟ ଅନ୍ୟ ସାଙ୍ଗମାନଙ୍କ ସହ ମିଶି ଘଟଣାସ୍ଥଳରେ ପହଞ୍ଚି ସଙ୍ଗେ ସଙ୍ଗେ ଆହତଙ୍କୁ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଏହାପରେ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି କାଳବିଳମ୍ବ ନ କରି ଜଣଙ୍କ ପରେ ଜଣେ ଯାତ୍ରୀଙ୍କୁ ବଗିରୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। ଉଦ୍ଧାରକାରୀ ଟିମ୍ ପହଞ୍ଚିବା ପୂର୍ବରୁ ସ୍ଥାନୀୟ ଲୋକଙ୍କ ଦ୍ୱାରା ବହୁ ଆହତଙ୍କୁ ଉଦ୍ଧାର କରାଯାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେହି ସମୟର ଛାତି ଥରା କାହାଣୀ



ଦୁର୍ଘଟଣାଗ୍ରସ୍ତଙ୍କୁ ଉଦ୍ଧାର କରିଥିବା ଦୀପକ ଓ ଶୁଭଙ୍କର।

ବଖାଣିଛନ୍ତି ଦୀପକ ଓ ଶୁଭଙ୍କର।

ଅବସରପ୍ରାପ୍ତ ସେନା କର୍ମଚାରୀ ଦୀପକ ରଞ୍ଜନ ବେହେରା କହନ୍ତି, 'ଯେତେବେଳେ ଆମେ ବଗିରେ ପ୍ରବେଶ କଲୁ ଜଣଙ୍କ ଉପରେ ଜଣେ ଯାତ୍ରୀ ଲଦି ହୋଇ ରହିଥିବା ଦେଖିବାକୁ ପାଇଥିଲୁ। ଅନେକ ଯାତ୍ରୀ ଉଦ୍ଧାର ପାଇଁ ଚିତ୍କାର କରୁଥିଲେ। ବହୁ ଲୋକଙ୍କୁ ଉଦ୍ଧାର ମଧ୍ୟ କରିଥିଲୁ। ଅନେକ ଲୋକ ଆଖି ସାମ୍ନାରେ ମୃତ୍ୟୁବରଣ କରିଥିଲେ। ବଗି ଭିତରେ ଅନ୍ଧାର ହୋଇଥିବାରୁ କିଛି ଦୃଶ୍ୟମାନ ହେଉ ନ ଥିଲା। ତଥାପି କଳେ ବଳେ କୌଶଳେ ମୋବାଇଲ୍ ଲାଇଟ୍ ଯୋଗେ ଆମେ ଉଦ୍ଧାର କାର୍ଯ୍ୟ ଜାରି ରଖିଥିଲୁ। ପ୍ରାୟ ୮୮ ଜଣଙ୍କ ଜୀବନ ରକ୍ଷା କରିଥିଲୁ। ଦୁର୍ଘଟଣାର ପ୍ରଥମ ୧ ଘଣ୍ଟା ଗୁରୁତ୍ୱପୂର୍ଣ୍ଣ ଥିଲା। ତେଣୁ ଆହତଙ୍କୁ ଉଦ୍ଧାର କରି ଗାଡ଼ି ଯୋଗେ ହସ୍ପିଟାଲ ନେଇଥିଲୁ। ଏପରିକି ସାଇକେଲରେ ମଧ୍ୟ କିଛି ଆହତଙ୍କୁ ହସ୍ପିଟାଲ ନିଆଯାଇଥିଲା। ଏହାପରେ ଆମ୍ବୁଲାନ୍ସ ପହଞ୍ଚିଥିଲା। ସେହିପରି ଶୁଭଙ୍କର ଜେନା କହନ୍ତି, ଉଦ୍ଧାର ସମୟରେ ଦୁର୍ଘଟଣାଗ୍ରସ୍ତ ବଗି ଭିତରୁ ଜଣେ ଗର୍ଭବତୀ ଚିତ୍କାର କରୁଥିଲେ। ତାଙ୍କୁ ଉଦ୍ଧାର କରିବାରେ ଆମେ ସଫଳ ହୋଇଥିଲୁ। ଏପରି ସମୟରେ ଗ୍ରାମବାସୀ ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟମାନେ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ଲାଗି ପଡ଼ିଥିଲେ। ଯଦ୍ୱାରା ବହୁ ଜୀବନ ରକ୍ଷା ପାଇଯାଇଥିଲା।

# ଚିହ୍ନଟ ପାଇଁ ଏମ୍ସ ଆସିବ ଆଉ ୩୯ ମୃତଦେହ

**ଭୁବନେଶ୍ୱର, ୬।୬ (ବ୍ୟୁରୋ)**

## ଡିଏନ୍ଏ ଟେଷ୍ଟ ପାଇଁ ଦିଲ୍ଲୀ ଯିବ ନମୁନା

ବାହାନଗା ଟ୍ରେନ୍ ଦୁର୍ଘଟଣାରେ ମୋଟ୍ ୨୮୮ ଜଣ ଯାତ୍ରୀଙ୍କ ମୃତ୍ୟୁ ହୋଇଛି। ଏଥିମଧ୍ୟରୁ ଏମ୍ସ ଭୁବନେଶ୍ୱରକୁ ୧୨୩ଟି ମୃତଦେହ ଆସିଛି। ମଙ୍ଗଳବାର ବିଳମ୍ବିତ ରାତି ସୁଦ୍ଧା ଆଉ ୩୯ଟି ମୃତଦେହ ଆସିବ ବୋଲି ଏମ୍ସର କାର୍ଯ୍ୟନିର୍ବାହୀ ଡା. ଆଶୁତୋଷ ବିଶ୍ୱାସ ସୂଚନା ଦେଇଛନ୍ତି। ସେ କହିଛନ୍ତି, ସବୁ ମୃତଦେହ କେବଳ ଏମ୍ସରେ ରହିବ। ଆମ ପାଖରେ ସବୁ ସାଧନ ଅଛି। ଏପର୍ଯ୍ୟନ୍ତ ୭୧ଟି ମରଶରୀରକୁ ସେମାନଙ୍କର ପରିବାର ଲୋକଙ୍କୁ ହସ୍ତାନ୍ତର ସରିଥିବାବେଳେ ୫୨ଟି ମୃତଦେହ ଚିହ୍ନଟ ପାଇଁ ରହିଛି। ଚିକିତ୍ସିତ ହେଉଥିବା ଦୁଇଜଣ ଗୁରୁତର ଯାତ୍ରୀ ଏବେ ସୁସ୍ଥ ଅଛନ୍ତି। କିନ୍ତୁ ମୃତକଙ୍କ ମଧ୍ୟରୁ କେତେଜଣଙ୍କ ଚେହେରା ଚିହ୍ନି ହେଉ ନ ଥିବାରୁ ତାହାକୁ ନେଇ ସମସ୍ୟା ସୃଷ୍ଟି ହେଉଛି। ଗୋଟିଏ ମୃତଦେହ ପାଇଁ ଏକାଧିକ ଦାବିଦାର ବାହାରୁଛନ୍ତି। ମୃତକଙ୍କ ଆଇଡେଣ୍ଟିଫିକେଶନ ମାର୍କକୁ ଦେଖି ମୃତଦେହ ହସ୍ତାନ୍ତର କରାଯାଉଛି। ଏହି ସମୟରେ ସେମାନଙ୍କ ପରିଜନ ଆଣିଥିବା ଆଧାର କାର୍ଡକୁ ଯାଞ୍ଚ କରାଯାଉଛି। ସମସ୍ତ ମୃତଦେହର ଫଟୋ ରହିଛି, ଯାହାକୁ ଦେଖି ପରିବାର/ସମ୍ପର୍କୀୟ ଚିହ୍ନଟ କରୁଛନ୍ତି। ଦେହରେ ଥିବା ଚିହ୍ନ, ସେମାନେ ପିନ୍ଧିଥିବା କୌଣସି ମେଟାଲ, ଗହଣା ଆଦିକୁ ମଧ୍ୟ ଯାଞ୍ଚ କରାଯାଉଛି। ଏହାବାଦ୍ ମୃତକଙ୍କୁ ଚିହ୍ନିବାରେ ସମସ୍ୟା ହେଲେ ଡିଏନ୍ଏ ପରୀକ୍ଷାର ବ୍ୟବସ୍ଥା କରାଯାଇଛି। ଏଥିପାଇଁ ଡିଏନ୍ଏ ସେଣ୍ଟର ଖୋଲାଯାଇଛି। ରେକର୍ଡ ପାଇଁ ସମସ୍ତ ମୃତଦେହର ନମୁନା ସଂଗ୍ରହ କରି ରଖାଯାଇଛି। ତେବେ ଏକାଧିକ ଦାବିଦାର ଥିବା, ଦ୍ୱନ୍ଦ୍ୱ ସୃଷ୍ଟି କରୁଥିବା ଓ ଚିହ୍ନଟ ହୋଇପାରି ନ ଥିବା ୨୦ରୁ ଊର୍ଦ୍ଧ୍ୱ ମୃତଦେହ ଓ ପରିବାର ସଦସ୍ୟଙ୍କଠାରୁ ସଂଗୃହୀତ ନମୁନାର ଡିଏନ୍ଏ ପରୀକ୍ଷା ପାଇଁ ଦିଲ୍ଲୀ ପଠାଯିବ। ରିପୋର୍ଟ ଆସିବା ପରେ ପରିବାରକୁ ମୃତଦେହ ହସ୍ତାନ୍ତର କରାଯିବ। ଅପରପକ୍ଷେ ଭୁବନେଶ୍ୱର ସମେତ ବାହାରେ ଥିବା ସମସ୍ତ ମୃତଦେହକୁ ଏମ୍ସ ଅଣାଯିବ। ଗୋଟିଏ ଜାଗାରେ ମୃତଦେହ ରହିଲେ ମୃତକଙ୍କ ପରିବାରଙ୍କୁ ସୁବିଧା ହେବ ବୋଲି ଡା. ବିଶ୍ୱାସ କହିଥିଲେ। ଅନ୍ୟପକ୍ଷରେ ଏବେ ୧୬୦ଜଣ ଆହତ ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ସେଥିରୁ ଅଧିକାଂଶ ଆହତ କଟକ ଏସ୍ସିବିରେ ଅଛନ୍ତି। ସେହିପରି କ୍ଷତିଗ୍ରସ୍ତ ରେଳଲାଇନ୍କୁ ମରାମତି କରାଯାଇ ଉକ୍ତ ରୁଟ୍କୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଯାଇଛି। ଏହାଯୋଗୁ ଯୋଗାଯୋଗରେ ସୁଧାର ଆସିପାରିଛି। ମୃତଦେହ ନେବାପାଇଁ ଲୋକଙ୍କ ସଂଖ୍ୟା ମଧ୍ୟ ବଢ଼ିଛି ବୋଲି ଖୋର୍ଦ୍ଧା ରୋଡ୍ ଡିଆର୍ଏମ୍ ରିଙ୍କେଶ ରାୟ କହିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଆନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



### ଚତୁର୍ଥ ଜନ୍ମଦିନ ଶୁଭେଚ୍ଛା




(ଆନୀ)

**ସୋନିକା ସେଠୀ**
ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟ
ଆଜି ତୋର "ଚତୁର୍ଥ" ବାର୍ଷିକୀ ଜନ୍ମଦିନ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହ ତୋର ଭବିଷ୍ୟତ ଉଜ୍ଜ୍ୱଳ ପାଇଁ ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
ଶୁଭେଚ୍ଛା ସହ: ମାଆ: ସୋମ୍ୟା, ବାପା: ପ୍ରଭାକର, ବଡ଼ବାପା, ବଡ଼ମାଆ, ପୂଜା, ଲିଜା, ରୋଜି, ବୁକ୍, ଜେଜେ, ଜେଜେମା, ଆଇ, ମାମୁ, ମାଇଁ ଓ ପରିବାରବର୍ଗ।
ଧ-୦୫୨୯



CLASSIFIED DISPLAY
ALL EDITION-BW (Everyday)
MORE SPACE ' SAME PRICE
For Booking Contact: 0674-2580385, 8637280816, 7894447167, 9338226625



### ATC ଟାୱାର



ପଞ୍ଜୀକୃତ କମ୍ପାନୀ ଦ୍ୱାରା ନିଜର ଖାଲି ପଡ଼ିଥିବା ଜମି, ଛାତ, ପ୍ଲଟ୍‌ରେ 5G ଡିଜିଟାଲ ଟାୱାର ଲଗାନ୍ତୁ
(ଭଡ଼ା 25,000/-)
(ଆଡ୍‌ଭାନ୍ସ-30,00,000/-)
20 ବର୍ଷର ଏଗ୍ରିମେଣ୍ଟ+1 ଚାକିରି
(ଏଜେଣ୍ଟ ମାସିକ 35,000/- ଆୟ କରନ୍ତୁ)
ଯୋଗାଯୋଗ କରନ୍ତୁ-
7625811050


**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# କେବଳ ମଥୁରାରୁ ନିର୍ବାଚନ ଲଢ଼ିବି: ହେମା ମାଳିନୀ

**ମଥୁରା, ୬।୬**

ଯଦି ଆଗାମୀ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରେ, ତେବେ କେବଳ ଉତ୍ତରପ୍ରଦେଶର ମଥୁରା ଆସନରୁ ହିଁ ଲଢ଼ିବେ ବୋଲି ଭାଜପା ଏମ୍‌ପି ହେମା ମାଳିନୀ କହିଛନ୍ତି। ଅନ୍ୟ କୌଣସି ଆସନରୁ ଲଢ଼ିବା ପାଇଁ ପ୍ରସ୍ତାବ ଆସିଲେ ସେ ଗ୍ରହଣ କରିବେ ନାହିଁ ବୋଲି ବଲିଉଡ୍ ଅଭିନେତ୍ରୀ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଏନ୍‌ଡିଏ ସରକାରର ୯ ବର୍ଷ ପୂର୍ତ୍ତି ଅବସରରେ ଏହାର ସଫଳତା ସମ୍ପର୍କରେ ଗଣମାଧ୍ୟମକୁ ହେମା ମାଳିନୀ ସୂଚନା ଦେଉଥିବାବେଳେ ଏହା କହିଛନ୍ତି। ତୃତୀୟ ଥର ସେ ଲୋକ ସଭା ନିର୍ବାଚନ ଲଢ଼ିବେ କି ବୋଲି ପ୍ରଶ୍ନ ହେବାରୁ ଡ୍ରିମ୍ ଗର୍ଲ କହିଥିଲେ, ଯଦି ଦଳ ଚାହେଁ, ତେବେ ତାଙ୍କର କିଛି ଅସୁବିଧା ନାହିଁ। ଗତ ୯ ବର୍ଷରେ ଏନ୍‌ଡିଏ ସରକାର କରିଥିବା ବିକାଶମୂଳକ କାର୍ଯ୍ୟ ପାଇଁ ମୋଦି ତୃତୀୟ ଥର ପାଇଁ କ୍ଷମତାକୁ ଆସିବେ ବୋଲି ହେମା ମାଳିନୀ ଦୃଢ଼ତାର ସହ କହିଥିଲେ। ଭାଜପା ଟିକେଟରେ ସେ ୨୦୧୪ ଏବଂ ୨୦୧୯ରେ ମଥୁରାରୁ ଲୋକ ସଭାକୁ ନିର୍ବାଚିତ ହୋଇଥିଲେ। ଏହା ପୂର୍ବରୁ ସେ ରାଜ୍ୟ ସଭା ସଦସ୍ୟ ଥିଲେ।


ହେମା ମାଳିନୀ

# ନିର୍ବାଚନ ପୂର୍ବରୁ ନୂଆ ଦଳ ଗଢ଼ିପାରନ୍ତି ପାଇଲଟ୍

**ଜୟପୁର, ୬।୬**

ରାଜସ୍ଥାନ କଂଗ୍ରେସରେ ଏକତା ରକ୍ଷା ପାଇଁ ଦଳୀୟ ନେତୃତ୍ୱ ଉଦ୍ୟମ ଚଳାଇଥିବାବେଳେ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ ନେତା ସଚିନ ପାଇଲଟ୍ ବାରମ୍ବାର ଏହାକୁ ଚ୍ୟାଲେଞ୍ଜ କରିଆସୁଛନ୍ତି। ନିର୍ବାଚନ ପୂର୍ବରୁ ସେ ନିଜର ଦଳ ଗଢ଼ି କଂଗ୍ରେସକୁ ବଡ଼ ଝଟକା ଦେଇପାରନ୍ତି ବୋଲି କଳ୍ପନାଜଳ୍ପନା ଜୋର୍ ଧରିଛି। ସଚିନଙ୍କ ବାପା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ରାଜେଶ ପାଇଲଟ୍‌ଙ୍କ ଶ୍ରାଦ୍ଧବାର୍ଷିକୀ ଜୁନ୍ ୧୧ରେ ସେ ବଡ଼ ଘୋଷଣା କରିପାରନ୍ତି ବୋଲି କୁହାଯାଉଛି। ତେବେ ସେ ନିଜ ଦାବି ପୂରଣ ପାଇଁ କଂଗ୍ରେସ ନେତୃତ୍ୱଙ୍କ ନିଷ୍ପତ୍ତିକୁ ଅପେକ୍ଷା କରିବେ ବୋଲି ତାଙ୍କ ଘନିଷ୍ଠ ସୂତ୍ରରୁ ଜଣାପଡ଼ିଛି। ଜୁନ୍ ୧୧ରେ କୌଣସି ବଡ଼ ରାଲି କରିବା ଯୋଜନା ନାହିଁ ବୋଲି ତାଙ୍କ ପାଖ ଲୋକମାନେ କହିଛନ୍ତି।


ସଚିନ ପାଇଲଟ୍

ବସୁନ୍ଧରା ରାଜେଙ୍କ ନେତୃତ୍ୱାଧୀନ ଭାଜପା ସରକାର ଅମଳରେ ହୋଇଥିବା ଦୁର୍ନୀତି ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପାଇଲଟ୍ ତାଙ୍କ ନିଜ ସରକାରଙ୍କୁ ଆହ୍ୱାନ ଦେଇଥିଲେ। ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ତଥା ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍‌ଙ୍କର ଭାଜପା ସହ ବୁଝାମଣା ଥିବାରୁ ସେ ବସୁନ୍ଧରାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ପାଇଲଟ ଅଭିଯୋଗ କରିଛନ୍ତି, ଯାହାକୁ ଭାଜପା ଖଣ୍ଡନ କରିଛି। ତେବେ ନିଷ୍ପତ୍ତି ଦଳର କେନ୍ଦ୍ରୀୟ ନେତୃତ୍ୱ ନେବାକୁ ଥିବାରୁ ପାଇଲଟ୍ ସେଥିପାଇଁ କିଛିଦିନ ଅପେକ୍ଷା କରିବେ ବୋଲି ତାଙ୍କ ନିକଟ ମହଲରୁ କୁହାଯାଇଛି। ଗତ ମାସରେ ଉଭୟ ନେତା ଦଳର ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଓ ରାହୁଲ ଗାନ୍ଧୀଙ୍କ ସହ ଦୀର୍ଘ ୪ ଘଣ୍ଟା ଆଲୋଚନା କରିଥିଲେ ମଧ୍ୟ ସମାଧାନର ସୂତ୍ର ବାହାରିପାରି ନ ଥିଲା। ଦଳ ଏକାଠି ନିର୍ବାଚନ ଲଢ଼ିବ ବୋଲି ହାଇକମାଣ୍ଡ କହିଥିଲେ ମଧ୍ୟ ଦୁଇ ନେତାଙ୍କ ମଧ୍ୟରେ ତିକ୍ତତା ଦୂର ହୋଇନାହିଁ।


କର୍ଣ୍ଣାଟକ ସରକାର ଗୋହତ୍ୟା ନିରୋଧୀ ନିୟମକୁ ଉଠାଇବାକୁ ନେଇ ରିପୋର୍ଟ ପ୍ରକାଶ ପାଇବା ପରେ ଭାଜପା ସମର୍ଥକମାନେ ଏହାକୁ ବିରୋଧ କରି ବେଙ୍ଗାଲୁରୁଠାରେ ଗୋ ପୂଜା କରୁଛନ୍ତି।

# ପ୍ରଧାନମନ୍ତ୍ରୀ ହେବାକୁ ଆଶା ବାନ୍ଧିଛନ୍ତି ନୀତୀଶ: ପ୍ରଶାନ୍ତ କିଶୋର

**ପାଟନା, ୬।୬**

ନିର୍ବାଚନ ରଣନୀତିକାର ପ୍ରଶାନ୍ତ କିଶୋର (ପିକେ) ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ନୀତୀଶଙ୍କ ବିରୋଧୀ ଏକତାର ପଦକ୍ଷେପକୁ ନାପସନ୍ଦ କରିବା ସହ ତାଙ୍କୁ ଦୃଷ୍ଟି ବାଧିତଙ୍କ ମଧ୍ୟରେ ଶ୍ରବଣ ବାଧିତ ରାଜା ବୋଲି କହି କଟାକ୍ଷ କରିଛନ୍ତି। ସମସ୍ତିପୁରରେ ମଙ୍ଗଳବାର ଆୟୋଜିତ ଏକ କାର୍ଯ୍ୟକ୍ରମରେ ପ୍ରଶାନ୍ତ କିଶୋର ପାଟନାଠାରେ ପ୍ରସ୍ତାବିତ ବିରୋଧୀ ଏକତା ବୈଠକକୁ ଟାର୍ଗେଟ କରି କହିଥିଲେ ନୀତୀଶଙ୍କ ଅବସ୍ଥା ସେ ନିଜେ ଜାଣିବା ଜରୁରୀ। ଆଉ ନିଜକୁ ସେ ବିହାରର ଏକମାତ୍ର ଶିକ୍ଷିତ ବ୍ୟକ୍ତି ବୋଲି ଭାବୁଛନ୍ତି, ତେଣୁ ତାଙ୍କ ଚାରିପାଖରେ ମୂର୍ଖମାନଙ୍କୁ ବସାଇଛନ୍ତି। ପିକେ ଲାଲୁ ପ୍ରସାଦ ଯାଦବଙ୍କ ନାମ ନ ନେଇ କଟାକ୍ଷ କରି କହିଛନ୍ତି ବିହାରର ଜଣେ ନେତା ତାଙ୍କ ନାମ କିପରି ଲେଖିବେ ଜାଣନ୍ତି ନାହିଁ। କିନ୍ତୁ ନୀତୀଶ ତାଙ୍କ ନାମ କିପରି ଲେଖିବେ ତାହା ଜାଣନ୍ତି। ତେଣୁ ଲୋକେ ଭାବୁଛନ୍ତି ନୀତୀଶ ଜଣେ ମହାନ ପଣ୍ଡିତ। ଏଠାରେ ଏପରି ଜଣେ ନେତା ଅଛନ୍ତି, ଯିଏ ତାଙ୍କ ଶର୍ଟ ଉପରେ ଗଞ୍ଜି ପିନ୍ଧନ୍ତି ଏବଂ ନୀତୀଶ ଗଞ୍ଜି ଉପରେ ଏକ ଶର୍ଟ ପିନ୍ଧନ୍ତି, ତେଣୁ ଲୋକମାନେ ଭାବୁଛନ୍ତି ସେ ବହୁତ ବୁଦ୍ଧିମାନ। ନୀତୀଶ ଶିକ୍ଷିତ ହୋଇପାରନ୍ତି, କିନ୍ତୁ ବିହାରର ଏକମାତ୍ର ଶିକ୍ଷିତ ବ୍ୟକ୍ତି ନୁହଁନ୍ତି। ତାଙ୍କ ତୁଳନାରେ ରାଜ୍ୟରେ ହଜାର ହଜାର ଲୋକ ଅଧିକ ଶିକ୍ଷିତ ଏବଂ ବୁଦ୍ଧିମାନ ଅଛନ୍ତି। ନୀତିଶଙ୍କ ବିରୋଧୀ ଏକତା ପଦକ୍ଷେପକୁ ଟାର୍ଗେଟ କରି ସେ କହିଛନ୍ତି, ଆପଣ ଦେଶର ସବୁଠାରୁ ଗରିବ, କିନ୍ତୁ ଗର୍ବ ଜଣେ ରାଜା ମହାରାଜାଙ୍କ ପରି। ଦେଶର ସବୁଠୁ ପଛୁଆ, କିନ୍ତୁ ଆଗରେ ଥିବା ଭଳି ଗର୍ବ ଅନୁଭବ କର। ସତକଥା, ନୀତୀଶ କୁମାର ଦେଶର ପ୍ରଧାନମନ୍ତ୍ରୀ ହେବାକୁ ବଡ଼ ଆଶା ବାନ୍ଧିଛନ୍ତି।


ନୀତୀଶ କୁମାର


ପ୍ରଶାନ୍ତ କିଶୋର

# ନିର୍ବାଚନ ପାଇଁ ହାତ ପତାଇବୁ ନାହିଁ: ଓମାର

**ଶ୍ରୀନଗର, ୬।୬(ଆଇଏଏନ୍‌ଏସ୍)**

ନିର୍ବାଚନ ଜନସାଧାରଣଙ୍କ ଅଧିକାର। ଜମ୍ମୁ-କଶ୍ମୀରରେ ନିର୍ବାଚନ କରାଇବା ପାଇଁ କାହା ପାଖରେ ହାତ ପତାଇବୁ ନାହିଁ ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ନ୍ୟାଶନାଲ କନ୍‌ଫରେନ୍ସର ଉପାଧ୍ୟକ୍ଷ ଓମାର ଅବଦୁଲ୍ଲା ମଙ୍ଗଳବାର କହିଛନ୍ତି। ନିର୍ବାଚନ କମିଶନଙ୍କୁ ଏହି ପ୍ରଶ୍ନର ଉତ୍ତର ଦେବାକୁ ପଡ଼ିବ। ଜମ୍ମୁ-କଶ୍ମୀର ବିଧାନସଭା କେତେଦିନ ଖାଲି ପଡ଼ିଥିବ। ଏହା କାହିଁକି ପୂରଣ ହେଉନାହିଁ। ସେଠାରେ ଭୋଟ ନ କରାଇବା ପାଇଁ ଯଦି ନିର୍ବାଚନ କମିଶନଙ୍କ ଉପରେ ଚାପ ପକାଯାଉଛି, ତାହା ସେ ସ୍ପଷ୍ଟ କରନ୍ତୁ ବୋଲି ଓମାର କହିଛନ୍ତି। ଶ୍ରୀନଗରରେ ଜି୨୦ ବୈଠକ କରାଯାଇ କଶ୍ମୀରକୁ ବାହାର ଦୁନିଆ ଆଗରେ ପ୍ରଦର୍ଶନ କରାଗଲା। ତେବେ ବାସ୍ତବତା କ'ଣ ଜନସାଧାରଣ ଜାଣିବା ଆବଶ୍ୟକ ବୋଲି ଏନ୍‌ସି ନେତା କହିଛନ୍ତି।


ଓମାର ଅବଦୁଲ୍ଲା

# କେନ୍ଦ୍ରର ସଫଳତା ପହଞ୍ଚାଇବାକୁ ବିଧାନସଭା ସ୍ତରରେ କାର୍ଯ୍ୟକ୍ରମ କରିବ ଯୁବମୋର୍ଚ୍ଚା: ଇରାଶିଷ

**ଭୁବନେଶ୍ୱର, ୬।୬(ବ୍ୟୁରୋ)**

କେନ୍ଦ୍ର ସରକାରଙ୍କ ୯ ବର୍ଷ ପୂର୍ତ୍ତି ଅବସରରେ କେନ୍ଦ୍ର ସରକାରଙ୍କ ଉପଲବ୍ଧି ଏବଂ ସଫଳତାକୁ ପ୍ରତ୍ୟେକ ଘରେ ପହଞ୍ଚାଇବା, ଲୋକଙ୍କ ମଧ୍ୟରେ ଚର୍ଚ୍ଚା ପରିସରକୁ ଆଣିବା ସହ ଆଲୋଚନା କରିବାକୁ ନେଇ ଭାଜପା ଯୁବମୋର୍ଚ୍ଚା ଆଗାମୀ ଦିନରେ ମହାଜନସମ୍ପର୍କ ଅଭିଯାନର ଆୟୋଜନ କରିବ। କେନ୍ଦ୍ରରେ ରାଷ୍ଟ୍ରୀୟ ସଭାପତି ଜେ.ପି.ନଡ୍ଡା, ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ସଭାପତି ତେଜସ୍ୱୀ ସୂର୍ଯ୍ୟା ଏବଂ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ନିର୍ଦ୍ଦେଶକ୍ରମେ ସବୁ ବିଧାନସଭା ସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ କରାଯିବ ବୋଲି ଯୁବମୋର୍ଚ୍ଚା ସଭାପତି ଇରାଶିଷ ଆଚାର୍ଯ୍ୟ କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଇରାଶିଷ କହିଛନ୍ତି, ଜିଲାସ୍ତରରୁ ନେଇ ବୁଥ୍‌ସ୍ତର ପର୍ଯ୍ୟନ୍ତ ଦୀର୍ଘ ୬ ଦିନବ୍ୟାପୀ ବାଇକ୍ ର୍‌ୟାଲି କରାଯାଇ ଯୁବକମାନେ ରାତ୍ରିଯାପନ କରି ଲୋକଙ୍କ ସହ ସମ୍ପର୍କ ସ୍ଥାପନକରି ମୋଦି ସରକାରଙ୍କ ଉପଲବ୍ଧି ବିଷୟରେ ଆଲୋଚନା କରିବେ। ସେହିପରି ୨୦୨୪ ସାଧାରଣ ନିର୍ବାଚନରେ ଭୋଟ ଦେବାକୁ ଥିବା ନୂତନ ଭୋଟରଙ୍କ ସହ ସମ୍ପର୍କ ସ୍ଥାପନ କରାଯିବ। ନୂଆ ମତଦାତାଙ୍କୁ ଆଗାମୀ ଦିନରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଗବେଷଣା ଓ ପଲିସି ନିର୍ଦ୍ଧାରଣ କାର୍ଯ୍ୟରେ ତାଙ୍କୁ ଭାଗୀଦାର କରିବାର ଯୋଜନା ରହିଛି। ଅନ୍‌ଲାଇନ କୁଇଜ୍ ପ୍ରତିଯୋଗିତାର ମଧ୍ୟ କାର୍ଯ୍ୟକ୍ରମ ରହିଛି। ଜୁନ୍ ୩୦ ସୁଦ୍ଧା ସମସ୍ତ କାର୍ଯ୍ୟକ୍ରମକୁ ଭାଜପା ଯୁବମୋର୍ଚ୍ଚା ସୁଚାରୁରୂପେ ଅନୁଷ୍ଠିତ କରିବ ବୋଲି ଇରାଶିଷ କହିଛନ୍ତି।

# ଉପଭୋକ୍ତାଙ୍କୁ ଶୋଷଣ କରାଯାଉଛି: କଂଗ୍ରେସ


କଂଗ୍ରେସ ଭବନଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳୀୟ ନେତୃବୃନ୍ଦ।

**ଭୁବନେଶ୍ୱର, ୬।୬(ବ୍ୟୁରୋ)**

ଓଡ଼ିଶାର ବିଦ୍ୟୁତ୍ ବିତରଣ ଦାୟିତ୍ୱରେ ଥିବା ଟାଟା ପାୱାର ଦୀର୍ଘବର୍ଷ ଧରି ରାଜ୍ୟର ଉପଭୋକ୍ତମାନଙ୍କୁ ଶୋଷଣ କରିଚାଲିଛି। ଏକଥା ରାଜ୍ୟ ସରକାରଙ୍କ ଶକ୍ତିମନ୍ତ୍ରୀ, ଶକ୍ତି ସଚିବ, ଗ୍ରୀଡ୍‌କୋର ପଦାଧିକାରୀ, ଓଇଆର୍‌ସିର ଅଧ୍ୟକ୍ଷଙ୍କୁ ଜଣାଯାଇଛି। ହେଲେ ସେମାନଙ୍କ ଦୀର୍ଘକାଳୀନ ମୌନବ୍ରତ ଟାଟା ପାୱାରକୁ ଅଧିକ ଶୋଷଣ କରିବା ପାଇଁ ପ୍ରୋତ୍ସାହିତ କରୁଛି ବୋଲି କଂଗ୍ରେସ ନେତା ପଞ୍ଚାନନ କାନୁନ୍‌ଗୋ କହିଛନ୍ତି।

କଂଗ୍ରେସ ଭବନଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପଞ୍ଚାନନ କହିଛନ୍ତି, ଟାଟା ପାୱାର କମ୍ପାନୀକୁ ରାଜ୍ୟ ସରକାର ଓଡ଼ିଶାର ବିଦ୍ୟୁତ୍ ବିତରଣ ଦାୟିତ୍ୱ ଦେବା ପୂର୍ବରୁ ଓଡ଼ିଶାର ଉପଭୋକ୍ତମାନଙ୍କୁ ପ୍ରଥମ ୧୦୦ ୟୁନିଟ୍ ପର୍ଯ୍ୟନ୍ତ ଏକ ସର୍ବନିମ୍ନ ଦର ଲାଗୁ ହେଉଥିଲା, ଯାହାକି ସେତେବେଳେ ଟ.୨.୫୦ ପଇସା ଥିଲା। କିନ୍ତୁ ଟାଟା ପାୱାର ବିତରଣ ଦାୟିତ୍ୱ ନେବାପରେ ପ୍ରଥମ ସ୍ଲାବ୍ ଯାହାକି ୧ରୁ ୧୦୦ ୟୁନିଟ୍ ପର୍ଯ୍ୟନ୍ତ ଥିଲା ତାହାକୁ କମାଇ ୧ରୁ ୫୦ ୟୁନିଟ୍ କରିଲା। ୟୁନିଟ୍ ପିଛା ଦରବୃଦ୍ଧି କରି ୩ଟ ୫୦ ପଇସା କଲା। ଓଡ଼ିଶାର ଲକ୍ଷାଧିକ ଉପଭୋକ୍ତାଙ୍କୁ ରାଜ୍ୟ ସରକାରଙ୍କ ଜନବିରୋଧୀ ନିଷ୍ପତ୍ତି ଯୋଗୁ ଟାଟା ପାୱାର ଶୋଷଣ କଲା। ପ୍ରତିମାସ ୩୦ ଦିନ ପରେ ମିଟର ରିଡିଂ କରିବା ପରିବର୍ତ୍ତେ ଟାଟା ପାୱାର ଜାଣିଶୁଣି ୧୦ ଦିନ ବିଳମ୍ବରେ ମିଟର ରିଡିଂ କରୁଛନ୍ତି। ଉପଭୋକ୍ତାଙ୍କୁ ମିଡିୟମ ସ୍ଲାବ୍ ରେଟ୍ ପରିବର୍ତ୍ତେ ୫୦ରୁ ୧୦୦ ୟୁନିଟ୍ ସ୍ଲାବ୍‌ର ଦର ଅନୁସାରେ ଆଦାୟ କରାଯାଉଛି ବୋଲି ପଞ୍ଚାନନ ଅଭିଯୋଗ କରିଛନ୍ତି।


# Classified Everyday
0674-2580101, 2549949


MATRIMONIAL

**BRIDE WANTED**

Brahmin Groom 56 yrs, 5ft. 3inch Govt. Service, Caste No Bar. Widow and Divorced allowed. Mob: 9740761380. D-0492

Handsome Karan boy 1995, 5'6" MBA Serving Executive reputed Bank, Bhubaneswar. "SUNASANSAR". 9937512659, 8249969649. D-74871

Age-29, Bank ଚାକିରିଆ unmarried ଭୁବନେଶ୍ୱରସ୍ଥିତ ଖଣ୍ଡାୟତ ପୁଅଙ୍କୁ ଯେକୌଣସି ଜାତିର Married/ Unmarried ଝିଅ ଦରକାର। 6371298869. D-0507


REAL ESTATE

SALE

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft-3,60,000/-, ଛତାବର 1200sqft-3,00,000/- ନଖରା- 300/- 6371569855. D-74870

**A gharabari plot with 5 feet compound wall, steel gate, 10feet Coconut Tree 4 sides of 6000sft. NH side Adaspur road 6 K.M. from Phulanakhara, 11K.M. to BBSR, Middle of CTC & BBSR in a Complex with high profile Atmosphere & Educated 7 Families with electricity & water supply. If u want self independent & peacefully life. 7809525452.** D-74693

ସ୍ଥିତିବାନ ଗୃହ ଉପଯୋଗୀ ପ୍ଲଟ ପିତାପଲ୍ଲୀ ଓ ଛତାବରରେ ୩୦ft ରୋଡ ଓ ଇଲେକ୍ଟ୍ରି ଥାଇ ସୁଲଭ ଦରରେ ମିଳୁଛି। 8658219495 D-0468

ଭୁବନେଶ୍ୱର ଫୁଲନଖରା ଛକରେ **simplex/ duplex,** ରସୁଲଗଡ଼ରେ **3BHK flat** ମିଳୁଛି। **9658122456, 8327785834.** D-74866



All types of professional body massage by professional therapy. Contact: 9556924059, 7077933109. D-0499

Herbal full body massage by smart / expert therapist. Contact: 7846923244. D-74691

Newly open health benefits Spa special offer @ 799, Master canteen. 9124527173. D-75116

Asribad a Panchakarma herbal SPA Kesharimall, Bhubaneswar. Contact: 8926173473. D-74692

Newly open Spa Positively Health benefits with expert therapist. 9040286886. D-75115

Full body massage in homely atmosphere in all therapy. Mob: 8114881641. D-73434

Newly open SPA positively health benefit with expert. Contact: 7749976301. D-74546

Spa full body Massage only best therapist Gents & ladies @699/-, Bhubaneswar. 9337672475. D-0484

Newly open health benefits Spa special offer @799 Jaydev Vihar. 8018429809. D-75113

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com


CONSTRUCTION

**Construction and renovation your house with expert Technical team having best quality and pricing we provide BDA plan approval, boring, Bank estimate- SNV Construction Pvt. Ltd., 9439295469.** D-74862

**AFFIDAVIT**

By virtue of an affidavit sworn before the Executive Magistrate, dated 02.06.2023 I, K. Shyambabu Senapati, Son of K. Brundaban Senapati, At/PO- Beguniapada, Dist.- Ganjam, Odisha declared that I have changed my name from Shyambabu Senapati to K. Shyambabu Senapati. Henceforth I shall be known as K. Shyambabu Senapati for all purpose. D-71375

By virtue of an affidavit before the Notary, Bhubaneswar on 06.06.2023 I Lilabati Hansdah, W/o Late Jitendra Mohan Hansda, At- Saranapalli, Jayadev Vihar RRL Bhubaneswar, Pin- 751013 have correct the Spelling of my Surname from "HANSDA" to "HANSDAH". Now "LILABATI HANSDAH" and "LILABATI HANSDA" is one and same person and I have also correct my Date of Birth 07.10.1965 instead of 20.10.1969 for all Official and Non-Official purpose. Sd/-Lilabati Hansdah. D-0530

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେଠ କରନ୍ତୁ।
BHIM UPI
ଦେୟ ପେଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ଂମନୋରମା ପାଢ଼ୀ**
ଆବିର୍ଭାବ: ୧୨।୦୪।୧୯୫୫
ତିରୋଧାନ: ୨୮।୦୫।୨୦୨୩
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ପ୍ରେରଣା, ଦିଗ୍‌ଦର୍ଶନ, ସହନଶୀଳତା ଆମ୍ଭମାନଙ୍କ ଜୀବନର ପାଥେୟ ହେଉ। ଆଜି ଆପଣଙ୍କର ଏକାଦଶାହ ଅବସରରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ବିନମ୍ର ପ୍ରାର୍ଥନା।
ଝିଅ: ସଂଜିବିତା (ନିତୁ), ମୌସୁମୀ (ଫିକି), କୁସି, ଜ୍ୱାଇଁ ଏବଂ ନାତି ନାତୁଣୀ ସହ ହତଭାଗ୍ୟ ସ୍ୱାମୀ: କେଦାରନାଥ ପତି ଏବଂ ଶୋକସନ୍ତପ୍ତ ପରିବାରବର୍ଗ।
ଧ-୦୫୩୧

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**



**ଂସୁରେନ୍ଦ୍ର କୁମାର ରାଉତରାୟ**
ବିଶିଷ୍ଟ ସମାଜସେବୀ, ପୂର୍ବତନ ସରପଞ୍ଚ, ପାହାଳ
ଜୟପୁର (କରଣସାହି), ଭୁବନେଶ୍ୱର
ଆବିର୍ଭାବ-୧୯୩୬
ତିରୋଧାନ- ୧୬।୦୬।୨୦୨୨
ତୁମର ଅନୁପସ୍ଥିତିକୁ ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ, ଆଦର୍ଶ ଓ କର୍ତ୍ତବ୍ୟନିଷ୍ଠା ଆମ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ। ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ସଞ୍ଜୟ, ଜୟନ୍ତ, ସୁବ୍ରତ, କଳ୍ପତରୁ, ଗଜେନ୍ଦ୍ର, ସୁନୀଲ ଓ ଜ୍ୱାଇଁ ଏବଂ ବନ୍ଧୁ, ପରିବାରବର୍ଗ
ଧ-୭୧୨୨୨


**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ହରଡ଼ ଫସଲରେ ପୋକ ଦମନ



ବର୍ଷାଦିନିଆ ସଅଳ ହରଡ଼ ଫସଲରେ ଫୁଲ ଧରିବାବେଳେ ବାଘୁଆ ପୋକ ଲାଗିଥାଏ। ଏହାର ଦମନ ପାଇଁ ପୋକଗୁଡ଼ିକୁ କିରୋସିନ ବା ଲୁଗାସଫା ପାଉଡର ପାଣିରେ ବୁଡାଇ ମାରି ଦିଅନ୍ତୁ। ହରଡ଼ ଫସଲରେ ନାଲି ଓ କଳା ଶଁବାଳୁଆ ପୋକ ପତ୍ରଖାଇ ଗଛକୁ ପତ୍ରହୀନ କରିଦିଅନ୍ତି, ତେଣୁ ଏକର ପ୍ରତି ୧୦ କିଗ୍ରା କ୍ଲୋରୋପାଇରିଫସ୍ ଗୁଣ୍ଡ ସକାଳ ବେଳା ପ୍ରୟୋଗ କରନ୍ତୁ। ଏହାଦ୍ୱାରା ମଧ୍ୟ ପତ୍ରକଣା କରୁଥିବା ଫ୍ଲି ଭୃଙ୍ଗ ପୋକର ଦମନ ହୋଇଥାଏ। ଡେରିରେ ଲଗାଯାଇଥିବା ମୁଗ, ବିରି,ହରଡ଼ ଆଦି ଡାଲିଜାତୀୟ ଫସଲରେ ସାହେବୀ ରୋଗ ଦେଖାଯାଏ। ଏହାର ଦମନ ପାଇଁ ଏକର ପ୍ରତି ୫୦ ମିଲି ଇମିଡାକ୍ଲୋପ୍ରିଡ୍ ମିଶାଇ ସିଞ୍ଚନ କରନ୍ତୁ। ମୁଗ, ବିରି, ଛୁଇଁ ପାକଳ ହୋଇଯାଇଥିଲେ ଅମଳ କରିଦିଅନ୍ତୁ।

## ଚିନାବାଦାମ ଲଗାଉ ଥିଲେ...

ଚିନାବାଦାମ ଚାଷ ପାଇଁ ଜମିକୁ ଗଭୀର ଚାଷ କରି ମାଟି ଗୁଣ୍ଡ କରନ୍ତୁ । ହେକ୍ଟର ପ୍ରତି ୧୨୦ କି.ଗ୍ରା. ମଞ୍ଜି ବ୍ୟବହାର କରନ୍ତୁ (୧୭୫ କି.ଗ୍ରା. ଚୋପାଲଗା ଚିନାବାଦାମ)। ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୧୦ ସେ.ମି. ବ୍ୟବଧାନ ରଖନ୍ତୁ । କିନ୍ତୁ ଲୋଟଣୀ ଜାତୀୟ ଚିନାବାଦାମ ଚାଷ କରୁଥିଲେ ମଞ୍ଜିକୁ ମଞ୍ଜି ୧୫ ସେ.ମି. ବ୍ୟବଧାନ ରଖିବା ଭଲ। ହେକ୍ଟର ପ୍ରତି ୨୫ ଗାଡ଼ି ଶଢ଼ା ଗୋବର ଖତ ବା କମ୍ପୋଷ୍ଟ, ୫୦୦ କି.ଗ୍ରା. କାଗଜ କଳ ମଇଳା ସହ ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ଶେଷଓଡ଼ ଚାଷ ସମୟରେ ପ୍ରୟୋଗ କରନ୍ତୁ। ଚିନାବାଦାମ ଗନ୍ଧକ ଓ ଚୂନ ଚାହିଦା ମେଣ୍ଟାଇବା ପାଇଁ ଫସ୍‌ଫରସ୍ ସାରକୁ ସିଙ୍ଗଲ୍ ସୁପର ଫସ୍‌ଫେଟ୍ ଆକାରରେ ପ୍ରୟୋଗ କରନ୍ତୁ, ନଚେତ୍ ହେକ୍ଟର ପ୍ରତି ୨୫୦ କି.ଗ୍ରା. ଜିପ୍‌ସମ୍ ପ୍ରୟୋଗ କରନ୍ତୁ। ଉଇ ଉପଦ୍ରୁତ ଅଞ୍ଚଳରେ ଶେଷଓଡ଼ ଚାଷବେଳେ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରପାଇରିଫସ୍ ଗୁଣ୍ଡ ପ୍ରୟୋଗ କରି ମାଟିରେ ମିଶାଇ ଦିଅନ୍ତୁ ।



## ବିହନ ବ୍ୟବହାର ପୂର୍ବରୁ...

ଘରେ ସାଇତି ରଖିଥିବା ବିହନ ବ୍ୟବହାର କରୁଥିଲେ ଗଜା ପରୀକ୍ଷା କରାଇ ନିଅନ୍ତୁ। ବୃଷ୍ଟିପୃଷ୍ଟ ଜମିଗୁଡ଼ିକରେ ଧାନ ପରିବର୍ତ୍ତେ ଅଧିକ ଅର୍ଥକରୀ ଅଣଧାନ ଫସଲ, ଯଥା– ଡାଲି ଫସଲ, ତୈଳବୀଜ ଫସଲ, କପା, ସୂର୍ଯ୍ୟମୁଖୀ, ପନିପରିବା ଆଦି ଏକକ ଫସଲ ଭାବରେ ଅଥବା ମିଶ୍ରିତ ଫସଲ ଭାବରେ ଚାଷ କରନ୍ତୁ। ଖାଲ ଜମିଗୁଡିକରେ ଅଧିକ ଘାସ ଥିଲେ ଏହାର ଦମନ ପାଇଁ ତୃଣନାଶକ ବ୍ୟବହାର କରନ୍ତୁ। ବର୍ତ୍ତମାନଠାରୁ ନିଜ ଜମିର ପ୍ରକାର, ମାଟିର ଉର୍ବରତା, ସେଚଜଳର ସୁବିଧା ଓ ଅନ୍ୟାନ୍ୟ କୃଷି ସାମଗ୍ରୀଗୁଡିକର ଉପଲବ୍ଧତାକୁ ବିଚାରକୁ ନେଇ ଫସଲ ଯୋଜନା ପ୍ରସ୍ତୁତ କରନ୍ତୁ। ସର୍ବଦା ପ୍ରାମାଣିକ ବିହନ ବ୍ୟବହାର କରନ୍ତୁ। ସବୁଠାରୁ ଖାସ୍ କଥା ହେଲା ପ୍ରତି ତିନିବର୍ଷରେ ବିହନକୁ ବଦଳାଇ ଦିଅନ୍ତୁ। ଉନ୍ନତ ମାନର ବିହନ ବ୍ୟବହାର କରିବା ଦ୍ୱାରା ଅମଳ ୧୫% ବୃଦ୍ଧି ପାଇଥାଏ।



# ପରିବର୍ତ୍ତିତ ଜଳବାୟୁ ଓ ଉପଯୋଗୀ ଫସଲ



ଡ. ପରେଶ କୁମାର ପଣ୍ଡା



ଆମ ରାଜ୍ୟର ଜନସାଧାରଣ ଅନୁଭବ କରିଛୁ ଯେ ଓଡ଼ିଶା ସର୍ବଦା ବନ୍ୟା, ବାତ୍ୟା ଓ ମରୁଡ଼ି କବଳିତ। ୧୯୯୯ ମହାବାତ୍ୟା ପରେ ୨୦୧୯ର ଫନୀ, ୨୦୨୧ର ୟାସ୍ ଓ ଜୱାଦ ରାଜ୍ୟର ଆଶାନୁରୂପ ଆର୍ଥିକ ପ୍ରଗତି ପଥେ ଅନ୍ତରାୟ ହୋଇଛି। ଉପକୂଳବର୍ତ୍ତୀ ଜିଲାଗୁଡିକରେ ଅଦିନିଆ ବର୍ଷା ଦାଉ ସାଧୁଥିବା ବେଳେ ପଶ୍ଚିମାଞ୍ଚଳ ଜିଲାଗୁଡିକରେ ମରୁଡ଼ି ବାଧକ ହେଉଛି। ବିଶ୍ୱ ତାପନ ଓ ଜଳବାୟୁ ପରିବର୍ତ୍ତନର ଫଳସ୍ୱରୂପ ପ୍ରାକୃତିକ ଦୁର୍ବିପାକ ନିୟମିତ ସଙ୍ଘଟିତ ହୋଇ ତାହାର କରାଳଛାୟା କୃଷକ ସମ୍ପ୍ରଦାୟର ଆର୍ଥିକ ସ୍ଥିତିକୁ ମଝିରେ ମଝିରେ ଦୋହଲାଇ ଦେଉଛି।

ପରିବର୍ତ୍ତିତ ଜଳବାୟୁର ବିଭିନ୍ନ କାରଣ ମଧ୍ୟରେ ପ୍ରମୁଖ ହେଉଛି ଗଛକଟା ସହ ନୂତନ ଜଙ୍ଗଲ ସୃଷ୍ଟିରେ ସୀମିତତା। ବିଶେଷକରି ସହରାଞ୍ଚଳରେ ଅଧିକ କଙ୍କ୍ରିଟ ଜଙ୍ଗଲ ସୃଷ୍ଟି, ପ୍ରଦୂଷଣ ସୃଷ୍ଟିକାରୀ ଯାନବାହନ ବ୍ୟବହାର, ମାତ୍ରାଧିକ ଓ ଅବାରିତ ପଲିଥିନର ବ୍ୟବହାର, ଅଧିକ କୃତ୍ରିମ ଖାଦ୍ୟ ଗ୍ରହଣ, ମୃତ୍ତିକା ଓ ଜଳ ସଂରକ୍ଷଣ ଉପରେ ସଚେତନତାର ଅଭାବ, ଅଧିକ ଧାନ ଫସଲ ଚାଷ ଇତ୍ୟାଦି।

ଏହି ପରିବର୍ତ୍ତିତ ଜଳବାୟୁ ଭଲ ଫସଲ ପାଇବାର ଲକ୍ଷ୍ୟ ଦିଗରେ କୃଷି ପରିବେଶ ଉପରେ ଅଧିକ ଚାପ ପ୍ରୟୋଗ କରୁଛି। ଫଳରେ କୃଷି ଉତ୍ପାଦନ ତଥା ଖାଦ୍ୟ ନିରାପତ୍ତା ପ୍ରଭାବିତ ହୋଇଛି। ଆମ ରାଜ୍ୟର ପ୍ରାୟ ୬୨ ପ୍ରତିଶତ ଲୋକ କୃଷିରୁ ଜୀବିକା ନିର୍ବାହ କରିଥାଆନ୍ତି। ସାମ୍ପ୍ରତିକ କାଳରେ କୃଷିରେ ଅନେକ ସମସ୍ୟା ରହିବା ସ୍ୱାଭାବିକ। ତନ୍ମଧ୍ୟରୁ କ୍ଷୁଦ୍ର ଚାଷଜମି, ଏକ ପ୍ରକାର ଫସଲ ଚାଷ, ଜଳସେଚନଜନିତ ସମସ୍ୟା, ଅନିୟମିତ ଓ ବିଳମ୍ବିତ ମୌସୁମୀ ବର୍ଷା, କୃଷି ଉପାଦାନଗୁଡିକର ମୂଲ୍ୟ ବୃଦ୍ଧି, ଉତ୍ପାଦିତ କୃଷି ବା ଉଦ୍ୟାନ କୃଷି ଅଥବା ଆନୁଷଙ୍ଗିକ କୃଷି ଉତ୍ପାଦନର ପ୍ରକ୍ରିୟାକରଣ, ମହଜୁଦକରଣ ଓ ମୂଲ୍ୟଯୋଗରେ ଜ୍ଞାନକୌଶଳର ସୀମିତ ବ୍ୟବହାର ଅନ୍ୟତମ। ଅଧିକନ୍ତୁ ଏଥିସହ ହାରାହାରି ତାପମାତ୍ରାରେ ବୃଦ୍ଧି ଓ ଦୀର୍ଘକାଳୀନ ଶୁଖିଲା ପାଗ ଗୁରୁତ୍ୱପୂର୍ଣ୍ଣ ଅଟେ। ଫଳତଃ ବିଭିନ୍ନ ପ୍ରକାର ଫସଲ ବା ଉଦ୍ୟାନ ଫସଲ ତଥା ପ୍ରାଣୀଜ ସମ୍ପଦର ଉତ୍ପାଦନ ଓ ଉତ୍ପାଦକତାଜନିତ ଆଶଙ୍କା ଏବଂ ଅନିଶ୍ଚିତତା ହେତୁ କୃଷି ପରିବାରର ଆୟ ଆଶାନୁରୂପେ ବୃଦ୍ଧିରେ ବାଧା ଉପୁଜୁଛି।

ଏହି ପରିବର୍ତ୍ତିତ ଜଳବାୟୁକୁ ଦୃଷ୍ଟିରେ ରଖି ପ୍ରଚଳିତ ଫସଲ ବ୍ୟବସ୍ଥାରେ ଏକକ ଫସଲ ପରିବର୍ତ୍ତେ କେତେକ ବିକଳ୍ପ ଉନ୍ନତ ଫସଲକୁ ଅନ୍ତର୍ଭୁକ୍ତ କରି ଖାଦ୍ୟ ସାମଗ୍ରୀ, ଚାରା ଘାସ, ତନ୍ତୁ ଓ ଜାଳେଣିର ଆବଶ୍ୟକତା ପୂରଣ ସହିତ ମୃତ୍ତିକା ସ୍ୱାସ୍ଥ୍ୟର ଯତ୍ନ, କୃଷି ସମ୍ବଳର ସୁବିନିଯୋଗ ଏବଂ କୃଷି ପରିବେଶକୁ ଅନୁକୂଳ ରଖିବା ନିତାନ୍ତ ଅପରିହାର୍ଯ୍ୟ ହୋଇପଡିଛି। ତାହାକୁ ହିଁ ସଫଳ ବିବିଧୀକରଣ ଭାବେ ଅଭିହିତ କରାଯାଇପାରେ। ଫସଲର ବିବିଧୀକରଣ କରି ରାଜ୍ୟର ପ୍ରାୟ ୮୪% କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କର ସୀମିତ ଜମିରେ ବର୍ଷସାରା ବିଭିନ୍ନ ଫସଲ ଚାଷ କରିବାରେ ଉପଲବ୍ଧ ଜଳ ଓ ପୋଷକର ସୁବିନିଯୋଗ ସହିତ କୃଷି ପରିବାର ଖାଦ୍ୟ ଓ ଅନ୍ୟାନ୍ୟ ଆବଶ୍ୟକତା ପୂରଣ ହେବା ସହ ପ୍ରାକୃତିକ ଦୁର୍ବିପାକଜନିତ କ୍ଷୟକ୍ଷତିର ଆଶଙ୍କା ହ୍ରାସ ପାଇଥାଏ। ଧାନ ବଦଳରେ ଡାଲିଜାତୀୟ, ତୈଳବୀଜ, ତନ୍ତୁଜାତୀୟ, ପୁଷ୍ଟିଶସ୍ୟ (ମାଣ୍ଡିଆ ଓ ଅନ୍ୟ କ୍ଷୁଦ୍ରଶସ୍ୟ, ଜୋଆର, ବାଜରା ଆଦି), ପନିପରିବା ଫସଲ ଚାଷ କରି ରାସାୟନିକ ସାରର ଆବଶ୍ୟକତାକୁ କମ୍ କରାଯାଇ ସ୍ୱଳ୍ପ ଅବଧି ମଧ୍ୟରେ ଅଣଧାନ ଫସଲର ଅମଳକୁ ଆଶାନୁରୂପ ଓ ସୁନିଶ୍ଚିତ କରାଯାଇପାରେ। ଏପରି କି ଅଧିକ ପାଣି ଆବଶ୍ୟକ କରୁଥିବା ସାଧାରଣ ଧାନଚାଷ ବଦଳରେ ଗହମ, ମକା, ମାଣ୍ଡିଆ ପରି ହାଲୁକା ଜଳସେଚନରେ ବାୟୋବୀୟ ଧାନ (କିସମ–ସି.ଆର. ଧାନ ୨୦୦, ସି.ଆର. ଧାନ ୨୦୧, ସି.ଆର. ଧାନ ୨୦୨, ସି.ଆର. ଧାନ ୨୦୪)ର ଚାଷ ସଫଳତା ସହ କରାଯାଇପାରେ।

> "ପରିବର୍ତ୍ତିତ ଜଳବାୟୁକୁ ଦୃଷ୍ଟିରେ ରଖି ପ୍ରଚଳିତ ଫସଲ ବ୍ୟବସ୍ଥାରେ ଏକକ ଫସଲ ପରିବର୍ତ୍ତେ କେତେକ ବିକଳ୍ପ ଉନ୍ନତ ଫସଲକୁ ଅନ୍ତର୍ଭୁକ୍ତ କରି ଖାଦ୍ୟ ସାମଗ୍ରୀ, ଚାରା ଘାସ, ତନ୍ତୁ ଓ ଜାଳେଣିର ଆବଶ୍ୟକତା ପୂରଣ ସହିତ ମୃତ୍ତିକା ସ୍ୱାସ୍ଥ୍ୟର ଯତ୍ନ, କୃଷି ସମ୍ବଳର ସୁବିନିଯୋଗ ଏବଂ କୃଷି ପରିବେଶକୁ ଅନୁକୂଳ ରଖିବା ନିତାନ୍ତ ଅପରିହାର୍ଯ୍ୟ ହୋଇପଡିଛି। ତାହାକୁ ହିଁ ସଫଳ ବିବିଧୀକରଣ ଭାବେ ଅଭିହିତ କରାଯାଇପାରେ।"

ଫସଲର ବିବିଧୀକରଣ, ଫସଲ ପର୍ଯ୍ୟାୟର ସମସ୍ତ ବିକଳ୍ପକୁ ଦୃଷ୍ଟିକୁ ଆଣିଥାଏ। ବିବିଧୀକରଣରେ ପୁଷ୍ଟିଶସ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ। କାରଣ– ପରିବର୍ତ୍ତିତ ଜଳବାୟୁ ଓ ବିଭିନ୍ନ ଫସଲ ଯୋଜନାରେ ଉତ୍ତମ ରୂପେ ଖାପ୍ ଖାଇଥାଏ, – ଶୁଷ୍କ ଓ ଉଚ୍ଚ ତାପଯୁକ୍ତ ଜଳବାୟୁରେ ସହଜରେ ଚାଷ ହୋଇଥାଏ, – ବିଭିନ୍ନ ଅଞ୍ଚଳରେ ନିଶ୍ଚିତ ଓ ଅଧିକ ଅମଳ ଦେଇଥାଏ, – ବିଶେଷ କରି ମରୁଡ଼ିପ୍ରବଣ, ବୃଷ୍ଟିଯୁକ୍ତ ଅଞ୍ଚଳରେ, ନାମମାତ୍ର ଉର୍ବରତାଯୁକ୍ତ ବା ସାଧାରଣ ଜମିରେ ପୁଷ୍ଟିଶସ୍ୟ ସହଜରେ ଓ ସ୍ୱଳ୍ପ ଜଳରେ ମଧ୍ୟ ଚାଷ କରାଯାଇଥାଏ, – ଖାଦ୍ୟ ଓ ପୋଷାକ ନିରାପତ୍ତା କ୍ଷେତ୍ରରେ ବିଶେଷ ସହାୟକ ହୋଇଥାଏ।

ଫସଲର ବିବିଧୀକରଣରେ କୃଷି ଜଳବାୟୁ ଅଞ୍ଚଳ ଓ ଋତୁ ଅନୁଯାୟୀ ଭିନ୍ନ ଫସଲ ଏବଂ ସହଯୋଗୀ କାର୍ଯ୍ୟକ୍ରମ ନିଆଯାଇଥାଏ। ଶସ୍ୟ ଫସଲ ଚାଷ ମଧ୍ୟରେ ଡାଲିଜାତୀୟ, ତୈଳବୀଜ, ପନିପରିବା ଫସଲ ଚାଷ କରିବାରେ ଜମିରେ ଘାସ ଓ ରୋଗପୋକ ସଂକ୍ରମଣ ହ୍ରାସ ପାଇଥାଏ। ଉଚ୍ଚ ଜମିରେ ଧାନ, କପା ବଦଳରେ ମକା, ଚାରା ଘାସ, ଡାଲିଜାତୀୟ, ତୈଳବୀଜ ଓ ପନିପରିବା ଫସଲର ଚାଷ କରାଯାଇପାରେ। ପନିପରିବା ମଧ୍ୟରେ ଆଳୁ, ବନ୍ଧାକୋବି, ଫୁଲକୋବି, ବାଇଗଣ, କଲରା, ଭେଣ୍ଡି, ତରଭୁଜ, ଲାଉ, କଖାରୁ ଓ ଅନ୍ୟ ଲଟାଜାତୀୟ ଅନ୍ୟତମ। ଗେଣ୍ଡୁଫୁଲ ଚାଷ ବର୍ଷାସାରା କରାଯାଇପାରେ। ଫଳ ମଧ୍ୟରେ ଆମ୍ବ, ଅଁଳା, ସପୁରି ଅଧିକ ମରୁଡ଼ି ଓ ଶୁଖିଲା ପାଗ ସହିପାରେ।

ଡାଲିଜାତୀୟ ଫସଲରେ ବିଶେଷକରି ହରଡ଼ ଓ ମୁଗ ଜଳବାୟୁ ଉପଯୋଗୀ ଓ ମରୁଡ଼ି (୨୦୦ରୁ ୫୦୦ ମିମି ବାର୍ଷିକ ବୃଷ୍ଟିପାତ) ସହିପାରେ। ହରଡ଼କୁ ଛାଡ଼ି ଅନ୍ୟସବୁ ଡାଲିଜାତୀୟ ଫସଲ ସ୍ୱଳ୍ପ ଅବଧିର (୨–୩ ମାସ)। ପୁଷ୍ଟିକାରୀ ଡାଲିଜାତୀୟ ଫସଲର ସ୍ୱଳ୍ପ ଜଳରେ ବା ହାଲୁକା/ସିଞ୍ଚନ ଜଳସେଚନରେ ଚାଷ ହେବା ସହ ଯବକ୍ଷାରଜାନ ବିବନ୍ଧନ କରି ନିଜର ଯବକ୍ଷାରଜାନ ଆବଶ୍ୟକତାକୁ ପୂରଣ କରିବା ସହିତ ସବୁଜ ସାର ରୂପେ ବ୍ୟବହାର ମାଧ୍ୟମରେ ମୃତ୍ତିକାର ଉର୍ବରତା ବୃଦ୍ଧି ଏବଂ ସବୁଜ ଗୃହ ଗ୍ୟାସ୍‌ର ନିର୍ଗତ ପରିମାଣକୁ ହ୍ରାସ କରିବା ଦିଗରେ ସହାୟକ ହୋଇଥାଏ। ମୃତ୍ତିକାରେ ବାନ୍ଧି ହୋଇ ରହିଥିବା ଫସ୍‌ଫରସ୍‌କୁ ଫସଲ ନିମିତ୍ତ ମୁକ୍ତ କରିଥାଏ। ଡାଲିଜାତୀୟ ଫସଲ ହେଉଛି ଲାଭଦାୟୀ ଫସଲ। ଏହାକୁ ସହଜରେ ଅନ୍ତଫସଲ, ଆବୃତ ଫସଲ, ମିଶ୍ରିତ ତଥା ପଇରା/ଅମୁହାଁ ସଫଳ ରୂପେ ବିଭିନ ଫସଲ ପର୍ଯ୍ୟାୟରେ ନିଆଯାଇପାରେ। ଉଚ୍ଚ ଓ ମଝିଆଲି ଜମିରେ ବର୍ଷାଦିନେ ଚାଷ ହୋଇଥାଏ। ଏହି କ୍ରମରେ କୁହାଯାଇପାରେ କି ଫସଲର ବିବିଧୀକରଣ କରି ପାରିବାରିକ ଶ୍ରମର ସୁବିନିଯୋଗ, ଜୈବ ପଦାର୍ଥ ଓ ଖତର ସୁବ୍ୟବହାର, ମୃତ୍ତିକାର ଉର୍ବରତା ବଜାୟ, ଉନ୍ନତ ଓ ଅନୁକୂଳ ପରିବେଶ ତଥା ସମସ୍ତ ଉପଲବ୍ଧ କୃଷି ସମ୍ବଳଗୁଡ଼ିକୁ ଦକ୍ଷତାର ସହ କାର୍ଯ୍ୟରେ ଲଗାଇ କୃଷି ପରିବାରର ଆର୍ଥିକ ସ୍ୱଚ୍ଛଳତା ଆଣିବା ଦିଗରେ ଯଥେଷ୍ଟ ସୁଯୋଗ ରହିଛି। (କ୍ରମଶଃ..)

– ସହକାରୀ କୃଷି ନିର୍ଦ୍ଦେଶକ, ଯାଜପୁର
ମୋ : ୯୪୩୭୧୧୨୭୦୪

## ମଲ୍ଲୀଗଛ ପାଇଁ ମନ୍ଦା ପ୍ରସ୍ତୁତି

ମଲ୍ଲୀଗଛ ସାଧାରଣତଃ ମନ୍ଦାରେ ଲଗାଯାଏ। ମନ୍ଦାଗୁଡିକୁ ୬୦ସେ.ମି ଲମ୍ବ, ୬୦ସେ.ମି ଓସାର ଏବଂ ୬୦ସେ.ମି ଗଭୀର ବିଶିଷ୍ଟ ହେବା ଦରକାର। ମନ୍ଦା ଖୋଳିବା ପରେ ସେଥିରୁ ବାହାରୁଥିବା ମାଟିରେ ୫କି.ଗ୍ରାରୁ ୧୦କି.ଗ୍ରା ଶଢ଼ା ଗୋବର ଖତ ଭଲ ଭାବରେ ମିଶାଇ ପୁଣି ସେହି ମାଟିକୁ ମନ୍ଦା ମଧ୍ୟରେ ପୂରଣ କରି ଗଛ ଲଗାନ୍ତୁ। ଏହାର ବଂଶବିସ୍ତାର କଟା କଲମୀ କିମ୍ବା ଗୁଟି କଲମୀ ଦ୍ୱାରା ହୁଏ। କଟା କଲମୀ ପାଇଁ ୧୫ରୁ ୨୦ସେ.ମି ପାକଳ ଡାଳ ବ୍ୟବହାର କରାଯାଏ। ପଟାଳି କରି କଲମୀଗୁଡିକୁ ପୋତିଦେଲେ ଦୁଇତିନିମାସ ମଧ୍ୟରେ ଚେର ହୋଇଯାଏ। ମଲ୍ଲୀ ଗଛରେ ଅଧିକ ତଥା ଶୀଘ୍ର ଚେର ହେବା ପାଇଁ ଇଣ୍ଡୋଲ ବ୍ୟୁଟିରିକ୍ ଏସିଡ୍ ୧୦୦୦ରୁ ୨୦୦୦ପି.ପିଏମ୍‌ର ଏକ ଦ୍ରବଣ ବା ପ୍ରଲେପରେ କଟାଡାଳରେ ମୂଳ ଅଂଶକୁ ଉପଚାର କରି ପଟାଳିରେ ପୋତନ୍ତୁ। ଏହା ନ ମିଳିଲେ ବଜାରରେ ମିଳୁଥିବା ସେରାଡେକସ୍–ବି ଗୁଟେକ୍ସ ହରମୋନ୍ ପାଉଡର ସଂଗ୍ରହକରି ଏହାର ଏକ ପ୍ରଲେପ କଟାଡାଳର ମୂଳ ଅଂଶରେ ଡାଳ ପୋତିବା ପୂର୍ବରୁ ପ୍ରୟୋଗ କରନ୍ତୁ।





## ଗୁହାଳର ଯତ୍ନ

ମଶା ଓ ମାଛିଙ୍କ ଉପଦ୍ରବରୁ ରକ୍ଷା କରିବାକୁ ଗୁହାଳର ତଳକୁ ଦିନରେ ଅନ୍ତତଃ ଥରେ ବା ଦୁଇଥର ଫିନାଇଲ ପ୍ରଭୃତି ବିଶୋଧକ ପଦାର୍ଥରେ ସଫା କରନ୍ତୁ । ଫିମ୍ପି ମାରିଥିବା ଦାନା ଖୁଆନ୍ତୁ ନାହିଁ । ଏହା ସ୍ୱାସ୍ଥ୍ୟପକ୍ଷେ କ୍ଷତିକାରକ। ଗୁହାଳ ତଳ ଓଦା ରଖନ୍ତୁ ନାହିଁ । କାରଣ ଓଦା ରହିଲେ ବିଭିନ୍ନ ରୋଗର ଆଶଙ୍କା ଥାଏ । ଗୁହାଳ ତଳକୁ ଶୁଖିଲା ରଖିବା ପାଇଁ ପାଉଁଶ ବା ବାଲି ବିଛାନ୍ତୁ । କୁକୁଡ଼ା ଘରକୁ ପରିଷ୍କାର ଏବଂ ଶୁଖିଲା ରଖନ୍ତୁ । ଲିଟରକୁ ନିୟମିତ ବଦଳାନ୍ତୁ। ଫିମ୍ପି ହୋଇଥିବା ଦାନା ଖୁଆନ୍ତୁ ନାହିଁ। ବର୍ଷାଋତୁରେ ଗୋ–ମହିଷି ଓ ବାଛୁରୀମାନଙ୍କୁ ସାହାଣ ଓ ବଜବଜିଆ ରୋଗ ହେବାର ଆଶଙ୍କା ଥାଏ। ଏହି ସଂକ୍ରାମକ ରୋଗ ନହେବା ପାଇଁ ପୂର୍ବରୁ ପ୍ରତିଷେଧକ ଟିକା ଦିଅନ୍ତୁ। ରୋଗ ଦେଖାଗଲେ ତୁରନ୍ତ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ । ଏହି ମାସରେ ଗୋ–ମହିଷିଙ୍କୁ ଅଢ଼େଇ ଦିନିଆ ଜ୍ୱର ହୋଇଥାଏ। ଗୋ–ମହିଷିଙ୍କ ଦେହରେ ଅଧିକ ତାତି ରହେ ଓ ଗୋଟିଏ ଗୋଡ଼ ଟେକି ରଖେ । ଏହି ଜ୍ୱରର ଉପଶମ ପାଇଁ ଚିକିତ୍ସକଙ୍କ ପରାମର୍ଶରେ ଔଷଧ ଖୁଆନ୍ତୁ। ପ୍ରାଣୀଙ୍କ ଗୁହାଳ ପରିଷ୍କାର ଓ ଶୁଖିଲା ରଖନ୍ତୁ । ଗୁହାଳ ଓ ଘର ଚାରିପାଖ ଉଚ୍ଚା ଓ ନିଗିଡ଼ା କରନ୍ତୁ, ନଚେତ୍ ପାଣି ଜମି ସନ୍ତସନ୍ତିଆ ହେଲେ ଗୋରୁଙ୍କୁ ବିଭିନ୍ନ ସଂକ୍ରାମକ ରୋଗ ହେବାର ଆଶଙ୍କା ଥାଏ ।

## ଫଳଚାଷ

ଆମ୍ବ, ଲେମ୍ବୁ, କମଳା, ପିଜୁଳି, ସପେଟା, କଦଳୀ, ନଡ଼ିଆ, ଲିଚୁ ଆଦି ଫଳଗଛ ଲଗାଇବା ପାଇଁ ଏବେଠାରୁ ଜମି ପ୍ରସ୍ତୁତ କରନ୍ତୁ। ଏଥିପାଇଁ ନିମ୍ନ ପରିମାପର ଗାତ ଖୋଳି କିଛି ଦିନ ପାଇଁ ଛାଡ଼ି ଦିଅନ୍ତୁ। ବିଭିନ୍ନ ଫଳଗଛ ପାଇଁ ଗାତର ଆକାର ହେଲା:– ଆମ୍ବ ଓ ସପେଟା – ୧ ମି. x ୧ ମି. x ୧ ମି. , ନଡ଼ିଆ – ୧ ମି. x ୧ ମି. x ୧ ମି. , କଦଳୀ – ୦.୪ ମି. x ୦.୪ ମି. x ୦.୪ ମି., କମଳା/ଲେମ୍ବୁ – ୦.୬ ମି. x ୦.୬ ମି. x ୦.୬ ମି.। ଗାତ ଖୋଳି ଉପର ୬ ଇଞ୍ଚ ମାଟିକୁ ଏକ ପଟେ ଓ ତଳମାଟିକୁ ବିପରୀତ ଦିଗରେ ରଖନ୍ତୁ। ଅନାବନା କାଠିକୁଟା ଓ ପତ୍ର ପକାଇ ଗାତ ଭିତରେ ନିଆଁ ଲଗାଇ ଦିଅନ୍ତୁ। ଗାତ ପ୍ରତି ୨ ଝୁଡ଼ି ଗୋବର ଖତ, ୧୦୦ ଗ୍ରାମ୍ ଫସ୍‌ଫରସ୍ ଓ ୬୦ ଗ୍ରାମ୍ ପଟାସ୍ ସାର ଦିଅନ୍ତୁ । ଏସବୁକୁ ଉପର ମାଟିରେ ଫେଣ୍ଟି ଉପର ମାଟି ତଳେ ଓ ତଳମାଟି ଉପରେ ରଖି ପ୍ରାକୃତିକ ଉପାୟରେ ବିଘଟିତ ହେବା ପାଇଁ ଛାଡ଼ି ଦିଅନ୍ତୁ। ଆମ୍ବ ଟାକୁଆ ସଂଗ୍ରହ କରି ଚାରା ପକାନ୍ତୁ। ଆମ୍ବ ଚାରାକୁ ପଲିଥିନ୍‌ରେ ଭରନ୍ତୁ। ଅମୃତଭଣ୍ଡା ଚାରାକୁ ପଲିଥିନ୍‌ରେ ଭରି ଛାଇରେ ରଖନ୍ତୁ। ମାଆ ଗଛଗୁଡ଼ିକରେ ପ୍ରଥମ ଦଫା ସାର, ଶଢ଼ା ଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ। ନୂତନ ଗଛଗୁଡ଼ିକରେ ଆବଶ୍ୟକତା ଅନୁଯାୟୀ ଜଳସେଚନ କରନ୍ତୁ। ମଞ୍ଜି ନଡ଼ିଆକୁ ନର୍ସରୀରେ ପୋତନ୍ତୁ। ସପେଟା କଲମୀ କରନ୍ତୁ । ଭାଙ୍ଗି ପଡ଼ିଥିବା ଡାଳପତ୍ର ସବୁକୁ ବଗିଚାରୁ ସଫା କରି କମ୍ପୋଷ୍ଟ ଖାତରେ ଭରି ଦିଅନ୍ତୁ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ବୁଧବାର, ଜୁନ୍ ୭/୨୦୨୩ Bhubaneswar, Wednesday, June 7/ 2023

# ଓଡ଼ିଶା ବାଳିକା ଦଳକୁ ସ୍ୱର୍ଣ୍ଣ ପଦକ

ଭୁବନେଶ୍ୱର, ୬।୬ (କ୍ରୀଡ଼ା ପ୍ରତିନିଧି)

### ଜୁନିୟର ରଗ୍‌ବୀ

ଇଣ୍ଡିଆନ ରଗ୍‌ବୀ ଫୁଟବଲ ୟୁନିୟନ ଓ ରଗ୍‌ବୀ ଆସୋସିଏଶନ ଅଫ୍ ମହାରାଷ୍ଟ୍ର ଆନୁକୂଲ୍ୟରେ ପୁଣେଠାରେ ଅନୁଷ୍ଠିତ ଜୁନିୟର ରଗ୍‌ବୀ ସେଭେନ୍ସ ପ୍ରତିଯୋଗିତାରେ ଓଡ଼ିଶା ବାଳିକା ଦଳ ସ୍ୱର୍ଣ୍ଣ ପଦକ ହାସଲ କରିଛି। ମଙ୍ଗଳବାର ଅନୁଷ୍ଠିତ ଫାଇନାଲରେ ଓଡ଼ିଶା ୫୦-୦ରେ ମହାରାଷ୍ଟ୍ରକୁ ପରାସ୍ତ କରିଛି। ପୂର୍ବରୁ ଲିଗ୍ ପର୍ଯ୍ୟାୟରେ ଓଡ଼ିଶା ୩୪-୦ରେ ଗୁଜରାଟ ଓ ୫୨-୦ରେ ଝାଡ଼ଖଣ୍ଡକୁ ହରାଇବା ପରେ ପ୍ରି-କ୍ୱାର୍ଟରରେ ହରିୟାଣାକୁ ୫୨-୦ରେ ପରାସ୍ତ କରିଥିଲା। ଏହାପରେ କ୍ୱାର୍ଟର ଫାଇନାଲରେ ଉତ୍ତରାଖଣ୍ଡକୁ ୪୯-୦ ଓ ସେମିଫାଇନାଲରେ ବିହାରକୁ ୨୨-୧୭ ପଏଣ୍ଟରେ ହରାଇ ଟାଇଟଲ ପର୍ଯ୍ୟାୟରେ ପହଞ୍ଚିଥିଲା। ନିର୍ମାଲ୍ୟା ରାଉତ ଓଡ଼ିଶା ଦଳର ନେତୃତ୍ୱ ନେଇଥିଲେ। **ଓଡ଼ିଶା ଦଳ:** ପାର୍ବତୀ ହାଁସଦା, ସନ୍ଧ୍ୟାରାଣୀ ଟୁଡୁ, ନିର୍ମାଲ୍ୟା ରାଉତ (ଅଧିନାୟିକା), ବର୍ଷାରାଣୀ ମାଝି, ମାମାଲି ସିଂ, ବର୍ଷା ସିଂ, ରିତୁ ମାଝି, ସରିତା ବର୍‌ହା, ସ୍ୱପ୍ନାରାଣୀ ସିଂ, ସଂଯୁକ୍ତା ଭୂମିଜ, ଗୀତାରାଣୀ ସାଇ, ମମତା ମୁର୍ମୁ। କୋଚ୍: ସଂଯୁକ୍ତା ମୁଣ୍ଡା, ମ୍ୟାନେଜର: ନିହାରିକା ପଣ୍ଡା, ଫିଜିଓ: ସୌମ୍ୟଶ୍ରୀ ମିଶ୍ର।


ପୁଣେରେ ଅନୁଷ୍ଠିତ ଜୁନିୟର ରଗ୍‌ବୀ ସେଭେନ୍ସ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ବିଜୟୀ ଓଡ଼ିଶା ଦଳ।

# ଭାରତ ସାମ୍ନାରେ ଅଷ୍ଟ୍ରେଲିଆ ଚ୍ୟାଲେଞ୍ଜ

ଲଣ୍ଡନ, ୬।୬ (ପି.ଟି.)

### ଆଜିଠୁ ଡବ୍ଲ୍ୟୁଟିସି ଫାଇନାଲ

ବିଶ୍ୱର ଶ୍ରେଷ୍ଠ ଟେଷ୍ଟ ଦଳ ନିର୍ଦ୍ଧାରଣ ପାଇଁ ବୁଧବାରଠାରୁ ଆରମ୍ଭ ହେବାକୁ ଯାଉଛି ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ଫାଇନାଲ। ଇଂଲଣ୍ଡର ଓଭାଲରେ ଖେଳାଯିବ ଏହି ମହାସମର। ଭାରତ କ୍ରମାଗତ ଦ୍ୱିତୀୟ ଥର ପାଇଁ ଫାଇନାଲ ଖେଳିବାକୁ ଯାଉଥିବା ବେଳେ ପ୍ରଥମ ଥର ପାଇଁ ଅଷ୍ଟ୍ରେଲିଆ ଫାଇନାଲ ଖେଳିବ। ଆଇସିସି ଟ୍ରଫି ହାସଲରେ ରହିଥିବା ମରୁଡିକୁ ଭାରତ ଶେଷ କରିବା ପ୍ରୟାସରେ ରହିଥିବା ବେଳେ ଦଳ ସାମ୍ନାରେ ରହିଛି ଅଷ୍ଟ୍ରେଲିଆ ଚ୍ୟାଲେଞ୍ଜ। ଡବ୍ଲ୍ୟୁଟିସିର ଏହି ଦୁଇ ବର୍ଷ ମଧ୍ୟରେ ଭାରତୀୟ ଦଳର ପ୍ରଦର୍ଶନ ସବୁଠୁ ସ୍ଥିର ରହିଛି। ଏପରିକି ଦଳ ବିଗତ ୧୦ ବର୍ଷ ମଧ୍ୟରେ ଅନୁଷ୍ଠିତ ସମସ୍ତ ଆଇସିସି ଟୁର୍ନାମେଣ୍ଟର ନକ୍‌ଆଉଟ ପର୍ଯ୍ୟାୟରେ ପହଞ୍ଚିଛି। ତେବେ ୨୦୧୩ ମସିହାରେ ଆଇସିସି ଚାମ୍ପିୟନ୍ସ ଟ୍ରଫି ଜିତିବା ପରଠାରୁ ଦଳ ଆଉ କୌଣସ ଟ୍ରଫି ଜିତିବାରେ ସଫଳ ହୋଇ ନାହିଁ। ଏହି ସମୟ ମଧ୍ୟରେ ଦଳ ୩ଟି ଫାଇନାଲ ଓ ୪ଟି ସେମିଫାଇନାଲରେ ଚିତପଟାଙ୍ଗ ହୋଇଛି। ବିଗତ ଦୁଇ ବର୍ଷ ମଧ୍ୟରେ ଭାରତ ୬ଟି ଟେଷ୍ଟ ସିରିଜ୍ ଖେଳିଥିବା ବେଳେ କେବଳ ଗୋଟିଏରେ ପରାଜିତ ହୋଇଛି। ଦକ୍ଷିଣ ଆଫ୍ରିକା ନିକଟରୁ ଭାରତ ହାରିଥିବା ବେଳେ ଏହା ମଧ୍ୟରେ ବିରାଟ କୋହଲିଙ୍କ ହାତରୁ ଅଧିନାୟକତ୍ୱ ଭାର ରୋହିତ ଶର୍ମାଙ୍କ ହାତକୁ ଯାଇଛି। ଘରୋଇ ମାଟିରେ ଭାରତ ଅପରାଜେୟ ରହିଥିବା ବେଳେ ଇଂଲଣ୍ଡ ଓ ବାଂଲାଦେଶ ବିପକ୍ଷରେ ବିଜୟ ପାଇଁ ଦଳକୁ ସାମାନ୍ୟ ସଂଘର୍ଷ କରିବାକୁ ପଡିଥିଲା। ଡବ୍ଲ୍ୟୁଟିସି ଫାଇନାଲ ପୂର୍ବରୁ ଭାରତୀୟ ଦଳର ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡ୍ ନିଜ ଦଳ ଉପରେ ଭରସା ଜାହିର କରିଛନ୍ତି। ଟାଇଟଲ ଜିତିବା ଦ୍ୱାରା ଦଳ ନିଜର ସାମ୍ରାଜ୍ୟ ସୃଷ୍ଟି କରିଥାଏ। ଓଭାଲରେ ପ୍ରଦର୍ଶନ ଯାହାବି ହେଉନା କାହିଁକି ଏହି ଦଳକୁ ନେଇ ରହିଥିବା ମତାମତ ସମାନ ରହିବ। ଦୁଇ ବର୍ଷର ଅକ୍ଲାନ୍ତ ପରିଶ୍ରମ ବଳରେ ହିଁ ଦଳ ଏଠାରେ ପହଞ୍ଚିବାରେ ସମର୍ଥ ହୋଇଛି। ଏହି ସମୟ ମଧ୍ୟରେ ଦଳକୁ ମିଳିଛି ଅନେକ ସଫଳତା। ଦଳ ଅଷ୍ଟ୍ରେଲିଆରେ ସିରିଜ୍ ବିଜୟୀ ହୋଇଥିବା ବେଳେ ଇଂଲଣ୍ଡରେ ସିରିଜ୍ ଡ୍ର କରିଥିଲା।


ଆଇସିସି ଟେଷ୍ଟ ମେସ୍ ସହ ରୋହିତ ଶର୍ମା, ରସ୍ ଟେଲର ଓ ପ୍ୟାଟ୍ କୁମିନ୍ସ।

### ଭୁଲରୁ ଶିକ୍ଷା

ଭାରତୀୟ ଦଳ ଅତୀତରେ କରିଥିବା ଭୁଲରୁ ଶିକ୍ଷା ଲାଭ କରିବା ନେଇ ଆଶା କରାଯାଉଛି। ପ୍ରଥମ ଟେଷ୍ଟ ଚାମ୍ପିୟନଶିପ ଫାଇନାଲ ସାଉଥାମ୍ପଟନ୍‌ରେ ଖେଳା ଯାଇଥିବା ବେଳେ ଭାରତ ଏଥିରେ ଦୁଇ ଜଣ ସ୍ପିନରଙ୍କୁ ଖେଳାଇଥିଲା। ବିରାଟ କୋହଲିଙ୍କ ଏହି ନିଷ୍ପତ୍ତି ଭାରତ ପାଇଁ ବୁମେରାଂ ସାବ୍ୟସ୍ତ ହୋଇଥିଲା। ୧୪୩ ବର୍ଷର ଟେଷ୍ଟ ଇତିହାସରେ ପ୍ରଥମ ଥର ପାଇଁ ଓଭାଲରେ ଜୁନ୍ ମାସରେ ଏକ ଟେଷ୍ଟ ମ୍ୟାଚ୍ ଖେଳାଯିବ। ପିଚ୍‌ରେ ପ୍ରଚୁର ପରିମାଣରେ ଘାସ ରହିଥିବା ବେଳେ ଏହା କିଭଳି ବ୍ୟବହାର କରିବ ସମସ୍ତଙ୍କ ମନରେ ଦ୍ୱନ୍ଦ୍ୱ ରହିଛି। ଏପରି ପରସ୍ଥିତିରେ ଭାରତର ରଣନୀତି କ'ଣ ରହିବ ତାହା ସ୍ପଷ୍ଟ ହୋଇନାହିଁ। ଭାରତ ୩-୨ ବା ୪-୧ କମ୍ବିନେଶନ ସହିତ ପଡିଆକୁ ଓହ୍ଲାଇବ ଏହା ଉପରେ ସଭିଙ୍କ ନଜର ରହିବ। ବ୍ୟାଟିଂରେ ରିଷଭ ପନ୍ତଙ୍କ ଅନୁପସ୍ଥିତିରେ ଇଶାନ୍ କିଶନଙ୍କୁ ପ୍ରାଧାନ୍ୟ ମିଳିବାର ସମ୍ଭାବନା ରହିଛି। ମହମ୍ମଦ ଶାମି ଓ ମହମ୍ମଦ ସିରାଜଙ୍କ ଖେଳିବା ନିଶ୍ଚିତ ଥିବା ବେଳେ ଉମେଶ ଯାଦବ ଓ ଶାର୍ଦ୍ଦୁଳ ଠାକୁରଙ୍କ ମଧ୍ୟରୁ ଜଣେ ଅଥବା ଦୁଇ ଜଣଯାକ ଖେଳିପାରନ୍ତି।

### ଆଇପିଏଲ୍‌ରୁ ଟେଷ୍ଟ

ଭାରତୀୟ ଦଳର ଏକାଧିକ ଖେଳାଳି ଆଇପିଏଲ୍ ଖେଳି ଫେରିଥିବାରୁ ଫର୍ମାଟ ପରିବର୍ତ୍ତନ ପାଇଁ ସମୟ ଲାଗିପାରେ। ଇଂଲଣ୍ଡରେ ଟେଷ୍ଟ କ୍ରିକେଟ ସର୍ବଦା କଷ୍ଟସାଧ୍ୟ ହେଉଥିବା ବେଳେ ଟି୨୦ରୁ ଫେରିଥିବା କ୍ରିକେଟରଙ୍କ ପାଇଁ ଅଧିକ କଠିନ ପରିସ୍ଥିତି ସୃଷ୍ଟି ହୋଇପାରେ। ରୋହିତ ଶର୍ମାଙ୍କ ସହିତ ବିରାଟ କୋହଲି, ଶୁବମନ ଗିଲ୍ ଓ ଚେତେଶ୍ୱର ପୂଜାରାଙ୍କ ପରି ଖେଳାଳିଙ୍କ ପାଇଁ ନିଜକୁ ପ୍ରମାଣିତ କରିବାର ଏହା ଏକ ବଡ ସୁଯୋଗ। ସେହିପରି ଦୁଇ ବର୍ଷ ପରେ ଦଳକୁ ଫେରିଥିବା ଅଜିଙ୍କ୍ୟ ରାହାନେ ମଧ୍ୟ ଏକ ବୃହତ୍ ସ୍କୋର ପାଇଁ ପ୍ରୟାସ କରିବେ।

### ଆସେସ୍ ୱାର୍ମଅପ୍

ଏହି ମ୍ୟାଚ ପରେ ଅଷ୍ଟ୍ରେଲିଆ ଆସେସ୍ ସିରିଜ୍ ଖେଳିବ। ଆସେସ୍ ପୂର୍ବରୁ ଏହା ଦଳର ୱାର୍ମଅପ୍ ଗେମ୍। ଓଭାଲରେ ଷ୍ଟିଭ୍ ସ୍ମିଥ୍‌ଙ୍କ ଆଭରେଜ୍ ୧୦୦ ରହିଥିବା ବେଳେ ଅଷ୍ଟ୍ରେଲିଆ ଏଥିରୁ ଫାଇଦା ଉଠାଇବାକୁ ଚେଷ୍ଟା କରିବ। ଅପରପକ୍ଷରେ ସ୍ମିଥ୍‌ଙ୍କୁ ଆଉଟ କରିବା ପାଇଁ ଭାରତ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିପାରେ। ନାଥନ ଲିୟନଙ୍କ ସ୍ପିନ୍ ଓ କାମେରନ୍ ଗ୍ରୀନ୍‌ଙ୍କ ଅଲରାଉଣ୍ଡ ପ୍ରଦର୍ଶନ ଭାରତ ପାଇଁ ସମସ୍ୟା ସୃଷ୍ଟି କରିପାରେ। **ଅଷ୍ଟ୍ରେଲିଆ ଦଳ:** ପ୍ୟାଟ କୁମିନ୍ସ (ଅଧିନାୟକ), ସ୍କଟ ବୋଲାଣ୍ଡ, ଆଲେକ୍ସ କେରୀ, କାମେରନ୍ ଗ୍ରୀନ୍, ମାର୍କସ୍ ହାରିସ୍, ମାଇକେଲ ନେସର, ଟ୍ରାଭିସ୍ ହେଡ, ଉସମାନ୍ ଖ୍ୱାଜା, ମାର୍ନସ ଲାବୁଶେନ୍, ନାଥନ୍ ଲିୟନ୍, ଜୋଶ ଇଙ୍ଗଲିସ୍, ଟଡ୍ ମର୍ଫି, ଷ୍ଟିଭ୍ ସ୍ମିଥ୍, ମିଚେଲ ଷ୍ଟାର୍କ ଓ ଡେଭିଡ୍ ୱାର୍ନର। ରିଜର୍ଭ: ମିଚେଲ ମାର୍ଶ, ମ୍ୟାଟ ରେନ୍‌ଶ'। **ଭାରତୀୟ ଦଳ:** ରୋହିତ ଶର୍ମା (ଅଧିନାୟକ), ରବିଚନ୍ଦ୍ରନ ଅଶ୍ୱିନ୍, ଶ୍ରୀକର ଭରତ, ଶୁବମାନ ଗିଲ୍, ରବୀନ୍ଦ୍ର ଜାଡେଜା, ବିରାଟ କୋହଲି, ଈଶାନ କିଶନ, ଚେତେଶ୍ୱର ପୂଜାରା, ଅକ୍ଷର ପଟେଲ, ଅଜିଙ୍କ୍ୟ ରାହାନେ, ମହମ୍ମଦ ଶାମି, ମହମ୍ମଦ ସିରାଜ, ଶାର୍ଦ୍ଦୁଳ ଠାକୁର, ଜୟଦେବ ଉନାଡକଟ, ଉମେଶ ଯାଦବ। **ରିଜର୍ଭ :** ଯଶସ୍ୱୀ ଜୟସ୍ୱାଲ, ମୁକେଶ କୁମାର, ସୂର୍ଯ୍ୟକୁମାର ଯାଦବ।

**ମ୍ୟାଚ ସ୍ଥାନ: ଦ ଓଭାଲ**
**ସମୟ: ଅପରାହ୍ଣ ୩.୦୦ଟା**

# ଫ୍ରେଞ୍ଚ ଓପନରେ ପୁଣି ହ୍ୟାଣ୍ଡସେକ୍ ବିବାଦ

ପ୍ୟାରିସ୍, ୬।୬(ପି.ଟି.)

ଫ୍ରେଞ୍ଚ ଓପନରେ ପୁଣି ଦେଖାଦେଇଛି ହ୍ୟାଣ୍ଡସେକ୍‌କୁ ନେଇ ବିବାଦ। ବେଲାରୁଷର ଆରିନା ସାବଲେଙ୍କା ଓ ୟୁକ୍ରେନ୍‌ର ଏଲିନା ସ୍ୱିତୋଲିନାଙ୍କ ମଧ୍ୟରେ କ୍ୱାର୍ଟର ଫାଇନାଲ ମ୍ୟାଚ୍ ପରେ ଏହି ବିବାଦ ମୁଣ୍ଡ ଟେକିଛି। ୟୁକ୍ରେନ୍ ଉପରେ ଆକ୍ରମଣ କରିବା ସମୟରେ ରୁଷିଆକୁ ସହାୟତା କରିଥିଲା ବେଲାରୁଷ। ଏପରି ସ୍ଥିତିରେ ୟୁକ୍ରେନର ଖେଳାଳି ମାନେ ଉଭୟ ଦେଶର ଖେଳାଳିଙ୍କ ସହିତ ମ୍ୟାଚ୍ ପରେ ହାତ ମିଳାଉ ନାହାନ୍ତି। ପ୍ରଥମ ଥର ପାଇଁ ଫ୍ରେଞ୍ଚ ଓପନ ସେମିରେ ପହଞ୍ଚିବା ପରେ ସାବାଲେଙ୍କା ହାତ ମିଳାଇବା ପାଇଁ ଯାଇଥିବା ବେଳେ ସ୍ୱିତୋଲିନା ଫେରି ଯାଇଥିଲେ। ବିଶ୍ୱ ମାନ୍ୟତାର ଦ୍ୱିତୀୟ ସ୍ଥାନରେ ରହିଥିବା ସାବାଲେଙ୍କା ୬-୪,୬-୪ ସେଟରେ ଏଲିନା ସ୍ୱିତୋଲିନାଙ୍କୁ ପରାସ୍ତ କରିଥିଲେ। ପୂର୍ବରୁ ପ୍ରଥମ ରାଉଣ୍ଡରେ ୟୁକ୍ରେନ ଖେଳାଳି ମାର୍ଟା କୋଷ୍ଟ୍ୟୁକ ମଧ୍ୟ ସାବାଲେଙ୍କାଙ୍କ ସହିତ ହାତ ମିଳାଇ ନ ଥିଲେ। ମ୍ୟାଚ୍ ପରବର୍ତ୍ତୀ ସାମ୍ବାଦିକ ସମ୍ମିଳନୀରେ ସେ ଏହା ସ୍ପଷ୍ଟ ମଧ୍ୟ କରିଥିଲେ। ମୁଁ ଯୁଦ୍ଧକୁ ସମର୍ଥନ କରୁ ନଥିବା ବେଳେ କୌଣସି ରାଜନୈତିକ ଦଳକୁ ମଧ୍ୟ ସମର୍ଥନ କରି ନ ଥାଏ। ଜଣେ ଟେନିସ ଖେଳାଳି ଭାବରେ ମୁଁ ଖୁସି ଅଛି।

# ଓଡ଼ିଶା ପ୍ରତିଯୋଗୀଙ୍କୁ ବିଦାୟ ସମ୍ବର୍ଦ୍ଧନା


ବିଦାୟ ସମ୍ବର୍ଦ୍ଧନା ଉତ୍ସବରେ ଅତିଥିଙ୍କ ସହ ଖେଳାଳିମାନେ।

ଭୁବନେଶ୍ୱର, ୬।୬ (କ୍ରୀଡ଼ା ପ୍ରତିନିଧି)

### ସ୍ପେଶାଲ ଅଲିମ୍ପିକ୍ ୱାର୍ଲ୍ଡ ସମର ଗେମ୍ସ

ସ୍ପେଶାଲ ଅଲିମ୍ପିକ୍ ୱାର୍ଲ୍ଡ ସମର ଗେମ୍ସ ଜର୍ମାନୀର ବର୍ଲିନଠାରେ ଚଳିତ ମାସ ୧୭ରୁ ୨୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାର ୯ ସଦସ୍ୟ (୭ ଖେଳାଳି, ୨ କୋଚ୍) ଅଂଶଗ୍ରହଣ କରିବେ। ମଙ୍ଗଳବାର ନୂଆଦିଲ୍ଲୀ ଯାତ୍ରା କରିଥିବା ଓଡ଼ିଶା ପ୍ରତିନିଧି ଦଳକୁ ବିଦାୟ ସମ୍ବର୍ଦ୍ଧନା ଜଣାଇବା ପାଇଁ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅର୍ଜ୍ଜୁନ ପୁରସ୍କାରପ୍ରାପ୍ତ ସାଇକ୍ଲିଷ୍ଟ ମୀନତି ମହାପାତ୍ର, ସ୍ପେଶାଲ ଅଲିମ୍ପିକ୍ ଭାରତ ଓଡ଼ିଶାର ଆଞ୍ଚଳିକ ମୁଖ୍ୟ ପ୍ରକାଶ ରଥ, ବିଆରଏମ୍-ଆଶାର ଉପସଭାପତି ପ୍ରତୀପ୍ତ କୁମାର ରଥ, ଏସ୍‌ଓବି-ଓଡ଼ିଶାର ରାଜ୍ୟ ପ୍ରକଳ୍ପ ସଂଯୋଜକ ଅର୍ପିତା ମହାପାତ୍ର, ନ୍ୟାଶନାଲ ଟ୍ରେନର୍ସ ଉମାକାନ୍ତ ଷଡ଼ଙ୍ଗୀ ଓ ସସ୍ମିତା ମହାପାତ୍ର ଏବଂ କିଟ୍ ଓ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶା ପ୍ରତିଯୋଗୀମାନେ ଆଥ୍‌ଲେଟିକ୍ସ, ବାସ୍କେଟବଲ, ସାଇକ୍ଲିଂ, ଫୁଟସାଲ ଓ ୟୁନିଫାଏଡ୍ ବିଚ୍ ଭଲିବଲ୍ ଇଭେଣ୍ଟରେ ଭାଗନେବେ। ଭାରତୀୟ ଦଳରେ କିଟ୍‌ବିଶ୍ୱବିଦ୍ୟାଳୟର ୨ ଛାତ୍ରୀ ଶିବାନୀ ପ୍ରିୟଦର୍ଶିନୀ ଓ ମାମାଲି ନାଗ୍ ସାମିଲ ହୋଇଛନ୍ତି। ଏ ଦୁହେଁ ୟୁନିଫାଏଡ୍ ବିଚ୍ ଭଲିବଲରେ ଅଂଶଗ୍ରହଣ କରିବେ।




# ଭାରତ-କୋରିଆ ମ୍ୟାଚ ଡ୍ର

**କାକାମିଘରା, ୬।୬ (ପି.ଟି.):** ମହିଳା ଏସିଆ କପ୍ ଜୁନିୟର ହକିରେ ଭାରତୀୟ ଦଳ କୋରିଆ ସହିତ ପଏଣ୍ଟ ବାଣ୍ଟିଛି। ୨-୦ରେ ପଛୁଆ ରହିଥିବା ବେଳେ ଦଳ ଦୃଢ ଭାବରେ ପ୍ରତ୍ୟାବର୍ତ୍ତନ କରି ମ୍ୟାଚ୍ ଡ୍ର ରଖିବାରେ ସମର୍ଥ ହୋଇଥିଲା। ଭାରତ ପକ୍ଷରୁ ଦୀପିକା ସୋରେଙ୍ଗ(୪୩ ମିନିଟ) ଓ ଦୀପିକା(୫୪ ମିନିଟ)ରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। କୋରିଆ ପକ୍ଷରୁ ୟୁଜିନ୍ ଲି(୧୫ ମିନିଟ) ଓ ଜିଓନ୍ ଚୋଇ(୩୦ ମିନିଟ)ରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ପ୍ରଥମ ଦୁଇ କ୍ୱାର୍ଟର କୋରିଆ ଓ ପରବର୍ତ୍ତୀ ଦୁଇ କ୍ୱାର୍ଟରରେ ଭାରତ ପ୍ରାଧାନ୍ୟ ବିସ୍ତାର କରିଥିଲା। ଏହା ସହିତ ପୁଲ୍ ଏ'ରେ ସ୍ଥାନ ପାଇଥିବା ଭାରତ ନିଜର ଶୀର୍ଷ ସ୍ଥାନ ବଜାୟ ରଖିଛି। ମଙ୍ଗଳବାର ମ୍ୟାଚ୍ ଆରମ୍ଭରୁ ଘରୋଇ ଦଳ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ପ୍ରଥମ ମିନିଟରୁ ଭାରତୀୟ ରକ୍ଷଣ ଭାଗ ଖେଳାଳିଙ୍କୁ ଚାପରେ ରଖିଥିଲା କୋରିଆ। ପ୍ରଥମ କ୍ୱାର୍ଟରର ଅଧାରୁ ଅଧିକ ସମୟ କୋରିଆ ଖେଳାଳି ବଲକୁ ନିୟନ୍ତ୍ରଣରେ ରଖିଥିଲେ। ୦-୨ରେ ପଛୁଆ ରହିଥିବା ଭାରତ କାଉଣ୍ଟର ଆଟାକ୍ କରି ସଫଳ ହୋଇଥିଲା।

# ସେମିରେ ଜୋକୋଭିଚ, ସାବାଲେଙ୍କା, ମୁଚୋଭା

ପ୍ୟାରିସ୍, ୬।୬ (ପି.ଟି.)

କ୍ଲେ କୋର୍ଟ ଗ୍ରାଣ୍ଡସ୍ଲାମ ଫ୍ରେଞ୍ଚ ଓପନ ସେମି ଫାଇନାଲରେ ପ୍ରବେଶ କରିଛନ୍ତି ନୋଭାକ୍ ଜୋକୋଭିଚ୍, ଆରିନା ସାବାଲେଙ୍କା ଓ କାରୋଲିନା ମୁଚୋଭା। ଏହା ବ୍ୟତିତ ଚତୁର୍ଥ ରାଉଣ୍ଡ ମ୍ୟାଚରେ ୱାକ୍ ଓଭର ପାଇ କ୍ୱାର୍ଟରେ ପ୍ରବେଶ କରିଛନ୍ତି ଇଗା ସ୍ୱିଟେକ୍। ମହିଳା ସିଙ୍ଗଲ୍ସର ପ୍ରଥମ କ୍ୱାର୍ଟରରେ ବିଶ୍ୱ ମାନ୍ୟତାର ଦ୍ୱିତୀୟ ସ୍ଥାନରେ ରହିଥିବା ସାବାଲେଙ୍କା ୬-୪,୬-୪ ସେଟରେ ଏଲିନା ସ୍ୱିତୋଲିନାଙ୍କୁ ପରାସ୍ତ କରିଥିଲେ।

### ଫ୍ରେଞ୍ଚ ଓପନ

ଦ୍ୱିତୀୟ ମ୍ୟାଚରେ ଚେକ୍ ରିପବ୍ଲିକର କାରୋଲିନା ମୁଚୋଭା ୭-୫ ଓ ୬-୨ ସେଟ୍‌ରେ ଆନାସ୍ତାସିଆ ପାଭ୍ଲୁଚେଙ୍କୋଭାଙ୍କୁ ପରାସ୍ତ କରିଥିଲେ। ଏଲିନା ସ୍ୱିତୋଲିନାଙ୍କ ବିପକ୍ଷରେ ସମ୍ପୂର୍ଣ୍ଣ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲେ ସାବାଲେଙ୍କା। ସେକେଣ୍ଡ ସର୍ଭରେ ୮୨ ପ୍ରତିଶତ ପଏଣ୍ଟ ହାସଲ କରିବା ସହିତ ସାବାଲେଙ୍କା ୬-୪, ୬-୪ରେ ସହଜ ବିଜୟ ହାସଲ କରିଥିଲେ। ଦ୍ୱିତୀୟ କ୍ୱାର୍ଟରରେ କାରୋଲିନା ମୁଚୋଭା ମଧ୍ୟ ସିଧାସଳଖ ସେଟରେ ବିଜୟୀ ହୋଇଥିଲେ। ପ୍ରଥମ ସେଟରେ ପାଭ୍ଲୁଚେଙ୍କୋଭା ସଂଘର୍ଷ କରିଥିଲେ ମଧ୍ୟ ମୁଚୋଭା ୭-୫ରେ ମ୍ୟାଚ୍ ଜିତି ନେଇଥିଲେ। ପରବର୍ତ୍ତୀ ସେଟ୍‌କୁ ୬-୨ରେ ଜିତିବା ସହିତ ସେ ସେମିରେ ପ୍ରବେଶ କରିଥିଲେ। ଗୁରୁବାର ପ୍ରଥମ ସେମିରେ ଉଭୟ ଖେଳାଳି ପରସ୍ପରକୁ ଭେଟିବେ। ସୋମବାର ରାତିରେ ଖେଳା ଯାଇଥିବା ଚତୁର୍ଥ ରାଉଣ୍ଡ ମ୍ୟାଚ୍‌ରେ ସ୍ୱିଡେନର ଲେସିଆ ଟିସୁରେଙ୍କୋଙ୍କ ବିପକ୍ଷରେ ଇଗା ସ୍ୱିଟେକ୍‌ଙ୍କୁ ୱାକ୍ ଓଭର ମିଳିଛି। ପୁରୁଷ ସିଙ୍ଗଲ୍ସରେ ସେମିରେ ପ୍ରବେଶ କରିଛନ୍ତି ଆର୍ଜେଣ୍ଟିନାର ଥୋମାସ ମାର୍ଟିନ୍ ଏଚେଭେରୀ ଓ ନୋଭାକ୍ ଜୋକୋଭିଚ୍। ଜାପାନର ୟୋଶିହିତୋ ନିଶିଓକାଙ୍କୁ ସେ ୭-୬(୧୦-୮), ୬-୦ ଓ ୬-୧ ରେ ପରାସ୍ତ କରିଥିଲେ। ପ୍ରଥମ ସେଟ୍‌ଟି ଟାଇବ୍ରେକରେ ଫଇସଲା ହୋଇଥିବା ବେଳେ ପରବର୍ତ୍ତୀ ଦୁଇ ରାଉଣ୍ଡକୁ ଥୋମାସ ଜିତି ନେଇଥିଲେ। ଜୋକୋଭିଚ୍ ବିଶ୍ୱ ମାନ୍ୟତାର ୧୧ ନମ୍ବର ସ୍ଥାନରେ ଥିବା କାରେନ୍ ଖାଚାନୋଭଙ୍କୁ ୪-୬, ୭-୬(୭-୦), ୬-୨ ଓ ୬-୪ ସେଟ୍‌ରେ ପରାସ୍ତ କରିଥିଲେ। ଚଳିତ ଟୁର୍ନାମେଣ୍ଟରେ ଜୋକୋଭିଚ୍ ପ୍ରଥମ ଥର ପାଇଁ ଏକ ସେଟ୍ ହାରିଥିଲେ। ତେବେ ପରବର୍ତ୍ତୀ ୩ ସେଟ୍ ଜିତିବା ସହିତ ସେମିରେ ସ୍ଥାନ ସୁରକ୍ଷିତ କରି ନେଇଥିଲେ।


ମ୍ୟାଚ ଜିତିବାପରେ ଆରିନା ସାବାଲେଙ୍କାଙ୍କ ପ୍ରତିକ୍ରିୟା।

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ